ସୃଜନର ନୂତନ କଳିକାର ମହକରେ....

# ଭୋର

ତାଳପଦେଶ୍ୱରୀ ସାହିତ୍ୟ ଆସର

ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର, ଭୁବନେଶ୍ୱର

# ଭୋର

## ତାଲପଦେଶ୍ୱରୀ ସାହିତ୍ୟ ଆସରର ମୁଖପତ୍ର - ୨୦୧୭

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୪

### ଉପଦେଷ୍ଟା

ପ୍ରଫେସର ଡ. ସଂଘମିତ୍ରା ମିଶ୍ର

ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ଓତା

### ସଭାପତି

ଅମୂଲ୍ୟ କୁମାର ଦାଶ

### ପତ୍ରିକା ସମ୍ପାଦକ

ଅସିତ୍ ପ୍ରଧାନ

### ସହ ସମ୍ପାଦକ (ପତ୍ରିକା)

ମିଥୁନ ମଲ୍ଲିକ

### ସମ୍ପାଦକ

ସୂର୍ଯ୍ୟକାନ୍ତ ମଲ୍ଲିକ

### ସହ ସମ୍ପାଦକ

ସତ୍ୟନାରାୟଣ ଜେନା

### କାର୍ଯ୍ୟ ନିର୍ବାହୀ ସମ୍ପାଦକ

ସୁବାସ ଚନ୍ଦ୍ର ବେହେରା

# ତାଳପଦେଶ୍ୱରୀ ସାହିତ୍ୟ ଆସରର ପୂର୍ବ କର୍ମକର୍ତ୍ତାଗଣ

## ଉପଦେଷ୍ଟା ମଣ୍ଡଳୀ -

୧୯୯୭ - ୨୦୧୩ : ପ୍ରଫେସର ବିଜୟିନୀ ମହାନ୍ତି
୧୯୯୮ ଠାରୁ : ପ୍ରଫେସର ସଂଘମିତ୍ରା ମିଶ୍ର
୨୦୧୨ ଠାରୁ : ପ୍ରାଧାପିକା ବିଷ୍ଣୁପ୍ରିୟା ଓତା

## ସଭାପତି

୧୯୯୬-୯୭ : ଦେବେନ୍ଦ୍ର କୁମାର ପତି
୧୯୯୭-୨୦୦୧ : ଶତ୍ରୁଜିତ
୨୦୦୧-୨୦୦୩ : ଦେବେନ୍ଦ୍ର କୁମାର ପତି
୨୦୦୩-୨୦୦୪ : ଦିଲ୍ଲୀପ କୁମାର ଦଳାଇ
୨୦୦୪ ଠାରୁ : ଅମୂଲ୍ୟ କୁମାର ଦାଶ

## ସମ୍ପାଦକ

୧୯୯୬-୧୯୯୭ : ମହେଶ୍ୱର ପାଢୀ
୧୯୯୭- ୧୯୯୯ : ଦେବେନ୍ଦ୍ର କୁମାର ପତି
୧୯୯୯-୨୦୦୨ : ଦିଲ୍ଲୀପ କୁମାର ଦଳାଇ
୨୦୦୨-୨୦୦୩ : କେଶବ ଚନ୍ଦ୍ର ଦଳାଇ
୨୦୦୩-୨୦୦୬ : ଗୁରୁକୃଷ୍ଣ ଦାସ
୨୦୦୬-୨୦୦୮ : ଅରବିନ୍ଦ ଦାସ
୨୦୦୮-୨୦୦୯ : ହରେକୃଷ୍ଣ ଦାଶ
୨୦୦୯-୨୦୧୦ : ସତ୍ୟଜିତ୍ ଦାସ
୨୦୧୦-୨୦୧୧ : ରଘୁଦୀପ୍ତି ନାୟକ
୨୦୧୧-୨୦୧୨ : ସହଦେବ ବେହେରା
୨୦୧୨-୨୦୧୩ : ସଞ୍ଜୟ କୁମାର ସାହୁ
୨୦୧୩-୨୦୧୪ : ବିପ୍ଲବ ଜେନା
୨୦୧୪-୨୦୧୫ : ବିଭୂତି ଭୂଷଣ ବାରିକ
୨୦୧୫-୨୦୧୬ : ଅସିତ୍ ପ୍ରଧାନ
୨୦୧୬-୨୦୧୭ : ସୂର୍ଯ୍ୟକାନ୍ତ ମଲ୍ଲିକ

## ପତ୍ରିକା ସମ୍ପାଦକ

୧୯୯୭-୧୯୯୮ : ସରୋଜ ବଳ
୨୦୦୦-୨୦୦୨ : ଦିଲ୍ଲୀପ କୁମାର ଦଳାଇ
୨୦୦୩-୨୦୦୪ : କେଶବ ଚନ୍ଦ୍ର ଦଳାଇ
୨୦୦୪-୨୦୦୫ : ସଞ୍ଜୟ ସାହୁ :
୨୦୦୫-୨୦୦୬ ଗୁରୁକୃଷ୍ଣ ଦାସ
୨୦୦୬-୨୦୦୭ : ଜ୍ଞାନୀ ଦେବାଶିଷ ମିଶ୍ର
୨୦୦୭-୨୦୦୮ : ସରୋଜ କୁମାର ବିଶି
୨୦୦୮-୨୦୦୯ : ବିରଞ୍ଚି ନାରାୟଣ ରଥ
୨୦୦୯-୨୦୧୦ : ଲକ୍ଷ୍ମୀଧର ଦାସ
୨୦୧୦-୨୦୧୧ : ଲକ୍ଷ୍ମୀଧର ଦାସ/ ବିଦ୍ୟୁଲତା ଷଣ୍ଢ
୨୦୧୧-୨୦୧୨ : ସତ୍ୟଜିତ୍ ଦାସ
୨୦୧୨-୨୦୧୩ : ମୃତ୍ୟୁଞ୍ଜୟ ଦାସ
୨୦୧୩-୨୦୧୪ : ମୃତ୍ୟୁଞ୍ଜୟ ଦାସ
୨୦୧୪-୨୦୧୫ : ମୃତ୍ୟୁଞ୍ଜୟ ଦାସ
୨୦୧୫-୨୦୧୬ : ସୁଜାତା ସାହାଣୀ
୨୦୧୬-୨୦୧୭ : ଅସିତ୍ ପ୍ରଧାନ

# ତାଳପଦେଶ୍ୱରୀ ପ୍ରଫେସର ବିଜୟିନୀ ମହାନ୍ତି ସମ୍ମାନ



ପ୍ରଫେସର ବିଜୟିନୀ ମହାନ୍ତି

**୨୦୧୪ - ଦିଲୀପ କୁମାର ମିଶ୍ର (ଶତ୍ରୁଜିତ୍)**
**୨୦୧୫ - ଡ. ଦେବେନ୍ଦ୍ର କୁମାର ପତି**
**୨୦୧୬ - ଡ. ଦେବାଶିଷ ପାତ୍ର**
**୨୦୧୭ - ସରୋଜ ବଳ**

## ସମ୍ପାଦକୀୟ...

ତାଳପଦେଶ୍ୱରୀ ସାହିତ୍ୟ ଆସରର ବାର୍ଷିକ ଉତ୍ସବ, 'ଭୋର' ପ୍ରକାଶନର ଉଲ୍ଲାସ। 'ଭୋର' ତ ସକାଳର ସୁବର୍ଣ୍ଣ ପ୍ରତିଶ୍ରୁତି, ଯିଏ ପାଦତଳେ ଅନ୍ଧାରତକ ଚାପିଧରି ଉଦୟସୂର୍ଯ୍ୟର ବନ୍ଦନା ଗାନ କରୁଥାଏ। ସେହିଭଳି ବାଣୀପୂଜା ପୀଠ ବାଣୀବିହାରର ନୂତନ ସୃଷ୍ଟିଶୀଳ ପ୍ରତିଭାମାନଙ୍କ ହାତରେ କଲମ ଧରାଇ ଦେବାର ଦାୟ ନେଇଛି 'ଭୋର'। ପ୍ରାୟ ପ୍ରତି ମାସେ ଦି ମାସରେ ଥରେ ଅନୁଷ୍ଠିତ ହେଉଥିବା ଏହି ଆସରରେ ପହଞ୍ଚୁଥାଆନ୍ତି ବରିଷ୍ଠ ସାହିତ୍ୟ ସାଧକମାନେ। ନିଜ ଅନୁଭୂତି ବାଣ୍ଟନ୍ତି। ଉପଦେଶ ଓ ପରାମର୍ଶ ଦିଅନ୍ତି। ସାମିଲ ହୋଇଯାଆନ୍ତି ତାରୁଣ୍ୟର ସେଇ ଉତ୍ତାଳ ତରଙ୍ଗରେ। ସହଜ ଭଳି ମନେ ହେଉଥିଲେ ହେଁ ଏସବୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଯାହା ଏକଦା ଏହି ଆସରରେ ନୂଆ ନୂଆ ଗପ, କବିତା ଲେଖୁଥିବା ଆଜିର ଓଡିଆ ସାହିତ୍ୟଜଗତର ବଳିଷ୍ଠ ସ୍ୱାକ୍ଷରମାନେ ସ୍ୱୀକାର କରିଥାଆନ୍ତି।

ସାହିତ୍ୟ ହୃଦୟ ସହିତ ହୃଦୟକୁ ଯୋଡୁଥାଏ। ମାଟି ସହିତ ଆକାଶକୁ ଯୋଡୁଥାଏ। ଯୋଡୁଥାଏ ସ୍ଥୂଳ ସହିତ ସୂକ୍ଷ୍ମ ଅନୁଭୂତିମାନଙ୍କୁ। ସେଠି ଈର୍ଷା ଅସୂୟାର ସ୍ଥାନ ନାହିଁ। ଯେମିତି ଭକ୍ତ ନିକଟରେ ବଡ ସାନର ବିଚାର ତ୍ରୁଟିପୂର୍ଣ୍ଣ, ସେମିତି ସାହିତ୍ୟ ଜଗତରେ ବୟସ, ବିଦ୍ୟା, ପଦପଦବୀ ଓ ସମ୍ମାନର ପ୍ରସଙ୍ଗ ଅବାନ୍ତର। ନଚେତ୍ ଭୀମଭୋଇ ଆଦି ମଧ୍ୟ ଆମକୁ ଚକିତ ବିସ୍ମିତ କରୁନଥାନ୍ତେ ବା ସାରିଆଭିକଙ୍କର ଏକମାତ୍ର ଭଜନ ଗାଇ ଆମେମାନେ ଆନମନା ହେଉ ନଥାନ୍ତେ। ମା ସରସ୍ୱତୀଙ୍କର ବୀଣାର ଝଂକାର ଯିଏ ଥରେ ଶୁଣିଛି ଆଉ ହେଜିଛି, ସେ ଈଶ୍ୱରଙ୍କ ପ୍ରତିସ୍ପର୍ଦ୍ଧୀ ପାଲଟିଯାଇଛି।

ଏହି ସାହିତ୍ୟ ଉତ୍ସବ ଅବସରରେ ଅନେକ କଥା କୁହାଯାଏ। ଆନନ୍ଦରେ ପରସ୍ପର ସହିତ ଭାବବିନିମୟ କରାଯାଏ ମାତ୍ର ଭାଷା ସାହିତ୍ୟ ପ୍ରତି ଆଗ୍ରହ ସେହି ଆଗ୍ରହ ଭିତରେ ହିଁ ଅଟକିଯାଏ। ୨୦୧୪ରୁ ଆମଭାଷା ଶାସ୍ତ୍ରୀୟମାନ୍ୟତା ପାଇଥିଲେ ହେଁ ବିଶେଷ କିଛି ଆଖିଦୃଶିଆ ଅଗ୍ରଗତି କରିପାରିଛି ବୋଲି ମନରେ ସନ୍ଦେହ ମଧ୍ୟ ଆସେ। ଓଡିଆ କଥିତ ଭାଷା ନିଶ୍ଚୟ। ସାହିତ୍ୟର ଭାଷା ଭାବରେ ମଧ୍ୟ ଏହା ମର୍ଯ୍ୟାଦାବନ୍ତ। ତେବେ ଗଣମାଧ୍ୟମର ଭାଷା ଆଉ ପ୍ରଶାସନିକ ଭାଷା ? ଏ ସମ୍ପର୍କରେ ଅଧିକ ଆଲୋଚନାର ଆବଶ୍ୟକତା ରହିଛି। 'ମାତୃଭାଷାର ବିକଳ୍ପ ନାହିଁ' ବୋଲି ଗଳାଫଟାଇ କହୁଥିବା ଆମେ ସବୁ ଏଥିପାଇଁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ କରିପାରନ୍ତେ କି ? ଅନ୍ତତଃ ପରିଚ୍ଛନ୍ନ ତ୍ରୁଟିଶୂନ୍ୟ ଭାଷାରେ ଲେଖିପାରନ୍ତେ ବା ଭଲ ଓଡିଆ ଶବ୍ଦଟିଏ ହାତ ପାଖରେଥାଇ ଅଯଥାରେ ଅନ୍ୟଭାଷା ପ୍ରୟୋଗ ତ କରନ୍ତେ ନାହିଁ। ଗୋଟିଏ ଉଦାହରଣ ଦେଉଛି। 'ଅମୂଲ୍ୟ' ଓ 'ମୂଲ୍ୟବାନ' ଦୁଇଟିଶବ୍ଦର ଇଂରାଜୀ 'Precious' ଆପଣ ଭାବନ୍ତୁ ଅମୂଲ୍ୟ ଓ ମୂଲ୍ୟବାନ ର ଅର୍ଥ ସମାନ କି ? ଏହିଭଳି ଅଗଣିତ ଶବ୍ଦ ଆମ ଭାଷାର ସଂପତ୍ତି ଯାହା ବ୍ୟବହୃତ ନ ହୋଇ କ୍ରମେ କଳଂକ ଲାଗିଗଲାଣି। ତାକୁ ପରିଷ୍କାର କରିବାର ଦାୟିତ୍ୱ ଆମକୁ ନେବାକୁ ହେବ। ଏଥିପାଇଁ ପାଠ୍ୟଖସଡା ବାହାରେ ହିଁ ରହିଛି ଭାଷା ଓ ସାହିତ୍ୟ ପାଇଁ ଆଗ୍ରହ।

ତାଳ ଓ ପଦର ଈଶ୍ୱରୀ ମା ତାଳପଦେଶ୍ୱରୀ ବାଣୀବିହାର ପରିସରର ସମସ୍ତ ସୃଜନପ୍ରତିଭାର ଲାଳନ କରିଥାଆନ୍ତି। ତାଙ୍କ ପୀଠରେ ଅନେକ ଶୁଭକାର୍ଯ୍ୟ ବର୍ଷସାରା ହେଉଥାଏ ସତ, ମାତ୍ର ସାହିତ୍ୟ ଆସର ଅନୁଷ୍ଠିତ ହେଉଥିବା ବାର୍ତ୍ତା ପାଇ ପ୍ରଫେସର, ଛାତ୍ରଛାତ୍ରୀ, ଅନ୍ୟାନ୍ୟ ପଦପଦବୀରେ ଥିବା ବନ୍ଧୁମାନେ ଏପରିକି ବାଣୀବିହାର ପରିସରରେ ରହୁଥିବା ଗୃହିଣୀମାନେ ମଧ୍ୟ ଆସନ୍ତି। ବାର୍ଷିକ ଉତ୍ସବ ହେଉଥିବା ଖବରପାଇ ଜୀବିକାଦାୟରେ ଦୂରଦୂରାନ୍ତରେ

ରହୁଥିବା, ବାଣୀବିହାରରେ ଏକଦା ପଢୁଥିବା ଛାତ୍ରଛାତ୍ରୀମାନେ ଧାଇଁ ଆସନ୍ତି। ଏଭଳି ନିରୁତା ସ୍ନେହ ବନ୍ଧନ ମୂଳରେ ଏହି ଦେବୀପୀଠର ଆକର୍ଷଣ ଥାଏ।

ଚଳିତବର୍ଷ ମର୍ଯ୍ୟାଦାଜନକ ଶାରଳା ପୁରସ୍କାରପ୍ରାପ୍ତ କବି ଡକ୍ଟର ହୃଷିକେଶ ମଲ୍ଲିକ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜୟିନୀ ମୋନାଲିସା ଜେନା, କେନ୍ଦ୍ରସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର ଓ ଶାରଳା ସମ୍ମାନ ପ୍ରାପ୍ତ ଡକ୍ଟର ରତ୍ନାକର ଚଇନିଙ୍କୁ ଆମେମାନେ ସମ୍ମାନ ଜଣାଉଛୁ।

ଏକଦା ଏହି ଆସରକୁ ନିଜ ଉପସ୍ଥିତିରେ ଧନ୍ୟ କରିଥିବା ମାନନୀୟ ମହାପାତ୍ର ନୀଳମଣି ସାହୁ, ଦୀନନାଥ ପାଠୀ ଓ ଅସୀମବସୁ ଏଭିତରେ ସ୍ୱର୍ଗାରୋହଣ କରିଛନ୍ତି। ସେମାନଙ୍କ ପାଇଁ ଆମେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ।

ଗୁରୁଜନ, ବନ୍ଧୁ, ଶୁଭେଚ୍ଛୁ ସମସ୍ତଙ୍କୁ ଆମର ସମ୍ମାନ। ଏହି ସାହିତ୍ୟଆସର ଦୀର୍ଘଜୀବୀ ହେଉ।

ସମ୍ପାଦକ

# ସୂଚୀପତ୍ର


| ବିଷୟ | ପ୍ରଣେତା | |
|---|---|---|
| | ପୃଷ୍ଠା | |
| ସମ୍ପାଦକୀୟ | | ୦୪ |

## ତାଳପଦେଶ୍ୱରୀ ସାହିତ୍ୟ ଆସର ସଂଗଠନ

| | | |
|---|---|---|
| ସୁମନାସ | ପ୍ରଫେସର ସଂଘମିତ୍ରା ମିଶ୍ର | ୧୩ |
| ମୋ ସମୟର ବାଣୀବିହାର | ମହେଶ୍ୱର ପାଢୀ | ୧୬ |
| ବାଣୀବିହାର ! ବାଣୀବିହାର | ଶତ୍ରୁଜିତ୍ | ୧୭ |
| ଆଲ୍‌ବମ୍ | ଡ. ଦେବେନ୍ଦ୍ର କୁମାର ପତି | ୧୮ |

## ଫୁଟନ୍ତ କଳିକା

| | | |
|---|---|---|
| ଅନ୍ତରାଳେ କୋହ | ବିକାଶ କୁମାର ଦାସ | ୦୦ |
| ଅତୀତ | ଲୋପାମୁଦ୍ରା କର | ୦୦ |
| ଗୋଲାପ | ସତ୍ୟବ୍ରତ ସାହୁ | ୦୦ |
| ଗୋଲାପର ଚାହାଣି | ସୂର୍ଯ୍ୟକାନ୍ତ ଦାସ | ୦୦ |
| ହସକାନ୍ଦ ଭରା ଏ ଜୀବନ | କାଦମ୍ବିନୀ ସାହୁ | ୦୦ |
| ଜୀବନ ଏକ ସ୍ୱପ୍ନ ଅନେକ | ସଂଯୁକ୍ତା ଗମାଙ୍ଗ | ୦୦ |
| ଜୀବନ କି ଜଳନ୍ତା ପ୍ରଦୀପ | ରୁକ୍ମିଣୀ ନାୟକ | ୦୦ |
| କୁହୁକ ପରାଏ ଜୀବନ | ସୁଶ୍ରୀମଞ୍ଜୁଳା କର | ୦୦ |
| ଜୀବନଟ ଖଣ୍ଡେ ଟୁକୁଡା କାଗଜ | ଛବି ମହାପାତ୍ର | ୦୦ |
| ତୁମପାଇଁ | ସତ୍ୟ ନାରାୟଣ ଜେନା | ୦୦ |
| ପ୍ରେମ ତୁମପାଇଁ | ମନୋଜ କୁମାର ପ୍ରଧାନ | ୦୦ |
| ତାମ୍ରକେଶୀ | ଦିନମଣି ବିଶ୍ୱାଳ | ୦୦ |
| ପ୍ରିୟାର ହସ | ପବିତ୍ର ଦାସ | ୦୦ |
| ବନ୍ଧୁ | ଦୀପ୍ତିମୟୀ ସାହୁ | ୦୦ |

| | | |
|---|---|---|
| ତୁମରି ସ୍ମୃତି | ମିନତି ପରିଡା | ୦୦ |
| ଅନନ୍ତ ପଥ | ସତ୍ୟଜିତ୍ ଦାସ | ୦୦ |
| ସ୍ମୃତି ମାନସରେ | ପ୍ରିୟଙ୍କା ମହାପାତ୍ର | ୦୦ |
| ଅଙ୍କଲ ନମସ୍କାର | ତ୍ରିନାଥ ମଲ୍ଲିକ | ୦୦ |
| ମନେପଡ଼ | ଦୀପକ କୁମାର ଶତପଥୀ | ୦୦ |
| ପ୍ରିୟ ପୂର୍ବସାଥୀ | ଶିବାନୀ ପଣ୍ଡା | ୦୦ |
| ତୋତେ ଭୁଲିଯିବି | କାହ୍ନୁ ନାୟକ | ୦୦ |
| ଚନ୍ଦ୍ରମାର ଚୁଡି | ପବିତ୍ର ରାଉତ | ୦୦ |
| ମୋ ପ୍ରଚ୍ଛନ୍ନରେ ଏକ ଜୀବନ | ରମେଶ ଚନ୍ଦ୍ର ମଲ୍ଲିକ | ୦୦ |
| ପ୍ରେମ ନା ବନ୍ଧୁତା | ବିଜୟଲକ୍ଷ୍ମୀ ପରିଡା | ୦୦ |
| ଭଗବାନ ତୁମେ ଅଛ କାହିଁ ? | ମନୋଜ କୁମାର ସାହୁ | ୦୦ |
| ମେଘର ସହର | ସୁବାସ ଚନ୍ଦ୍ର ବେହେରା | ୦୦ |
| ଆଖି | ଯଶୋବନ୍ତୀ ବେହେରା | ୦୦ |
| ଆଜିର ବର୍ଷା | ସତ୍ୟନାରାୟଣ ଜେନା | ୦୦ |
| ସମୟ ଆଉ ତୁମେ | ଅଶ୍ୱିନୀ କୁମାର ସାହୁ | ୦୦ |
| ବଞ୍ଚିଛି ମୁଁ ତୁମ ପାଇଁ | ସ୍ମୃତିଶିଖା ବେହେରା | ୦୦ |
| ସ୍ୱପ୍ନ | କଳ୍ପନା ରାଉତ | ୦୦ |
| ସୀମାହୀନ ଧୈର୍ଯ୍ୟ | ମଧୁସ୍ମିତା ବେହେରା | ୦୦ |
| ସମ୍ପର୍କ | କବିତା ବେହେରା | ୦୦ |
| କେମିତ ଏ ମନ | ଲୋପାମୁଦ୍ରା ନାୟକ | ୦୦ |
| ତଥାପି ଚାହିଁଚି | ସନ୍ଧ୍ୟାରାଣୀ ସିଂହ | ୦୦ |
| ତରଙ୍ଗ | ରଶ୍ମିତା ବେହେରା | ୦୦ |
| ମୁଁ | ସବିତା ଟୁଡୁ | ୦୦ |
| ଲୁପ୍ତ ଏକ ପରିଚୟ | ସୁଚିସ୍ମିତା ଦାସ | ୦୦ |
| ଚୁମ୍ବକର ଅଟ୍ଟହାସ୍ୟ | ସରୋଜିନୀ ସ୍ୱାଇଁ | ୦୦ |
| ଆଜିକାଲିକା ଝିଅ | ସୋମନାଥ ସାହୁ | ୦୦ |
| ମାଆ | ବିଷ୍ଣୁପ୍ରିୟା | ୦୦ |
| ମା କୋଳରେ | ବିବେକାନନ୍ଦ ସ୍ୱାଇଁ | ୦୦ |
| ମାଆର ପଣତ | ଇତିଶ୍ରୀ ଦାସ | ୦୦ |
| ମା, ବାପା | ଦୀପକ କୁମାର ଶତପଥୀ | ୦୦ |
| ମୋ ଜେଜେ | ସୁଶ୍ରୀ ସଙ୍ଗୀତା ମହାପାତ୍ର | ୦୦ |
| କନ୍ୟାରନ୍ | ଦିପ୍ତୀମୟୀ ମହାନ୍ତି | ୦୦ |

| | | |
|---|---|---|
| ନାରୀ ! ତୋତେ ଫେରିବାକୁ ହେବ | ଯଶୋଦା ନାୟକ | ୦୦ |
| ନାରୀ | ଚମ୍ପା ସୋରେନ୍ | ୦୦ |
| ତୁମ ଓ ମୋ ଭିତରେ ଥିବା ଫାଙ୍କ | ଯଶୋବନ୍ତୀ ବେହେରା | ୦୦ |
| ଅଗ୍ନିଶିଖା | କବିତା ନାୟକ | ୦୦ |
| ସୀମାହୀନ ଧୈର୍ଯ୍ୟ | ମଧୁସ୍ମିତା ବେହେରା | ୦୦ |
| ଘାସ | ବିଜୟଲକ୍ଷ୍ମୀ ପରିଡା | ୦୦ |
| ମୋତେ କବି ହେବାକୁ ଦିଅ | ଶିବରାମ ପାତ୍ର | ୦୦ |
| ମାତୃଭାଷା ମୋ' ଜୀବନ | ଯଶୋବନ୍ତ ବେହେରା | ୦୦ |
| ମୋ ଭାଷା ମୋ ଜୀବନ | ମିଥୁନ୍ ମଲ୍ଲିକ | ୦୦ |
| ଭୋର୍ | ଚକ୍ରଧର ତ୍ରିପାଠୀ | ୦୦ |
| ସବୁଜ ସୁନ୍ଦର ମୋ ଗାଁ | ସତ୍ୟନାରାୟଣ ଜେନା | ୦୦ |
| ମୋ ଗାଁ | ମନୋଜ କୁମାର ନାୟକ | ୦୦ |
| ମନଛୁଆଁ ମୋ ଗାଁ | ଗୌରାଙ୍ଗ ଚରଣ ମହାରଣା | ୦୦ |
| ଖରାଦିନକୁ ମାନତି | ନିର୍ମଳା କୁମାରୀ ମହାପାତ୍ର | ୦୦ |
| ମେଟ୍ରୋନଗରୀରେ ଦଶହରା | ଗୀତାରାଣୀ ନାୟକ | ୦୦ |
| ଅତର୍କିତ ଶୀତ | ହୃଷୀକେଶ ବାରିକ | ୦୦ |
| ଛିଣ୍ଡା କମଳ | ସୁଶାନ୍ତ ଜେନା | ୦୦ |
| ଶୀତ | ପ୍ରଭାସିନୀ ଗୁଇଁ | ୦୦ |
| ମକର ! ଆସୁଛୁ ଯଦି ଆ' | ଆନପା ମାର୍ଣ୍ଡି | ୦୦ |
| ବସନ୍ତର ଆଗମନ | ନମିତା ବାରିକ | ୦୦ |
| ଦୋଳ ପରବ | ମିନତି ସାହୁ | ୦୦ |
| ହେ ନିରର୍ଥକ ମୁହୂର୍ତ୍ତ ! | ରାଜୀବ ଲୋଚନ ସାହୁ | ୦୦ |
| ଓଡିଆ ବିଭାଗ | ରଶ୍ମିତା ଦାସ | ୦୦ |
| ନେତା | ସ୍ୱର୍ଣ୍ଣଲତା ସ୍ୱାଇଁ | ୦୦ |
| ମୁଠାଏ ଲୁହ | ମୌସୁମୀ ସାହୁ | ୦୦ |
| ଅନ୍ତର୍ଦାହ | ସୁକାନ୍ତି ରାଉତ | ୦୦ |
| ଜୀବନର ସ୍ୱରଲିପି | ଶୁଭଦର୍ଶିନୀ ପରିଡ଼ା | ୦୦ |
| ସପନ ରାଇଜରେ ଶ୍ୱେତାଙ୍ଗ ପକ୍ଷୀ | ଦୀପକ କୁମାର ଶତପଥୀ | ୦୦ |
| ଅର୍ଥହୀନ ଅଭୀପ୍ସା | ଶୁଭଶ୍ରୀ ସୁଚରିତା ଇନ୍ଦୁରେଖା ନାୟକ | ୦୦ |

| | | |
|---|---|---|
| ମୋ ବିଦ୍ୟାଳୟ | କୌସ୍ତୁଭ ଦାଶ | ୦୦ |


## ପଲ୍ଲବ-କିଶଳୟ


| | | |
|---|---|---|
| ଅବ୍ୟକ୍ତ | ଗାୟତ୍ରୀ ଶତପଥୀ | ୦୦ |
| ଧନ୍ୟବାଦ | ପ୍ରିୟଙ୍କା ମହାନ୍ତି | ୦୦ |
| ବାଥୁଡି ଜାତିର କୁଆଁର ପୁନେଇଁ | ଅନିତା ଦଳେଇ | ୦୦ |
| କେମିତି ଏ ସମ୍ପର୍କ ! | ରୋଜି ମଲ୍ଲିକ | ୦୦ |
| ଭାଗବତ ଚାରି ଅକ୍ଷର | ନିହାରୀକା ମହାନ୍ତି | ୦୦ |
| ମା ମଙ୍ଗଳା | ଶ୍ୱେତପଦ୍ମା ଲେଙ୍କା | ୦୦ |
| ପହିଲି ବର୍ଷା | ଲିପିପୁଷ୍ପା ନାୟକ | ୦୦ |
| ମନ ଓ ବିବେକ | ସୌଦାମିନି ମିଶ୍ର | ୦୦ |
| ପ୍ରେମପତ୍ର | ରୋପାଇ ଜୀବନ ଟୁଡୁ | ୦୦ |
| ସେଇ ଝିଅଟି | ନିରଞ୍ଜନ ସାହୁ | ୦୦ |
| ସିନ୍ଦୂର | ଇତିଶ୍ରୀ ପ୍ରଧାନ | ୦୦ |
| କନ୍ୟାରତ୍ନ | ମୋନାଲିଶା ଦାସ | ୦୦ |
| ପାଗିଳୀ | ଦିପୁନ ପୁହାଣ | ୦୦ |
| ମେଘ ଓ ପୃଥିବୀ | ରୁକ୍ମିଣୀ ନାୟକ | ୦୦ |
| ସତୀ | ସୁବାସ ଚନ୍ଦ୍ର ବେହେରା | ୦୦ |
| ସୁନାମି | ଅନନ୍ତ ସାହୁ | ୦୦ |
| ଅଜାଙ୍କ କାହାଣୀ | ରୂପାଲି ମହାରଣା | ୦୦ |
| ଅଠର ଓଲୁ | ନିରୁପମା ମହାନ୍ତ | ୦୦ |
| ସଭିଙ୍କୁ ପଦିଏ | ଶିବରାମ ପାତ୍ର | ୦୦ |
| ଆଜିର ସମାଜ ଓ ଆମେ | ସୌମ୍ୟାଶ୍ରୀ ତ୍ରିପାଠୀ | ୦୦ |
| ବିଚଳିତ ନାରଦ ବିମୁଦ୍ରିକରଣ ଓ ଛାତ୍ର ଦୁର୍ନୀତି | ପ୍ରଜ୍ଞା ଜୀବନ ଜେନା | ୦୦ |
| ସାତ ଦଶନ୍ଧିର ସ୍ୱାଧୀନତା | ତରଙ୍ଗ ଦେହୁରୀ | ୦୦ |
| ଅନୁଭୂତି | କସ୍ତୁରୀ ମଲ୍ଲିକ | ୦୦ |
| ସମ୍ପର୍କର ପରିଭାଷା | ଅମ୍ରିତା ପୌଦାର | ୦୦ |

## ମଧୁମାଳତୀ


| | | |
|---|---|---|
| . ହଜିଯାଉ ଅସ୍ମିତା ମୁଁପଣ | ପ୍ର. ଅଭିନ୍ନ ସାହୁ | ୦୦ |
| ଆମେ ଓଡିଆ | ନିରଞ୍ଜନ ତ୍ରିପାଠୀ | ୦୦ |
| ଝଡା ପତ୍ରର ଲୁହ | ସବ୍‌ନମ୍ ମଙ୍ଗାଣିଆ | ୦୦ |
| ଓଡିଆ | ଦେବାଶିଷ ମହାପାତ୍ର | ୦୦ |
| ମାମାର ଗଣିତ ଓ ମୋ'ର ପେମଗୀତ | ଡା ଗୌରୀଶଙ୍କର ପଣ୍ଡା | ୦୦ |
| ସେଲୋଟେପ୍ | ସରୋଜ ବଳ | ୦୦ |
| ଏଇ ବୋଧେ ପ୍ରେମ | ତପନ କୁମାର ନାୟକ | ୦୦ |
| କିନ୍ତୁ! କାହିଁକି!! କେଜାଣି!!! | ଭଜକୃଷ୍ଣ ମହାନ୍ତି | ୦୦ |
| ହେ କବିତା! ହେ କବି! | ଶରତ କୁମାର ପାଢୀ | ୦୦ |
| କବି | ଡ. ପ୍ରଶାନ୍ତ କୁମାର ମହାରଣା | ୦୦ |
| ସ୍ମୃତିର ସହରରେ ଶେଷରାତ୍ରି | ଚନ୍ଦନଲାଲ ତେୱାରୀ | ୦୦ |


## ବିକଶିତ ଶତଦଳ


| | | |
|---|---|---|
| ଭାଷାଭାବନା | ଡ. ସୋମନାଥ ବିଷୋୟୀ | ୦୦ |
| ଆମ ନୈତିକ ଜୀବନ ଏକ ଆବଶ୍ୟକତାର ବିଷୟ | ଡ. ବିଷ୍ଣୁପ୍ରିୟା ଓତା | ୦୦ |
| ବିଜୁବାବୁଙ୍କ ସାହାସ ଓ ଲୋଡିବାପଣ | ବିରାଜ ମୋହନ ଦାସ | ୦୦ |
| ବୈକୁଣ୍ଠନାଥ ପଟ୍ଟନାୟକଙ୍କ କବିତାର ଭିତ୍ତିଭୁମି | ଡ. ଉଦୟନାଥ ସାହୁ | ୦୦ |
| ମାର୍କସ୍‌ବାଦ ନନ୍ଦନତତ୍ତ୍ୱ ଓ ଓଡିଆ ପ୍ରଗତିଶୀଳ ସାହିତ୍ୟ | ଡ. ଅନାଦି ଚରଣ ଗାଁଣ | ୦୦ |
| ଓଡିଆ କବିତାର ଯୁବସ୍ୱର: ସମୟର ଉପଚାର | ସରୋଜ ବଳ | ୦୦ |
| ନାସଦୀୟ ସୂକ୍ତଂର ଓଡିଆ ଅନୁବାଦ | ଶ୍ରୀମତୀ ପ୍ରତିଭା ମଞ୍ଜରୀ ରଥ | ୦୦ |
| ସାଉଁଟା ଫୁଲ | ଉମିମାଳା ଆଚାର୍ଯ୍ୟ | ୦୦ |
| ଅଭିଶପ୍ତ ଜୀବନ | ସତ୍ୟରଞ୍ଜନ ମଲ୍ଲିକ | ୦୦ |
| ସଫଳତା ଓ ବ୍ୟକ୍ତିତ୍ୱ | | |
| କୁନିର ଜୋତା | ଡ. ସବିତା ମଲ୍ଲିକ | ୦୦ |

| | | |
|---|---|---|
| ଅଭିମନ୍ୟୁଙ୍କ ରଚନାରେ ରସ | ଡଃ ସୁବାସ ଚନ୍ଦ୍ର ଦାଶ | ୦୦ |
| ରସ ସାଧନା | ଡ. ଅଳକାନନ୍ଦା ପରିଡା | ୦୦ |
| ଅଗ୍ନିକଣିକା ଓ ଶିଶିର ବିନ୍ଦୁର କବି ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ | ଡ. ମଣୀନ୍ଦ୍ର କୁମାର ମେହେର | ୦୦ |
| ରସଶୂନ୍ୟ ସାଙ୍ଗିତିକହୀନ ଜୀବନ କୋଉ ଭିଡକୁ ଯେ ? | ବାଦଲ ମହାନ୍ତି | ୦୦ |
| ମଡ଼ା ଚଣ୍ଡିଆ | ରୁଦ୍ରନାରାୟଣ ମହାପାତ୍ର | ୦୦ |
| ଦୁଇଟି ଅଣୁ କଥା | ଡ. ଦେବାଶିଷ ପାତ୍ର | ୦୦ |
| ନିର୍ଘାତ ଭିଟାମିନ୍ | ଡା ଇନ୍ଦ୍ରମଣି ଜେନା | ୦୦ |

## ବିଶେଷ ସାକ୍ଷାତ୍କାର

| | | |
|---|---|---|
| ସାକ୍ଷାତକାର – ବରିଷ୍ଠ କବି ତଥା ସାହିତ୍ୟି ସାଧକ ହୃଷୀକେଶ ମଲ୍ଲିକଙ୍କ ସହ କେଇ ପଦ | ଅସିତ୍ ପ୍ରଧାନ | ୦୦ |

## ପରିଶିଷ୍ଟ

| | |
|---|---|
| ବାର୍ଷିକ ବିବରଣୀ | ୦୦ |



ତାଳପଦେଶ୍ୱରୀ ସାହିତ୍ୟ ଆସର ସଂଗଠନ

# ସୁମନାସ

◆ ସଂଘମିତ୍ରା ମିଶ୍ର

ବାଣୀବିହାର ମା ସରସ୍ୱତୀଙ୍କ ପୂଜା ମନ୍ଦିର। ସେହି ମନ୍ଦିର ବେଢା ଭିତରେ ତାଳ ଓ ପଦର ଈଶ୍ୱରୀ ମା ତାଳପଦେଶ୍ୱରୀ ଆରାଧିତା। ତାଙ୍କରି କରୁଣାଧନ୍ୟ ଏହି ସାହିତ୍ୟ ଆସର, ଯାହାର ନାମ ତାଳପଦେଶ୍ୱରୀ ସାହିତ୍ୟ ଆସର। ଏହି ଆସରର ଦ୍ୱାବିଂଶତମ ଜନ୍ମ ଉତ୍ସବ। କୋଡିଏ ବର୍ଷ ପୂର୍ବରୁ ବାଣୀବିହାର ଛାଡି ଜୀବିକା ଅନୁରୋଧରେ କିଏ କେଉଁଠି ଥିବା ଛାତ୍ରଛାତ୍ରୀ ମାନଙ୍କର ସେହି ଗୋଟିଏ ଦିନକୁ ଅପେକ୍ଷା, ନିଜନିଜ ବନ୍ଧୁ ମାନଙ୍କୁ ଭେଟିବେ। ପୁରୁଣା ସ୍ମୃତିକୁ ମନେ ପକାଇ ସମୟର ପ୍ରତିଲୋମ ଗତିରେ ଭାସିଯିବେ ନିଜ ନିଜର ସୁନ୍ଦର ସୁବାସିତ ଅତୀତ ଆଡକୁ କେତୋଟି ମୁହୂର୍ତ୍ତ ପାଇଁ। କେଉଁ ଦିବ୍ୟମୁହୂର୍ତ୍ତରେ ଏ ଆସର ସୃଷ୍ଟି ହୋଇଥିଲା କେଜାଣି, ଇଏ ପାଲଟି ଯାଇଛି ପ୍ରବୀଣ ଓ ତରୁଣଙ୍କର ମହାମିଳନ ପୀଠ। ସେଦିନ କଲମ ଧରି ଶିଖିଥିବା ହାତରେ ଏବେ ଅନେକ ଟାଣପଣ, ନିଜକୁ ପ୍ରକାଶିତ କରିବାର, ନିଜ ସମୟକୁ ତଳେଇ କରି ଭିନେ ଭାବରେ ଦେଖିବାର ଓ ନିଜପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାର ଏ ଯେଉଁ ଅପୂର୍ବ ମଞ୍ଚ ତାଳପଦେଶ୍ୱରୀ ସାହିତ୍ୟ ଆସର ତିଆରି କରିଛୁ, ତାହା ଭବିଷ୍ୟତରେ ଅବଶ୍ୟ ମୂଲ୍ୟାୟିତ ହେବ।

ତାଳପଦେଶ୍ୱରୀ ଯେ ବକ୍ର ଭିତରେ ବଂଶୀ ଭଳି ସୃଜନର ମର୍ମଭେଦୀ ଅଥଚ ଧୀର ସ୍ୱର ଶୁଣାଇ ଚାଲିଛି, ସେଥିପାଇଁ ଆମେ ଆନନ୍ଦିତ। ତେବେ ଆନନ୍ଦଠାରୁ ଅଧିକ ଲୋଡା ଲାଳନ ଓ ଦାୟବଦ୍ଧତା। ଏ ଭଳି ଅନୁଷ୍ଠାନକୁ କର୍ମକ୍ଷମ ରଖିବା ପାଇଁ ଶ୍ରମ ଓ ସାମର୍ଥ୍ୟ ଲୋଡା। କିଛି ସମୟ ଓ ଆତ୍ମୀୟତା ଲୋଡା। ନୂଆ ପୀଢିର ମଣିଷମାନେ ଏଥିପାଇଁ ଆଗେଇ ଆସିବା ମଧ୍ୟ ଲୋଡା।

ମୁଁ ଯଦି କହିବି ଆପଣମାନେ ସବୁବେଳେ ସାହିତ୍ୟ ଆସର କଥା ଚିନ୍ତା କରନ୍ତୁ, ତାହା ନିଶ୍ଚୟ ଭୁଲ୍। ମୁଁ ଜାଣେ ଯେ ଏଭଳି କଥା କହିବାପାଇଁ ମୋର କ୍ଷମତା ନାହିଁ। ତେବେ ନିଜର ଜୀବନାନୁଭବରୁ ଏତିକି ଜାଣିଛି, ହିସାବ ବାହାରେ ଜୀବନ ଅଛି। ପାଠ୍ୟ ଖସଡା ବାହାରେ ବ୍ୟାପକ ଅନୁଭବ ଅଛି। ସେ ସବୁକୁ ପରଖିବାକୁ ସର୍ଜନଶୀଳତା ପୁଣି ନିଜର ମାର୍ଗ ଖୋଜିନିଏ। କେତେ ସଂଗୀତ, ନୃତ୍ୟ, ବାଦ୍ୟ, ଚିତ୍ରଠାରୁ ବାଲୁକାକଳା ଯାଏ ଏହା ବିସ୍ତୃତ। ସର୍ଜନଶୀଳତାକୁ ବଞ୍ଚାଇ ରଖିବାକୁ ଆନୁଷ୍ଠାନିକ ସଦିଚ୍ଛା ସହଯୋଗ କରିଥାଏ। ତାଳପଦେଶ୍ୱରୀ ସାହିତ୍ୟ ଆସର ସେହି ଭିତ୍ତିଭୂମି ହିଁ ପ୍ରସ୍ତୁତ କରିଛି। ଦୁଇଦିନ ପରେ ଆସର ହେବାର ଖବରପାଇ ପିଲାମାନେ ନିଶ୍ଚୟ ଗପ / କବିତା ଲେଖିବାକୁ କଲମ ଧରୁଛନ୍ତି। ବାସ୍, ଆଉ କ'ଣ ଲୋଡା ? କେମିତି ଏ ଆସର ଏତେଦିନ ଚାଲିଆସିଛି, ତା ହୁଏତ ମୁଁ କହିପାରିବି ନାହିଁ ବା କହିବାକୁ ଚାହେଁ ନାହିଁ। ଏତିକି ଜାଣିଛି ସତ୍‌କାର୍ଯ୍ୟ ଆରମ୍ଭହେଲେ, ଆପେଆପେ ଅନେକ ସଦିଚ୍ଛାର ହାତ ବଢିଆସେ ସହଯୋଗ ପାଇଁ। ଆମମାନଙ୍କ ସହିତ ଥିବା, ଆମକୁ ଆତ୍ମୀୟ ଭାବୁଥିବା, ସବୁବେଳେ / ବେଳେବେଳେ ଆସି ପିଲାଙ୍କର ଆଗ୍ରହ ପ୍ରଦୀପକୁ ତେଜି ଦେଉଥିବା ଆପଣମାନଙ୍କୁ ମୋର ନମସ୍କାର। ସେହି ତାଳପଦେଶ୍ୱରୀଙ୍କ ଆଶୀର୍ବାଦରୁ ବର୍ଷ ପରେ ବର୍ଷ ଏହା ବଞ୍ଚିରହୁ, ବଢୁ ଓ ଛାୟାପ୍ରଦ ବୃକ୍ଷ ଭଳି ଅଗଣିତ ତରୁଣ ତରୁଣୀଙ୍କର ସର୍ଜନଶୀଳତାର ଲାଳନ କରୁ। ବାଇଶିବର୍ଷର ତରୁଣୀ ଏହି ଆସର ପାଇଁ ଆମ ମନରେ ଅନେକ ସ୍ୱପ୍ନ। ବାଣୀବିହାରର ରୌଦ୍ରଦଗ୍ଧ ବାତାବରଣ ପାଇଁ ଏହା ଶାନ୍ତି ଓ ସହଯୋଗର ବାର୍ତ୍ତା ଦେଉ। ପଥରସନ୍ଧିରୁ ଝରୁଥିବା ଝରଣାର ଜଳଭଳି ଏହା ସ୍ୱଚ୍ଛ ଓ ପବିତ୍ର ହୋଇ ପରିବେଶକୁ ଶୀତଳତା ପ୍ରଦାନ କରୁ। ଆସର ସହିତ ଏକାତ୍ମ ହୋଇ ବଞ୍ଚୁଥିବା ସମସ୍ତଙ୍କୁ ସୁମନାସ ।

ଉପଦେଷ୍ଟା,

ତାଳପଦେଶ୍ୱରୀ ସାହିତ୍ୟ ଆସର

# ମୋ ସମୟର ବାଣୀବିହାର

◆ ମହେଶ୍ୱର ପାଢୀ

ମୋ ସମୟରେ ବାଣୀବିହାର କହିଲେ, ପ୍ରଥମେ ମୁଁ କଥାଟା ଟିକିଏ ସ୍ପଷ୍ଟ କରିଦିଏ। ୧୯୯୫ରୁ ଅର୍ଥାତ୍ ମୋ ଓଡିଆ ଭାଷା ସାହିତ୍ୟରେ ଏମ୍.ଏ. କରିବା ପରଠାରୁ ୧୯୯୮ରେ ଏମ୍. ଫିଲ୍. ସରିବା ପର୍ଯ୍ୟନ୍ତ, ଏହି ତିନିବର୍ଷର ସମୟ ଅବଧି ହେଉଛି ମୋର ବାଣୀବିହାରରେ ରହଣି। ସେହି ସମୟକୁ ରୋମନ୍ଥନ କରିବା ହେଲା ମୋ ସମୟର ବାଣୀବିହାର କଥା।

ମୁଁ ଯେଉଁଦିନ ପ୍ରଥମେ ବସଷ୍ଟାଣ୍ଡରୁ ରିକ୍ସା ଯୋଗେ ବାଣୀବିହାର କ୍ୟାମ୍ପସ୍‌କୁ ପ୍ରବେଶ କଲି, ସେଦିନ କେତେ ତାରିଖ ଓ କି ବାର ଥିଲା, ମୋର ମନେନାହିଁ। ମନେଅଛି ରିକ୍ସାବାଲା ମୋ ଠାରୁ ତିନିଟଙ୍କା ନେଇଥିଲା। ପ୍ରଥମେ ମୋତେ ରବୀନ୍ଦ୍ର ସାହୁ (ରବିଭାଇ, ଯିଏ ଏବେ କଟକର ରଘୁନାଥଜୀଉ ଡିଗ୍ରୀ କଲେଜ, ଦେଉଳ ସାହିରେ ଅଧ୍ୟାପକ ଅଛନ୍ତି) ତାଙ୍କ ସହିତ ଭେଟ ହୋଇଥିଲା କାରଣ ସେ ଆମର ସେମିନାର ସେକ୍ରେଟାରୀ ଥିଲେ। ନାମ ଲେଖା ପରେ ସେଦିନ ରାତିରେ ରବୀନ୍ଦ୍ରଭାଇଙ୍କ ପାଖରେ ରହିଲି। ବାଣୀବିହାରର ସୂର୍ଯ୍ୟୋଦୟ ସେଦିନ ମୋତେ ଜଣେ ମହିଳାଙ୍କ ମଥାର ସିନ୍ଦୂର ପରି ମନେ ହୋଇଥିଲା। ପ୍ରାକୃତିକ ସୁଷମାମଣ୍ଡିତ ସରଳ ଗାଁଟିଏ ପରି ଲାଗିଥିଲା। ଅଟୋରିକ୍ସା କାଁଭାଁ ଚାଲୁଥିଲା ସେତେବେଳେ।

ଗୋପବନ୍ଧୁ ଛାତ୍ରାବାସରେ ବୋଧେ ରୁମ୍ ନଂ ୨୦୩ରେ ମୋତେ ସ୍ଥାନ ମିଳିଥିଲା ଏବଂ ମୋର କଲେଜ ସାଙ୍ଗ ଅଭିମନ୍ୟୁ ଜେନା ଓରଫ୍ ବାଦଲ ସହ ପ୍ରଥମ ବର୍ଷ ସେହିଠାରେ ରହୁଥିଲି। ପ୍ରଥମ କେଇଦିନ ହଷ୍ଟେଲରେ ମେସ୍ ଚାଲିବା ପୂର୍ବରୁ ରାସ୍ତାକଡର ଥିବା ଝୁମ୍ପୁଡି ହୋଟେଲରେ ଆମକୁ ଖାଇବାକୁ ପଡେ।

୧୯୯୫ ମସିହାରେ ଗୋବିନ୍ଦ ସାହୁ ମାର୍କେଟ୍ ତିଆରି ହୋଇ ନଥାଏ। ସେପଟେ କିନ୍ତୁ ଅଳକା ମାର୍କେଟ୍ ଥିଲା। ଆମେ ସବୁ ବେଳ-ଅବେଳରେ ଝିଅ ପିଲାଙ୍କୁ ଦେଖିବାକୁ ଓ ମଜା ନେବାକୁ ଅଳକା ମାର୍କେଟ୍ ଆଡେ ଯାଉ। ମଜା ନେବାର ଅସଲ କଥା ହେଲା, ସେତେବେଳେ ଯୁବସୁଲଭ ଚପଳତା ଓ ଝିଅ ପିଲାଙ୍କୁ ଦେଖିବାର ପ୍ରବଣତା। ଏବେକା ପରି ମୋବାଇଲ୍ ଫୋନ୍‌ର ପ୍ରଚଳନ ସେତେବେଳେ ନଥିଲା। ଲେଡିଜ୍ ହଷ୍ଟେଲ୍ ସାମ୍ନାରେ ଠିଆ ହୋଇ ଘଣ୍ଟା ଘଣ୍ଟା ଗପିବାରେ ଥିଲା ମଜାପଣ। କମେଣ୍ଟମରା କି କାହାକୁ କିଏ ହଇରାଣ କରିବାର ନଜିର ମୋ ରହିବା ଭିତରେ ମୁଁ ଦେଖିନାହିଁ।

ସେଇ ଯୁବସୁଲଭ ପ୍ରେମବୋଧକୁ ନେଇ ଆମେ ସବୁ ଲେଖନୀ ଧରିଥିଲୁ। ମାଆ ତାଳପଦେଶ୍ୱରୀଙ୍କ ପୀଠରେ ଆସର ମେଳିଥିଲୁ। ଆମେ ସବୁ ବୋଇଲେ ଯେଉଁମାନେ ମୋଠାରୁ ବଡ ଓ ସାନ ସେମାନେ ହେଲେ ଶତ୍ରୁଜିତ ଭାଇ ଓରଫ୍ ଦିଲୀପ ମିଶ୍ର, ଯିଏ କି ଆଜି ଯାଏ ବାଣୀବିହାରରେ ସେଇ ଗୋଟିଏ ପରିଚୟ ଶତ୍ରୁଜିତ ଭାଇ ନାମରେ ପରିଚିତ ଅଛନ୍ତି। ତାଙ୍କ ସହିତ ଅନ୍ୟମାନେ ହେଲେ, ଦିଲୀପ ଦଳାଇ, ଦେବେନ୍ଦ୍ର ପତି, ପ୍ରସନ୍ନ ପଣ୍ଡା, ଶୁଭ୍ରାଂଶୁ ବେହେରା, ସୁଦର୍ଶନ ମିଶ୍ର, ମନୋରଞ୍ଜନ ମିଶ୍ର, ରମାକାନ୍ତ ସାମନ୍ତରାୟ, ଖଗେଶ୍ୱର ରାଉତ, ତ୍ରିଲୋଚନ ପ୍ରଧାନ। ଆହୁରି ଅନେକଙ୍କ ସହ ଗଣେଶ୍ୱର, ରାଜୁ, ବିଦ୍ୟାଧର, କରୁଣା, ଗୋପୀ, ସବିତା, ନିର୍ମଳା, ସୋନାଲି, ରଶ୍ମୀ ଅପା, ଶୋଭନା ଅପା, ସରୋଜ ବଳ, ସୁନନ୍ଦା ପ୍ରଧାନ, ଟିକମ୍, ଚନ୍ଦନ, ମେଘନାଦ, ବାପି, ଶୀତଳ, ପାଳବାବୁ, ଜଗବନ୍ଧୁ ଆହୁରି ଅନେକ ମିଳିତ ହୋଇ ଗପ କବିତା ଲେଖୁଥିଲୁ। ତାଳପଦେଶ୍ୱରୀ ପୀଠରେ ବସି ଜଣକା ସାତ ଆଠ ଟଙ୍କା ଚାନ୍ଦାକରି ଅରୁଆ ଡାଲମାର ଭୋଜି କରୁଥିଲୁ, ପୀତବାସ ଭାଇ ଓ ଅଶୋକ ଭାଇଙ୍କୁ ଡକାଇ ଫଟୋ ଉଠାଉଥିଲୁ। ସେ ଥିଲା ଏକ ନିଆରା ଅନୁଭବ। ଆମ ସହ ଆସରରେ

ଯୋଗ ଦେଉଥିଲେ କବି ଦୁର୍ଗା ଷଡଙ୍ଗୀ, କ୍ଷିରୋଦ ପରିଡା, ଅକ୍ଷୟ ବେହେରା, ପ୍ରଫେସର ଶରତ ଚନ୍ଦ୍ର ରଥ, ଗିରିବାଳା ମହାନ୍ତି, ପ୍ରଫେସର ସଂଘମିତ୍ରା ମିଶ୍ର ଓ ଆହୁରି ଅନେକ।

ବିଧିବଦ୍ଧ ଭାବରେ ୧୯୯୬ ରେ ତାଳପଦେଶ୍ୱରୀ ସାହିତ୍ୟ ଆସର ସଂକ୍ଷେପରେ ତାଜା ଗଢାହେଲା। ଉପଦେଷ୍ଟା ଭାବରେ ପ୍ରଫେସର ସଂଘମିତ୍ରା ମିଶ୍ର ଓ ବିଜୟିନୀ ମାଡାମ୍‌ଙ୍କ ସହିତ ଶତ୍ରୁଜିତ୍ ଭାଇ ରହିଲେ। ଦେବଭାଇ (ଦେବେନ୍ଦ୍ର ପତି) ହେଲେ ସଭାପତି ଓ ମୁଁ ହେଲି ସମ୍ପାଦକ। ପରେ ସରୋଜ ବଳ ହେଲେ ପତ୍ରିକା ସମ୍ପାଦକ। ସେତେବେଳକୁ ବାଣୀବିହାରର ସବୁ ଝୁମ୍ପୁଡି ଗୋପବନ୍ଧୁ ଛାତ୍ରାବାସ ପାଖକୁ ଘୁଞ୍ଚିଯାଇଥିଲା ଏବଂ ଗୋବିନ୍ଦ ସାହୁ ମାର୍କେଟ୍ କମ୍ପ୍ଲେକ୍ସର ନାମକରଣ ହୋଇ ସାରିଥିଲା। ଆମେ ସବୁ ହଷ୍ଟେଲ୍ ଓ ମେସ୍‌ରେ ନଖାଇ ଚୋରାରେ ହିଟରରେ ରୋଷେଇ କରୁଥିଲୁ। ତାଳପଦେଶ୍ୱରୀ ସାହିତ୍ୟ ଆସରକୁ ଯଦି କେଉଁ ଅତିଥିଙ୍କୁ ଡାକୁ, ସତ କହିବାକୁ ଗଲେ ସେତେବେଳେ ଆସର ଚଳାଇବାକୁ ଆମ ପାଖରେ ପଇସା ନଥିଲା। ପଚାଶ ଟଙ୍କାର ଫୁଲକୁ ମୂଲଚାଲ କରି କୋଡିଏ ତିରିଶ ଟଙ୍କାରେ କିଣୁଥିଲୁ।

ବାଣୀବିହାରର ବିଭିନ୍ନ ଛାତ୍ରାବାସରେ ଅବଶ୍ୟ ଏବେକା ପରି ଅଣଛାତ୍ରମାନେ ଆଡ୍‌ଜଷ୍ଟ୍ କରି ରହୁଥିଲେ। ସେମାନେ ଯଦିଓ ରାଜନୀତି କିଛି କରୁଥିଲେ, ମାତ୍ର ଦଳୀୟ ରାଜନୀତି ଠାରୁ ସେମାନେ ଥିଲେ ବହୁ ଦୂରରେ। ନିର୍ବାଚନକୁ ନେଇ ଆଜିପରି କେଉଁ ରାଜନୈତିକ ଦଳ ପାଖରେ ସେତେବେଳର ଛାତ୍ରସମାଜ ସିଧା ସଳଖ କୌଣସି ସମ୍ପୃକ୍ତି ରଖୁ ନଥିଲେ କି ଛାତ୍ର ରାଜନୀତିକୁ ନେଇ କ୍ୟାମ୍ପସ୍‌ରେ ବୋମା ଫୁଟୁ ନଥିଲା, ମୁଁ ତ ସ୍ୱଷ୍ଟ ଭାବରେ ବିନା ଛଳନାରେ କହିଦେଇପାରେ ଛାତ୍ରଛାତ୍ରୀ ମାନଙ୍କ ଅପେକ୍ଷା ସେତେବେଳେ ଡିପାର୍ଟମେଣ୍ଟରେ ଶିକ୍ଷକ-ଶିକ୍ଷକ ମାନଙ୍କ ଭିତରେ କଳିତକରାଳ ଟିକେ ଅଧିକ ଥିଲା। ପିଜିର ପ୍ରଥମବର୍ଷ ଆମ ବିଭାଗର ବାର୍ଷିକ ଉତ୍ସବରେ ନାଟ୍ୟକାର ବିଜୟ ଶତପଥୀଙ୍କ କର୍ଣ୍ଣନାଟକ ମଞ୍ଚସ୍ଥ ହୋଇଥିଲା। ମୁଁ ଏଥିରେ ମୁଖ୍ୟନାୟକ କର୍ଣ୍ଣ, ରବିଭାଇ ଦୁର୍ଯ୍ୟୋଧନ, ମାନସୀ କୃଷ୍ଣା, ଗଣେଶ୍ୱର କେଶବ ଏବଂ ନିର୍ମଳା କୁନ୍ତୀ ଭୂମିକାରେ ଅଭିନୟ କରୁଥିଲୁ। ବାର୍ଷିକ ଉତ୍ସବ ଦିନ ଆମ ବିଭାଗର ଜଣେ ସାର୍ (ଅବଶ୍ୟ ସେ ପ୍ରାତଃ ସ୍ମରଣୀୟ ପୂଜନୀୟ ଆମ





ଛାତ୍ରସମାଜ ପାଇଁ) ମୋତେ ପାର୍ଟ ନ କରିବାକୁ ତାଗିଦ୍ କଲେ। ପରିଣତି ବିଷୟରେ ମୁଁ ଚିନ୍ତା ନକରି ମୁଁ ଅଭିନୟ କରି ରୋଷର ଶିକାର ହେଲି। ସେତେବେଳେ ଆମ ବିଭାଗରେ ଗୁରୁ ଓ ଗୁରୁମା ମାନେ ଥିଲେ ସ୍ନେହଲତା ପଟ୍ଟନାୟକ, ସଂଘମିତ୍ରା ମିଶ୍ର, ଗିରିବାଳା ମହାନ୍ତି, ଲିପି ହେମ୍ବ୍ରମ୍, ବୈଷ୍ଣବ ସାମଲ, ନିତ୍ୟାନନ୍ଦ ଶତପଥୀ, ବାସୁଦେବ ସାହୁ, ନିତ୍ୟାନନ୍ଦ ନାୟକ, ଶରତ ରଥ ଓ ଦାଶ ସାର୍ଙ୍କ ସହ ଗୋପୀଭାଇ, ଭୋଳଭାଇଙ୍କ ସହ କେଦାରଭାଇ ଓ ଗୋକୁଳିଭାଇ। ବ୍ରଜଭାଇ ପଛରେ ଆସିଲେ। ସବୁ ସାର୍‌ମାନେ ଭଲ ହେଲେ ମଧ୍ୟ ଛୋଟଛୋଟ କଥାକୁ ନେଇ ସେମାନଙ୍କ ମଧ୍ୟରେ ସ୍ୱାର୍ଥସଂଘାତ ହୁଏ। ରାଜନୀତି ଚାଲେ, ଆମମାନଙ୍କ ଉପରେ ପ୍ରଭାବ ପଡେ।

ସେବେର ବାଣୀବିହାର ଆଉ ଏବେର ବାଣୀବିହାର ଭିତରେ ବହୁ ଫରକ୍। ଅସଧବାର ହାତପରି ମୋତେ ସରଳ ଲାଗିଥିବା ମୋର ସେହି ପ୍ରିୟ ବାଣୀବିହାର ଆଜି କାୟା ବିସ୍ତାର କରିଛି। ଖୋଲିଛି କେତେ ନୂଆ ନୂଆ ବିଭାଗ। ଏହା ଭିତରେ ବିତିଛି କୋଡିଏ ବର୍ଷ। ନଈସୁଅ ପରି ସମୟ ଆଗକୁ ମାଡିଚାଲିଛି। ମୁଁ ଛାତ୍ରରୁ ଅଧ୍ୟାପକ ହେଲି, ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଛି। ଅଫିସ୍ କାର୍ଯ୍ୟରେ ସେବେଠାରୁ ଏବେଯାଏ ବାଣୀବିହାର ସହିତ ଜଡିତ ଅଛି। ଏବେ ବାଣୀବିହାର ଭିତରକୁ ପ୍ରବେଶକଲେ କେଜାଣି କାହିଁକି ମାଡିମାଡି ପଡେ। ସବୁ ଥିଲାପରେ ବି କେଜାଣି କାହିଁକି ବିଚରା ଜନ୍ମକଲା ମାଆଟି ପୁଅ ବାହାଘରରେ ପୁଅ ହାତରୁ ତା' ପଣତକାନିକୁ ଆଞ୍ଜୁଳା ଘେନିଲାବେଳେ ଆଖିରୁ ଲୁହ ଗଡାଏ। ତାହା ପ୍ରାପ୍ତିର କି ଅପ୍ରାପ୍ତିର, ଆନନ୍ଦର କି ବିଷାଦର ନତୁବା ଶୂନ୍ୟତାର ତାହା ଯେଉଁଳି ପରଖି ହୁଏନି, ମୋତେ ଏବେ ବାଣୀବିହାରକୁ ପ୍ରବେଶକଲେ ସେହିଭଳି ଲାଗେ। କୁଳପତି ଗୌର କିଶୋରେ ଦାସଙ୍କ ପ୍ରେରଣାରେ ଆମ୍ରକାନନ ପରିସରରେ ଶତ୍ରୁଜିତ୍ ଭାଇଙ୍କ ଚେଷ୍ଟାରେ ଆମେ ଓଡିଶୀ ସଙ୍ଗୀତ ଆସର କରିଥିଲୁ। ଏବେ ସେ ସ୍ଥାନ ଅନାବନାରେ କଣ୍ଟକିତ।

କାହିଁକି କେଜାଣି ଏବେ ଗଲେ, ବାଣୀବିହାର ଚିହ୍ନା ମୁହଁଙ୍କର ଲୁଚକାଳି ଖେଳ ପରି ଲାଗେ। ଏହା ପରେ ବି ବାଣୀବିହାର ପ୍ରତି ମୋର ଅଛି ଗୋଟେ ବିରାଟ ଦୁର୍ବଳତା, ନିରୁତା ଭଲ ପାଇବା, ଦୀର୍ଘଦିନ ଧରି ଚାଲୁଥିବା ସୃଜନ ଅନୁଷ୍ଠାନ ତାଳପଦେଶ୍ୱରୀ ସାହିତ୍ୟ ଆସର ପ୍ରତି ଲୋଭ ବାଣୀବିହାର ଆଡକୁ ପାଦ ଟାଣିନିଏ। କାଳେ କିଏ ଚିହ୍ନା ମୁହଁ ଦେଖା ପଡିଯିବେ, ଗୋବିନ୍ଦ ସାହୁ ମାର୍କେଟ୍ ଦେଇ ଗ୍ଲାସ କ୍ୟାଣ୍ଟିନ୍ ଆଡେ ଟିକିଏ ବୁଲି ଆସିବାକୁ ଇଚ୍ଛାହୁଏ। ବାଣୀବିହାର ଆପଣାର ଲାଗେ। ତାକୁ ମୋର ମଥାନୁଆଁ ଜୁହାର।

ଅଧ୍ୟକ୍ଷ, ବ୍ରହ୍ମବରଦା ମହାବିଦ୍ୟାଳୟ,
ବ୍ରହ୍ମବରଦା, ଯାଜପୁର - ୫
ପ୍ରତିଷ୍ଠାତା ସମ୍ପାଦକ, ତାଳପଦେଶ୍ୱରୀ ସାହିତ୍ୟ ଆସର

## ବାଣୀବିହାର ! ବାଣୀବିହାର !

◆ ଶତ୍ରୁଜିତ୍

ଦେଖ, ଦୂର ଆକାଶର ବଗିଚାରେ ଫୁଟିଅଛି ପୂର୍ଣ୍ଣିମାର ଜହ୍ନ
ହାତଠାରି କହୁଛି ସେ ହେ ବନ୍ଧୁ ତୁନି ପଡ଼, ଆସ୍ତେ କୁହ କଥା
ସେପାଖ ପାଚେରି କଡ଼େ ପୀରତିରେ ଜୁଡୁବୁଡୁ ଦୁଇଗୋଟି ମନ
ସଖାର କୋଳରେ ସଖୀ ନିଶ୍ଚିନ୍ତରେ ଶୋଇଅଛି ପାତିଦେଇ ମଥା ।

କ୍ୟାମ୍ପସ ସାଜିଛି ଦେଖ ନବବଧୂ ପରି, ବାନ୍ଧି ସଯତ୍ନରେ ଜୁଡ଼ା
ନାନା ରଙ୍ଗ ପୁଷ୍ପ ଶୋହେ ମହମହ ବାସୁଅଛି ଆକାଶ ପାତାଳ
ସିନ୍ଦୂର ପରାଏ ତା'ର ସୀମନ୍ତରେ ଝଟକୁଛି ନାଲି କୃଷ୍ଣଚୂଡ଼ା
ଏ ବେଳରେ ବନ୍ଧୁ ମୋର କାହାକୁ ବା ଭଲ ଲାଗେ ଏତେ କୋଳାହଳ ।।

ତୁମକୁ କି ଜଣାନାହିଁ କୋଳାହଳ ଭାଙ୍ଗିଦିଏ ଯେତେ କୌତୂହଳ
ତୁମେ କି ଜାଣନା ବନ୍ଧୁ ଅନ୍ତରଙ୍ଗ ଲୋଡ଼ିଥାଏ ଖୁବ୍ ନିରବତା
ମଧୁର ଏ ଲଗନରେ ଦୁଇ ମନ ଏକାକାର ଭୁଲି ଫଳାଫଳ
ଏ ମନ ପାରଇ ଜାଣି ଆନ ମନ ଗାଏ ଯେଉଁ ମିଳନ କବିତା ।।।

ସେମାନେ ଥାଆନ୍ତୁ ସେଠି, ଜାରି ରହିଥାଉ ତାଙ୍କ ପ୍ରୀତି ଆଳାପନା
ବିଦ୍ୟାର ଈଶ୍ୱରୀ ତାଙ୍କୁ ଆଶୀର୍ବାଦ ଦେଉଥାନ୍ତୁ ଏତିକି କାମନା ।।।।

ପୂର୍ବତନ ସଭାପତି
ତାଳପଦେଶ୍ୱରୀ ସାହିତ୍ୟ ଆସର

# ଆଲବମ୍


◆ ଡ. ଦେବେନ୍ଦ୍ର କୁମାର ପତି

ବିସ୍ମୃତିର ସଦ୍ୟଝରା ଫୁଲଟିଏ
ପୁଲକରେ ସେଇଫୁଲ
ଗାଇ ଉଠୁଛି ପ୍ରାଣର ସଂଗୀତ ।
ମାଟି ପରେ ଝଡି ପଡୁପଡୁ
ପବନରେ ନିତ୍ୟରାସ ଶୁଣେ
ତା'ପରେ ଆଖିଧାରୁ ନିଆଁଧାର ବୁଣେ ।

ଆପଣାର ଛାତିପରେ
ଥରୁଟିଏ ଜାବୁଡି ଦେଖିଲେ
ଛାତିଏ କୋହକୁ ଯେ ଯମାଟ କରିଛି
କଥାକୁହା ମୁହୂର୍ତ୍ତ ସବୁକୁ
ମେଣ୍ଢାପରି ବାନ୍ଧି ଯେ ରଖିଛି

ଆପଣାର ସିଲ୍‌ହଟ୍ ଚିକ୍କଣ ଦେହରେ
ଆଗାମୀ ସୁନାଦିନ ସବୁ
ରେକ୍‌ଜିନ୍ କନାରେ ବାନ୍ଧିଛି ।
ସେଇ ମୁଁ,
ମୁଁ ଫୁଲ ନୁହେଁ
ପବନ ବି ନୁହେଁ,
ଅବା ନିଆଁଝୁଲା ନୁହେଁ
ତୁଚ୍ଛା ଯାହା ଆଲବମ୍ ଟିଏ ।

*ପ୍ରତିଷ୍ଠାତା ସଭାପତି,*
*ତାଳପଦେଶ୍ୱରୀ ସାହିତ୍ୟ ଆସର*



# ଫୁଟନ୍ତ କଳିକା

## (ଚିତ୍ର)

# ଅତୀତ

◆ ଲୋପାମୁଦ୍ରା କର

ଦିନେ, ଆଡ଼ ଡାହାଣ ଶିଆଳି ଲତା ତଳୁ,
କାହାର ରୋଦନ ଶବ୍ଦ ଶୁଣିଲି,
ଅନ୍ଧାର କ୍ରମଶଃ ଛାୟା ବିସ୍ତାର କଲା,
ତଥାପି ଏ ମନ ମାନିଲାନି,
ଇଚ୍ଛା ହେଲା ଦେଖିବାକୁ
ଏ ରୋଦନ ଶବ୍ଦ କାହାର ଥିଲା,
ମାତ୍ର,
ଘରକୁ ତ ଯିବାର ଅଛି
ଡେରି ହେଇଯିବ,
ଆରେ ଏ ତ 'ଅତୀତ'...।
ପୁନଶ୍ଚ,
ମୁଁ ବର୍ତ୍ତମାନକୁ ପଚାରିଲି,
କ'ଣ ଅତୀତକୁ ଘରକୁ ନେବା,
ସେ କହିଲା ନା...
ମା' ରାଗିବେ, ଗାଳିଦେବେ... ଘରୁ ବାହାର କରିଦେବେ
ମାତ୍ର,
ଯାହା ସହ ଷଢ଼େଇଖେଳ, ବାଲିଘର ଲୁଚକାଳି ସହ
ସକାଳର ସୂର୍ଯ୍ୟ ଅଳସ ଭାଙ୍ଗେ,
ମାର ହାତରନ୍ଧା ଶାଗ ସହ ପଖାଳର ଆସର ଜମେ,
ଓ ସ୍କୁଲ୍‌ରେ ଶିକ୍ଷକ ପଢ଼ାଇବାବେଳେ
ଟକଳ ଫୁଟାଶବ୍ଦ, ଓ
ବାହାରେ ଘଣ୍ଟାଘଣ୍ଟା ଧରି ଅପେକ୍ଷାରତ ମୋ ଅତୀତ।
କିନ୍ତୁ,
ବର୍ତ୍ତମାନ କହିଲା ସେ କେବଳ ଦୁଃଖଦେବ,
କଟା ଘା'ରେ ଚୂନ ବୋଳିବ,
ରାତ୍ରିର ଅନ୍ଧକାରରେ ସ୍ୱପ୍ନାତୀତ ହେବ,
ଶୂନ୍‌ଶାନ୍ ରାତ୍ରିରେ ଆଖିର ଲୁହରେ ଜର୍ଜରିତ ହେବ,
ବର୍ତ୍ତମାନକୁ ସାଙ୍ଗ କଲି
ଘରକୁ ଆସିଲି,
ତଥାପି ମୋ ମନ ମାନିଲାନି,
ଘୋର ରାତ୍ରିରେ ଝରକା ଖୋଲି ଦେଖେ ତ
ଅତୀତ ସେମିତି ମତେ ଅପେକ୍ଷା କରିଛି। ❑

*ରାଜନୀତି ବିଜ୍ଞାନ (୨ୟ ବର୍ଷ)*

## ଅନ୍ତରାଳେ କୋହ

◆ ବିକାଶ କୁମାର ଦାସ

ଜୀବନ ଅନ୍ତରାଳେ ଆସ ପୁଣି କେବେ
ସ୍ମୃତି ଭିଜା ପଣତରେ
ଜୀବନର ଏଇ ମରୁଭୂମି ତାଳେ
କଣ୍ଟା ଫୁଟି ରୁଧିର ଝରେ ।
ସବୁଜିମା ସେଇ ହୃଦୟ ଦୁଆରେ
ଦିନ ଥିଲା ସେଇ ପଡ଼ିଆରେ
କେତେ ଖୋଜିଚି ମୁଁ ଆହା ପୁଣି କେତେ
ଫଗୁ ଫଗୁଆର ଅନ୍ତର ତଳେ ।
ସବୁ ବାକୀ ତାର ଦେଇଛି ଶୁଝି ମୁଁ
ଦେଇଥିଲା ଯାହା ବରଷରେ
ହେଲେ ଆଜି ମୁଁ ଖୋଜି ବି ପାଏନା
ହଜିଗଲା କାହିଁ କେତେ ଦୂରେ ।
ଦ୍ୱାରଦେଶ ତାର ଲୁହାକଣ୍ଟା ଭରା
ପୁଣି କେତେ ବେଦନାର କୋହ
ସେ ଦୁଆର ଆଉ କାହାର ନୁହେଁ ସେ
ସେ ମୋ ହୃଦୟର ସାଇତା ଲୁହ ।
ବିନା ଆଲୋକରେ ପାଏନାହିଁ ଖୋଜି
ସଂଜ ଅନ୍ଧାରେ ପୁଣି ଯାଏ ହଜି
ସିଏ ମୋ ହୃଦୟ ଜୀବନ ରୂପସୀ
ଏଇ ମୋ ପ୍ରେମ ପ୍ରତାରଣା ଛବି ।
❑

*ବୋୟୋଟେକ୍ନୋଲଜି ବିଭାଗ, ବାଣୀବିହାର*

## ହସକାନ୍ଦ ଭରା ଏ ଜୀବନ

◆ କାଦମ୍ବିନୀ ସାହୁ

ହସକାନ୍ଦ ଭରା ଏ ଜୀବନ
କେତେବେଳେ ଦୁଃଖ ପୁଣି କେତେବେଳେ ସୁଖ
କାହାପାଇଁ ଜୀବନ ତ କାହାପାଇଁ ମରଣ
ହାଏରେ ଏ ହତଭାଗା ଜୀବନ ।

କିଏ ଏଠି ବଞ୍ଚିବାକୁ ଚାହେଁ ପୁଣି ବଞ୍ଚିବାକୁ ଚାହେଁନା
ନିତିଦିନ ଏଠି ବଞ୍ଚିବାର ବାହାନା
ବହୁତ ପାଇ ଏଠି ଅଧିକରୁ ଅଧିକ ବାହାନା ।

ଯାହାକୁ ନ ମିଳେ କିଛି
ସେ କରେ ନାହିଁ ଛଳନା
ଯାହାକୁ ମିଳେ ସବୁକିଛି
ସେ ଦେଇପାରେ ଯାତନା ।

ଜୀବନ ବଞ୍ଚିବାକୁ ନାହିଁ ତା' ପାଖେ ଛଳନା
ଜାଣେ ନା ସେ ସୁଖ ସହିଯାଏ ଦୁଃଖ
ଈଶ୍ୱରଙ୍କ ପାଖେ ତାର ଏତିକି କାମନା । ❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ (ଷଷ୍ଠ ବର୍ଷ)*

# ଗୋଲାପର ଚାହାଁଣି

◆ ସୂର୍ଯ୍ୟକାନ୍ତ ଦାସ

ପ୍ରଥମ ଗୋଲାପର ଚାହାଁଣି
ମତେ କରିଦେଇଥିଲା
ତା ପ୍ରତି ଅଧିକ ଅନ୍ତରଙ୍ଗ
ଭଲ ପାଇ ବସିଲି ସେ ଗୋଲାପକୁ
ଯୌବନରେ ପଦାର୍ପିତ ହେବାର ପୂର୍ବାବସ୍ଥାରେ
ସେହି ଫୁଲଟି ପାଇଁ
ମୋ ହୃଦୟ ବ୍ୟାକୁଳିତ ହୋଇଯାଉଥିଲା ।
ଯେମିତି ମୁଁ ଚାହୁଁଥିଲି
ସେ ବୋଧେ ମୋତେ
ତା' ସଜଫୁଟା ପାଖୁଡ଼ାରେ
ତାର ମନମୋହକ ସୁଗନ୍ଧରେ
ଚିରଦିନ ପାଇଁ ବାନ୍ଧି ରଖିବ ।
କିନ୍ତୁ ମୁଁ ସେ ଗୋଲାପର
ନିକଟତର ହେବାପାଇଁ ଆଦୌ ଚାହୁଁନଥିଲି
ଖାଲି ଦୂରରୁ ତା ସଲ୍ଲଜ ଆଖିର ଚାହାଁଣି
ମୋତେ ତୃପ୍ତି, ଆନନ୍ଦ ଓ ଶେଷରେ
ନିର୍ବାଣୋନ୍ମୁଖୀ କରି ଦେଉଥିଲା ।
ସଜଫୁଟା ଫୁଲଟିକୁ ସ୍ପର୍ଶ କରିବା ପାଇଁ
ମୋର ଆଦୌ ଅଭିଳାଷ ନଥିଲା ।
ତାର ସନ୍ନିକଟ ହେଲେ ଯେମିତି
ହୃଦୟ କମ୍ପିତ ହେଇ ଉଠୁଥିଲା
ଆଉ ଶେଷରେ ମୋର ସାରା ଶରୀରେ
ଭୟୋଲ୍ଲସିତ କମ୍ପନ ସୃଷ୍ଟି ହେଉଥିଲା ।
ସେହି ସଦ୍ୟ ଗୋଲାପଟି
ଦିନେ ଅନ୍ୟ ଉଦ୍ୟାନରେ ପ୍ରସ୍ଫୁଟିତା
କୁହନା, କେମିତି ସହିଥିବ
ମୋର ଏଇ କମ୍ପିତ ହୃଦୟ ?
ଆଧ୍ୟାତ୍ମିକ ଚିନ୍ତା, ଚେତନା
ହୋଇଗଲା ମୋର ଅସ୍ଥିମଜ୍ଜାଗତ
ସଂସାରର କାମନା, ଅଭିଳାଷ ପାଲଟିଛି
ମୁଁ ସମ୍ପୂର୍ଣ୍ଣ ବିପରୀତ ।
ଗଡ଼ିଯାଇଛି ସମୟର ସ୍ରୋତ
ହେଲେ ମନ ମୋର ଆଉ ହୋଇନି କମ୍ପିତ ।
ଯୌବନାବସ୍ଥାରେ
ମୋର ସଂସାର ବିମୁଖୀମନ
ପୁନର୍ବାର ଅନ୍ୟ ଏକ ମନମୋହକ ଗୋଲାପ କଲା ଦର୍ଶନ ।
ସଂସାର ପ୍ରତି ମନ ପୁନର୍ବାର ଆକର୍ଷଣ
ମନେ ଜାତ ହେଲା ଏକ ନୂତନ ପ୍ରେମ
ସେହି ସଲ୍ଲଜ ଗୋଲାପୀ ଚାହାଁଣି
ପୂର୍ବଭଳି ମନରେ ସୃଷ୍ଟି କଲା ଏକ ଅପୂର୍ବ ଶିହରଣ ।
ମୋର ଯୌବନର ଉଦ୍ଦାମତାକୁ
ତା ଚାହାଁଣି ଶାନ୍ତ କରିଦେଉଥିଲା
ଆଉ ମୁଁ ସନ୍ନ୍ୟାସୀ ସାଜି
ତା'ର ସଲ୍ଲଜ ଚାହାଁଣୀକୁ ଜପ କରୁଥିଲି
ଏମିତି ଆତ୍ମାର ବିଲୁପ୍ତି ଘଟୁଥିଲା
ପରମାତ୍ମାଙ୍କ ସନ୍ନିକଟରେ ।
ଏ ସଲ୍ଲଜ ଚାହାଁଣି ପରମାତ୍ମାଙ୍କୁ
ପାଇବାର ଏକ ବଳିଷ୍ଠ ମାଧ୍ୟମ କି ?
ଜାଣେନା ଏ ନୁହେଁ ତ
ଆଉ କାହା ହସ୍ତରେ ମଣ୍ଡିତା ।
ପୁନର୍ବାର ଏ କମ୍ପିତ ହୃଦୟ ହୋଇଯିବ ନିଷ୍ପ୍ରାଣ
ଆଉ ହରାଇ ବସିବ ସବୁଦିନ ପାଇଁ ତା ମନର ଶିହରଣ ।

❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ (ପଞ୍ଚମ ବର୍ଷ)*

# ଗୋଲାପ

◆ ସତ୍ୟବ୍ରତ ସାହୁ

ଏଇ ପିଆଲାରେ ଲାଲ ମୋ ରକ୍ତ
ଆହା ! ପାଖୁଡ଼ା ପରେ ପାଖୁଡ଼ା
ମୋ ଡାଏରୀର ସଫା ଫର୍ଦ୍ଦରେ ମନୋରମ ବୃତ୍ତ ମୋଡ଼
ଯା'ର ଅନ୍ତିମ ପୃଷ୍ଠା ପର ଗର୍ଭଗୃହରେ
ଖ୍ରିନ୍‌ଭିନ୍ ତରଳ ମହମ
ଘଣ୍ଟି ପରି ମୁଁ ଝୁଲୁଥାଏ ରାତିର ଦେହରୁ
ରେଶମୀ ଲୁଗାରେ, ସ୍ୱପ୍ନ ଆଉ ନର୍କ ମଝିରେ ॥

ତୁମେ ଆସିଲ ବେଶ୍ କିଛି ବିଳମ୍ବରେ
ଏଇ ଦେଖ, କେମିତି ଛାତିରେ
ସାନ ବଡ଼ ଲମ୍ବିଲେଣି ଅନେକ ଚେର
ଫାଜିଲ୍, ସଳଖ ପୁଣି ବଙ୍କା
ଫେରାର୍ କଏଦୀ ଭଳି ସେମାନେ ବାହାରନ୍ତି ଲୁଚିଲୁଚି
ରାତିଭଳି ଦିନମାନଙ୍କରେ
ବ୍ୟାଣ୍ଡେଜ୍ କନା ଭଳି
ମେଟାଫର ଘୋଡ଼ାଇ ଯେବେ ଫେରନ୍ତି
ମୋ ଘର ହାସ୍ପାତାଳ ଆଳରେ
ଠିକ୍ ସେତେବେଳେ
ଦେବଦାରୁ ଗଛର ୧୦୪ ଡିଗ୍ରୀ ଜର।
ଠିକ୍ ସେତେବେଳେ ଏମାନଙ୍କୁ
ଋ' ଦେଇ ବସାଇବା ବଡ଼ ମୁସ୍କିଲ୍।
ଆଲୁଅରୁ ଅନ୍ଧାର, ଅନ୍ଧାରରୁ ଆଲୁଅ
ମୁଁ ଗୋଟାଇଥିବା ସବୁକିଛି
ଦରଫୁଟା ମଲ୍ଲୀ, ଆଜି ତୁମ ସାମ୍ନାରେ ॥

ପ୍ରିୟାରେ ! ଡେଙ୍ଗଭଳି ନରମ
ଏ ଛାତିକୁ ସବୁଜ ନିଛାଟିଆ ରାସ୍ତା ବଡ଼ ସଂକୀର୍ଣ୍ଣ
ସ୍ଥାନେ ସ୍ଥାନେ ପ୍ରେତାତ୍ମାଙ୍କ ଭୁଜାଳି ଅଭ୍ୟାସ
କଣ୍ଟାଭଳି ତୀକ୍ଷ୍ଣ
ତୁ ବିନା ସଙ୍କୋଚରେ ଆସେ
ସ୍ତୋତ୍ର ପରି ପବିତ୍ରତା ନେଇ
ମୁଁ ଘଉଡ଼ାଇଦେବି ସେମାନଙ୍କୁ
ଆମ ଅବଶିଷ୍ଟ ପରମାୟୁର ସୁନେଲି ପ୍ରାନ୍ତରୁ।
ତା'ପରେ ସ୍ତିମିତ ଲଣ୍ଠନ ଆଲୁଅରେ ଆମ ପାଦ ବଢ଼ାଇବା
ଦେହ ନଥିବା ଇଲାକାକୁ
ଯେଉଁଠାରେ ଆମ ସ୍ମୃତିର ଦୀପାଳି
ପବନରେ ଲିଭିଯିବା ପରେ
ବଡ଼ କଷ୍ଟ ଅନୁମାନ କରିବା ଏ ଧୂଆଁ
ଯାହାପରେ ତୋର ମୋର ମଧ୍ୟରେ କିଛି ବି ତଫାତ୍ ନଥିବ
ଆମ ସ୍ୱପ୍ନର କଳଙ୍କିତ ଅଧ୍ୟାୟ ବି ଯୋଗ୍ୟ ନଥିବ
ମାମୁଲି କୌଣସି ଇତିହାସର ପୃଷ୍ଠା ପାଇଁ,
ବ୍ୟସ୍ତ କଣ ?

ଆଜି ସବୁକିଛି ଅଟକିଯାଇଛି ହାୟ ତୋ ଓଠର ଶବ୍ଦରେ;
ମୋ ମୋକ୍ଷପ୍ରାପ୍ତି ସୁଯୋଗ ଆଜି ତୋ' ଛାତିର ପ୍ରୀତିରେ।
ପୁଣି ତୋ ଛାତିର ଘୃଣାରେ, ଖଇକଉଡ଼ି ପଡ଼ିବ
ମରୁନଥିବା ମୋ ଏ ଅଭିଶପ୍ତ ଜୀବନର ସନ୍ଧିକ୍ଷଣ ॥

❑

*ଏମ୍.ଫିଲ୍ (ବାଣିଜ୍ୟ ବିଭାଗ)*

# ଜୀବନ ଏକ ସ୍ୱପ୍ନ ଅନେକ

◆ ସଂଯୁକ୍ତା ଗମାଙ୍ଗ

ଗୋଟିଏ ଜୀବନ କୋଟିଏ ସପନ
ରାତି ଯାଏ ପାହି ପାହି
ନିଦ ଭାଙ୍ଗିଗଲେ ଶୂନ୍ୟତା ଏଠିକି
ସ୍ୱପ୍ନ ସବୁ ଯାଏ ରହି ।

ନିରାଶା ମନରେ ଲୁହ ଢେଉ ଉଠେ
ବୋହିଯାଏ ସବୁ ଆଶା
ତଥାପି ଲୁହକୁ ପୋଛିଦେଇ ପୁଣି
ଆଗକୁ ଯିବାର ନିଶା ।

ଜୀବନ ବାଟରେ ସପନ ହାଟରେ
ବାଟବଣା ହୁଏ ଆଶା
ବୟସ ନଇରେ ଆୟୁଷ ଡୁଠରେ
ହୁଏ ମୁଁ କି ଲୋକହସା ।

ଦୁଃଖ ମନ ମନ ନେଇ ନୂଆ ଗଢ଼ିବାର
ଇଚ୍ଛା କରୁଥାଏ ଯେତେ
ଭଙ୍ଗା ଅତୀତକୁ ଥରେ ଭାବି ଦେଲେ
ଭାଙ୍ଗି ପଡୁଥାଏ ସେତେ । ❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ (ଷଷ୍ଠ ବର୍ଷ)*

# ଜୀବନ କି ଜଳନ୍ତା ପ୍ରଦୀପ

◆ ରୁକ୍ମିଣୀ ନାୟକ

ଆଖିରେ ସମୁଦ୍ରର ମାଦକତା ।
ମନରେ ଆକାଶର ନିରବତା ॥

ହୃଦୟରେ ଦିଗ୍‌ବଳୟର ଶୂନ୍ୟତା ।
ଗଳାରେ ପବନର ମଧୁରତା ॥

ନାସିକାରେ ରକ୍ତିମ ସୁରୁଜର ଉଷ୍ମତା ।
ଶରୀରରେ ସମୁଦ୍ର ବାଲିର ଆର୍ଦ୍ରତା ॥

ଓଠ ଓଠରେ ମିଶିଯିବାରର ବ୍ୟାକୁଳତା ।
ଜୀବନଟା ଏକ ଜଳୁଥିବା ଦୀପର ବଳିତା ॥

କେବେ ଏହା...
ଯୌବନର ସାନ୍ନିଧ ତ
କେବେ ଏହା ବାର୍ଦ୍ଧକ୍ୟର ବିବଶତା ॥ ❑

*ବିଭାଗ : ଇତିହାସ (ଷଷ୍ଠ ବର୍ଷ)*

## କୁହୁକ ପରାଏ ଜୀବନ

◆ ସୁଶ୍ରୀମଞ୍ଜୁଳା କର

ଜୀବନ ସଞ୍ଜରେ ଲୁଚି ଲୁଚି ଆସି
ମଳୟ ସଂଚରୀ ଦେଲା
ଚୁପି ଚୁପି କିଏ ମୋ କାନ ପାଖରେ
ପ୍ରେମର ବାରତା ଦେଲା।

ନୀରବରେ ଆସି ପାଦ ଥାପି ଥାପି
ମୋ ଦେହକୁ ଛୁଇଁଦେଲା
କୁହୁକ ପରାଏ ରୋମାଞ୍ଚିତ କରି
କେତେ ସିଏ ଛପିଗଲା।
ବେପଥୁ ଭରାଏ ଜୀବନ ସାରା
ଋହିଁ ଋହିଁ କଟିଗଲା
ଜୀବନ ସଂଞ୍ଜରେ...।

ସେ କିଏ ସେ କିଏ କେତେ ମୁଁ ଖୋଜିଲି
ନୟନେ ଧରା ନ ଦେଲା
ଅନେକ ଖୋଜିଲି ଅନେକ ଭାବିଲି
(ସବୁ) ବିସ୍ମୃତିରେ ହଜିଗଲା
ମୋ ମନ ସ୍ମୃତି ବେଳେ ବେଳେ ଆସି
ପବନେ ମିଳାଇଗଲା
ଜୀବନ ସଞ୍ଜରେ...। ❑

*କ୍ୱା.ନଂ- ଏଫ୍ / ୩୩*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

## ଜୀବନଟା ଖଣ୍ଡେ ଟୁକୁଡା କାଗଜ

◆ ଛବି ମହାପାତ୍ର

ଜୀବନଟା ଖଣ୍ଡେ ଟୁକୁଡ଼ା କାଗଜ
ପବନରେ ଉଡ଼ିଯିବ
ଜୀବନଟା ଗୋଟେ ପାଣି ଫୋଟକା
କ୍ଷଣକେ ମିଳାଇଯିବ।
ଜୀବନଟା ଗୋଟେ ବାଲିର ଘର
ଜୁଆର ଭସାଇ ନେବ
ଜୀବନଟା ନୁହେଁ ଆକାଶ ସଦୃଶ
ସବୁଦିନପରି ଥିବ
ଜୀବନଟା ଗୋଟେ କୋମଳ ପୁଷ୍ପଟି
କେତେବେଳେ ଝଡ଼ିଯିବ।।
ଜୀବନଟା ଗୋଟେ କଲମର କାଳୀ
ଝରିଝରି ସରିଯିବ
ଜୀବନଟା କଳା ବାଦଲଟିଏ
ଅଦିନରେ ଝରିଯିବ।
ଜୀବନଟା ନୁହେଁ ଚନ୍ଦ୍ର ସଦୃଶ
ସବୁଦିନ ହସୁଥିବ।
ଜୀବନ ଜୀବନ ଜୀବନ
ଏଇତ ଆମର ଜୀବନ। ❑

*(ପଞ୍ଚମ ବର୍ଷ),ଓଡ଼ିଆ ଭାଷା ଓ ସାହିତ୍ୟ*
*ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ପ୍ରେମ ତୁମ ପାଇଁ

◆ ମନୋଜ କୁମାର ପ୍ରଧାନ

ଜୀବନ ମରୁଭୂମିରୁ ସାଉଁଟି ସାଉଁଟି
ପାଇଛି କବିତା
ଜାଣେନା ଲେଖିବି କାହା ପାଇଁ
ପ୍ରତିମୁହୂର୍ତ୍ତରେ ଜଳୁଥିବା ହୃଦୟର ଅଗ୍ନିଶିଖା ପାଇଁ,
ନା, ସେହି ଅଗ୍ନିଶିଖାରେ ପାଉଁଶ ହେଉଥିବା
ପ୍ରତ୍ୟେକଟି ଆଶା ପାଇଁ
ପ୍ରେମ ଓ ଘୃଣାର ଦୋଛକିରେ ରହି
ପ୍ରତି ମୁହୂର୍ତ୍ତରେ ବୁଝିବାକୁ ଚେଷ୍ଟିତ ତୁମକୁ
ତଥାପି ବୁଝିପାରେନା ତୁମ ମନର ପରିଭାଷା ।
କବିତା ନୁହେଁ ଏ ମାତ୍ର ପ୍ରେମ ଗଳ୍ପ
ତୁମ ପାଇଁ ପାଉଁଶ ଆଜି ମୋର ଜୀବନ ପ୍ରଦୀପ
ସରି ସରି ଯାଏ ଜୀବନ ଆୟୁଷ
ବଢ଼ି ବଢ଼ି ଯାଏ ପ୍ରେମ ।
ହେଲେ ପ୍ରିୟା ମୋର ପାଷାଣୀ ଅହଲ୍ୟା
ଜାଣେ ନାହିଁ ମୋର ନାମ ।
ତୁମ ପାଇଁ ପ୍ରେମ ମୋର
ଖାଲି ଅଭିମାନ ଆଉ ସୂକ୍ଷ୍ମ ଏକ ବିନ୍ଦୁ
କିନ୍ତୁ ମୋ ପାଇଁ ତାହା ଅତି ନିବିଡ଼
ଗଭୀର ପ୍ରେମର ସିନ୍ଧୁ ।। ❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ (ଷଷ୍ଠ ବର୍ଷ)*

# ତାମ୍ରକେଶୀ

◆ ଦିନମଣି ବିଶ୍ୱାଳ

ତୁମେ ରୂପସୀ, ତୁମେ ପ୍ରେୟସୀ ହେ ତାମ୍ରକେଶୀ
ସାଗରର ନୀଳ ଉର୍ମି ପରି ଆଖି ତୁମର
ଭାଙ୍ଗେ ମୋ ହୃଦୟରେ ଲହରିମାଳ
ଗୋଲାପ ପାଖୁଡ଼ା ପରି ଓଠ ତୁମର
ଚୋରି କରିନେଲା ହୃଦୟକୁ ମୋର
ତୁମେ ରୂପସୀ, ତୁମେ ପ୍ରେୟସୀ ହେ ତାମ୍ରକେଶୀ ।

କଥାରେ ତୁମର ମଧୁ ବରଷେ
ଚାଲିରେ ତୁମର ପଦୁଅଁ ଫୁଟେ
ମନକୁ ମୋର କରିଲ ଚୋରି
ତୁମେ ମୋ ରମ୍ଭା, ତୁମେ ଉର୍ବଶୀ, ତୁମେ ମନର ପରୀ
ତୁମେ ରୂପସୀ, ତୁମେ ପ୍ରେୟସୀ ହେ ତାମ୍ରକେଶୀ ।

ହୃଦୟ ତୁମର ପବିତ୍ର ଆଉ ସ୍ୱଚ୍ଛ ନିର୍ମଳ
ଯେପରି ଅଟଇ ଗଙ୍ଗାର ଜଳ
ସେ ଗଙ୍ଗା ଜଳରେ ମୁଁ ସ୍ନାନ କରି
ଦୁଃଖ ସୁଖ ମୋର ଗଲି ପାସୋରି
ତୁମେ ରୂପସୀ, ତୁମେ ପ୍ରେୟସୀ ହେ ତାମ୍ରକେଶୀ ।

ତୁମେ ମୋର ସଜନୀ, ତୁମେ ମୋ ରଜନୀ
ହେ ଗଜଗାମିନୀ
ଏବେ ବି ଅଛି ଜହ୍ନ ସରିନି ରଜନୀ
ଭାବ ନାହିଁ କିଛି କରିବାକୁ ମୋତେ ନିଜର
କହିଦିଅ ମୋତେ 'ତୁମେ ହିଁ ମୋର ତୁମେ ହିଁମୋର'
ତୁମେ ରୂପସୀ, ତୁମେ ପ୍ରେୟସୀ ହେ ତାମ୍ରକେଶୀ । ❑

*ଅର୍ଥଶାସ୍ତ୍ର ବିଭାଗ,*
*ସ୍ନାତକୋତ୍ତର ଷଷ୍ଠ ବର୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟ,*
*ଭୁବନେଶ୍ୱର*

# ପ୍ରିୟାର ହସ

◆ ପବିତ୍ର ଦାସ

ଭାବିଥିଲି
ପଥର ହୃଦୟ ନେଇ ଜୀଇଁଯିବି
କାଳରୁ କାଳାନ୍ତର ଯାଏଁ।
ପାରିଲିନି
ବରଫ ପରି ତରଳିଗଲି, ଆଉ
ନିଜକୁ ସଅଁପି ଦେଲି ତୁମରି ହସ ପାଖରେ।

ଇଏ ସେଇ ହସ ନା ?
ଯେଉଁ ହସ ଟିକକ ଦେଖିବା ପାଇଁ ମୁଁ
ଚାହିଁ ରହିଥାଏ,
ତୁମ ଆସିବା ବାଟକୁ
କିଂତୁ ତୁମେ ବାଟଭାଂଗି ଚାଲିଯାଅ
ପଛରେ ପଡ଼ିରହେ
ମୁଁ ମୋ ରକ୍ତାକ୍ତ ହୃଦୟକୁ ନେଇ।

ମୁଁ ବଞ୍ଚେ କି ମରେ,
ତୁମର କଅଣ ଯାଏ ଆସେ ଯେ ?
ତୁମେ ତ ସାଜିସାରିଛ ଆଉ କାହା
ପିଞ୍ଜରାର ଶାରୀ।

ଭାବିଲି
ତୁମକୁ ନ ପାଇଲି ନାହିଁ
ତୁମର ସେଇ ହସ ଟିକକୁ ନିଜର କରି
କିଛି ମୁହୂର୍ତ୍ତ ବଞ୍ଚିଯିବି ବୋଲି
ହେଲେ ନା

ଶେଷରେ ଏ ଦଗାଦିଆ ଶରୀର ବି
ଦାଉ ସାଧିଲା
ଆଉ କରିଦେଲା ମୋତେ
ମଶାଣିର କବର।

ସରିଗଲା
ମୋ ମନଫୁଲରୁ ସବୁ ରଙ୍ଗ ଓ ସୁବାସ
ଆଉ ପାରିଲିନି ଦେଖି
ତୁମର ସେଇ ମଧୁର ହସ।

ପ୍ରଭୁ ହେ ତୁମରି ପାଖେ ମୋର
ଏତିକି କାମନା
ସଦା ଫୁଟୁଥାଉ ତାଙ୍କରି ମୁହଁରେ
ସେଇ କୋମଳର ହସ।

ଯାହାକୁ ଦେଖି କାନ୍ଥରେ ଝୁଲୁଥିବା
ମୋ ଅଳନ୍ଧୁ ଲଗା ଫଟୋ ବି
କହିବ
ଏ ମୋ ପ୍ରିୟାର ହସ
ଏ ମୋ ପ୍ରିୟାର ହସ। ❑

*(ପଞ୍ଚମ ବର୍ଷ),ଓଡ଼ିଆ ଭାଷା ଓ ସାହିତ୍ୟ*
*ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ବନ୍ଧୁ

◆ ଦୀପ୍ତିମୟୀ ସାହୁ

ଲୁହରେ ଲେଖୁଛି ଅନ୍ତର କଥା ମୁଁ
ତୁମେ ଯେ ପଢ଼ିବ ବନ୍ଧୁ
ଏ ଦୁଃଖୀ ଜୀବନେ ଥିଲ ଯେ ସାହାରା
ଆଶାର ଆଲୋକ ସିନ୍ଧୁ ।

ଜୀବନ ଭେଳାରେ ବନ୍ଧୁଟେ ପାଇଲି
ବନ୍ଧୁ ତା' ବୁଝିଲା ନାହିଁ
ପ୍ରତାରଣା କରି ଛାଡ଼ି ଚାଲିଗଲା
ମରୁଭୂମିର ଥୁଣ୍ଟା ଗଛ କରିଦେଇ ।

ଅତୀତର ସ୍ମୃତି ସାଉଁଟି ସାଉଁଟି
ବଞ୍ଚୁଛି ମୁଁ ଦିନ ରାତି
ବନ୍ଧୁ ତୁମେ ସିନା ଛାଡ଼ି ଚାଲିଗଲ
ଛାଡ଼ି ଯାଇ ନାହିଁ ସ୍ମୃତି ।

ବନ୍ଧୁତା ନୁହେଁ ଫୁଲର ପାଖୁଡ଼ା
ବାସି ହେଲେ ଝଡ଼ିଯିବ
ଅଟେ ଏହା ସଜ ପ୍ରୀତିର ଚନ୍ଦନ
ହୃଦୟେ ମହକୁ ଥିବ ।

ବନ୍ଧୁତାର ଏହି ସ୍ୱୀକାରୋକ୍ତି ନେଇ
ପଡ଼ିଥିଲି ତୁମ ପ୍ରେମ ଭଉଁରିରେ
ତଥାପି ବଂଧୁ, ଚାହିଁବି ତୁମକୁ
କାଳେ ଦେଖାଦେବ ଥରେ ।

ବନ୍ଧୁତାକୁ ନେଇ ରଖିବି ମୋର
ହୃଦୟର ଗନ୍ତାଘରେ
ବନ୍ଧୁତା ଛଡ଼ା କେହି ରହିବେନି
ମୋର ଏହି ହୃଦୟରେ ।
ମୁଁ ଯଦି କବି ହୁଏ
ତୁମେ ମୋ କବିତା
ତୁମ ପାଇଁ ସରିବନି
ମୋର ଏଇ ଲେଖା ।

ତଥାପି ଆଜି ମୁଁ କରୁଛି ଗୁହାରି
ଈଶ୍ୱରଙ୍କ ପାଦ ଛୁଇଁ
ଆୟୁଷ ମୋ ନେଇ ବଞ୍ଚିଥାଅ ତୁମେ
ତୁମ ଦୁଃଖ ମୋତେ ଦେଇ । ❑

*ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ*
*ବିଭାଗ(ଷଷ୍ଠ ବର୍ଷ)*

## ତୁମରି ସ୍ମୃତି

◆ ମିନତୀ ପରିଡ଼ା

ଶୁଭ ସକାଳରେ ଆମ ଅଗଣାରେ
ଡାକି ନାହିଁ କାଆ କାଆ
ଶୀତଳ ସମୀର ମାଟିରେ ଲେଖିନି
ତୁମର ସୁଂଦର ନାଁ।

ଫୁଲ ଫୁଟି ନାହିଁ ବାସ ଛୁଟି ନାହିଁ
ତୁମେ ପାଶେ ନାହଁ ବୋଲି
ସବୁଜ ଶ୍ୟାମଳ ଅଂଚଳ ଲାଗୁଛି
ମରୁ ମରୀଚିକା ବାଲି।

ପବନ ବହୁନି କୋଇଲି ଗାଉନି
ଘରିଆଡ଼େ ନିରବତା
କଲମ ଲେଖୁନି ତୁମରି ସ୍ମୃତିରେ
କବିତାରେ ନୂଆ କଥା।

ହସ ନାହିଁ ବୋଲି ବିଷର୍ଣ୍ଣ ଦିଶୁଛି
ମୋ ମନର ଉପବନ
ଏଇ ମୋର ନେତ୍ର ତୁମରି ପାଇଁକି
କାନ୍ଦେ ବସି ରାତିଦିନ।

ତୁମ ସ୍ମୃତି ଧରି ଏକା ଏକା ଚଲେ
ଜୀବନର ଚଲାପଥେ
ଦେଖି ଯାଅ ଥରେ କଅଁଳ ପାଦରେ
କଣ୍ଟା ଫୁଟିଅଛି କେତେ ? ❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ (୫ମ ବର୍ଷ)*

## ଅନନ୍ତ ପଥ

◆ ସତ୍ୟଜିତ୍ ଦାସ

ତୁମକୁ ମୁଁ ଖୋଜୁଛି
ଦୂର ଦିଗ୍‌ବଳୟର ଅପହଞ୍ଚ ଇଲାକାରେ
ଯେଉଁଠି, ମୁଁ
ତୁମ ଅସ୍ତିତ୍ୱକୁ ଖୋଜୁଥିଲି।
ମନର ଦେହଳିରେ
ସଜଳ ସାଇତା ସ୍ମୃତି ମଧ୍ୟରେ
ଖେଳୁଥିଲା ତୁମରି ଛବି।
ଅସଜଡ଼ା ପଥରେ
ଖୋଜୁଥିଲି ତୁମକୁ
ସମୟର ଘେରାବାଲିରେ।
ତୁମକୁ ମୁଁ ଖୋଜିଛି,
ଅମାବାସ୍ୟାର ଅମା ଅନ୍ଧକାର ମଧ୍ୟରେ।
ସାଗରର ନୀରବତା,
ଝଡ଼ ଉଠେ ଶ୍ରାନ୍ତ ମନରେ।
ଖୋଜିବାର ଅନ୍ତ ନାହିଁ;
ନୀଡ଼ହୀନ ହୃଦୟରେ।
ଅନନ୍ତକାଳ ପାଇଁ ଖୋଜିଛି ତୁମକୁ
ଅସମାହିତ ପ୍ରଶ୍ନଟିଏ ହୋଇ।
ତଥାପି ଅନିର୍ଦ୍ଦିଷ୍ଟ ଲକ୍ଷ୍ୟ
ସକଳ ବ୍ୟର୍ଥତା ମଧ୍ୟେ,
ଖୋଜିବାର ପଡ଼ିନାହିଁ ପୂର୍ଣ୍ଣଚ୍ଛେଦ।
ଚାଲିବାରେ ଗ୍ଲାନି ନାହିଁ
ଶୂନ୍ୟତା ଓ ବାସ୍ତବତା ମଧ୍ୟରେ
ପାଇବାକୁ ତୁମରି ସାନ୍ନିଧ୍ୟ। ❑

*ପୂର୍ବତନ ସଂପାଦକ*
*ତାଳପଦେଶ୍ୱରୀ ସାହିତ୍ୟ ଆସର, ବାଣୀବିହାର*

# ସ୍ମୃତି ମାନସରେ

◆ ପ୍ରିୟଙ୍କା ମହାପାତ୍ର

ମନେପଡ଼େ ଆଜି ବର୍ଷାରାତି ସେଇ ଶ୍ରାବଣର
ମନେପଡ଼େ ପୁଣି ରଙ୍ଗ ଖେଳ ସେଇ ଫଗୁଣର,
ଇଚ୍ଛା ହୁଏ ପୁଣି ଥରେ ଫେରଯିବି
ସେଇ ଖରାବେଳିଆ ଆମ୍ବ ତୋଟା
ଯୋଉଠି ଦିନେ ଅଳାଜୁକୀ କୋଇଲିଟା
ଗାଉଥିଲା ଆମ ପ୍ରେମ ଗାଥା ।
ମନେପଡ଼େ ଆଖିର ସେଇ ଚାହାଣୀ
ଯିଏକି ଦିନେ ଇସାରା ଇସାରାରେ କହିଥିଲା
ପ୍ରେମର ଅନେକ କାହାଣୀ ।
ତୁମକୁ ଟିକେ ଦେଖିବାକୁ
ଅଭିସାରିକା ସାଜି କେତେ ଯେ କରିଛି ଅପେକ୍ଷା
ହେଲେ କାହିଁକି କେଜାଣି ତୁମକୁ
ଦେଖିବା ମାତ୍ରେ ଲୁଚିଯିବାକୁ ଇଚ୍ଛା ହୁଏ ।
ଯେବେବି ଅତୀତକୁ ଲେଉଟାଏ
ମନେପଡ଼େ ତୁମ କଥା
କାହିଁକି ନା ତୁମେ ଥିଲ ଜହ୍ନଟିଏ ମୋ ମନ ଅଗଣାରେ
ସ୍ୱପ୍ନଟିଏ, ମୋ ନିଝୁମ୍ ରାତିର
ତୁମେ ଥିଲ ଶିଖାଟିଏ ମୋ ମନର ପ୍ରଦୀପର
ପୁଣି ଥିଲ ପ୍ରତିବିମ୍ବ ମୋ ମନ ଦର୍ପଣର
ହେଲେ ଆଜି ସାଜିଛି କେବଳ ସ୍ମୃତିଟିଏ
ମୋ ମାନସ ପଟର । ❑

*ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,*
*ବାଣୀବିହାର, ଭୁବନେଶ୍ୱର (ଷଷ୍ଠ ବର୍ଷ)*

# ଅଙ୍କଲ୍ ନମସ୍କାର

◆ ତ୍ରିନାଥ ମଲ୍ଲିକ୍

ଦିନେ ସେ ଯାଉଥିଲା ବାଟରେ
ଫେରୁଥିଲି ମୁଁ ସେଇପଟରେ
ହଠାତ୍ ଦେଖା ହେଲା
ରାଜଧାନୀର ରାଜପଥରେ ।

ଆପ୍ତେକିନା ଡାକିଲି... ଜଲି
ମୋ ଡାକ ଶୁଣି ଚାହିଁଲା ସେ ବୁଲି
ପଚାରିଲା ମୋତେ... ତମେ ସେହି..
ପୁଣି କହିଲା ଛାଡ଼ ସେ ପଛ କଥା
ଆସିଛୁ ଆମ୍ଭେ ଭୁବନେଶ୍ୱର ବୁଲି ।

କହିଲ ଦେଖି ଛାତିରେ ହାତ ରଖି
ସମସ୍ତେ କ'ଣ ଭୁଲି ପାରନ୍ତି
ସେଇ ପ୍ରଥମ ଦେଖା, ପ୍ରଥମ ଭେଟ, ପ୍ରଥମ ଚାହାଣି
ଆଉ ପ୍ରଥମ ଚେରା ଅନୁଭୂତିକୁ ।

ମୁଁ ବି କେମିତି ପାରିଥାନ୍ତି ଭୁଲି
ଅତୀତରେ ଘଟିଥିବା ଘଟଣା ଆଉ ଜଲିକୁ
କଲେଜରେ ଥିଲା ସେ ଚୁଲ୍‌ବୁଲି
ମୁଁ ବି ଭଲ ପାଠ ପଢୁଥିଲି
ଏକ ଦିନେ ସେ ଲାଜେଇ କଣ୍ଠରେ କହିଲା
ମନର କଥା ଖୋଲି
ଆପ୍ତେ ସବୁ ମୁଁ ବୁଝିଗଲି ।

କଥା ତ ବଢ଼ିଲା ସାହସ ବଢ଼ିଲା
ଖବର ତାଙ୍କ ଘରକୁ ଦେଲି
ଚାକିରୀ ନାହିଁ, ବାକିରି ନାହିଁ, ବେକାର ଟୋକା
ଘରୁ ତାଙ୍କ ପ୍ରତିଉତ୍ତର ପାଇଲି ।

ହଠାତ୍ ଦିନେ ମୋ ସାଙ୍ଗ ଖବର ଦେଲା
ଜଲିର ବିବାହ କେଉଁ ଏକ
ଅଜଣା ଦୂର ଜାଗାରେ ସରିଗଲା ।
ସେବେଠାରୁ ଦେଖାନାହିଁ ଆଉ ଜଲି
ମନେ ମନେ କିନ୍ତୁ ଅନେକ ଖୋଜିଲି
ଦେଖିଥିବା ସ୍ୱପ୍ନଗୁଡ଼ାକ ପାସୋରିଲି
ଦିନ ପରେ ଦିନ ଦଶବରଷ ଗଲା ଚାଲି ।

ଏମିତି ଅନେକ କଥା ଭାବୁଭାବୁ
ହଠାତ୍ ମୁଁ ଘାବୁରେଇଗଲି
ଶୁଣି ଏକ ଶିଶୁର କଣ୍ଠସ୍ୱର
କହୁଥିଲା ସେ ବାରମ୍ବାର
ଅଙ୍କଲ ନମସ୍କାର, ଅଙ୍କଲ ନମସ୍କାର
ପାଖରେ ଥିଲେ ଜଣେ ଡେଙ୍ଗା ଯୁବକ
ଚାହୁଁଥିଲି ହୋଇ ବକ ବକ
ମୁଁ ପଚାରିବା ଆଗରୁ
ପରିଚୟ ଦେଇ ଜଲି ଦେଲା ଉତ୍ତର
ଏ ମୋ ମିଷ୍ଟର, ଆଉ ସେ ପୁଅ ନିରାକାର
ଜଲି ଠାରୁ ଶୁଣି ଏମନ୍ତ ବାଣୀ
ହେଲି ମୁଁ କାତର
ଏଥର ମୁଁ ଆସୁଛି ଜଲି,
ସମୟ ହେଲାଣି ଉଛୁର
ବାହାରିଲି ସେଠୁ ହୋଇ ତରତର
ପଛରୁ ଶୁଣୁଥିଲି ଶିଶୁଟିର ଡାକ ବାରମ୍ବାର
ହାତ ହଲାଇ କରୁଥିଲା ଟା... ଟା...
ଏବଂ କହୁଥିଲା
ଅଙ୍କଲ ନମସ୍କାର, ଅଙ୍କଲ ନମସ୍କାର । ❑

*ବରିଷ୍ଠ ଗବେଷକ, ଓଡ଼ିଆ ବିଭାଗ*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ପ୍ରିୟ ପୂର୍ବସାଥୀ

◆ **ଶିବାନୀ ପଣ୍ଡା**

ସମୟର କାନ୍‌ଭାସ୍‌ରେ ତୁମେ ଭିନ୍ନ ଏକ ଜଳଛବି
ମୋ ଜୀବନ ଅଞ୍ଜୁମନ୍‌ର ତୁମେ ଭରିଛ ସପ୍ତପୂରବୀ ।

କେବେ ତୁମେ ଆସ ସଞ୍ଜ ସଳିତାର ଦିପ୍‌ଦିପ୍ ଦୀପାଳିରେ
କେବେ ପୁଣି ଆସ ନିଝୁମ୍ ରାତିର ଅମା ଅନ୍ଧକାରରେ ।

ତୁମେ ପୁଣି ସାଜ କୁହୁତାନ କୋଇଲି ସ୍ୱରର
ତୁମେ ପୁଣି ସାଜ ଅସ୍ତରାଗ ଗୋଧୂଳି ବେଳାର ।

ଆମେ ସାଥି ହୋଇ ଚାଲିଛେ ବାଟ ଅନେକ ଦୂର
କଥା ସହ କଥା ଗୁନ୍ଥି ଗଢ଼ିଛେ ଅନେକ ହାର ।

ତୁମେ ଦିନେ ସାଜିଥିଲ ମୋ ରଥ ପାଇଁ ସାରଥି
ତୁମକୁ ପାରିବିନି ଭୁଲି ହେ ମୋ ପ୍ରିୟ ପୂର୍ବସାଥି ।

ଏତିକି ଗୁହାରି ମୋର ଈଶ୍ୱରଙ୍କ ଦ୍ୱାରେ
ପୁନର୍ବାର ଫେରିଆସ ମୋ ଜୀବନରେ ।

ପୁଣି ଗଢ଼ିବା ଘର ସ୍ୱପ୍ନ ମହଲରେ
ଚାହିଁ ରହିଥିବି ସାଥି ତୁମ ପଲକରେ ।

କେଉଁଠି ଲୁଚିଛ ତୁମେ ଖୋଜି ମୁଁ ପାରୁନି
ଖୋଜି ଖୋଜି କେତେ ଯେ ହତାଶ ହେଲିଣି ।

କରାଅନି ଭୀତ ଫେରି ଆସ ମୋର ପ୍ରୀତି
ତୁମ ବାଟ ଚାହିଁ ବସିଛି ତୁମ ସାଥି । ❑

*(ଏମ୍.କେ.ଏମ୍.ସି)*

# ମନେପଡ଼

◆ **ଦୀପକ କୁମାର ଶତପଥୀ**

ରାତ୍ରିର ଅନ୍ଧାରେ         ନିଦ୍ରାର ସ୍ୱପ୍ନରେ
ମନେ ପଡ଼ିଯାଅ ତୁମେ
ଉଷାର ଆଲୋକେ         ଆଖିର ପଲକେ
ଦେଖେ ତୁମକୁ ପ୍ରଥମେ।

ଶୀତ ସକାଳର         ପହିଲି ରବିର
ତୁମେ ଯେ ରକ୍ତିମ ଆଭା
ନୀଳ ସମୁଦ୍ରର         ତୁମେ ଯେ ଜୁଆର
କି ବର୍ଣ୍ଣିବି ତୁମ ଶୋଭା।

ନିର୍ମଳ ଚନ୍ଦ୍ରରେ         ଦେଖେ କେତେବାରେ
ତମ ଚନ୍ଦ୍ରମା ଚକ୍ଷୁର
ନିରୋଳା ନିଶିରେ         ମନ କାଗଜରେ
ଲେଖେ ବିନୟ ପତର।

ଘାସ ଗାଲିଚ୍ଚର         ତୁଷାର ବିନ୍ଦୁର
ତୁମେ ଯେ ସବୁଜଧାରା
ମୁଣ୍ଡରେ ଓଢ଼ଣୀ         ସାଜି ମୋ ଘରଣୀ
କେବେ ଦେବୁ ମୋତେ ଧରା।

ତୁମେ ଯେବେ ହସ         ଝରିପଡ଼େ ବାସ
ପବନ ପରାୟେ ହୋଇ
ଗୁଣୁଗୁଣୁ ହୋଇ         ଉଠ ଯେବେ ଗାଇ
କର୍ଣ୍ଣେ ମୋର ହୁଏ ବାଇ।

ନୟନେ ଅନଳ         ସାଜି ମୁଁ ବିହ୍ୱଳ
ଦିବା ନିଶି ହୁଏ ସମାନ
ନିନ୍ଦା ଅପବାଦ         କରି ମୁଁ ସଂଘାତ
ତୁମ ପ୍ରେମେ ହୁଏ ବିଲୀନ।

ଯେତେ ଯନ୍ତ୍ରଣା ମୁଁ         ପାଇଛି ଜୀବନେ
ସେତେ ମନେପଡ ତୁମେ
ପ୍ରେମର ଅବିର         ଯନ୍ତ୍ରଣା ଜର୍ଜର
ମୋ ପାଇଁ ମରତ ଭୂମେ।

ମନ ମଧ୍ୟେ ମୋର         କରିଦେଲ ଘର
ହୃଦୟ ହେଲା ମନ୍ଦିର
ସେହି ମନ୍ଦିରରେ         ତୁମେ ଦେବୀ ହେଲ
ମୁଁ ହେଲି ଦ୍ୱିଜ କୁମାର।

ସଂଧ୍ୟାର ନିର୍ମଳେ         ପକ୍ଷୀଙ୍କ ଗହଳେ
ଉଡ଼ି ଯାଉଥାଅ ବନେ
ସେ ଦୃଶ୍ୟ ସୌନ୍ଦର୍ଯ୍ୟ         କଳ୍ପନା କରି ମୁଁ
ଭାବି ବସେ ମନେ ମନେ। ❑

*ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ*
*ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,*
*ବାଣୀବିହାର (୫ମ ବର୍ଷ)*

# ତୋତେ ଭୁଲିଯିବି

◆ କାହ୍ନୁ ନାୟକ

ତୋତେ ଭୁଲିଯିବି
ଏମିତି ହେବାର ନାହିଁ
ତୁ ମନେ ନ ପଡୁ
ଏମିତି ଦିନ ତ ନାହିଁ ।
ଜହ୍ନକୁ ତ କେବେ କହ
ଭୁଲିଚି କଇଁ
ତୁ ମନେ ନ ପଡୁ ଏମିତି
ଦିନ ତ ନାହିଁ ।

XXX XXX XXX

ପ୍ରେମ ତ ନୁହଁଇ ଶ୍ରାବଣର ଛିଟା
ବରଷାରେ ଭିଜିବା ପାଇଁ
ପ୍ରେମ ତ ଅଟଇ ପବିତ୍ର ବନ୍ଧନ
ଜଗତ ବାନ୍ଧିବା ପାଇଁ ।

XXX XXX XXX

ତୋତେ ଭୁଲିଥିବା ପାଇଁ ଅନେକ ଭାବିଛି
ଭୁଲି ମୁଁ ପାରୁନି କାହିଁ
ପ୍ରଥମ ଦେଖାରେ ମନ ଦେଇଥିଲି
କେମିତି ଭୁଲିବି ମୁହିଁ ।

XXX XXX XXX

ମୁଁ ଆଜି ବଞ୍ଚିଛି
କେବଳ ତୁମରି ପାଇଁ
କେମିତି ଭୁଲିବି କହ
ଜହ୍ନକୁ ଭୁଲିଛି କେବେ ଦିବାନୀ କଇଁ
ତୁ ମନେ ନ ପଡୁ
ଏମିତି ଦିନ ତ ନାହିଁ । ❑

*ଓଡ଼ିଆ ଭାଷା ସାହିତ୍ୟ ବିଭାଗ*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ଚନ୍ଦ୍ରମାର ଚୁଡି

◆ ପବିତ୍ର ରାଉତ

ଚନ୍ଦ୍ରମା ମରିନାହିଁ ଏବେବି ବଞ୍ଚିଛି
ତା'ର ଠୋପାଏ ସିନ୍ଦୂର
ଆଉ ଦୁଇ ମୁଠା ଚୁଡିରେ
ରୁଣ୍ ଝୁଣ୍ ଶବ୍ଦର ତାଳେ ତାଳେ ।
ସକାଳର ସୂର୍ଯ୍ୟୋଦୟ ପୂର୍ବରୁ
ଚନ୍ଦ୍ରମାର ନୁଆଣିଆ ଅଧାମେଲା ଦର୍ଜାକୁ
ଠକ୍ ଠକ୍ କରନ୍ତି ତାର ବାବୁ ମାଲିକ ମାନେ
"କିଲୋ ଚନ୍ଦ୍ରା ଯିବୁ ନାଇଁ କାମକୁ
ପାହାଡର ଆରପଟେ ରାସ୍ତାକାମ ହେବ ?"
ପୁଣି କେହି କେହି କୁହନ୍ତି,
"ଆଜି ମୋର ଘର ଛାତ ପଡିବ ।"
ଚନ୍ଦ୍ରମା ଚାଲେ ରାସ୍ତାର ବାମପଟେ
ତା'ର ସାଥିମାନଙ୍କ ସହ
ଅନେକ ଭଲମନ୍ଦ କଥା ହୋଇହୋଇ
ଚନ୍ଦ୍ରମା ହଲିଝୁଲି ଚାଲୁଥିବା ବେଳେ
ତାର ଚୁଡି ରୁଣ୍‌ଝୁଣ୍ ଶବ୍ଦ ହୁଏ
ଠିକ୍ ମନେ ପଡେ,
ତାକୁ ଛାଡି ଯାଇଥିବା ତାର ଗେରସ୍ତ କଥା
କେତେ ସୁଖ ପାଇଥିଲା ! ତାକୁ
ତା'ର ମନଜାଣି ଆଣୁଥିଲା ନାନା ଦ୍ରବ୍ୟ
ନାନା ରଙ୍ଗ ବେରଙ୍ଗର ଶାଢୀ
ନାଲି ସିନ୍ଦୁରକୁ
ରୁଣ୍ ଝୁଣ୍ କରୁଥିବା ମୁଠାମୁଠା ଚୁଡି

କେତେଥର କହୁଥିଲା ତାକୁ
ଟିକେ ହଲେଇଲୁ ହଲେଇଲୁ
ତୋ ଦୁଇ ବାହୁର ଦୁଇ ମୁଠା ଚୁଡି
ଆଜି ଚନ୍ଦ୍ରମା ନିର୍ଯ୍ୟାତିତା ଓ ଅବହେଳିତା
ସେ ଦାଦନ ଖଟୁଛି
ସହରର ଧନାଢ୍ୟ ମାଲିକର ଘରେ
ପୁଣି କେତେବେଳେ କଣ୍ଟ୍ରାକ୍ଟର ବାବୁଙ୍କ ପାଖରେ
ରାସ୍ତାଘାଟ ମରଣାନ୍ତ କାମ କରୁଛି !
ତା'ର ମାଲିକ ବାବୁମାନେ ତା ଉଦ୍ଦେଶ୍ୟରେ
ଅନେକ ଅଶ୍ଳୀଳ ଶବ୍ଦ ଫିଙ୍ଗନ୍ତି ।
ସେ ନଇଁଥିବା ବେଳେ କିମ୍ବା
ତା ଅସଜଡା ଅଧାଫୁଙ୍ଗୁଳା ପୋଷାକ ଭିତରୁ
ତା ଦେହର ଯୌବନକୁ ନିରିଖି ଦେଖନ୍ତି
ଅତି ତୃଷାଳୁ ଚକ୍ଷୁରେ ।
ପୁଣି ଦୁଇ ଅର୍ଥବୋଧକ ଶବ୍ଦ ଶୁଣାନ୍ତି
ଚନ୍ଦ୍ରମାର ରୂପଭେକ ଯୌବନକୁ ନେଇ !
ପେଟ ପୋଡିଗଲେ ନାନା ନାଟ କରିବାକୁ ହୁଏ
ଚନ୍ଦ୍ରମାକୁ ଠିକ୍ ଜଣାଅଛି,
ତେଣୁ ତାକୁ କରିବାକୁ ହୁଏ ଅସହ୍ୟ ଖଟଣି
ଠିକ୍ ସେତେବେଳେ ତା'ର  ଚୁଡି ରୁମ୍‌ଝୁମ୍ ହୁଏ
ପୁଣି ତା କାମର ବେଖିଆଲି ଯୋଗୁଁ



ତୁଟିଯାଏ ତା'ର ଅତି ଆଦରର କେଇପଟ ଚୁଡି
କଷ୍ଟଲାଗେ ଆଉ ମନେପଡେ
ତା ଗିରସ୍ତ ଚନ୍ଦ୍ରମାକୁ ଦେଇଥିବା କଥା,
"ମୁଁ ଯାଉଛି ବିଦେଶକୁ
ପୁଣି ଫେରିବି ଅତି ଶୀଘ୍ର
ବିଦେଶରୁ ଫେରିଲେ ଆଣିଥିବି ତୋପାଇଁ
ଦାମିକିଆ ଦୁଇମୁଠା ଚୁଡି ।"
କେତେ ଦିନ ମାସ ବର୍ଷ ଚାଲିଗଲାଣି
ମନେପଡେ ତା ଗିରସ୍ତ ସହ ଶେଷମିଳନ
ଚନ୍ଦ୍ରମା ଭୁଲିନି ତା'ର ପୂର୍ବ ସ୍ମୃତି କଥା
ଆଜି ବି ତା ଗିରସ୍ତ ବଞ୍ଚିଛି ଚନ୍ଦ୍ରମାର ସ୍ମୃତିରେ
ଆଉ ବଞ୍ଚିଛି
ଚନ୍ଦ୍ରମାର ଦୁଇମୁଠା ଚୁଡିର ରୁଣଝୁଣ୍ ଶବ୍ଦରେ !! ❑

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ,
ଓଡିଶା, ଏମ୍.ଫିଲ୍ (ଓଡିଆ ଭାଷା ସାହିତ୍ୟ ବିଭାଗ)

# ମୋ ପ୍ରଚ୍ଛନ୍ନରେ ଏକ ଜୀବନ

◆ ରମେଶ ଚନ୍ଦ୍ର ମଲିକ

ମୁଁ ଦେଖେ,
ମୋ ପ୍ରଚ୍ଛନ୍ନରେ ଏକ ଜୀବନ
ଦେଖେ କେତେ ସ୍ମୃତି
କେତେ ଉପଦେଶ
କେତେ ଯେ ଦର୍ଶନ
ହଜିଯାଇଥିବା କେତେ ସ୍ୱପ୍ନ।

ମୁଁ ଦେଖେ,
ମୋ ପ୍ରଚ୍ଛନ୍ନରେ ଏକ ଜୀବନ
କାରୁବାକୀର ପ୍ରେମ
ଅଶୋକଙ୍କ କଳିଙ୍ଗ ଆକ୍ରମଣ
ଦୟାନଦୀର ଉଦାରତା
ଆଉ ସଂଘ ଶରଣଂ ଗଚ୍ଛାମି
ଧର୍ମଂ ଶରଣଂ ଗଚ୍ଛାମି
ବୁଦ୍ଧଂ ଶରଣଂ ଗଚ୍ଛାମିରେ
କଳିଙ୍ଗର ଇତିହାସ
ମୁଁ ଦେଖେ ମୋ ପ୍ରଚ୍ଛନ୍ନର ଏକ ଜୀବନ।

ମୁଁ ଦେଖେ,
ମୋ ପ୍ରଚ୍ଛନ୍ନରେ ଏକ ଜୀବନ
ନୂଆ ଲାଗେ
ଅତି ନୂଆ
ଜାତି, ଧର୍ମ ଲିଙ୍ଗକୁ ନେଇ
ହୋଇଥିବା ପରିଚୟ
ଯେଉଁଠି ଅସ୍ୱଷ୍ଟ ଲାଗେ
ଗଣତନ୍ତ୍ରର ଅଧିକାର।

ମୁଁ ଦେଖେ,
ମୋ ପ୍ରଚ୍ଛନ୍ନରେ ଏକ ଜୀବନ
ମୋତେ ଲାଗେ ପ୍ରତ୍ୟେକ ମୁହୂର୍ତ୍ତ
କାର୍‌ଗିଲ୍‌ର ଇସାରା
ତା'କୁ ସମ୍ମାନ କରିବାକୁ ହେବ।
ମୁଁ ଦେଖେ,
ମୋ ପ୍ରଚ୍ଛନ୍ନରେ ଆଉ ଏକ ଜୀବନ। ❑

*ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ*
*ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*



# ପ୍ରେମ ନା ବନ୍ଧୁତା

◆ ବିଜୟଲକ୍ଷ୍ମୀ ପରିଡ଼ା

ଯେବେ ମୁଁ ଋହିଁଛି ଦୂର ଦିଗ୍‌ବଳୟକୁ
ଖୋଜିଛି ତୁମର ଛବି,
ଦେଖିନି ମୁଁ ଆଜି ତୁମେ କେମିତି
ହେଲେ କଳ୍ପନାରେ ଦିଏ ଭାବି।

କଳ୍ପନା କାଉଁରୀ ସ୍ପର୍ଶରେ, ତୁମେ ଯାଅ ଛୁଇଁ
ଏ ଋତକ ଆଖି ତୁମକୁ ଦେଖିପାରେ ନାହିଁ।

ଅନୁଭବୀ ହୃଦୟ ମୋ କହେ ନାହଁ ତୁମେ ବେଶିଦୂରେ
ତୁମକୁ ଦେଖିବା ଆଗରୁ ମୋ ଆଖି ପଛକୁ ଫେରେ।

ପବନ ସୁଅରେ ଭାସି ଆସେ ତୁମର ବାରତା
ବୁଝିହୁଏ ନାହିଁ ଏ ତୁମ କଥା ନା କବିତା।

ଅଦିନ ଫଗୁଣେ କଲ ଫୁଲର ବର୍ଷା
ତୁମକୁ ମୋତେ ନେଇ ସମୟ ବି କରେ ଈର୍ଷା।

ପଋରେ ଯେବେ ମୁଁ ଏ ସଂପର୍କ କେଉଁ ଜନମର
ଉତ୍ତର କରେ ଏ ସମୟ ଏହା ଜନ୍ମଜନ୍ମାନ୍ତର।

ଜାଣିହୁଏ ନାହିଁ ଏହା କଳ୍ପନା କି ବାସ୍ତବତା
ଏ ସଂପର୍କ ଆମର ପ୍ରେମ ନା ବନ୍ଧୁତା। ❑

*(ପଞ୍ଚମ ବର୍ଷ),ଓଡ଼ିଆ ଭାଷା ଓ ସାହିତ୍ୟ*
*ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ସମୟ ଆଉ ତୁମେ

◆ ଅଶ୍ୱିନୀ କୁମାର ସାହୁ

ଭାରି ମନେପଡ଼ ତମେ
ଇଚ୍ଛା ହୁଏ ଟିକେ ଦେଖିବି
କିଛି କହିବି
ଅଗଣା ଆଡ଼େ ଟିକେ ବୁଲି ଆସିବି।

ତୁମ ହାତଧରି ନୁହେଁ
ତୁମ ରାସ୍ତାରେ ଋଲିବି
ତୁମେ ମତେ
ଆଉ ମୁଁ ତୁମକୁ ଆଶ୍ୱାସନା ଦେବା
ହେଲେ ନା...।

ସମୟ ଆଜି ବାନ୍ଧି ଦେଇଛି
ତୁମକୁ ମୋତେ ଏ ସମାଜକୁ
ସମୟଟା ବି ସେଇପରି
ହଠାତ୍ ଆସେ ସବାର ହୁଏ
ପୁଣି କେଉଁଆଡ଼େ ଋଲିଯାଏ
ସମୟର ଏ ଖେଳ
କିଛି ଭାଙ୍ଗିଦିଏ
ପୁଣି କିଛି ଯୋଡ଼ିଦିଏ
ସତରେ ସମୟ...
ତୁ ଟିକେ ଅଟକି ଯାଆନ୍ତୁନି !
ଅସ୍ତଗାମୀ ରବି ଆଉ ଦିଗ୍‌ବଳୟ
ମୁଁ ମନ ଭରି ଉପଲବ୍ଧି କରନ୍ତି
ମୋ ଅତୀତ ଆଉ ତୁମକୁ। ❑

*(ଓଡ଼ିଆ ବିଭାଗ ଛାତ୍ର)*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ଭଗବାନ୍ ତୁମେ ଅଛ କାହିଁ

◆ ମନୋଜ କୁମାର ସାହ

ଭଗବାନ ତୁମେ ଅଛ କାହିଁ, ଯେତେବେଳେ
ଖାଇବାକୁ ନପାଇ ନିରୀହ ଶୁଶୁଟିଏ
ଅନାହାରରେ ମୃତ୍ୟୁ ବରଣ କରୁଛି ।
ଯେତେବେଳେ ବଡ଼ ବଡ଼ ଠିକାଦାର ମାନେ
ଅର୍ଥ ଲୋଭରେ କମ୍ପାନୀରେ
ନିରୀହ ଶିଶୁ ଶ୍ରମିକମାନଙ୍କୁ
ଦିନରାତି କାମରେ ଖଟାଉଛନ୍ତି, ସେତେବେଳେ
ଭଗବାନ ତୁମେ ଅଛ କାହିଁ ?
ଯେତେବେଳେ ଶିଳ୍ପପତିମାନେ ଅର୍ଥ ଲୋଭରେ
ଶ୍ରମିକମାନଙ୍କ ଉପରେ କଠୋର ଅତ୍ୟାଚାର କରୁଛନ୍ତି
ସାମାନ୍ୟ ମୂଲ୍ୟ ଦେଇ ଦିନ ରାତି ହାଡ଼ଭଙ୍ଗା
ପରିଶ୍ରମ କରାଇବା ବେଳେ
ଭଗବାନ ତୁମେ ଅଛ କାହିଁ ?
ମରୁଡ଼ି ଆଉ ବନ୍ୟାର ଅସହ୍ୟ ଅତ୍ୟାଚାର
ଧନ ଜୀବନ ହାନି ଘଟୁଛି, ସାଧାରଣ
ଋଷିଟିଏ ତାର ଋଣ ସୁଜି ନପାରି
ଆତ୍ମହତ୍ୟା କରୁଛି, ସେତେବେଳେ
ଭଗବାନ ତୁମେ ଅଛ କାହିଁ ?
ଧର୍ମ ନାମରେ ବଡ଼ପଣ୍ଡାମାନେ ସମାଜରେ
ଜାତିପ୍ରଥାରର କଠୋର ନିୟମ ଆଉ
ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଛୁଆ ଅଛୁଆଁର
ଭେଦଭାବ, ସେତେବେଳେ
ଭଗବାନ ତୁମେ ଅଛ କାହିଁ ?

ରାଜନୈତିକ ନେତାମାନେ ଶାସନ ନାମରେ
ମଦ ମାଂସର ଲୋଭ ଦେଖାଇ ସାଧାରଣ
ଜନତାର ନାଗରିକତାର ଅଧିକାରକୁ
ଜୋର ଜବରଦସ୍ତି ଛଡ଼ାଇ ନେଉଛନ୍ତି,
ସେତେବେଳେ
ଭଗବାନ ତୁମେ ଅଛ କାହିଁ ?
ବୃଦ୍ଧ ବାପା ମାଆଙ୍କୁ ଖାଇବାକୁ ନ ଦେଇ
ସମାଜରେ ଶିକ୍ଷିତ ବୁଲାଉଥିବା
ପୁଅ ବୋହୂ ମାନଙ୍କର ଅସହିଷ୍ଣୁ
ଅତ୍ୟାଚାର ବେଳେ
ଭଗବାନ ତୁମେ ଅଛ କାହିଁ ?
ଦେହର ଭୋକ ମେଣ୍ଟାଇବା ପାଇଁ
ଆଜିର ଯୁବ ସମାଜ ପାପକର୍ମ କରି
ଭ୍ରୁଣ ହତ୍ୟାଠାରୁ ଆରମ୍ଭ କରି
ନିରୀହ ଶିଶୁକୁ ରାସ୍ତା କଡ଼ରେ
ଫୋପାଡ଼ି ଦେଲାବେଳେ
ଭଗବାନ ତୁମେ ଅଛ କାହିଁ ?
କିଛି ଅର୍ଥ ଲୋଭରେ ଯେଉଁଭଳି ଭାବରେ
ଆଜିର ସମାଜରେ ଆଦର୍ଶ ଦେଖାଉଥିବା
ଶାଶୂ ଶଶୁର ମାନଙ୍କର ଅସହ୍ୟ ଅତ୍ୟାଚାର
ସହିନପାରି ବୋହୂଟିଏ ଆତ୍ମହତ୍ୟା
କରିବା ସମୟରେ
ବଗବାନ ତୁମେ ଅଛ କାହିଁ ?
କୁହ... କୁହ... ଭଗବାନ
ତୁମେ ଅଛ କାହିଁ ? ❑

*(ଓଡ଼ିଆ ବିଭାଗ)*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ଆଖି

◆ ଯଶୋବନ୍ତୀ ବେହେରା

ଆଜି କାହିଁ ମନେପଡ଼େ ମା'
ତୁମ ଦୁଇ ଅଭୁଲା ଆଖିର ସ୍ମୃତି
ଯେତେବେଳେ ତୁମ କୋଳରେ
ଶୋଇ ଗପ ଶୁଣୁଥିଲି,
ଡାହାଣୀ କଥା, ଆଖିରେ କାଳେ
ତା'ର କୁହୁକ ଥାଏ,
ପଲକ ପଡ଼ିବା ମାତ୍ରେ, ତା' ଆଖିର
ଯାଦୁରେ ସେ ଗାଏବ କରିଦିଏ !
ଶୁଣି ଦେହ ଶିତେଇ ଉଠେ,
ଆଉ ତୁମେ ମୋ ଡର ଦେଖି କୁହ,
ଡରନା ମୁଁ ଅଛି ପରା !
ଆଉ କୋଳେଇ ନିଅ ମୋତେ ।

ମା' ମନେଅଛି ?
ମୁଁ ଯେବେ ଗଛରୁ ପଡ଼ିଯାଇଥିଲି
କେତେ କାନ୍ଦିଥିଲ ତୁମେ !
ଏବେବି ମୋର ମନେଅଛି
ସେଇ ଦୁଇ ଲୁହ ଡବଡବ ଆଖି
ସେଇ ଆଖି ଭିତରେ
ମୋ ପାଇଁ କେତେ ଚିନ୍ତା !
ପୁଣି ମନେପଡ଼ିଯାଏ
ଏହିପରି କେତେ ଅଭୁଲା ସ୍ମୃତି
ଯାହା ତୁମ ଆଖିରୁ ମୋ ଆଖିକୁ
ସଞ୍ଚରି ଯାଇ
ସୃଷ୍ଟି କରେ ଅପୂର୍ବ ଶିହରଣ ।

ମା' ତୁମ କରୁଣ ଆଖିର ସ୍ମୃତି
ଆଜିବି ମୋର ମନେ ଅଛି
ଯେବେ ମୁଁ ଘରୁ ଗୋଡ଼ କାଢ଼ି
ପ୍ରଥମ ଥର ପାଇଁ କଟକ ଆସିଥିଲି
ଉଠିବାରୁ ଆରମ୍ଭ କରି
ଶୋଇବା ପର୍ଯ୍ୟନ୍ତ ସେଇ ଦୁଇ ଆଖି ତ
ମୋର ଧ୍ୟାନ ରଖିଥାଏ !
କେମିତି ଭୁଲିବି ତାକୁ ?

ଯେତେବେଳେ ଗାଁରେ
ଭିକାରୀ ବୁଢ଼ୀଟିଏ ମରିଯାଇଥିଲା
କେତେ କାନ୍ଦିଥିଲ ତମେ !
ସେଇ ଦୁଇ ଆଖିର କଥା ମଧ୍ୟ
ମୋର ମନେ ଅଛି ।
କେତେ ଦୁଃଖ, କେତେ ସମବେଦନା
ଥିଲା ସତେ !
ମା' ଜାଣିଛ, ଆହୁରି ମଧ୍ୟ
କେତେ ଆଖି ମୋତେ ଶୁଆଇ ଦିଅନ୍ତିନି !
ମୁଁ ଡରେ ହେଲେ ଏବେ ତ ତୁମେ ବହୁ ଦୂରେ...
ଏଇ ସମୟରେ ବି ମୋର ମନେପଡ଼େ
ତୁମର ସେଇ ଦୁଇ ଆଖି କଥା ।

ଆହୁରି କେତେ କରୁଣ ଆଖି ମୋତେ
ବିଚଳିତ କରେ !
ମନେପଡ଼ିଯାଏ ଟ୍ରେନ୍ ଓଳାଉଥିବା ସେଇ
ପାଞ୍ଚବର୍ଷିଆ ବାଳିକାର ଦୁଇ ନିଷ୍ପ୍ରଭ ଆଖି !
କ'ଣ ବା ସେ କରିପାରିବ ?
ନିଜ ମା' ବାପ ତ ଦାଉ ସାଧିଲେ...
କର୍ମକୁଣ୍ଡାରୁ ଆଜି ତା'ର ଏ ଅବସ୍ଥା !

ଜାଣିଛ ମା'
ସେ ଓଳେଇ ସାରି ତା'ର ଦୁଇ କରୁଣ ଆଖିରେ
ଗୋଟିଏ ପଟେ ଯାତ୍ରୀମାନଙ୍କୁ ଋହିଁ ହାତ ପାତୁଥାଏ,
ଆଉ ଗୋଟିଏ ପଟେ କଣେଇ କଣେଇ

ବାଥ୍‌ରୁମ୍ ପାଖରେ ବସିଥିବା
ତା' ଜନ୍ମଦାତାଙ୍କୁ ଚାହୁଁଥାଏ।

ଠିକ୍ ସେମିତି, କାଠଯୋଡ଼ି ବନ୍ଧ ଉପରେ
ବସିଥିବା ସେଇ ପାଗଳର ଦୁଇ ପେଜୁଆ ଆଖି,
ବାଣୀବିହାର ଓଭରବ୍ରିଜ୍ ତଳେ ବସିଥିବା
ସେଇ ରୋଗିଣୀ ବୁଢ଼ୀର ଦୁଇ ଅସହାୟ ଆଖି...
ତା' ଭିତରେ ଥିବା ଦୁଃଖ ଦାରିଦ୍ର୍ୟର କଳା ବାଦଲ...
ଭାବିଲେ ଲାଗେ, ସତେ ଯେମିତି ସ୍ୱର୍ଣ୍ଣମୟୀ
ଭାରତ ଗୌରବ ଐତିହ୍ୟ ସାତସ୍ୱପ୍ନ ପରି।

ମା' ଜାଣିଛ !
ଆଉ କେତେ ଲୋଲୁପ ବର୍ବର ଆଖିକୁ
ମୁଁ ଭାରି ଡରେ। ଡର ଲାଗେ !
କାଳେ ସିଏ କାଳପରି ଗ୍ରାସିଯିବ।
ସେତେବେଳେ ମୋ ଅସ୍ମିତା ଉପରେ
ମୋର ସନ୍ଦେହ ଆସେ।
ଦିନର ସୂର୍ଯ୍ୟାଲୋକରେ ବି ସେଇ
ଲୋଲୁପ ଆଖିଗୁଡ଼ାକ ଡାହାଣୀ ଆଖିଠୁ
ଭାରି ଭୟଙ୍କର ଦେଖାଯାଏ।

ମା' ଜାଣିଛ ! ଆଉ ଦୁଇ ଆଖି ବି
ମୋର ଭାରି ମନେପଡ଼େ
ସେ ଆଖିରୁ ମୁଁ ଅଭୟ ପାଏ, ସାହସ ପାଏ।
ସେଇ ଦୁଇ କଳା କଳା ଆଖିର ଚମକ
ମୋତେ ଶାନ୍ତି ଦିଏ,
ଯେତେବେ ମୁଁ ମୋ ମନର ବେଦନା
ତା' ଆଗରେ ଗୁହାରି କରେ। ❑

*(ପଞ୍ଚମ ବର୍ଷ),ଓଡ଼ିଆ ଭାଷା ଓ ସାହିତ୍ୟ*
*ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ତୁମ ସହ ବଞ୍ଚିବା ପାଇଁ

◆ **ସ୍ମୃତିଶିଖା ବେହେରା**

ବଞ୍ଚିଛି ମୁଁ ତୁମ ପାଇଁ
ମୋ ହସ ବି ତୁମର
ଛାଡ଼ି ଚାଲିଗଲ ସିନା,
ଆଜି ମୋ ଉଚ୍ଚତାର ଶୀର୍ଷ ବି ତୁମର।

ହେ ପ୍ରିୟ ! ମୋ ଲୁହ ବି ତୁମର
ଯାହା ସ୍ମୃତିପଟ୍ଟରେ ଝଲସାଇ ଦିଏ,
ସେହି ବର୍ଷା, ତୁମେ, ମୁଁ ଓ ସେହି ଏକାକିନୀ ରାସ୍ତା।

ପ୍ରତି ମୁହୂର୍ତ୍ତରେ କ୍ଷତାକ୍ତ କରେ ତୁମ ସ୍ମୃତି
କେବେ ପାଗଳ ପରି ହସିଦିଏ ତ
ପୁଣି କେବେ ଅଶ୍ରୁର ସମୁଦ୍ରରେ
ଭାସିଯାଏ ତୁମ ପ୍ରତ୍ୟେକଟି ଛବି
ମାନୁଛି କେବେ ମୁଁ ଯୋଗ୍ୟ ନଥିଲି ତୁମ ପାଇଁ

ହେଲେ ଅଭିମାନେ ହେଉପଛେ
ଥରୁଟେ ଚାହିଁଦିଅ କଣେଇଁ
ମୋ ଅଭିମାନ ତୁମ ପାଇଁ
ତୁମ ପ୍ରତାରଣା ମୋ ପାଇଁ
ବିରହିଣୀ ପ୍ରେମିକା ସଜେଇଲ ସିନା
ଆଜି ବି ମୋ ସ୍ୱପ୍ନ ତୁମ ସହ ବଞ୍ଚିବା ପାଇଁ। ❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ (ଷଷ୍ଠ ବର୍ଷ)*

# ମେଘର ସହର

◆ ସୁବାସ ଚନ୍ଦ୍ର ବେହେରା

ସେଦିନ ବର୍ଷା ଆସିଥିଲା
ଦିନ ଦି'ପହରକୁ
ତୁହାଇ ତୁହାଇ ଡାକୁଥିଲା ମୋତେ
ଯିବାକୁ ତା ମେଘ ସହରକୁ।

ଏଠି ବରଷିଲେ ମାଟିର ବାସନା
ତାକୁ ଲାଜକୁଳି କରେ
ସେଠି ତା' ସହରରେ ହେନାର ସୁବାସ
ନିତି ପହଁରୁଛି ଘରେ।

ଜିଗର କରି ସେ ଧରିଲା ମୋ ହାତ
ନେବ ତା' ବିଳାସୀ ନଅରକୁ
ତୁହାଇ ତୁହାଇ ଡାକୁଥିଲା ମୋତେ
ଯିବାକୁ ତା ମେଘ ସହରକୁ।

ତା' ଡାକରେ ଥିଲା ଏତେ ଭିଜା ଭିଜା
ମିଠା ପ୍ରଣୟର ନିଶା
ଋହାଣୀରେ ତାହାର ପ୍ରେମ କାହାଣୀର
କେତେ ମୀନାକରା ଭାଷା।

ମୁଁ ଥିଲେ ପାଖରେ ଆହୁରି ସାଜିବ
ପ୍ରୀତିମୟ ଗୀତି ଆସରକୁ
ତୁହାଇ ତୁହାଇ ଡାକୁଥିଲା ମୋତେ
ଯିବାକୁ ତା ମେଘ ସହରକୁ।

ସେଦିନ ବର୍ଷା ଆସିଥିଲା
ସକାଳର ନିଦ ଭାଙ୍ଗିବାକୁ
ତୁହାଇ ତୁହାଇ ଡାକୁଥିଲା ମୋତେ
ଆ ଋଲି ମୋ ସହରକୁ।

ତୁ ହିଁ ଏକା ନୁହେଁ ତୋ ପ୍ରିୟା ଭିଜୁଛି
ମୋର ରିମ୍‌ଝିମ୍ ତାଳେ
ମୟୂର, ମୟୂରୀ ଖୁସିରେ ନାଚ଼ନ୍ତି
ତୃଷ୍ଣା ମେଣ୍ଟାଇ ମୋ ଜଳେ...।

ଜିଗର କରି ସେ ଧରିଲା ମୋ ହାତ
ନେବ ମୋ ପ୍ରିୟାର ପାଖକୁ
ତୁହାଇ ତୁହାଇ ଡାକୁଥିଲା ମୋତେ
ଯିବାକୁ ତା ମେଘ ସହରକୁ।

ତା' ଡାକରେ ଥିଲା ଏତେ ଭକ୍ତିମତ୍ତା
ପୂଜା ପାର୍ବଣର ନିଶା
ଜଳବିନ୍ଦୁ ତାର ହେନାର ସୁବାସ
କେତେ ଫୁଲଙ୍କର ଭାଷା।

ବର୍ଷାର ଜଳରେ ଆହୁରି ଭିଜିବ
ପ୍ରୀତିମୟ ସାହିତ୍ୟ ଆସର
ତୁନି ତୁନି କରି କହୁଥିଲା ମୋତେ
ଓଠ ମେଘର ସହର।
ସେ ତ ମେଘର ସହର। ❑

*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*
*ଭୁବନେଶ୍ୱର (ଷଷ୍ଠ ବର୍ଷ)*

## ସ୍ୱପ୍ନ

◆ କଳ୍ପନା ରାଉତ

ସ୍ୱପ୍ନ ଦିଏ ଆଖିରେ
ପୁଷମାସିଆ ମେଘ
ତା ସାଙ୍ଗକୁ ବୈଶାଖର
ଘଡଘଡି ଶବ୍ଦ ।
ସ୍ୱପ୍ନ ତୁମେ ମରୁଝରଣାର ଛିଦ୍ର
ଯାହା ମୋତେ କରେ ଖାଲି
ରାତିରେ ଉନ୍ନିଦ୍ର ।
ତୁମେ ଆସିଲା ବେଳେ
ଥାଏ ଶ୍ରାବଣର ନିନାଦ
ଗଲାବେଳେ ଛାଡିଯାଅ
ପୁତ୍ରହରା ମାତାର ଦୁଃଖ ବିଷାଦ । ❑

ପଞ୍ଚମ ବର୍ଷ

## ସଂପର୍କ

◆ କବିତା ବେହେରା

ସଂପର୍କ ! କେବେ ଗଢ଼ି ଉଠେ
ଜନ୍ମମାଟିର ଏନ୍ତୁଡ଼ି ଶାଳରେ
ପୁଣି କେବେ ଜୀବନର ନିଛାଟିଆ ମୁହୂର୍ତ୍ତରେ
ଯୋଡ଼ା ହୋଇଯାଏ ପୁଣି କେତେ ନୂଆ ନାଁ
ସଂପର୍କ ଡାଏରୀର ଶୂନ୍ୟ ପୃଷ୍ଠାରେ ।

ସଂପର୍କ ! ବାନ୍ଧିରଖେ ସୂତାର ମଜବୁତ ଖିଅପରି
କେତେବେଳେ ଅସରନ୍ତି ଖୁସି ତ
ପୁଣି କେତେବେଳେ ଅମାବାସ୍ୟାର କଳା ଅନ୍ଧକାର
ତଥାପି ସେ ଦମ୍ଭ ହୋଇ ଛିଡ଼ା ହୁଏ
ଏକ ଶକ୍ତ ବରଗଛ ପରି ।

ସଂପର୍କ ! ନାହିଁ ତା'ର ମୃତ୍ୟୁ ନାହିଁ ତାର ବିଳୟ
ସ୍ୱାର୍ଥାନ୍ଧ ମଣିଷର ହିଂସା, ଦ୍ୱେଷ, ଗର୍ବ, ଅହଂକାର
ସଜାଇଦିଏ ସିନା ତାର ମୃତ୍ୟୁର କବର
ତଥାପି, ତଥାପି ସେ ବିଛାଇ ଦିଏ ଅପେକ୍ଷାର ଜାଲକୁ
ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ । ❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ (ଷଷ୍ଠ ବର୍ଷ)*

# ସୀମାହୀନ ଧୈର୍ଯ୍ୟ

◆ ମଧୁସ୍ମିତା ବେହେରା

ଧୈର୍ଯ୍ୟ ଲୁଚିଥିବା ଛାତିତଳ କୋହ
ଦେଖି ତାକୁ ହୁଏ ନାହିଁ, ଦେଖାଇବି ହୁଏ ନାହିଁ।
ସିଏ ଖାଲି ଛାତିତଳ ଅନ୍ଧାରିଆ ଘର ତଳେ
ଲୁଚି ଲୁଚି ଝରାଉଥାଏ ଅଶ୍ରୁ।
ଧୈର୍ଯ୍ୟର ତା' ସୀମା ନାହିଁ, କେବେ ବି ସେ ଭାଙ୍ଗେ ନାହିଁ
ଯେତେ ଦୁଃଖ ଆସିଲେ ବି ମୁଣ୍ଡ ପାତି ଯାଏ ସହି।

ଏମିତି ତା ହୃଦୟ ପଥରଠୁ ବେଶୀ ଟାଣ
ଫୁଲଠୁ ବେଶୀ ନରମ ଅନୁଭବ କଲେ ତାକୁ,
ଧୈର୍ଯ୍ୟର ସୀମା ନାହିଁ ସେ ସୀମାହୀନ
ସବୁ ଦୁଃଖ ଯାଏ ସହି ଧୈର୍ଯ୍ୟକୁ ଆପଣାଇ
ଏ ପର୍ଯ୍ୟନ୍ତ ଦେଖିନି କେହି କେମିତି ରୂପ ତାର
ଶବ୍ଦ ତାର କିଛି ନାହିଁ, ଧୈର୍ଯ୍ୟ ତାର ଏକମାତ୍ର ନାମ।

ଭାଙ୍ଗିଯାଏ ଯେବେ ତାର ଭରସାର ବାଲିଘର
ଦୁର୍ବଳ ତା ମନ କହେ କରିବାକୁ ସବୁ ପର
ଦେଖାଦିଏ ତା ଆଗେ ମୃତ୍ୟୁର ଆହ୍ୱାନ
ଧୈର୍ଯ୍ୟକୁ ନିୟତି କରି ବଞ୍ଚିବାର ରାହା ବାନ୍ଧେ
ଭୟାନକ ବାତ୍ୟାକୁ ସେ ଛାତି ତଳେ ନିଏ ଚପି
ପଚାରିଲେ କହେନି, ଧୈର୍ଯ୍ୟ ଦିଏ ତା ବୁକେ ସ୍ପନ୍ଦନ।

ଆତ୍ମାର ସେ ବିଶ୍ୱାସୀ ଯେ, ଜୀବନର ଆଦିଜ୍ଞାନ
ସବୁ ଉତ୍ପତ୍ତିର ମୂଳ ସହିବାର ସୀମାହୀନ।
ବଞ୍ଚିରହେ ତା ପାଇଁ ମୃତ୍ୟୁ ତାକୁ ଛୁଏଁ ନାହିଁ
ଭୟଭୀତ ହୋଇ ମୃତ୍ୟୁ ଅନ୍ଧାରଟେ ଯାଏ ହୋଇ।
ଅମାବାସ୍ୟା ରଜନୀରେ ପଶିଯାଇ ଯାଏ ହଜି
ତା ଆଗେ ମୃତ୍ୟୁ ଆସେ ସାଧବବୋହୂଟେ ସାଜି।

ସବୁ ଭାସିଗଲା ପରେ ଏକୁଟିଆ ବନ୍ଧ ବାନ୍ଧେ
ହଜିଗଲେ ରଷିଗଲେ ଖୋଜିବାରେ ପ୍ରୟାସେ ସେ।
ଅବାସ୍ତବ ଦୁନିଆରେ ଜିଇଁବାରେ ରାହା ଖୋଜେ
ପୁଣି ସେ ହେଜି କରି ବୃକ୍ଷ ପରି ମୁଣ୍ଡ ଟେକେ।
ସୀମା ତାର ନାହିଁ ଆଉ ହୃଦୟ ତା' ବିଶାଳ
ତୁଚ୍ଛ ଅଟେ ତା ଆଗେ ମିଛ ଏଇ ସଂସାର।
ସୀମାହୀନ ଧୈର୍ଯ୍ୟ ସେ
ସାଥେ ସଦା ଥାଏ ରହି
ଆରମ୍ଭ ସେ ଅନାଦିର
ଶେଷ ଖୋଜି ପାଏ ନାହିଁ। ❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ (ଷଷ୍ଠ ବର୍ଷ)*

# କେମିତି ଏ ମନ

◆ ଲୋପାମୁଦ୍ରା ନାୟକ

ମନ ଗହନରେ ସାଧା କାଗଜରେ
ଆଙ୍କି ଦେଲି ତୁମ ଛବି
ଅଲିଭା ଅକ୍ଷରେ ଲେଖି ହୋଇଗଲା
ହୃଦୟର ପ୍ରତିଛବି।

ହେଲେ ସମୟ ଏମିତି ଧୋକା ଦେବ ବୋଲି
ଟିକେ ମୁଁ ନଥିଲି ଭାବି
ଜୀବନ ମରଣର ଦୋ ଛକି ଭିତରେ
ଛନ୍ଦି ହୋଇଯାଏ ଆଜି ମୁଁ
ଦେଖି ତୁମ ପ୍ରତିଛବି।
ମଣିଷର ହୃଦୟ ପରା ଏ
ନୁହେଁ ପଥରର ପ୍ରତିମୂର୍ତ୍ତି
ଭାବ ଆଉ ଭାବନା ଭିତରେ ଫରକ ଭଳି
ତୁମେ ଆଉ ତୁମର
ରହିଗଲା ପ୍ରଶ୍ନବାଚୀ। ❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ (ଷଷ୍ଠ ବର୍ଷ)*

# ତଥାପି ଚାହିଁଛି

◆ ସନ୍ଧ୍ୟାରାଣୀ ସିଂହ

ଦିନ ପରେ ଦିନ, ରାତି ପରେ ରାତି
ସ୍ୱପ୍ନ ପରେ ସକାଳ, ସକାଳର ତାତି
କ୍ଷଣିକ ପାଇଁ ଲିଭେଇଦିଏ କେତେ ଦିନର ସ୍ମୃତି
ତଥାପି ତମେ ମନେପଡ଼ ଆସିଗଲେ ରାତି।

ଭିଜା ଭିଜା ଲୁହ ଆଙ୍କିଦିଏ ତକିଆରେ
ଅଙ୍କା ବଙ୍କା ମାନଚିତ୍ର। ଶୁଖିଯାଏ ପବନରେ
ସେଇ ଅକୁହା କଥାର କେତେ ଯେ କାହାଣୀ
ତଥାପି ମନେପଡ଼େ ତମ ଆଖିର ଚାହାଣୀ।

ଚାହିଁ ଚାହିଁ ରହିଛି ପାଷାଣୀ ଅହଲ୍ୟା ପରି
ଯୁଗ ପରେ ଯୁଗ ବିତିଯାଇଛି,
ଢେଉ ପରେ ଢେଉ ମାଡ଼ିଚାଲିଛି, କେବେ
ତମ ସ୍ପର୍ଶରେ ଜିବିତ ହେବ ଏ ନିର୍ଜୀବ ଶରୀର
ତଥାପି ତମ ଅପେକ୍ଷାର ଅନ୍ତ ନାହିଁ।

ପ୍ରେମଭରା ସ୍ୱପ୍ନ ସବୁ ସାଉଁଟି ରଖିଛି
ସ୍ନେହଭରା ଫୁଲ ସବୁ ଗୁନ୍ଥି ଦେଇଛି
କାଳେ ତମ ପାଦେ କଣ୍ଟା ଫୁଟିଯିବ
ଜନ୍ମ ଜନ୍ମ ପାଇଁ ବିଛିଦେଇଛି ମୋ ପଣତ
ଆଉ ତମ ଆସିବା ରାସ୍ତାକୁ ଚାହିଁ ରହିଛି। ❑

*(ଗବେଷିକା) ଓଡ଼ିଆ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ*

## ତରଙ୍ଗ

◆ ରଶ୍ମିତା ବେହେରା

ଦୂର ଦିଗ୍‌ବଳୟର ଶାନ୍ତ ସାଗରରେ
ସ୍ମିତହାସ୍ୟର ରେଖା ଟାଣି ମାଡ଼ିଆଡ଼େ ତରଙ୍ଗ
ନୀଳ କବରୀର ସୌନ୍ଦର୍ଯ୍ୟକୁ ଶୁଭ ପୁଷ୍ପରେ
ସଜ୍ଜିତ କରି ଆଗକୁ ମାଡ଼ି ଆସେ ତରଙ୍ଗ ।

କୋଟିଏ ମନର ଆଶା ଅସୁମାରି
ସାଗର ବୁକୁରେ ସଜେଇ ଫେରିଯାଏ ତରଙ୍ଗ
ନିଷ୍ପାପ ମନର ନୂଆ ବାଲିଘର
ଧୂଳିସାତ୍ କରି ଫେରିଯାଏ ତରଙ୍ଗ ।

କେବେ ପୁଣି ଶାନ୍ତ ମନକୁ ଆନ୍ଦୋଳିତ କରି
କେବେ ଅଶାନ୍ତ ମନକୁ ଆନନ୍ଦ ଦେଇ
ତରଙ୍ଗାୟିତ ଲହରୀର ଲେଖନୀ ମୁନରେ
କେତେ ଯେ କାହାଣୀ ଲେଖି ଦିଏ ଏଇ ତରଙ୍ଗ ।

ରଙ୍ଗବେରଙ୍ଗ ଦୁନିଆର ଫିକା ଜୀବନକୁ
ରଙ୍ଗରେ ସଜେଇ ଖୁସି ଦୋଳି ଦିଏ ତରଙ୍ଗ
ରତ୍ନଗର୍ଭା ସାଗରରେ ଶୁଭ ମୋତି ତୁମେ
ସଦା ନାଚି ନାଚି ଆସ ଉତ୍ତାଳ ତରଙ୍ଗ
ସଦା ନାଚି ନାଚି ଆସ ଉତ୍ତାଳ ତରଙ୍ଗ । ❑

*ବାଣିଜ୍ୟ ବିଭାଗ, ସ୍ନାତକୋତ୍ତର (୨ୟ ବର୍ଷ)*

## ମୁଁ

◆ ସବିତା ଟୁଡୁ

ମୁଁ ନଦୀ ନୁହେଁ କି ସମୁଦ୍ର
ମୁ ଏକ ଲବଣାକ୍ତ ହ୍ରଦ
ମୁଁ ସାଗରକୁ ଛୁଇଁକି ବିଭକ୍ତ ।

ମୁଁ ଫୁଲ ପୁଣି ଏମିତି ଅବସୋସ
ମୁଁ ଏକ ଅବ୍ୟକ୍ତ ପଳାଶ
ଦୂରରୁ ଅଗ୍ନି ମୋ ପାଖରେ ହସ ।

ମୁଁ ମହକ ପୁଣି ଏତେ ଯେ ଉତ୍କଟ
ମୁଁ ଏକ ଅଭିଶପ୍ତ ଚମ୍ପକ
ଏକ ଅଜଣା କୁହୁକ ।
ହେଲେ... ତୁମ ସହ ମୋର ନିଆରା ସମ୍ପର୍କ ।। ❑

*ଓଡିଆ ବିଭାଗ (ଷଷ୍ଠ ବର୍ଷ)*

# ଲୁପ୍ତ ଏକ ପରିଚ୍ୟ

◆ ସୁଚିସ୍ମିତା ଦାସ

ଡହ ଡହ ଖରାରେ
ମରୀଚିକାର ସନ୍ଧାନେ
ବାହାରି ପଡ଼ିଛି ଯୋଗୀଟିଏ ।

କି ଗାଆଁ କି ସହର
କି ବନ କି ପ୍ରାନ୍ତର
ସମୟର କରାଳ ସ୍ପର୍ଶକୁ
ନାହିଁ ଖାତର ।

କେନ୍ଦରାର ସ୍ୱନ
କେବେ ବିରହ ରାଗିଣୀ
କେବେ ପୁଣି ଭକ୍ତିର ତାନ
ଆହାଃ ! କି ମଧୁର !
ଦୂରୁ ଶୁଭୁଛି ଭିକ୍ଷୁର ସ୍ୱର ।

ଉତ୍ସୁକ ନୟନେ
ଚାହିଁଛି ଦୁନିଆ
ଫୋପାଡ଼ି ଆଞ୍ଜୁଳାଏ ତଣ୍ଡୁଳ
ତାପାଇଁ ଖାଲି ଦୁର୍ ଦୁର୍ ମାର୍ ମାର୍ ।

ତଥାପି ନାହିଁ ତାର
ଅବସୋସ
ବୃତ୍ତିରେ କି ଜାତି ଯାଏ,
କଷ୍ଟ ଦିଏ ସିନା
ପରମ୍ପରାର ଶେଷନିଃଶ୍ୱାସ । ❑

*ସ୍ନାତକୋତ୍ତର ସମାଜ ବିଜ୍ଞାନ (୧ମ ବର୍ଷ)*
*ଉତ୍କଳ ବିଶ୍ୱବିଦ୍ୟାଳୟ*
*ମୋ: ୮୦୯୩୪୩୦୦୭୦*

# ଆଜିକାଲିର ଝିଅ

◆ ସୋମନାଥ ସାହୁ

ଆଜିକାଲି ଝିଅ ଏହି
ଆଜିକାଲି ଝିଅ ଏହି
ହିଲ୍ ପିନ୍ଧି ଷ୍ଟାଇଲ୍ ମାରନ୍ତି
ପୁଅଙ୍କ ପଛରେ ଯାଇ ।
ଆଜିକାଲି ଝିଅ ଏହି
ଆଜି କାଲି ଝିଅ ଏହି
ଫୋନ୍ ଧରି କଲେଜ୍ ଯାଆନ୍ତି
କଲେଜରେ ଶୂନ ଆଟେଣ୍ଡାନ୍ସ ରହି ।
ଆଜିକାଲି ଝିଅ ଏହି
ଆଜିକାଲି ଝିଅ ଏହି
ପ୍ରେମର ଜାଲରେ ପୁଅଙ୍କୁ ଫସେଇ
କହୁଥାନ୍ତି ତୁମବିନା କେହି ନାହିଁ ।
ଆଜିକାଲି ଝିଅ ଏହି
ଆଜିକାଲି ଝିଅ ଏହି
କଲେଜ ନାଁରେ ରେଷ୍ଟୁରାଣ୍ଟ୍ ଯାଇ
ଘରେ କହୁଥାନ୍ତି ଚାରିଟା କ୍ଲାସ୍ ଥାଇ ।
ଆଜିକାଲି ଝିଅ ଏହି
ଆଜିକାଲି ଝିଅ ଏହି
କଲେଜ ଯାଇ ନଲେଜ ଶିଖନ୍ତି
ମା'କୁ ମମି, ବାପାକୁ ଡାଡି କହି ।
ଆଜି କାଲି ଝିଅ ଏହି
ଆଜିକାଲି ଝିଅ ଏହି
କଫି ସପ୍‌ରେ କଫି ପିଉଥାନ୍ତି
ପରସ୍ପର ମୁହଁ ଦେଇ ।
ଆଜିକାଲି ଝିଅ ଏହି
ଆଜିକାଲି ଝିଅ ଏହି
କେତେବେଳେ ସିଏ ଉଗ୍ରଚଣ୍ଡୀ ରୂପ
କେତେବେଳେ ମହାମାୟୀ । ❑

*ସ୍ନାତକୋତ୍ତର ରାଜନୀତି ବିଭାଗ (୫ମ ବର୍ଷ)*
*ମୋ: ୯୭୭୬୫୭୩୭୨୦*

# ଚୁମ୍ବକର ଅଟ୍ଟହାସ୍ୟ

◆ ସରୋଜିନୀ ସ୍ୱାଇଁ (ସୋନୁ)

ହାଃ ହାଃ ହାଃ...
ଦେଖ ମୁଁ ଚୁମ୍ବକ, ଆଉ କରୁଛି ମୁଁ ଅଟ୍ଟହାସ୍ୟ
ଖାଲି ଫରକ ଏତିକି ମତେ ହସର ମୁଖା ପିନ୍ଧି
କରିବାକୁ ପଡୁଛି ଅଟ୍ଟହାସ୍ୟ।
ଯଦି ମୁଖା ଖୋଲିଦେବି ତା'ହେଲେ ଅନ୍ୟଚୁମ୍ବକଟି
ତାର ସତ୍ତା ହରାଇ ବସିବ
ହୋଇଯିବ ଦିଗହରା ବେସାହାରା,
ଆଉ ସତେକି ଫାଟିଯିବ ତାର ହୃଦୟ।
ମୁଁ କେବେ ଋହେଁନା ସେ ମୋ ଆଡ଼କୁ ଟାଣିହେଉ,
ଅବା ମୋ ଧର୍ମରେ ଥରହର ହେଉ,
ଅଣାୟତ୍ତ ହେଇଯାଉ।
ହାଏରେ କି ଅବସ୍ଥା ତାହାର
ନା ସ୍ଥିର ହୋଇ ରହିପାରେ, ନା ଥରି ଥରି ବଞ୍ଚିପାରେ।
ଟାଣି ହୋଇ ଲାଗିବି ପାରିବିନି ସେ ଅନ୍ୟ ଚୁମ୍ବକ ସହ
ତାକୁ ମନା ହୋଇଛି ଯେ, ସବୁ ସମ୍ଭବ,
ହେଲେ ଆକର୍ଷଣ ସମ୍ଭବ ନୁହେଁ
କେମିତିକା ଧର୍ମ ବି ସେ ଚୁମ୍ବକର କେଜାଣି
ଏତେ ନିୟନ୍ତ୍ରଣରେ ନିଃଶ୍ୱାସ ନେଉଛି ସେ
ସତେକି ଚୁମ୍ବକର ଛାତି ଚିରି
ତାର ଭାବନା ବାହାରି ଆସିବ
ଆଉ ତାକୁ ଧକ୍‌କା ଦେଇ କହିବ,
କାହିଁକି କରୁଛୁ ଏ ସବୁ?
ଚୁମ୍ବକ ମୁହଁକୁ ବି ଟିକେ ଲାଜ ନାହିଁ...
ସେ କହୁଛି ଆରେ ସେ ଧର୍ମରୁ, ସେ କର୍ତ୍ତବ୍ୟରୁ
ବା କ'ଣ ମିଳିବ...
ବେଳେବେଳେ ଏସବୁ ଛାଡ଼ି
ଲଜ୍ଜ୍ୟାହୀନ ହେବାକୁ ଭଲ ଲାଗେ
କାରଣ ମୁଁ ଗୋଟିଏ ଏପରି ଚୁମ୍ବକ ପାଲଟିଛି,
ନା ଟାଣି ହେବା ଧର୍ମକୁ ଧରିକି ରଖିପାରୁଛି
ଆଉ ନା ଅଟ୍ଟହାସ୍ୟ ବନ୍ଦ କରିପାରୁଛି
ସତରେ କ'ଣ ମୁଁ ସେ ଚୁମ୍ବକର ପବିତ୍ର ସ୍ପର୍ଶ
ପାଇପାରିବିନି...
ବୋଧେ ମୁଖାରେ ସାରା ଜୀବନର ବ୍ୟର୍ଥ ଅଭିଳାଷ!! ❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ (ଷଷ୍ଠ ବର୍ଷ)*

# ମକର ! ଆସୁଛୁ ଯଦି ଆ'...

◆ ଆନ୍‌ପା ମାର୍ଣ୍ଡି



ଛାତିରେ ଯୁ କାହିଁ ମୋର...
ଆ' ବୋଲି ପାଟି ଫିଟେଇ ଡାକିବି 'ମକର'
କଉ ଦମ୍ଭ କଉ ଖୁସିରେ ପାଛୋଟି ନେବି ତୋତେ ?
ଦେଖଇବାକୁ ଖାଲି ଫୁଙ୍ଗୁଲା ଗାଁ ମୋର
ବଦଳିଥିବା ମାଟିର ମାନଚିତ୍ର
ବଳକା ଜୀବନର ଧୂମ୍ରାଭ ଭବିଷ୍ୟତ ।

କିଏ ଏମିତି କ'ଣ କଲା ଯେ
ମାଦଳ ଧୁମ୍‌ସାରେ ଦୁଲୁକୁଥିବା ଛନଛନ ଜହ୍ନରାତି
ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କ ମହୁଲିଆ ଗୀତର କୁହୁକରେ
ଉଷୁମେଇ ଯାଉଥିବା ଆଦିମ ବସ୍ତି
ଆଜି ଏକବାରେ ନିଥର ନିଃଶବ୍ଦ ଚୁପ୍‌ଚାପ୍,
ଆଖଡ଼ାଶାଳାରେ ଛାଇଛି ଅଘୋଷିତ କର୍ଫ୍ୟୁର ନିରବତା ।

କିଏ ଲୁଟି ନେଇଛି ଅରନକ
କୁଆଁରୀ ଓଠରୁ ଦରଫୁଟା କୁରେଇ ଫୁଲର ଚିକ୍‌ଚିକ୍ ହସ
ଭରିଦେଇଛି ଖେତରେ କ୍ଷତ
ଡଙ୍ଗର ପାହାଡ଼ରେ ଡିନାମାଇଟ୍‌ର ଆଂଚୁଡ଼ା ଦାଗ
ପାଣି ପବନରେ ଘୋଳି ଦେଇଛି ନୀଳଜହର ।

ଏବେ ଖାଁ ଖାଁ ଗାଁ ମାଟିରେ ପେଟେ ପେଟେ ଭୋକ
ଦାଦନ ଫେରନ୍ତା ହାଡୁଆ ଦେହରେ
ସୁକୁସୁକୁ ବଳକା ଆୟୁଷ ।

ଏଯାଏଁ ପ୍ରତୀକ୍ଷାରେ ମିଞ୍ଜିମିଞ୍ଜି ଯୋଡ଼ାଏ ଆଖି
କେଉଁ ହତଭାଗା ବୁଢ଼ା ବାପର
ପୁଅ ଯାହାର ପେଟପାଇଁ ଏବେବି କଂକାଳ ସେକୁଛି
ବିଦେଶର ତତଲା ଇଟାଭାଟି ଆଉ ଚିମନି ଧୂଆଁରେ
ଶୃଙ୍ଖଳା ତଂଟିରେ ଅଟକିଛି
ତୋରାଣିର ଅଠାଳିଆ ଅବସୋସ ।
କୋଉ ଉଲ୍ଲାସରେ ଆମନ୍ତ୍ରିବି କହ ମକର ?

ମକର ! ଆସୁଛୁ ଯଦି ଆ'
ଅନ୍ତତଃ ଥରେ ଦେଖିଦେଇଯା'
ଦିଶୁଛି କେମିତି ଲୁହ ପରି ବେରଙ୍ଗ ବିବର୍ଣ୍ଣ
ଜୀବନର ଛବିଳ ବର୍ଣ୍ଣବୋଧ ଏବେ
ବେହିସାବ ଦୁଃଖ ଧାସରେ ଧୂସର ଧୂସର । ❑

*ଓଡ଼ିଆ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ମାଆ

◆ ବିଷ୍ଣୁପ୍ରିୟା

ଏଇ ଦୁନିଆରେ ସବୁତ ମିଳଇ
ମାଆଟି ମିଳଇ ନାହିଁ
ମାଆର ମମତା ଅପାସୋରା କଥା
ଭୁଲିକି ପାରିଛି କେହି ॥
କେତେ ଯତନରେ ନିଜ ଗରଭରେ
ବଢ଼ାଇ ଥାଏଟି ସେହି
ସନ୍ତାନର ସୁଖ ଦେଖିବା ପାଇଁକି
ନିତି ପୂଜା କରୁଥାଇ ॥
ହାତରେ ଖୁଆଇ ପଣତରେ ପୋଛି
କୋଳରେ ଝୁଲାଇ ସିଏ
ରୋଗରେ ପଡ଼ିଲେ ଦିନରାତି ଜଗି
ସେବା କରୁଥାଏ ସିଏ ॥
ଫେରିବା ବାଟକୁ ଚାତକ ପରାଏ
ରହିଥାଏ ସିଏ ଚାହିଁ
ମାଆ ବୋଲି ଥରେ ଶୁଣିଦେଲେ ସିଏ
କୋଟି ନିଧି ଯାଏ ପାଇ ॥
ଆଖି ଆଗରୁ ତା' ଦୂର ହୋଇଗଲେ
ଝୁରି ହୁଏ ନିଶିଦିନ
ମନ ଦକ ଦକ ଆଖି ଛଳ ଛଳ
କାହିଁରେ ନ ଲାଗେ ମନ ॥
ସନ୍ତାନର ସୁଖ ଦୁଃଖରେ ସେ ସଦା
ଯୋଡ଼ି ହୋଇ ରହିଥାଏ
ଅବାଟରେ ଗଲେ ବାଟଟି ବତାଇ
ନଜର ସେ ରଖିଥାଏ ॥
ଆପଦେ ବିପଦେ ଉପଦେଶ ତା'ର
ମନରେ ସାହସ ଦିଏ
ଜୀବନରେ ଭଲ ମଣିଷ ହୁଏ ସେ
ମାଆ କଥା ମାନେ ଯିଏ ॥ ❑

*MCA (1st year)*



# ମା' କୋଳରେ

◆ ବିବେକାନନ୍ଦ ସ୍ୱାଇଁ

ମନେପଡ଼େ ମୋର ଶାଗ ପଖାଳ ମା'
ଲୋଡ଼ା ନାହିଁ ବିରିୟାନି।
ଗଦିର ବିଛଣା ନିଦ ଦେଉ ନାହିଁ
ଖୋଜେ ତୋ ପଣତ କାନି।
ମିଛେ କହି ଦିଏ ଭଲ ଅଛି ବୋଲି
ଦୁଃଖ କିନ୍ତୁ ଖାଣ୍ଟି ସତ
ହଜି ଗଲିଣି ମୁଁ ଏହି ସହରରେ
ଖୋଜୁ ଖୋଜୁ ମୁଠେ ଭାତ।
ଏ ମିଛ ଦୁନିଆ ଭାରି ଯେ ମନୁଆ
ମୋ କଥା କିଏ ପଚାରେ
କୁନି ପିଲା ମୋତେ କରି ଦେ ମା'
ଲୁଚାଇ ଦେ ତୋ କୋଳରେ। ❑

# ମାଆର ପଣତ

◆ ଇତିଶ୍ରୀ ଦାସ

ଅନ୍ଧକାର ଭିତରେ ସେ ଆଲୋକ ବର୍ତ୍ତିକା
ନିବିଡ଼ ତମସା କୋଳେ ସତେ ଖଦ୍ୟୋତିକା
ପଥଶ୍ରାନ୍ତି କର୍ମକ୍ଲାନ୍ତି କଲେ ମର୍ମାହତ
ସ୍ମୃତିପଟେ ଉଙ୍କିମାରେ ମାଆର ପଣତ ।

ସେ ପଣତ କାମଧେନୁ ଐରାବତ ହସ୍ତୀ
କ୍ଷୁଧାହାରୀ ପୀଡ଼ାହାରୀ ପରମ ଆଶ୍ୱସ୍ତି
ଜୀବନ ଯୁଦ୍ଧରେ ହେଲେ ବିକ୍ଷୁବ୍ଧ ବିବ୍ରତ
ସ୍ମୃତିପଟେ ଉଙ୍କିମାରେ ମାଆର ପଣତ ।

ବସ୍ତ୍ର ନୁହେଁ ପ୍ରତି ଅସ୍ତ୍ର ସର୍ବ ବିପତ୍ତିର
ମ୍ଳାନ ନୁହେଁ ଅମ୍ଳାନ ସେ ସର୍ବାଙ୍ଗ ସୁନ୍ଦର
ନିଃସଙ୍ଗ ବ୍ୟାକୁଳେ ହେଲେ ସତତ ଚିନ୍ତିତ
ସ୍ମୃତିପଟେ ଉଙ୍କିମାରେ ମାଆର ପଣତ ।

ଶିରେ କଲେ ଆଶୀର୍ବାଦ ସେ ହସ୍ତ ସଞ୍ଚାଳି
ବଜ୍ର ପାରେ ନାହିଁ ଭେଦି ଅଦୃଶ୍ୟ ପାଚେରୀ
ସଦା କରେ ପ୍ରଣିପାତ କରି ମଥାନତ
ସଂସାରେ ଅମୂଲ୍ୟ ଅଟେ ତାହାର ପଣତ । ❑

*ଓଡ଼ିଆ ବିଭାଗ (ଷଷ୍ଠ ବର୍ଷ)*

# ଶୀତ

◆ ପ୍ରଭାସିନୀ ଗୁଇଁ

ହେମନ୍ତ ବସନ୍ତର ମଝିଆ ଭାଇ ସେ
ନାଁଟି କହିବ କିଏ ?
ଲୁଚି ଲୁଚିକା ସେ ପାଦ ଚିପି ଚିପି
ଜଗତକୁ ମୋହି ନିଏ ।
କେଉଁ ଦୁନିଆରେ ଥିଲା ସେ କେଜାଣି
କେଉଁ ଦୁନିଆରେ ଥିଲା
ଆଗମନେ ତାର କୃଷକ ଭାଇର
ପ୍ରାଣକୁ ମୋହିତ କଲା ।
ଶସ୍ୟ ଶ୍ୟାମଳା ହେଲା ଏ ଧରା
ଶସ୍ୟ ଶ୍ୟାମଳା ହେଲା
ସତେ କି ତାର କାଉଁରୀ ସ୍ପର୍ଶରେ
ବସୁଧାକୁ ମୋହି ନେଲା ।
ପୌଷ ମାସରେ ସେ ଅମାନିଆ ପିଲା
ମାନେ ନାହିଁ କାହା ବୋଲ
ବୃଦ୍ଧଜନକୁ ସେ ଗେଲ କରିବାକୁ
ପାଇଥାଏ ଭାରି ଭଲ ।
ନଦୀ ଝରଣାକୁ ସ୍ପର୍ଶ କରିଯାଏ
ମନମତାଣିଆ ହୋଇ
ବାୟୁର ପ୍ରବାହେ ଗାଇଯାଏ ଗୀତ
କେତେ ଭଂଗୀ ଠାଣି ଦେଇ । ❑

*ଓଡ଼ିଆ ବିଭାଗ ଉତ୍କଳ ବିଶ୍ୱ ବିଦ୍ୟାଳୟ*
*ବାଣୀବିହାର, ଭୁବନେଶ୍ୱର*

# ମା, ବାପା

◆ ଦୀପକ କୁମାର ଶତପଥୀ

ମା' ମୋର ଜ୍ୟୋତ୍ସ୍ନାମୟୀ ପୂର୍ଣ୍ଣିମା ରାତିର
ବାପା ମୋ ଅକ୍ଷୟ ବିନ୍ଦୁ ନୀଳ ସାଗରର
ବାପା ମା ଦୁଇ ଦଇବ
ସପତ ବ୍ରହ୍ମାଣ୍ଡେ ହୋଇବ କେ ସମ
ମାପି ପାରେ ତାଙ୍କ ବିଭବ।

ମହାମହିମ ଏ ଅପାର ଜଗତ
କେତେ ବୃକ୍ଷ ରାଜି କେତେ ଯେ ପର୍ବତ
ସମସ୍ତ ହୋଇବ ମଳିନ
ମା' ଶବଦର ସର୍ବଶକ୍ତି ପାଖେ
ସଭିଏଁ ହୋଇବେ ବିଲୀନ।

ମା'ର ପଣତ କାନି ସର୍ବୋଚ୍ଚ ଶିଖର
ତହିଁରେ ରହି ମୁଁ ଭାବେ ସିକନ୍ଦର
ସେ ଅଟେ ମୋ ରକ୍ଷାକବଚ
ସେ ରକ୍ଷାକବଚ ଛତ୍ର ଛାୟା ତଳେ
ରହିଥାଏ ସ୍ନେହ ମୁରୁଜ।

ନିଜେ ନଖାଇ ସେ ଖୁଆଏ ଆମକୁ
ସଞ୍ଜ ନଇଁଗଲେ ଦେଖାଏ ଜହ୍ନକୁ
ତା' ପଣତ କାନି ଗଗନ
ଯେତେ ଝଡ଼ଝଞ୍ଜା ଆସି ତା' ସ୍ନେହକୁ
ନକରି ପାରଇ ଦହନ।

ଅଧ ରାତିରେ ମୋ ନିଦ ଭାଙ୍ଗିଗଲେ
ଭୟଙ୍କର ସ୍ୱପ୍ନ ଯେବେ ମୁଁ ଦେଖିଲେ
କାନ୍ଦେ ଯେବେ କୁଆଁ କୁଆଁ
ମା' କହେ ବସି ନିର୍ଭୟରେ ରହ
ପାଖରେ ଅଛି ତୋ ମା'।

ତୁଣ୍ଡେ ବାହାରିଲା ପ୍ରଥମ ଅକ୍ଷର
ପ୍ରଥମ ଶବଦ ମା'
ସେ ମା' ଶବଦ ଶିଖାଇଲା ମୋତେ
ବଞ୍ଚିବାର ନୂଆ ରାହା।

ବାପାଙ୍କର ସେହି ନାଲି ଆଖି ଡରେ
ସ୍କୁଲ୍ ନଯାଇ ଲୁଚିଛି ତୋଟାରେ
ଶାସନର ସିଏ ସଚିବ
ତାଙ୍କ ସେନେହର ଅମ୍ଳାନ ରେଖାକୁ
କାହିଁକେ ମହୀରେ ଟପିବ।

ବାପା ମା'ଙ୍କର ନାମ ନେଇ ଆଜ
ନ ଲିଭିବା ଯାଏ ମୋ ଜୀବ ସୂରୁଜ
କି ଯଶ ଗାଇବି ତାଙ୍କର
ଯେତେ କହିଲେ ବି ନସରଇ ସେହି
ବାପା ମା' ଦୁଇ ଅକ୍ଷର। ❑

*(ପଞ୍ଚମ ବର୍ଷ),ଓଡ଼ିଆ ଭାଷା ଓ ସାହିତ୍ୟ*
*ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ମୋ ଜେଜେ

◆ ସୁଶ୍ରୀ ସଙ୍ଗୀତା ମହାପାତ

ସ୍ମୃତି ସବୁ ତୁମ ଅପାସୋରା ହୋଇ
ରହିଛି ମୋ ଛାତି ଭିତରେ
ତୁମ କଡ଼ା କଥା ସ୍ନେହର ଡାକକୁ
ଭୁଲିବି ନାହିଁ ମୁଁ ସତରେ।
ନିରୋଳାରେ ଯେବେ ତୁମେ ମନେପଡ଼
ଲୁହ ଜକେଇ ଆସେ ଆଖିରେ
ବେଶି ମନେପଡ଼େ ଘରକୁ ଗଲେ ମୁଁ
ବ୍ୟଥା ପାଏ କେତେ ମନରେ।
ଛ'ଫୁଟ ସେହି ଗୋରା ତକତକ ତୁମର ଦେହଟି
ସତେ କି ଡାକୁଥାଏ ମୋତେ
ଆ'ମୋ ପାଖକୁ କହିବି ତୋତେ
ଜ୍ଞାନ ଭରା କଥା କେତେ।
ଏକଲା ବସି ଜେଜେମା ମୋର
ଭାବେ ବୋଧେ ତୁମ କଥା
କଥା କହୁ କହୁ କାନ୍ଦି ପକାଏ ସେ
ନୁଆଁଇ ତାହାର ମଥା।

ଜେଜେମା କୁହେ ତୁମେ ଭାରି ରାଗୀ
ଶୁଣ ନାହିଁ ଜମା କାହା କଥା
ରାଗିକରି ତୁମେ କୁହ ସିନା ତାକୁ
ଭିତରେ ନଥାଏ କଠୋରତା।
ବେଳେବେଳେ ଜେଜେ ତୁମ କଡ଼ା କଥା
ଦିଏ ଭାରି କଷ୍ଟ ମୋତେ
ବୁଝିନଥିଲି ମୁଁ ତୁମ କଡ଼ା କଥା ଗୁଡ଼ା
ଜୀବନ ପାଇଁ ଉପଯୋଗୀ ଏତେ।
ସ୍ମୃତିରେ ତୁମକୁ ସାଇତି ରଖିବି
ମୁଦିବା ଯାଏ ଆଖି
ସବୁବେଳେ ତୁମେ ପାଖେ ପାଖେ ଥିବ
କହୁଥିବ ଏଇଟା ଠିକ୍ ଆଉ ଏଇଟା ଭୁଲ୍,
ତୁମେ ଅଛ ମୋର ସାକ୍ଷୀ। ❑

*ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ*
*(ଷଷ୍ଠ ବର୍ଷ)*

# ଅତର୍କିତ ଶୀତ

◆ ହୃଷିକେଶ ବାରିକ

ଶୀତ ଆସେ ଚୁପି ଚୁପି ନଈପଠା ଦେଇ
ଶୀତଳ ସ୍ପର୍ଶରେ ଧାନକ୍ଷେତକୁ ଆଡ଼େଇ
ସତେ ଅବା ଡେଇଁ ଡେଇଁ।
କିଏ କହେ ଯମ ତାକୁ କିଏ କହେ ବାଘ
କେହି କେହି କହୁଥାନ୍ତି ସେ କାଳଭୈରବ।
ସମସ୍ତଙ୍କ ମନେ ଭୟ ବୁଣି ଡରାଏ ସେ
ଆବାଳ ବୃଦ୍ଧ ବନିତା ତରୁଣ ତରୁଣୀ
ତା' ଭୟରେ ସାପ ଯାଏ ଗାତେ ପଶି।
ପଶୁ ପକ୍ଷୀ ସବୁ ଶଙ୍କାକୁଳ
ତା' ଭୟରୁ ବର୍ତ୍ତିବାକୁ ହୁଅନ୍ତି ବିକଳ।
କୃଷକର ଅନ୍ତନାଡ଼ି ଯାଏ ଥରି
ଭୟରେ ସେ ଧାଇଁ ଆସେ କ୍ଷେତବାଡ଼ ଛାଡ଼ି।
କାଙ୍କୁରି କୁଙ୍କୁରୀ
କୁଳବଧୂ ଥରି ଥରି ଜାଳୁଥାଏ ସଂଜର ଦୀପାଳି
ଶାନ୍ତିରେ ରହନ୍ତୁ ସର୍ବେ ଏତିକିତା ସାନ ଏକ ଅଳି
ଛୁଆ ଖୋଜେ ମା' କୋଳ ମା' ଖୋଜେ ଚୁଲିମୁଣ୍ଡ
ବିରାଡ଼ିକୁ ତଡ଼ି
ବୁଢ଼ାବୁଢ଼ୀ ଖୋଜୁଥାନ୍ତି ଧୂନି ନିଆଁ
କନ୍ଥା ଓ କନ୍ଥୁଡ଼ି
କିଏ ସେ ଆତଙ୍କ କେଉଁ ରୂପ ତାର
ଅଚିରେ ଡରାଏ ସେ ଗାଁରୁ ସହର
ସଂଜବେଳେ ବୁଲୁଥାଏ ଗାଁ ଦାଣ୍ଡ ଝୁମ୍ପିଡି ପଲାରେ
ନିଶୂନ୍ ରାତିରେ ଆସେ ସହରକୁ
ଗାଡ଼ିଘୋଡ଼ା ବନ୍ଦ ହେଲା ପରେ
ତା' ଭୟରେ ଧରଣୀର ତଣ୍ଟି ଯାଏ ସୁଖି
ଗମ୍ ଗମ୍ ଝାଳ ବହେ ସବୁଜିମା ବକ୍ଷ ଭେଦ କରି
ଥପ୍ ଥପ୍ ଝରି ପଡ଼େ ଅବନି ପୃଷ୍ଠରେ
ତା' ଭୟରେ ସଜୀବ ହୁଏ ନିର୍ଜୀବ, ନିର୍ଜୀବ ସଜୀବ
ପଦ୍ମ ଲୁଚେ ଜଳ ମଧ୍ୟେ ଜଳ ପାଲଟେ ବରଫ
ରାତି ସାରା ବୁଲି ବୁଲି ମନ ତାର ବୁଝେ ନାହିଁ
ସକାଳକୁ ଫେରିବାରବେଳେ
ରାଗେ ଜର୍ଜରିତ ହୋଇ କୁଝଟିକା ଦିଏ ବୁଣି
ଅରୁଣ ବାଣୁଆଙ୍କର ଲକ୍ଷ୍ୟଭ୍ରଷ୍ଟ ପାଇଁ
ସଂଜକୁ ଆସଇ ପୁଣି ସକାଳକୁ ଯାଏ ଚାଲି
ଦେଖି ବାଣୁଆଙ୍କ ଓଠର ସେ ସୁମଧୁର
ନାଲି ହସ ଖିଲି ଖିଲି। ❑

*ଓଡ଼ିଆ ବିଭାଗ*
*ଫକୀର ମୋହନ (ସ୍ୱ°) ମହାବିଦ୍ୟାଳୟ*
*ବାଲେଶ୍ୱର*

# କନ୍ୟାରତ୍ନ

◆ ଦୀପ୍ତିମୟୀ ମହାନ୍ତି

ଉଦିତ ସୂର୍ଯ୍ୟର ସେ ନୂତନ ଆଶା
ଚନ୍ଦ୍ର ଆଲୋକେ ସେ ପୂର୍ଣ୍ଣତାର ଭାଷା ।
ଦୁଇଟି ନାଆର ସେ ଗୋଟିଏ ନାଉରୀ
ଦୁଇଟି ଜୀବନର ସେ ଗୋଟିଏ କାହାଣୀ ।
ମାତୃଗର୍ଭେ ସେ ଅଜନ୍ମା ଶିଶୁଟିଏ
ପୃଥିବୀ ପୃଷ୍ଠରେ ସେ ସମ୍ପର୍କର ସେତୁଟିଏ ।
ଭାଇର ହାତରେ ସେ ବାନ୍ଧେ ସ୍ନେହ ଡୋର
ଗୁରୁଜନଙ୍କୁ କରେ ସେ ସ୍ନେହ ସତ୍କାର ।
ରତ୍ନମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅଟେ ନବରତ୍ନ
ମାନବମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅଟେ କନ୍ୟାରତ୍ନ ।

❑

*ସ୍ନାତକୋତ୍ତର ରାଜନୀତି ବିଜ୍ଞାନ*
*(୫ମ ବର୍ଷ)*

# ତୁମ ଓ ମୋ ଭିତରେ ଥିବା ଫାଙ୍କ

◆ ଯଶୋବନ୍ତୀ ବେହେରା

ମୁଁ ବି ମାପିପାରେ ଶବ୍ଦ ଓ ଆକାଶକୁ
କିନ୍ତୁ ତୁମେ ଯେପରି ମାପିଯାଅ,
ମୁଁ ମାପିପାରେନି !
ମୁଁ ବି ଉଚ୍ଚାରଣ କରିପାରେ ଶବ୍ଦଗୁଡ଼ିକୁ
କିନ୍ତୁ ତୁମେ ଯେପରି ଉଚ୍ଚାରଣ କରିପାର,
ମୁଁ କରିପାରେନି !
ମୋର ଏଇ କରି ନ ପାରିବାରେ,
ତମର ଏପରି ତାଚ୍ଛଲ୍ୟ କାହିଁକି, କହିପାରିବ ?
ଓଃ ! ତୁମେ ଉପରେ ଅଛ ଅଉ ମୁଁ ତଳେ ଅଛି ସେଥିପାଇଁ ?
ଆରେ, ତମେ ତ ସମାନତା କ'ଣ ଜାଣିନ !
ଆଉ ଆରମ୍ଭ କରିବ କେଉଁଠୁ ?
ତୁମ ମାପିବା ଯୋଖିବାରେ ଏହିପରି ଫାଙ୍କ ରହିଯାଉଥିବ ।
ଏସି କାର୍‌ରୁ ଓହ୍ଲାଇ, ଚଷମା ନନାଇ
ଥରେ ଗୋଡ଼ିଗୋଡ଼ିଆ ରାସ୍ତାରେ,
ପ୍ରଚଣ୍ଡ ରୌଦ୍ରତାପରେ ଚାଲିକି ତ ଦେଖ ।।
ତା'ହେଲେ ତୁମେ ଜାଣିପାରିବ ସମାନତା କ'ଣ ?
ଆଉ ଧରିପାରିବ ତୁମ ଓ ମୋ ଭିତରେ ଥିବା ଫାଙ୍କଟାକୁ ।

❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ (୫ମ ବର୍ଷ)*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ନାରୀ

◆ ଚମ୍ପା ସାରେନ୍

କେବେ ଭଗିନୀ ତ କେବେ ସେ ଜନନୀ
କେବେ ପୁଣି କାହାର ଜାୟା
କେବେ ହସାଏ ତ କେବେ ସେ ଭସାଏ
ପୁଣି ସେ ଲଗାଏ ମାୟା ।
ନାରୀ ବିନା ସୃଷ୍ଟି ହୁଏ ଯେ ନିପାତ
ତଥାପି ସେ ତ ବୁଝେନା ।
ଜନ୍ମଠାରୁ ତାର ଶ୍ମଶାନ ପର୍ଯ୍ୟନ୍ତ
କରନ୍ତି ସର୍ବେ ଛଳନା

ସେ ହିଁ ବ୍ରହ୍ମା ସେ ହିଁ ବିଷ୍ଣୁ
ତ୍ରିନେତ୍ର ଶିବ ସ୍ୱରୂପିଣୀ ।
ନୁହେଁ ସେ ଅବଳା ନୁହେଁ ସେ ଦୁର୍ବଳା
ଧରାଧାମେ ସେ ଶକ୍ତି ସ୍ୱରୂପିଣୀ ।

ଲୁହା ଠାରୁ ଶକ୍ତ ସେ ସମୁଦ୍ର ଠାରୁ ଗଭୀର
କେହି ତ ମନର ଗଭୀରତା ପାରେନା ମାପି ।
ତଥାପି ତ ଲାଗେ ବେଳେ ବେଳେ କାହିଁ
ପାଏ ସେ ନିର୍ଯ୍ୟାତନା
ଘରି କାନ୍ଥ ମଧ୍ୟେ ଥାଏ ସେ ଆବଦ୍ଧ
କାହିଁ ପାଏ ଏତେ ଦୁଃଖ ଯନ୍ତ୍ରଣା ।
ନାରୀ ବୋଲି ସେ କି ଅଟେ ଅଭିଶପ୍ତ
ତଥାପି ମନୁଷ୍ୟ ସିଏ
ସେ ନୁହେଁ ଶୃଙ୍ଖଳା ପତର କେବେହେଁ
ତା ପ୍ରାଣେ ସ୍ପନ୍ଦନ ଥାଏ ।

ନୁହେଁ ସେ ଖାଦ୍ୟ ନୁହେଁ ସେ ପାନୀୟ
କାହିଁ ପାଇଁ ହୁଏ ଶୋଷିତ କୁହ ।
ଦିନ ଥାଇ କିଆଁ ଘୋଟଇ ଅନ୍ଧାର
ଚିହ୍ନି ହୁଏନାହିଁ ପୁରୁଣା ମୁହଁ ।
ଶରୀର ମଧ୍ୟେ ଥାଇ ପ୍ରାଣପକ୍ଷୀ
ଲାଗେ କିଆଁ ସବୁ ଶୂନ୍ୟ
ଦିଅ ତାକୁ ତୁମେ ସାହସ ଭରସା
ଗଗନ ବୁକୁରେ ଯାଉ ଉଡ଼ି ଦିଗଦିଗନ୍ତକୁ
ଛିଡୁ ସେ ଶିକୁଳି ଭାଙ୍ଗୁ ସେ ପଞ୍ଜୁରୀ
ସପ୍ତରଙ୍ଗ ଲାଗି ପାଉ ସେ ନୂଆ ଜୀବନ । ❑

*ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ*
*(ଷଷ୍ଠ ବର୍ଷ)*

# ନାରୀ ! ତୋତେ ଫେରିବାକୁ ହେବ

◆ ଯଶୋଦା ନାଏକ

ନାରୀ ଆଜିବି ତୁ ଅବହେଳିତ ଲାଞ୍ଛିତ
ଏ ଦୁନିଆ ବୁଝିନି ତୋର ମୂଲ
ଆଉ ଜାଣିନି ତୋର ପରାକାଷ୍ଠା
ନଚେତ୍ ରାତି ନଥିବା ସହରରେ
ତୁ ହୋଇ ନଥାନ୍ତୁ ଧର୍ଷିତା ।
ନାରୀ ଆଜି ବି ତୁ ନୁହେଁ କାହାର
ଜାୟା, ଜନନୀ, ଆଉ ଭଗିନୀ
କେହି ଦେଖିନି ତୋର ମମତା
ଆଉ ବୁଝୁନି ସେ ତୋର ସ୍ନେହ
ନଚେତ୍ ରାସ୍ତା ମଝିରେ ଲୁଟି ନଥାନ୍ତା
ତୋ ଦେହର ବସ୍ତ୍ର ।
ନାରୀ ଆଜିବି ତୁ ଦୁନିଆର ପଛରେ
ଏ ଦୁନିଆ ତତେ ଦେବନି ତୋର ସମ୍ମାନ
ଆଉ ଫେରେଇ ଦେବନି ତୋର ଇଜ୍ଜତ
ନଚେତ ତୁ ହାରି ନଥାନ୍ତୁ ତୋର
ଜୀବନର ଦୌଡ଼ରେ ।
ନାରୀ ତଥାପି ତୁ କ'ଣ
ରହିଯିବୁ ସେ କବାଟ କଣରେ
ତୋ' ଜୀବନ ବନ୍ଧା ପଡ଼ିଯିବ
ସେ ସିନ୍ଦୂର ଫରୁଆରେ
ନା' ତତେ ଫେରିବାକୁ ହେବ
ଦୁର୍ଗାର ରୂପରେ
ସଂହାର କରିବାକୁ ହେବ
ପାପୀର ଜୀବନ-
ତୋର ଖଡ୍‌ଗ ହସ୍ତରେ ! ❑

*ଓଡିଆ ବିଭାଗ (ଷଷ୍ଠ ବର୍ଷ)*

# ଅଗ୍ନିଶିଖା

◆ କବିତା ନାଏକ

ପ୍ରଜ୍ୱଳିତ ଅଗ୍ନିଶିଖା ଏକ୍ରୁଡ଼ିଶାଳ
ସାଜେ ସ୍ୱାଗତ ଶୁଭ ନାଦର ସକାଳ
ଆସିଯାଏ ଜଗତରେ ପାଦ ଥୋଇବାର ବେଳ । ୧ ।

ଆଉ ପୁଣି କେତେବେଳେ ଆଲୋକଧାରା
ସୂଚାଇଦିଏ ଜୀବନର ମୂଲ୍ୟଧାରା
ଚକ୍ଷୁକୁ ଦିଏ ବଞ୍ଚିବାର ସାହାରା । ୨ ।

କେତେବେଳେ ପୁଣି ଶୁଭ ସଂକେତର ପ୍ରତୀକ
ମନରେ ଜାଳିଦିଏ ଶାନ୍ତିର ପ୍ରଦୀପ
କରି ପବିତ୍ରତା ଅଲୌକିକ ଭାବନାର ଉଦ୍ରେକ । ୩ ।

ଆଉ ପୁଣି ସାଜେ ରୁଦ୍ର ରୂପ
ଜାଳିପୋଡ଼ି ପକାଏ ଶାନ୍ତିର ସ୍ତୁପ
ଚତୁର୍ଦ୍ଦିଗେ ଖେଳିଯାଏ ଏହାର ପ୍ରକୋପ । ୪ ।

ଆଉ ପୁଣି କେତେବେଳେ ଶ୍ମଶାନର ମୁକ୍ତିଦ୍ୱାର
କର୍ମଫଳ ପୁଣ୍ୟ ଅର୍ଜନକୁ କରି ନିଜର
ସାଥି ହୋଇ ରହିଥାଏ ଜନ୍ମଜନ୍ମର । ୫ । ❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ (୫ମ ବର୍ଷ)*
*ଉତ୍କଳ ବିଶ୍ୱବିଦ୍ୟାଳୟ*

# ସୀମାହୀନ ଧୈର୍ଯ୍ୟ

◆ ମଧୁସ୍ମିତା ବେହେରା

ଧୈର୍ଯ୍ୟ ଲୁଚିଥିବା ଛାତିତଳ କୋହ
ଦେଖି ତାକୁ ହୁଏ ନାହିଁ, ଦେଖାଇବି ହୁଏ ନାହିଁ।
ସିଏ ଖାଲି ଛାତିତଳ ଅନ୍ଧାରିଆ ଘର ତଳେ
ଲୁଚି ଲୁଚି ଝରାଉଥାଏ ଅଶ୍ରୁ।
ଧୈର୍ଯ୍ୟର ତା' ସୀମା ନାହିଁ, କେବେ ବି ସେ ଭାଙ୍ଗେ ନାହିଁ
ଯେତେ ଦୁଃଖ ଆସିଲେ ବି ମୁଣ୍ଡ ପାତି ଯାଏ ସହି।

ଏମିତି ତା ହୃଦୟ ପଥରଠୁ ବେଶୀ ଟାଣ
ଫୁଲଠୁ ବେଶୀ ନରମ ଅନୁଭବ କଲେ ତାକୁ,
ଧୈର୍ଯ୍ୟର ସୀମା ନାହିଁ ସେ ସୀମାହୀନ
ସବୁ ଦୁଃଖ ଯାଏ ସହି ଧୈର୍ଯ୍ୟକୁ ଆପଣାଇ
ଏ ପର୍ଯ୍ୟନ୍ତ ଦେଖିନି କେହି କେମିତି ରୂପ ତାର
ଶବ୍ଦ ତାର କିଛି ନାହିଁ, ଧୈର୍ଯ୍ୟ ତାର ଏକମାତ୍ର ନାମ।

ଭାଙ୍ଗିଯାଏ ଯେବେ ତାର ଭରସାର ବାଲିଘର
ଦୁର୍ବଳ ତା ମନ କହେ କରିବାକୁ ସବୁ ପର
ଦେଖାଦିଏ ତା ଆଗେ ମୃତ୍ୟୁର ଆହ୍ୱାନ
ଧୈର୍ଯ୍ୟକୁ ନିୟତି କରି ବଞ୍ଚିବାର ରାହା ବାନ୍ଧେ
ଭୟାନକ ବାତ୍ୟାକୁ ସେ ଛାତି ତଳେ ନିଏ ଚପି
ପଚାରିଲେ କହେନି, ଧୈର୍ଯ୍ୟ ଦିଏ ତା ବୁକେ ସ୍ପନ୍ଦନ।

ଆତ୍ମାର ସେ ବିଶ୍ୱାସୀ ଯେ, ଜୀବନର ଆଦିଜ୍ଞାନ
ସବୁ ଉତ୍ପତ୍ତିର ମୂଳ ସହିବାର ସୀମାହୀନ।
ବଞ୍ଚିରହେ ତା ପାଇଁ ମୃତ୍ୟୁ ତାକୁ ଛୁଏଁ ନାହିଁ
ଭୟଭୀତ ହୋଇ ମୃତ୍ୟୁ ଅନ୍ଧାରଟେ ଯାଏ ହୋଇ।
ଅମାବାସ୍ୟା ରଜନୀରେ ପଶିଯାଇ ଯାଏ ହଜି
ତା ଆଗେ ମୃତ୍ୟୁ ଆସେ ସାଧବବୋହୂଟେ ସାଜି।

ସବୁ ଭାସିଗଲା ପରେ ଏକୁଟିଆ ବନ୍ଧ ବାନ୍ଧେ
    ହଜିଗଲେ ରଷିଗଲେ ଖୋଜିବାରେ ପ୍ରୟାସେ ସେ।
ଅବାସ୍ତବ ଦୁନିଆରେ ଜିଇଁବାରେ ରାହା ଖୋଜେ
    ପୁଣି ସେ ହେଜି କରି ବୃକ୍ଷ ପରି ମୁଣ୍ଡ ଟେକେ।
ସୀମା ତାର ନାହିଁ ଆଉ ହୃଦୟ ତା' ବିଶାଳ
    ତୁଚ୍ଛ ଅଟେ ତା ଆଗେ ମିଛ ଏଇ ସଂସାର।
ସୀମାହୀନ ଧୈର୍ଯ୍ୟ ସେ
    ସାଥେ ସଦା ଥାଏ ରହି
ଆରମ୍ଭ ସେ ଅନାଦିର
    ଶେଷ ଖୋଜି ପାଏ ନାହିଁ। ❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ (ଷଷ୍ଠ ବର୍ଷ)*

## ଘାସ

◆ ବିଜୟଲକ୍ଷ୍ମୀ ପରିଡ଼ା

ରାସ୍ତା କଡ଼ରେ ଗଢ଼େ ନିଜର ଭବନ
ଅନେକ ପାଦରେ ପୁଣି ହରାଏ ଜୀବନ
ପ୍ରତିବାଦ କରେ ନାହିଁ କେବେ ସେ ଲେଉଟି
ଭାବିନିଏ ଏହା ତାର ଜୀବନର ନୀତି ।

ଭାବେ ନାହିଁ କେବେ ସେ ନିଜକୁ ଛୋଟ
ତା ପାଇଁ କେତେ ପ୍ରାଣୀ ଯେ ସନ୍ତୁଷ୍ଟ
ଦଳିତ ହୋଇ ମଧ୍ୟ ଜନ୍ମେ ବାରବାର
ହାରେ ନାହିଁ ଜମା ମରୁଥିଲେ ବି ପ୍ରତିଥର ।

ପୁଣି ସେ ମୁଣ୍ଡ ଟେକେ ନ ଡରି କାହାକୁ
ଆପଣା ବିଶ୍ୱାସେ ହରାଏ ଜଗତକୁ
ଏହିପରି ଅନେକ କଷାଘାତରେ ବଢ଼ିଛନ୍ତି ମହାମାନବ
ପାଲଟି ଯାଇଛନ୍ତି ଆମ ଦେଶର ଗୌରବ ।

ଘାସ ପରି ନେଇଛନ୍ତି ଅନେକ ନବଜନ୍ମ
ଦେଇଛନ୍ତି ଏକ ନୂତନ ଦିଗ୍‌ଦର୍ଶନ
ଶିଖାଉଛନ୍ତି ହାରିବା ନୁହେଁ ସ୍ୱୀକାରୋକ୍ତି
ଅନ୍ୟ ହସ୍ତରେ କେବେ ପାଇବନି ମୁକ୍ତି ।

ବାରବାର ନେଉଥିବ ପୁନର୍ଜନ୍ମ
ଘାସ ପରି ରହୁଥିବ ଅକ୍ଷୁର୍ଣ୍ଣ
ହାରିବା ଭୟରେ ମାରିବନି ନିଜକୁ
ଘାସ ଦର୍ଶାଇଥାଏ ଏହା ଜୀବଜଗତକୁ । ❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ (୫ମ ବର୍ଷ)*

## ମାତୃଭାଷା ମୋ'ର ଜୀବନ

◆ ଯଶୋବନ୍ତ ବେହେରା

'ମୋର' କଥାଟା ଆସଲେ ମୋର ମୋର ପଡ଼ସି
ମୋର ଭାଷା କଥା, ମୋର ରାଏଜ୍ କଥା ।
ହେ ରାଏଜ୍ ଇ ରାଏଜରନୁ ଅଲଗା !
ଆର ତା'ର ଭାଷା ବି ଅଲଗା ।

କେତେ ମିଠା ଲାଗ୍‌ସି !
କିଏ ଯଦି ପଚରେଇ ଦେବା
ଆଉ ଭଲ ଭଲ କାଏଁ ?
ସତେ ଯେନ୍ତା ମୋର ଶରୀରରେ ଗୁଟେ
ନୂଆ ଜୀବନ ଆଏସି !
ଆର୍ ଗୁଟେ ନୂଆ ଚମକ୍ ବି ଆଏସି ।
କାଏଁ ଯେ କହତ ?
ହେଟା ହଉଛେ ମୋର ଭାଷାର ବୋଲି,
ମୋର ଭାଷାର କଥା ।

ମତେ ସୋର ପଡ଼ସି ମୋର ଗାଁର କଥା,
ମୋର ମା' କଥା, ମୋର ବୁଆ କଥା ଆରୁ ମୋର
ଭାଇ ବହେନ କଥା । ଆରୁ ଫେର ମୋର ପଡ଼ସି
ଗଙ୍ଗାଧର ମେହେଙ୍କର କଥା, ରସରକେଲି,
ଡାଲଖାଇ କଥା, ସମ୍ବଲପୁରୀ ଶାଢ଼ୀ କଥା !
ଆମର ଗାଁର ମଙ୍ଗଳବାର ହାଟର କଥା, ବାଟର କଥା...
ଆରୁ ଇସବୁର ଭିତରେ ମୁଇଁ ଶୁନସି
ଗୁଟେ ମିଠା ଭାଷାର କଥା । ହେଟା ମୋର ମା'ର ।
ଯିଏ ମତେ ମା', ବୁଆ, କକା, କାକି,
ଦାଦା, ନାନି ଡାକବାଟା ଶିଖାଇଥିଲା । ❑

*(ପଞ୍ଚମ ବର୍ଷ), ସ୍ନାତକୋତ୍ତର ଓଡ଼ିଆ ଭାଷା ଓ*
*ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,*
*ବାଣୀବିହାର,*

# ମୋତେ କବି ହେବାକୁ ଦିଅ

◆ ଶିବରାମ ମହାପାତ୍ର

ଠିକଣା ଲେଖାନଥିବା ଚିଠି
ଯଦି ଠିକଣା ଖୋଜିପାଏ, ଆଉ
ଚିହ୍ନା ଚେହେରା ଯଦି ଅଚିହ୍ନା ହୋଇଯାଏ
ସ୍ୱପ୍ନ ଯଦି ଅବାସ୍ତବ ଛାଡି ବାସ୍ତବରେ ବ୍ୟସ୍ତ ରୁହେ
ତଥାପି ବି କଅଣ ଫରକ୍ ପଡିବ ମୋର ?
ମୁଁ ତ ସେଇ କବି,
ଯିଏ କବିତାରେ ବଞ୍ଚେ
କବିତାରେ ମରେ ।
କବିତା ମୋ ପାଇଁ ସବୁ କିଛି,
କବିତା ମୋ ପରିଚୟ
ମୋ ଠିକଣା
ମୋ ପ୍ରେମିକା
ମୋ ସ୍ୱପ୍ନ
ମୋର ସବୁକିଛି ।
ମୋ ପାଇଁ ନୁହେଁ,
ମୁଁ ସ୍ୱପ୍ନ ଦେଖେ,
ମୋ କବିତା ମାନଙ୍କୁ ନେଇ
ମୋ କବିତାର ଶବ୍ଦମାନଙ୍କ ପାଇଁ
ଯଦିଓ ଏମାନେ ଅଦରକାରୀ
ଶସ୍ତା ବଜାରର କୋବି ଦର ପରି;
ତଥାପ ତ ଏମାନେ କବିତା ନା,
ଥରେ ତ ଭଲ ପାଅ ଏମାନଙ୍କୁ !

ହଁ ବଡବଡୁଆ କବିଙ୍କ ଭଳି
ମୁଁ ଲବି କରିନି - ଖଣ୍ଡେ ମାଇକି ଚଉକି
କି ହାତଗୁଞ୍ଜା ମାନପତ୍ର ପାଇଁ
ତଥାପି କାହିଁ ତୁମେ ଛଳନା କର ମୋ ସହ
କାହିଁକି ଉପହାସ କର ମୋତେ ?
ମୋ ଶବ୍ଦ କି ମୋ କବିତାମାନେ,
କ'ଣ ଭୁଲ୍ କରିଛନ୍ତି ?
ଥରେ କୁହ ତ ମତେ !
ଶୁଣ, ମୋତେ ନହେଲେ ନାଇଁ
ମୋ କବିତାକୁ ତ ଭଲ ପାଅ
ଥରେ ତ ମୋତେ କବି ହେବାକୁ ଦିଅ
ଉଁ, ଥରେ ତ ମୋତେ କବି ହେବାକୁ ଦିଅ ।

❑

*ଗଣମାଧ୍ୟମ ବିଭାଗ*

# ମୋ ଭାଷା ମୋ ଜୀବନ

◆ ମିଥୁନ୍ ମଲ୍ଲିକ

ମୋ ଭାଷା !
ତୁ ନାରୀଟିଏ, ତୁ ପରୀଟିଏ,
ସବୁ ପରେ
ତୁ ମୋର ପ୍ରେମିକାଟିଏ।
ବୟସରେ ତୁ ବଡ଼ ହେଲେ ବି
ମୋ ପାଇଁ ତୁ ତରୁଣୀଟିଏ।

ତୁ ତ ଜାଣିଛୁ ତୋତେ ସାହାରା ଦରକାର
ଲତାଟିଏ ପରି, କବିତାଟିଏ ପରି
ମୁଁ ବି ଭାବି ଦେଇଛି
ମୁଁ ହୋଇଯିବି କବିଟିଏ।

ଦିନେ କେତେ ରାକ୍ଷସ ଧାଇଁଥିଲେ
ତୋ ପଛେ ପଛେ
ତୋର ମାଂସ ଖାଇବା ପାଇଁ
ତଣ୍ଟି ତୋର ଚିପିଦେବା ପାଇଁ
ଅନାଥିନୀ ଭାବି।
ହେଲେ,
ବଞ୍ଚାଇ ଦେଲେ ତୋତେ
ତୋର ହାତଗଣତି ପ୍ରେମିକମାନେ।

ଏବେ କିନ୍ତୁ ମୋର ଭାରି ଭୟ
ଘର ଢିଙ୍କି ପରା କୁମ୍ଭୀର ହେଲାଣି
ଏକୁଟିଆ ମାରିପାରୁନି ସେ କୁମ୍ଭୀରକୁ
ତୋତେ ବଞ୍ଚିବାକୁ ହେଲେ,
ତୋ ପ୍ରେମିକାଙ୍କ ତାଲିକାରେ
ଲମ୍ବା ନାମର ତାଲିକା ଦରକାର
ନ ହେଲେ ତୋତେ ଖାଇଦେବ କୁମ୍ଭୀର
ଏକୁଟିଆ ମୁଁ ସାମ୍ନା କରିପାରିବିନି ତା'ର
ଶେଷରେ ଜୀବନ ମୁଁ ଦେବି ହାରି
ତୁମକୁ ଝୁରିଝୁରି। ❑

*(୫ମ ବର୍ଷ)*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ଭୁବନେଶ୍ୱର*

# ଭୋର୍

◆ ଚକ୍ରଧର ତ୍ରିପାଠୀ

ଦିନ ପରେ ରାତି ରାତି ପରେ ଦିନ
ଚକ୍ରାକାରେ ଆସେ ଯାଏ
ଆଲୁଅ, ଅନ୍ଧାର ସକାଳ-ସଞ୍ଜ
ନିତିଦିନ ଘଟୁଥାଏ ।

ଦିନକ ମଧ୍ୟରେ ପ୍ରତିଟି ମୁହୂର୍ତ୍ତ
ଶୁଭ ଓ ଅଶୁଭ ମଧ୍ୟେ
ବିତି ଯାଉଅଛି ବିଜୁଳି ପରାଏ
ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ଗଭୀର ଭାବରେ ଚିନ୍ତା କରୁ କରୁ
ମନକୁ ଆସେ ଉତ୍ତର
ଦିନକ ମଧ୍ୟରେ ନିର୍ଦ୍ଦିଷ୍ଟ ସମୟେ
ସଭିଏଁ ଥାନ୍ତି ସ୍ଥିର ।

ଦିନ ନୁହେଁ ତାହା ରାତି ତ ନୁହଁଇ
ସମୟଟି ପରା ଭୋର୍
କୀଟ, ତରୁ, ଲତା ଆଗମନେ ତା'ର
ହୁଅନ୍ତି କର୍ମ ତତ୍ପର ।

ରାତିଟିର କ୍ଳାନ୍ତି କରି ଦୂରିଭୂତ
ମାନବେ ଉଠନ୍ତି ଚେଇଁ
ନୂତନ ଯୋଜନା ନୂତନ ସନ୍ଦେଶ
ପୂରଣ କରିବା ପାଇଁ ।

ଓଁକାର ଶବଦେ ନିନାଦିତ ହୁଏ
ଶୀତଳ ଶାନ୍ତ ସମୀର
ଘଣ୍ଟଘଣ୍ଟା ପୁଣି କାହାଣୀ ଶବଦେ
ପ୍ରକୃତି ହୁଏ ଗମ୍ଭୀର ।

ଅନ୍ଧକାର ଦୂରୁ ଦୂରକୁ ପଳାଇ
ଅପେକ୍ଷା କରେ ସୂର୍ଯ୍ୟଙ୍କୁ
ଭୋର୍ ଜଣାଏ ସ୍ୱାଗତ ରବିଙ୍କୁ
ଧରାପୃଷ୍ଠେ ଆସିବାକୁ ।

ପକ୍ଷୀର କାକଳି ନିମନ୍ତ୍ରଣ କରେ
ନିତି ନିତି ଭୋର୍‌କୁ
ଆସନ୍ତି ସୂରୁଜ ଅମାକୁ ଦୂରେଇ
ଆଲୋକିତ କରିବାକୁ ।

ଆସୁଥିଲା ଭୋର୍ ଆସିବ ଭୋର୍
ଆସିଅଛି ଏବେ ଭୋର୍
ମନକୁ ସେ ଛୁଇଁ ଯାଉଅଛି କହି
ସଭିଏଁ ଆପଣା ମୋର
ସଭିଏଁ ଆପଣା ମୋର । ❑

*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର*

## ସବୁଜ ସୁନ୍ଦର ମୋ' ଗାଁ

◆ ସତ୍ୟନାରାୟଣ ଜେନା

ମୋ ଗାଁ ଟିର ନାମ ମାଳି ଅଞ୍ଚଳ
ସବୁଜ ସୁନ୍ଦର ଭରା ତାର ପରିବେଶ।

ମୋ ଗ୍ରାମର ଆରମ୍ଭରେ ଥାଏ ବିଦ୍ୟାଳୟ
ପିଲାଙ୍କୁ ଗଢ଼ି ତୋଳିବାର ସହଜ ଉପାୟ।

କେତେ ଯେ ପଥରକୁ ମୂର୍ତ୍ତି କରିଛି
ତା' କୋଳରେ ପଡ଼ି ମୁଁ ଧନ୍ୟ ମଣୁ ଅଛି।

ଗାଁ ର ଅଧିଷ୍ଠାତା ଦେବୀ ମା' ଲଳିତ କୁମାରୀ
ତାଙ୍କ ଆଶୀଷରେ ଭରା ଏ ଗ୍ରାମଟି ଆମ୍ଭରି।

ସକାଳ ଆସିଲେ ଏଠି କୁକୁଡ଼ା ରାବଇ
ସଂଜ ହୁଏ ଯେବେ ଗୋଠରୁ ଫେରେ ଗାଈ।

ମୋ ଗାଁରେ ଥାଏ ଗୋବରୀ ନଈ
ସେ ନଈ ସୁଅରେ ଦୁଃଖ କଷ୍ଟ ଯାଏ ଲୀନ ହୋଇ।

ଲୋକେ ସବୁ କରନ୍ତି କୃଷି ଉପରେ ନିର୍ଭର
ସବୁ ଋତୁରେ ଥାଏ ତାଙ୍କ କ୍ଷେତଟି ସବୁଜ ସୁନ୍ଦର।

ଗାଁ ଚଉରା ମୂଳେ ଝୋଟି ସବୁଠୁ ସୁନ୍ଦର
ସେଠାରେ ଲାଗନ୍ତି ସମସ୍ତେ ଅତି ଆପଣାର।

ସେହି ଗ୍ରାମରେ ମୁଁ ଜନମ ଲଭିଛି
ମନେ ମନେ ବହୁତ ଖୁସି ଯେ ଲାଗୁଛି।

ମୋ ଗାଁର ପରିବେଶ କେତେ ଯେ ସୁନ୍ଦର
ତାହା ଅଟୁ ଆମ୍ଭେ ଅତି ଆପଣାର। ❑

*(ପଞ୍ଚମ ବର୍ଷ),ଓଡ଼ିଆ ଭାଷା ଓ ସାହିତ୍ୟ*
*ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

## ମୋ ଗାଁ

◆ ମନୋଜ କୁମାର ନାୟକ

ଗାଁ ନା ମୋର ବନ୍ଦାଳୋ
ତା ନାଁଟି ଲାଗେ କେଡ଼େ ସୁନ୍ଦର।
ମୋ ଗାଁର ଇତିହାସ କୁହେ
ତିଗିରିଆ ରାଜା ବାଙ୍କୀ ରାଜାଙ୍କୁ
ଦେଇଥିଲେ ତାକୁ ବନ୍ଦାଣ।

ମୋ ଗାଁ ଦେଇ ବହିଯାଏ ମହାନଦୀ ପାଣି
ଦେଖିବାକୁ ଲାଗେ କେଡ଼େ ସୁନ୍ଦର।
ସେଥିପାଇଁ ମୋ ଗାଁ କେଡ଼େ ଭଲ
ତାର ଚାରିପାଖେ ଅଛି ବିଲ ଲତା ଆଉ ପାହାଡ଼।

ମୋ ଗାଁର ଦକ୍ଷିଣ ଦିଗରେ ଅଛି
ପାପନାଶିନୀ ମା' ଚର୍ଚ୍ଚିକାର ମନ୍ଦିର
ସେ ମନ୍ଦିର ଭିତରେ ମା' ବସିଥା,
ଭକ୍ତଙ୍କ ପାଇଁ ଖୋଲି ତା ଦରବାର।

ମୋ ଗାଁର ପୂର୍ବ ଦିଗରେ ମଶାଣି ଭୂଇଁ
ଲାଗେ ସତେ ସେ ମହୋଦଧିର ଭୂଇଁ
ଏଇ ତ ମୋ ଗାଁ ବନ୍ଦାଳୋ
ଲାଗେ ମୋତେ ସବୁ ଗାଁ ଠାରୁ ଅଧିକ ସୁନ୍ଦର। ❑

*ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,*
*(ଷଷ୍ଠ ବର୍ଷ)*

# ମନଛୁଆଁ ମୋ ଗାଁ

◆ ଗୌରାଙ୍ଗ ଚରଣ ମହାରଣା

କି କହିବି କଥା ତାର
ତା ଗୁଣ ଅଟେ ଅପାର
କେତେ ସ୍ମୃତି ଗଲା ଚାଲି
ସ୍ମରଇ ମୁଁ ଲୁହ ଢାଳି ।
ସାତ ଦରିଆର ଆରପଟେ ଥିଲେ
ଭୁଲି ପାରେନି ତୋ ନାଁ
ମୋ ଗାଁ ।

କେତେ ମଧୁର ତା ନାଁ
ସତେ ସର୍ଭିଁ ମନ ଛୁଆଁ
ନୀଳ ପ୍ରକୃତିର ଧାରେ
ଜନମିଲି ତା'ର ପୁରେ
ସାତ ଦରିଆର ଆରପଟେ ଥିଲେ
ଭୁଲି ପାରେନି ତୋ ନାଁ
ମୋ ଗାଁ ।

କଟିଲା ମୋ ବାଲ୍ୟ କାଳ
ପ୍ରକୃତିର ସେହି କୋଳ
ସିଆଳି ଲଟାର ମାଳ
ହଜାଇ ଦେଲାରେ କାଳ
ସାତ ଦରିଆର ଆରପଟେ ଥିଲେ
ଭୁଲି ପାରେନି ତୋ ନାଁ
ମୋ ଗାଁ ।

ମନେ ପଡ଼େ ବାଲ୍ୟ କାଳ
ବାଲ୍ୟ ସାଥିଙ୍କର ମେଳ
କାହିଁ ଗଲାରେ ସେ କାଳ
ତାର ସେ ଶାଗ ପଖାଳ
ସାତ ଦରିଆର ଆରପଟେ ଥିଲେ
ଭୁଲି ପାରେନି ତୋ ନାଁ
ମୋ ଗାଁ ।

ମନ୍ଦିର ଚୂଡ଼ାରେ ନେ ତ
ଅବଧାନଙ୍କର ବେତ
ଚାଟଶାଳୀର ସେ ଗୀତ
ଛଡ଼ାଇ ନେଲା ସେତ
ସାତ ଦରିଆର ଆରପଟେ ଥିଲେ
ଭୁଲି ପାରେନି ତୋ ନାଁ
ମୋ ଗାଁ ।

ଶୀତୁଆ ସକାଳ ଶୀତ
କୁଆଁର ପୂନେଇଁ ଗୀତ
ଗାଁର ବାଗୁଡ଼ି ଖେଳ
ହଜିଛିରେ ସେହି ବେଳ
ସାତ ଦରିଆର ଆରପଟେ ଥିଲେ
ଭୁଲି ପାରେନି ତୋ ନାଁ
ମୋ ଗାଁ ।

ଖରାଦିନର ସେ ଛୁଟି
ଭଉଣୀର ମିଛ କଟି
ବୁଢୀମା କାହାଣୀ ଗପ
ମନେ ପଡ଼େ ଲାଗେ ଦୁଃଖ
ସାତ ଦରିଆର ଆରପଟେ ଥିଲେ
ଭୁଲି ପାରେନି ତୋ ନାଁ
ମୋ ଗାଁ ।

ଗାଁ ମୁଣ୍ଡ ଆମ୍ବ ତୋଟା
ଆମ୍ବ ସତେ ଭାରି ମିଠା
ଜେଜେଙ୍କର ଥଟ୍ଟା ମଜା
କାହାଣୀ ମନ ଅବୁଝା
ସାତ ଦରିଆର ଆରପଟେ ଥିଲେ
ଭୁଲି ପାରେନି ତୋ ନାଁ
ମୋ ଗାଁ ।

ବନ୍ଧୁ ମୋର ଥିଲେ କେତେ
ଗାଇ ହୁଏନି ଏ ଗୀତେ
ଯାଇଛିରେ ସେ ସମୟ
ମନ ମୋ ହୁଏ ଅଥୟ
ସାତ ଦରିଆର ଆରପଟେ ଥିଲେ
ଭୁଲି ପାରେନି ତୋ ନାଁ
ମୋ ଗାଁ ।
ବୁଢ଼ୀମା କାହାଣୀ ଗପ
ଭାଇ ଭଉଣୀର ସୁଖ
ସନ୍ଧ୍ୟା କାଳର ପ୍ରାର୍ଥନା
ବାପାଙ୍କ କଡ଼ା ତାଡ଼ନା
ସାତ ଦରିଆର ଆରପଟେ ଥିଲେ
ଭୁଲି ପାରେନି ତୋ ନାଁ
ମୋ ଗାଁ ।
ସମୟ ବଡ଼ ବିଚିତ୍ର
ହୋଇଗଲା ମନେ ଚିତ୍ର
ଜୀବନର ଶେଷ ପଥେ
ମିଳିବ କି ଆଉ ସତେ
ସାତ ଦରିଆର ଆରପଟେ ଥିଲେ
ଭୁଲି ପାରେନି ତୋ ନାଁ
ମୋ ଗାଁ ।
ଏ ଶରୀର ମାଟି ଘଟେ
ଜଳିବ ଜୁଇ ତା ପୀଠେ
ଏତିକି ବିଭୂ କାମନା
ହୋଇବନି ଆନ ମନା
ଘେନ ମୋ ଶେଷ ପ୍ରଣାମ
ଗାଁ ମୋର ସ୍ୱର୍ଗ ଧାମ
ସାତ ଦରିଆର ଆରପଟେ ଥିଲେ
ଭୁଲି ପାରେନି ତୋ ନାଁ
ମୋ ଗାଁ । ❑

***ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର***
***ଭୁବନେଶ୍ୱର (ସଂସ୍କୃତ ବିଭାଗ)***

# ମୋ ବିଦ୍ୟାଳୟ

**◆ ଶ୍ରୀମାନ୍ କୌସ୍ତୁଭ ଦାଶ**

ଚନ୍ଦ୍ରଶେଖରପୁର ଏକାମ୍ର ନଗର ସ୍ଥିତ
ସେହିଠାରେ ଅଟେ ଏହା ଅବସ୍ଥିତ
ଜ୍ଞାନର ଆଳୟ ଅଟେ ମୋର ବିଦ୍ୟାଳୟ
ଶ୍ରୀ ଦୟାନନ୍ଦ ଆଦର୍ଶରେ ଅଟଇ ଦିକ୍ଷୀତ (୧)

ଶୈଶବରେ ତାର କୋଳେ ଥାପିଲି ମୁଁ ପାଦ
ସହିଲା ଅଳି ଅର୍ଦଳି ମୋ ହରଷ, ବିଷାଦ
କୈଶୋରେ ଜୀବନ ମଂତ୍ର ଶିଖିଲି ତା ଠାରୁ
ନାଚି ଗାଇ ଖେଳି କଲି ଆମୋଦପ୍ରମୋଦ (୨)

ଅଜ୍ଞାନର ତିମିରରୁ ନେଲା ମୋତେ ଟାଣି
ଜ୍ଞାନଚକ୍ଷୁ ଖୋଲିଦେଲା ବିଜ୍ଞାନ ବଖାଣି
କହିଲା ଧନରେ କେବେ ଅବାଟେ ନଯିବୁ
ପର ଉପକାରୀ ହେବୁ ଦୁଃଖୀ ମନଜାଣି (୩)

ମାଆପରି ଆଦରିଲା ବାପାପରି ଆକଟିଲା
ମୋ ଖୁସିରେ ଖୁସିହେଲା ମୋ ଦୁଃଖେ କାନ୍ଦିଲା
ବତାଇଲା କର୍ମଯୋଗୀ ହୋଇବୁରେ ବାବୁ
ଦେଶ ପାଇଁ ସର୍ବ ସୁଖ ତେଜିବୁ ବୋଇଲା (୪)

ଜାଣିଛି ମୁଁ ବଡ ହେବି ତା କୋଳ ଛାଡିବି
ହେଲେ ଉପଦେଶକୁ ତା ସଦା ମାନିଥିବି
ସିଏ ଖାଲି ନାଲି ରଂଗ କୋଠାଟିଏ ନୁହେଁ
ମୋ ପାଇଁ ତା କାନ୍ଥବାଡ ଶ୍ରୀମନ୍ଦିର ନେତ
ଜ୍ଞାନର ଆଳୟ ଅଟେ ମୋ ବିଦ୍ୟାଳୟ
ଶ୍ରୀ ଦୟାନନ୍ଦ ଆଦର୍ଶରେ ଅଟଇ ଦିକ୍ଷୀତ (୫) ❑

*ଏକାଦଶ ଶ୍ରେଣୀ (ବିଜ୍ଞାନ), ଡି.ଏ.ଭି. ପବ୍ଲିକ୍ ସ୍କୁଲ*
*ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ।*

# ଛିଂଡା କମଳ

◆ ସୁଶାନ୍ତ ଜେନା

ଏକୁଟିଆ କରିଦେଇ
ଜଣେ ପରେ ଜଣେ
ଚାଲିଗଲେ ସଂଧ୍ୟା ଆକାଶକୁ ।

ରାତିରେ ଗପ କହି କହି
ଜେଜେ ମା' ଦୂର ଆକାଶକୁ
ହାତ ଦେଖାଇ କୁହେ -
'ହେଟି ମୋ ପୁଅ ବୋହୂ' ।

କିଛି ଦିନ ପରେ
ତା' ପୁଅର ଉପହାରଟି
ମୋତେ ଦେଇ ତାଙ୍କ ସହ ମିଶିଗଲା ।

ମୁଁ ବଢ଼ିଲି
ରାସ୍ତାକଡ଼, ପରବାରଣ୍ଡା ଓ ଗଛମୂଳରେ ।

ଗ୍ରୀଷ୍ମ ରାତିରେ
ବୋଉ ପରି ପୋଛିଦିଏ
ମୁଣ୍ଡର ଝାଳ ଓ ପାଟିର ନାଳକୁ ।

ହାଡ଼ଭଙ୍ଗା ଶୀତରୁ
ବୋଉର ପଣତ କାନି ପରି
ଘୋଡ଼ାଇ ଦିଏ ମୋର କମ୍ପିତ ଶରୀରକୁ ।



ବେଳେବେଳେ ପାଲଟି ଯାଏ
ଜେଜେମା'ର ଗପ
ଭୁଲାଇ ଦିଏ ଭୋକ ଶୋଷ ।

ଶେଷରେ ମୋତେ ମୋ
ପରିବାର ପାଖରେ ପହଞ୍ଚାଇ
ମୋ ଲଙ୍ଗଳା ଶବ ସହ ମାଟିରେ ମିଶିଯିବ ।

ସେ ମୋ ପାଇଁ
ଗ୍ରୀଷ୍ମର ପୃଥିବୀ, ଶୀତର ଅକାଶ । ❑

*(ପଞ୍ଚମ ବର୍ଷ),ଓଡ଼ିଆ ଭାଷା ଓ ସାହିତ୍ୟ*
*ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ମେଟ୍ରୋ ନଗରୀରେ ଦଶହରା

◆ ଗୀତାରାଣୀ ନାୟକ

ଦଶହରା ଆସୁଛି !
କାଶତଣ୍ଡୀର ଶୋଭାରେ
ଭସାମେଘର ସମାରୋହରେ
ଆନନ୍ଦ ଉଲ୍ଲାସର,
ରଙ୍ଗ ବେରଙ୍ଗର ରୋଷଣୀରେ
ଭେରୀତୁରୀରେ କମ୍ପି ଉଠିଛି
ମେଟ୍ରୋ ନଗରୀ
ଭିତରେ ଅସହାୟ
ବାହାରକୁ ବଡ଼ିମା ଦେଖାଉଥିବା
ମେଟ୍ରୋନଗରୀ ଦର୍ଶନ କରୁଛି ଦଶହରାକୁ
ଦଶହରା ଆସୁଛି ମହାସମାରୋହରେ
ଆପାର୍ଟମେଣ୍ଟ, ସପିଙ୍ଗ୍‌ମଲ୍,
ରେଷ୍ଟୁରାଣ୍ଟ୍‌ର ହୋହଲ୍ଲାକୁ ଚମକାଇ ଦେଇ
ଦଶହରା ଆସୁଛି ।
ଢୋଲ ମହୁରୀର ଶବ୍ଦନିର୍ଘୋଷ ମଧ୍ୟରେ
ଦେବୀ ଓହ୍ଲାଇ ଆସୁଛନ୍ତି – ଆକାଶ ବକ୍ଷରୁ ।

ନଈପଠାରେ ଧର୍ଷିତା ଯୁବତୀର ମୃତ ଦେହ
ପାଖରେ ପଡ଼ିଥିବା ଖାଲି ବୋତଲ
ବିଚ୍ ରାସ୍ତାରେ ହତ୍ୟାକାଣ୍ଡର
ବିମର୍ଷତାରେ ଜଡ଼ସଡ଼
ଏ ମେଟ୍ରୋନଗରୀ
ଦର୍ଶନ କରୁଚି ଦଶହରାକୁ ।

ଫେସ୍‌ବୁକ୍, ସୋସିଆଲ୍ ମିଡ଼ିଆ
ଚଳଚ୍ଚିତ୍ର, ରାଜନୀତି, କ୍ରିକେଟରେ
ପଥଭ୍ରଷ୍ଟ ଏ ସହରର ଆତ୍ମା –
ଆତ୍ମହରା ହୋଇଯାଏ
ଦଶହରା ଆଗମନରେ ।
ପ୍ରବଳ ଆଗ୍ରହ, ଗଭୀର ଭଲପାଇବାରେ
ଦେବୀ ଓହ୍ଲାଇ ଆସୁଛନ୍ତି
ଏ ମେଟ୍ରୋ ନଗରୀର ଆତ୍ମାର ପ୍ରାର୍ଥନା
ରୂପାନ୍ତରିତ ହୋଇଯାଏ
ସତ୍ କବିଟିର ଲେଖନୀରେ
ହେ ମା' ଶକ୍ତି ଦେ
ମୁକ୍ତି ଦେ ମା'
ଶବ୍ଦମାନଙ୍କୁ ଶବ୍ଦବ୍ରହ୍ମ ଫେରାଇ ଦେ ମା'
ଅନ୍ଧ ଅହମିକା ଆସ୍ପର୍ଦ୍ଧା ମଧ୍ୟରୁ ମୁକ୍ତି ଦେ ମା' । ❑

*ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର*

## ବସନ୍ତର ଆଗମନ

◆ ନମିତା ବାରିକ୍

ଶୀତ ଯାଇ ଯେବେ ବସନ୍ତ ପ୍ରବେଶ କଲା
ପୃଥବୀ ମାତା କୋଳରେ ଆନନ୍ଦ ଛୁଟିଲା।
ବୃକ୍ଷରାଜର ନୂତନ ପଲ୍ଲବ ପଶିଁଲା
ଚତୁର୍ପାର୍ଶ୍ୱେ ତାର ମଳୟ ବହିଲା।
ବସନ୍ତର ଆଗମନେ ଖୁସିରେ ଗୀତ ଗାଏ
କୋକିଳ ତାର ମଧୁର ସ୍ୱରରେ।
କୋକିଳରର କୁହୁକୁହୁ ମିଠା ସ୍ୱରରେ
ଭରିଯାଏ ସଭିଙ୍କ ମନ ଆନନ୍ଦରେ।
ପ୍ରଜାପତି ଭଅଁରମାନେ ଉଡ଼ିବୁଲୁଥାନ୍ତି
ଫୁଲରୁ ଫୁଲକୁ ଯାଇ ମଧୁ ସଞ୍ଚୟ କରନ୍ତି।
ବସନ୍ତର ଫୁଟେ ନାନା ଫୁଲ ମାନ
ଖୁସି ଉଲ୍ଲାସରେ ଭରିଯାଏ ସଭିଙ୍କର ମନ।
ସକାଳର ଖରା ଯେବେ ପଡ଼ିଯାଏ ଦେହରେ
ଉଷୁମ ଲାଗେ ସଜଖରା ତାତିରେ।
ଭରିଯାଏ ମନ ଅନେକ କିଛି ଆଶାରେ
ସକାଳର ସୂର୍ଯ୍ୟମୁଖୀ ଫୁଲ ଅଳ୍ପ ହସରେ।
ସନ୍ଧ୍ୟା ସମୟେ ଯେବେ ରବି ଅସ୍ତ ହୁଅନ୍ତି
ପକ୍ଷୀମାନେ ଗୀତ ଗାଇ ବସାକୁ ଫେରନ୍ତି।
❑

*(ପଞ୍ଚମ ବର୍ଷ),ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

## ମୁଠାଏ ଲୁହ...

◆ ମୌସୁମୀ ସାହୁ

ବିନିଦ୍ର ସପନଟିଏ
ଆସେ ଯେବେ
ଅଧା ଭିଜା ଆଖିର ଲୁହରେ,
ବିରହୀ ଚଇତିଟିଏ
ଆପଣାର କରିନିଏ
ଛୁଇଁଯାଇ ତନୁରେ, ମନରେ।

ମେଘ ଫାଙ୍କେ କବି ଆତଙ୍କ
ସ୍ମୃତିକୁ ସଜେଇ ଯେବେ
ଅତୁଟ ଜୋଛନା,
ନିବୁଜ କୋଠରୀ ପରି
ହୃଦେ ମୋର ଯାଏ ଭରି
ସୁନେଲି ଭାବନା।

ମନ ପୁଣି ନାଚ଼ିଯାଏ
ନୟନରୁ ଝରିଯାଏ
ସ୍ୱପ୍ନ ଭିଜା ହସ,
ଭାବନାର ରଙ୍ଗ ମାଖି
ଦେଖୁଛି କି କେ ନିରେଖି
ମତେ ବାରମାସ। ❑

*(ଜେ. ଏନ୍. ୟୁ., - କଟକ)*

# ଦୋଳ ପରବ

◆ ମିନତି ସାହୁ

ଯାଉଛି ଶୀତ ଛାଡ଼ି
ସୁଲୁସୁଲିଆ ଦକ୍ଷିଣା ବାଆ
ବହୁଛି ଝାଡ଼ି ଝାଡ଼ି,
ଫୁଟୁଛି ଫୁଲ କଢ଼ି
ଫଗୁଣ ବାଆ ମହକ ଛୁଆଁ
ନାଚେ ଭ୍ରମର ଉଡ଼ି।
ଅମଳ ବିଲ ବାନି
ଚଷୀ ଭାଇଟି ହରଷ ଭରେ
ଫସଲ ନିଏ ଝାଡ଼ି,
ଦୋଳ ପରବ ଘଡ଼ି
ମଉଜ ଆଣି ଦେଇଛି ଆଜି
କୋଇଲି କୁହୁ ରଡ଼ି।
ଶରଧା ସ୍ନେହ ବଢ଼ି
ଶ୍ରମିକ ଭାଇ ବିଦେଶୁ ଫେରେ
ଗାଁ ମାଟିର ଗୋଡ଼ି,
ଆପଣା ଘର ଏଡ଼ି
ନାଟ ତାମସା ଚଲଇ କେତେ
ଖେଳ ମେଳକୁ ଲୋଡ଼ି।
ହୋଲି ଆସିଛି ମାଡ଼ି
ରଙ୍ଗ ବେରଙ୍ଗେ ସଜାଇ କେତେ
ଦୁଃଖକୁ ଦେବ ତଡ଼ି,
ଖଜା ସାକର ବଡ଼ି
ନୂଆ ପୋଷାକେ ଖାଇଣ କିଏ
ଯାଉଚି ହସି ଗଡ଼ି।
ରାଧା-କୃଷ୍ଣଙ୍କ ଯୋଡ଼ି
ମଣି-ବିମାନ ଅଗୁରୁ ଧୂପେ
ଚଲିଛି ଧାଡ଼ି ଧାଡ଼ି,
ଅବିର ଯାଏ ପଡ଼ି
ଦିଅଁଙ୍କ ସଙ୍ଗେ ସରବେ ଆଜି
ଭକତି ଭାବେ ଜଡ଼ି।
ଯାତରା ମେଳା ଘଡ଼ି
ଥାଟ ବଜାର ଉଛୁଳି ପଡ଼େ
ଠୁକୁରୁ ଠାକ ବାଡ଼ି
ଅଜା ଚଲନ୍ତି ଆଇଙ୍କ ସାଥେ
ନାତି ନାତୁଣୀ ଭିଡ଼ି। ❑

*ସ୍ନାତକୋତ୍ତର ଓଡିଆ ବିଭାଗ, (ଷଷ୍ଠ ବର୍ଷ)*



# ହେ ନିରର୍ଥକ ମୁହୂର୍ତ୍ତ !

◆ ରାଜିବ ଲୋଚନ ସାହୁ

ସରିଲା ପଞ୍ଚୁକ କାର୍ତ୍ତିକ ମାସ ବି
ନେଇଗଲା ଅବସର
ଋତୁଚକ୍ରର ଦାରୁଣ ନିର୍ଦ୍ଦେଶେ
ଆସିଲ ତୁମେ ଶିଶିର ।
ଶିଶୁ ମନେ ଦେଲ ଅଜଣା ଭୟଟି
ଥରିଲା କୋମଳ ପ୍ରାଣ
ବୃଦ୍ଧ ସମାଜ ଗଣିଲେ ପ୍ରମାଦ
କାତର ହୋଇଲେ ଜନ ।
ଆନ ଋତୁ କେତେ ଆସନ୍ତି ମରତେ
ନବ କଳ୍ପନା ନେଇ,
ଲେଉଟାଣି ବେଳେ ଧରଣୀର କୋଳେ
ଯାଆନ୍ତି କେତେ ଭେଟି ଦେଇ ।
କାକର ଟୋପାଏ ଉପରେ ପଡ଼ିଲେ
ଗଛ ଦିଏ ପତ୍ରଝଡ଼ା
ବୃକ୍ଷ ଯାହାର ବନ୍ଧୁଟିଏ ସାଜେ
ତାର ଏପରି କି ଋତୁ ଲୋଡ଼ା ।
ଆନ ଋତୁ ଆସେ ନାନା ଫୁଲ ଫଳ
ଧରଣୀର ସେବା ପାଇଁ
ତୁମେ କିନ୍ତୁ ଆସ ଆମରି ପାଇଁକି
ଛଳନାର ଋତୁ ହୋଇ ।
ଶରତ ଆସିଲେ ମର୍ତ୍ତ୍ୟ ହୁଏ ସିନା
ନିରଙ୍କୁଶ ନିରିମଳ
ଅଶିଣ ପୁନେଇଁ ଜହ୍ନ ରାତିଟା
ଜୋଛନାରେ ଝଲମଲ ।

ବସନ୍ତ ବାରତା କି କହିବି
ସେ ତ ରଙ୍ଗୀନ୍ ପ୍ରଜାପତି
ଫଗୁ ବୁଣିଦିଏ ସବୁରି ପରାଗେ
ଉଲ୍ଲସି ଉଠଇ ଛାତି ।
କୁହୁ କୁହୁ ସ୍ୱରେ କୋଇଲି ତାନରେ
ପବନ ଦିଅଇ ତାଳ
ଆମ୍ବ ବଉଳର କୁସୁମ ଫୁଟଇ
ବିହଙ୍ଗମ ମାଳ ମାଳ ।
କାଳ ବଇଶାଖୀ କରେ ନିରିମାଖି
କେତେ ଯେ ସଂପର୍କ ତୁଟେ
ଅଂଶୁଘାତରେ ବାଟରେ ଘାଟରେ
କାହାର ବି ଘଟ ଛୁଟେ ।
ଅଦିନିଆ କୁହୁଡ଼ି ଯଦି କେବେ
ମନରେ ଆଣଇ ଭୀତି
ମେଘ ଦି ଅସରା ବରଷିବା ଅବା
ଜଳିଯିବ ଏ ଧରିତ୍ରୀ । ❑

*ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ*
*ବାଣୀବିହାର, ଭୁବନେଶ୍ୱର*

# ଖରାଦିନକୁ ମାନତି

◆ ନିର୍ମଳା କୁମାରୀ ମହାପାତ୍ର

ଗିରିଷମ ତୁମେ ଋତୁରେ ପ୍ରାରମ୍ଭ ଓଁକାର
ସଦା ଉଦାସୀନ ସତ୍‌ମାର୍ଗେ ବିରାଗୀ ପ୍ରବର
ଆଣିଅଛ ଫଳସମ୍ଭାର
ଧରାମଣ୍ଡନା କୃଷ୍ଣଚୂଡ଼ାର ବେଭାର
ତୁମେ ଋତୁ-ବୀଟ-ପୁଟେ କେଶର
ରୁଦ୍ର ସନ୍ନ୍ୟାସୀ ତାଣ୍ଡବକାରୀ ଈଶ୍ୱର
ବଇଶାଖ-ଜ୍ୟେଷ୍ଠ ପାଞ୍ଜି ପତରେ ଆସର
ତୁମେ ଋତୁରେ ପ୍ରାରମ୍ଭ ଓଁକାର।

ମାତର-
ରସମୟ ଏଇ ପୃଥ୍ୱୀକୁ କର କାତର
ଭୂଇଁରୁ ହରୁଛ ବତର
ମାଟିକୁ କରୁଛ ପଥର
ସବୁଜ ସୁନ୍ଦର ବନାନି କରୁଛ ଧୂସର
ତୃଷାରେ ଆତୁର-ବିକଳ-ବ୍ୟସ୍ତ ସଂସାର
ତୁମ କାୟିକ ଦଣ୍ଡେ କ୍ଳାନ୍ତ-କ୍ଳିନ୍ନ ଶରୀର
ତୁମେ ଅଂଶୁଘାତର ଅହଂକାର ନେଇ ପାଗଳ
ଟାଣି ନିଅ ପ୍ରାଣ-ପକ୍ଷୀ ପିଞ୍ଜରାରୁ
ସୁଧୀରକୁ କର ଅଧୀର
ତୁମେ ଋତୁରେ ପ୍ରାରମ୍ଭ ଓଁକାର।

ବରଷା ଆସିବ: ମେଘ ବରଷିବ
ତୁମରି ଉପରେ ନିର୍ଭର
ବିରାଟ ଲାଭର ସକାଶେ ଗ୍ରୀଷମ
ଅପବାଦ ତୁମ ଭାଗ୍ୟ-ଲଲାଟେ ପ୍ରସାର
ଛଦ୍ମବେଶରେ କର ଉପକାର
ବିପ୍ଳବୀ ତୁମେ ଋତୁରେ ଚତୁର
ହୃଦୟ ଗଭୀର : ରୁକ୍ଷ ସୁନ୍ଦର
କାଳ ବଇଶାଖି, ଲୁ... ପ୍ରବାହରୁ
ପ୍ରତେ ହୁଏ ସତେ, ଅତୀବ ନିର୍ଦ୍ଦୟ
ଅତି ନିରିମମ, କଠୋର
ସୌରତାପର ବଜ୍ର ନୀରବ ଘାତର
ତୁମେ ଦୁଃସହ ଦୁଆରୀ ନାଟର।
ତୁମେ ଋତୁରେ ପ୍ରାରମ୍ଭ ଓଁକାର।

ତୁମେ କାଳ ବୈଶାରଦ
ଚତୁଃମାସ ଧରି ଭରାଭର ତାପେ
ଶୁଭଦାୟକ ବନଦ-କାରକ-ଶଙ୍କର
ତୁମ ଲାଗି ହୁଏ ଆକାଶେ ସୃଜନ
ମେଘ ମେଦୁରର ଚିତ୍ରକଳ୍ପମୟ
ଛତିଶ ରାଗିଣୀ ରାଜାର ଦୁଲଣୀ
ରାଗ ଅନୁପମ ଦାନ ବିତରଣ
ଶାରଙ୍ଗୀର ସୁର ବ୍ୟଞ୍ଜନ ରସର
ଆଖ୍ୟାନ ଗନ୍ଧର ବିଭବ ରୁଚିର
ତୁମେ ଦାନପତ୍ର ବଉଦ ମାଳାରେ
ଚଳମାନ ସମାଚ୍ଛର
ଘେନ ଖରାଦିନ
ଘେନ ମାନତି ମୋହର।
ତୁମେ ଋତୁରେ ପ୍ରାରମ୍ଭ ଓଁକାର। ❑

*ସେକ୍ଟର ୨/୪୨୬*
*ନୀଳାଦ୍ରିବିହାର, ଭୁବନେଶ୍ୱର-୨୧*
*ମୋ: ୮୭୬୩୦୭୦୦୬୪*

# ଓଡ଼ିଆ ବିଭାଗ

◆ ରଶ୍ମିତା ଦାସ

ବାଣୀବିହାରର ବିଦ୍ୟାର ଭଣ୍ଡାର
ଅଟେ ଉତ୍କଳ ୟୁନିଭର୍‌ସିଟି
ବିଦ୍ୟାଦେବୀ ମା' ସରସ୍ୱତୀ କାୟା
ବିସ୍ତାର କରିଛନ୍ତି ଏଠି ।

ଉତ୍କଳ ୟୁନିଭର୍‌ସିଟି ର ସବୁ ବିଭାଗ ଠାରୁ
ଓଡ଼ିଆ ବିଭାଗ ଯେ ଅଟେ ନିଆରା
ଜୀବନ ଜୀଇଁବାର ସ୍ୱାଦକୁ ସେ ରଖିଥାଏ
ସବୁବେଳେ ସମସ୍ତଙ୍କର ସାହାରା ।

ସର୍ବଶ୍ରେଷ୍ଠ ବିଭାଗ ଅଟେ ଏ ଓଡ଼ିଆ
ତା' ପରି କେ ହେବ ସରି
ଶାନ୍ତିର ଧ୍ୱଜାକୁ ସେ ଉଡ଼ାଇ ପାରୁଛି
ପାରିବ କିଏ ସେ ତା' ପରି କରି ।

ଆତ୍ମୀୟତା, ଆନ୍ତରିକତା, ଶାନ୍ତି, ଭକ୍ତିରେ
ଗଢ଼ା ହୋଇଥାଏ ତା' ଶରୀର
ଛୁଇଁକି ପାରିବ ତାକୁ
ଘୃଣା ହିଂସା କ୍ରୋଧ ମାୟାର ଶର ।

ପୁଷ୍ପିତ, ପଲ୍ଲବିତ ଅଟେ ଏ ବିଭାଗ
ପୁଷ୍ପର ପୁଲକରେ
ସୁ ସୁବାସର ନାଦ ଉଠେ ଏଠି
ସୌନ୍ଦର୍ଯ୍ୟର ଚିନ୍ମୟରେ ।

ଆମର ବିଭାବ ଅସରନ୍ତି ଜ୍ଞାନର ଭଣ୍ଡାର
ସମୁଦ୍ରର ବାଲି ପରି
ଆମେ ଭବିଷ୍ୟତ ଗଢୁ ପରା
ଏହିଠାରୁ ବିଦ୍ୟା ଲାଭ କରି ।

ଓଡ଼ିଆ ବିଭାଗ ଅଟେ ମନ୍ଦାକିନୀ ଧାରା
ଶିକ୍ଷା ଦେଉଥାଏ ନୀତି
ଓଡ଼ିଆ ଛାତ୍ରମାନେ ଶୀର୍ଷ ସ୍ଥାନରେ ପହଞ୍ଚିଛନ୍ତି
ଭୁଲିବେ ତାକୁ କେମିତି ।

ଅଧ୍ୟାପକ, ଅଧ୍ୟାପିକା ଅଟନ୍ତି ଅସରନ୍ତି ସୂରୁଜ
ସ୍ନେହ ଅଟେ ଅନାବିଳ
ତାଙ୍କ ସ୍ନେହ ଝରେ ମଥାରେ ଆମର
ହୋଇ ସୁନେଲି ସକାଳ ।

ବର୍ଣ୍ଣି କି ପାରିବ ଏହାର ମହାତ୍ମ୍ୟ
ସବୁବେଳେ ଯିଏ ପ୍ରଜ୍ୱଳିତ
ଓଡ଼ିଆ ବିଭାଗରେ ଶିକ୍ଷାଲାଭ କରି
ଜୀବନକୁ କରିବୁ ଉଜ୍ୱଳିତ । ❑

*(ପଞ୍ଚମ ବର୍ଷ), ଓଡ଼ିଆ ଭାଷା ଓ ସାହିତ୍ୟ*
*ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ନେତା

◆ ସ୍ୱର୍ଣ୍ଣଲତା ସ୍ୱାଇଁ

ମୁଁ ପାଠ ପଢ଼ିବି, ମୁଁ ପାଠ ପଢ଼ିବି
ତୁ ପାଠ ପଢ଼ିବୁ, ତୁ ପାଠ ପଢ଼ିବୁ
ପାଠ ପଢ଼ି ଦିନେ କ'ଣ ହେବୁ
ପାଠ ପଢ଼ି ଦିନେ ହେବି ମୁଁ ନେତା
ହେବି ମୁଁ ଦେଶର ଭାଗ୍ୟ ବିଧାତା।
କରିବି ଦେଶର ହିତର ଚିନ୍ତା
ବଡ଼ ହୋଇ ଦନେ ହେବି ମୁଁ ନେତା।
ନେତା ହେଲେ ଭାରି ଭଲ ହେବ
ସଭିଙ୍କ କଷଣ ଦୂର ହେବ।
ନୁହେଁ ମୁଁ ନାମକୁମାତ୍ର ନେତା
ସଭିଙ୍କ ହିତର କରିବି ଚିନ୍ତା
ସଭିଙ୍କ ହିତାର୍ଥେ ମୋର ନେତାଗିରି
ଉତ୍ସର୍ଗ କରିବି ଜୀବନ ମୋହରି।
ଜୀବନ ପଥରେ ଅନେକ ସ୍ୱାର୍ଥ
ନିଜ ସ୍ୱାର୍ଥ ପାଇଁ କେବେ ହେବିନି ମୁଁ ହତ।
ହତ ହେବି ଯଦି ସାମୂହିକ ଅର୍ଥେ
ଜୀବନ ମୋହର ହୋଇବ ସାର୍ଥକ।
ଅନେକ ମନେ କରନ୍ତି ଚିନ୍ତା
ନେତାଗିରି ଏକ ଫାଲ୍‌ତୁ କଥା।
ନେତାଗିରି ଏକ ଶୋଷଣର ରାସ୍ତା
ନେତାଗିରି ଏକ ଅପ୍ରିୟ ବ୍ୟବସ୍ଥା।
'କିନ୍ତୁ'
ନେତାଗିରି ବିନା ଦେଶର ବ୍ୟବସ୍ଥା
ହୋଇଥାନ୍ତା ଭାଇ ବଡ଼ ଅବ୍ୟବସ୍ଥା
ଦେଶର ହିନସ୍ତା ହୋଇଥାନ୍ତା ଯେବେ
ଦେଶର ପ୍ରଗତି ହୁଅନ୍ତା କେବେ। ❑

*ସ୍ନାତକୋତ୍ତର ସଂସ୍କୃତ ବିଭାଗ*

# ଅନ୍ତର୍ଦାହ

◆ ସୁକାନ୍ତି ରାଉତ

ଆକାଶରେ ବର୍ଷା ନ ଥିଲା
ଅଥଚ୍ ଭିଜୁଥିଲା ସାରା ଦେହ
ରାକ୍ଷସଙ୍କ ଇଚ୍ଛାର ବର୍ଷାରେ
ପବନର ବେଗ ବଢୁଥିଲା।

ବଢୁଥିଲା ବଳାତ୍କାରୀ ମାନଙ୍କର
ଭୋକର ସେଲ୍‌ସିୟସ୍
ଶୁଭୁ ନଥିଲା ଚିତ୍କାର କାହାକୁ
ଯଦିଓ ସମସ୍ତଙ୍କୁ ପରିଷ୍କାର ଶୁଭୁଥିଲା।

କେମିତି କହି ପାରିବା ଏ ଦେଶ ସ୍ୱାଧୀନ
ଯେଉଁଠି ପ୍ରତିଦିନ ଦିବାଲୋକରେ
ଘଟୁଛି ଅଘଟଣ
କନ୍ୟା ହତ୍ୟା କଲେ କାହିଁକି
ଦୋଷୀ ହେବେ ଏଣିକି
ଡାକ୍ତର କି ଭ୍ରୂଣ ନଷ୍ଟ କରୁଥିବା ପିତାମାତା
ଏଣିକି ବୁଝିବାକୁ ହେବ
ଭ୍ରୂଣଟି କନ୍ୟା ବୋଲି ଜାଣି
ହତ୍ୟା କଲେ ଦୋଷ ନାହିଁ।

ଯେଉଁଠି ପୁରୁଷ ଭୋକ ମେଣ୍ଟାଏ
ନାରୀକୁ ପଣ୍ୟ ଭାବି
ସେଠି ଝିଅଟିଏ ମାଆ ପେଟରୁ ମରିଗଲେ
କାହାର କ'ଣ ଯାଉଛି।
ଦର୍କାର ନାହିଁ ମାତୃତ୍ୱର ପରିଚ୍‌ୟ
ଲୋଡ଼ା ନାହିଁ ସାର୍ଥକତା
ଏଇ କଥା ନାରୀ କହିଲାଣି
ଆଗକୁ ବି କହିବ ଏଇ ତ ଅନ୍ତର୍ଦାହ। ❑

*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*
*ଭୁବନେଶ୍ୱର*

# ଜୀବନର ସ୍ୱରଲିପି

◆ ଶୁଭଦର୍ଶିନୀ ପରିଡ଼ା

ଜୀବନର ଅଙ୍କ ଏତେ ଅବୋଧ ଯେ
ବୁଝି ବି ବୁଝି ହୁଏନା
ଜୀବନର ଅଙ୍କ କଷିଲା ବେଳକୁ
ସୂତ୍ରକୁ ଖୋଜି ପାଏନା ।

କେବେ ଲାଗେ ଏହି ଜୀବନଟା ସତେ
ସ୍ୱର୍ଗ ପାରିଜାତ ବନ
କେବେ କେବେ ପୁଣି ଲାଗେ
ଏ ଜୀବନ ଦୁଃଖଭରା ମଲାଜହ୍ନ ।

ଜୀବନଟା ସେତ ଲାଗେ ପୁଣି
ମଧୁଠୁ ଆହୁରି ମିଠା
ପୁଣି ବେଳେବେଳେ ଲାଗେ
ଏ ଜୀବନ ନିମ୍ବଠୁ ଅଧିକ ପିତା ।

କେବେ ଏ ଜୀବନେ ଆସେ ସୁଖ ବନ୍ୟା
କେବେ ଆସ ଦୁଃଖ ଭଙ୍ଗା
ବିଶ୍ୱାସର ବାଲିବନ୍ଧ ଭାଙ୍ଗିଗଲେ
ଜୀବନଟା ଲାଗେ ଫିକା ।

ଜୀବନ ବାଟରେ ଫୁଲଠାରୁ ବେଶି
କଣ୍ଟାମାନଙ୍କର ଭିଡ଼
ସାଥି ମିଳିଗଲେ କଣ୍ଟାଭରା ବାଟ
ଫୁଲଠାରୁ ଲାଗେ ଭଲ ।

ସାଥି ବିନା କେହି ଜୀବନର ବାଟ
ଯାଇପାରେ ନାହିଁ ଏକା
ତେବେ ସେ ସାଥିଟି ଅଧାବାଟେ ପଛେ
ଦେଇ ଯାଇଥାଉ ଧୋକା ।

ଧୋକା ବି ଲାଗେ ବହୁ ସୁନ୍ଦର
ହୋଇଗଲା ପରେ ସ୍ମୃତି
ବର୍ତ୍ତମାନ କଥା ମନେ ପଡ଼ିଗଲେ
ହୃଦୟ ହୁଏ ସନ୍ତର୍ପି ।

ଜୀବନରେ କିଛି ପାଇବାକୁ ହେଲେ
ସହିବାକୁ ହୁଏ କଷ୍ଟ
ମିଳିଗଲା ପରେ କଷ୍ଟ ହୋଇଯାଏ
ଅଧରର ମୃଦୁ ହାସ୍ୟ ।

ଜୀବନଟା ସେତ ଧୁ ଧୁ ଖରାରେ
ଉତ୍ତପ୍ତ ବାଲୁକା ରାଶି
ଜୀବନଟା ପୁଣି ତୃଷ୍ଣାକ୍ତ ମୁଖରେ
ଶୀତଳ ଜଳରାଶୀ । ❑

***(ଷଷ୍ଠ ବର୍ଷ), ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର***

# ସପନ ରାଇଜର ଶ୍ୱେତାଙ୍ଗ ପକ୍ଷୀ

◆ ଦୀପକ କୁମାର ଶତପଥୀ

ସପନ ରାଇଜର ଶ୍ୱେତାଙ୍ଗ ପକ୍ଷୀ ମୁଁ
ନାହିଁ ମୋ ବନ୍ଧନ ଫାଶ
ହିମଗିରି ରାଶୀ ଶିଖର ଛୁଇଁଣ
ହୃଦୟେ କରଇ ବାସ।

ନଈପଠା ପରେ କେତେ ମୁଁ ଦେଖିଛି
ବାଗୁଡ଼ି ଖେଳର ନିଶା
ପୁଣି ମୁଁ ଦେଖିଛି ଓଡ଼ିଆ ସଭାରେ
ଇଂରାଜୀର ପରିଭାଷା।

ଦେଖିଛି ମୁଁ ସେଇ ନୀଳାଚଳ ଧାମ
ଦେଖିଛି ଜଗତ ନାଥ
ବଡ଼ ଦେଉଳରେ ଉଭା ହୋଇ ସିଏ
ଚଲାନ୍ତି ସଂସାର ରଥ।

ଦିନରେ ନ ଶୋଇ ଆମ୍ବକଷି ଖାଇ
ମା'ଠୁ ଖାଇଛି ଗାଳି
ମାଟି ଘର ପଛେ ସଢ଼େଇ ଖେଳରେ
ମିଛେ ମିଛେ ଖାଏ ଧୂଳି।

ଚଟଶାଳୀରେ ମୁଁ ଅ ଆ ଶିଖି
ଖାଇଚି ବେତର ମାଡ଼
ଶୀତୁଆ ସଂଜରେ ସେକି ହେଉଥାଏ
ନିଆଁ ହୁଳା କରି ରଡ଼।

ବାର ମାସରେ ମୁଁ ତେର ପର୍ବ ଦେଖି
ଖାଇଛି ପୋଡ଼ ଏଣ୍ଡୁରି
ସକଳ ବନ୍ଧୁର ଚଲାପଥରେ ମୁଁ
ଏକାକୀ ହୋଇଛି ପାରି।



ମାନିବିନି ଆଜ ସମାଜର ତେଜ
ସମାଜକୁ ଦେବି ଦଳି
ଭ୍ରଷ୍ଟାଚର ଆଉ ଦୁର୍ନୀତି ପଥକୁ
ସମୂଳେ ଦେବି ମୁଁ ଜାଳି।

ସ୍ୱପ୍ନ ସନାତନ ସ୍ୱପ୍ନ ଚିରଞ୍ଜୀବୀ
ସ୍ୱପ୍ନ ମୋ ଅସୀମ ଆଶା
ସପନ ରାଇଜରେ ଶ୍ୱେତାଙ୍ଗ ହୋଇ ମୁଁ
ମନରେ ଭରିବି ଆଶା। ❑

*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*
*ଭୁବନେଶ୍ୱର*

# ଅର୍ଥହୀନ ଅଭୀପ୍ସା

◆ ଶୁଭଶ୍ରୀ ସୁଚରିତା ଇନ୍ଦୁରେଖା ନାୟକ

ଅଭ୍ର ବିସ୍ତୃତ କପୀଟ ଯୋନି ବାହୁବନ୍ଧନ ସ୍ଥିତ
ନୀରସ ତରୁଖଣ୍ଡର
ପୁଷ୍ପିତ ହେବାର ଅଭିଳାଷ
ଧୂମ୍ରରାଶି ପରିବେଷ୍ଟିତ ପରିବେଶସ୍ଥିତ
ସେହି ଶୁଷ୍କ କାଷ୍ଠଖଣ୍ଡର
ଲୋଚନେ
ଅସରନ୍ତି ସ୍ୱପ୍ନର ଅଭିଳାଷ
କିଞ୍ଚିତ ମୁହୂର୍ତ୍ତ ଅନ୍ତରେ
ଦରପୋଡ଼ା ଅଙ୍ଗାର ହିଁ
ଅନ୍ତ ପରିଣାମର, ଏହା ଜଣା ତାକୁ
ତଥାପି ନେତ୍ର ନଗରୀରେ ତାର
ସ୍ୱପ୍ନର ପ୍ରାସାଦ ସଜ୍ଜିତ କରିବାରେ
ବିବ୍ରତ ସେ।

ଅନନ୍ତାନ୍ତରୀକ୍ଷର ଅନଳ ସମ-
ଉଦ୍ଦୀପିତ ଅଭୀଷ୍ଟ ଇନ୍ଦୁ
ଅମୂଲ୍ୟ, ଏହା ସତ୍ୟ ତଥାପି
ବାମନ ମନର ତନ୍ନିମିତ ବୃଥା ପ୍ରୟାସ
ମୃତ୍ୟୁଦାୟିନୀ ମରୀଚିକା
ବନ ଦାନେ ଅସମର୍ଥ
କିନ୍ତୁ,
ଏ ସମ୍ବନ୍ଧେ ଅବଗତ ମନର
ମରୀଚିକାନୁଗମନ
ଅର୍ଣ୍ଣବର ଅସୀମ ଅମ୍ବୁ
ପଥକ୍ଳାନ୍ତ ପଥିକର
ତୃଷ୍ଣାନିବାରଣର ଅପାରଗ।
ଜ୍ଞାତ ପଥିକ ଆଜି ଦଣ୍ଡାୟମାନ
ଅକର୍ମା
ଅମ୍ଭୋଧିର ସହାୟତା
ତୃଷ୍ଣା ସମ୍ବରଣ ପାଇଁ।

ଅଲଭ୍ୟକୁ ଆପଣାର ଭାବି
ନିରୀହ ହୃଦୟ ସହର
ପ୍ଳାବିତ ହୁଏ
ଅବାରିତ ଅଶ୍ରୁଧାରାରେ।
କେଉଁ ସୁଦୂର ସ୍ୱର୍ଗର
ପାରିଜାତ
ଏହା ମୋର ନୁହଁ
ତଥାପି
ପୁଷ୍ପ ମୋହରେ ସଦା
ଚିନ୍ତିତ ଚଞ୍ଚର ଚିଞ୍ଚର
ବୃଥା ପ୍ରଳାପ।

ମୁକ୍ତ ପୁଷ୍କରେ ଦଣ୍ଡାୟମାନ
ଦ୍ୱିଜ ସୌନ୍ଦର୍ଯ୍ୟରେ
ବିମୋହିତ ବିଜ୍ଞ ମାନବର
ଅଜ୍ଞ ପରାୟ ଅଧିକାର
ସାବ୍ୟସ୍ତ
କେମିତିକା ଚିତ୍ତ
ଏ କ'ଣ ବାତୁଳ...?

ଯାହା ଅସମ୍ଭବ, ଯାହା ଅପ୍ରାପ୍ୟ
ତା' ପଛେ ଧାଇଁ
କ'ଣ ବା ମିଳିବ ତାକୁ?
ମିଳିବ
ଅପ୍ରାପ୍ତିର ଦୁଃଖ
ଅର୍ଥହୀନ ଅଭୀପ୍ସାର
ଅବ୍ୟକ୍ତ ଅକଥନୀୟ ଯନ୍ତ୍ରଣା
ବିରହର ଅଶ୍ରୁ

ଯାହାକି ଜୀବନେ ଭରିଦେବ
ନୂତନ ଓ ନିଆରା ଅନୁଭବ
ଆଉ
ସେହି ଦୁଃଖପୂର୍ଣ୍ଣ ଅନୁଭବ ହିଁ
ଆଣିଦେବ ପରମ ସନ୍ତୋଷ
ଅର୍ଥହୀନ ଅଭୀପ୍ସା ପରିଣାମ
ଅଶ୍ରୁଗଙ୍ଗାରେ ସ୍ପର୍ଶରେ
ହୃଦୟ ପ୍ରଦେଶ ହେବ ପବିତ୍ର
ପ୍ରେମପ୍ରସୂନ ହେବ ପ୍ରସ୍ଫୁଟିତ
ପୁଣି
ତାର ସୌରଭରେ ଚିତ୍ତ, ହୃଦୟ, ମନ
ହେବ ସୁରଭିତ ଓ ପୁଲକିତ । ❑

*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*
*ଭୁବନେଶ୍ୱର (ସଂସ୍କୃତ ବିଭାଗ)*



# ପଲ୍ଲବ କିଶଳୟ
# (ଚିତ୍ର)

# ଅବ୍ୟକ୍ତ

◆ ଗାୟତ୍ରୀ ଶତପଥୀ

ଏ ଆଖି ତୁମକୁ ଖୋଜେ, କେବଳ ତୁମକୁ। ଜୀବନ ନାମକ ଟ୍ରେନ୍‌ରେ ଗତି କରୁ କରୁ ତୁମ ପ୍ଲାଟ୍‌ଫର୍ମରେ ଓହ୍ଲେଇ ପଡ଼ିଛି ଅଜାଣତରେ। ଜାଣେନା କାହିଁକି ?... ତୁମେ କିଏ ? ତୁମର ପରିଚୟ କ'ଣ ? ସେସବୁର ଭ୍ରୂକ୍ଷେପ ମୁଁ କରେନା ବରଂ ମୋ ହୃଦୟ ସେଥିପ୍ରତି ଆସକ୍ତ ନୁହେଁ। ତୁମ ସହ ପ୍ରଥମ ଦେଖାରେ ମୋ ଭଳି ଯନ୍ତ୍ରବତ୍ ମେସିନ୍‌ଟା ଯେ ମଣିଷ ପାଲଟିଯିବ ତା'ର କଳ୍ପନା ମୁଁ କରିନଥିଲି। ହୃଦୟ ବୋଲି ଗୋଟିଏ ଜିନିଷର ଉପସ୍ଥିତି ପ୍ରଥମଥର ଅନୁଭବ କରିଥିଲି ସେଦିନ। ଯେଉଁ ବିଚିତ୍ର ଭାବନା ଓ କଳ୍ପନା ମୋତେ ଜହ୍ନ, ତାରା ଓ ବର୍ଷା ପରି ନିର୍ଜୀବ ସୃଷ୍ଟି ପ୍ରତି ଅବଗତ କରାଇଥିଲା, ଯେଉଁ ଅନୁଭବ ମୋ ଯୌବନର ପ୍ରଥମ ମିଠା ଆଘାତ ପରି ମନେ ହେଉଥିଲା, ତାହା କ'ଣ ଥିଲା ? ତୁମର ପ୍ରଥମ ଝଲକ ମୋ ସ୍ମୃତିପଟ୍ଟରେ ଗଭୀର ଦାଗ ସୃଷ୍ଟି କରିବ ବୋଲି ଜାଣି ନଥିଲି।

ମୁଁ ତୁମ ବିଷୟରେ ଜାଣିବାକୁ ଚାହେଁନା ବରଂ ତୁମ ସହ ଆଳାପର ସମ୍ଭାବନା ଚାହେଁ। ମୁଁ ତୁମକୁ ଖୋଜେ, ବର୍ଷାରେ ଭିଜେ। ଜହ୍ନ, ତାରା, ଇନ୍ଦ୍ରଧନୁଙ୍କ ସହ ଆଳାପରେ ହୁଏ ମଗ୍ନ। ତୁମକୁ ଦେଖିଲେ ଗୋଟେ ଅଦିନିଆ ଖୁସି ମୋ ହୃଦୟ ଓ ଓଠକୁ ଥରାଇଦିଏ। ମୁଁ ଭିଡ଼ ଭିତରେ ତୁମକୁ ଖୋଜେ। ଦେଖିଲେ ହସେ। ତୁମେ ମୋତେ ଚାହଁ କିନ୍ତୁ କାହିଁକି ? ତା'ର ଉତ୍ତର ମୁଁ ଜାଣେନା। ତୁମେ ଯେ ନୀରବ ସମୁଦ୍ର ପରି। ମୁଁ ରହସ୍ୟର ଉନ୍ମୋଚନ କରିପାରେନା। ବିଫଳ ହୁଏ ତଥାପି ତୁମକୁ ଖୋଜେ।

ଆଜି ବି ଏ ଆଖି ତୁମକୁ ଖୋଜେ। କିନ୍ତୁ କାହିଁକି କେଜାଣରି ତୁମେ ଆଉ ଆସନା। ଆଜି ମୁଁ ଟ୍ରେନ୍‌ର ଯାତ୍ରୀ ନୁହେଁ, ପ୍ଲାଟ୍‌ଫର୍ମରେ ତୁମର ଅପେକ୍ଷା କରେ। ଟ୍ରେନ୍ ପରେ ଟ୍ରେନ୍ ଆଉ ଭିଡ଼ ପରେ ଭିଡ଼। ସକାଳରୁ ସଞ୍ଜ ହୁଏ କିନ୍ତୁ ତୁମେ ନଥାଅ, ମୁଁ ଆଉ ମେସିନ୍ ପରି କାମ କରିପାରେନା। ହୃଦୟହୀନ ହୋଇପାରେନା ହଠାତ୍। ମୁଁ ମନକୁ ବୁଝାଏ, ସାନ୍ତ୍ୱନା ଦିଏ ଯେ ତୁମେ ଆସିବ। ସେହି ଆଶାରେ ମୋର ପ୍ରତ୍ୟେକ ଦିନ ଆରମ୍ଭ ହୁଏ ଆଉ ସେହି ଆଶଙ୍କାରେ ଶେଷ। ଆଜି ବି ମୁଁ ବର୍ଷାରେ ଭିଜେ, କିନ୍ତୁ ଖୁସିରେ ନୁହେଁ ବରଂ ଛଳନା କରି ନିଜ ସହିତ ଆଉ ଆଖିର ଲୁହକୁ ବର୍ଷା ସହିତ ମିଶେଇ ଦେବା ପାଇଁ। ଏବେ କାହିଁକି କେଜାଣି ଜହ୍ନ ଆଉ ତାରା ମୋ ସହ କଥା ହୁଅନ୍ତିନି। ଇନ୍ଦ୍ରଧନୁଟା ଅଧିକରୁ ଅଧିକ ଫିକା ଲାଗେ।

ମନ ଆଉ ଉଡ଼ିପାରେନି। ମୁଁ ତ୍ରିଶଙ୍କୁ ପରି ମଝିରେ ଛିଡ଼ା ହୋଇଥାଏ, ମୁଁ ମୋ ଆଖିକୁ ବୁଝାଏ ବର୍ଷା ନ ଢାଳିବା ପାଇଁ, ସେ ବି ବୁଝେ। କିନ୍ତୁ ବେଳେବେଳେ ଅମାନିଆ ହୁଏ। ଥରେ ଥରେ ଚିନ୍ତା କରେ। ମନରେ ଆଉ ହୃଦୟରେ ଶିକୁଳି ପକାଇଦିଏ, କିନ୍ତୁ ସେ ଯେ ସ୍ୱତଃ ଶିଥିଳ ହୋଇଯାଏ କେଉଁ ଗୋଟେ ଅଦୃଶ୍ୟ ଶକ୍ତି ସାହାଯ୍ୟରେ। ସେ କିଏ ? କେଉଁଠି ଲୁଚିଯାଏ ? ଖୋଜିପାଏନା। କାହାକୁ ପଚାରିବାକୁ ସାହସ ହୁଏନା। ଭୟ ଲାଗେ ଏ ସବୁର ଆଶଙ୍କାରେ... ରାତିଟା ଆହୁରି ଭୟଙ୍କର ଲାଗେ, ଆଉ ପ୍ଲାଟ୍‌ଫର୍ମଟା ଆହୁରି ନିଷ୍ଠୁର ହୋଇଉଠେ, ମୁଁ ନିଜକୁ ପ୍ରଶ୍ନ କରେ ତୁମେ ସତରେ ଆସିବତ ? ପ୍ରଶ୍ନଟା ଫେରି ଆସେ କେଉଁ ଗୋଟେ ପାର୍ଶ୍ୱରେ ଧକ୍କା ହୋଇ। କିଛି ବି ଅଧିକ ଭାବିବାକୁ ସାହସ ହୁଏନା। ଗୋଟେ କ୍ଷୀଣ ଆଶାର ସହିତ ବଞ୍ଚେ ଯେ ତୁମ ସହ ପୁଣିଥରେ ଦେଖାହେବ କେଜାଣି କେବେ ? କିଛି ଗୋଟେ ଖୁବ୍ ଜୋର୍‌ରେ ଭାଙ୍ଗିଯାଏ କିନ୍ତୁ ବିନା ଶବ୍ଦରେ। ଝଡ଼ଟିଏ ବହିଯାଏ ସଭିଙ୍କ ଅଜାଣତରେ। ମୁଁ ସବୁଥର ଅପେକ୍ଷା କରେ କିନ୍ତୁ ତୁମେ ଆସନା...

ଏହା ଭିତରେ ମୁଁ ଅନେକ ଗ୍ରୀଷ୍ମରେ ଜଳିଛି। ବର୍ଷାରେ ଭିଜିଛି ଆଉ ଶୀତରେ ବି ଥରିଛି। ପ୍ଲାଟ୍‌ଫର୍ମରେ ତୁମର ଅପେକ୍ଷା ବି କରିଛି। କିନ୍ତୁ ଜାଣେନା ତୁମେ କାହିଁକି ଆସନା। ....

ଆଜି ଅଚାନକ ତୁମେ ମୋ ସାମ୍‌ନାରେ, ଅଳ୍ପ ଦୂରରେ କିନ୍ତୁ କାହିଁକି କେଜାଣି ଆଜି ଆଉ ମୋ ଆଖି ଓ ଓଠରେ

ସେ ଖୁସି ନାହିଁ। ମୁଁ ଆଜି ହୃଦୟର ଉପସ୍ଥିତିଟା ଏତେ ସହଜରେ ଉପଲବ୍ଧି କରିପାରୁନି। ମୋ ଆଖି ଆଜି ଥକି ପଡ଼ିଛି। ହୃଦୟଟା ଅତ୍ୟନ୍ତ ଦୁର୍ବଳ ଓ ଦୁର୍ବିସହ ଗୋଟେ ପାଚିଲା ପତ୍ରପରି। ଆଜି ଆଉ ସେମାନଙ୍କୁ ଶିକୁଳି ପକେଇବାକୁ ପଡୁନି। ସେମାନେ ସମସ୍ତେ ମୋର ଆଜ୍ଞାଧୀନ। ଆଜି ମୁଁ ବର୍ଷାରେ ଭିଜେନା, ଦେଖିଲେ ଡରିଯାଏ। କାଳେ ତା'ର ସ୍ପର୍ଶରେ ମୁଁ ପୁଣିଥରେ ମେସିନ୍‌ରୁ ମଣିଷ ପାଲଟିଯିବି। କାଳେ ମୋ ହୃଦୟଟା ସ୍ପନ୍ଦିତ ହେବ। ଆଜି ମୁଁ ଜହ୍ନ ଓ ତାରା ପରି ନିର୍ଜୀବ ସୃଷ୍ଟି ପ୍ରତି ଧ୍ୟାନ ଦିଏନା, ଯେମିତି ଅଲୋଡ଼ା ଖୁବ୍ ଅଲୋଡ଼ା ଆଉ ଭିତ୍ତିହୀନ ସେମାନେ।

ମୁଁ ଭୟକରେ କାଳେ ସେମାନଙ୍କୁ ଦେଖିଲେ ମୁଁ ପାଗଳ ହୋଇଯିବି, ମୋ ଅତୀତର ବାଲିଘରକୁ ନେଇ ଯାହା ସମୁଦ୍ର ଜୁଆର ସହିତ ମିଳେଇ ଯାଇଥିଲା। ଆଜି ମୁଁ ତୁମକୁ ଖୋଜୁନଥିଲି କିନ୍ତୁ ତୁମେ ଯେ ସ୍ୱତଃ ମୋ ସାମ୍ନାରେ, ଅଦିନିଆ ମେଘପରି। ତୁମେ ଆଜି ବି ମୋତେ ଚାହୁଁଛ କିନ୍ତୁ କାହିଁକି ? ଜୀବନର ଏତେସବୁ ମୌସୁମୀ ଅତିବାହିତ ହେଲା ପରେ, 'କାହିଁକି'ର ଉତ୍ତର ମୁଁ କାଲି ବି ପାଇନଥିଲି, ଆଉ ଆଜି ବି ପାଉନି। ହଠାତ୍ ଟ୍ରେନ୍‌ର ହର୍ଣ୍ଣ ପରେ ମୁଁ ଆଜି ଯାତ୍ରୀ ହୋଇ ଟ୍ରେନ୍‌ରେ ଚାଲିଯାଉଛି, କିନ୍ତୁ ତୁମେ ନୀରବ ଦ୍ରଷ୍ଟା ପରି ଛିଡ଼ା ହୋଇଛ ପ୍ଲାଟ୍‌ଫର୍ମ ସହିତ, ଯେମିତି ୨୦ ବର୍ଷ ତଳେ ମୁଁ ମଧ୍ୟ ଖମ୍ବପରି ଛିଡ଼ା ହୋଇ ଫେରି ଯାଇଥିଲି।

କିନ୍ତୁ ତୁମେ ଆଜି କାହିଁକି ଛିଡ଼ା ହୋଇଥିଲ ନିର୍ବାକ୍ ହୋଇ ? ଆଜି ବି ଏ ପ୍ରଶ୍ନର ଉତ୍ତରଟା ଅଧିକ ରହସ୍ୟମୟ ହୋଇଯାଉଥିଲା... ଆଉ ତୁମେ ବି ବୋଧହୁଏ ଛିଡ଼ା ହୋଇଥିଲ ମୋ' ପରି ଏକ ଉତ୍ତରର ସମ୍ଭାବନାରେ। ଆଜି ହୃଦୟ ସ୍ଥିର ଥିଲା, କିନ୍ତୁ କେଜାଣି କାହିଁକି କିଏ ଆସି ଯେମିତି ହୃଦୟକୁ ଟିକ୍‌ଟିକ୍ କରି କାଟି ପକାଉଥିଲା। ସେଥିରୁ ରକ୍ତ ବହୁନଥିଲା, ଲୁହ ଝରୁ ନଥିଲା, ବରଂ ରକ୍ତ ଗୁଡ଼ାକ ଜମାଟ ବାନ୍ଧି ଯାଉଥିଲା।

ବାଲିଘରଟାର କୌଣସି ଚିହ୍ନବର୍ଣ୍ଣ ନଥିଲା। ପ୍ଲାଟ୍‌ଫର୍ମଟା ଆହୁରି ହିଂସ୍ର ହୋଇଉଠୁଥିଲା ଟ୍ରେନ୍‌ର ଗର୍ଜନ ସହିତ। ପ୍ରଶ୍ନଟା ଆହୁରି ରହସ୍ୟମୟ ହୋଇଯାଉଥିଲା, କିନ୍ତୁ ଦୁଇଟି ହୃଦୟ ଆଉ ଚାରୋଟି ଆଖି କିଛି ବ୍ୟକ୍ତ କରିପାରୁ ନଥିଲେ। ଗୋଟିଏ ସଂଜ୍ଞାହୀନ ସଂପର୍କର ଅନ୍ତ ଘଟୁଥିଲା ଏକ ଅବ୍ୟକ୍ତ ସ୍ୱର ସହିତ ପ୍ରାୟ...। ❑

P.G. Dept. of
(A & A Economics, (6th yr.)



# ଧନ୍ୟବାଦ

◆ ପ୍ରିୟଙ୍କା ମହାନ୍ତି

ଜୀବନର କଷଟି ପଥରେ ମାନ, ଅପମାନ, ଅବା କେଉଁ ବିଷମ ପରିସ୍ଥିତିର ସାମ୍ନା କରିନଥିଲେ ପାରୁଲ୍ ମ୍ୟାଡାମ୍; ହେଲେ ସେଦିନ ସେଇ ପିଲା ମୁହଁର ବିନମ୍ରତା ପୂର୍ଣ୍ଣ ଗୋଟିଏ ଶବ୍ଦ 'ଧନ୍ୟବାଦ'କୁ ସମ୍ପୂର୍ଣ୍ଣ ରୂପେ ଭୁଲିପାରୁନଥିଲେ। ଏ ଭିତରେ ଅନେକ ଦିନ ବିତିଯାଇଥିଲେ ମଧ୍ୟ ସେଇ ଶବ୍ଦ ହାତୁଡ଼ି ଭଳି ତାଙ୍କ ହୃଦୟର ଦର୍ପଣକୁ ବାରମ୍ବାର ଚୁର୍‌ମାର୍ କରିଚାଲିଥିଲା। ଏବେବି ଶତ ଚେଷ୍ଟା ସତ୍ତ୍ୱେ ସେଇ ଦର୍ପଣର କାଚ୍‌ଖଣ୍ଡକୁ ସାଉଁଟି ଏକଜୁଟ୍ କରିପାରି ନାହାଁନ୍ତି; ଯେଉଁଠି ନିଜ ଆଖି ସହ ଆଖି ମିଶାଇ ପାରିବେ।

ସେଦିନ ଥିଲା ୪ ମାର୍ଚ୍ଚ ୨୦୧୬, ପ୍ରତିଦିନ ଭଳି ପାରୁଲ୍ ନିଜର ନିତ୍ୟକର୍ମ, ଗୃହକର୍ମ ସମ୍ପାଦନ ପରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟାରେ ଭାରାକ୍ରାନ୍ତ ମସ୍ତିଷ୍କକୁ ବୋହି ବୋହି ବାହାରିଲେ କର୍ମକ୍ଷେତ୍ରକୁ। ବ୍ୟାଙ୍କ୍‌ରେ ଠିକ୍ ୧୦ଟା ବାଜି ୧୦ ମିନିଟ୍‌ରେ ପହଞ୍ଚିଲେ। ତାଙ୍କ ମନରେ ସବୁଦିନ ଭଳି ସେଇ ଏକା ପ୍ରଶ୍ନ ଆନ୍ଦୋଳିତ ହେଉଥିଲା। ଏତେ ସୁବିଧା ପରେ ମଧ୍ୟ ଏଇ ବୋକା ଲୋକଗୁଡ଼ାକ ପ୍ରତ୍ୟହ ବ୍ୟାଙ୍କ୍‌କୁ କାହିଁକି ଧାଉଁଥାନ୍ତି ? କ'ଣ ପାଆନ୍ତି କେଜାଣି ? ଟଙ୍କା ଉଠାଇବା, ଜମା କରିବା, ଦୂର ସ୍ଥାନକୁ ପଠାଇବାକୁ ଆରମ୍ଭ କରି ଅନ୍ୟାନ୍ୟ ଅନେକ ସୁବିଧା ଏ.ଟି.ଏମ୍. ବୁଥ୍‌ରେ ମିଳୁଛି। ନେଟ୍, ମୋବାଇଲ୍‌ରେ କାମ ତ ଆହୁରି ସାଧାରଣ ହୋଇଗଲାଣି। ବ୍ୟାଙ୍କ୍‌ରେ ସ୍ୱାଇପ୍ ମେସିନ୍ ଅପ୍-ଟୁ-ଡେଟ୍ ଭଳି ଅନେକ ମେସିନ୍ ମଧ୍ୟ ଉପଲବ୍ଧ; ହେଲେ ସବୁଦିନ ଆସିବା ଆଗରୁ କାହିଁକି କେଜାଣି ଏଇ ତିନ ନମ୍ବର କାଉଁଟର୍ ସାମ୍ନାରେ ଲମ୍ବା ଧାଡ଼ି। କାମ କ'ଣ ନା ଟଙ୍କା ପଇଠ ହେବ। ପୁଣି ଟିକେ ଡେରି ହୋଇଗଲେ କେତେ ପ୍ରକାରର ବାକ୍ୟବାଣ। ତଥାପି ଏସବୁ ତରଙ୍ଗାୟିତ ପ୍ରଶ୍ନକୁ ପଛରେ ପକାଇ କାମ କରିବାକୁ ହେବ। ଯାହା ହେଲେ ବି ପେଟପାଟଣା କଥା ତ !

ପାରୁଲ୍ ଗୋଟେ ପରେ ଗୋଟେ କାମ କରି ଚାଲିଥାନ୍ତି। ମଧ୍ୟାହ୍ନ ସମୟ ହେବ ପଛପଟୁ ପିଅନ କାଦର ଭାଇ କିଛି ନୋଟ୍ ଖୁଚୁରା କରିବାକୁ କହିବାରୁ କରିଦେଲେ। ହାତକୁ ଦେଖନ୍ତି ଓ ଗୋଟେ ଡିପୋଜିଟ୍ ଫର୍ମ ରହିଯାଇଛି ପ୍ରିୟାଂଶୁ ପଟ୍ଟନାୟକ ନାମରେ; ଯେଉଁଥିରେ ୪ ହଜାର ଟଙ୍କା ଡିପୋଜିଟ୍ ହେବାର ଥାଏ। କାହାର ପଚାରିବାରୁ ସାମ୍ନାରେ ଜଣେ ପିଲା ମୋର ବୋଲି କହିଲା। ତା'ର ବୟସ କୋଡ଼ିଏ କି ଏକୋଇଶ ହେବ। ଅତି ସାଧାରଣ ପୋଷାକ ପରିହିତ, ମୁଣ୍ଡ କୁଣ୍ଡା ହୋଇଥିଲା କି ନାହିଁ ସନ୍ଦେହ। ଆଖିରେ ଉଦାରତା ଆଉ ଚୁନିଚୁନି ସ୍ୱପ୍ନର ଲହଡ଼ି। ଦିନର ଅଧା ସମୟ ତାଙ୍କୁ ମଧ୍ୟ ଏପରି ଉଦାସ ଆଚ୍ଛାଦିତ କରିରଖିଥିଲା। ସେ ବେଶି ସମୟ ସନ୍ଦିହାନର ବୁଢ଼ିଆଣୀ ଜାଲରେ ରହିବାକୁ ଚାହିଁଲେ ନାହିଁ। ଟଙ୍କା ପାଇଁ ହାତ ବଢ଼ାଇଲେ। ପିଲାଟି ହଠାତ୍ ଯେପରି ଅନ୍ୟ ଏକ ଗ୍ରହରୁ ଫେରିବା ଭଳି ତଟସ୍ଥ ହୋଇ ଚାହିଁ ରହିଥିଲା। ପୁଣି ଥରେ ମାଗିବାରୁ ପିଲାଟି ଏଥର ନିଜର ସମସ୍ତ ସାମର୍ଥ୍ୟ ଖଟାଇ ଉତ୍ତର ଦେଲା- ଦେଇଥିଲି ତ ! ବାସ୍ ଏଇ ଶବ୍ଦ ତାଙ୍କ ମୁଣ୍ଡର ପାରଦକୁ ସମ୍ପୂର୍ଣ୍ଣ ରୂପେ ବଢ଼ାଇ ଦେଇଥିଲା। ସେ ପୁଣି ପ୍ରଶ୍ନ କଲେ, କାହାକୁ ଦେଇଥିଲୁ ? ପ୍ରିୟାଂଶୁ ଗୋଟିଏ ଉଦାସପଣକୁ ଜାବୁଡ଼ି ଧରି କହିଥିଲା- 'ଆପଣଙ୍କୁ'। ଏଥର ତାଙ୍କ ରାଗ ତାଙ୍କ ବଶରେ ମଧ୍ୟ ନଥିଲା। ସେ ଭୀଷଣ ଭାବେ ରାଗିଯାଇଥିଲେ; ଆଉ ବାରମ୍ବାର ପଚାରିବାକୁ ଲାଗିଥିଲେ ସେଇ ଗୋଟିଏ ପ୍ରଶ୍ନ 'ଟଙ୍କା କାହାକୁ ଦେଇଛୁ... ?'

ପିଲାଟି ଏଥର କୌଣସି ଉତ୍ତର ନ ଦେଇ ନିର୍ବାକ୍ ହୋଇ ରହିଲା। ପାରୁଲ୍ ଆଖ ପାଖ ଉପର ତଳ ସବୁଆଡୁ ଆଖି ବୁଲାଇ ଆଣିଲେ, ହେଲେ କାହିଁ କେଉଁଠି ତ ଟଙ୍କାର ଚିହ୍ନ ବର୍ଣ୍ଣ ନାହିଁ। କ'ଣ ଗୋଟେ କି ଦୁଇଟଙ୍କା ହୋଇଛି, କୋଉଠି ଖସିପଡ଼ିଥିବ। ପୁରା ୪ ହଜାର ହେଲାଣି। ଏଥର ସେ କର୍କଶ ସ୍ୱରରେ ପଚାରିଲେ- କେତେଟଙ୍କିଆ ନୋଟ୍ ସବୁ ଥିଲା ?

"ଆଠଟି ପାଞ୍ଚଶହ ଟଙ୍କିଆ ନୋଟ୍।"

ଏଇ କେତୋଟି ମୁହୂର୍ତ୍ତ ଭିତରେ ବ୍ୟାଙ୍କର କର୍ମଚାରୀ ବୃନ୍ଦ ଆଉ ବିଭିନ୍ନ ଉଦ୍ଦେଶ୍ୟରେ ଆସିଥିବା ସମସ୍ତ ଗ୍ରାହକ ଏକଜୁଟ୍ ହୋଇସାରିଥିଲେ । ସେମାନଙ୍କ ମଧ୍ୟରେ ନବେ ପ୍ରତିଶତ ପାରୁଲ୍‌ଙ୍କ ସପକ୍ଷରେ ଥିବା ବେଳେ ଦଶ ଭାଗ ବୋଧେ ଦ୍ୱନ୍ଦ୍ୱରେ ଥିଲେ ।

ଏଥରର ଦୃଢ଼ କଣ୍ଠରେ ପାରୁଲ୍ ପିଲାଟିକୁ ବ୍ୟାଗ୍ ଦେଖିବାକୁ କହିଲେ । ସେ ସ୍ୱଷ୍ଟ ଭାବେ ମନାକଲା; କିନ୍ତୁ ସହକର୍ମୀମାନେ ତାକୁ ବାଧ କଲାରୁ ବ୍ୟାଗ୍ ଖୋଲିଲା ପାରୁଲ୍ କହିଚାଲୁଥିଲେ କୋଉଠୁ ଆସିଯାଉଛନ୍ତି କେଜାଣି ? ଖାଲି ଫର୍ମଟେ ଲେଖି ବଢ଼େଇ ଦେଲେ ମୁଁ କ'ଣ ମୋ ଘରୁ ଆଣି ଡିପୋଜିଟ୍ କରିଦେବି... !

'ମୁଁ ଦୁଃଖିତ ମ୍ୟାଡାମ୍, କିନ୍ତୁ ପାଗଳ ନୁହେଁ । ଆପଣ କ'ଣ ଭାବୁଛନ୍ତି ମୁଁ କ୍ଲାସ୍ ବନ୍ଦ କରି ମଜା ଦେଖିବାକୁ ଏଠାକୁ ଆସିଛି । ଫର୍ମ ରଖନ୍ତୁ ଯଦି ପଇସା ପାଇବେ ଡିପୋଜିଟ୍ କରିଦେବେ ନଚେତ୍ ମୋ ଭାଗ୍ୟରେ ଥିଲା ଭାବି ଭୁଲିଯିବି ।' ପିଲାଟି ଫେରିଯିବାକୁ ବସିଥିଲା; ଅଦିନିଆ ଶ୍ରାବଣ ତା' ଆଖିକୁ ଅବତରି ସାରିଥିଲା । ପଛରେ ଥାଇ ସବୁ ଶୁଣୁଥିବା ମ୍ୟାନେଜର ପିଲାଟିକୁ ଅଟକାଇ କହିଲେ, ତୁମେ ଏବେ କୁଆଡ଼େ ଯାଇପାରିବ ନାହିଁ । ଆଉ କିଛି ସମୟ ଏଠାରେ ବସ । ମୁଁ ସି.ସି. ଟିଭି ଫୁଟେଜ୍ ଦେଖୁଛି । ଏ ଭିତରେ ପାରୁଲ୍‌ଙ୍କୁ ଅଜଣା ଭୟ ଗ୍ରାସ କରିସାରିଥିଲା । ସେ ମ୍ୟାନେଜରଙ୍କଠାରୁ ଆଉ କିଛି ସମୟ ମାଗି ସମ୍ପୂର୍ଣ୍ଣ କ୍ୟାସ୍ ବାକ୍ସ ଦେଖିବାକୁ ଚାହିଁଥିଲେ ।

ଗ୍ରାହକମାନଙ୍କର ଗହଳି ସେତେବେଳକୁ ବଢ଼ି ଚାଲିଥାଏ । ମ୍ୟାନେଜର ଫେରି ସାରିଥିଲେ ତାଙ୍କ କକ୍ଷକୁ । ପାରୁଲ୍ ଏଥର କାମ କରିବା ବନ୍ଦ କରି ଗାଳି କରିବା ଆରମ୍ଭ କରିଦେଲେ । ପିଲାଟି ମଧ୍ୟ କିଛି ଗୁଣୁ ଗୁଣୁ ହେଉଥାଏ । ହୁଏତ ଗାଳି ବଦଳରେ ଗାଳି ଦେଉଥିବ ନଚେତ୍ ଭଗବାନଙ୍କୁ ପ୍ରାର୍ଥନା କରୁଥିବ ।

ପାରୁଲ୍ କ୍ୟାସ୍ ବାକ୍ସ ଭଲକରି ଦେଖିଲେ ଆଉ ସ୍ତମ୍ଭୀଭୂତ ହୋଇଗଲେ । ଆରେ ସତେତ ପାଞ୍ଚଶହ ଟଙ୍କିଆ ଆଠଟି ଅଧିକ ଅଛି । ସେ ନିଜ ଆଖିକୁ ବିଶ୍ୱାସ କରିପାରୁନଥିଲେ । କାହାକୁ କିଛି ନ କହି ନିରବରେ ଡିପୋଜିଟ୍ କରିଦେଲେ । ପିଲାଟିକୁ ପାଖକୁ ଡାକି ରିସିଟ୍ ଦେଇ କହିଲେ ପଇସା ଥିଲା ଡିପୋଜିଟ୍ ହୋଇଯାଇଛି ।

ଲାଗୁଥିଲା ପ୍ରିୟାଂଶୁଂ ଆଖିର ଲୁହର ଜୁଆର ଏଇକ୍ଷଣି ଭସାଇଦେବ କି ଘଟିଯାଇଥିବା ସମସ୍ତ ଘଟଣାବଳୀକୁ । ପାରୁଲ୍ ହୃଦୟରେ ପ୍ରତିଧ୍ୱନି ତୋଳୁଥିଲା ସେଇ ଲୁହ ବୁନ୍ଦାର ଶବ୍ଦ । ତାଙ୍କୁ ଲାଗୁଥିଲା ବୋଧହୁଏ ପିଲାଟି ଏବେ ଉଚ୍ଚ ସ୍ୱରରେ ମ୍ୟାନେଜରଙ୍କୁ ଶୁଣାଇବା ଭଳି ଗାଳି କରିବ । ତେଣୁ ସେ ଅନ୍ୟ ଉପାୟ ନ ପାଇ ଭଗବାନଙ୍କୁ ନିବେଦନ କରିଚାଲିଥିଲେ । ପିଲାଟି ପକେଟ୍‌ରୁ ଧଳା ରୁମାଲ୍ କାଢ଼ି ଲୁହ ପୋଛିଲା । ଯିବାବେଳେ କହିଗଲା 'ଧନ୍ୟବାଦ' । ତାହା ତ ଏକ ଶବ୍ଦ ନଥିଲା, ଥିଲା ଗୋଟିଏ ଅପମାନଜନକ ବିଦ୍ରୂପାତ୍ମକ କଠୋର ଶବ୍ଦ ପ୍ରହାର; ଠିକ୍ କୃଷ୍ଣଙ୍କ ଓଠ ଧାରରେ ଲାଖି ରହିଥିବା ଅର୍ଦ୍ଧପରିଚିତ ବିସ୍ମୟକର ଚେନାଏ ହସ ଭଳି । ଏବେ ପିଲାଟି ମୁହଁରେ ଚିକ୍‌ଚିକ୍ କରୁଥିଲା ଉଦିତ ସୂର୍ଯ୍ୟର ଆଭା ଆଉ ପାରୁଲ୍‌ଙ୍କ ମୁହଁରେ ଅପମାନର କଳାବାଦଲ ।

ଏଇ କିଛି ବର୍ଷ ମଧ୍ୟରେ ନିରବରେ ଅନେକଥର ପାରୁଲ୍ ପିଲାଟିକୁ ଖୋଜିଛନ୍ତି; ହେଲେ ପାଇନାହାଁନ୍ତି । ମଝିରେ ମଝିରେ ପିଲାଟିର ଆକାଉଣ୍ଟ୍ ଚେକ୍ କରନ୍ତି । ଦେଣ ନେଣ ଚାଲିଛି, ହେଲେ ପିଲାଟି... !! ସେ ଜାଣନ୍ତି ପ୍ରିୟାଂଶୁ ଥିବ । ଠିକ୍ ସେଦିନ ଯେମିତି ଥିଲା । ନିଜ ସାମ୍ରାଜ୍ୟରେ ସମ୍ରାଟ ଭଳି ।

ସେଦିନ ପିଲାଟିର ନିରବତା, ପାରୁଲ୍‌ଙ୍କ ହାତଛଡ଼ା ହେବାକୁ ଯାଉଥିବା ଚାକିରିର ନିଶ୍ଚିନ୍ତତା ଦିଗରେ ବେଶ୍ ସହାୟ ହୋଇପାରିଛି । ଏକଥା ସେ ଏବେ ଏକାନ୍ତରେ ସ୍ୱୀକାର କରନ୍ତି ଆଉ ମନେ ମନେ ଖୋଜନ୍ତି ସେଇ ପିଲାଟିକୁ ଆଉ ତାକୁ ଦେବାପାଇଁ ଚାହାଁନ୍ତି ଏକ ବଡ଼ ଉପହାର, ଆନ୍ତରିକ କୃତଜ୍ଞତା ପୂର୍ଣ୍ଣ ଉପହାର । 'ଧନ୍ୟବାଦ'ର ଉପହାର । ହଁ ତାକୁ ସେଇ ପିଲାଟିକୁ; ଯାହା ଆଖିଲୁହରେ ପାରୁଲ୍ ଏବେବି କ୍ଷତାକ୍ତ । ସେ ନିଶ୍ଚିନ୍ତ ନୁହଁନ୍ତି ସମୟ ତାଙ୍କୁ ଦେବ କି ନାହିଁ ସେଇ ସୁଯୋଗ । ତଥାପି ସେ କରିବେ ଅପେକ୍ଷା, ସେଇ ପିଲାଟିକୁ ଆଉ ସେଇ ସୁଯୋଗଟିକକୁ... । ❑

*(ଓଡ଼ିଆ ବିଭାଗ), ଉତ୍କଳ ବିଶ୍ୱବିଦ୍ୟାଳୟ,*
*କଳାଭୂଷଣ (ଏମ୍.ଫିଲ୍)*

# ବାଥୁଡ଼ି ଜାତିର କୁଆଁର ପୁନେଇଁ

◆ ଅନିତା ଦଳେଇ

ଓଡ଼ିଶାରେ ୬୨ ପ୍ରକାରର ଆଦିବାସୀ ବସବାସ କରନ୍ତି। ସେମାନଙ୍କ ମଧ୍ୟରୁ ବାଥୁଡ଼ି ଜାତି ଅନ୍ୟତମ। ଏହି ଜାତିର ଲୋକମାନେ ସଂସ୍କୃତିପ୍ରିୟ ଓ ଠାକୁର ବିଶ୍ୱାସୀ। ଏମାନେ ମୟୂରଭଞ୍ଜ, ବାଲେଶ୍ୱର ଜିଲ୍ଲାରେ ବାସ କରନ୍ତି। କୃଷିଭିତ୍ତିକ ପର୍ବ ଭାବରେ ନୂଆଖିଆ, ଗହ୍ମାପୁନେଇଁ, କୁଆଁର ପୁନେଇ, ମକର, ଡାଲିପୂଜା, ରଜପର୍ବ ଆଦି ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି।

ଏହି ସମୟରେ ଫସଲ ଅମଳର ପୂର୍ବ ସମୟ। ସେହିଦିନ ଜହ୍ନର ପୂର୍ଣ୍ଣ ରୂପର ସୌନ୍ଦର୍ଯ୍ୟ ଓ ତା'ର ଜ୍ୟୋସ୍ନାର ବିଚ୍ଛୁରିତ ରେଣୁ ଚାରିଆଡ଼େ ପଡ଼ି ଖୁବ୍ ସୁନ୍ଦର ଦେଖାଯାଉଥାଏ। ଗ୍ରାମର ବ୍ୟକ୍ତି ନିଜନିଜର କୁଣିଆମାନଙ୍କୁ ନିମନ୍ତ୍ରଣ କରିଥାନ୍ତି। ଗ୍ରାମରେ ସଭା କରି ପୂଜାଖର୍ଚ୍ଚ, ଚାନ୍ଦା, ସଂକୀର୍ତ୍ତନ, ଢୋଲ, ଅପେରା ଆଦି ପାଇଁ ହିସାବ କରି ଗାଁର ପ୍ରତ୍ୟେକ ଘରୁ ଚାନ୍ଦା ଆଦାୟ କରାଯାଏ। ପ୍ରତି ଗାଁରେ ଏକ ମଣ୍ଡପ ଅଛି।

ଆମ ଗାଁରେ ମଧ୍ୟ ମା' ଶାଣଦେଈ ଠାକୁରାଣୀ ଅଛନ୍ତି। ମା'ଙ୍କୁ ଗାଁର ପୂଜକ ପୂଜା କରନ୍ତି। ପୂଜାର ପାଞ୍ଚ-ଛଅଦିନ ପୂର୍ବରୁ ଗ୍ରାମରେ ଥିବା ମଣ୍ଡପ, ଗାଁ ଦାଣ୍ଡ ସଫା କରାଯାଏ। ପୂଜାଦିନ ଟୋକାମାନେ ଗ୍ରାମଦେବତୀ, ବଡ଼ାମଶାଳ, ମଣ୍ଡପ ନିକଟରେ ବାଉଁଶରେ ପାତିଆ କରି ଚାରିପଟେ ଘେରାଇ କରି ତୋରଣ ପ୍ରସ୍ତୁତ କରନ୍ତି। ସେଥିରେ ରଙ୍ଗ ବେରଙ୍ଗର କାଗଜ ପତାକା ଲଗାଯାଏ। ଆମ୍ବପତ୍ର ଗୁନ୍ଥା ଯାଏ। ମଣ୍ଡପର କାନ୍ଥକୁ ଚୂନ ଦ୍ୱାରା ଧଳା କରାଯାଏ। କାନ୍ଥରେ ଝୋଟି, ଫୁଲର ଚିତ୍ର, କଳସ ଆଦି ଚିତ୍ର କରାଯାଏ। ସେଥିରେ ହଳଦୀ, ଅଳତା ଏବଂ ଅରୁଆ ଚାଉଳକୁ ଶିଳରେ ବାଟି ପିଠଉକୁ ଅଳ୍ପ ପାଣିରେ ମିଶାଇ ଧଳାଟିପା ଦିଆଯାଏ। ତା' ଉପରେ ହଳଦୀ ରଙ୍ଗର କିମ୍ବା ଅଳତା ରଙ୍ଗର ଟିପା ଦିଆଯାଏ। ସେହିଦିନ ଡାଙ୍ଗୁଳି (ଝିଅ) ମାନେ ସ୍ନାନ ସାରି ଉପବାସ ରହି ଗ୍ରାମ ବଡ଼ାମଶାଳ, ଗ୍ରାମଦେବତୀଙ୍କ ମଣ୍ଡପରେ ଗୋବର ଓ ବିଲରୁ ମାଟି ଆଣି ଲିପାପୋଛା କରିଥାନ୍ତି। ଅନ୍ୟମାନେ ଉପବାସ ରହି ପୂଜକଙ୍କ ଘରୁ ଯେଉଁ ଧାନ ଅଣାଯାଇଥାଏ ତାକୁ ଢିଙ୍କିରେ କୁଟି ଚାଉଳ ପ୍ରସ୍ତୁତ କରିଥାନ୍ତି। ଏହି ସମୟରେ ସେମାନେ ଉଭୟଙ୍କ ମଧ୍ୟରେ, କିମ୍ବା ଅନ୍ୟ କାହା ସହିତ କଥାବାର୍ତ୍ତା କରନ୍ତି ନାହିଁ। ପୁରୁଷମାନେ ସ୍ନାନ ସାରି ଉପବାସ ରହି ଦାସୀମାନଙ୍କ ପାଇଁ ସବାଇ ଘାସରେ ବେତ ପ୍ରସ୍ତୁତ କରନ୍ତି। ତୋରଣକୁ ନାଲିରଙ୍ଗର ଫୁଲରେ ସଜାଇଥାନ୍ତି।

ପୂଜାଦିନ ମଧ୍ୟାହ୍ନ ସମୟ ପୂର୍ବରୁ ଗାଁର ପୂଜକ ଠାକୁରାଣୀଙ୍କୁ ଗନ୍ଧାହଳଦୀ ଲଗାଇ, ଗଙ୍ଗା ଜଳରେ ସ୍ନାନ କରାଇଥାନ୍ତି। ଏହି ସମୟରେ ଢୋଲ, ଶଙ୍ଖ, ହୁଳହୁଳି ଧ୍ୱନି କରାଯାଏ। ଏହା ପରେ ସିନ୍ଦୂରରେ ଲେପନ କରାଯାଇ ନୂଆ ବସ୍ତ୍ର ପିନ୍ଧାଇ ଧୋଇଦିଆଯାଇଥିବା ଖଟୁଲି ବା ନୂଆ ଟୋକେଇକୁ ଗଙ୍ଗା ପାଣିରେ ଧୋଇ ସେଥିରେ ମା' ଶାଣଦେଈଙ୍କୁ ରଖାଯାଏ। ଗ୍ରାମର ଝିଅ ବୋହୂମାନେ ପୂଜା କରିବା ପାଇଁ ଆସିଥାନ୍ତି। ଧୂପ, ଦୀପ, ସିନ୍ଦୂର, ଗୁଡ଼, ଗୁଆ, ଅରୁଆ ଚାଉଳ, ମହୁ, ନଡ଼ିଆ ଆଦି ଦେଇ ପୂଜା କରାଯାଏ। ପୂଜା ପରେ ନିଜର ମାନସିକ ରଖିଥିବା କୁକୁଡ଼ାକୁ ବଳି ଦେଇଥାନ୍ତି।

ସନ୍ଧ୍ୟା ସମୟରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯିବାର ବ୍ୟବସ୍ଥା ଥାଏ। ପରିକ୍ରମା ପୂର୍ବରୁ ଦିନରୁ ଦାସୀମାନେ ଗୋଟିଏଥର ଅରୁଆଭାତ ଖାଇ ଉପବାସ ରହିଥାନ୍ତି। ପୂଜାଦିନ ବେଲପଣା ପିଅନ୍ତି। ସନ୍ଧ୍ୟା ସମୟରେ ଠାକୁରଙ୍କୁ ସେହି ସେହି ଟୋକେଇରେ ରଖି ଘୋଡ଼ଣୀ ଦେଇ ଜଣେ ବ୍ୟକ୍ତି ମଥାରେ ବୋହି ଗ୍ରାମ ପରିକ୍ରମା କରାଇଥାନ୍ତି। ତାଙ୍କ ସହିତ ଅନ୍ୟ ଦୁଇଜଣ ସହକର୍ମୀ ଥାନ୍ତି। ସେମାନେ ହେଉଛନ୍ତି- ଜଣେ ମା'ଙ୍କ ପାଇଁ ପାଟଛତା ଧରିଥାଏ ଓ ଅନ୍ୟଜଣେ ଝୁଣା ବିଞ୍ଚି ବିଞ୍ଚି ଚାଲିଥାଏ। ସେହି ତିନିଜଣ ଏବଂ ଯେତେକ ଦାସୀ ସେମାନେ ଧଳା ଧୋତି, ଗେଞ୍ଜି ପରିଧାନ କରିଥାନ୍ତି।

ଯିଏ ମଥାରେ ଠାକୁରଙ୍କୁ ବୋହିଥାଏ ସେ ପ୍ରଥମେ ଏକ ଧଳା ରଙ୍ଗର ଧୋତିକୁ ଗୁଡ଼ାଇ ମଥାରେ ରଖି ତା' ଉପରେ ଟୋକେଇକୁ ରଖିଥାଏ । ଯେଉଁମାନେ ଦାସୀ ହେବେ ସେମାନଙ୍କୁ ପୂଜକ ଏବଂ ଦେହୁରୀ ଅରୁଆ ଫିଙ୍ଗି ଦାସୀ ପାଇଁ ଆମନ୍ତ୍ରଣ କରିଥାନ୍ତି ଏବଂ ଢୋଲ, ଶଙ୍ଖ, ହୁଳହୁଳି ଦିଆଯାଇଥାଏ । ପ୍ରଥମେ ମାଇକ୍‌ଗାଡ଼ି, ତା'ପରେ ନାମସଂକୀର୍ତ୍ତନ, ତା' ପରେ ଢୋଲବାଲା, ତା'ପରେ ଦାସୀ, ତା'ପରେ ସେହି ତିନିଜଣ ବ୍ୟକ୍ତି ଏବଂ ତାଙ୍କ ପରେ ଝିଅବୋହୂମାନେ ଚାଲିଥାନ୍ତି ।

ମଣ୍ଡପରୁ ବାହାରିବା ପରେ ଗ୍ରାମର ଝିଅବୋହୂ, ଦାସୀ ଏବଂ ସେହି ତିନିଜଣ ବ୍ୟକ୍ତିଙ୍କ ପାଦକୁ ଧୋଇଦିଅନ୍ତି । ଶାଳପତ୍ରରେ ପ୍ରସ୍ତୁତ ଖଲିପତ୍ର ପକାଇ ଦିଆଯାଏ ଏବଂ ତା'ପରେ ଠିଆ ହେଲେ ତାଙ୍କ ପାଦ ଧୋଇଦେଇ ଅରୁଆ ଚାଉଳ, ଦୀପରେ ବନ୍ଦାଯାଏ । ଏହିପରି ସେମାନେ ଜଣେ ପରେ ଜଣକୁ କରିଥାନ୍ତି । ଏହାପରେ ଗ୍ରାମ ପରିକ୍ରମା କରାଯାଏ । ଗ୍ରାମର ବଡ଼ାମଶାଳରେ ପ୍ରାଣାମ କରି ଆଗେଇ ଚାଲେ ।

ଗ୍ରାମର ବୋହୂମାନେ ନିଜ ଗୃହ ନିକଟରେ ବନ୍ଦାପନା କରନ୍ତି । ଗାଁର କମିଟି ସଦସ୍ୟ, ଚୌକିଦାର ଚାଲିଥାନ୍ତି ସୁରକ୍ଷା ଦେବା ପାଇଁ । ମଣ୍ଡପରେ ପହଞ୍ଚିବା ପୂର୍ବରୁ ଗ୍ରାମର ଝିଅମାନେ ଧଳାଶାଢ଼ୀ, ବ୍ଲାଉଜ୍, ସାୟା, କେଶଜୁଡ଼ା ବାନ୍ଧି, କାନଫୁଲ, ପାଦରେ ଅଳତା, ଚୁଡ଼ି, ବେକରେ ହାର ପିନ୍ଧି ବନ୍ଦାପନା କରିଥାନ୍ତି । ଯଦି ନାଲି ରଙ୍ଗର କିଛି ଜିନିଷ ସେମାନେ (ଝିଅ) ପିନ୍ଧିଥାନ୍ତି ଦାସୀ ବେତରେ ସେମାନଙ୍କୁ ପ୍ରହାର କରିଥାନ୍ତି । ସେହି ବେତରେ ନିଜେ ନିଜେ ପ୍ରହାର କରନ୍ତି । ପୂଜକ ପୁଣି ଥରେ ତାକୁ ଚାଉଳ ଫିଙ୍ଗି ଦାସୀ ଛାଡ଼ିଯିବାକୁ କହନ୍ତି ଏବଂ ଛାଡ଼ିଯାଏ । ଏହାପରେ ଗ୍ରାମରେ ଅପେରା ହୁଏ ।

ତହିଁ ଆରଦିନ ଗ୍ରାମରେ ଖେଚୁଡ଼ି ଭାତ, ମଟର ତରକାରୀ ହୁଏ ତାହା ସମସ୍ତେ ଖାଆନ୍ତି । ବନ୍ଧୁବାନ୍ଧବଗଣ ଆସି ଖୁସିରେ ପର୍ବ ପାଳନ କରିବା ଦେଖନ୍ତି । ସନ୍ଧ୍ୟାରେ ସଂକୀର୍ତ୍ତନ ହୁଏ ଏବଂ ଅପେରା ହୁଏ । ଅପେରାର ଶେଷଦିନରେ ମା'ଙ୍କ ନିକଟରେ ପୂଜା କରାଯାଏ । ମାନସିକ ପୂରଣ ପାଇଁ ଯିଏ ଯାହା ରଖିଥାଏ ତାହା ଦିଅନ୍ତି । କୁକୁଡ଼ା ବଳି ପଡ଼େ । ଗାଁ ତରଫରୁ ବୋଦାକୁ ବଳି ଦିଆଯାଏ । ତାକୁ କାଟି ସମସ୍ତଙ୍କ ଘରକୁ ଦିଆଯାଏ ଭୋଗ ଭାବରେ । ଏହିପରି ଭାବରେ କୁଆଁର ପୁନେଇଁ ପାଳନ କରାଯାଏ । ❑

*ସ୍ନାତକୋତ୍ତର ଓଡ଼ିଆ ଭାଷା ଓ*
*ସାହିତ୍ୟ ବିଭାଗ, ବାଣୀବିହାର, (ଷଷ୍ଠ ବର୍ଷ )*



# କେମିତି ଏ ସମ୍ପର୍କ

◆ ରୋଜି ମଲ୍ଲିକ୍

ଏଇ ଜୀବନ ସ୍ୱୟଂ ଈଶ୍ୱରଙ୍କ ବରଦାନ। ଏହି ଜୀବନ ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇଥାଏ। ଏଇ ଜୀବନ ପଥକୁ ଅତିକ୍ରମ କଲାବେଳେ ଅନେକ ପ୍ରକାର ସମ୍ପର୍କ ଏହି ପଥରେ ସହଯାତ୍ରୀ ହୋଇ ଗତି କରିଥାନ୍ତି। ଯେପରିକି ଏକ ପରିବାରରେ ପ୍ରଥମେ ବାପ-ମା' ଠାରୁ ଆରମ୍ଭ କରି ସାଙ୍ଗସାଥି ପର୍ଯ୍ୟନ୍ତ ଜଡ଼ିତ ହୋଇଥାଏ। ଏହି ସବୁ ସମ୍ପର୍କ ମଧ୍ୟରୁ ଶ୍ରେଷ୍ଠ ସମ୍ପର୍କ ହେଉଛି ପିତା-ମାତା-ସନ୍ତାନ ଓ ସ୍ୱାମୀ-ସ୍ତ୍ରୀର ସମ୍ପର୍କ। ଏହି ସଂପର୍କ ନିସ୍ୱାର୍ଥପର ଭାବରେ ଗଢ଼ା ହୋଇଥାଏ। ଜଣେ ଜଣକ ପାଇଁ ସବୁ ଦୁଃଖ କଷ୍ଟ ସହ୍ୟ କରିଥାନ୍ତି। ସନ୍ତାନର ସୁଖ ପାଇଁ ପିତା-ମାତା ତାଙ୍କ ଜୀବନକୁ ତିଳ ତିଳ କରି ଜାଳି ଦେଇଥାନ୍ତି। ତଥାପି ସେ ଜଳିବାରେ ତାଙ୍କର ଦୁଃଖ ନଥାଏ। ଭରି ରହିଥାଏ ଅଫୁରନ୍ତ ଆନନ୍ଦ। ଏଇ ଆନନ୍ଦକୁ ସେ ପାଇବା ପାଇଁ ଯେ କୌଣସି କଣ୍ଟକିତ ପଥକୁ ଆପଣେଇ ନେଇଥାନ୍ତି। ଏଇ ତ ସ୍ନେହ ମମତାର ସମ୍ପର୍କ।

ଏହି ପରି ଏକ ସମ୍ପର୍କ, ଯେଉଁଥିରେ ବାପା-ମା' ଆଉ ତାଙ୍କର ତିନୋଟି ସନ୍ତାନ ଥିଲେ। ଦୁଇଟି ଝିଅ ଓ ଗୋଟିଏ ପୁଅ। ବାପା ଦିନମଜୁରିଆ ମୂଲ ଲାଗି ଯାହା ରୋଜଗାର କରେ ସେଇଥିରେ ତାର ପରିବାର ପୋଷିଥାଏ। ଘରର ଅନେକ କାମରେ ମଧ୍ୟ ତାଙ୍କ ମା' ସହଯୋଗ କରିଥାନ୍ତି ତାଙ୍କର ସ୍ୱାମୀକୁ। ଆଉ ଘରର ଆଉ ଯେଉଁ ଅନ୍ୟାନ୍ୟ କର୍ମ ରହିଲା ରୋଷାଇ ଠାରୁ ଆରମ୍ଭ କରି ସଫାସଫି ପର୍ଯ୍ୟନ୍ତ ତାଙ୍କ ବଡ଼ ଝିଅ ସୁଷମା କରିଥାଏ। ତାର ସାନ ଭାଇ-ଭଉଣୀଙ୍କୁ କିଛି କରିବାକୁ ଦେଇନଥାଏ। ବଡ଼ଝିଅ ବାପ-ମା'ଙ୍କ ସେବା କରିଥାଏ। ଆଉ ସାନ ଭାଇ-ଭଉଣୀଙ୍କୁ ସ୍ନେହ ଶ୍ରଦ୍ଧା ଦେଇ ତାକୁ ପାଳିଥାଏ। ଏହି ସବୁ କାର୍ଯ୍ୟରେ ସେ କେବେହେଲେ ଅବହେଳା କରେ ନାହିଁ। ଏହା ପରେ ବି ସେ ସମୟ ପାଇଲେ ସାଇ ପଡ଼ିଶାର ବୋଲ ହାକ କରିଥାଏ। ପରକୁ ନିଜର କରିବା, ତାଙ୍କର ସେବା କରିବା ସୁଷମାର ଥିଲା ଏକ ଅଭ୍ୟାସ। ତାର ନାଁ ଯେପରି ତାର କର୍ମ ସେପରି। ସେ ସମସ୍ତଙ୍କର ପ୍ରିୟ ଥିଲା। ତାର ଭଲ ଗୁଣରେ ସେ ସମସ୍ତଙ୍କର ମନକୁ କିଣି ନେଉଥିଲା।

ସବୁ ଝିଅଙ୍କ ପରି ମଧ୍ୟ ସେ ଏକ ସୁନ୍ଦର ସଂସାର ଗଢ଼ିବାକୁ ସ୍ୱପ୍ନ ଦେଖିଥିଲା। ତାର ବିବାହ ବୟସ ହେବା ପରେ ତାର ବାପା-ମା' ତା ପାଇଁ ଉପଯୁକ୍ତ ବରପାତ୍ରର ଯୋଗାଡ଼ କରିବା ପାଇଁ ବରପାତ୍ର ଖୋଜିଲେ। ଏହି ଖୋଜା-ଖୋଜିରେ ସୁଷମାର ବୟସ ବିବାହ ବୟସ ଠାରୁ ଟିକେ ଅତିକ୍ରମ କରି ଯାଇଥିଲା। ତା'ପରେ ବି ସେ ଏକ ଭଲ ପୁଅକୁ ବିବାହ କରିଥିଲେ। ଏଣେ ଜଣେ ଦିନ ମଜୁରିଆ ପାଇଁ ଏଇ ସମାଜରେ ପ୍ରଚଳିତ ବିବାହ ପ୍ରଥାନୁସାରେ ସବୁକିଛି ଦେଇ ଝିଅ ବିଦା କରିବା କଷ୍ଟଦାୟକ ହୋଇଥାଏ। ସେ ଯାହା ହେଉନା କାହିଁକି ସବୁ ଭଲରେ ଭଲରେ ସରିଗଲା। ସୁଷମା ତା'ର ଶାଶୁଘର ଲୋକମାନଙ୍କୁ ଆପଣେଇ ନେଲା। ସେ ତାର ସାଂସାରିକ ଜୀବନରେ ଗୋଟିଏ ଭଲ ସ୍ତ୍ରୀ, ଭଲ ବୋହୂ ହୋଇଥିଲା। ଏହିପରି ଭାବରେ ସେ ତାର ଶାଶୁଘରେ ସୁଖରେ ଦିନ କାଟୁଥାଏ।

ନାରୀତ୍ୱ ଶ୍ରେଷ୍ଠତ୍ୱ ଲାଭ କରିଥାଏ, ଯେବେ ସେ ସନ୍ତାନର ଜନନୀ ହୋଇଥାଏ। ତା' ପାଇଁ ଏହା ସର୍ବଶ୍ରେଷ୍ଠ ଶିଖର ହୋଇଥାଏ। ସୁଷମା ମଧ୍ୟ ସେହି ଶ୍ରେଷ୍ଠ ଶିଖରରେ ପହଞ୍ଚିଥିଲା। ତାର ଏକ ରାଜକୁମାର ପରି ପୁତ୍ରଟିଏ ହୋଇଥିଲା। ତାକୁ ତା ଜୀବନର ସବୁ ଖୁସି ମିଳିଥିଲା। ହେଲେ ତାର ଏଇ ସୁଖର ସଂସାରରେ କାହାର ନଜର ଲାଗିଗଲା ହଠାତ୍ ତା' ଜୀବନରେ ଅମାବାସ୍ୟାର କଳା ଅନ୍ଧାର ଛାଇଗଲା। ଆଉ ସେଇ କଳା ଅନ୍ଧାର ହେଲା ତାର ସାନ ଭଉଣୀର ବିବାହ। ଭଉଣୀର ବିବାହ ବୟସ ହୋଇ ଯିବାରୁ ତାକୁ ବିବାହ ଦେବା ପାଇଁ ବାପ-ମାଙ୍କର ଚିନ୍ତା ହେଲା। ଗୋଟିଏ ଝିଅକୁ ତ ଧାର୍-ଉଦ୍ଧାର କରି ବିବାହ ଦେଲେ ପୁଣି ଏବେ ସାନଝିଅର ଚିନ୍ତା। ଏହି ପରିସ୍ଥିତିରେ ତାଙ୍କ ମୁଣ୍ଡରେ ଏକ କୁବୁଦ୍ଧି ବସା ବାନ୍ଧିଲା ଆଉ ସେ ବୁଦ୍ଧି

ହେଲା ବଡ଼ ଝିଅର ବର ସହିତ ସାନ ଝିଅର ବିବାହ ଏହା ହେଲେ ସେମାନେ ଯୌତୁକରୁ ରକ୍ଷା ପାଇବେ। ହେଲେ ଏହା ସମ୍ଭବ କିପରି, ଆମ ଦେଶର ନିୟମ ଅନୁସାରେ ଗୋଟିଏ ପତ୍ନୀ ଥିଲେ ଅନ୍ୟ ଏକ ପତ୍ନୀ ଗ୍ରହଣ କରିବା ସମ୍ଭବ ନୁହେଁ। ତେଣୁ ବଡ଼ଝିଅକୁ ଏହି ରାସ୍ତାରୁ ହଟାଇବାକୁ ଉପାୟ ଚିନ୍ତା କଲେ। ତାକୁ ମଧ୍ୟ ମାରିଦେବା ପାଇଁ ଚେଷ୍ଟା କରିଥିଲେ ହେଲେ ଏଥିରେ ସେ ସଫଳ ହୋଇପାରିନଥିଲେ। କଥାରେ ଅଛି–

"ରଖିଲେ ଶିବ ମାରିବ କିଏ
ମାରିଲେ ଶିବ ରଖିବ କିଏ।"

ସାଇପଡ଼ିଶାଙ୍କ ପାଇଁ ସେଦିନ ସେ ରକ୍ଷା ପାଇଯାଇଥିଲା ସିନା, ହେଲେ ତାର ମାନସିକତା ଠିକ୍ ନଥିଲା। ଏହି ସବୁ କଥାର ପ୍ରଭାବ ସୁଷମା ଉପରେ ଏମିତି ପଡ଼ିଲା ଯେ ସେ ମାନସିକ ଚିନ୍ତାରେ ରହିଲା। କାଳେ ତାର ସ୍ୱାମୀ ଆଉ ତାର ପୁଅକୁ ତା'ଠାରୁ କିଏ ଛଡ଼ାଇ ନେବ। ଏହି ମାନସିକ ଚିନ୍ତାରେ ସେ ତାର ପରିବାରରର ଠିକ୍ ଦାୟିତ୍ୱ ନେଇପାରି ନଥିଲା। ଯାହା ଫଳରେ ତା ପରିବାରରେ ଅଶାନ୍ତିର ବାତାବରଣ ଖେଳି ଯାଇଥିଲା। ଆଉ ଏହି ସମୟର ସୁଯୋଗ ନେଇ ତାର ବାପ-ମା' ସାନ ଝିଅକୁ ନେଇ ସୁଷମା ପାଖରେ ଛାଡ଼ି ଦେଇ ଆସିଲେ ଘର କାମ ବୁଝାବୁଝି ପାଇଁ। ସାନଝିଅ ସେଠାରେ ବହୁଦିନ ଧରି ରହିଲା। ଏଣେ ସୁଷମାର ପାଗଳାମି ବଢ଼ିବାକୁ ଲାଗିଲା, ଯାହାଫଳରେ ସେ ସଂପୂର୍ଣ୍ଣ ମାନସିକ ଚିନ୍ତାରେ ପାଗଳୀ ହୋଇଗଲା। ଆଉ ତାର ଏହି ରୋଗକୁ ଭଲ କରିବା ପାଇଁ କାହାର ଇଚ୍ଛା ନଥିଲା। କାରଣ ତା' ପରିବାରରେ ସମସ୍ତଙ୍କ ଉପରେ ସାନ ଭଉଣୀର ପ୍ରଭାବ ପଡ଼ିଥିଲା। ଯାହାଫଳରେ ଏହି ରୋଗରେ ସୁଷମା ପାଗଳୀ ଅବସ୍ଥାର ଶେଷ ପାହାଚ୍‌ରେ ଉପନୀତ ହୋଇଥିଲା। ଏହାପରେ ସେ ବିଭିନ୍ନ ଗାଁ ମାନଙ୍କରେ ପାଗଳୀ ଅବସ୍ଥାରେ ବୁଲୁଥାଏ। ଏହି ଅବସ୍ଥାରେ ସେ ତାର ନିଜ ଗାଁକୁ ଫେରି ଆସିଥିଲା। ସୁଷମାର ଏହି ଅବସ୍ଥାରେ ସାଇ-ପଡ଼ିଶା ଲୋକମାନେ ବହୁ ଆଘାତ ପାଇଥିଲେ। ଏହି ସମୟ ମଧ୍ୟରେ ସାନଝିଅର ବିବାହ ସୁଷମାର ସ୍ୱାମୀ ସହିତ ହେଇଗଲା।

ସାନଭଉଣୀ ତାର ସୁଖର ସଂସାର ଗଢ଼ିଲା। ଏଣେ ସୁଷମା ପାଗଳୀ। ସୁଷମାର ସାଇ-ପଡ଼ୋଶୀ ଲୋକମାନେ ତାକୁ ଖାଇବାକୁ ପିନ୍ଧିବାକୁ ଦେଇଥାନ୍ତି। ହେଲେ ତାହା ପାଇଁ ତାର କିଛି ଆବଶ୍ୟକ ନଥାଏ। ସେ ତାର ପାଗଳୀ ଅବସ୍ଥାରେ କେବଳ ଗୋଟିଏ କଥା କହୁଥାଏ, "ମୋ ସ୍ୱାମୀ ଆଉ ମୋ ପୁଅକୁ କିଏ ନେଇଗଲା" ପାଗଳୀ ହୋଇଯିବା ପରେ ବି ସେ ତାର ସ୍ୱାମୀ ପୁଅକୁ ଭୁଲିଯାଇ ନାହିଁ। ଏହିପରି ଅବସ୍ଥାରେ ତାର କେତେବର୍ଷ ବିତିଗଲା। ଏହି ଅବସ୍ଥା ହିଁ ତାର ମୃତ୍ୟୁ ହୋଇଗଲା। ତା'ର ମୃତ୍ୟୁ ତାର ନିଜ ଗାଁରେ ହୋଇଥିଲା। ତାର ଶବକୁ ବି ତାର ବାପ ମା'ଙ୍କ ଭାଇ କେହି ସଂସ୍କାର କଲେ ନାହିଁ। ସାଇପଡ଼ିଶା ଲୋକମାନେ ତାର ସ୍ୱାମୀ ପାଖକୁ ଖବର ଦେଲେ। ଶବ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପଡ଼ି ରହିଥାଏ ତା'ର ସ୍ୱାମୀର ଅପେକ୍ଷାରେ ହେଲେ ସେ ଆସିନଥିଲେ। ଶେଷରେ ସାଇ ଲୋକମାନେ ଏକତ୍ର ହୋଇ ତାର ଶବକୁ ସଂସ୍କାର କରିଥିଲେ। ଏଇ ତ ମଣିଷ ମଣିଷର ସମ୍ପର୍କ!

ସେ ହେତୁ ପାଇବା ଦିନ ଠାରୁ ଶାଶୁଘର ବୋହୂ ହେଲା ପର୍ଯ୍ୟନ୍ତ ତା'ର କର୍ତ୍ତବ୍ୟରେ କେବେହେଲେ ଅବହେଳା କରିନାହିଁ। ବାପା-ମା'ର ସେବାଠାରୁ ସାନ ଭାଇ-ଭଉଣୀଙ୍କର ଯତ୍ନ, ଶାଶୁଘର ଶାଶୁ ଶ୍ୱଶୁରଙ୍କ ସେବା, ସ୍ୱାମୀକୁ ଈଶ୍ୱର ବୋଲି ଭାବି ସବୁକିଛି ସମର୍ପଣ କରିଦେଇଛି। ଏହି ସବୁ କ୍ଷେତ୍ରରେ ସେ ଶ୍ରେଷ୍ଠ ସ୍ଥାନରେ ଥିଲା, ଶ୍ରେଷ୍ଠତ୍ୱର ପରିବର୍ତ୍ତେ କ'ଣ ପାଇଲା? ଯେଉଁ ବାପା ମା'ଙ୍କର ଏତେ ସେବା କରିଥିଲା, ଯେଉଁ ଭାଇଭଉଣୀକୁ ପିଲାବେଳୁ ପାଳି ବଡ଼ କରିଥିଲା, ଯାହାର ହାତ ସାରାଜୀବନ ପାଇଁ ଧରିଥିଲା, ସୁଖଦୁଃଖରେ ସାଥି ହେବାପାଇଁ ଆଶା ବାନ୍ଧିଥିଲା, କେହି ହେଲେ ତାର ଦୁଃଖ ସମୟରେ ସାହା ହେଲେନି। ସେ ତାର ଜୀବନରେ ଯେଉଁ ସବୁ ସମ୍ପର୍କ ଅତି ସୁନ୍ଦର ଓ ଦୃଢ଼ ଭାବରେ ନିଜ ହାତରେ ଗଢ଼ିଥିଲା, ସେଇ ସବୁ ସମ୍ପର୍କର କ'ଣ ଏଇ ମୂଲ? ❑

***ସ୍ନାତକୋତ୍ତର ଓଡ଼ିଆ ଭାଷା ଓ***
***ସାହିତ୍ୟ ବିଭାଗ, ବାଣୀବିହାର***

# ଭାଗବତ ଚାରି ଅକ୍ଷର

ନିହାରୀକା ମହାନ୍ତି

ଭା – ଭାବ

ଗ – ଜ୍ଞାନ

ବ – ବିଶ୍ୱାସ

ତ – ତତ୍ତ୍ୱ

ଭାବ-ଜ୍ଞାନ-ବିଶ୍ୱାସ-ତତ୍ତ୍ୱର ସମ୍ମିଳନରେ ଓଡ଼ିଆ ଭାଗବତ ଆଜି ବହୁ ଜନାଦୃତ ତଥା ଓଡ଼ିଶାର ପୁରପଲ୍ଲୀର ପ୍ରତି ଘରେ ଘରେ ପ୍ରତ୍ୟେକ ବ୍ୟକ୍ତି ନିକଟରେ ବେଶ୍ ପରିଚିତ। ଏପରି ଜଣେ ଓଡ଼ିଆ ଓଡ଼ିଶାରେ ନାହିଁ, ଯାହାକୁ ଭାଗବତରେ ଦୁଇ ଚାରିପଦ ଜଣା ନଥିବ। ପ୍ରତ୍ୟେକ ଓଡ଼ିଆଙ୍କ ମୁଖରେ ଭାଗବତର କେଇପଦ ମୁଖସ୍ଥ ହୋଇଯାଇଥାଏ, ଯାହାକି କଥା କଥାରେ ଓଡ଼ିଆଙ୍କ ମୁଖରୁ ସ୍ୱତଃପ୍ରବୃତ୍ତ ଭାବରେ ବାହାରି ଆସିଥାଏ-

"ଅମୃତ ବିନୟ ବଚନ
କହି ତୋଷିବ ଜନମନ।"

ଯାହା ମୁଖରୁ ମିଠା କଥା ଅଥବା ଭଲ କଥା ପଦେ ଶୁଣିବା ମାତ୍ରେ ଜନସାଧାରଣ ତାହାପ୍ରତି ଶ୍ରଦ୍ଧାଶୀଳ ହୋଇ ଉଠିଥାନ୍ତି, ସେଥିପାଇଁ ଭାଗବତରେ ଏହି ବାଣୀ ବେଶ୍ ପ୍ରଯୁଜ୍ୟ ହୋଇଥାଏ।

"ଦଣ୍ଡିଲା ଶକ୍ତି ଯା'ର ଥାଇ
ସେ ଯେବେ କ୍ଷମା ଆଚରଇ
ମାନବ ଶ୍ରେଷ୍ଠ ସେହୁ ନର
ସୁଖ ଦୁଃଖରୁ ସେ ବାହାର।"

ଯେଉଁ ବ୍ୟକ୍ତିର ଦଣ୍ଡ ଦେବାର ଶକ୍ତି ରହିଥାଏ ଏବଂ କୌଣସି ଭୁଲ୍ ଥିଲେ ମଧ୍ୟ ସେ ଯଦି କ୍ଷମା ପ୍ରାର୍ଥନା କରିଥାଏ ତେବେ ସେହି ମନୁଷ୍ୟକୁ ସୁଖ ଦୁଃଖ କଦାପି ସ୍ପର୍ଶ ସୁଦ୍ଧା କରିନଥାଏ।

"ପ୍ରାଣୀର ଭଲ ମନ୍ଦ ବାଣୀ
ମରଣ କାଳେ ତାହା ଜାଣି।"

ପ୍ରାଣୀ ତା ଜୀବଦ୍ଦଶା ମଧ୍ୟରେ କରିଥିବା ସୁକର୍ମ ତାହା ତାର ମୃତ୍ୟୁ ସମୟରେ ହିଁ ଜଣାଯାଇଥାଏ, ଯେପରି କଥାରେ ଅଛି-

"କରିଥିଲେ ପୁଣ୍ୟ କରିଥିଲେ ଦାନ
ବୈକୁଣ୍ଠ ପୁରକୁ ନେବି
ଯଦି ଦାନ ପୁଣ୍ୟ କରି ନାହୁଁ କିଛି
ନର୍କ କୁଣ୍ଡେ ବୁଡ଼ାଇବି।"

ଅର୍ଥାତ୍ ମନୁଷ୍ୟ ଯଦି ପୁଣ୍ୟ କରିଥାଏ, ତେବେ କଷ୍ଟ ନ ପାଇ ବୈକୁଣ୍ଠ ପଥର ଯାତ୍ରୀ ହୋଇଥାଏ, କିନ୍ତୁ ସେ ଯଦି କିଛି ପୁଣ୍ୟ ତଥା ସୁକର୍ମ କରିନଥାଏ, ତେବେ ତା ମୃତ୍ୟୁ ଆସି ତା' ନିକଟତର ହେଲେ ମଧ୍ୟ ଶୀଘ୍ର ମୃତ୍ୟୁବରଣ କରିପାରିନଥାଏ। ଦୁଃଖ କଷ୍ଟ ପାଇ ଆକୁଳ ବିକଳ ହୋଇ ସେ ଯେତିକି ଯେତିକି ମୃତ୍ୟୁର ନିକଟତର ହୋଇ ମୃତ୍ୟୁକୁ ଖୋଜେ, ସେ ସେତିକି କଷ୍ଟ ପାଇଥାଏ।

"ଉତ୍ତମ ସଙ୍ଗେ ସଙ୍ଗ ଯା'ର
ସେ କରେ ଉତ୍ତମ ବେଭାର।"

ଜଣେ ଖରାପ ସ୍ୱଭାବର ପିଲା ଯଦି ଭଲ ସ୍ୱଭାବ ବା ପ୍ରକୃତିର ପିଲା ସହ ମିଳାମିଶା କରେ ତେବେ ତାର ବ୍ୟବହାର ମଧ୍ୟ ଭଲ ହୋଇଯାଇଥାଏ।

"ଯେ ପୁଣ୍ୟ ଆପଣେ କରିବେ
କେବେ ହେ ପରେ ନ କହିବେ।"

ଯେକୌଣସି ପୁଣ୍ୟ କାର୍ଯ୍ୟ ଯଦି କେହି କରେ, ତେବେ ତାହାକୁ ଅନ୍ୟ ନିକଟରେ ପ୍ରକାଶ କରିବା ଅନୁଚିତ। ଯଦି ପୁଣ୍ୟ କରି କେହି ଅନ୍ୟ ନିକଟରେ ପ୍ରକାଶ କରେ ତେବେ ତାହାର ପୁଣ୍ୟ କିଛି ରହିନଥାଏ।

ଓଡ଼ିଆ ଭାଗବତ ଏପରି ଏକ ଗ୍ରନ୍ଥ, ଯାହା ମଧ୍ୟରେ ମନୁଷ୍ୟର ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକୁ ସରଳ ତରଳ, ସାବଲୀଳ ଭାଷାର ପଙ୍‌କ୍ତି ମାଧ୍ୟମରେ ଉପସ୍ଥାପିତ କରିଛନ୍ତି ଅତିବଡ଼ୀ ଜଗନ୍ନାଥ ଦାସ।

ମନୁଷ୍ୟ ମୃତ୍ୟୁମୁଖରେ ପଡ଼ିଥିବା ସମୟରେ ତା' ନିକଟରେ ଭାଗବତ ପାଠ କରାଯାଇଥାଏ କାହିଁକି ନା ଭାଗବତ ଶ୍ରବଣ ମାତ୍ରେ ହିଁ ମନୁଷ୍ୟ ସକଳ ପ୍ରକାର ଦୁଃଖ କଷ୍ଟରୁ ମୁକ୍ତି

ପାଇଥାଏ, ଏବଂ ତାର ଆତ୍ମା ପରମାତ୍ମାଙ୍କ ଚରଣରେ ଲୀନ ହେବ ଓ ସେ ଭବସାଗରରୁ ମୁକ୍ତି ପାଇବ ଏହିପରି ବିଶ୍ୱାସ ତଥା ଭାବ ଆଜି ସୁଦ୍ଧା ରହିଅଛି। ସେଥିପାଇଁ ମୃତ୍ୟୁ ମୁଖରେ ପଡ଼ିଥିବା ସମୟରେ ମଧ୍ୟ ଏହାକୁ ପାଠ କରାଯାଏ-

"ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ
ପଦୁ ଗଳୁଛି ମକରନ୍ଦ।
ସେ ମକରନ୍ଦ ପାନ କରି
ହେଲେ ତରିଲେ ବ୍ରଜନାରୀ।
ସେ ବ୍ରଜ ନାରୀଙ୍କ ପୟରେ
ଚିତ୍ତ ମୋ ଥାଉ ନିରନ୍ତରେ।
ଚିତ୍ତ ମୋ ନିରନ୍ତରେ ଥାଉ
ହା କୃଷ୍ଣ ବୋଲି ଜୀବ ଯାଉ।
ହା କୃଷ୍ଣ ବୋଲି ଯାଉ ଜୀବ
ମୋତେ ଉଦ୍ଧର ବାସୁଦେବ।
ମୋ ଗୃହେ ଜାଳି ଜ୍ଞାନ ଦୀପ
ଅଜ୍ଞାନ ଖଣ୍ଡ ବିଶ୍ୱରୂପ।"

ମନୁଷ୍ୟ ତା'ର ଶେଷ ସମୟରେ ହା' କୃଷ୍ଣ କହି ପ୍ରାଣତ୍ୟାଗ କଲେ ସକଳ ବନ୍ଧନରୁ ତାକୁ ମୁକ୍ତି ମିଳିଥାଏ। ତଥା ସେ ପରମାତ୍ମାଙ୍କ ଶ୍ରୀଚରଣରେ ମିଶିଥାଏ।

ଜଗନ୍ନାଥ ଦାସଙ୍କ ଲିଖିତ ଓଡ଼ିଆ ଭାଗବତ ଏକ ଅମୂଲ୍ୟ ଗ୍ରନ୍ଥ। ଏହା ଏପରି ଏକ ଗ୍ରନ୍ଥ ଯାହାକୁ ପିଲାଠାରୁ ବୁଢ଼ାଯାଏଁ ସଭିଏଁ ପାଠ କରିଥାନ୍ତି। ସନ୍ଧ୍ୟା ସମୟରେ ଗାଁ ମାନଙ୍କରେ ଏହା ଭାଗବତ ଟୁଙ୍ଗୀରେ ମଧ୍ୟ ପାଠ କରାଯାଇଥାଏ। ଏପରି କୌଣସି ଓଡ଼ିଆ ନାହାନ୍ତି ଯେଉଁମାନେ କି ଭାଗବତର କେଇପଦ କହିଦେଇ ନପାରିବେ।

ମନୁଷ୍ୟ ଜୀବନର ପ୍ରତିଟି କାର୍ଯ୍ୟକୁ ଏହି ଗ୍ରନ୍ଥରେ ସ୍ଥାନ ଦିଆଯାଇଛି। ଏହାର ଭାଷା ସରଳ ହୋଇଥିବାରୁ ଏହା ଓଡ଼ିଶାର ପ୍ରତି ଘରେ ଘରେ ବେଶ୍ ପରିଚିତ ତଥା ଆଦରଣୀୟ ହୋଇ ରହିଛି। ଏହି ଗ୍ରନ୍ଥର ଶେଷ ପଙ୍କ୍ତିଟି ଏଠାରେ ଗ୍ରହଣୀୟ।

"ହରି ବୋଇଲେ ହରେ ଦୁଃଖ
ହରି ମହିମା ମହିମା ସୁଖ।" ❑

*ସ୍ନାତକୋତ୍ତର ଓଡ଼ିଆ ଭାଷା ଓ*
*ସାହିତ୍ୟ ବିଭାଗ, ବାଣୀବିହାର, (ଷଷ୍ଠ ବର୍ଷ)*

# ବନ୍ଧୁତା

◆ **ଶ୍ୱେତପଦ୍ମା ଲେଙ୍କା**

ଏ ସଂସାର ବଡ଼ ବୈଚିତ୍ର୍ୟମୟ। ଏଠି କେବଳ ମଣିଷମାନେ ଅନ୍ୟଠାରୁ ଫାଇଦା ହାସଲ କରିବାକୁ ଋହାନ୍ତି। ଅନ୍ୟର କାନ୍ଧରେ ଗୋଡ଼ ଦେଇ ଉପରକୁ ଉଠିବାର ଇଚ୍ଛା ତାଙ୍କୁ ବ୍ୟଗ୍ର କରିପକାଏ। କିନ୍ତୁ ଏ ସବୁ ଭିତରେ ଏମିତି ଗୋଟେ ସଂପର୍କ ଅଛି ଯାହା ହେଉଛି ଚିରନ୍ତନ, ଶାଶ୍ୱତ, ନିଷ୍କପଟ ଏବଂ ନିଷ୍କଳଙ୍କ। ସେ ସମ୍ପର୍କ ହେଉଛି ବନ୍ଧୁତା। ବନ୍ଧୁତାରେ କେବଳ ତ୍ୟାଗ ଥାଏ। ଯେଉଁ ସଂପର୍କ କି ପାଇବାଠାରୁ ହରାଇବାକୁ ବେଶି ଭଲପାଏ। ବନ୍ଧୁତା ହେଉଛି ତ୍ୟାଗପୂର୍ଣ୍ଣ ସଂପର୍କ। ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଉଛି ବନ୍ଧୁତ୍ୱ। ଏହି ମୂଲ୍ୟବାନ ସଂପର୍କ ଭିତରେ କେବଳ ଭରି ରହିଥାଏ ଆତ୍ମୀୟତା। ଜୀବନରେ ଯଦି କାହାର ଭଲ ବନ୍ଧୁଟିଏ ହୋଇପାରିଲ ଜାଣିବ ଯେ ଜୀବନ ସାର୍ଥକ ହୋଇପାରିଛି। ଭଲ ବନ୍ଧୁଟିଏ ପାଇବା ତ ସହଜ କଥା କିନ୍ତୁ ବନ୍ଧୁତା ନିଭେଇବା ସବୁଠାରୁ ବଡ଼ କଥା। ବନ୍ଧୁ ପାଇଁ ଜୀବନକୁ ଉତ୍ସର୍ଗ କରିବା ହିଁ ବନ୍ଧୁତ୍ୱ। ନିର୍ମଳ ବନ୍ଧୁତ୍ୱ ହିଁ ଜୀବନର ବ୍ରତ ହେବା ଉଚିତ୍। ଜୀବନର ଦୋଛକିରେ ବନ୍ଧୁ ହିଁ ଉଚିତ୍ ମାର୍ଗ ଦେଖାଇଥାଏ। ଜୀବନର ଗୂଢ଼ତତ୍ତ୍ୱ ବନ୍ଧୁ ହିଁ ବୁଝାଇଥାଏ। ଖରାପ ମଣିଷକୁ ତାର ଉପଯୁକ୍ତ ବନ୍ଧୁଟି ଭଲ ମଣିଷରେ ପରିଣତ କରିଥାଏ।

ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ସମସ୍ତଙ୍କୁ ସଚ୍ଚୋଟ ବନ୍ଧୁଟିଏ ମିଳିଯାଉ। ବନ୍ଧୁତା ଭିତରେ ସନ୍ଦେହ ରଖିବା ଉଚିତ୍ ନୁହେଁ। ଏ ପୃଥିବୀରେ ଏହି ସଂପର୍କ ହିଁ ଶାଶ୍ୱତ, ଚିରନ୍ତନ।

❑

*ସ୍ନାତକୋତ୍ତର ଓଡ଼ିଆ ଭାଷା ଓ*
*ସାହିତ୍ୟ ବିଭାଗ, ବାଣୀବିହାର (ଷଷ୍ଠ ବର୍ଷ)*

# ପହିଲି ବର୍ଷା

◆ ଲିପିପୁଷ୍ପା ନାୟକ

ଆକାଶରେ କଳାହାଣ୍ଡିଆ ମେଘ ଦେଖି ଆଶ୍ୱସ୍ତିବୋଧ ହେଲା। ଯାହାହେଉ ନିଦାଘର ଏତେଦିନର ତାଣ୍ଡବ ପରେ ଆଜି ଟିକେ ଶାନ୍ତିରେ ନିଶ୍ୱାସ ମାରିହେବ। ସତରେ ଏ ଯେଉଁ ଅସହ୍ୟ ଗରମ ହେଉଛି, ଲାଗୁଛି ସତେ ଯେମିତି ପ୍ରାଣ ଚାଲିଯିବ। ଇସ୍ ବାହାରେ କି ବର୍ଷା ! ଖୁବ୍ ସୁନ୍ଦର ଏ ପହିଲି ବର୍ଷାଟା। ଭାରି ଭଲ ଲାଗେ ପହିଲି ବର୍ଷାର ଶୀତଳ ସ୍ପର୍ଶ। ମନ ତଳେ ଲୁଚି ରହିଥିବା ସ୍ମୃତିଗୁଡ଼ାକୁ ଓଦା କରି ପୁଣି ସତେଜ କରିଦିଏ। ଭିଜାଇ ଦିଏ ନୁଖୁରା ଅତୀତଟାକୁ।

ସେମିତି ଲଗ୍ନା ଅତୀତଟା ଆଜି ଜୀବଦାନ ପାଇଛି। ଏ ବର୍ଷାର ଛୁଆଁରେ ଆଉ ଲୋତକ ସାଜି ବୋହି ଆସୁଛି ଏ ପହିଲି ବର୍ଷା ସାଥେ ନାଚିବାକୁ ପୁଣି ଯନ୍ତ୍ରଣା ଭରିଦେଉଛି ହୃଦୟର କୋଣ ଅନୁକୋଣରେ...। ଅତୀତ ସତରେ କ'ଣ ବୀରେନ୍ ତା'ର ଅତୀତ ହୋଇସାରିଛି। କାହିଁ ନାଇ ତ ଏ ଦଶବର୍ଷ ଭିତରେ ଦଶ ସେକେଣ୍ଡ ପାଇଁ ଭୁଲିନି। କିନ୍ତୁ ହଁ ଦଶବର୍ଷ ଭିତରେ ବୀରେନ୍ର ଅନୁପସ୍ଥିତି ଜୀବନକୁ ସତେ ଯେମିତି ନିଃସ୍ୱ କରିଦେଉଛି ଗୋଟିଏ ମୁହୂର୍ତ୍ତ ବି ବଞ୍ଚିବାକୁ ଦେଇନି।

ଏଇ ବର୍ଷାରେ ତ ସେମାନଙ୍କ ସମ୍ପର୍କର ଶୁଭ ପଡ଼ିଥିଲା। ଆଉ ଏଇ ବର୍ଷାରେ ହିଁ କେତେବେଳେ ଯେ ଏ ସମ୍ପର୍କର ପୂର୍ଣ୍ଣଚ୍ଛେଦ ପଡ଼ିଗଲା ସେ ନିଜେ ବି ଜାଣିନଥିଲା। ପି.ଜି. କ୍ଲାସ୍‌ରେ ଶେଷ ବର୍ଷରେ ହିଁ ଲଗ୍ନା ବୀରେନ୍ର ଘନିଷ୍ଠତା ବଢ଼ିଥିଲା। ସବୁଦିନର ମିଳାମିଶାରେ ବୀରେନ୍ ଯେ କେତେବେଳେ ଲଗ୍ନାକୁ ଭଲ ପାଇ ବସିଥିଲା। ଖୁବ୍ ଭଲ ପାଉଥିଲା ସେ ଲଗ୍ନାକୁ। ସବୁ ଝିଅଙ୍କ ଭିତରେ ସେ ତାକୁ ଏକ ଏବଂ ଭିନ୍ନ ଲାଗୁଥିଲା। ଲଗ୍ନାର ପ୍ରତ୍ୟେକ ଛୋଟ ବଡ଼ ଖୁସି ପ୍ରତି ଧ୍ୟାନ ଦେଉଥିଲା ସେ। ଦିନେ ଯଦି ସେ ତାକୁ ଦେଖୁ ନଥିଲା, ତା'ର କୌଣସି କାମରେ ମନ ଲାଗୁନଥିଲା। ଲଗ୍ନା ଅଜାଣତରେ କେବେ ସ୍ପର୍ଶ କରିଦେଲେ ସେ ରସିକ ପ୍ରେମିକଟେ ପରି ତା' ଛୁଆଁକୁ ମଧ୍ୟ ପ୍ରଶଂସା ନ କରି ରହିପାରୁ ନଥିଲା। ବୀରେନ୍ର ଏପରି ବ୍ୟବହାର ଲଗ୍ନାକୁ ଆଦୌ ଭଲ ଲାଗୁନଥିଲା। ବୀରେନ୍‌ଠୁ ଦୂରେଇବାକୁ ତାକୁ ବାଧ୍ୟ କରୁଥିଲା। ସେ ବୀରେନ୍‌କୁ ଖୁବ୍ ରାଗୁଥିଲା। ଘୃଣା ମଧ୍ୟ କରିବାକୁ ସେ ପଛେଇଲା ନାହିଁ। କାରଣ ଲଗ୍ନା ଆଖିରେ କାହିଁ କେଜାଣି ସବୁ ଭଲପାଇବା ମଣିଷଗୁଡ଼ା ଲୋଫର୍, ଅସାମାଜିକ ମନେ ହୁଅନ୍ତି। ସେଥିପାଇଁ ତ ବୀରେନ୍‌କୁ ତା' ଆଖି ସାମ୍ନାରେ ଦେଖିବାକୁ ଚାହୁଁନଥିଲା। କିନ୍ତୁ ଭଗବାନଙ୍କର ଇଚ୍ଛା ଥିଲା କିଛି ଅଲଗା। ଘୃଣା ଯଦି Virus ହୁଏ ପ୍ରେମ ଯେ Antivirus ଏ କଥା ଲଗ୍ନା ଜାଣିନଥିଲା।

ପୁଣି ବୀରେନ୍ ପରି ଶାନ୍ତ, ଭଦ୍ର, ନମ୍ର ଆଉ ଧୀର ସ୍ୱଭାବର ପିଲାକୁ କିଏ କେତେଦିନ ଏମିତି ରାଗ କି ଅଭିମାନ କରି ରହିପାରିବ। ବୀରେନ୍ର ସ୍ୱଭାବ ଯେମିତି ଥିଲା, ପାଠପଢ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଖୁବ୍ ଆଗୁଆ ଥିଲା। ଖୁବ୍ Talented ଥିଲା ବୀରେନ୍। ପରକୁ ଆପଣାର କରିବାର ମନ୍ତ୍ର ଜଣାଥିଲା ତାକୁ। ଯା'ଠାରୁ ଅଧିକ କ'ଣ ଦରକାର ଗୋଟେ ଝିଅକୁ। ସେଥିପାଇଁ ତ ଲଗ୍ନାର ରାଗ, ଘୃଣା, ଅଭିମାନ କେତେବେଳେ ଯେ ପ୍ରେମରେ ବଦଳି ଯାଇଥିଲା ସେ କଥା ସେ ନିଜେ ବି ଜାଣେନି। ଲଗ୍ନାର ମନକଥା ଜାଣି ବହୁତ ଖୁସି ହୋଇଥିଲା ବୀରେନ୍। ତା'ର ମନର ମାନସୀକୁ ସେ ସମ୍ପୂର୍ଣ୍ଣ ଭାବେ ପାଖରେ ପାଇଯାଇଥିଲା। ସେ ବାଜି ମାରିନେଇଥିଲା ଲଗ୍ନାର ହୃଦୟକୁ। ତା' ପ୍ରେମ ଆଜି ଜିତି ଯାଇଥିଲା ଆଉ ହାରିଯାଇଥିଲା ଲଗ୍ନାର ଘୃଣା ଆଉ ରାଗ। ସେ ଦୁହେଁ ଦୁଇଟି ପ୍ରେମ ପକ୍ଷୀ ସାଜି ଉଡ଼ି ବୁଲୁଥିଲେ ନୀଳ ଆକାଶର ମୁକ୍ତ ବାଦଲକୁ ଛୁଇଁ। ଲଗ୍ନା ଫୁଲେଇ ପ୍ରେମିକାଟିଏ ସାଜି ବୀରେନ୍‌କୁ ନେଇ କେତେ ସ୍ୱପ୍ନ ବୁଣିଥିଲା ନିଜ ମନରେ। ତା' ମନର ମଣିଷକୁ ନେଇ ଗଢ଼ିଥିଲା ଏକ ସୁନ୍ଦର ପ୍ରେମର ଘର।

କିନ୍ତୁ ତା'ର ଏ ସ୍ୱପ୍ନ ଅଧୁରା ହୋଇ ରହିଯିବ ସେ ଜାଣିନଥିଲା। ଜାଣିନଥିଲା ଏକ ଅଜଣା ଝଡ଼ ଆସି ତା'ର

ଏ ସ୍ୱପ୍ନର ଘରକୁ ଭାଂଗିଦେଇ ଚାଲିଯିବ ଆଉ ଭସାଇ ନେଇଯିବ ତା'ର ସବୁ ଖୁସିକୁ। ତାଙ୍କ ସଂପର୍କକୁ ସତେ ଯେମିତି ଲାଗିଯାଇଥିଲା କାହାର ଅଶୁଭ ନଜର। ଲଗ୍ନାର ଅଜାଣତରେ ତା'ର ସାଥି ପକ୍ଷୀ ବୀରେନ୍ ତା'ର ଡେଣା କାଟି ଅନ୍ୟ ଜଣକୁ ନିଜର କରି ଉଡ଼ିଯାଇଥିଲା। ତା' ବାଟରେ ଆଉ ଲଗ୍ନାକୁ ସେମିତି କ୍ଷତାକ୍ତ କରି ଯନ୍ତ୍ରଣା ଜର୍ଜରିତ ଅବସ୍ଥାରେ ଛାଡ଼ି ଦେଇଗଲା। ଥରଟିଏ ବି ସେ ତାକୁ ଫେରି ଚାହିଁଲା ନାହିଁ। ବିନା କାରଣରେ ଲଗ୍ନା ଉପରେ କରି ଦେଇଗଲା ଘୃଣାର ବର୍ଷା। ସତରେ ଆଜି ଆଉ କାଲି ଭିତରେ କୌଣସି ଫରକ୍ ନଥିଲା। କାଲିର ବର୍ଷା ଥିଲା ଘୃଣାର ଆଉ ଆଜି ବର୍ଷା ବି ଘୃଣାର। ଖାଲି ଫରକ୍ ଏତିକି କାଲିର ଘୃଣା ଥିଲା ଲଗ୍ନାର ଆଉ ଆଜି ବୀରେନ୍‌ର।

ବୀରେନ୍ ଯିବାର ଏତେ ବର୍ଷ ପରେ ବି ଗୋଟାଏ ମୁହୂର୍ତ୍ତ ବି ଲଗ୍ନା ତାକୁ ଭୁଲିପାରିନାହିଁ। ଜୀବନରେ ବହୁତ ଆଗକୁ ବଢ଼ି ସାରିଛି ବୀରେନ୍। କେବେ ହେଲେ ଥରୁଟିଏ ଲଗ୍ନାକୁ ମନେପକାଇବାକୁ ଚେଷ୍ଟା କରିନାହିଁ ସେ। କିନ୍ତୁ ଲଗ୍ନା ଆଜି ବି ସେମିତି ରକ୍ତାକ୍ତ ଅବସ୍ଥାରେ ଛଟପଟ ହେଉଛି। ବର୍ଷାର ଏ ବୁନ୍ଦାଗୁଡ଼ା କ୍ଷତ ସ୍ଥାନରେ ପଡ଼ି ଖୁବ୍ ଯନ୍ତ୍ରଣା ଭରିଦେଉଛି। ସତରେ କି ଜ୍ୱାଳାମୟ ସତେ ଏ ପହିଲି ବର୍ଷାର ସ୍ପର୍ଶ...।

*ସ୍ନାତକୋତ୍ତର ଓଡ଼ିଆ ଭାଷା ଓ*
*ସାହିତ୍ୟ ବିଭାଗ, ବାଣୀବିହାର*



# ମନ ଓ ବିବେକ

◆ ସୌଦାମିନୀ ମିଶ୍ର

ସହରଠାରୁ ଅନତି ଦୂରରେ ଗୋଟିଏ ଗ୍ରାମ। ଗ୍ରାମଟିର ନାମ ନରସିଂହପୁର। ସେହି ଗ୍ରାମରେ ନରୋତ୍ତମ ଦାସ ଓ କାଳିନ୍ଦୀ ପ୍ରଧାନ ବାସ କରୁଥିଲେ। ନରୋତ୍ତମ ଦାସ ପୁଅର ନାମ ମନ ଓ କାଳିନ୍ଦୀ ପ୍ରଧାନ ପୁଅର ନାମ ବିବେକ। ମନ ଭାରି ଚଞ୍ଚଳିଆ ପ୍ରକୃତିର ଗୋଟିଏ ସ୍ଥାନରେ ସ୍ଥିର ହୋଇ ବସି ରହିପାରେ ନାହିଁ। ଆଗପଛ କିଛି ନ ଭାବି ଚଟାପଟ ଉତ୍ତର ଦେବ, ଆଗତୁରା ହୋଇ ଭୁଲ୍ କାମ ହେଉ ପଛେ କରିବ, ହେଲେ କାହାରି କଥା ଶୁଣିବା ପାଇଁ ପ୍ରସ୍ତୁତ ନୁହଁ। କିନ୍ତୁ ବିବେକ ତା'ର ଠିକ୍ ବିପରୀତ। ସେ ଶାନ୍ତ, ନମ୍ର ପ୍ରକୃତିର, ତା'ର କାର୍ଯ୍ୟ ଧୀର ଓ ସ୍ଥିର। ସେ ଯାହାବି କାର୍ଯ୍ୟ କରେ ବୁଝି ବିଚାରି କରେ।

ମନ ଓ ବିବେକ ପିଲାଟି ଦିନରୁ ଭଲ ସାଙ୍ଗ। ଏକାଠି ବୁଲନ୍ତି, ଖେଳନ୍ତି, ଏମିତି ବି ସାଙ୍ଗ ହୋଇ ଚାଟଶାଳୀରୁ ଆରମ୍ଭ କରି ବିଦ୍ୟାଳୟରେ ପଢ଼ିବା ପର୍ଯ୍ୟନ୍ତ ଏକାଠି ଯାଆନ୍ତି। ଶ୍ରେଣୀଗୃହରେ ଏକାଠି ବସନ୍ତି ସାଙ୍ଗ ହୋଇ ପାଠ ପଢ଼ନ୍ତି। ଏମିତି ତାଙ୍କର ବିଦ୍ୟାଳୟ ପାଠପଢ଼ା ଶେଷ ହୋଇଗଲା। ତାଙ୍କ ଗ୍ରାମରେ ଅଧିକ ପାଠ ପଢ଼ିବା ପାଇଁ ସୁବିଧା ସୁଯୋଗ ନଥିବାରୁ ସେମାନେ ଆସି ସହରରେ ଆସି ପାଦ ଦେଲେ। ସହରକୁ ଆସିବାପୂର୍ବରୁ ଦୁଇଜଣଙ୍କର ବାପା ତାଙ୍କ ନିଜ ନିଜର ପୁଅକୁ ସହର ଆଇନ୍, କଟକଣା ବୁଝାଇବା ସଙ୍ଗେ ସଙ୍ଗେ, ସହରରେ କିପରି ଚାଲିଚଳଣି ସେ ବିଷୟରେ ମଧ୍ୟ ଅବଗତ କରାଇଥିଲେ। ଦୁହିଁଙ୍କ ମନରେ ଭାରି ଖୁସି ସେମାନେ ସହରକୁ ଯିବେ ସହରରେ ବୁଲାବୁଲି କରିବେ, ପାଞ୍ଚ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ବିବେକକୁ କହୁଥାଏ ଆମେ ସହରରେ ନିଜ ଇଚ୍ଛାରେ ବୁଲିପାରିବା, ଜୀବନକୁ ଆମ ହିସାବରେ ଆମେ ଉପଭୋଗ କରିପାରିବା କିନ୍ତୁ ବିବେକ ଅଲଗା କଥା ଭାବୁଥାଏ। ସେ ମନକୁ ବୁଝାଉଥାଏ ଆମେ ବାପାମାଆଙ୍କ ସ୍ୱପ୍ନକୁ ଚରିତାର୍ଥ କରିବା ପାଇଁ ସହରକୁ

ଆସିଛେ । ଆମର ମନରେ ଥିବା ଅସୁମାରି ଇଚ୍ଛା, ଆକାଂକ୍ଷାର ଛୋଟ ତାଜମହଲ ଗଢ଼ି ତୋଳିବା ପାଇଁ ସହରକୁ ଆସିଛେ । ଏହି କଥାକୁ ଯେପରି ଓହରି ନଯାଉ । କିନ୍ତୁ ମନ ବିବେକର କୌଣସି କଥା ଶୁଣିବାକୁ ବା ବୁଝିବାକୁ ନାରାଜ ।

କିଛିଦିନ ପରେ ସେମାନେ ଦୁଇଜଣ ପ୍ରଥମ କରି ମହାବିଦ୍ୟାଳୟରେ ପାଦ ଦେଲେ । ଦୁହିଁଙ୍କ ହୃଦୟ ଆନନ୍ଦର ଲହରୀ କୂଳ ଲଂଘି ଆଗକୁ ଲଂଘି ଯାଉଥିଲା । ସତେ ଯେପରି ମନର ଆକାଶରେ ଚନ୍ଦ୍ରମାର ଶୀତଳ ଜ୍ୟୋସ୍ନା ବିଛୁରିତ ହେଉଥିଲା । ଏହିପରି ଭାବରେ ତାଙ୍କର ମହାବିଦ୍ୟାଳୟରେ କିଛିଦିନ କଟିଗଲା ପରେ ମନର ଜୀବନକୁ ଗୋଟିଏ ଝିଅ ପ୍ରବେଶ କଲା । ତା'ର ନାମ ସ୍ୱପ୍ନା । ସେ ଅତ୍ୟନ୍ତ ସୁନ୍ଦରୀ, ଲାସ୍ୟମୟୀ, ଅଳ୍ପଭାଷିଣୀ, ସତେ ଯେପରି ସ୍ୱର୍ଗର ଅପ୍ସରୀଟିଏ । ମନ ତାକୁ ପ୍ରଥମ ଦେଖାରେ ଭଲ ପାଇବସେ କିନ୍ତୁ ବିବେକ ତାକୁ ଏହି ବାଟରେ ନ ଯିବା ପାଇଁ ସର୍ବଦା ବୁଝାଇଥାଏ, ହେଲେ ମନ କିଛି ଶୁଣେ ନାହିଁ ବରଂ ବିବେକଠାରୁ ଆସ୍ତେ ଆସ୍ତେ ଦୂରେଇବାରେ ଲାଗିଲା । ଏମିତି ବି କିଛିଦିନ ପରେ ମନ ଆଉ ଠିକ୍‌ରେ ଶ୍ରେଣୀରେ ଉପସ୍ଥିତ ରହିଲା ନାହିଁ । ଦିନକୁଦିନ ସେ ତଳକୁ ତଳ ଖସିଗଲା । ଆଉ ପାଠପଢ଼ାରେ ଆଦୌ ଇଚ୍ଛା କଲା ନାହିଁ । ବିବେକ ଏତେ ବୁଝାଇବା ସତ୍ତ୍ୱେ ମଧ୍ୟ ମନ ବିବେକର କଥା ଶୁଣିଲା ନାହିଁ ।

କିଛିଦିନ ଗଲା ଉତ୍ତାରୁ ମନ ଦେଖିଲା ଯେ ଯେଉଁ ସ୍ୱପ୍ନର ତାଜମହଲ ଗଢ଼ିଥିଲା ପ୍ରେୟସୀ ସୁନ୍ଦରୀ ସ୍ୱପ୍ନାକୁ ନେଇ, ସେହି ସ୍ୱପ୍ନା ତା'ର ସ୍ୱପ୍ନର ତାଜମହଲକୁ ଭାଙ୍ଗି ଚୁରମାର୍ କରିଦେଉଛି । ଆଉ ତା' ଜାଗାରେ ଆଉ ଜଣେ ଧନୀଘର ପୁଅକୁ ବିବାହ ବେଦୀରେ ବସି ବିଭାହେଉଛି । ଏହି ସବୁ ଦୃଶ୍ୟ ଦେଖି ମନର ଯେପରି ଚକ୍ଷୁର ପଟଳରେ ପ୍ରବଳ ବନ୍ୟା ପ୍ଲାବିତ ହେଉଛି, ସତେଯେପରି ତା'ର ପାଦ ତଳୁ ମାଟି ଖସି ଯାଉଛି । ଠିକ୍ ସେହି ସମୟରେ ବିବେକ ଆସି ପହଞ୍ଚି ମନକୁ କହିଛି, ତୁ ପରୀକ୍ଷାରେ ଫେଲ୍ ହୋଇଛୁ । ସଙ୍ଗେ ସଙ୍ଗେ ମନ ଖୁବ୍ ଜୋର୍‌ରେ କାନ୍ଦି ଉଠିଛି ଓ କହିଛି ମୁଁ ଯଦି ଆଜି ବିବେକର କଥା ଶୁଣିଥାନ୍ତି ତେବେ ମୋ ଜୀବନରେ ଏପରି ଦୁର୍ଘଟଣା ଘଟି ନଥାନ୍ତା । ମୋ ଜୀବନର ଗତି ଆଜି କକ୍ଷଚ୍ୟୁତ ହୋଇନଥାନ୍ତା । ହେଲେ ଆଜି ତା' ପାଇଁ ଜୀବନରେ ମାନେ କିଛି ହୋଇ ନାହିଁ । ମରୁଭୂମିର ମରୀଚିକା ପାଲଟି ଯାଇଛି । ସେ ଖାଲି ଚାତକ ପକ୍ଷୀ ପରି ଚାହିଁ ରହିଛି ।

ମନ ଆଗି ତା'ର ଭୁଲ୍ ବୁଝିପାରିଛି । ସେ ପ୍ରତିଜ୍ଞା କରି କହୁଛି ଯେ ମୁଁ କାହିଁକି ? ଆମେ ସମସ୍ତେ ବିବେକର କଥା ଶୁଣିବା, ବିବେକର ନିର୍ଦ୍ଦେଶ ମାନି କାର୍ଯ୍ୟ କରିବା ତେବେ ସିନା ଦୁନିଆରେ ଭଲପିଲା ଓ ଭଲ ମଣିଷ ହୋଇପାରିବା ! ବିବେକ ସବୁବେଳେ ଠିକ୍ । ସେ ଆମ ପଥପ୍ରଦର୍ଶକ ସଦୃଶ । ସେ ଆମକୁ ଉଚିତ୍ ମାର୍ଗ ଦେଖାଏ । ❑

*ସ୍ନାତକୋତ୍ତର ଓଡ଼ିଆ ଭାଷା ଓ*
***ସାହିତ୍ୟ ବିଭାଗ, ବାଣୀବିହାର (ଷଷ୍ଠବର୍ଷ)***

# ପ୍ରେମ ପତ୍ର

◆ ରୋପାଇ ଜୀବନ ଟୁଡୁ



ପ୍ରିୟ ସିଲୁ,

ତୁମକୁ ଦେଖିବାକୁ ଏହି ଦୁଇଟି ଆଖି ମୋର ଅସମ୍ଭାଳ ହୋଇଗଲାଣି। ପାଦରେ ଶିକୁଳି ପଡ଼ିଲା ପରି ମୁଁ ଆଜି ତମ ପାଖକୁ ଯାଇପାରୁନାହିଁ। ଆଜି ଯେତେବେଳେ ପଦ୍ମଶ୍ରୀ ପୁରସ୍କାର ପରେ ସାମ୍ବାଦିକମାନେ ପ୍ରଶ୍ନ କଲେ ତୁମେ କାହିଁକି ବିବାହ କଲ ନାହିଁ ? ତମ କଥା ଭାରି ମନେପଡ଼ିଲା। ମନେ ପଡ଼ିଗଲା କଲେଜର କଥା। ତୁମ ସହିତ ବିତିଥିବା ମଧୁର ଦିନ ସବୁ। ଶେଷରେ ମନେପଡ଼ିଗଲା ତୁମେ କହିଥିବା କଥା, ତୁମର ଯୋଗ୍ୟତା କ'ଣ ? ସେଦିନ ତୁମେ ତୁମ ବାପାଙ୍କ କଥାରେ ମୋତେ ପାଦରେ ଠେଲି ଦେଇଥିଲ। ମୁଁ ଆଇ.ଏ.ସ୍. ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରି ନଥିବା ହେତୁ ତୁମକୁ ପାଇବାର ଯୋଗ୍ୟତା ମୋ ପାଖରେ ନଥିଲା। ବୟସର କୃଷ୍ଣଚୂଡ଼ାରେ ମୁଁ ତ ପାଗଳ ହୋଇଯାଇଥିଲି। ତଥାପି ନିଜକୁ ସମ୍ଭାଳି ନେଲି। ସମୟର ପ୍ରଳୟକୁ ସହି ଶିକ୍ଷାଦାନକୁ ନିଜର ବୃତ୍ତି ଭାବରେ ଆପଣେଇ ନେଲି, ଯାହାକି ଫଳସ୍ୱରୂପ ମୋତେ ଏହି ପୁରସ୍କାର ମିଳିଛି। ଭାବୁଥାଏ ତୁମେ ମୋ ପାଖରେ ଥିଲେ କେତେ ଖୁସି ହେଇ ନଥାନ୍ତ। କଲେଜ୍ ଓ ସ୍କୁଲ୍‌ରେ ମୁଁ ପୁରସ୍କାର ପାଇଲେ ତୁମେ ବହୁତ ଖୁସି ହୁଅ। ତୁମେ ଚିଠି ପାଇ ଚିଠି ଦେବ।

(ଇତି)
ତୁମର ଜିତୁ

ପ୍ରେମରେ ଧୋକା ଖାଇ ରାସ୍ତରେ ଯାଉଥିଲା ଅବସ୍ଥାରେ ନିଜକୁ କସ୍ମିତ ଭାବୁଥାଏ। ଏମିତି ଭାବୁ ଭାବୁ ପହଞ୍ଚିଲି ଟ୍ରେନ୍ ଲାଇନ୍ କଡ଼ରେ। ଦୂରରୁ ଆସୁଥିବା ଟ୍ରେନ୍‌କୁ ଚାହୁଁ ଚାହୁଁ ଆଖିରେ ପଡ଼ିଲା ବୁଢ଼ୀଟିଏ ଆତ୍ମହତ୍ୟା ପାଇଁ ଟ୍ରେନ୍ ଲାଇନ୍‌ରେ ଶୋଇଛି। ତାକୁ ସେଠାରୁ ଜୋର୍ କରି ଉଠାଇଲି। ତା ହାତରେ ଥିବା ଉପରୋକ୍ତ ଚିଠି ପଢ଼ି ସବୁ ବୁଝିଗଲି। ତା' ପରେ ଜାଣିବାକୁ ପାଇଲି ତା ଡକ୍ଟର ପୁଅ ଓ ଆଇ.ଏ.ଏସ୍. ସ୍ୱାମୀର ତା' ପ୍ରତି ଅତ୍ୟାଚାର। ଅତ୍ୟାଚାରର କାରଣ ଦୁର୍ନୀତି ପ୍ରତି ଥିବା ତାର ଘୃଣାଭାବ। ତା'ପର ମୁହୂର୍ତ୍ତରୁ ମୁଁ ପରିବର୍ତ୍ତନ ପାଇଁ ସଂକଳ୍ପ ନେଲି।

ଆଜି ମୁଁ ଜଣେ ସ୍ତମ୍ଭକାର ଓ ସମାଜସେବୀ। ମୋତେ ଯେତେବେଳେ କେଉଁଠାରେ ପୁରସ୍କାର ପ୍ରଦାନ କରାଯାଏ ଓ ଅବିବାହିତର କାରଣ ପଚରାଯାଏ, ସେତେବେଳେ ଏସବୁ ଘଟଣା ମୋର ଆଖି ଆଗକୁ ଆସେ। ଆଗକୁ ବଢ଼ିବାକୁ ପ୍ରେରଣା ମିଳେ। ମନରେ ପ୍ରତିଧ୍ୱନିତ ହୁଏ, ଭୁଲ୍‌କୁ ସଂଶୋଧନ କଲେ ତାହା ଠିକ୍ ହୁଏ। ଭୁଲ୍‌କୁ ଆପଣେଇ ନେଲେ ବା ଭୁଲ୍ ପାଇଁ ଆତ୍ମହତ୍ୟା କଲେ ତାହା ଭୁଲ୍। ଏହା ମୋ ବଡ଼ ଭାଇଙ୍କର କ୍ଷୁଦ୍ର ଆତ୍ମକଥା। ❑

*ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ,*
*ବାଣୀବିହାର*

# ସେଇ ଝିଅଟି

◆ ନିରଞ୍ଜନ ସାହୁ

ସବୁଲୋକଙ୍କ ପରି ମୁଁ ବି ସାତ ରଙ୍ଗରେ ଭିଜିଥିଲି ଓ ବଞ୍ଚିଥିଲି। ଦିନେ ମୋ ଜୀବନରେ ଅଷ୍ଟମ ରଙ୍ଗ ଆସିଲା। କଥାରେ କୁହାଯାଏ- "First fall in love accidentally." ସତରେ ଯାହା ସହ ଭଲପାଇବାର ଆରମ୍ଭ ଏକ ଆକସ୍ମିକ ବାର୍ତ୍ତାଳପ ଯୋଗୁ ପ୍ରେମର ସୁଦୃଢ଼ ଭିତ୍ତିଭୂମି ସ୍ଥାପନ ହୋଇଥିଲା।

ସବୁ ପିଲାଙ୍କ ପରି ମୋ ବାଲ୍ୟଜୀବନ ଯେତିକି ଚପଳ, ସେତିକି ଆଶ୍ଚର୍ଯ୍ୟ ମଧ୍ୟ। କିନ୍ତୁ ସମୟକ୍ରମେ ନିଜକୁ ଭଲ ମଣିଷ କରି ଗଢ଼ି ତୋଳିବା ପାଇଁ ଇଚ୍ଛା ଥିଲେ ମଧ୍ୟ, ତାହାକୁ ଉପଯୁକ୍ତ ଢଙ୍ଗରେ ନେବା ପାଇଁ ପାଖରେ ଉପାୟ ନଥାଏ। ତା'ର ସଦିଚ୍ଛା ମୁଁ ଯେପରି ଭଲ ରାସ୍ତାକୁ ଫେରିଆସେ। ତାର ସେହି ପ୍ରେରଣାଦାୟୀ ଉପଦେଶ ମତେ ଭଲ ମଣିଷ କିପରି କରିଦେଲା, ମୋର ବନ୍ଧୁମାନେ ମଧ୍ୟ ଏ ଦିଗରେ ମତେ ସହ୍ୟ କରିପାରିଲେ ନାହିଁ। ତାହାରି ଉପଦେଶକୁ ପାଥେୟ କରି ମୁଁ ଅଗ୍ରଗତି କରୁଥାଏ। ସାଗରର ସ୍ରୋତସ୍ୱିନୀ ପରି ମୋ ହୃଦୟ କୂଳରେ ତାର ସ୍ପର୍ଶ ମତେ ଅଧିକରୁ ଅଧିକ ଉଲ୍ଲସିତ କରୁଥାଏ।

ସେତେବେଳେ ମୁଁ ଓ ମୋ ବନ୍ଧୁମାନେ ଆମେ ସଦା ସର୍ବଦା ଦୁଷ୍ଟାମି କରି ସମୟ ଅତିବାହିତ କରୁଥାଉ। ନବମ ଶ୍ରେଣୀରେ ଆମେ କିଛି ଉପକରଣ ଠାବ କରିଥିଲୁ, ଏବଂ ତାକୁ ଆମ ନିଜ ଅକ୍ତିଆରକୁ ଆଣିଥିଲୁ। ବୋଧହୁଏ ଗୋଟେ ଦୁଷ୍ଟାମି ଥିଲା ମୋ ଜୀବନର ଶେଷ ଦୁଷ୍ଟାମି। ଯଦିଓ ସେହି ଦୁଷ୍ଟାମି ମୋ ବାସ୍ତବ ଜୀବନର ନିଛକ ପ୍ରତିଛବି ବହନ କରୁଛି, ତଥାପି ତାହାକୁ ଏଠାରେ ଉପସ୍ଥାପନ କରିବା ପ୍ରାସଙ୍ଗିକ ଅଟେ। ଅନ୍ୟ ପକ୍ଷରେ ସେହି ଦୁଷ୍ଟାମି ମୋର ପ୍ରେମର ରଜ୍ଜୁକୁ ଅଧିକ ଶକ୍ତ କରିଥିଲା।

ଥରେ ଆକସ୍ମିକ ଭାବେ ତା ସହିତ ମୁଁ ଓ ମୋ ବନ୍ଧୁମାନଙ୍କ ସହିତ ଦେଖାହେଲା। ଏବଂ କାହିଁକି କେଜାଣି ସେ ତା'ର ଏକ ଜିନିଷ ଆଣିବାକୁ ଆମ ଆଗରେ ଜିଦ୍ କଲା। ତାହାର ସେହି ଜିଦ୍ ତା ଆଗରେ ଆମମାନଙ୍କ କଠୋର ହୃଦୟ ନତମସ୍ତକ କରିବାକୁ ବାଧ୍ୟ କଲା। ଅନ୍ୟପକ୍ଷରେ କିଏବା କାହିଁକି ସେପରି ସରଳା ସୁନ୍ଦରୀ, ଲାବଣ୍ୟବତୀର ଆଦେଶକୁ ଅବମାନନା କରିବ? ତାର ସେହି ଅଭିଳାଷ ତତ୍‌କ୍ଷଣାତ୍ ପୂର୍ଣ୍ଣ ହେଲା, ଓ ସେ ଆମ ଉପରେ ଅତ୍ୟନ୍ତ ଖୁସି ହେଲା, ଏବଂ ଆମକୁ ଭୂୟସୀ ପ୍ରଶଂସା କଲା। ସେହିଦିନ ଠାରୁ ତା' ସହ ଯେତିକି ମୁଁ କଥା ହେଉଥାଏ, ସେତିକି ତା' ପାଇଁ ମୋ ମନରେ ଏକ ନୂତନ ଆଶାର ଦିଗନ୍ତ ଅସୁମାରୀ ପ୍ରେମର ଲହରି ତରଙ୍ଗାୟିତ ହେଉଥାଏ। ଯାହା ମତେ ତା' ଆଡ଼କୁ ପ୍ରେମ ଆଚ୍ଛାଦିତ ଇପ୍‌ସିତ ଦିଗକୁ ଟାଣି ନେଉଥିଲା। ସେତେବେଳକୁ ମୁଁ ଅନୁଭବ କଲି ଯେ ମୁଁ ତାକୁ ସଂପୂର୍ଣ୍ଣ ଭଲପାଇ ବସିଛି। ତା'ପରେ ମୋର ଏହି ଉଚ୍ଚାଭିଳାଷକୁ ବାସ୍ତବରେ ରୂପାନ୍ତରିତ କରିବାକୁ ହେଲେ ତା' ସମ୍ମୁଖରେ ଏ ବିଷୟରେ ଅବଗତ କରିବାକୁ ମୁଁ ଯେତେ ଚେଷ୍ଟା କରୁଥାଏ, ସତେ ଯେମିତି ମତେ ପଛଆଡୁ କିଏ ବିରୋଧ କରୁଥାଏ। ମୁଁ ଅନୁଭବ କଲି ଯେ ମୋ ପରି ଏକ ଅସଜଡ଼ା ମଣିଷକୁ କିଏ ବା କାହିଁକି ଗ୍ରହଣ କରିବ? ମତେ ଲାଗେ ସେ ହେଉଛି ଶାନ୍ତ ସୁଧାର ଏବଂ ମୋ ପରି ବିନା ବାଦଲରେ ବର୍ଷା କରୁଥିବା ଲୋକକୁ କାହିଁକି ସେ ପସନ୍ଦ କରିବ? ମୋର ଦରଦ ପ୍ରେମ କେବଳ ମାତ୍ର ମୋ ସାଗରର କୂଳ ଲଂଘୁଥିଲା ସିନା, ହେଲେ ସେ ଉପକୂଳର ବାଲୁକା ସ୍ତୁପକୁ ପ୍ଲାବିତ କରିପାରୁନଥିଲା। ମୋ ମନକୁ ତା' ପାଖରେ ପହଞ୍ଚାଇବାକୁ ମୁଁ ଚେଷ୍ଟା କଲି, ତେଣୁ ମୁଁ ମୋର ଆଚରଣ ଓ ବ୍ୟବହାରରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କଲି। କାରଣ ମୁଁ ଅନୁଭବ କଲି ଯେ ତାକୁ ନିଜର କରିବାକୁ ହେଲେ ପ୍ରଥମେ ମୁଁ ଭଲ ରୂପେ ସମାଜରେ ବିବେଚିତ ହେବା ଦରକାର।

ନାଟକୀୟ ଭାବେ ମୋର ବାସ୍ତବ ଗୁଣ ପରିବର୍ତ୍ତନ ହେଲା। ଏପଟେ ମନରେ ତାକୁ ପାଇବାର ଆତ୍ମବିଶ୍ୱାସ

ଧିରେ ଧିରେ ତାକୁ ପାଇବାର କାମନା ବଢୁଥାଏ। କିଛି କ୍ଷଣ ତାକୁ ମୋ ସାମ୍‌ନାରେ ପାଇବା ପାଇଁ ମୁଁ ବ୍ୟଗ୍ରତା ଅନୁଭବ କରୁଥାଏ। ଏଥିପାଇଁ ମୋ ମନକୁ ଭାବନା ରାଇଜକୁ ନେଇଯାଏ। ଏହିପରି ଭାବେ ମୋ ଅକୁହା ପ୍ରେମ କାହାଣୀ ଚାଲିଥାଏ। ମୁଁ ଦିନ ଗଣୁଥାଏ, କେବେ ସେ ଉଚିତ୍ ଦିନ ଆସିବ ଏବଂ ମୁଁ ତାକୁ ମୋ ମନକଥାକୁ ତା' ଆଖିରେ ଆଖି ମିଶାଇ ପରିପ୍ରକାଶ କରିବି ଏବଂ ସେ ମୋ କଥା ଶୁଣି ଲାଜରେ ମତେ କୋଳାଗ୍ରତ କରିବ। ଏ ସବୁ କଥା ମୁଁ ଭାବି ଯେତିକି ବିଚଳିତ ହେଉଥାଏ, ସେତିକି ଉତ୍‌କଣ୍ଠାର ସହ ଉପଯୁକ୍ତ ସମୟକୁ ଅପେକ୍ଷା କରିଥାଏ। ମୁଁ ତାକୁ ଲକ୍ଷ୍ୟ କଲି ଯେ ସେ ମତେ ସବୁବେଳେ ପାଖରେ ପାଇବାକୁ ତାର ଇଚ୍ଛା। କାରଣ, ତା' ସହ ମୁଁ ନିତିଦିନ ଏକ ନିର୍ଦ୍ଦିଷ୍ଟ ଘରେ କଥା ହୁଏ। ସେହି ନିରୋଳା ଘରେ। ଏପରିକି ମୁଁ ଯେଉଁଦିନ ଯିବାକୁ ସମୟ ପାଏ ନାହିଁ, ସେ ଅନ୍ୟମାନଙ୍କ ହାତରେ ଖବର ଦିଏ। ମୁଁ ଏପରି ଅନୁଭବ କଲି ଯେ ଆମେ ଉଭୟ ପରସ୍ପରକୁ ନ ଦେଖିଲେ ରହିପାରୁନାହୁଁ। ମୁଁ ସ୍ଥିର କଲି ଯେ ଏହା ହେଉଛି ଉପଯୁକ୍ତ ସମୟ ମୋ ମନର କଥାକୁ ପରିପ୍ରକାଶ କରିବା ପାଇଁ। ହାତରେ କଳସ ଧରି ସେ ଏକୁଟିଆ ନଦୀକୁ ପାଣି ପାଇଁ ଯାଉଥାଏ। ମୁଁ ଏକଥା ଦୂରରୁ ଲକ୍ଷ୍ୟ କରି, ତା' ପିଛା ପିଛା ଆସିଲି। ସମୟ ପାଖାପାଖି ୧୨ଟା। ରାସ୍ତା ଘାଟ ଶୂନ୍‌ଶାନ୍। ତା' ପାଖକୁ ଗଲି, କିଛି ବି ମୁଁ କହିପାରୁନଥାଏ। ଓଠ ଥରୁଥାଏ ଏବଂ ଭୂମି ଉପରେ ମୁଁ ଥୟ ଧରି ଛିଡ଼ା ହେବାକୁ ଅସମର୍ଥ ହୁଏ। ମନରେ ଦମ୍ଭ ଆଣିଲି ଏବଂ କହିଲି– "ମୁଁ ତୁମକୁ ଗୋଟେ କଥା କହିବି, ହେଲେ ଏକଥା ତୁମେ ଆଉ କାହାରିକୁ କହିବ ନାହିଁ।" ସେ କହିଲା କୁହ। ମୁଁ କହିଲି 'ଆଇ. ଲଭ୍. ୟୁ'। ଏ କଥା କହିଲା ବେଳକୁ ମୋ ଆଖି ଲୁହରେ ଛଳଛଳ ହେଇଯାଉଥାଏ। ସେଦିନର ସ୍ମୃତି ଏବେବି ମୋର ମନ ଅଛି। ଆକାଶ ଥିଲା ନିର୍ମଳ ଏବଂ ପ୍ରଚଣ୍ଡ ସୂର୍ଯ୍ୟକିରଣ, ଅର୍ଥାତ୍ ଆକାଶରେ ପ୍ରବଳ ମେଘ ଆସି ବୃଷ୍ଟିପାତର ରୂପ ନେଲା। ବର୍ଷାରେ ଆମେ ଦୁହେଁ ଭିଜି ଗଲୁ। ମୁଁ ତାକୁ ମୋ ପ୍ରଶ୍ନର ଉତ୍ତର ମାଗିଲି। ହେଲେ ସେ ମତେ କହିଲା– "ଏଠି ଲୋକେ ଦେଖିଲେ ଖରାପ ଭାବିବେ। କାଲି କଲେଜ୍ ଯିବାବେଳେ ଏ ବିଷୟରେ କଥା ହେବା।" ଏ କଥା ଶୁଣି ମୋ ଖୁସି କହିଲେ ନ ସରେ।

କଲେଜ୍‌ରୁ ଫେରିବା ବେଳେ ପ୍ଲାଟ୍‌ଫର୍ମରେ ତାକୁ ମୁଁ ଦେଖିଲି ଏବଂ କଥା ହେବାକୁ କହିଲି। ଯେହେତୁ ଆମ ସହ ଆମ ଗାଁର କିଛି ସାଙ୍ଗ ଥିଲେ, ସେମାନଙ୍କ ପ୍ରତି ତଥ୍ୟ ପ୍ରଘଟର ଭୟ ଥିଲେ ମଧ୍ୟ ସେମାନେ ଆମ ଉଦ୍ଦେଶ୍ୟ ବୁଝିଗଲେ ଏବଂ ଆମକୁ ଏକୁଟିଆ ବାର୍ତ୍ତାଳାପର ସୁଯୋଗ ଦେଲେ। ଯଦିଓ ସେ ଦିନ ସେ ମତେ ଭଲପାଏ ବୋଲି କହି ନଥିଲା। ତଥାପି, ମୁଁ ତା' କଥାରୁ ସ୍ପଷ୍ଟ ବୁଝିପାରିଥିଲି ଯେ, ସେ ମତେ ଚାହୁଁଛି। ସେଥିପାଇଁ ସେ ଆମ ପ୍ରେମର ସମସ୍ୟା ଉପରେ ଗୁରୁତ୍ୱ ଆରୋପ କଲା ଏବଂ ଭବିଷ୍ୟତରେ ଆମେ କ'ଣ  କରିବା ସୂଚାଇ ଦେଲା। ତଥାପି ତା' ଓଠଖୋଲା ଶବ୍ଦ ନଶୁଣିବା ପର୍ଯ୍ୟନ୍ତ ମୁଁ  କିପରି ଧରିନେବି ଯେ ସେ ମତେ ଭଲପାଏ ବୋଲି। ମୁଁ ତାକୁ ଚାପ ପକାଇଲିନି। ଆମ କଥାର ଗାଢ଼ତା ଏତେ ଗଭୀର ଥିଲା ଯେ ଆମେ କେତେବେଳେ ସାକ୍ଷୀଗୋପାଳ ଷ୍ଟେସନ୍‌ରେ ପହଞ୍ଚିଗଲୁ ତାହା ଆମକୁ ଜଣା ପଡ଼ିଲା ନାହିଁ। ଆମେ ସେତେବେଳେ ଜାଣିଲୁ ଯେତେବେଳେ କି ଟ୍ରେନ୍ ଆମ ଷ୍ଟେସନ୍ ଛାଡ଼ିବାକୁ ହର୍ଣ୍ଣ ଦେଲା। କିନ୍ତୁ ଆମେ କଥାରେ ଏତେ ମଜି ଯାଇଥିଲୁ ଯେ ଆମେ ଟ୍ରେନ୍ ଛାଡ଼ିଦେଲୁ।

ହେଲେ କାହିଁକି କେଜାଣି ସେ ମତେ ତା' ପରଦିନ ଠାରୁ ଆଉ ସେ କଥାବାର୍ତ୍ତା କଲା ନାହିଁ। ଏପରିକି ତା' ସହ ଯେଉଁ ବନ୍ଧୁତା ଥିଲା, ସେତକ ବି ତୁଟିଗଲା। ମୁଁ ପରେ ଅନୁଭବ କଲି ଯେ ଏ କଥା ପ୍ରଘଟ ହୋଇଯାଇଛି ଯେତିକି ଗୁରୁତ୍ୱ ଦେଇନି, ତାକୁ ମୋ ସହ କଥା ନ ହେବାକୁ ତାଙ୍କ ଘର ଲୋକ କୋଉଠି ଚାପ ପକାଇଥିଲେ ଯାହାକି ମୋର କିଛି ବନ୍ଧୁଙ୍କ ପ୍ରତ୍ୟକ୍ଷ ପ୍ରରୋଚନାରେ ଏସବୁ ହୋଇଥିଲା। ଏହିପରି ଚାରିମାସ ବିତିଗଲା ପରେ ମୁଁ ଶୁଣିବାକୁ ପାଇଲି ସେ ମୋ ସହିତ କଥା ହେବାକୁ ଚାହୁଁଛି। ସେଥିପାଇଁ ଚିଠିକୁ ସେ ଅପେକ୍ଷା କରିଛି ବୋଲି ମନେକଲି। ମୁଁ ସେଦିନ ମୋ ହୃଦୟର ଆବେଗଭରା ଲମ୍ବା ଚିଠିଟିଏ ଲେଖିଥିଲି। ସେ

ଚିଠି ନେବାକୁ  ଆଗ୍ରହୀ ଥିଲା। ପ୍ରଥମ ଚିଠଟି ନେବାକୁ ସେ ଭାରି ବ୍ୟଗ୍ର ଥିବାପରି ଜଣାଯାଉଥିଲା। ସେଇ ଗୋଟିଏ ନୁହେଁ, ସେ ମୋ ଠାରୁ ବହୁ ଚିଠି ନେଇଛି। ହେଲେ କିଛି ଉତ୍ତର ଦେଇନି।

ଏହିପରି ସମୟ ଅତିବାହିତ ହୋଇଗଲା ପଛେ, ମୋର ସଚ୍ଚା ପ୍ରେମର କିଛି ପ୍ରତ୍ୟୁତ୍ତର ପାଇଲି ନାହିଁ। ଦିନ ଗଣୁଥାଏ, କାଳେ ସେ କେବେ ମତେ ଭଲପାଏ ବୋଲି ହୃଦୟ ଖୋଲି କହିଦେବ। ହେଲେ ମୋ ଆଶା ମରି ମରି ଯାଉଥାଏ। ପରେ ମୁଁ ଯାହା ଶୁଣିବାକୁ ପାଇଲି, ତାହା ମୁଁ ମୋ ମନକୁ ବୁଝାଇ ପାରିଲିନି। ମୁଁ ଶୁଣିଲି ଯେ ତା' ମନର ମଣିଷ ଆଉ କିଏ ହୋଇଯାଇଛି, ମୁଁ ତା' ପାଇଁ ଅଲୋଡ଼ା ଓ ଅଖୋଜା ହୋଇଯାଇଛି। ମନକୁ ଯେତେ ବୁଝେଇଲେ ମନ ମାନେନି, ପାଗଳ ପରି ହେଉଥାଏ। ତାକୁ ଟିକେ ସ୍ୱପ୍ନରେ ଦେଖିବା ପାଇଁ ମୁଁ ନିଦରୁ ଉଠିକି ପୁଣି ନିଦରେ ଶୋଉଥିଲି। ହେଲେ ଆଜି ପୁଣି ସେହି ଆଖିରେ ମୋର ନିଦ ନାହିଁ। ସେ ଆଉ କାହାକୁ ପ୍ରେମ କରୁଛି ସେ କଥା ମତେ ଯେତେ ବିଚଳିତ କରୁନଥାଏ, ସେ ଗୋଟିଏ ଅମଣିଷକୁ ଭଲପାଉଛି ତାହା ମତେ ବେଶି ବିବ୍ରତ କରୁଥାଏ। ଫୁଲ ପରି ଦେହକୁ ପଥର ପରି ମାଳୀର କ'ଣ ଆବଶ୍ୟକତା ଅଛି ?

ଦିନ ଥିଲା ତା' ମୁହଁକୁ ଚାହିଁ ମୋ ଭବିଷ୍ୟତ ଗଢ଼ିବି ଏବଂ ସ୍ୱପ୍ନର ପ୍ରେମ ମନ୍ଦିର ତୋଳିବି, ଯେଉଁଠି ସେ ଦେବୀ ପରି ପୂଜା ପାଇବ ମୋ ପରି ପୂଜାରୀ ଠାରୁ। କିନ୍ତୁ ଆଜି ମୁଁ ଏକୁଟିଆ। ମୋ ବନ୍ଧୁମାନେ ଅତି ଆନନ୍ଦରେ ସମୟ କାଟୁଛନ୍ତି। ହେଲେ ମୁଁ ଏକା। ପ୍ରତ୍ୟକ୍ଷ ବା ପରୋକ୍ଷରେ ହେଉ ତା'ର କିଛି ଉପଦେଶ ମତେ ଅଙ୍କେ ବହୁତେ ଭଲ ବାଟକୁ ଆଣିଛି, ଏଥିରେ ସନ୍ଦେହ ନାହିଁ। ସେ ମତେ ଗୋଟେ କଥା କହିଥିଲା, 'ପାଠ ପଢ଼ି ଭଲ ଚାକିରି କରିବ ଏବଂ ପରେ ଆମ କଥା।' ସେହି ଦିନକୁ ମୁଁ ଅପେକ୍ଷା କରିଛି। ହେଲେ ସବୁ ଐଶ୍ୱର୍ଯ୍ୟର ଅଧିକାରୀ ହେଲେ ମଧ୍ୟ ମୁଁ କ'ଣ 'ସେଇ ଝିଅଟି' ବିନା ଖୁସି ହୋଇପାରିବି ? ❑

***ପ୍ରଥମବର୍ଷ, ଭୂଗୋଳ ବିଭାଗ, ବାଣୀବିହାର***

*ମୋ: ୮୬୫୮୧୮୪୭୭*

niranjansahoo743@gmail.com



# ସିନ୍ଦୂର

◆ ଇତିଶ୍ରୀ ପ୍ରଧାନ

ସେଦିନ ମନ୍ଦିରରେ ସାତଦୀପ ସାତ କଳସ କି ହୋମାଗ୍ନି ନ ଥିଲା । ନଥିଲା ବ୍ରାହ୍ମଣର ମନ୍ତ୍ର ଉଚ୍ଚାରଣ । ଥିଲେ କେବଳ ତୁମେ ଆଉ ମୁଁ । ସେହି ମନ୍ଦିରର ଠାକୁରାଣୀଙ୍କୁ ସାକ୍ଷୀରଖି ତୁମେ ମୋ ମଥାରେ ଠାକୁରାଣୀଙ୍କ ସିନ୍ଦୂର ଲଗେଇ ଦେଇଥିଲ । ମୋତେ ତୁମର ବଧୂ ବୋଲି ସ୍ୱୀକାର କରିଥିଲ ।

ଏଇ ତମର ମନେଅଛି ସେଦିନ ସିନ୍ଦୂର ପିନ୍ଧାଇବା ଆଗରୁ ମୁଁ ତମ ଆଗରେ କେତୋଟି ସର୍ତ୍ତ ରଖିଥିଲି । ଆଉ ତୁମେ ମୋର ମୋର ସବୁ ସର୍ତ୍ତରେ ହିଁ ଭରିଥିଲ । ଶେଷରେ ତୁମକୁ ପଚାରିଥିଲି । ତମର କିଛି କହିବାର ନାହିଁ? ତୁମେ ଉତ୍ତରରେ "କହିଥିଲ ବାସ୍ ମୋର କିଛି ଦରକାର ନାହିଁ । ତୁମେ ଖାଲି ମୋ ସାତଜନ୍ମର ସାଥୀ ହୋଇ ରୁହ ।" ସେଦିନ ଏହି କଥାଟି ମୋତେ ସ୍ୱର୍ଗ ସୁଖ ଦେଇଥିଲ । ଆଉ ଖୁସିରେ ମୁଁ ହଁ କରିଥିଲି । ମନେ ମନେ ଭଗବାନଙ୍କୁ କୋଟି ପ୍ରଣାମ କରୁଥିଲି କି ତୁମଭଳି ଜୀବନସାଥୀଟିଏ ମୋତେ ଦେଇଥିବାରୁ ତମର ଗୋଟିଏ ପଦ କଥା, "ମୁଁ ସିନ୍ଦୂରର ମୂଲ୍ୟ ବୁଝିଛି ।" ଜାଣିଛ ନା ସେଦିନ ସେହି ପଦିଏ କଥା ତମ ଉପରେ ବିଶ୍ୱାସ କରିବାକୁ ବାଧ କରିଥିଲା । ମୋ'ଠୁ ତମ ଉପରେ ମୋର ଅଧିକ ବିଶ୍ୱାସ ଆସିଯାଇଥିଲା । ଭାବିଥିଲି ସିନ୍ଦୂରର ମୂଲ୍ୟ ତମେ ବୁଝିବ । କେବେ ସିନ୍ଦୂରର ଅବମାନନା କରିବନି ।

ମାତ୍ର...

ସମୟ ବଳଦିବା ସହ ସବୁକିଛି ବଦଳିଗଲା । ଆଜି ମୁଁ ନିଜ ଗୋଡ଼ରେ ନିଜେ ସକ୍ଷମ ହୋଇପାରିଛି । ମୋ ବାହାଘର ପାଇଁ ପ୍ରସ୍ତାବ ଆସୁଛି । ବୋଉ ମୋର ସବୁ ଜାଣି ମଧ୍ୟ ଆଜି ଚୁପ୍ ଅଛି । ସକାଳୁ ମଧ୍ୟସ୍ଥି କହିଯାଇଛି । ଆଜି ଝିଅ ଦେଖିବାକୁ ଆସିବେ । ସକାଳୁ ବୋଉ ମୋ ରୁମ୍‌କୁ ଆସି ମୋ ସିନ୍ଦୂର ଫରୁଆଟିକୁ ଲୁଚେଇ ଦେଇଛି । ମୁଁ ଜାଣିପାରିଲି ମାତ୍ର ଖୋଜିବାକୁ ଚେଷ୍ଟା କଲିନି । ସେଦିନ ସିନ୍ଦୂର ଫରୁଆଟିକୁ ଲୁଚେଇ ବୋଉ ଚାହୁଁଥିଲା, ମୁଁ ଜୀବନରେ ଆଉ ପାଦେ ଆଗେଇଯିବ ବୋଲି । ତା'ର ଏପରି ଚାହିଁବା ବି ସ୍ୱାଭାବିକ । ବାହାଘର ହେଲାନି । ସମୟ ଗଡ଼ି ଚାଲିଲା । ଦିନେ ସକାଳୁ ବୋଉ ଆଉ ଉଠିନି । ଘରର କବାଟଟା ମୁଁ ଖୋଲି ଦେଖେ ତ ବୋଉ ଶୋଇଛି । ସବୁଦିନ ପାଇଁ ଶୋଇଯାଇଛି । ଦୁନିଆଟା ମୋ ପାଇଁ ସ୍ତବ୍ଧ ପାଲଟିଗଲା । ବୋଉ ତ ରହିଲାନି କିନ୍ତୁ ତା' ହାତରେ ରହିଥିଲା ସିନ୍ଦୂର ଫରୁଆ । ଯେଉଁଟାକୁ ସେ ସେଦିନ ମୋ ରୁମ୍‌ରୁ ଲୁଚେଇ ନେଇଥିଲା । ତା'ର ସେହି ଇସାରାକୁ ବୁଝିବି ଆଜି ମୁଁ ଅବୁଝା ହୋଇଯାଇଛି ।

ତୁମେ ସିନା ସିନ୍ଦୂରର ମୂଲ୍ୟ ବୁଝିଛ କହି ବୁଝି ନଥିଲ । ମାତ୍ର ତମର ସେ ବୁଝା କଥାକୁ ନେଇ ଆଜି ମୁଁ ଅବୁଝା ହୋଇଯାଇଛି । ❑

*ଓଡ଼ିଆ ବିଭାଗ (୫ମ ବର୍ଷ)*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# କନ୍ୟାରତ୍ନ

◆ ମୋନାଲିସା ଦାଶ

'କନ୍ୟାଦାନ ମହାପୁଣ୍ୟ'। କନ୍ୟା ହେଉଛି ମାତା ଲକ୍ଷ୍ମୀଙ୍କର ଅବତାର। କେଉଁ ଜନ୍ମରେ କିଛି ପୁଣ୍ୟ କରିଥିଲେ କନ୍ୟାରତ୍ନଟିଏ ପ୍ରାପ୍ତ ହୁଏ। ଏହି କେତେ ପଦ କଥା ସମୀର ବାବୁ ପ୍ରତ୍ୟେକ ଦିନ ବୁଝାନ୍ତି ତାଙ୍କର ଅନ୍ତରଙ୍ଗ ବନ୍ଧୁ ଶ୍ୟାମଘନ ବାବୁଙ୍କୁ।

ସମୀର ବାବୁ ଓ ଶ୍ୟାମଘନ ବାବୁ ଥିଲେ ବାଲ୍ୟବନ୍ଧୁ। ଶ୍ୟାମଘନ ବାବୁ ଥିଲେ ରକ୍ଷଣଶୀଳ ପରିବାରର ଏବଂ ଟିକେ ପୁରୁଣା ଢାଞ୍ଚାର ଲୋକ। ସମୀର ବାବୁ ଥିଲେ ଟିକେ ଆଧୁନିକ ଢାଞ୍ଚାର ମଣିଷ। ସମୀର ବାବୁ ଅନାଥ ଥିଲେ। ନିଜ ପ୍ରଚେଷ୍ଟାରେ ପାଠ ପଢ଼ି ବଡ଼ କଷ୍ଟରେ ଏକ ସରକାରୀ ଚାକିରି ପାଇଥିଲେ। ସେ ପ୍ରେମବିବାହ କରିଥିବାରୁ ଶ୍ୟାମଘନ ବାବୁ ତାଙ୍କ ସାଙ୍ଗରେ ମିଳାମିଶା ଟିକେ କମାଇ ଦେଇଥିଲେ। ହେଲେ ପରେ ତାଙ୍କର ପତ୍ନୀମାନଙ୍କ ଚେଷ୍ଟାରେ ତାଙ୍କର ପୂର୍ବ ବନ୍ଧୁତା ଫେରି ଆସିଥିଲା।

ଏକଦା ଦୁଇବନ୍ଧୁ ଏକ ଚାହା ଦୋକାନରେ ବସି ଗପ କରୁଥାନ୍ତି। ଦୁହିଁଙ୍କ ଧର୍ମପତ୍ନୀଙ୍କର ପ୍ରସବ ସମୟ ପାଖେଇ ଆସିଲାଣି।

ପୁଅଟିଏ ହେଲେ ମୋ ବଂଶ ଉଦ୍ଧାର ହୁଅନ୍ତା। ପୁଅ ଆଶାରେ ମୁଁ ଦୁଇଟି ଭ୍ରୁଣ ହତ୍ୟା କରିସାରିଲିଣି ବୋଲି କହିଲେ ଶ୍ୟାମଘନ ବାବୁ।

ସମୀର ବାବୁଙ୍କ ଚିନ୍ତାଧାରା ଥିଲା ସଂପୂର୍ଣ୍ଣ ଅଲଗା। ସେ କହୁଥିଲେ- "ପୁଅ ହେଉ କି ଝିଅ ହେଉ ମୋ ସଂସାର ପୂରିଲେ ହେଲା। ପୁଅ ଝିଅ ମୋ ଆଖିରେ ସମସ୍ତେ ସମାନ।"

ପ୍ରସବ ସମୟ ଆସିଗଲା। ଦୁଇବନ୍ଧୁ ଏକାଦିନରେ ନିଜ ନିଜ ପତ୍ନୀଙ୍କୁ ଧରି ବାହାରିଗଲେ ଡାକ୍ତରଖାନା। ସମୀରବାବୁ ପ୍ରାର୍ଥନା କରୁଥିଲେ ଯାହା ହେଉ ଭଲରେ ଭଲରେ ହେଇଯାଉ। ସମସ୍ତଙ୍କୁ ସୁସ୍ଥ ରଖ। ହେଲେ ଶ୍ୟାମଘନ ବାବୁ କହୁଥାନ୍ତି "ମୋର ପୁଅଟିଏ ହେଉ। ନହେଲେ ମୁଁ ଘରଲୋକଙ୍କ ଆଗରେ ମୁହଁ ଦେଖେଇ ପାରିବି ନାହିଁ।"

ଏତିକିବେଳେ ସୀମର ବାବୁଙ୍କ ଅଫିସ୍‌ରୁ ନିହାତି ଜରୁରୀ କାମ ପାଇଁ ଡାକରା ଆସିଲା। ସେ ଶ୍ୟାମଘନ ବାବୁଙ୍କୁ କହି ତୁରନ୍ତ ବାହାରିଗଲେ। ବିଧିର ବିଧାନ ସତରେ ବଡ଼ ବିଚିତ୍ର ମନବାଞ୍ଛିତ ଫଳ ମନୁଷ୍ୟ କେବେ ପାଇନଥାଏ। ଡାକ୍ତର ଆସି ଶ୍ୟାମଘନ ବାବୁଙ୍କୁ କହିଲେ, "ସମୀର ବାବୁଙ୍କର ପୁଅ ଏବଂ ଆପଣଙ୍କର ଝିଅ ହୋଇଛି।" ଶ୍ୟାମଘନ ବାବୁଙ୍କର ବୁଦ୍ଧି ହଜିଗଲା। ସେ କ'ଣ କରିବେ କିଛି ଜାଣିପାରିଲେ ନାହିଁ। ଶେଷରେ ପୁତ୍ର ମୋହରେ ସେ ଏତେ ଅନ୍ଧ ହୋଇଗଲେ ଯେ ସେ କରିବସିଲେ ପିଲାବଦଳ ପରି ଅପରାଧ। ଏହା ସିନା ତାଙ୍କ ବନ୍ଧୁ ଜାଣିପାରିଲେ ନାହିଁ, ମାତ୍ର ଭଗବାନଙ୍କ ପାପ-ପୁଣ୍ୟ ତାଲିକାରେ ହୋଇଗଲା ଲିପିବଦ୍ଧ।

ଦୁହେଁ ଦୁହିଁଙ୍କ ପିଲାଙ୍କୁ ଧରି ଘରକୁ ଫେରିଲେ। ସମୀର ବାବୁଙ୍କ ଘରେ ସେମାନଙ୍କୁ ସ୍ୱାଗତ କରିବା ପାଇଁ ଥିଲେ ତାଙ୍କ ଘରର କାନ୍ଥବାଡ଼ ଏବଂ ବିଳାସଦ୍ରବ୍ୟ ଗୁଡ଼ିକ। ହେଲେ ଶ୍ୟାମଘନଙ୍କୁ ସ୍ୱାଗତ କରିବା ପାଇଁ ଧାଇଁ ଯାଇଥିଲେ ଚାରିଖଣ୍ଡ ଗାଁର ଲୋକ, ତଥାପି ସମୀରବାବୁଙ୍କ ହୃଦୟରେ ଖେଳୁଥିଲା ଆନନ୍ଦର ଲହରୀ।

ସମୟ ଗଡ଼ିଚାଲିଲା। ଦୁଇ ବନ୍ଧୁଙ୍କ ପୁଅ, ଝିଅ ପାଠପଢ଼ା ଆରମ୍ଭ କଲେ। ଶ୍ୟାମଘନ ବାବୁଙ୍କ ପୁଅର ନାଁ ଥିଲା ରାଜକିଶୋର ଏବଂ ସମୀରଙ୍କ ଝିଅର ନାମ ଥିଲା ଜ୍ୟୋତି। ଇତିମଧ୍ୟରେ ସମୀରବାବୁଙ୍କ ଜୀବନରେ ଦୁଃଖର କଳାବାଦଲ ଘୋଟିଗଲା ଏକ ସଡ଼କ ଦୁର୍ଘଟଣାରେ ସେ ହରେଇ ବସିଲେ ତାଙ୍କ ଗୋଡ଼ ଏବଂ ପତ୍ନୀ ହରାଇ ବସିଲେ ନୟନ ଯୁଗଳ। ବିଧିର ବିଡ଼ମ୍ବନା ଯୋଗୁଁ ବନ୍ଧା ପଡ଼ିଥିବା ଘର ଖଣ୍ଡିକ ବି ନିଲାମ ହୋଇଗଲା। ସମୀର ବାବୁ ହୋଇଗଲେ ସଂପୂର୍ଣ୍ଣ ନିଃସ୍ୱ ଓ ଅସହାୟ। ଏସବୁ ଦେଖି ଶ୍ୟାମଘନ ବାବୁ ତାଙ୍କୁ ସାନ୍ତ୍ୱନା ଦେବା ପରିବର୍ତ୍ତେ କହିଲେ- "ଝିଅର ବାପା ହେବାର ଏ ହେଲା କରୁଣ ପରିଣତି। ଝିଅ ବଂଶ ଉଦ୍ଧାର କରେନି

ବରଂ କୁଳ ନାଶ କରେ।" ମାତ୍ର ଏ କଥାରେ ବିଚଳିତ ହୋଇନଥିଲେ ସମୀରବାବୁ। ସେ ତାଙ୍କ ଜୀବନକାଳ ଭିତରେ ଯେତିକି ପୁଞ୍ଜି ସଞ୍ଚୟ କରିଥିଲେ ସେ ସବୁକୁ ଦେଇ ଝିଅକୁ ପାଠ ପଢ଼ିବା ପାଇଁ ସହରକୁ ପଠାଇ ଦେଲେ।

ଜ୍ୟୋତି ଥିଲା ଅତ୍ୟନ୍ତ ଶାନ୍ତଶିଷ୍ଟ ସ୍ୱଭାବର। ସେ ଥିଲା ଖୁବ୍ ମେଧାବୀ ଛାତ୍ରୀ। ମାତ୍ର ରାଜକିଶୋର ଥିଲା ଅତ୍ୟନ୍ତ ଜିଦ୍‌ଖୋର ସ୍ୱଭାବର। ପିଲାବେଳରୁ ଏତେ ଗେହ୍ଲା ହୋଇଥିଲା ଯେ ସେ ଠିକ୍ ଭୁଲ୍‌ର ଫରକ୍ ଜାଣିନଥିଲା। ଶ୍ୟାମଘନ ବାବୁ ଜ୍ୟୋତିର ସହରକୁ ଯିବା ଦେଖି ରାଜକିଶୋରକୁ ମଧ୍ୟ ଉଚ୍ଚଶିକ୍ଷା ପାଇଁ ସହରକୁ ପଠାଇଦେଲେ। ମାତ୍ର ସରହକୁ ଯିବା ପରେ ସବୁ ହୋଇଗଲା ଓଲଟପାଲଟ।

ପାଞ୍ଚବର୍ଷ ବିତିଗଲା। ଜ୍ୟୋତି ଡାକ୍ତରୀ ପାଠରେ ଭଲ ନମ୍ବର ରଖୁଥିଲା। ହେଲେ ରାଜକିଶୋର ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ମଦ, ସିଗାରେଟ୍, ଝିଅଙ୍କୁ କମେଣ୍ଟ୍ ମାରିବାରେ ବ୍ୟସ୍ତ ରହିଲା। ସେ ତା' ବାପାଙ୍କ ପଇସାର ଅପବ୍ୟୟ କରୁଥିଲା। ସାଙ୍ଗମାନଙ୍କ କଥାରେ ପଡ଼ି ମଦ ନିଶାରେ ମାଡ଼ଗୋଳ କରୁ କରୁ ସେ କରିବସିଲା ହତ୍ୟା, ଯେଉଁଥିପାଇଁ ତାକୁ ଦଶବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ହେଲା। ଶ୍ୟାମଘନ ବାବୁ ଏ କଥା ଶୁଣି ବିଚଳିତ ହୋଇପଡ଼ିଲେ ସତେ ଯେମିତି ଚଡ଼କ ତାଙ୍କ ମୁଣ୍ଡ ଉପରେ ଛିଡ଼ିପଡ଼ିଲା।

ଅପର ପକ୍ଷରେ ଜ୍ୟୋତି ଜଣେ ଦକ୍ଷ ଡାକ୍ତରାଣୀ ହୋଇଗଲା। ସେ ତା' ବାପାଙ୍କ ଗୋଡ଼ ଓ ମା'ଙ୍କ ଆଖି ଅପରେସନ୍ ଭଲରେ ଭଲରେ କରାଇ ପାରିଲା। ତା'ପରେ ଜ୍ୟୋତି ସେମାନଙ୍କୁ ଗାଁକୁ ଆଣିଲା ଏବଂ ତାଙ୍କର ସେହି ନିଲାମ ହୋଇଯାଇଥିବା ଘର ଆଡ଼କୁ ତାଙ୍କୁ ନେଇଗଲା ଏବଂ କହିଲା- "ଏ ଘର ଦିନେ ମୋ ପାଇଁ ଚାଲି ଯାଇଥିଲା ଆଉ ଆଜି ଏ ଘରକୁ ମୁଁ ଫେରେଇ ଆଣିଛି।"

ସମୀର ବାବୁ ସେଦିନ ଶ୍ୟାମଘନ ବାବୁଙ୍କୁ କହିଥିଲେ- ଝିଅର ବାପା ହେଇ ମୁଁ ଗର୍ବ ଅନୁଭବ କରୁଛି। ମୋ ଝିଅ ମୋ ପାଇଁ ଲକ୍ଷ୍ମୀ ଥିଲା, ଲକ୍ଷ୍ମୀ ହୋଇ ରହିବ। ମୋ ଝିଅ କେବଳ ନୁହେଁ ଦୁନିଆର କୌଣସି ଝିଅ କୁଳନାଶର କାରଣ ନୁହଁନ୍ତି। ସେମାନେ ହିଁ ତ ସନ୍ତାନକୁ ଜନ୍ମ ଦେଇ କୁଳ ରକ୍ଷା କରନ୍ତି।"

ଶ୍ୟାମଘନ ବାବୁ ସମୀର ବାବୁଙ୍କୁ ଭୁଲ୍ ମାଗିଥିଲେ ଏବଂ ଅତୀତରେ କରିଥିବା ଭୁଲ୍ ପାଇଁ ମନେ ମନେ ନିଜକୁ ଧିକ୍କାର କଲେ। ଜ୍ୟୋତି ଯେ ତାଙ୍କ ଝିଅ ଏକଥା କହିବାକୁ ତାଙ୍କ ପାଖରେ ସାହସ ନଥିଲା। ସେ କେବଳ ଏତିକି କହିଥିଲେ- "ହୀରା, ମୋତି ଠାରୁ ଆହୁରି ବେଶୀ ମୂଲ୍ୟବାନ ହେଉଛି କନ୍ୟାରତ୍ନ।" ❑

***(ପଞ୍ଚମ ବର୍ଷ)***
***ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବାଣୀବିହାର,***



# ପାଗିଳୀ

◆ ଦିପୁନ୍ ପୁହାଣ୍

ଆଇମା' କାହାଣୀରୁ ଯାହା ଯେତିକି ଶୁଣି ଶୁଣି, ଆଉ ନିଜେ ପ୍ରତ୍ୟକ୍ଷ କରିଥିବା ଅନୁଭୂତିରୁ ମୁଁ ମୋ ମନ ଭିତରେ ଯେଉଁ ରୂପକଳ୍ପନା କରିଥିଲି, ସେ କିନ୍ତୁ ଥିଲା ତା'ର ସଂପୂର୍ଣ୍ଣ ଓଲଟା। 'ପାଗିଳୀ' କହିଲା ମାତ୍ରେ ମୋତେ ବୁଝିଯିବାକୁ ପଡୁଥିଲା, ସେ ହୋଇଥିବ ନିହାତି ଗୋଟାଏ ବିଭତ୍ସ ନାରୀ ମୂର୍ତ୍ତି। ଲମ୍ବା ଲମ୍ବା ନଖ, ଆଲୁରୁ ବାଲୁରୁ ଅସଂଯତ ବାଳ, ଉକୁଣି ସାଲୁବାଲୁ – ଯାହାକୁ ସେ ଫାଷ୍ଟଫୁଡ୍ କରୁଥିବ ନିଶ୍ଚିତ। ଚିରାଫଟା ଲୁଗା ଭିତରୁ ଫୁଟି ଉଠୁଥିବା ତା'ର ବେପରୁଆ ରୂପକାଂତି। ଆଉ କାଂଧରେ ଝୁଲୁଥିବ ଗୋଟାଏ ବିରାଟ ବୁଜୁଳି। ସେଇ ବୁଜୁଳି ଭିତରେ ଚାରି ପାଞ୍ଚଟା ଛୁଆଙ୍କୁ ସେ ବାଂଧି କରି ନେଇଯିବାର ଜେଜେମା ହେଉଛନ୍ତି ପ୍ରତ୍ୟକ୍ଷଦର୍ଶୀ। ତେଣୁ ଜେଜେମାର କଡ଼ା ହୁକୁମ୍– ନିଛାଟିଆ ଦି'ପହରେ ବାହରେ ବୁଲିବା, ବଡ଼ ପାଟିରେ କାନ୍ଦିବା, ନଖାଇବାକୁ ଜିଦ୍ କରିବା, ରାତିରେ ନ ଶୋଇ କାହାଣୀ ଶୁଣିବା ପାଇଁ ଅଡ଼ି ବସିବା, ସବୁକିଛି ବ୍ୟାନ୍। ନହେଲେ ପାଗିଳୀ ଆସି ମୋ ହାତଗୋଡ଼ ବାଂଧି ନେଇ ଚାଲିଯିବ ତା' ଘରକୁ। ତେଣୁ ପାଗିଳୀକୁ ମୋର ଭାରି ଭୟ। 'ହେଇ ପାଗିଳୀ ଆସିଲାଣି' କହିଲା ମାତ୍ରେ ଦୌଡ଼ି ଯାଇ ବୋଉ କୋଳରେ ମୁହଁ ଲୁଚାଇବାଟା ଥୟ।

କିନ୍ତୁ ସେଦିନ ମୁଁ ଯାହା ଆବିଷ୍କାର କଲି ତାହା ଥିଲା ମୋର କଳ୍ପନାର ସଂପୂର୍ଣ୍ଣ ବିପରୀତ। 'ପାଗିଳୀ'ର ରୂପ ପୁଣି ଏତେ ସୁନ୍ଦର ହୋଇପାରେ ? ବର୍ଷ ବର୍ଷ ଧରି ଯେଉଁ ପାଗିଳୀ ଭୟରେ ମୁଁ ମୋ ଅନିଚ୍ଛା ସତ୍ତ୍ୱେ ଉପାୟଶୂନ୍ୟ ହୋଇ ଚୁପ୍‌ଚାପ୍ ଜେଜେମା'ର ସବୁ ହୁକୁମ୍ ମାନି ନେଉଥିଲି, କାହିଁ ଏ ପାଗିଳୀ ଦେହରେ ସେଭଳି କିଛି ବି ଲକ୍ଷଣ ତ ଦେଖିବାକୁ ମିଳିଲାନି ? ଛିଣ୍ଡା ଲୁଗା ପରିବର୍ତ୍ତେ ତା' ଦେହରେ ଥିଲା ଗୋଟିଏ ରକ୍ତଜବା ରଂଗର ସୁନ୍ଦର ଶାଢ଼ୀ।। ମୁଣ୍ଡବାଳ ବି ଆଲୁରୁ ବାଲୁରୁ ନଥିଲା, ଥିଲା ତେଲଭିଜା ଚିକ୍‌ଚିକ୍ ସୁନ୍ଦର ଜୁଡ଼ାଟିଏ। ହାତରେ ଚୂଡ଼ି ମୁଣ୍ଡରେ ସିନ୍ଦୂର ପୁଣି ପାଦରେ ବି ହଳେ ଚପଲ ପିନ୍ଧିଥିଲା ସିଏ। ଆଉ ବୁଜୁଳି ବଦଳରେ କାନ୍ଧରେ ଗୋଟିଏ ଝୁଲା ବ୍ୟାଗ୍ ଗଳେଇ ସେ ଆସିଥିଲା ଆମ ଘର ସମ୍ମୁଖକୁ।

ସେଦିନ ସ୍କୁଲ୍‌ରୁ ଫେରି ଦାଣ୍ଡ ପିଣ୍ଡାରେ ଖାଇବାକୁ ବସିଥାଏ। ବୋଉ ଘର ଭିତରକୁ ଯାଇଥାଏ ମୋ ପାଇଁ ଖାଇବା ଆଣିବା ପାଇଁ। ମୁଁ ବି ତରତର ହେଉଥାଏ କେମିତି ଖାଇବା ସାରିଦେଇ ଖେଳିବାକୁ ଯିବି; ନହେଲେ ଲୁଚକାଳି ଖେଳଟା ମିସ୍ ହୋଇଯିବ ଯେ ! ହଠାତ୍ ତାଟିଖୋଲି ସେଇ ନାରୀ ମୂର୍ତ୍ତିଟି ଆସି ଆମଘର ଦୁଆର ମୁହଁରେ ପହଞ୍ଚିଗଲା। ସେ ତା'ର ଆତ୍ମ ପରିଚୟ ଦେଇନଥିଲେ ମୁଁ ହୁଏତ ଆମ ଘରର କେହି କୁଣିଆ ବୋଲି ଭାବି ଘର ଭିତରକୁ ସ୍ୱାଗତ କରି ନେଇଥାନ୍ତି, କିମ୍ବା ବୋଉକୁ ଚିଲ୍ଲେଇ ଚିଲ୍ଲେଇ କହିଥାନ୍ତି– "ବୋଉ ! ଦେଖିବୁ ଆସ୍ ଆମ ଘରକୁ କିଏ ଆସିଛନ୍ତି।" କିନ୍ତୁ ସେମିତି କିଛି ଘଟିବା ପୂର୍ବରୁ ସେ ତା'ର ଧିର ନମ୍ର ଗଳାରୁ ମେଞ୍ଚାଏ କୋଇଲିର କୁହୁ ବିଞ୍ଚାଡ଼ି ଦେଇ ଗୃହକର୍ତ୍ତୀଙ୍କ ଉଦ୍ଦେଶ୍ୟରେ କହିଲା–

– "ମା' ଚାଉଳ ଗଣ୍ଡେ ଦେବ ?"

– "କିଏ" ଘର ଭିତରୁ ବୋଉର ପ୍ରଶ୍ନ ଶୁଣି ସେ ଉତ୍ତର ଦେଲା–

– "ମୁଁ", "ମୁଁ ପାଗିଳୀ"।

– "ଓଃ, ପାଗିଳୀ କିଲୋ ! ଟିକେ ରହ, ମୁଁ ଯାଉଛି।"

ଏତିକି ଶୁଣିବା ମାତ୍ରେ ମୋତେ ଲାଗିଲା ଯେମିତି ଏଇ ମୁହୂର୍ତ୍ତରେ ଭୂମିକମ୍ପ କିମ୍ବା ସୁନାମି ଆସିଯିବ। ମୁଁ ଖାଇବା ପାଖରୁ ଉଠିଯାଇ ଗୋଟେ ନିଶ୍ୱାସରେ ଦୌଡ଼ିଗଲି ଘର ଭିତରକୁ। ଇଏ କ'ଣ ସତରେ ପାଗିଳୀ ? ବାପାଙ୍କ ସହ ମନ୍ଦିର ଯିବାବେଳେ ମନ୍ଦିର ବାହାରେ ମୁଁ ଯେଉଁ ପାଗିଳୀକୁ ଦେଖିଥିଲି ଆଉ ଜେଜେମା ଯୋଉ ପାଗିଳୀର ରୂପ ବର୍ଣ୍ଣନା

କରୁଥିଲେ, କାହିଁ ଇଏତ ସେମିତି ଦେଖାଯାଉ ନଥିଲା ? ମେଞ୍ଚାଏ ଚାଉଳ ନେଇ ବୋଉ ଚାଲିଗଲା ପାଗିଳୀର ବ୍ୟାଗ୍‌ରେ ଢାଳିବା ପାଇଁ। ଆଉ ମୁଁ କୌତୂହଳ ବଶତଃ ସେଇ ନୂଆ ପାଗିଳୀଟାକୁ ଦେଖିବା ପାଇଁ ଚାଲିଥିଲି ବୋଉ ପଛେ ପଛେ। କିଂତୁ ମୋର ଗତି ଦୁଆର ବଂଧ ପର୍ଯ୍ୟନ୍ତ ସୀମିତ ଥିଲା। କାରଣ ତା' କାନ୍ଧରେ ଥିବା ବ୍ୟାଗ୍‌ରେ ଗୋଟେ ଯୋଡ଼େ କଅଁଳା ଛୁଆଙ୍କୁ ସେ ଲୁଚାଇ ରଖିବାଟା ଯେ ଅସମ୍ଭବ ନୁହେଁ, ସେହି ଭୟର ଶିକୁଳି ମୋ ପାଦକୁ ବାଂଧି ପକାଇଥିଲା। କବାଟ ଉହାଡ଼ରୁ ଅତି ସନ୍ତର୍ପଣରେ ମୁଁ ଦେଖୁଥାଏ ବୋଉ ତା'ର ବ୍ୟାଗ୍‌ରେ ଚାଉଳ ଢାଳିବାର ଦୃଶ୍ୟ। ତା' ପରେ ପୁଣି ବୋଉର ତା' ସଂଗେ କଥୋପକଥନ ଓ କିଛି ସମୟ ପରେ ତା'ର ବିଦାୟ। ପାଗିଳୀ ତା' ବାଟରେ ଚାଲିଗଲା ସିନା, ହେଲେ ମୋ ମନ ଭିତରେ ଗୁନ୍ଥି ଦେଇଗଲା ଅସରନ୍ତି ପ୍ରଶ୍ନବାଚୀ।

ସେଦିନ ମନ ଭିତରେ କେମିତି ଗୋଟିଏ ନୂତନ ଜିଜ୍ଞାସା ସୃଷ୍ଟି ହୋଇଥିଲା ସେଇ ନୂଆ ପାଗିଳୀ ବିଷୟରେ ଜାଣିବା ପାଇଁ। ସବୁ ପାଗିଳୀଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ ଏହି ଭଦ୍ର ନମ୍ର ଆଉ ସୁନ୍ଦର ପାଗିଳୀଟି କିଏ ? କ'ଣ ତା'ର ପରିଚୟ ? ସତରେ କ'ଣ ସିଏ ଚାଉଳ ନେବାପାଇଁ ଆସିଥିଲା ? ଏତେ ଗୁଡ଼ାଏ ଚାଉଳ ନେଇ ସିଏ କ'ଣ କରିବ ? ସେ ଯୋଉ ନାଲି ଶାଢ଼ୀଟା ପିନ୍ଧିଥିଲା ମଂଜୁଳା ମାଉସୀ ଠିକ୍ ସେମିତିକା ଗୋଟେ ଶାଢ଼ୀ ପିନ୍ଧି ଆମ ଘରକୁ ବହୁବାର ଆସିଥିବାର ମୁଁ ଦେଖିଛି। ଏ ପାଗିଳୀଟା କ'ଣ ସତରେ ଗୋଟେ ଚୋରଣୀ ? ଏ ସବୁର ଉତ୍ତର ପିପାସୁ ମନ ସେଦିନ ଅଡ଼ି ବସିଥିଲା ଜେଜେମା'ଙ୍କ ପାଖରେ।

– "ଖାଲି ଚୋରଣୀ ନୁହେଁରେ, ବିଶୁ! ସିଏ ଗୋଟେ ପିଲା ଚୋରଣୀ। ତୋ ଭାଗ୍ୟ ଭଲ ତୁ ସେଠାରୁ ଦୌଡ଼ି ଚାଲି ଆସିଲୁ। ନହେଲେ ସେ ତୋତେ ତା' ବ୍ୟାଗ୍ ଭିତରେ ପୁରାଇ ନେଇ ଯାଇଥାନ୍ତା ତା' ଘରକୁ।"

ଜେଜେମାର ଏ ପ୍ରକାର ଉତ୍ତରରେ ମୋ ଭୟଭୀତ ଶରୀରଟା ଜେଜେମାର ହାଡୁଆ ଦେହଟାକୁ ଖୁବ୍ ଜୋର୍‌ରେ ଜାବୁଡ଼ି ଧରିଥିଲା ସେଦିନ। ବିନା ପ୍ରତିବାଦରେ ବିନା ଅଝଟରେ ଜେଜେମା କୋଳରେ ମୁଣ୍ଡ ରଖି ଶୋଇ ଯାଇଥିଲି ସିନା; କିନ୍ତୁ ସେଇ ପାଗିଳୀର ସୁନ୍ଦର ଚେହେରାଟା ମୋତେ ଆନ୍ଦୋଳିତ କରୁଥିଲା। ଏମିତି ଲାଗୁଥିଲା ଯେମିତି ଜେଜେମାର ଉତ୍ତର ଯଥେଷ୍ଟ ନଥିଲା, ମୋତେ ନିଜେ ହିଁ ରିସର୍ଚ୍ଚ କରିବାକୁ ପଡ଼ିବ ସେ ପାଗିଳୀ ବିଷୟରେ।

ଏହାପରେ ଦିନେ ମୋର କୌତୂହଳ ଆଖି ଆଉ ଜିଜ୍ଞାସୁ ପାଦଦୁଇଟି ଯାଇଥିଲା ଗାଁ ମୁଣ୍ଡ ନିଛାଟିଆ ଆମ୍ବତୋଟାରେ ଥିବା ପାଗିଳୀର ଭଙ୍ଗା କୁଡ଼ିଆ ପାଖକୁ। କିନ୍ତୁ ସେଦିନ ଯାହା ଘଟିଲା ତାହା ଥିଲା ମୋ ଜୀବନର ଏକ ଅବିସ୍ମରଣୀୟ ଦୁର୍ଘଟଣା। ଯାହା ମୋତେ ଜୀବନର ପ୍ରତିଟି ମୋଡ଼ରେ ଚେତାଇଦିଏ ଏକ ଦାରୁଣ ବାସ୍ତବତାକୁ। ଏହାପରେ ମୋ ଜୀବନରେ ଅନେକ ବସନ୍ତ ଆସିଛି। କାଳ ସୁଲଭ ଚପଳାମିକୁ ଚୋରାଇ ନେଇଛି କୈଶୋର, ପୁଣି କୈଶୋରକୁ ଆବୋରି ବସିଛି ଯୌବନ। ପାଗିଳୀ ପ୍ରତି ଥିବା ଭୟ ବି ମନରୁ ହଜିଯାଇଛି, ହଜିଯାଇଛି ଅତୀତର କେତେ ଝାପ୍‌ସା ଅନୁଭୂତି। ଅତୀତର କେଉଁ କିମ୍ଭୂତକିମାକାର, ଗର୍ଭରେ ହଜିଯାଇଛି ଜେଜେମା'ଙ୍କର ହାଡୁଆ ଦେହ ଆଉ ଚମ ଧୁଡୁଧୁଡୁ ମୁହଁର ସେଇ ଖିଲି ଖିଲି ହସ। ଫୁଲ ଚନ୍ଦନରେ ସୁଶୋଭିତ ଜେଜେମା'ଙ୍କର ସେଇ ତୈଳଚିତ୍ରକୁ ଦେଖିଲେ ମନେହୁଏ ଯେମିତି ଜେଜେମା ଚାହିଁଛନ୍ତି ଏକ ରହସ୍ୟର ଚାହାଣୀ ନେଇ। ହସୁଛନ୍ତି ଏକ ରହସ୍ୟର ହସ, ଆଉ ମୋ କାନେ କାନେ କହି ଯାଉଛନ୍ତି–

"ତୁ କୋଉ ବିଶ୍ୱଜିତ୍ ସାମଲ ନୁହେଁ, ତୁ ମୋର ସେଇ ଡରକୁଳା ବିଶୁ। ହେଇ ଦେଖ୍ ପାଗିଳୀ ଆସିଲାଣି। ଆ' ମୋ କୋଳକୁ ଆ'।"

ନା, ଆଉ ନୁହେଁ, ମୁଁ ଆଉ ଛୋଟ ଛୋଟ ଛୁଆ ହୋଇ ନାହିଁ। ମୁଁ ଆଉ ସେଇ ପିଲାଦିନର ଡରକୁଳା ବିଶୁ ନୁହେଁ। ମୁଁ ବିଶ୍ୱଜିତ୍ ସାମଲ ଏ ସହରର ଜଣାଶୁଣା ଇଣ୍ଡଷ୍ଟ୍ରିଆଲିଷ୍ଟଙ୍କ ଭିତରୁ ଜଣେ। ଡରକୁଳା ନୁହେଁ ବୋଲି ତ ସେଦିନ ସୁନନ୍ଦା ସହ ବିବାହ କରିବାର ସାହସ କରି ଘରେ ବହି ଯାଇଥିବା ଏକ ବିରାଟ ଝଡ଼ର ସାମ୍ନା କରିଛି। ଡରକୁଳା ନୁହେଁ ବୋଲି ତ ଦୁନିଆର ଟାହିଟାପରା, ମାଇପି ବୋଲକରା ପରି

ଅପବାଦକୁ ପାଦରେ ଏଡ଼ାଇ ସୁନନ୍ଦାର ଦୁଇ ଭଉଣୀ ଆଉ ସାନ ଭାଇ ସୋନୁର ଭରଣ ପୋଷଣ ଦାୟିତ୍ୱ ନିଜ ମୁଣ୍ଡକୁ ନେଇଛି । ତେବେ ହଁ ସେଦିନ ଆମ୍ବତୋଟାରେ ପାଗିଳୀର କୁଡ଼ିଆରେ ଯାହା ପ୍ରତ୍ୟକ୍ଷ କରିଥିଲି ସେ କଥା ଭାବିଲେ ଆଜିବି ଦେହଟା କେମିତି ଶୀତେଇ, ଉଠେ । ଇଚ୍ଛାହୁଏ ଦୌଡ଼ିଯାଇ ଜେଜେମା'ର ସେଇ ହାଡୁଆ ଦେହରେ ମୁଣ୍ଡ ଗୁଞ୍ଜି ଆଶ୍ରୟ ନେବାପାଇଁ । ହେଲେ ମହାକାଳ ସ୍ରୋତରେ ହଜିଯାଇଛି ମୋର ଶୈଶବ ଆଉ ହଜିଯାଇଛନ୍ତି ସେହି ମହୀୟସୀ ଜେଜେମା' ।

ସେଦିନ ସବୁ କଳ୍ପନା ଜଳ୍ପନା ସବୁ ରହସ୍ୟର ପର୍ଦ୍ଦା ଉଠାଇବା ଲକ୍ଷ୍ୟ ନେଇ ପାଗିଳୀର ଘର ସାମ୍ନାରେ ଯାଇ ଯାହା ଦେଖିଲି, ତାହା ଜେଜେମା'ଙ୍କ କଥାରେ ଥିବା ସତ୍ୟତାର ଥିଲା ଚକ୍ଷୁସ ତଥା ବଳିଷ୍ଠ ପ୍ରମାଣ । ପାଗିଳୀର ଭଙ୍ଗା କୁଡ଼ିଆ ତିନୋଟି ଛୋଟ ଛୋଟ ଶିଶୁ କନ୍ୟାଙ୍କର କେଁ କାଁରେ ଫାଟି ପଡୁଥିଲା । ଛିଣ୍ଡା କନାର ଆଭରଣରେ ଲୁଚି ରହିଥିଲା ରୁଗ୍ଣ ଶରୀର, ଫୁରୁଫୁରୁ ବାଳ, ଠାକରା ଗାଲ ଓ ପେଜୁଆ ପେଜୁଆ ୬ଟି କରୁଣ ଆଖି ଜଳି ଉଠୁଥିଲା ଚୁଲି ନିଆଁର ଆଲୁଅରେ । ଚୁଲି ଉପରେ ଭାତହାଣ୍ଡିରେ ଭାତ ସବୁ ଗବଗବ କରି ଫୁଟୁଥାଏ, ଆଉ ସ୍ୱୟଂ ପାଗିଳୀ ବସିଥାଏ ଚୁଲି ମୁଣ୍ଡରେ । ଏସବୁ ଦେଖି ମୋ ଛାତିରେ ହଲକ ପଶିଲାଣି । ମନେ ମନେ ଭାବୁଥାଏ ଜେଜେମା'ଙ୍କର ସେହି ଅକାଟ୍ୟ ଚେତାବନି । ଜେଜେମା ଠିକ୍ କହୁଥିଲେ ପାଗିଳୀଟା ପିଲା ଖେରଣୀ । ତରତରରେ ସେ ଜାଗା ଛାଡ଼ି ଚାଲିଯିବାକୁ ବସିଥିଲି ହଠାତ୍ ସେ କୁଡ଼ିଆ ଭିତରୁ କୁନି କୁନି ସ୍ୱରର ଚିତ୍କାର ସହ ପାଗିଳୀର ଆର୍ତ୍ତନାଦ ସେ ନିର୍ଜନ ଇଲାକାରେ ଗଗନ ପବନ ମୁଖରିତ କରି ଉଠିଲା । ଗୁଡ଼ାଏ ସମ୍ମିଳିତ ସ୍ୱରର ବିକଳ କ୍ରନ୍ଦନ ସାଙ୍ଗକୁ ଆଉ କିଛି ଗର୍ଜନ ତର୍ଜନର ଧ୍ୱନୀ ମୋ ମନରେ ଆଶଙ୍କା ସଂଚର କଲା । ବ୍ୟାପାରଟା କ'ଣ ଜାଣିବା ଉଦ୍ଦେଶ୍ୟରେ ଶୁଖିଲା ତଣ୍ଟିରେ ଛେପ ଢୋକି ପୁଣିଥରେ ପାଗିଳୀ ଘର ସାମ୍ନାକୁ ଯାଇ ଯାହା ଦେଖିଲି ପିଳେହି ପାଣି ହେବାର ଘଟଣା । ଚୂଲିରେ ବସିଥିବା ଭାତ ହାଣ୍ଡିଟା ଭାଙ୍ଗିଯାଇ ଚୂଲିରୁ ଧୁ ଧୁ ହୋଇ ଧୂଆଁ ବାହାରୁଥାଏ । ଛୁଆ ଗୁଡ଼ାକ ଉପାୟଶୂନ୍ୟ ହୋଇ ଖାଲି ଯାହା କାନ୍ଦିବାରେ ଲାଗିଥାନ୍ତି । ଆଉ ତଳେ ଚଟାଣ ଉପରେ ପଡ଼ି ରହି ପାଗିଳୀ ଚିତ୍କାର କରୁଥାଏ । ଚରିପାଞ୍ଚଟା ଲଙ୍ଗଳା ଶରୀର ପାଗିଳୀକୁ ଖିନ୍‌ଭିନ୍ କରି ଖାଇ ଯାଉଥାଆନ୍ତି । ମୁଁ ଅଣନିଶ୍ୱାସୀ ହୋଇ ଦୌଡ଼ିଲି ଗାଁ ଅଭିମୁଖେ । କାହାକୁ କିଛି କହିବାର କି କିଛି କରିପାରିବାର ସାମର୍ଥ୍ୟ ଶୂନ୍ୟ ଡରକୁଳା ମୁହଁରେ ସେଦିନ କେମିତି କେଜାଣି ହଠାତ୍ ଚିଲ୍ଲେଇ ଚିଲ୍ଲେଇ ଗାଁ ଦାଣ୍ଡରେ କହି ଉଠିଥିଲି ପାଗିଳୀର ଦୂରାବସ୍ଥା କଥା । ଗାଁ ଲୋକଙ୍କ ତୁରନ୍ତ ପଦକ୍ଷେପ ପାଞ୍ଚଟା ଅମଣିଷଙ୍କୁ ଉଚିତ୍ ଦଣ୍ଡାଦେଶ ଦେଇପାରିଲା ସିନା ହେଲେ କିଛି ମାସ ପରେ ଏକ ନବଜାତ ଶିଶୁ ପୁତ୍ର ସହ ତିନୋଟି କଅଁଳ କଳିକାଙ୍କୁ ପର କରି ପାଗିଳୀ ସବୁଦିନ ପାଇଁ ଚାଲିଯାଇଥିଲା ଆରପୁରକୁ ।

କେବେ ଯୌତୁକ-ନିର୍ଯ୍ୟାତନା ସହି ନପାରି ଶାଶୂଘରୁ ତିନିତିନିଟା କଅଁଳା ଛୁଆଁଙ୍କୁ ଧରି ଗାଁ ଛାଡ଼ି ଚାଲି ଆସିଥିବା 'ପାଗିଳୀ' ଆଜି ଆମ ଗହଣରେ ନାହିଁ ସିନା, ହେଲେ ମୋର ୨ ବର୍ଷର ଝିଅ ସୁକନ୍ୟାକୁ ମୁଁ ଯେବେ ସ୍ନେହରେ ପାଗିଳୀ ବୋଲି ଡାକିଦିଏ, ସେତେବେଳେ ସେହି ପାଗିଳୀର ବଡ଼ଝିଅ ବୋଲାଉଥିବା ସୁନନ୍ଦା ଲୁହ ଛଳ ଛଳ ଆଖିରେ ଭିଜାଇ ଦିଅନ୍ତି କେଉଁ ଏକ ବିସ୍ମୃତିରେ ସାଇତା ଅଭୁଲା ଡାଏରୀର ଏକ ବିବାଦୀୟ ପୃଷ୍ଠାକୁ । ❑

*ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*
*ମୋ: ୯୬୬୮୪୦୭୩୨୨*

# ମେଘ ଓ ପୃଥିବୀ

◆ ରୁକ୍ମଣୀ ନାୟକ

ମୋତେ ଯଦି କେହି ପଚାରେ ତମ ବାପା ଓ ମା'ଙ୍କ ନାମ କ'ଣ, ତାହେଲେ ଉତ୍ତରରେ ମୁଁ କହିବି ମେଘ ମୋର ବାପା ଓ ପୃଥିବୀ ମୋର ମା'। ଯେତେବେଳେ ପୃଥିବୀ ଉପରେ କଳାମେଘ ଢାଙ୍କି ହୋଇଯାଏ ସେତେବେଳେ ବର୍ଷା ସୃଷ୍ଟି ହୋଇଥାଏ। ସେହି ବର୍ଷା ପୁଣି ଭୂମି ଉପରେ ପଡ଼େ। ମେଘ ତାହା ବୀର୍ଯ୍ୟ ଆକାରରେ ପୃଥିବୀକୁ ପ୍ରଦାନ କରିଥାଏ ଫଳରେ ପୃଥିବୀ ମାତା ଗର୍ଭ ଧାରଣ କରେ। ଯାହା ଦ୍ୱାରା ଭୂମି ଉପରେ ଛୋଟ ଛୋଟ ମଞ୍ଜି ସବୁ ଗଜା ରୂପ ଧାରଣ କରେ। ତା'ପରେ ପୃଥିବୀ ସବୁଜ ସୁନ୍ଦର ଶସ୍ୟରେ ପରିପୂର୍ଣ୍ଣ ହୋଇ ଉଠେ ଏବଂ ଆମକୁ ଫଳ, ପୁଷ୍ପ ଓ ଶସ୍ୟ ପ୍ରଦାନ କରିଥାଏ। ଏହା ହେଉଛି ପୃଥିବୀ ମାତାର ସନ୍ତାନ ସଦୃଶ। ଏହି ଶସ୍ୟକୁ ଆମ୍ଭେମାନେ ଖାଇ ଜୀବନ ଧାରଣ କରିଥାଉ। ପୃଥିବୀ ମାତା ତା' ପିଲାମାନଙ୍କର ସୁଖର ସଂସାର ଦେଖି ଖୁସି ହୋଇଥାଏ। ଏହିପରି ଭାବରେ ମେଘକୁ ମୋର ବାପା ଓ ପୃଥିବୀକୁ ମୋର ମା' ବୋଲି ମୁଁ ସମ୍ବୋଧନ କରିଛି। ଏହାହିଁ ହେଲା ମୋ ବାପା ଓ ମା'ଙ୍କର ପରିଚୟ। ❑

*ସ୍ନାତକୋତ୍ତର ଇତିହାସ ବିଭାଗ,*
*ବାଣୀବିହାର, (ଦ୍ୱିତୀୟ ବିଭାଗ)*

# ସତୀ

◆ ସୁବାସ ଚନ୍ଦ୍ର ବେହେରା

ସେଦିନ ଥାଏ ଆଷାଢ଼ ମାସ ମଙ୍ଗଳବାର। ଜଗନ୍ନାଥ ମହାପ୍ରଭୁଙ୍କର ଗୁଣ୍ଡିଚା ଯାତ୍ରା ଦେଖିବାପାଇଁ ଶାନ୍ତିମା ବାହାରୁଥାଏ ଭୋରୁ ଭୋରୁ। ହାତରେ ବ୍ୟାଗ୍‌ଟିଏ ଚପଲ ନଥିବା ଖାଲିପାଦ ତା'ର ପଡୁଥାଏ ଅତି ବେଗରେ। ହଠାତ୍ ପାଦ ତା'ର ଅଟକିଗଲା ଏକ ଅଧାଭଙ୍ଗା ଭୂତକୋଠି ପରି ମଣିଷ ଶୂନ୍ୟ ଘର ପାଖରେ। ଶୁଭୁଥିଲା ଏକ ଶିଶୁପୁତ୍ରର କାନ୍ଦ। ମନରେ ଭୟ ଥାଏ। ଶାନ୍ତିମା ଭାବୁଥାଏ ଇଏ କୋଉ ଡାକିନୀ କି ପିଶାଚୁଣୀ ନୁହଁ ତ! ହେଲେ ମା' ମନ ତାର ନିଜ ପିଲାଛୁଆଙ୍କୁ ଏକୁଟିଆ କରି କେଉଁ ସହରକୁ ଚାଲିଯାଇଛି। ତା'ର ମନଟା ମାନିଲାନି ଧିରେ ଧିରେ ପାହୁଣ୍ଡ ପକାଇ ସେ ଭଙ୍ଗାଘରକୁ ଗଲା ଏବଂ ଦେଖିଲା ସେହି ଉଲଗ୍ନ ଶିଶୁକୁ। ପାଖ-ଆଖରେ କେହି ନାହାନ୍ତି। ରଥଯାତ୍ରାର ଶୁଭଦିନେ ପ୍ରଭୁ ଜଗନ୍ନାଥଙ୍କର କର ଭାବି ଶାନ୍ତିମା ଆପଣେଇ ନେଲା ସେ ଅନାଥ ପିଲାଟିକୁ।

ଶାନ୍ତିମା ଆଉ ଗୁଣ୍ଡିଚାରେ ଯାତ୍ରା ଦେଖିବାକୁ ଯିବ କ'ଣ, ସେହିଠାରେ ମହାପ୍ରଭୁଙ୍କୁ ମୁଣ୍ଡିଆ ମାରି ଫେରିଆସିଲା ସେହି ଶିଶୁ ସହିତ ଏବଂ ତା'ର ନାମ ଦେଲା ଜଗା। ସମୟ ସହିତ ତାଳଦେଇ ଜଗା ବଢ଼ିଲା ଏବଂ ସମାଜରେ ନାମ ପାଇଲା ଶାନ୍ତିମାର। ବୟସ ବଢ଼ିବା ସହିତ ତାର ବିଦ୍ୟା ଅଧ୍ୟୟନର ସୋପାନ ମଧ୍ୟ ବଢ଼ିବାକୁ ଲାଗିଲା। ସେଠି ତାର ଦେଖାହୁଏ ଲକ୍ଷ୍ମୀ ବୋଲି ସରଳ ନିରୀହ ଝିଅ ସହିତ। ଲକ୍ଷ୍ମୀର ସୌନ୍ଦର୍ଯ୍ୟ ତା' ପାଇଁ କାଳହୁଏ। ସେହି କଲେଜରେ କେତେକ ବାତେରା ପିଲାମାନଙ୍କ ପାଇଁ। ଯେଉଁମାନେ ତାକୁ ବାରମ୍ବାର ପ୍ରେମ ନିବେଦନ ସହ ହଇରାଣ କରନ୍ତି। କିନ୍ତୁ ସେଦିନ ସେ ଜଗା ସହିତ ସାମ୍‌ନା ସାମ୍‌ନି ହୋଇଥିଲା, ନିଜର ଅନିଚ୍ଛା ଏବଂ ଅଜ୍ଞାତବଶତଃ ତା'ର ମନରେ ଆଗ୍ରହ ତେଜି ଉଠିଥିଲା। ଗୋଟିଏ ଶ୍ରେଣୀରେ ଦୁହେଁ ପଢୁଥିଲେ ଦୁହିଁଙ୍କର ନାଁ ସହିତ ମନ ମଧ୍ୟ ଯୋଡ଼ିବାକୁ ଲାଗିଲା। ଆଉ ସେହି

ସମ୍ପର୍କକୁ ପ୍ରେମର ନାଁ ନେବା ପାଇଁ ବେଶି ସମୟ ଲାଗିନଥିଲା। ହେଲେ ଲକ୍ଷ୍ମୀ ପଛରେ ପଡ଼ିଥିବା ସେହି ପୁଅ ମାନେ ଜଗାକୁ ବିରୋଧ କଲେ। ହେଲେ ସେହି ଗରିବ ପୁଅ ଜଗା ଲକ୍ଷ୍ମୀକୁ ପାଇଗଲା। ଏହା ଥିଲା ଜଗା ଆଉ ଲକ୍ଷ୍ମୀର ପ୍ରେମରେ କଳାବାଦଲ।

ଲକ୍ଷ୍ମୀର ପ୍ରେମକଥା ଜାଣିଥିଲେ ତାଙ୍କ ଘରଲୋକ। ମଧ୍ୟବିତ୍ତ ପରିବାରର ହୋଇ ମଧ୍ୟ ଲକ୍ଷ୍ମୀର ମାଆ ଥିଲେ ଅତ୍ୟନ୍ତ ଭଦ୍ର ଏବଂ ଉତ୍ତମ। ସେ ଜଗା ସହିତ ଲକ୍ଷ୍ମୀର ବିବାହ ପାଇଁ ରାଜି ହୋଇଗଲେ। ନିଜ ଘରକୁ ବିଦାୟ ଦେଇ ଲକ୍ଷ୍ମୀ ଏବେ ଜଗାର ଘରକୁ ଆପଣେଇଲା। ମା' ଛେଉଣ୍ଡ ଜଗାର ଜୀବନରେ ତଥାପି ଖୁସିର ଲହରୀ ଫେରି ଆସିଲା ନାହିଁ। ଜଗା କଲେଜ ପାଠ ପଢ଼ିସାରିବା ପରେ ପରିବାରକୁ ସମ୍ଭାଳିବା ପାଇଁ ଚାକିରୀ କରିଥାଏ। ଜିତୁର ବାପା ବସନ୍ତ ପଟ୍ଟନାୟକଙ୍କ କମ୍ପାନୀରେ। ଜିତୁ ଏକଥା ଜାଣି ଛଡ଼ାଇ ନେଲା ଜଗାର ଚାକିରୀ। ଆଉ ମନରେ ତାର ଲକ୍ଷ୍ମୀପ୍ରତି ଥିବା ଈର୍ଷାର ପ୍ରେମକୁ ଆଉ ତା'ର ଦେହର ଲୋଭକୁ ସେ ନିୟନ୍ତ୍ରଣ କରିନଥିଲା। ସେ ଶେଷରେ ଜଗାକୁ ସବୁଦିନ ପାଇଁ ମାରିଦେବାକୁ ନିଷ୍ପତ୍ତି ନେଲା।

ଏକଦା ଜଗା ରାସ୍ତାରେ ଆଉ କେଉଁଠାରେ ଚାକିରୀ ନିମିତ୍ତ ଯିବା ବାଟରେ ଜିତୁ ନିଜର ଜିପ୍ ଗାଡ଼ି ଧକ୍କା ଦେଇଥିଲା ଜଗାକୁ, ଜଗା ଲହୁଲୁହାଣ ହୋଇପଡ଼ିଥାଏ। ପାଖରେ ଥିବା କିଛି ଲୋକ ତାକୁ ନିକଟସ୍ଥ ଡାକ୍ତରଖାନା ନେଇଗଲେ। ଲକ୍ଷ୍ମୀ ଓ ଶାନ୍ତିମା ଖବର ପାଇ ଚକିତ ହୋଇ ଦଉଡ଼ିଗଲେ ସେ ଡାକ୍ତରଖାନାକୁ। ଆଉ ସେଠି ଯାହା ଶୁଣିଲେ ତାହା ଶାନ୍ତିମା କି ଲକ୍ଷ୍ମୀର ପାଖରେ ସମ୍ଭବ ନଥିଲା। ଜଗାର ମୁଣ୍ଡରେ ରକ୍ତଜମାଟ ବାନ୍ଧିଛି ଏବଂ ଅପରେସନ୍ ପାଇଁ ୩ ଲକ୍ଷ ଟଙ୍କା ଆବଶ୍ୟକ। ଲକ୍ଷ୍ମୀକୁ ଚାରିଆଡ଼େ ଅନ୍ଧାର ଦେଖାଗଲା। ନିଜ ଜୀବନ ଠାରୁ ଅଧିକ ଭଲ ପାଇଥିବା ତା'ର ସ୍ୱାମୀକୁ କ'ଣ ତା' ଆଖି ଆଗରୁ ସେ ଦୂରେଇ ଦେବ। ନା ନିଜ ଜୀବନକୁ ପାଣି ଛଡ଼ାଇ ସେ ବଞ୍ଚାଇବ ତା' ଜଗାକୁ। ସାହସ ବାନ୍ଧି ମନରେ ଟଙ୍କା ଯୋଗାଡ଼ ପାଇଁ ବାହାରିଲା ଲକ୍ଷ୍ମୀ ରାସ୍ତା ଉପରକୁ। କେତେ ହାତ ଯୋଡ଼ିଛି କେତେ ମାଗିଛି ହେଲେ ତାକୁ ଡାକରା ମିଳିଲା ତାଙ୍କ ସହିତ ରାତି କଟାଇବାକୁ। ଘୃଣା ଓ ଅପମାନକୁ ଲକ୍ଷ୍ମୀ ମନରେ ଚାପି ଫେରିଆସିଛି କାହିଁ କେତେ ଜଗାକୁ। ରାତି ପାହିଲେ ଜଗାର ଅପରେସନ୍ ହେବ ଟଙ୍କା ବି ଏ ପର୍ଯ୍ୟନ୍ତ ଯୋଗାଡ଼ କରିପାରିଲାନି ଲକ୍ଷ୍ମୀ। ସେ ଭାବିଛି ଏ ସତୀତ୍ୱ ରଖିବି କାହାପାଇଁ, ଯଦି ମୋ ସ୍ୱାମୀ ମୋ ପାଖରେ ନାହିଁ ଏ ସତୀତ୍ୱ କାହାପାଇଁ, କ'ଣ ନିଜ ସ୍ୱାମୀକୁ ମାରି ଦେଇ ନିଜ ସତୀତ୍ୱକୁ ବାନ୍ଧି ରଖିବାକୁ ସତୀନାରୀ କୁହନ୍ତି। ଯଦି ତାହା ହୋଇଥାଏ ହେଲେ ହେବି। ମୁଁ ଅସତୀ, କିନ୍ତୁ ମୋ ସ୍ୱାମୀଙ୍କ ଜୀବନ ମୋ ସତୀତ୍ୱ ଅପେକ୍ଷା ବହୁତ ବଡ଼। ଶେଷରେ ସେ ଜିତୁର ଶରଣ ପଶିଛି ନିଜ ସତୀତ୍ୱକୁ ବଳିଦେଇ ଟଙ୍କା ଆଣିଛି। ଲକ୍ଷ୍ମୀ ହୋଇନପାରେ ସେ ଯୁଗର ସାବିତ୍ରୀ। କିନ୍ତୁ ସାବିତ୍ରୀ ପରି ସେ ଯମ ମୁହଁରୁ ଫେରାଇ ଆଣିଛି ତା' ସ୍ୱାମୀକୁ। ସେ ମଧ୍ୟ ସାବିତ୍ରୀ ଠାରୁ କିଛି କମ୍ ନୁହେଁ। "କ'ଣ ସେ ଆପଣମାନଙ୍କ ଆଗରେ ସତୀ ନୁହେଁ?" ❑

***ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,***
***ବାଣୀବିହାର (ଷଷ୍ଠ ବର୍ଷ)***

# ସୁନାମି

◆ ଅନନ୍ତ ସାହୁ

ହେଇଟି ରୋଷେଇ ସରିଲାଣି ନା ନାହିଁ ବୋଲି ଚଢ଼ାଗଳାରେ ଗପିଚାଲିଥିଲା ରାଧୁଆ । ତା'ର ପ୍ରତିଧ୍ୱନିର ନାୟିକା ମାଳତୀର ଜବାବ, 'ଟିକିଏ ରୁହ, ରୋଷେଇ ଆଉ ଅଳ୍ପ ସମୟ ଲାଗିବ । ଏଇ ନିଆଁଲଗା ପାଗଟା ପାଇଁ ପରା କାଠଗୁଡ଼ା ଭଲ ଜଳୁନି ।' ଧୂଆଁର କାଉଁରୀ ବିଦ୍ୟାର ପ୍ରଭାବରେ ସେ ଖୁଁ ଖୁଁ ହୋଇ କାଶି ଚାଲିଥିଲା । ଏପଟେ ରାଧୁଆ ତାର ପୁରୁଣା ରେଡ଼ିଓଟିରୁ ଧୂଳି ପୋଛୁଥାଏ ଏବଂ ମନେ ମନେ ଭାବୁଥାଏ ତା'ର ବିବାହକୁ ଦଶବର୍ଷ ପୂରିଗଲା । ସେତେବେଳେ ତାକୁ ତା'ର ଶଶୁର ଏଇ ରେଡ଼ିଓଟିକୁ ଯୌତୁକ ଆକାରରେ ଦେଇଥିଲେ । ସେଇ ରେଡ଼ିଓକୁ ଅନ୍ କରିବା ମାତ୍ରେ ଗୋଟେ ସତର୍କର ସ୍ୱର ଭାସି ଆସିଲା । "ଧୀବର ଭାଇମାନଙ୍କୁ ଗଭୀର ସମୁଦ୍ରକୁ ମାଛ ମାରି ଯିବାକୁ ମନା କରାଯାଉଛି । କାରଣ ଏକ ଭୟଙ୍କର ସୁନାମି ୨୪ ଘଣ୍ଟା ମଧ୍ୟରେ ଆସିପାରେ ।"

ରାଧୁଆ ମନେ ମନେ ଭାବୁଥିଲା ସତରେ ସରକାରଙ୍କର ତା' ପରି ଧୀବର ଭାଇମାନଙ୍କ ପ୍ରତି କେତେ ଚିନ୍ତା । ସେ ରେଡ଼ିଓକୁ ଚଟାପଟ୍ ବନ୍ଦ କରିଦେଲା, କାଳେ ମାଳତୀ ଜାଣିଯିବ ଓ ତାକୁ ମାଛ ଧରି ଯିବାକୁ ମନା କରିବ । ତା'ର ସୁନାମିକୁ ଡର ଥିଲେ ବି ସେ ଛାତିକୁ ପଥର କରି ଦେଇଥାଏ କେବଳ ତା' ମାଳ ଓ ପୁଅ ରାଜୁ ମୁହଁରେ ଟିକେ ହସ ଫୁଟେଇବା ପାଇଁ । ମାଳକୁ ଆଜିଯାଏଁ ଖଣ୍ଡେ ଭଲ ଶାଢ଼ୀ ଦେଇ ପାରିନାହିଁ ବୋଲି ମନଦୁଃଖ କରେ । ସେ ତାକୁ ନିଶ୍ଚିତ ଭାବରେ ଗୋଟେ ସମ୍ବଲପୁରୀ ପାଟ ଆଣିଦେବ ବୋଲି ଠିକ୍ କରିଥାଏ । ବୋଝ ଉପରେ ନଳିତା ବିଡ଼ା ପରି ରାଜୁର ପରୀକ୍ଷା ପାଇଁ ଫର୍ମ ଫିଲ୍‌ଅପ୍ । ତାକୁ ସବୁ ଅନ୍ଧାର ଦିଶୁଥାଏ । ଦିନକୁ ଶହେ ଟଙ୍କା ମଜୁରିରେ ସେ ତା'ର ପରିବାରକୁ ବା କେମିତି ପୋଷିବ । ତେଣୁ ସେ ସିଦ୍ଧାନ୍ତ କଲା ଆଜି ବି ନିଶ୍ଚୟ ମାଛ ଧରିବାକୁ ଯିବ ।

ସେ ଜଲ୍‌ଦି ଜଲ୍‌ଦି ଖାଇବା କାର୍ଯ୍ୟ ସାରିଥିଲା । ତା' ପାଇଁ ମାଳ ଶରଧାରେ ଖଣ୍ଡିଏ ପାନ ଭାଙ୍ଗିଦେଲା, ପାନଟିକୁ କଳରେ ପୂରେଇ ଛଳଛଳ ଆଖିରେ ମାଳ ଓ ରାଜୁକୁ ଦେଖି ଗାମୁଛାଟିକୁ କାନ୍ଧରେ ପକାଇ ଚାଲିଲା । ସେ ଭାବିଥାଏ ଆଜି ସଂଗ୍ରାମ କରିବ ତା'ର ପରିବାର ପାଇଁ ଗଭୀର ସମୁଦ୍ର ସାଥୀରେ । ମାଲିକର ନିର୍ଦ୍ଦେଶରେ ତା'ପରି କେତେଜଣ ରାଧୁଆ ଟ୍ରଲର୍ ଧରି ବାହାରିଗଲେ । ଭଲ ପଇସା ଆଶାରେ ସେମାନେ ଅଧିକ ମାଛ ଧରିବାକୁ ଗଭୀର ସମୁଦ୍ରକୁ ଚାଲିଯାଇଥିଲେ ।

ମାତ୍ର ଭାଗ୍ୟର ପବନ ବୋହିବା ସାଙ୍ଗକୁ ସୁନାମି ମାଡ଼ି ଆସିଲା । ଗଭୀର ସମୁଦ୍ରରେ ସୁନାମିର ପ୍ରକୋପ ବେଶି ଥିଲା । କିଏ କୁଆଡ଼େ ଯିବେ ସିଦ୍ଧାନ୍ତ କରି ପାରୁନଥିଲେ । କାରଣ ଟ୍ରଲର୍‌ରେ ସେତେବେଳକୁ ପାଣି ପଶି ସାରିଥାଏ । ରାଧୁଆ କୌଶଳ କରି ପାଣିକୁ ଲମ୍ଫ ପ୍ରଦାନ କରିଥାଏ । ମାତ୍ର ସେ କାଳର ପ୍ରବଳ ଢେଉମାନଙ୍କ ସହିତ ଯୁଦ୍ଧ କରି ଥକି ଯାଇଥିଲା । ହାତ ଗୋଡ଼ ତାର ନିସ୍ତେଜ ହୋଇ ଆସୁଥାଏ ।

ତାର ସଂସାରର ଖୁସିର ଜାହାଜରେ ଯେପରି ସୁନାମି ଧସେଇ ପଶି ଆସିଲା । ସେ ସୁନାମିକୁ ପ୍ରଶ୍ନ କରିଥିଲା 'ତୁ ଏ ଗଭୀର ସମୁଦ୍ରରେ କ'ଣ କରୁଛୁରେ ? ତୋର କ'ଣ ତୋ ସ୍ତ୍ରୀ ଓ ପୁଅ କଥା ମନେ ପଡୁନାହିଁ ?' ମାତ୍ର ସୁନାମି ଠାରୁ ପ୍ରତ୍ୟୁତ୍ତର ପାଇବା ପୂର୍ବରୁ ସେ ଗୋଟେ ବୃହତ୍ ଭୋକିଲା ସାର୍କର ଆହାର ହୋଇସାରିଥିଲା । ❑

*ସ୍ନାତକୋତ୍ତର ବାଣିଜ୍ୟ ବିଭାଗ, ବାଣୀବିହାର*
*(୨ୟ ବର୍ଷ)*

# ଅଜାଙ୍କ କାହାଣୀ

◆ ରୂପାଲି ମହାରଣା

ସ୍ୱଭାବ କହିପାର ନହେଲେ ଅଭ୍ୟାସ କହିପାର, ପ୍ରତିଦିନ ଦାଢିଆ ଅଜା ସହ ଟିକେ ନ ଲାଗିଲେ ମତେ ଭଲଲାଗେନି। ତାଙ୍କ ଠେଙ୍ଗାଟାକୁ ମୁଁ ସବୁବେଳେ ଲୁଚେଇଦିଏ। ସେ ଜାଣିଥାନ୍ତି, ମୋ ଛଡା ଆଉ କେହି ଏମିତି ଦୁଷ୍ଟାମି କରି ନଥିବେ। ତଥାପି ମଧ ସେ ଖୋଜନ୍ତି। ବସିଥିବା ଅଖାତଳେ, ଆଖ ପାଖରେ ଥୁଆ ହୋଇଥିବା ଗାଡି ଗୁଡିକର ତଳେ ନ ହେଲେ ସାମନାରେ ଠିଆ ହୋଇଥିବା ଗୁପ୍‌ଚୁପ୍ ଗାଡି କଡରେ। ବେଶୀ ଆଉ ହଇରାଣ ନ କରି ପଛଆଡୁ ତାଙ୍କ ଆଖି ବୁଜି ଠେଙ୍ଗାଟିକୁ ଫେରେଇଦିଏ। ଆଉ ସେ ବାଲୁଙ୍ଗା ଟୋକା, ଛତରା, ବଜାରୀ ଆଦି କେତେ କଣ ଗାଳି ଦେଇ ସେଇ ଠେଙ୍ଗାରେ ମୋତେ ହାଲୁକାସେ ପିଟିଦିଅନ୍ତି।

କେଜାଣି କାହିଁକି ତାଙ୍କ ସହ ଏମିତି ପ୍ରତିଦିନ ନ ଖେଳିଲେ ମତେ ଭଲ ଲାଗୁ ନଥିଲା। ସେ ମୋ ବୋଉର ବାପା ନୁହଁନ୍ତି କି ମୋର ଚିହ୍ନା ଜଣା ପରିଚୟ, ସମ୍ପର୍କୀୟ ଭିତରୁ କେହି ନୁହେଁ। ମାର୍କେଟ୍‌ଟା ସାରା ସମସ୍ତେ ତାଙ୍କୁ ଅଜା ନ ହେଲେ ବୁଢା ବୋଲି ଡାକନ୍ତି। ବୃତ୍ତିରେ ସେ ଜଣେ ଭିକାରି। ଆମ ଦୋକାନ ସାମନାକୁ ଚାରିହାତ ଛାଡି ସେ ବସନ୍ତି। କେତେବେଳେ ଅଖା ପାରିକି ତ କେତେବେଳେ ଆମ ଫଳ ଦୋକାନକୁ ଆସୁଥିବା ପେଟି ପାରିକି। ଅଜାଙ୍କ ବୟସ କେତେ ହେବ ମୁ ଜାଣେନି। ଯେବେଠୁ ତାଙ୍କୁ ଦେଖିଚି ସେ ସେମିତିଆ, ଅଧା ଗଞ୍ଜି ଦେହକୁ ମୁହଁରେ ଧଳା ଦାଢି, ଗାରପକା ଲୁଙ୍ଗିକୁ ଡାହାଣ ଗୋଡ ଆଣ୍ଠୁଯାଏଁ ଧଳାକନାରେ ଗୁଡା, ଦେଖିଲେ ଅବଶ୍ୟ ଭୟଙ୍କର ଲାଗନ୍ତିନି, ବରଂ ଦୁଃଖଲାଗେ। ଯିଏ ବି ଦେଖିବ ଆହା ପଦଟେ ପାଟିରୁ ବାହାରିଯିବ।

ମାର୍କେଟ୍‌କୁ ଆସୁଥିବା ଲୋକ ସେଠି ଗାଡି ରଖିଦିଅନ୍ତି। ପାର୍କିଂ ପାଇଁ କିଛି ବୋର୍ଡ ନଥିଲେ ବି ଲୋକମାନେ ତ ଯୋଉଠି ପାଇବେ ସେଇଠି ଗାଡି ରଖିବେ। ଯଦି ଯମ ଦୁଆରକୁ ଗାଡି ଯିବାର ଅନୁମତି ଥା'ନ୍ତା, ତେବେ ଏ ଲୋକଗୁଡାକ ସେଠିକି ବି ନେଇଯା'ନ୍ତେ। ଆଗରୁ ଅଜା ବେଶୀ ଜାଗାରେ ବସେ। ଚଉପାଢି କରି ଅଖା, ପେଟି ପକାଇ ଦେଇଥିବ, ବାଲି ଉପରେ ତା' ଠେଙ୍ଗାରେ ଗାରକାଟି ସୂଚେଇ ଦେଉଥିବ ଯେ 'ଏତିକି ମୋ ଜାଗା'। ହେଲେ ଧୀରେ ଧୀରେ ତା'ଗାର ଲିଭିଗଲା। ଗୋଟିଏ ଲୋକ ବସିବା ଭଳି ଜାଗା ଛାଡି ଆଉ ସବୁତକ ଜାଗା ଗାଡି ପାର୍କିଂରେ ଭର୍ତ୍ତି ହୋଇଗଲା। ତଥାପି ବି ଅଜା ମନରେ କେବେ ଦୁଃଖ ନଥାଏ। ଗଲା ଆଇଲା ବେଳକୁ 'ମାଁ...ବାବୁ...ଏଇଠି...ଏଇଠି ବାବୁ' କହି ଦେଲେ ରସ କଂସାଟାରେ ଠଣ୍ ଠଣ୍ କରି କିଛି ପଇସା ପଡିଯାଏ, ସାଙ୍ଗେସାଙ୍ଗେ ଅଜା ତାକୁ ଗଞ୍ଜି ଭିତରେ ଲୁଚେଇ ରଖିଥିବା ମୁଣି ଭିତରେ ପୂରାଇ ପୁଣି ଖାଲି କଂସାଟା ଧରି 'ମାଁ...ବାବୁ' ହେଉଥାଏ। ଅବଶ୍ୟ ଏଇଟା ସତ ଯେ ଅଜା ମତେ ବହୁତ ଭଲପାଏ। ପ୍ରତିଦିନ ରାତି ୧୧ଟାରେ ସେ ଶୋଇବାକୁ ଗଲାବେଳେ ମତେ ଟଙ୍କେ ନ ହେଲେ କେବେ ଦି'ଟଙ୍କା ଧରେଇ ଦେଇଯାଏ। ଗୋଟେ ପ୍ରକାର ଖୁସି ଏଇଟା ମୋର। ଏବେ ସିନା ଟଙ୍କାଟାର ମୂଲ୍ୟ କିଛି ନାହିଁ। ହେଲେ ସେତେବେଳେ ମୁଁ ଦଶମ ଶ୍ରେଣୀ ଯାଏ ସ୍କୁଲକୁ ଟଙ୍କେ, ଦି ଟଙ୍କା କି ପାଞ୍ଚଟଙ୍କା ନେଇକି ଯାଏ। ଆଉ ଖେଳଛୁଟି ବେଳେ ସେତିକି ପଇସାରେ କିଣିକି ଖାଏ। କହିବା ବାହୁଲ୍ୟ ଯେ ମୋ' ଖରାବେଳ ଖାଇବାଟା ସେଇ ଭିକାରି ଅଜା ପଇସାରେ ଉଠୁଥିଲା। ସ୍କୁଲରୁ ଆସିବା ମାତ୍ରେ କ'ଣ ଦି'ଟା ଖାଇଦେଇ ଖେଳିବାକୁ ପଳାଏ। ସେଇଠୁ ଆସି ବାପାଙ୍କ ପାଇଁ ବୋଉ ରଖିଥିବା ଛତୁଆ ଗୁଣ୍ଡ, କାଗଜରେ ଟିକିଏ ଚିନି, ଲୁଣ ନେଇ ଦୋକାନକୁ ପଳାଏ। ବାପାଙ୍କର ଦେହ ଖରାପ। ତାଙ୍କର ପେଟରେ କ'ଣ ଘା' ଟେ ହେଇଛି ବୋଲି ଡାକ୍ତର କହୁଥିଲେ, ସେଥିପାଇଁ ସେ ବାହାରର ତେଲ, ଛଣାଛଣି ଜିନିଷ କିଛି ଖା'ନ୍ତିନି ବୋଲି ବୋଉ ସବୁବେଳେ ମୋ

ହାତରେ ତାଙ୍କପାଇଁ ସନ୍ଧ୍ୟା ଟିଫିନ୍‌ଟା ପଠେଇଦିଏ। କେତେବେଳେ ଖାଲି ଚୁଡା ଦେଇ ଦିଏ ତ କେତେବେଳେ ଛତୁଆ। ଅବଶ୍ୟ ଫଳ ଦୋକାନ ଯେହେତୁ ବାପା ବେଳେବେଳେ କଦଳୀ, ପିଜୁଳି ଆଦି ଖାଇଦିଅନ୍ତି। ସେ ତ ବହୁତ କଞ୍ଜୁସ୍। ଘରକୁ ବି ବେଶୀ ଫଳ ନିଅନ୍ତିନି। ମୁଁ କିନ୍ତୁ ଦୋକାନରେ ଏକା ଥିଲାବେଳେ ସୁଯୋଗ ଦେଖି ଅଙ୍ଗୁର, ବେଦନା, କମଳା ଆଦି ଚଲୁ କରିଦିଏ।

ସବୁଦିନ ତ ସମାନ ଯିବନି। କାଲି ଯେହେତୁ ପଣା ସଂକ୍ରାନ୍ତି, ସେଥିପାଇଁ ମାର୍କେଟ୍ ପୂରା ଭିଡ। ଅଜାର ଅଜି ଭଲ ରୋଜଗାର ନିହାତି ହେବ। ମୁଁ ଦୋକାନରେ ଥାଏ, ଦେଖିଲି ଅଜା କାହାକୁ କିଛି ମାଗୁନି। ଚୁପଚାପ ହୋଇ ବସିଛି। ଚିରାଚରିତ ଅଭ୍ୟାସରେ କିଛି ଲୋକ ତା କଂସାରେ ପଇସା ପକାଉଛନ୍ତି ତ ଆଉ କିଏ ଆଡ ଆଖିରେ ଚାହୁଁନାହାନ୍ତି। ମନେ ପଡିଗଲା ଆଜି ଶନିବାର। ଆଜି ଶନିମନ୍ଦିର ଠାରେ ବୋଧେ ବେଶୀ ଇନକମ୍ ହେଇଯାଇଛି। ସବୁ ଶନିବାର ଅଜା ଶନିମନ୍ଦିର ସାମନାରେ ବସେ। ତା' ଗୋଡକୁ ଦେଖିଲେ ଜଣା ପଡିଯାଏ। ଏକା ତା'ର ନୁହେଁ, ସେଠି ବସୁଥିବା ଅଧିକରୁ ବେଶୀ ଭିକାରି ଭିକାରୁଣୀ ନିଜନିଜ ହାତ, ଗୋଡ, ମୁଣ୍ଡରେ ଧଳା ଗଜ୍ କପଡା ଗୁଡେଇଥିବେ। ସେଇଟା ପୁଣି ପୂରା ନୂଆ ଧୋବ ଫରଫର ଦିଶୁଥିବ, ଯେମିତିକି ସଙ୍ଗେସଙ୍ଗେ କ୍ୟାପିଟାଲ୍ ହସ୍‌ପିଟାଲ୍‌ରୁ ଟ୍ରିଟ୍‌ମେଣ୍ଟ ହୋଇ ଫେରିଛନ୍ତି। ହେଲେ ଅଜା ଗୋଡରେ ଆଜି ନୂଆ କପଡା ନଥିଲା। ବେପାରରେ ବ୍ୟସ୍ତ ଥିଲି ବୋଲି ତା' ପାଖକୁ ଯିବାକୁ ସମୟ ହେଲାନି। ସବୁଦିନ ଭଳି ସେ'ଠୁ ଉଠିଲାବେଳେ ଅଜା ମତେ ଦୁଇ ଟଙ୍କାଟେ ବଢେଇଦେଲା। ସେତିକି ବେଳେ ମୁଁ ତାଙ୍କ ହାତକୁ ଧରି ପକେଇଲି – "କ'ଣ କିଓ ଅଜା ଆଜି ଭାରି ମାନ୍ଦା ମାନ୍ଦା, ଦେହ ଭଲ ନାହିଁ କି ?" ପାନଖିଆ ଦାନ୍ତ ଦି'ଟା ନେଫେଡେଇ ଦେଇ କିଛି ନ କହି ଅଜା ଚାଲିଗଲା ସବୁଦିନ ଭଳି ପାଖ ଆଳୁଗୋଦାମର ବାରଣ୍ଡାରେ ଶୋଇବାକୁ।

ତା' ପରଦିନ ମାର୍କେଟରେ ପଣା ହେଉଥାଏ। ଦହିପଣା, ବେଲପଣା ଯାହାକୁ ଯେତେ। ଆମେ ତ ମାଗଣା ପାଇଲେ ପିଚୁ ଗିଳିଯିବା ଲୋକ, ଏ ପଣାକୁ ଛାଡେ କିଏ ? କଷ୍ଟେମଷ୍ଟେ ତିନି ଚାରିଥର ଗଳିପଶି ପଣା ପିଇଛି। ଭାବିଲି ଅଜାର କାଲି ମନ ଭଲ ନଥିଲା। ତାକୁ ଗୋଟେ ଗିଲାସ ପଣା ଦେଇଦିଏ। ସେଇଠୁ ପୁଣି ଥରେ ଯେନ ତେନ ପ୍ରକାରେଣ ଗଳିକି ଗୋଟେ ଗିଲାସ ପଣା ଆଣିଲି। ହେଲେ ଦେଖିଲା ବେଳକୁ ଅଜା ତା ଜାଗାରେ ନାହିଁ। ଭାବିଲି ପାଖରେ କେଉଁଠି ଥିବ। ଆସିଯିବ। ତା ଠେଙ୍ଗା ଗାମୁଛା ପାଖରେ ଗିଲାସକୁ ଥୋଇଦେଇ ଚାଲି ଆସିଲି।

ସନ୍ଧ୍ୟାବେଳେ ଦୋକାନକୁ ଆସି ଦେଖିଲି ଅଜା ସାମନାରେ ନାହିଁ। ମନଟା କାହିଁ ଗୋଳେଇ ଘାଣ୍ଟି ହେଲା। ସେଇଠୁ ତା ଜାଗାକୁ ଗଲି। ଦେଖିଲା ବେଳକୁ ସକାଳର ସେ ବେଲପଣାଟା ତଳେ ପଡି ଶୁଖିଯାଇଛି। କ'ଣ ହେଲା ଅଜାର ? ଆଜିଯାଏଁ ତ ସେ ଏମିତି କେବେ କରିନି। ଯେବେ ସେ ଗାଁକୁ ଯିବାକୁ ବାହାରେ, ମତେ ନ ହେଲେ ବାପାଙ୍କୁ ଜଣେଇଦିଏ। କ'ଣ ଏମିତି ହେଲା ଯେ ଅଜାର ଦେଖା ଦର୍ଶନ ନାହିଁ।

ତା ପରଦିନ କଲେଜରେ କିଛି ଖାଇଲିନି। ଅଜା ଯାହା ପଇସା ଦିଅନ୍ତି ସେଥିରେ ପଇସା ମିଶେଇ ମୁଁ ଖାଏ। ପାଖରେ ପଇସା ନଥିଲା ତାହା ନୁହେଁ, କାହିଁକି ଇଚ୍ଛା ହେଲାନି। ଅଜାକୁ ଏତେଦିନ ହେଲା ଦେଖିନି ବୋଲି ମନ ଭଲ ଲାଗୁ ନଥିଲା। କଲେଜରୁ ଘରକୁ ଫେରୁଥିଲି, ଦେଖିଲି ଧାଁ ଧପଡ ହୋଇ ଲୋକ ଛୁଟୁଛନ୍ତି ଆଗକୁ। କ'ଣ ଗୋଟେ ଦୁର୍ଘଟଣା ହୋଇଛି ବୋଧେ। ମୁଁ ବି ଆଉ ନିଜକୁ ସମ୍ଭାଳି ପାରିଲିନି, ଦୌଡିଲି ସେଇ ଦିଗରେ ଲୋକଙ୍କ ଭିଡରେ ମତେ ଖାଲି ମୋବାଇଲ୍ ଟକ ଉପରକୁ ଦିଶୁଥିଲା। କିଏ କହୁଛି, "ସଳା ହାରାମୀ ଛୁଆଗୁଡା, ବୋପା, ମାଁ ଠିକ୍ ନାହାନ୍ତି ଏମାନଙ୍କର। ଗାଡି ତ ନୁହଁ, ଯେମିତି ପ୍ଲେନ ଚଳାଉଛନ୍ତି"। ମୁଁ ବୁଝିଗଲି ଯେ କେହି ଜଣେ ଗାଡି ଧକ୍କା କରି ପଳାଇଛନ୍ତି। ହେଲେ କାହାକୁ ? ସେ ଲୋକର କଅଣ ହୋଇଛି ? ଏମିତି କିଛି କଥା ମତେ ବ୍ୟସ୍ତ କରୁଥିଲା, ଲୋକଙ୍କୁ ଠେଲାପେଲା କରି ସେଠାରେ ପହଞ୍ଚିଲା ବେଳକୁ ଦେଖିଲି ସିଏ ଅଜା, 'ମୋ ଅଜା' ବୋଲି ଏଡେ ଜୋରରେ ଚିଲେଇଲି ଯେ ଉପସ୍ଥିତ ଲୋକ ବି ସ୍ତବ୍ଧ ହୋଇଗଲେ। "ଆରେ କିଏ ଆମ୍ବୁଲାନ୍ସ ଡାକ, ଏ ଭାଇ, ଏ

ମଉସା ? ଦୟାକର. ତୁମ ଗାଡିରେ ଟିକିଏ ଅଜାଙ୍କୁ ମେଡିକାଲ ନେଇଯିବା, ନ ହେଲେ କେହି ଟିକିଏ ମୋବାଇଲ୍ ଦିଅ ମୋ ବାପାଙ୍କୁ ଡାକିବି” । ମୋବାଇଲରେ ଦୁର୍ଘଟଣାର ଫଟୋ ଉଠାଇବାରେ ବ୍ୟସ୍ତ ଥିବା ଲୋକଗୁଡାକ କେଡେ ବିବେକଶୂନ୍ୟ ସତେ ! ଏମାନଙ୍କ ପାଇଁ କଣ ଜଣଙ୍କ ଜୀବନଠାରୁ ଫଟୋ ଉଠାଇବା ଏତେ ବଡ ? ଛି ! ସେ ଯାହାହେଉ, ଡେରିରେ ହେଉ ପଛେ ଆମ୍ବୁଲାନ୍ସ ଆସି ପହଞ୍ଚିଗଲା । ଅଜାର ମୁହଁ ପୂରା ରକ୍ତରେ ଜୁଡୁବୁଡୁ ଥିଲା । ଦେହ ହାତ ଖଣ୍ଡିଆ ଖାବରା । ନିଶ୍ୱାସ ଚାଲୁଛି କି ନାହିଁ କେଜାଣି ? ମୋ ମୁଣ୍ଡ କିଛି କାମ କରୁ ନଥିଲା । କଣ ହେବ ଅଜାର ସେଇ କଥା ଭାବିଭାବି ଭାରି ଡର ଲାଗୁଥିଲା । ଆଗରୁ ତ ଗୋଟେ ଗୋଡ ନାହିଁ, ଉପରକୁ ପୁଣି ଏ ଦୁର୍ଘଟଣା । ଅଜା ପେଟ ଉପରେ ଗାଡି ଚଢିଯାଇଥିଲା । ହେ ପ୍ରଭୁ ! ଅଜାଙ୍କୁ ବଞ୍ଚେଇଦିଅ !

ଅଜାର ଓଡିଶାରେ କେହି ସମ୍ପର୍କୀୟ ଅଛନ୍ତି କି ନାହିଁ ମୁଁ ଜାଣିନି । ପିଲାଦିନରୁ ତାଙ୍କର ଠେଙ୍ଗାକୁ ଲୁଚାଇ ତାଙ୍କ ସହ ସମ୍ପର୍କ ଯୋଡିଛି । ସେଥିଲାଗି ତାଙ୍କ ପ୍ରତି ମମତା ଆସିଯାଇଛି । କୋଉଠୁ କଅଣ ଖବର ପାଇ ପୋଲିସ୍ ଆସି ପହଞ୍ଚିଲା ଡାକ୍ତରଖାନାରେ । ଆସୁ ଆସୁ ପଚାରିଲା, ‘ମନସୁଫ୍ ମହମ୍ମଦ’ର ଚିହ୍ନା ତୁମେ ? ମୁଁ ପୋଲିସ୍‌କୁ ଆବାକାବା ହୋଇ ଅନେଇଲି । ସେମାନଙ୍କ କଥାରୁ ଆଉ ବୁଝିବାକୁ ଡେରି ହେଲାନି ଯେ ସେମାନେ ଅଜା କଥା ପଚାରୁଥିଲେ ବୋଲି । ବାପାଙ୍କ ସହ କ’ଣ କଥା ହେଲେ । ଏ ପଟେ ଡାକ୍ତର ଆସି କହିଲେ ଯେ “ଅଜା ଆଉ ନାହିଁ” ।

କାହିଁ କେଜାଣି ଆଖି କୋଣରେ ଜକେଇ ଆସୁଥିବା ପାଣିଗୁଡାକ ଆଉ ବୋଲ ମାନିଲାନି, ନିଃଶବ୍ଦରେ ଛୁଟି ଆସିଲା । ବିଗତ ସ୍ମୃତିଗୁଡାକ ଆଖି ଆଗରେ ନାଚି ଉଠିଲା । ଅଜାର ମୁହଁ, ତାଙ୍କ କଥା କହିବାର ଭଙ୍ଗୀ, ମୋତେ ଗାଳି ଦେଉଥିବା ବେଳେ ହସୁଥିବା ଚେହେରା ସବୁକିଛି । ବାପା ଆଉ ପୋଲିସଙ୍କ କଥାରୁ ଯାହା ଜାଣିଲି କିଛିଦିନ ପୂର୍ବରୁ ରାତିରେ କେତେ ଲୋକ ମିଶି ସୁନା ଦୋକାନର ତାଲା ଭାଙ୍ଗି ଲୁଟ୍ କରିଥିଲେ, ଅଜା ତାକୁ ଦେଖିଥିଲା । ସେମାନେ ଅଜାକୁ ଧମକ୍ ଦେବା ସହ ତାକୁ କାଳେ ବାଡେଇଥିଲେ । ହେଲେ ସେ ଶୁଣିଲାନି, ସବୁକିଛି ନିର୍ଭୀକ ଭାବେ ପୋଲିସ୍‌କୁ ଜଣେଇଦେଇଥିଲା । ସେଥିପାଇଁ ସେମାନେ ଅଜା ଉପରେ ଗାଡି ଚଢେଇଦେଲେ !

ଅଜାକୁ ମୁନିସିପାଲିଟିବାଲା ପୋଡିବାକୁ ନେଇଗଲେ, ହେଲେ ସେ ବାରଣ୍ଡାରେ ଥିବା ଠେଙ୍ଗା ଆଉ ଗାମୁଛା ସେମିତି ଥାଏ । ଠେଙ୍ଗାଟାକୁ ମୁଁ ଆଜିଯାଏ ଦୋକାନରେ ରଖିଛି । ବାଟରେ ଗଲାବେଳେ ଯଦି କେହି ବୁଢାଲୋକକୁ ଠେଙ୍ଗାଧରି ଚାଲୁଥିବାର ଦେଖେ, ହଠାତ୍ ମନ ଭିତରଟା ଆଉଟି ହୋଇଯାଏ । ଫେରିଆସି ଅଜା ବସୁଥିବା ଜାଗାକୁ ଟିକେ ଅନେଇଦିଏ, ଯେଉଁଠି ଏବେ ଗୋଟିଏ ବୁଢୀ ପ୍ଲାଷ୍ଟିକ୍ ଦଉଡି ବିକୁଛି । ❑

# ଅଠର ଓଲୁ

◆ ନିରୁପମା ମହାନ୍ତ

ହରିପୁର ନାମରେ ଛୋଟ ଗାଁ ଟିଏ। ସେହି ଗାଁରେ ଦାସିଆ ତା ପରିବାର ସହ ରହୁଥିଲା। ପରିବାର କହିଲେ କେବଳ ତା ସ୍ତ୍ରୀ। କାରଣ ବିବାହର ବହୁବର୍ଷ ବିତି ଯାଇଥିଲେ ମଧ୍ୟ ସେମାନେ ନିଃସନ୍ତାନ ଥିଲେ। ତେଣୁ ସର୍ବଦା ମନଦୁଃଖରେ ରହୁଥିଲେ। ଏକଦା ଦୁହେଁ ଶିବପୂଜା କରି ପୁତ୍ର ସନ୍ତାନ ଲାଭର ଆଶା ରଖିଲେ। ପ୍ରତିଦିନ ଶିବପୂଜା କଲେ। ସଙ୍ଗେସଙ୍ଗେ ଦାସିଆ ପୁତ୍ର ସନ୍ତାନ କାମନା କଲା। ମହାଦେବ ଆବିର୍ଭାବ ହୋଇ କହିଲେ, 'ତୁ ଗୋଟିଏ ପୁତ୍ର ଚାହୁଁ ନା ଅଠରଟି ପୁତ୍ର ଚାହୁ? ଯଦି ଗୋଟିଏ ପୁତ୍ର ସନ୍ତାନ ନେବୁ ସିଏ ଗୁଣବନ୍ତ ହେବ। ଅଠରଟି ପୁତ୍ର ନେଲେ ସେମାନେ ସମସ୍ତେ ହୁଣ୍ଡା ଓ ଓଲୁ ହେବେ।' ଦାସିଆ ଚିନ୍ତାକଲା, ଯଦି ଗୋଟିଏ ପୁଅ ନିଏ, ପୁଅ ମରିଗଲେ ସେ ଆଣ୍ଠୁକୁଡା ହୋଇଯିବି। ତେଣୁ ମୋର ଅଠରଟି ପୁତ୍ର ଦରକାର। ମହାଦେବ 'ତଥାସ୍ତୁ' କହିଲେ।

ଦାସିଆ ଅଠରଟି ପୁତ୍ର ସନ୍ତାନର ଜନକ ହେବାର ସୌଭାଗ୍ୟ ଅର୍ଜନ କଲା। ମାତ୍ର ସବୁ ପୁଅଯାକ ଓଲା। ଯେତେଦିନ ପର୍ଯ୍ୟନ୍ତ ବାପା ମାଆ ବଞ୍ଚିଥିଲେ, ସେମାନେ ସମସ୍ତେ ଆନନ୍ଦରେ ଥିଲେ। ବାପା ମାଆ ମରିଗଲା ପରେ ତାଙ୍କୁ ଦାନାକନା ମିଳିଲା ନାହିଁ। ସେମାନେ ଚିନ୍ତାକଲେ କିଛି କାମ କରି ପେଟ ପୋଷିବାକୁ। ସକାଳୁ ସକାଳୁ ଅଠର ଓଲୁ ବାହାରି ପଡିଲେ। ଯାହା ଘରକୁ ଗଲେ, ଅଠରଜଣଯାକ ଗଲେ। କିଏ ବା ତାଙ୍କୁ କାମ ଦେବ ବା ଭିକ ଦେବ? ସବୁ ଜାଗାରୁ ତଡା ଖାଇ ଆସିଲେ। ଶେଷରେ ନିରାଶ ହୋଇ ସେହି ଗାଁର ମହାଜନ ଘରେ ପହଞ୍ଚିଲେ। ସାହୁ ମହାଜନ ବୁଢା କହିଲା, "ଆରେ ତୁମେମାନେ କାହିଁକି ଭିକ ମାଗି ବୁଲୁଛ? ତୁମ ଅଠର ଜଣଙ୍କୁ କିଏ ବା ଭିକ ଦେବ? ମୋର କାମଅଛି, ମୁଁ ତୁମକୁ କାମ ଦେବି।" ମହାଜନ ବୁଢା ସମସ୍ତଙ୍କୁ କାମ ବାଣ୍ଟିଦେଲେ ମାତ୍ର ଓଲୁ ଜିଦ୍ ଧରି ବସିଲେ ଯାହା କରିବେ, ସମସ୍ତେ ସାଙ୍ଗ ହୋଇ କରିବେ। ଯଦି ଘାସ କାଟିବେ, ସାଙ୍ଗ ହୋଇ କାଟିବେ, ଧାନ କାଟିଲେ ବି ସମସ୍ତେ ସାଙ୍ଗ ହୋଇ କାଟିବେ। ଯାହା କାମ କଲେ ଅଠର ଜଣ ଯାକ ମିଶି କଲେ।

ଦିନକର ଘଟଣା, ଅଠର ଓଲୁ ମହାଜନଙ୍କର ନିର୍ଦ୍ଦେଶରେ ହଳ କରିବାକୁ ଗଲେ। ତା ପରେ ଧାନବୁଣା। ସେତେବେଳେ ଧାନକୁ ଓଳିଆରେ ରଖାଯାଉଥିଲା। ମହାଜନ ବୁଢା କହିଲା ଅଠରଟି ହଳ ବୁଲୁଛି, ସବୁବେଳେ ଘରକୁ କେତେ ଆସିବ? ଶଗଡରେ ଗୋଟିଏ ଧାନ ଓଳିଆକୁ ନେଇଯାଅ। ଅଠର ଓଲୁଙ୍କୁ ଧାନବୁଣା ଜଣା ନଥିଲା। ସେମାନେ କ'ଣ କଲେ ନା ଓଳିଆକୁ ତଳପଟୁ କଣା କରିଦେଲେ।ସେଇ କଣା ଦେଇ ଧାନ ଗଳି ଚାଲିଲା। ଯେଉଁ ବିଲରେ ଯାହା ପଡିଲା। ଧାନବୁଣା ଶେଷ।

ମହାଜନ – 'ଧାନ ସବୁ ବିଲକୁ ପାଇଲା ନା?'

ଅଠର ଓଲୁ – 'ହଁ, ସବୁ ବିଲକୁ ପାଇଗଲା।'

ମହାଜନ – 'ବୁଣା କାମ ସାରିଦେଲ ନା?'

ଅଠର ଓଲୁ – 'ହଁ, ସାରିଦେଲୁ।'

କିଛିଦିନ ପରେ ବର୍ଷା ହେଲା। ମହାଜନ ବୁଢା ଅଠର ଓଲୁଙ୍କୁ କହିଲା ଯାଅ ବିଲର ମୁହାଣ ବାନ୍ଧି ଦେଇ ଆସିବ। ଓଲୁମାନେ ସେଇଆ କଲେ।

ମହାଜନ – 'ସବୁ ବିଲରେ ପାଣି ହେଲା ନା?

ଅଠର ଓଲୁ – 'ହଁ ହେଲା।'

ମହାଜନ – 'ଯାଅ, ବେଉଷଣ କରିବ।'

ବୁଢା ସେ ପର୍ଯ୍ୟନ୍ତ କେବେ ବି ବିଲକୁ ଯାଇ ନଥାଏ। କିଛିଦିନ ପରେ ବୁଢା ପୁଣି କହିଲା, 'ଯାଅ ମଇଦେଇ ହିଡ ହାଣି ଆସିବ।' ତା ପରେ ଆସିବ ବିଲ ବଛା। ଅଠର ଓଲୁ ସବୁ ହିଡ ହାଣି ସଫା କରିଦେଲେ ଓ ସବୁ ବିଲକୁ ସମାନ କରିଦେଲେ। ପାଣି ବା କେଉଁଠି ରହିବ?

ପୁଣି ମହାଜନ ବୁଢା ପଚାରିଲା – 'ସବୁ ସାରିଲ ତ?'

ଓଲୁ ଗଣ କହିଲେ – 'ହଁ ସାରିଦେଲୁ।'

ମହାଜନ ବୁଢା ନିଜକୁ ଗର୍ବିତ ମନେକଲା । ଭାବିଲା, ଯାହାହେଉ ମୁଁ ଢେର୍ କାମିକା ଲୋକ ପାଇଛି, ଯେଉଁମାନେ ଏକାଦିନରେ ସବୁକାମ ଶେଷ କରି ଦେଉଛନ୍ତି ।

ପୁଣି କିଛିଦିନ ଗଲା । ମହାଜନ ବୁଢା ଅଠର ଓଲୁଙ୍କୁ ବିଲ ବାଛିବାକୁ ପଠାଇଲା । ଅଠର ଓଲୁ ବିଲରେ ଥିବା ଧାନଗଛ ଠାରୁ କାଠିକୁଟା ପର୍ଯ୍ୟନ୍ତ ସବୁ ବାଛି ସଫା କରିଦେଲେ ଓ ସବୁକୁ କାଦୁଅରେ ପୋତିଦେଲେ ।

ପୂର୍ବପରି ମହାଜନ ପ୍ରଶ୍ନ କଲେ । ଅଠର ଓଲୁ ସେହିପରି ବିଲ ବାଛି ସାରିଥିବା ଉତ୍ତର ଦେଲେ ।

କିଛିଦିନ ପରେ ମହାଜନ ବୁଢା କହିଲା, ବିଲବଛା ତ ସରିଗଲା । ଘରେ ଅଠର ହଳ ବଳଦ ବନ୍ଧା ହୋଇଛନ୍ତି । ଯାଅ ତାଙ୍କପାଇଁ ଘାସ କାଟି ଆଣିବ । ଅଠର ଜଣଯାକ ଘାସ କାଟିବାକୁ ଗଲେ ଓ ଅଠର ଗୋଛା ଘାସ ଆଣିଲେ ଓ ମହାଜନ ବୁଢାର ସ୍ତ୍ରୀ ବୁଢୀକୁ ପଚାରିଲେ, 'ଏ ଘାସ ବିଡା କୋଉଠି ଥୋଇବୁ ?'

ବୁଢୀ କୌଣସି କାରଣବଶତଃ ରାଗିଥାଏ । ସେ ରାଗି ଯାଇ କହିଲା, 'ମୋ ମୁଣ୍ଡ ଉପରେ ଥୁଅ !'

ଅଠର ଓଲୁ ସବୁଯାକ ଘାସ ଗୋଛାକୁ ନେଇ ବୁଢୀ ମୁଣ୍ଡରେ ଲଦିଦେଲେ । ତା ପରେ ଓଲୁଗଣ କହିଲେ, ଆମକୁ ଭାତ ଖାଇବାକୁ ଦିଅ । ବୁଢା କହିଲା, ବୁଢୀ କୁଆଡେ ଗଲା ତାକୁ ଡାକ । ଅଠର ଓଲୁ କହିଲେ, ସେଠି ପରା ଘାସ ବୋହି ଠିଆ ହୋଇଛି । ବୁଢା ପଚାରିଲା, କୋଉଠି ? ବୁଢା ଯାଇ ଦେଖିଲା ବେଳକୁ ବୁଢୀ ମରିଯାଇଛି । ବୁଢା ମନଦୁଃଖ କଲା । କହିଲା ଯାହା ତ କଲ କଲ । ଯାଅ ବୁଢୀର ଶବ ପୋତିଦେଇ ଆସ । ଅଠର ଓଲୁ ଗଲେ, ବୁଢୀର ଶବ ପୋତିବାପାଇଁ । ଶବକୁ ପୋତିଦେଇ ଆସିବା ସମୟରେ  ସେହି ରାସ୍ତାଦେଇ ମହାଜନ ବୁଢୀ ପରି ଆଉ ଜଣେ ବୁଢୀ ଆସୁଥିବାର ଦେଖିଲେ ।

ଅଠର ଓଲୁ କହିଲେ, 'ଶାଳୀ ବୁଢୀ ! ତୋତେ ତ ଆମେ ପୋତିଦେଇ ଆସିଲୁ, ପୁଣି ତୁ ଆମ ଆଗେ ଆଗେ ଯାଉଛୁ ? ଆମ ସାହୁ ପୁଣି ଆମକୁ ଗାଳି କରିବ ।'

ସେ ବୁଢୀ କହୁଛି – 'ନାଇଁ ନାଇଁ, ମୁଁ ସେ ବୁଢୀ ନୁହେଁ ।'

ତଥାପି ବୁଢୀର କଥା ଶୁଣୁଛି କିଏ ? ଅଠର ଓଲୁ ଜୋରଜବରଦସ୍ତ ସେ ବୁଢୀକୁ ଧରିଆଣି ଗୋଟିଏ ବଡ ଗାତ ଖୋଳି  ପୋତିଦେଲେ ।

ମହାଜନ ବୁଢା ଶୁଦ୍ଧକ୍ରିୟା କଲା । ତା ପରେ ଦିନେ କଅଣ ମନକୁ ଆସିଲା, ସେ ବିଲ ଦେଖିବାକୁ ଆସିଲା । ବିଲକୁ ଦେଖି ମୁଣ୍ଡରେ ହାତଦେଇ ବସିଗଲା । ନିଜ ବିଲକୁ ବି ସିଏ ଚିହ୍ନିପାରିଲା ନାହିଁ । ପଡିଆ ଟାଙ୍ଗରା ଭୂଇଁ, ଧାନଗଛଟିଏ ନାହିଁ । ମନଦୁଃଖରେ ଘରକୁ ଫେରି ମହାଜନ ଅଠର ଓଲୁଙ୍କୁ ପଚାରିଲା, 'ଆବେ ବିଲରେ ତ ଧାନଗଛ ନାହିଁ ତୁମେ କ'ଣ କଲ ?' ଅଠର ଓଲୁ ଉତ୍ତର ଦେଲେ, ତୁମେ ବାଛିବାକୁ କହିଲ, ଆମେ ବାଛି ସଫା କରିଦେଲୁ । ମହାଜନ ବୁଢା ଅନୁତାପ କଲେ ଓ ସେମାନଙ୍କୁ ଘରୁ ବିଦା କରିଦେଲେ । ସେମାନେ ଯିବେ ବା କୁଆଡେ ? ଭିକ ମାଗି ବୁଲିଲେ । ରୋଷେଇ କରିବେ କେଉଁଠି ? ଗୋଟିଏ ପୋଖରୀ ତୁଠରେ ଧୋବା ଲୁଗା କାଚି ହାଣ୍ଡିରେ ରଖିଥିଲା । ସେଇ ହାଣ୍ଡିଟିକୁ ଆଣି ଅଠର ଓଲୁ ସେଇଥିରେ ରୋଷେଇ କଲେ । ବର୍ତ୍ତମାନ ଭାଗବଣ୍ଟା ପାଳି । କିଏ ବାଢିବ ? ଗୋଟିଏ ଉପାୟ ସ୍ଥିରକଲେ । ମଝିରେ ହାଣ୍ଡିଟିକୁ ଥୋଇ ତା ଚାରିପଟେ ବସିଗଲେ । ଯିଏ ଆଗ କଥା କହିବ, ସିଏ ବାଢିବ । ସମସ୍ତେ ଗୁମ୍ ହୋଇ ବସିରହିଲେ ।

ସେଇ ସମୟରେ ଜଣେ ବ୍ରାହ୍ମଣ ପାଖ ଦେଇ ଯାଉଥିଲା । ଅଠର ଓଲୁଙ୍କୁ ଦେଖି ପଚାରିଲା, 'ଆରେ ରନ୍ଧା ତ ସରିଛି, ବାଢି ଖାଉନ କାହିଁକି ?' ତଥାପି କେହି କିଛି କହିଲେନି । ବ୍ରାହ୍ମଣ ଗୋଟିଏ ଲୁହାଛଡ ହାତରେ ଧରିଥିଲା । ତାକୁ ନିଆଁରେ ତତାଇଦେଲା । ମନଭରି ଭୋଜନ କରି ସାରିବା ପରେ ସମସ୍ତ ଓଲୁଙ୍କ ଗାଲରେ ଥରେ ଥରେ ଚେଙ୍କ ଦେଇଦେଲା । ପୁନର୍ବାର ଚେଙ୍କଦେଲା ବେଳକୁ ଜଣେ ଓଲୁ ବଡପାଟିରେ କହିଲା, 'ହାଁ ହାଁ ସମସ୍ତଙ୍କୁ ଥରେ ଥରେ ଦେଲୁ, ମୋତେ କାହିଁକି ଦୁଇଥର ଦେଉଛୁ ?' ଏତିକି କଥା ଶୁଣି ସମସ୍ତେ ଏକାବେଳରେ ପାଟିକରି ଉଠିଲେ । ତୁ ଆଗ କଥା କହିଛୁ, ତୁ ବାଢିବୁ ।

ସେଇ ପାଟିରେ ବ୍ରାହ୍ମଣ ଡରିଯାଇ ସେ ସ୍ଥାନ ଛାଡି ଛୁ ।

ଏମିତି ଅଠର ଓଲୁ ଦିନକୁ ଦିନ କିଛି କିଛି ଅଭିଆଣ କରି ଚାଲିଛନ୍ତି । ❑

*(ଷଷ୍ଠ ବର୍ଷ) ଓଡିଆ ଭାଷା ସାହିତ୍ୟ ବିଭାଗ,*

*ବାଣୀବିହାର*

# ସଭିଙ୍କୁ ପଦିଏ...

◆ ଶିବରାମ ମହାପାତ୍ର

ସମାଜର ଭୌତିକ ଅଗ୍ରଗତି ସହ ତାଳଦେଇ ମାନବ ସଭ୍ୟତା ଉନ୍ନତରୁ ଉନ୍ନତତରକୁ ଗତି କରୁଛି। ତେବେବି ଆଜି ଦିନରେ ଏଥିରେ କିଛି ଅଭାବ ରହିଯାଉଛି, ଉପହାସ କରୁଛି। ରାମଦାସ୍‌ରୁ ରେଢେନ୍ସା ଯାଏଁ, ନଗଡ଼ାରୁ ନୂଆପଡ଼ା ଯାଏଁ ସବୁଠି ଅଶାନ୍ତି ଓ ଦାରିଦ୍ର୍ୟର ସୂକ୍ଷ୍ମ ଚିତ୍ର ଏହାର ନଗ୍ନ ନମୁନା ମାତ୍ର। କିନ୍ତୁ ଏହାର ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କଲେ ଅଧୁନା ଏହା କେତେ ବ୍ୟାପକ ତାହା କହିବା କାଠିକର ପାଠ।

ଏହା ସତ୍ୟ ଯେ ସବୁର ପରିପୂର୍ଣ୍ଣତା ସର୍ବଦା ଅସମ୍ଭବ। କାରଣ ସେମିତି ଦେଖିବାକୁ ଗଲେ କେଉଁଠି ଅଛି ପଦମର୍ଯ୍ୟାଦା ଓ ଧନର ପ୍ରାଚୁର୍ଯ୍ୟ ମାତ୍ର ଶାନ୍ତି ନାହିଁ। କେଉଁଠି ଶାନ୍ତି ଅଛି ମାତ୍ର ଧନ ଓ ପଦମର୍ଯ୍ୟାଦା ନାହିଁ। ହଂସ ପରି ବେଶଭୂଷାକୁ ଚିକ୍କଣ ସଜାଇ ବାବୁ ବାବୁଆଣୀ ହୋଇ ବୁଲିବାରେ ସଭିଙ୍କର ଟିକେ ସଉକ୍ ଅଛି। ପକେଟ୍‌ରେ ପଇସା ନଥାଉ ପଛେ, ହେଲେ ମଟରଗାଡ଼ି ଚଢ଼ି ଚିପା ଜିନ୍ସ ପ୍ୟାଣ୍ଟ ସାର୍ଟ ପିନ୍ଧି ନିଜଆଡ଼କୁ ଅନ୍ୟକୁ ଆକର୍ଷିତ କରିବାରେ ବେଶ୍ ଧୂରନ୍ଧର ଆମେ। କାଉପରି ପର ଜିନିଷରେ ଆଖି ପକାଇବା ଆମର ନିତିଦିନିଆ ଅଭ୍ୟାସ। ଏଣୁ, ପରଧନ ହରଣ ଓ ପରନାରୀ ଧର୍ଷଣରେ ଲିପ୍ତ ହୋଇ ନିତି ଖବରକାଗଜର ମୁଖ୍ୟ ପୃଷ୍ଠା ମଣ୍ଡନ କରୁଛୁ। ତେବେ ଏହାଦ୍ୱାରା କିଛି ହେଉକି ନ ହେଉ; ହେଲେ ଯେଉଁଠି ଗାନ୍ଧି, ଗୋପବନ୍ଧୁଙ୍କ ଭଳି ମହାମାନବଙ୍କ ଫଟୋ ସ୍ଥାନିତ ହେଉଥିଲା ଅନ୍ତତଃ ସେଇଠି ଆମ ଫଟୋଚିତ୍ର ସ୍ଥାନିତ ହୋଇପାରୁଛି !

ସୁତରାଂ, ଆଜିର ଏହି ଅବସ୍ଥା ପାଇଁ ଯେ କେବଳ କେତେଜଣ ନିର୍ଦ୍ଦିଷ୍ଟ ବର୍ଗର ଲୋକ ଦାୟୀ ସେକଥା ନୁହେଁ। ଏଥିପାଇଁ ସଭିଏଁ ସମପରିମାଣରେ ଦାୟୀ। ଷୋହଳ-ବୟସୀ ଝିଅକୁ କଲେଜ ପଠେଇ ସାଙ୍ଗରେ ଧରେଇ ଦଉଛେ ଆଣ୍ଡ୍ରୋଏଡ୍ ମୋବାଇଲ୍। ପରବର୍ତ୍ତୀ ସମୟରେ ମୋବାଇଲ୍‌ରୁ ସୃଷ୍ଟି ହେଉଛି ପ୍ରେମ। ଫେସ୍‌ବୁକ୍, ହ୍ୱାଟ୍‌ସପ୍‌ରେ ବେଶ୍ ଭାବ ଦିଆନିଆ ହେଉଛି। ଶେଷରେ ଏହାର ଚରମ ପରିଣତି, ଝିଅ ଧରମ ଭାଇକୁ ପ୍ରେମ କରି ଫେରାର୍ ହୋଇଯାଇଛି। ଥରେ ଚିନ୍ତା କରନ୍ତୁ ତ, ଏହି ଘଟଣା ପାଇଁ କ'ଣ କେବଳ ସେ ଝିଅ ହିଁ ଦାୟୀ ? ଏଥିରେ ଝିଅର ଅଭିଭାବକଙ୍କର କ'ଣ କିଛି ଦୋଷ ନାହିଁ ? ପାଠପଢ଼ା ଝିଅକୁ ଦାମୀ ଆଣ୍ଡ୍ରୋଏଡ୍ ଫୋନ୍ ଦେବାର କ'ଣ ଆବଶ୍ୟକତା ଥିଲା ? ଯଦି ବା ଆବଶ୍ୟକତା ଥିଲା ତେବେ ଝିଅର ହାବଭାବକୁ ଲକ୍ଷ୍ୟ କରିବା କ'ଣ ଅଭିଭାବକଙ୍କର ଦାୟିତ୍ୱ ନଥିଲା ?

ଆଜି ତମାମ୍ ଖବର ସେଇ ନୈତିକତା ଟିକକର ଅଭାବ। ଏ କ୍ଷେତ୍ରରେ ଆମେ ନିଜକୁ କେତେ ଚିହ୍ନିଛୁ, ଜାଣିଛୁ ଓ ବୁଝିଛୁ, କେତେ ହରାଇଛୁ ଓ କେଡ଼େ ପାଇଛୁ। କେତେ ମାତ୍ରାରେ ଆମର ନୀତି ଓ ଆଦର୍ଶକୁ ଆମେ ମୂଲ୍ୟାୟନ କରିଛୁ ?

ହଁ, ଆଜ୍ଞା ! ଭାରତୀୟ ଭାବରେ ଶାସ୍ତ୍ରବାଣୀକୁ ବେଶ୍ ସମ୍ମାନ ଜଣାଉ ଆମେ। ସେଥିପାଇଁ ତ ପିତାକୁ ସ୍ୱର୍ଗ ଓ ମାତାଙ୍କୁ ସ୍ୱର୍ଗଠାରୁ ବଡ଼ବୋଲି କହୁଛୁ। ହେଲେ, ଶୀତକାକର ରାତିରେ ସେଇ ପିତାମାତା ଖୁଁ ଖୁଁ କାଶୁଥିବା ଦେଖି ସେମାନଙ୍କ ପାଇଁ ଜରାନିବାସ ଖୋଜୁଛୁ। ଭାଇଭାଇର ମିଥ୍ୟା ବାହାସ୍ଫୋଟ ମାରି ଘରୁ ଭାଇକୁ ତଡ଼ି ଶଳାକୁ ରଖୁଛୁ। "ପରୋପକାରାୟ ସ୍ୱର୍ଗାୟ" କହି ଆପଣାର ସ୍ୱାର୍ଥପାଇଁ ପରର ତଣ୍ଟି ଚିପିବାକୁ ପଛାଇନୁ। କଳା ସଂସ୍କୃତିର ବିକାଶ ନାଆଁରେ ଝିଅକୁ ଆଲବମ୍ ଗୀତରେ ସୂକ୍ଷ୍ମବସ୍ତ୍ର ପିନ୍ଧି ନୃତ୍ୟ କରିବାରେ ଆମେ ବେଶି ଗୌରବ ମନେକରୁଛୁ। ଉଚ୍ଚଶିକ୍ଷିତ କରିବା ନାଁରେ ପୁଅଝିଅକୁ ମାତୃଭାଷା ଶିକ୍ଷାରୁ ବଞ୍ଚିତ କରି ଇଂଲିଶ୍ ମିଡ଼ିୟମ୍ ସ୍କୁଲ୍‌ରେ ନାମ ଲେଖାଉଛୁ। ଗଣତନ୍ତ୍ର ଆମର, ଆମ ଦ୍ୱାରା ଓ ଆମପାଇଁ ବୋଲି ଛାଡ଼ି ଫୁଲେଇ କହି ଟଙ୍କା ବଦଳରେ ଭୋଟ୍ ତଥା ଗଣତନ୍ତ୍ରକୁ କ୍ଷମତାପିପାସୁ ଲୋକଙ୍କୁ ବିକ୍ରି କରିଦେଉଛୁ। ତେବେ "ଗୋଦରା କୋଡ଼େ ଯେତେ ମାଡ଼େ ସେତେ" ନ୍ୟାୟରେ କେତେଦିନ ଅବା ନିଜକୁ ନ ପରଖି ଏମିତି ଅନ୍ୟ ମୁଣ୍ଡରେ ଅଠା ବୋଳୁଥିବା ?

ଏବେବି ସମୟ ଅଛି, ଆସନ୍ତୁ ଆମ ପୂର୍ବସୁରୀଙ୍କଠୁ ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ଆମ ସରସ ସୁନ୍ଦର ପୃଥିବୀକୁ ଆମ ପରପୀଢ଼ିଙ୍କୁ ମଧ୍ୟ ସେଇ ସମାବସ୍ଥାରେ ଯେକି ଦେବାର ଉତ୍ତର ଦାୟିତ୍ୱ ନେବ। ସାମାଜିକ ପ୍ରାଣୀ ଭାବେ ମାନବିକତାର ବୀଜ ଅଙ୍କୁରିତ ହେବାପାଇଁ ଅନୁକୂଳ ପରିବେଶଟିଏ ରକ୍ଷାକରିବା। ନିଜେ ନିଜର କର୍ତ୍ତବ୍ୟ, ଦାୟିତ୍ୱ ଓ ମୂଲ୍ୟବୋଧକୁ ଦୋହରାଇବା। ପିଲାବେଲୁ ନିଜ ସନ୍ତାନ ସନ୍ତତିକୁ ଚାରିତ୍ରିକ, ଆଧ୍ୟାତ୍ମିକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାପ୍ରଦାନ କରିବା। ଏହାହିଁ ସଭିଙ୍କ ପାଇଁ ପଦିଏ ଅନୁଚିନ୍ତା। ଯାହା ଦ୍ୱାରା ସବୁରି ହୃଦୟରେ ସତ୍ୟ ଶାନ୍ତି, ଦୟା ଓ କ୍ଷମାର କୁସୁମ ପ୍ରସ୍ଫୁଟିତ ହେବ। ଏକ ସୁସ୍ଥ ସମାଜ ଓ ସୁସ୍ଥରାଷ୍ଟ୍ରର ନାଗରିକ ଭାବରେ ଆମ୍ଭେ ମଧ୍ୟ ଗୌରବାନ୍ୱିତ ହେବ। ❑

*ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ*
*ଉତ୍କଳ ବିଶ୍ୱବିଦ୍ୟାଳୟ,*
*ମୋ: ୯୫୫୬୪୮୫୯୧୦*

# ବିଚଳିତ ନାରଦ; ବିମୁଦ୍ରିକରଣ ଓ ଛାତ୍ର ଦୁର୍ନୀତି

◆ ପ୍ରଜ୍ଞାଜୀବନ ଜେନା

ଅଚଳା ଚଳ ନୀଳ ପାଣି ଘେରର ବାସୁକି ନାଗ ଉପରେ ଅନନ୍ତ ଶୟନ କରୁଛନ୍ତି ନୀଳାଦ୍ରି ବିହାରୀ ବିଷ୍ଣୁ। ଲକ୍ଷ୍ମୀ ତାଙ୍କ ପାଦ ସେବାରେ ବ୍ୟସ୍ତ। ଏହି ସମୟରେ ପ୍ରବେଶ କରୁଛନ୍ତି ନାରଦ। ନାରାୟଣ! ନାରାୟଣ! କହି; ପ୍ରଭୁ ନାରାୟଣ ଓ ମା' ଲକ୍ଷ୍ମୀଙ୍କୁ ପ୍ରଣାମ କଲେ। ନାରାୟଣ ଏହା ଶୁଣି ନିଦ୍ରା ପରିତ୍ୟାଗ କରି ଉଠିଲେ। ଆଉ! ନାରଦ ପୃଥିବୀ ପୃଷ୍ଠକୁ ଯାଇଥିଲେ! ସେଠାରୁ କ'ଣ ସମ୍ବାଦ ଆଣିଛ।

ନାରଦ : ଆପଣ ତ ସର୍ବଜ୍ଞ। ଆପଣଙ୍କୁ କ'ଣ କହିବି!

ନାରାୟଣ : ତଥାପି ତୁମ୍ଭ ମୁଖରୁ କିଛି ନ ଶୁଣିଲେ ସାନ୍ତ୍ୱନା ମିଳେ ନାହିଁ।

ନାରଦ : ହେ ପ୍ରଭୁ! ପ୍ରଥମେ ଯାଇ ଆମେରିକା ପ୍ରଦେଶରେ ଅବତରଣ କଲି। ସେଠାରେ ନିର୍ବାଚନ ଦେଖି ଆଶ୍ଚର୍ଯ୍ୟ ହେଲି। ବହୁ ବାଦବିବାଦ ଓ କଳ୍ପନାର ଅନ୍ତ ଘଟାଇ ସବୁଠାରୁ ବିବାଦ ଥିବା ପ୍ରାର୍ଥୀ ରୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି ହେଲେ। ପରେ ଅନ୍ୟ ଦେଶମାନ ବୁଲିଲି। ଆତଙ୍କବାଦ, ଦୁର୍ନୀତି, ହତ୍ୟା ଦେଖି ମୁଁ ତ ପୂରା ନିର୍ବାକ୍ ହୋଇଗଲି। ପରେ ନିଜକୁ ସାନ୍ତ୍ୱନା ଦେବା ପାଇଁ ପବିତ୍ର 'ଭାରତ ବର୍ଷ'କୁ ଗଲି। ସେଠାରେ ଏକ ବିଚିତ୍ର ବାତାବରଣ ଦେଖିଲି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଦୁର୍ନୀତି ବିରୁଦ୍ଧରେ ନେଇଥିବା ସେହି ପଦକ୍ଷେପ ବିମୁଦ୍ରିକରଣ ଏକ ବିଚିତ୍ର ରଙ୍ଗ ନେଇ ଯାଇଥିଲା। ଆତଙ୍କବାଦର କଳାଟଙ୍କା କାରବାର, ଦୁର୍ନୀତି ଟଙ୍କା ସଞ୍ଚୟ, କଳାବଜାରୀ, ନକଲି ଟଙ୍କା କାରବାର ଆଦି ଅନେକ ବିରୁଦ୍ଧରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। କିନ୍ତୁ 'ଏଟିଏମ୍' ମେସିନ ବ୍ୟାଙ୍କ ସାମ୍ନାରେ ଲୋକମାନେ ଛିଡ଼ା ହୋଇ ଯେଉଁଭଳି ଭାବରେ ହନ୍ତସନ୍ତ ହେଉଥିଲେ ତାହା ଦେଖି ଦୁଃଖ ଲାଗିଲା। ହେଲେ ସବୁଠାରୁ

ଆଶ୍ଚର୍ଯ୍ୟ ଲାଗିଲା, ଛାତ୍ର ଓ ଛାତ୍ରୀ ମାନଙ୍କର କାର୍ଯ୍ୟକଳାପ। ମୋ ମୁଣ୍ଡ କାମ କଲା ନାହିଁ।

ନାରାୟଣ : 'ଛାତ୍ରଛାତ୍ରୀ' ମାନଙ୍କର କାର୍ଯ୍ୟକଳାପ। କାହିଁ ? ସେମାନେ କ'ଣ କଲେ କି ? ସେମାନେ ଆତଙ୍କବାଦ ଓ କଳାବଜାରୀରେ ଲିପ୍ତ ?

ନାରଦ : ନା ପ୍ରଭୁ ନା। ଭାରତର ଲୋକ ସଖ୍ୟାରେ ୮୫% ଲୋକମାନଙ୍କର ଟଙ୍କା ୫% ଲୋକମାନଙ୍କ ପାଖରେ ଗଚ୍ଛିତ। ୮୫% ଲୋକ ଯେଉଁମାନଙ୍କ ପାଖରେ ଅଳ୍ପ ପରିମାଣର କଳା ଟଙ୍କା ଗଚ୍ଛିତ, ସେମାନଙ୍କ ମଧ୍ୟରୁ ଛାତ୍ରଛାତ୍ରୀ ମାନେ ଏକ ବଡ଼ ଅଂଶ। ଛାତ୍ରଛାତ୍ରୀମାନେ 'ଟି.ଭି' ଓ ନିଉଜ୍ ପେପର୍ ପଢ଼ି ଦୁର୍ନୀତିକୁ ଏକ ରୋଗ ବୋଲି କହନ୍ତି। ଏହାକୁ ସେମାନେ ସମାଜର ଏକ ବ୍ୟାଧି କହି ସମାଲୋଚନା କରିଛନ୍ତି। କଳାଟଙ୍କା ଓ କଳାଟଙ୍କା ରଖିଥିବା ଲୋକମାନଙ୍କୁ ମଧ୍ୟ ଘୃଣା କରନ୍ତି। ସରସ୍ୱତୀ ଉପାସନା କରୁଥିବା ଛାତ୍ରଛାତ୍ରୀମାନେ ଲକ୍ଷ୍ମୀଙ୍କ ପ୍ରତି ଆକୃଷ୍ଟ ନୁହନ୍ତି, କିନ୍ତୁ କିଛି ଟଙ୍କା ପାଇଁ କେବଳ ସେମାନେ ଏତେ ତଳକୁ ଖସି ଯାଇପାରନ୍ତି ତାହା ଭାବିହେଲା ନାହିଁ।

ନାରାୟଣ : ଆରେ ନାରଦ କ'ଣ ହୋଇଛି କୁହ ?

ନାରଦ : କହୁଛି ପ୍ରଭୁ ! ସେମାନେ ଅଳ୍ପ କେତେକ ଟଙ୍କା ପାଇଁ ନିଜ ବିବେକ ଓ ଚିନ୍ତାଧାରାକୁ ଜଳାଞ୍ଜଳି ଦେଇ ନେତା, ମନ୍ତ୍ରୀ ଆଦି ଦୁର୍ନୀତିଗ୍ରସ୍ତ ଲୋକମାନଙ୍କର ଟଙ୍କାକୁ ନେଇ ବ୍ୟାଙ୍କ୍‌ରେ ଏକ୍ସଚେଞ୍ଜ୍ କରୁଛନ୍ତି। ଯଦି ୮୫% ଲୋକ ୫% ଲୋକଙ୍କର ଟଙ୍କାକୁ ଧଳାଟଙ୍କାରେ ପରିଣତ କରିବେ, ତେବେ ଏହି ପଦକ୍ଷେପର ମାନେ କିଛି ନାହିଁ। ସାଧାରଣ ଅଶିକ୍ଷିତ ଲୋକ ଏହା କଲେ ତାହା ମୁର୍ଖତା କୁହାଯିବ। କିନ୍ତୁ ଶିକ୍ଷିତ ଗୋଷ୍ଠୀ କଲେ ଆମେ ସେମାନଙ୍କୁ କ'ଣ ଶିକ୍ଷିତ କହିପାରିବା ? କେତେଜଣ ଦୁର୍ନୀତିଗ୍ରସ୍ତ ମନ୍ତ୍ରୀ, କିରାଣୀ, ଡାକ୍ତର, ଅଫିସରମାନେ ବି ଟଙ୍କା ରଖି ପୁଣି ଏକ୍ସଚେଞ୍ଜ୍ କଲେ। ଯେଉଁ ଛାତ୍ରମାନେ ଏହି ପଦକ୍ଷେପକୁ ଉତ୍ସାହିତ କରିବା କଥା, ସେମାନେ ମଧ୍ୟ ଦୁର୍ନୀତିଗ୍ରସ୍ତ ହୋଇଗଲେ। ଏହା ଭବିଷ୍ୟତ ପାଇଁ ମହାନ ବିବାଦ।

ନାରାୟଣ : ଚିନ୍ତା କର ନାହିଁ ନାରଦ !

ନାରଦ : କେମିତି ଚିନ୍ତା କରିବି ନାହିଁ ! କରିନଥାନ୍ତି ଯଦି ଛାତ୍ରଛାତ୍ରୀମାନେ ଏପରି କଳା ଟଙ୍କାକୁ ଧଳା କରି ନଥାନ୍ତେ।

ନାରାୟଣ : ନିଜର କର୍ମଫଳ ନିଜେ ଭୋଗ କରିବେ। ସେତେବେଳେ ବେକରି କମିଯିବ। ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀର ଦର ବୃଦ୍ଧି ହେବ। ସେତେବେଳ ନିଜର ଏହି କର୍ମଫଳ ପାଇଁ ଚିନ୍ତା କରି ଦୁଃଖିତ ହେବେ।

ନାରଦ : ହେଲେ, ଚିନ୍ତା କରି ଲାଭ କ'ଣ ? ନେଡ଼ିଗୁଡ଼ କହୁଣିକୁ ବୋହି ଯାଇଥିବ। ❑

*(ରାଜନୀତି ବିଜ୍ଞାନ)*

# ଆଜିର ସମାଜ ଓ ଆମେ

◆ ସୌମ୍ୟାଶ୍ରୀ ତ୍ରିପାଠୀ

ଈଶ୍ୱରଙ୍କ ସୃଷ୍ଟିରେ ଶ୍ରେଷ୍ଠ ଜୀବ ମନୁଷ୍ୟ। ଆଜିର ବିଜ୍ଞାନ ଯୁଗରେ ଏହି ମନୁଷ୍ୟ ନୂତନ ଜ୍ଞାନ ଆହରଣ କରିବାରେ ସମର୍ଥ ହୋଇପାରିଛି। ଅତଳ ସାଗରରେ ବୁଡ଼ିବା ଏବଂ ଅନନ୍ତ ଗଗନରେ ଉଡ଼ିବାର କୌଶଳ ମଧ୍ୟ ମନୁଷ୍ୟକୁ ଆଉ ଅଜଣା ହୋଇ ରହିନାହିଁ। ମାତ୍ର ଆଜିର ଏକବିଂଶ ଶତାବ୍ଦୀରେ ଉପନୀତ ମନୁଷ୍ୟ ସମାଜ ପାସୋରି ଯାଇଛି ନିଜର ନୈତିକତା, ସଂସ୍କୃତି, ପରୋପକାର, ଦୟା, କ୍ଷମା, ଭକ୍ତି ଭଳି ଦୁର୍ଲଭ ସୁଗୁଣ ସବୁକୁ। ଆଜି ହଜିବାକୁ ବସିଚି ଆମ ଓଡ଼ିଆ ପରମ୍ପରା। ହିଂସା, ଈର୍ଷା, ଲୋଭ, ମୋହ, ପରଶ୍ରୀକାତରତା ଭଳି ଦୁର୍ଗୁଣ ମାନ ଆଜି କବଳିତ କରିଛି ମଣିଷ ସମାଜକୁ। କେଉଁଟା ଠିକ୍ ଏବଂ କେଉଁଟା ଭୁଲ୍, ତାହା ଆମେ ବିଚାର କରିପାରୁନେ। ଅର୍ଥାତ୍, ଆମ ମଧ୍ୟରେ ନୀତିଶିକ୍ଷାର ଅଭାବ ରହିଛି। ଆଜିକାଲିର ପିଲାମାନେ ନିଜ ପିତାମାତା ତଥା ଗୁରୁଜନମାନଙ୍କୁ ସମ୍ମାନ ଦେଖାଇବାରେ କୁଣ୍ଠା ଅନୁଭବ କରୁଛନ୍ତି। ଏସବୁର କାରଣ କ'ଣ ହୋଇପାରେ ? ? କାରଣ ଏହି କି ଯେ ଆମମାନଙ୍କ ଭିତରେ ଅହଂ ଭରି ରହିଛି। ତାହା ଅର୍ଥ କିମ୍ବା ଜ୍ଞାନ ସମ୍ବନ୍ଧୀୟ ଅହଂ ହୋଇଥାଇପାରେ। ଏଣୁ ଜୀବନରେ ଉନ୍ନତି କରିବା ନିମନ୍ତେ ସର୍ବପ୍ରଥମେ ଅହଂଭାବ ତ୍ୟାଗ କରିବା ଉଚିତ୍। ଏତଦ୍‌ଭିନ୍ନ ଆମେ କେବେହେଁ ସଫଳ ହୋଇପାରିବା ନାହିଁ। ପୁନଶ୍ଚ 'ସହନଶୀଳତା' ଏକ ଐଶ୍ୱରୀୟ ଗୁଣ। ପ୍ରତିଟି ବ୍ୟକ୍ତି ମଧ୍ୟରେ ଏହି ଗୁଣ ରହିବା ଉଚିତ୍। ନିଜ ଭାଷା, ନିଜ ସଂସ୍କୃତି ତଥା ପରମ୍ପରାକୁ ସମ୍ମାନ ଦେବା ଏବଂ ଏ ସବୁର ମାନ ବଢ଼ାଇବା ପାଇଁ କାର୍ଯ୍ୟ କରିବା ଉଚିତ୍। ଏତଦ୍‌ଦ୍ୱାରା ନିଜର ଉନ୍ନତି ହେବା ସହ ନିଜ ଜାତି ତଥା ରାଷ୍ଟ୍ରର ଉନ୍ନତି ସମ୍ଭବ ହୋଇଥାଏ। ଆଜିକାର ଛାତ୍ରଛାତ୍ରୀ ଆଧୁନିକତାର ଦ୍ୱାହି ଦେଇ କୁପଥଗାମୀ ହେଉଛନ୍ତି। ଏ ବିଜ୍ଞାନ ଯୁଗରେ ଜ୍ଞାନ ଆହରଣ କରି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାରେ ସମର୍ଥ ହେଉଛନ୍ତି।

ମାତ୍ର ଜୀବନର ଅସଲ ଶିକ୍ଷା ପରିପୂର୍ଣ୍ଣ ହୋଇପାରୁ ନାହିଁ। ବିଜ୍ଞାନର ଅପବ୍ୟବହାରକୁ ଯୁବସମାଜ ଆପଣାଇଛି। ଶାନ୍ତିରୁ ଅଶାନ୍ତିକୁ ବାଛି ନେଇଛି। ବଢ଼ିଛି ଔଦ୍ଧତ୍ୟ। ଫୁଲକୁ ଆଡ଼େଇ ଦେଇ କଣ୍ଟାର ମାର୍ଗ ବାଛି ନେଇଛି ଆଜିର ମଣିଷ ସମାଜ। ନିଜର ନୀତିଶିକ୍ଷା, ସଂସ୍କାରକୁ ପାସୋରିଯାଇ ସେ ଲିପ୍ତ ହେଉଛି ନାନାଦି କୁକର୍ମରେ। ଆଜି ଆମ ଦେଶ ଭାରତରେ ବ୍ୟଭିଚାର ବଢ଼ିବାରେ ଲାଗିଛି। ଦିନ ଦ୍ୱିପ୍ରହରେ ରାସ୍ତା ଉପରେ ହତ୍ୟା, ଲୁଟ୍, ଡକାୟତି ମଧ୍ୟ ଆଦି ବି ସମାଜରେ ନିଜର କାୟା ବିସ୍ତାର କରିଛି। ଏ ସବୁ ପାଇଁ ଦାୟୀ କିଏ ?

ପ୍ରଥମେ ନିଜକୁ ସଜାଡ଼ିବାର ପ୍ରୟାସ କରିବା ଉଚିତ୍। ନିଜ ପରିବାରରେ ପିତାମାତା ଏବଂ ଗୁରୁଜନମାନଙ୍କୁ ସମ୍ମାନ ଦେବା ଉଚିତ୍। ଠିକ୍ ସେହିଭଳି ଶିକ୍ଷାନୁଷ୍ଠାନରେ ମଧ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କୁ ସମ୍ମାନ କରିବା ଉଚିତ୍। ନିଜର ନୈତିକ ଶିକ୍ଷ୍ୟା ଏବଂ ସମାଜିକ ମୂଲ୍ୟବୋଧକୁ ବଜାୟ ରଖି କାର୍ଯ୍ୟ କରିବା ଏବଂ କୌଣସି ପରିସ୍ଥିତିରେ ଅସତ ଉପାୟ ଅବଲମ୍ବନ କରିବା କରଣୀୟ ନୁହେଁ। ଅର୍ଥାତ୍ ଏହି ଅତ୍ୟାଧୁନିକ ବିଜ୍ଞାନ ଯୁଗରେ ଅବତୀର୍ଣ୍ଣ ହୋଇ ମଧ୍ୟ ଆମେ ଆମର ଶିକ୍ଷା, ସଂସ୍କୃତି, ସାହିତ୍ୟ, ପରମ୍ପରାକୁ ଅତୁଟ ରଖିବା ଆବଶ୍ୟକ। କେବଳ ଶାନ୍ତି ମାଧ୍ୟମରେ ହିଁ ପ୍ରଗତି ସମ୍ଭବ। ଶାନ୍ତି ବ୍ୟତିରେକ ମଣିଷ ପଶୁତୁଲ୍ୟ। ସୁତରାଂ ନିଜ ନିଜ ଭିତରେ କଳହ, ଈର୍ଷା, ହିଂସାଭାବ ଆଦିକୁ ତ୍ୟାଗ କରି ବନ୍ଧୁତା ସ୍ଥାପନ କରିବା ଉଚିତ୍ ଏବଂ ଆବଶ୍ୟକ ସମୟରେ ଅନ୍ୟକୁ ସାହାଯ୍ୟ କରିବା ଉଚିତ୍। ଏହାଦ୍ୱାରା ଭ୍ରାତୃଭାବ ଅତୁଟ ରହେ ଏବଂ ସମାଜରେ ସୁଖ, ଶାନ୍ତି ବିରାଜ କରେ।

ଏଣୁ ତାଳପଦେଶ୍ୱରୀ ମା'ଙ୍କ ପାଖେ ଏହା ହିଁ କାମନା ଯେ ସମାଜରେ ସୁଖ, ଶାନ୍ତି, ସଦ୍‌ଭାବ ଆଦି ବଜାୟ ରହୁ ଏବଂ ସମସ୍ତେ ସମାଜର ମଙ୍ଗଳ ସାଧନାରେ ନିଜକୁ ନିୟୋଜିତ କରନ୍ତୁ। ❑

*ରମାଦେବୀ ଛାତ୍ରୀ ନିବାସ*

*ବିଭାଗ* - PMIR (*୧ମ ବର୍ଷ*)

# ସାତ ଦଶନ୍ଧିର ସ୍ୱାଧୀନତା

◆ ତରଙ୍ଗ ଦେହୁରୀ

ସଦାଶିବପୁର ଗାଁ ସାରା ଲୋକମାନଙ୍କର ଧାଁ ଧପଡ଼, ବିଚାର-ବିମର୍ଷ, ଆଲୋଚନା-ପର୍ଯ୍ୟାଲୋଚନା ଆଦି ଚାଲିଥାଏ। ସବୁବେଳେ ଖାଁ ଖାଁ ଲାଗୁଥିବା ଗାଁର ଓସାରିଆ ପକ୍କା ରାସ୍ତାଟି ଆଜି ଖୁବ୍ ଚଞ୍ଚଳ ଲାଗୁଥାଏ। ପାହାନ୍ତାରୁ ଗାଁ ଦାଣ୍ଡକୁ ଝାଡୁ ପାରି ପାଣି ପକାଇ ସଫା କରି ଦିଆଯାଇଥାଏ। ମଝି ଗାଁରେ ଥିବା ଛୋଟ ପଡ଼ିଆରେ ଟେଣ୍ଟ୍ ଭିଡ଼ା ଯାଇ ସଭାସ୍ଥଳକୁ ପ୍ରସ୍ତୁତ କରାଯାଉଥିଲା। ପୂରା ଗାଁରେ ସକାଳୁ ସକାଳୁ ପ୍ରାୟ ପ୍ରତ୍ୟେକ ଘରକୁ ବରଫ ଦିଆ ରୋହି, ଭାକୁର ଯୋଗାଇ ଦିଆଯାଇଥାଏ। କାରଣ ଆଜି ଗାଁକୁ ମାନ୍ୟବର ବିଧାୟକ ଏବଂ ଜିଲ୍ଲାପାଳ ମହୋଦୟ ଆସିବାର ଅଛି। ସରକାରୀ ଯୋଜନାର ପ୍ରଚାର ତଥା ଏହା ଦ୍ୱାରା ହେଉଥିବା ରାଜ୍ୟର ଉନ୍ନତି (!) ପ୍ରମାଣ ଓ ପ୍ରକାଶ କରିବା ପାଇଁ। ବହୁ ପୂର୍ବରୁ ସଭା ପାଇଁ ଲୋକ ଯୋଗାଡ଼ କରିବାକୁ ଗ୍ରାମର କୁଜି ନେତାମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତେଣୁ ସକାଳୁ ସକାଳୁ ବରଫ ହାଇବ୍ରିଡ଼ ଦ୍ୱାରା ଅଘୋଷିତ ନିର୍ଦ୍ଦେଶ ଯାଇଥିଲା ଦିନ ଦୁଇଟା ସୁଦ୍ଧା ସଭାରେ ପହଞ୍ଚିବା ପାଇଁ। ନ ପହଞ୍ଚିଲେ କାଣି ବିଲେଇର କୁଜି ଅସରପାମାନଙ୍କ ଉପରେ ଉତ୍ପାତ କଥା କାହାକୁ ଅଛପା ନଥିବ!

ସଦାଶିବପୁର ଗାଁର ସେହି ସଭାସ୍ଥଳର ଠିକ୍ ପଛପାଖରେ ଥିବା ବୁଢ଼ୀଟିର କିନ୍ତୁ ଏଥିପ୍ରତି ଭୃକ୍ଷେପ ନଥାଏ। ତା'ର ଛୋଟ ନୁଆଁଣିଆ ଝାଟିମାଟି ଘରଟି ଟେଣ୍ଟ୍ ଦ୍ୱାରା ସଂପୂର୍ଣ୍ଣ ଲୁଚିଯାଇଥାଏ। ରୋଗୀଣା ବୁଢ଼ୀଟିର ବୟସ ପାଖାପାଖି ୫୫ କି ୬୦ ହେବ। କିନ୍ତୁ ଦେଖିଲେ ଲାଗିବ ୯୦ ବର୍ଷର ଦୁଃସ୍ଥ ବୃଦ୍ଧାଟିଏ। ଯୁବା ବୟସରେ ତା'ର ଚାରି ଚାରିଟି ପିଲାଛୁଆ ଆଗପଛ ହୋଇ ଦୁଇଜଣ ଜନ୍ମବେଳେ ତ ଜଣେ ୨-୩ ବର୍ଷର ଏବଂ ଆଉଜଣେ ୬ ବର୍ଷ ବୟସରେ ମୃତ୍ୟୁ ମୁଖରେ ପଡ଼ିଥିଲେ। ବୋଧହୁଏ ଅପପୁଷ୍ଟି କିମ୍ବା ଚିକିତ୍ସାର ଅବହେଳା ହିଁ ଏହାର ମୁଖ୍ୟ କାରଣ ଥିଲା। ଅବହେଳା ତ ନୁହେଁ ଚିକିତ୍ସାର ଅଭାବ କୁହାଯିବା ହିଁ ଠିକ୍ ହେବ। କୋଉ ବାପା ମାଆ ତା'ର ଛୁଆକୁ ମରଣ ମୁହଁକୁ ଠେଲି ଦେଇଥାଏ? ଏହାପରେ ଦୁର୍ଭାଗା ବୁଢ଼ୀଟିର ସ୍ୱାମୀ ମଧ୍ୟ ଦୁରାରୋଗ୍ୟ ବ୍ୟାଧିରେ ପଡ଼ି ଆରପାରିକୁ ଚାଲିଗଲା। ସେତେବେଳକୁ ତା'ର ବୟସ ପ୍ରାୟ ୩୫ ବର୍ଷ ପାଖାପାଖି ହୋଇଥିବ। କିନ୍ତୁ ଏତେ ସବୁ ପରେ ମଧ୍ୟ ବିଧବା ସ୍ତ୍ରୀଲୋକଟି ଧୈର୍ଯ୍ୟହରା ହୋଇନଥିଲା। ପରଘରେ ମୂଲ ଲାଗି, ବାସନ ମାଜି ଜୀବନ ବିତାଉ ଥିଲା। ଆଜିକାଲିର ପିଲାମାନେ ଟିକେ ଦୁଃଖ କଷ୍ଟ ପଡ଼ିଲେ ଆତ୍ମହତ୍ୟା କଥା ଭାବୁଛନ୍ତି। ପରୀକ୍ଷାରେ ଖରାପ କଲେ କିମ୍ବା ପ୍ରେମରେ ବିଫଳ ହେଲେ ଆତ୍ମହତ୍ୟାକୁ ହିଁ ଏକମାତ୍ର ଆଶ୍ରା ଭାବି ନେଉଛନ୍ତି। ସେମାନେ ନିଶ୍ଚୟ ବୁଢ଼ୀଟିର ଧୈର୍ଯ୍ୟ ତଥା ସହିଷ୍ଣୁତାର ଅନୁକରଣ କରିବା ଉଚିତ୍। ଜୀବନର ଲକ୍ଷ୍ୟ ହରାଇ ସାରିଥିବା ବୁଢ଼ୀଟିର ମୂଲ ଲାଗିବା, ରୋଷେଇ କରିବାମାନେ ପଖାଳ ଆଉ ପୋଡ଼ାପୋଡି କିଛି ଅତି ବେଶୀରେ କେବେ କେବେ ପାଣିଆ ଡାଲି ଟିକିଏ କରିବା ତଥା ନିଜ ଝାଟିମାଟିର ଘରକୁ ସଜାଡ଼ିବା ହିଁ ଥିଲା ତା'ର ମୁଖ୍ୟ କାମ। ନିଜର ବୋଲି କହିଲେ ଦୁଇ ଡିସିମିଲି ଘରଡିହ ଏବଂ ୧୦-୧୨ ଗୁଣ୍ଠ ନୁଖୁରା ଜମି ଛଡ଼ା ଆଉ କିଛି ନଥିଲା। ସେହି ଜମିକୁ ମଧ୍ୟ କିଛି ଖଳ ପ୍ରକୃତିର ଲୋକ ବୁଢ଼ୀକୁ ଲୋଭ ଦେଖାଇ ତଥା ଛଳନା କରରି ନିଜ ନାମରେ କରିନେଲେ। ଏଣୁ ମୂଲ ଲାଗିବା ହିଁ ତା'ପାଇଁ ବଞ୍ଚିବାର ଏକମାତ୍ର ରାସ୍ତା।

ଏମିତି ପ୍ରାୟ ୨୦ ବର୍ଷ ବିତିଗଲା। ଏଇ କିଛି ବର୍ଷ ପୂର୍ବେ ତା'ର ଜଣେ ସଂପର୍କୀୟ ତା' ଘରଡିହରେ ରହିବ ଏବଂ ବୁଢ଼ୀର ସେବା ଯତ୍ନ କରିବ ବୋଲି ପ୍ରତିଶ୍ରୁତି ଦେଲା। ଅସହାୟ ବୃଦ୍ଧାଟି ତା'ର ପ୍ରଲୋଭନରେ ରାଜି ହୋଇଗଲା ନଈ ବଢିରେ ଭାସିଯାଉଥିବା ବେଳେ ଛୋଟ କାଠଗଣ୍ଡିଟିଏ ମଧ୍ୟ ଜୀବନଦାୟୀ ହୋଇଥାଏ। କିନ୍ତୁ ତାହା ଯଦି ଏକ ବୃହତ୍ କୁମ୍ଭୀରର ମୁଖମଣ୍ଡଳ ହୋଇଥାଏ? ଠିକ୍ ସେୟା ହିଁ ହେଲା ବିଚରୀ ନିରୀହା ବୁଢ଼ୀ କ୍ଷେତ୍ରରେ। କର୍ମ ଉପରେ ବୁଢ଼ୀଟି

କ୍ରମେ ଅତ୍ୟନ୍ତ ଦୁର୍ବଳ ହୋଇଗଲା। କ୍ରମେ ବିଭିନ୍ନ ରୋଗ ମଧ୍ୟ ଗ୍ରାସିବା ଆରମ୍ଭ କଲା। ପ୍ରଥମେ ପ୍ରଥମେ ଭଲ ସେବା ଯତ୍ନ କରୁଥିବା ସମ୍ପର୍କୀୟଟି ତା'ର ଅସଲ ରୂପ ଦେଖାଇବା ଆରମ୍ଭ କଲା। ବୁଢ଼ୀ ଘରଡିହରେ ତା' ପାଇଁ ଭଲ ଘର ଖଣ୍ଡେ କରି ରହିଲା। ବୁଢ଼ୀକୁ ସେହି ଝାଟିମାଟିର ଘରେ ହିଁ ରହିବାକୁ ପଡ଼ିଲା। ଏତେ ଦୁଃଖ କଷ୍ଟ ସହୁଥିବା ବୁଢ଼ୀଟି ସରକାରଙ୍କ ସମସ୍ତ ଭତ୍ତା ତଥା ସହାୟତା ପାଇବାକୁ ହକ୍‌ଦାର୍ ଥିଲା। କିନ୍ତୁ ସରକାରୀ କଳ ଯେ ରାଜନୈତିକ ଗୁଣ୍ଡାମାନଙ୍କ ହାତ ମୁଠାରେ। କୁଜି ନେତାମାନଙ୍କ ଚତୁରୀ ଯୋଗୁଁ ବୁଢ଼ୀଟି କେବଳ ୨ଶହ ଟଙ୍କା ଛଡ଼ା ଅନ୍ୟ କିଛି ପାଉନଥିଲା। ସେତକ ପୁଣି ବହୁ କାକୁତି ମିନତି, ଧାଁ ଧଉଡ଼ କଲା ପରେ। କିନ୍ତୁ ଅସୁସ୍ଥତା ହେତୁ ଏବେ ନିଜେ ଯାଇପାରୁ ନ ଥିବାରୁ ସଂପର୍କୀୟଟି ଭତ୍ତା ଆଣିବାକୁ ଯାଏ ଏବଂ ତାହା ମଧ୍ୟ ବୁଢ଼ୀକୁ ଦିଏ ନାହିଁ। କେବଳ ଦୁଇ ଓଳି ଦି'ମୁଠା ପଖାଳ ପକାଇ ଦିଏ ବୁଢ଼ୀ ମୁହଁକୁ। ପୋଥି ନଥି କଥା ପଚାରେ କିଏ? ବେଳେବେଳେ ତ ଦୁଇଓଳି ଠିକ୍‌ରେ ଖାଇବାକୁ ମଧ୍ୟ ଦିଏ ନାହିଁ। ତା' ସାଙ୍ଗକୁ ତା' ସ୍ତ୍ରୀର ଅସହ୍ୟ କର୍ଣ୍ଣକଟୁ ଗାଳି ଗଂଜଣା...

ଓଃ! ଏତେ ସବୁ ଭିତରେ ବୁଢ଼ୀଟି ଘାଣ୍ଟି ହୋଇଯାଉଥିଲା। ଆଜି ସକାଳୁ ମାଗଣା ମାଛ ପଖାଳ ଖାଇ ସମ୍ପର୍କୀୟର ପୂରା ପରିବାର ବାରଟା ବେଳକୁ ସଭାସ୍ଥଳକୁ ବାହାରି ଯାଇଥିଲେ। ଗ୍ୟାସ୍ ଯନ୍ତ୍ରଣାରେ ପେଟ ଫାଙ୍କା ନଥିବାରୁ ବୁଢ଼ୀଟି ପରେ ଖାଇବ ବୋଲି କହିବା ଯୋଗୁଁ ସଂପର୍କୀୟର ସ୍ତ୍ରୀ ରାଗ ଗରଗର ହୋଇ ମାଛଲାଞ୍ଜି ଖଣ୍ଡେ ଏବଂ ପଖାଳ କଂସାଏ ଦୁଆର ମୁହଁରେ ଥୋଇ ଯାଇଥିଲା। ହଠାତ୍ ଦିନ ଦୁଇଟା ବେଳେ ପେଟ ଖାଲି ଖାଲି ଲାଗିବାରୁ ଖାଇବାକୁ ଉଠିଲା ବେଳକୁ ଶଙ୍ଖୀ ବିଲେଇଟି ମାଛ ଖଣ୍ଡ ଧରି ମ୍ୟାଉଁ ମ୍ୟାଉଁ ହୋଇ ଆନନ୍ଦରେ ଖାଇ ଚାଲିଥାଏ। ବିଚାରୀ ବୁଢ଼ୀଟିର କୁଆଡେ ଯିବାକୁ ଶକ୍ତି ନଥାଏ। ସ୍ତ୍ରୀଲୋକଟି ମଧ୍ୟ ରୋଷେଇଘର ତାଲା ମାରି ଚାଲିଯାଇଥିଲା। କାଳେ ବୁଢ଼ୀ ଅଧିକ କିଛି ଖାଇଦେବ! ତେଣୁ ଲୋଟାରୁ ପାଣି ଢୋକେ ପିଇ ବୁଢ଼ୀଟି ଅଚେତପ୍ରାୟ ଲୋଟିଗଲା ଚିରା କତରା ଉପରେ। "ପାଠକ ମହାଶୟ, ବୁଢ଼ୀର ଦୁଃଖରେ ସମଭାଗୀ ହେଲେ, ଭଲ କଥା। କିନ୍ତୁ ଏହି ବୃଦ୍ଧା ବିଷୟରେ ଅଧିକ ନ ଭାବି ନିଜ ପାଖର ଭୋକିଲା ଲୋକକୁ ଅତି କମ୍‌ରେ ମାସରେ ଥରେ ସାହାଯ୍ୟ କଲେ ଲେଖକ ଆପଣଙ୍କ ଦ୍ୱାରା ଚିରୋପକୃତ ହେବ।"

ଏବେ ସଭାସ୍ଥଳକୁ ଆସିବା। କୋଉ ନେତା ମନ୍ତ୍ରୀ ବା ସଭାସ୍ଥଳକୁ ଠିକ୍ ସମୟରେ ଯାଆନ୍ତି। ଠିକ୍ ସମୟରେ ଗଲେ ନିଜ ଓଜନ କମିଯିବନି? ଯିଏ ଲୋକମାନଙ୍କୁ ଅପେକ୍ଷା ନ କରାଏ ସିଏ କ'ଣ ନେତାରେ ଗଣା? ସେ ଯାହାହେଉ, ସାଢ଼େ ୩ଟା ବେଳେ ବିଧାୟକ ଏବଂ ଜିଲ୍ଲାପାଳ ମହୋଦୟ ପହଞ୍ଚିଲା ପରେ କାର୍ଯ୍ୟକ୍ରମ ଆରମ୍ଭ ହେଲା। ମାନ୍ୟବର ବିଧାୟକ ଉଚ୍ଚ ସ୍ୱରରେ ଡାକବାଜି ଯନ୍ତ୍ରରେ କହୁଥିଲେ– "ଆମ୍ଭର ସ୍ୱାଧୀନତାକୁ ୭୦ ବର୍ଷ ପୂରଣର ହୋଇଛି। ଆମ୍ଭ ସରକାର ରାଜ୍ୟକୁ କେତେ ଆଗକୁ ନେଇଛି। ଲୋକଙ୍କ ପାଇଁ ବହୁତ ଯୋଜନା କରୁଛି। ବିଧବା, ବୁଢ଼ାବୁଢ଼ୀ ତଥା ଅସହାୟ ନିଷ୍ପେସିତ ମାନଙ୍କ ନିମନ୍ତେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ବୟସ୍କ ମାନଙ୍କୁ ମାଗଣାରେ ଚାରିଧାମ ବୁଲାଇବାର ବ୍ୟବସ୍ଥା କରୁଛି...

ସେଆଡ଼େ ଚାରିଧାମ କଥା ଛାଡ଼, ପଡ଼ିଶା ଘରକୁ ଖାଇବାକୁ ଯିବାପାଇଁ ଶକ୍ତି ପାଉ ନଥିବା ବୁଢ଼ୀଟି ମୋଡ଼ିମାଡ଼ି ହୋଇ ପଡ଼ି ରହିଥାଏ। ତା'ର ଇଚ୍ଛା ହେଉଥିଲା ସଭାସ୍ଥଳକୁ ଯାଇ ନେତା ସାହେବମାନଙ୍କୁ ତାଙ୍କ ସରକାର ଦ୍ୱାରା ହେଉଥିବା ଉନ୍ନତିକୁ (!) ଦେଖାଇଦେବ। କିନ୍ତୁ ଉଠିବା ପାଇଁ ମଧ୍ୟ ଶକ୍ତି ନଥିଲା ଶୁଖିଲା ଦେହରେ। କେବଳ ଦୁଇଧାର ଲୁହ ବୋହି ଯାଉଥିଲା ଦୁଇ ଆଖିରୁ, ଲହୁଧାର ପ୍ରାୟ...

ସ୍ୱର୍ଗଧାମରେ ଥାଇ ବାପୁ ନିଶ୍ଚୟ ଦେଖୁଥିବେ ଦେଶ କେତେ ଉନ୍ନତି କରିଛି, ରାଜ୍ୟ କେତେ ଆଗେଇଛି, ଇଂରେଜମାନେ ଦେଶ ଛାଡ଼ିବାର ସାତ ଦଶନ୍ଧି ପରେ ଭାରତ ମାତା କେତେ ଦୂର ସ୍ୱାଧୀନ ହୋଇଛି। ସାଧାରଣର ନାଗରିକମାନଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଦେଇ ନ ପାରି ଦେଶ ବୋଲାଉଛି 'ସ୍ୱାଧୀନ'। ସ୍ୱପ୍ନ ସୁନାର ଭାରତ ଗଢ଼ିବାର ପୁଞ୍ଜିବାଦୀ ତଥା ରାଜନୈତିକ (ନାଅରାଜକ) କାରିଗରମାନଙ୍କ ଦ୍ୱାରା!! ❑

***ମଧୁସୂଦନ ହଷ୍ଟେଲ୍***

# ଅନୁଭୂତି

◆ କସ୍ତୁରୀ ମଲ୍ଲିକ

ଅନୁଭୂତି ଏଭଳି ଏକ ସ୍ମୃତି ଯାହା ସାରାଜୀବନ ପର୍ଯ୍ୟନ୍ତ ପ୍ରତ୍ୟେକ ମଣିଷ ହୃଦୟରେ ଅମୂଲ୍ୟ ରତନ ପରି ସାଇତି ହୋଇ ରହିଥାଏ। ଅନୁଭୂତି କେବଳ ବଡ଼ଲୋକମାନଙ୍କ ପାଖରେ ଥାଏ, ତାହା ନୁହେଁ। ସାନ ବଡ଼, ଧନୀ ଗରିବ, ବିଜ୍ଞ, ନିର୍ବୋଧ, ଯୁବକ, ବୃଦ୍ଧଙ୍କ ବିରାଟ ହୃଦୟ ରୂପକ ଗନ୍ତାଘର ସଜ୍ଜିତ ହୋଇ ରହିଥାଏ। ଅନୁଭୂତିରେ ନଥାଏ ପୁରାତନତା, ଏହା ସଦାସର୍ବଦା ହୃଦୟରେ ଭରିଦିଏ ନୂତନତା। ଏହା ଚଳଚଞ୍ଚଳ ରୂପକ ମନକୁ କରେ ଆନ୍ଦୋଳିତ। ଜୀବନର ପ୍ରତି ଘାତ-ପ୍ରିତାଘାତର ଉତ୍‌ଥାନ-ପତନ ମଧ୍ୟରେ ଏହା ପ୍ରବାହିତ। ଅନୁଭୂତି କେତେବେଳେ ମନରେ ବିଷାଦର ଦୁଃଖ ନେଇ ଆସେ ତ ଆଉ କେତେବେଳେ ପ୍ରୀତିଭରା ସୁଖ। ମଣିଷ ନିଜର ଅନୁଭୂତିକୁ କବିତା ଅକାଶରେ ହେଉ ଅବା ଗପ ଆକାରରେ ହେଉ ପରିପ୍ରକାଶ କରିଥାଏ।

ଅନୁଭୂତି ମଣିଷ ମନରେ କେତେବେଳେ ଉଙ୍କି ମାରି ଉଠେ ତାହା ଜାଣିହୁଏ ନାହିଁ। ଜୀବନ ମଧ୍ୟରେ ଘଟିଥିବା ଅନେକ ଦୁର୍ଘଟଣା ମଧ୍ୟରେ ଏମିତି କିଛି ଘଟଣା ଥାଏ, ଯାହା ଅଲେଖା ମନରୂପକ କାଗଜରେ ଛାପି ହୋଇ ରହିଥାଏ ତାହାହିଁ ଅନୁଭୂତି। ପ୍ରତ୍ୟେକ ମଣିଷ ତା'ର ପୂର୍ବାନ୍ତ ଅନୁଭୂତିକୁ ମନେପକାଇ କେତେବେଳେ ମୁରୁକି ହସିଥାଏ ତ, ଆଉ କେତେବେଳେ ଦୁଇଟୋପା ଲୁହ ଗଡ଼ାଇ ଦେଇଥାଏ। ଅନୁଭବୀଟି ତା'ର ଅନୁଭୂତିକୁ ସେତିକିବେଳେ ପ୍ରକାଶ କରେ ଯେତେବେଳେ କେହିଜଣେ ତାକୁ ଆପଣାର ଲାଗେ।

ଏମିତି କେହି ବ୍ୟକ୍ତି ନାହିଁ ଯାହାର ଅନୁଭୂତି ବୋଲି କିଛି ନାହିଁ। ପ୍ରତ୍ୟେକଙ୍କ ଜୀବନରେ କିଛି ନା କିଛି ଅନୁଭୂତି ରହିଛି ହୁଏତ କିଏ ପ୍ରକାଶ କରିପାରେ କିଏ କରିନପାରେ। ସେହି ଅନୁଭୂତି ପିଲାଦିନର ସାଙ୍ଗସାଥୀ ମେଳର ହୋଇଥାଇ ପାରେ ତ, ପାରିବାରିକ ଜଞ୍ଜାଳମୟ ଜୀବନର। ବୃଦ୍ଧ ବ୍ୟକ୍ତି ତା'ର ପିଲାଦିନର ଅନୁଭୂତିକୁ ମନେପକାଇ ଚଳଚଞ୍ଚଳ ହୋଇଉଠେ ଏବଂ ତାକୁ ଲାଗେ ସତେକି ସେ ନବଯୌବନ ପ୍ରାପ୍ତ। ଏପରି କିଛି ଲୋକ ଅଛନ୍ତି ଯିଏକି ନିଜର ଅନୁଭୂତିକୁ ପୁସ୍ତକ ଆକାରରେ ଲିପିବଦ୍ଧ କରିଥା'ନ୍ତି।

ଆକାଶର ନୀଳିମା ପରି ଏହା ଅସୀମ, ଦିଗନ୍ତ ବ୍ୟାପ୍ତି। ଆତ୍ମାର ବିଘଟନ ଘଟିଲେ ଅନୁଭୂତିର ଅନ୍ତ ଘଟେ। ଏ ଶରୀର ମଧ୍ୟରେ ଥିବା ଆତ୍ମା ଅନ୍ୟ ଘଟରେ ପହଞ୍ଚିଲେ ସେଠାରେ ପୁନର୍ବାର ଜାଗ୍ରତ କରାଏ ନୂତନ ଅନୁଭୂତି। ❑

*ଷଷ୍ଠବର୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ସଂପର୍କର ପରିଭାଷା

◆ ଅମ୍ରିତା ପୌଦାର

ମନିଷ୍ (ମୋ ପ୍ରେମ)

ପୃଥିବୀର ବହୁତ କମ୍ ଲୋକ ଭଲପାଇବାର ସେଇ ସ୍ତରକୁ ଯାଆନ୍ତି, ଯେଉଁ ସ୍ତରକୁ ତୁମେ ମୋତେ ନେଇଯାଇଥିଲ ସମସ୍ତଙ୍କ ଅଜାଣତେ...। କିଏ କହେ ପ୍ରେମ – ଲୁହ, କଷ୍ଟ, ଯନ୍ତ୍ରଣା ଦିଏ ବୋଲି ? ପ୍ରେମରେ ଥାଏ ଖାଲି ଆନନ୍ଦ, ଖୁସି। ଦେଖ ତ ଆଜି ତୁମେ କାହିଁ ଆଉ ମୁଁ କାହିଁ ? ତଥାପି ତୁମେ ଆସ ନିରବରେ ଏକେଲାରେ, କେତେ ଭୁଲାଣିଆ କଥା କହି ବହିଯାଉଥିବା ଲୁହକୁ ରୋକିଦିଏ, ପୁଣି ନିରବରେ ମୋ ଶୁଖିଲା ମୁହଁକୁ ଚାହିଁ କୁହ... ପାଗେଳିଟା, ଏତେ ଭଲପାଉଛୁ କାହିଁକି ଯେ...

ଅନୁଜ୍ (ମୋ ସ୍ୱାମୀ)

ଆଜି ପୂର୍ଣ୍ଣିମା ରାତି, ମୋ ସ୍ୱାମୀ, ପତିଦେବତା, ପରମେଶ୍ୱର, ଚାଲିଯିବାର ଦଶବର୍ଷ ହୋଇଗଲାଣି। ପାଦରେ ଅଳତା, ମଥାରେ ସିନ୍ଦୂର, ହାତରେ ଶଙ୍ଖା, ଆଉ ମୁଣ୍ଡରେ ନାଲି ଓଢ଼ଣୀ ଦେଇ ସେ ମୋତେ ତାଙ୍କ ଘରକୁ ଆଣିଥିଲେ। ଆଖିର ସବୁ ଲୁହକୁ ସେ କିଣିନେଇଥିଲେ ଜୋର୍ କରି। ଦେଇଥିଲେ ଜନନୀ ହେବାର ସୁଯୋଗ। ସମସ୍ତେ ଶୋଇଗଲାବେଳେ ମୋ ଜୀବନର ଅପରାହ୍ନରେ ଶୁଖିଲା ପାଦ ଦୁଇଟାରେ ଦିନେ ଢାଳିଦେଇଥିଲେ ଦୁଇଧାର ଲୁହ। ଯାହା ମୋ କୋମା ପାଦକୁ କରିଥିଲା ପୁଲକିତ। ଆଜି ତୁମେ କେତେ ଦୂରେ...

ସିପୁ (ମୋ ବନ୍ଧୁ)

ସମାଜ ମତେ କଳଙ୍କିନୀର ଆଖ୍ୟା ଦେଇଥିବାବେଳେ ତୁମେ ମୋତେ ଶିଖାଇଥିଲ ଆଗକୁ ବଢ଼ିବାର ରାସ୍ତା, ସବୁ ଲୁହକୁ ବଦଳାଇଥିଲ ହସରେ। ଏକୋଇଶି ବର୍ଷରେ ପାଦ ଥାପିବା ଦିନ ତୁମ ସହ ସଂପର୍କ ଆଜିପର୍ଯ୍ୟନ୍ତ। ତୁମେ ସବୁଥର ପରି ଠିକ୍ ସେମିତି ମୋ ମଥାକୁ ଆଉଁଶି ଦେଇଛ ସ୍ନେହବୋଳା ଆଶ୍ୱାସନାରେ ମୁଁ ଅଛି ବୋଲି କହି...। ତୁମ ଅସହାୟ ଯନ୍ତ୍ରଣା ଜୀବନରେ ତୁମେ କେମିତି ଦେଖାଇପାର ମୋତେ ଆଶ୍ୱାସନାର ଦୁନିଆ....।

(ମୋ ବାପା)

ଜନ୍ମରୁ ତିରିଶି ବର୍ଷ ପରେ ବୋଉ ପାଇଁ ତୁମେ ନିଜ ପରିବାରଠାରୁ ଦୂରେଇ ଯାଇଥିଲା। କେଉଁ ବାପା ମା' ଚାହେଁ ଯେ ତା' ଘରର କୁଳଲକ୍ଷ୍ମୀ ଘଇତାଛଡ଼ା ହୋଇଥାଉ ବୋଲି। ଘରେ ସବୁବେଳେ କଳିଝଗଡ଼ା ଲାଗିବାବେଳେ ତୁମେ ଲୁଚି ଲୁଚି କାନ୍ଦୁଥିବାର ମୁଁ ଦେଖିଛି। ତଥାପି ତୁମେ ସବୁକିଛି ଭୁଲି ହସୁଥାଉ ଆଉ ଆମକୁ ହସାଉଥାଅ। ତୁମେ ମନେପଡ଼ ବାପା ତୁମର ସେଇ ଜାକି ହୋଇଥିବା ମଇଳା କୋତିଆ ଧଳା ଲୁଗାଟିର ଛବି ନେଇ।

(ମୋ ଭାଇ !)

ଜୀବନରେ ଶେଷଥର ପାଇଁ ଯେତେବେଳେ ତତେ ଦେଖିଥିଲି, ତୁ ମୁହଁ ବୁଲାଇଦେଇ ଚାଲିଯାଇଥିଲୁ ଘର ଭିତରକୁ। ମୁଁ ଫେରି ଆସିଥିଲି ଅସହାୟ ହୋଇ। ମୋର ସୁବିଧା ପାଇଁ ଅନେକ କିଛି ଦେଇଛୁ ଛୋଟ ବେଳେ। ଜୀବନର ଶେଷ ମୁହୂର୍ତ୍ତରେ ବୋଉ ବାପାଙ୍କୁ ହରାଇ ସାରିଲା ପରେ ଆଶା ଟିକିଏ ନେଇ ତୋ ଦୁଆରେ ଠିଆ ହୋଇଥିଲି ନିଜର ବୋଲି। ହେଲେ ଭୁଲିଯାଇଥିଲି ତୁ ବି ଅସହାୟ, ତୁ ପରାଧିନ। ଅନ୍ୟର ଭରସାରେ ପଡ଼ି ରହିଚୁ ନୂଆ ଏକ ଦୁନିଆର ବାଟ ଚାହିଁ। ମୋତେ ତୋ ପାଖରେ ଆଶ୍ରା ଦେଇଥାନ୍ତୁ କେମିତି ଯେ, ଯିଏ ଆଶ୍ରିତା ସିଏ ଅନ୍ୟ କାହାକୁ କ'ଣ ଆଶ୍ରା ଦେଇପାରେ ?

(ଫଳଦୋକାନୀ)

ହୋଇ ହୋଇ ସାତ କି ଆଠ ବର୍ଷ ହେବ। ପତଳା

ଶରୀର । ରାତିର ଅଧିକା ଦିନ ଓପାସରେ ରହିଯାଏ । ସରକାରୀ ସ୍କୁଲ୍ ଛୁଟି ହେବା ପରେ ପରେ ବ୍ୟାଗ୍‌ର ଠିକଣା ଘରର କୌଣସି ଏକ କୋଣରେ । ଛୁଟେ ବଜାରକୁ କିଛି ପଇସା ଆଉ ଖାଇବା ଆଶାରେ । ରାଜାବଜାରରେ ଥାଏ ବେନା ଫଳ ଦୋକାନ, ବେଳେବେଳେ ତାକୁ ମାଗିନିଏ ଅଙ୍ଗୁରୁଟେ ଦବକି, ସେଓଟା ସଢ଼ିଯାଇଛି, ସେଇଟାକୁ ଦେବ ? ସେ କହେ ନାଇଁ ନାଇଁ ବାପା ପାଟି କରିବ, ଯାଆହେରି... । ଅବଶ୍ୟ ବେଳେବେଳେ ଦେଉଥିଲା ଅଙ୍ଗୁରୁଟେ ଅବା ପଚା ସେଓଟାକୁ ଫାଳ କରି ।

(ପଡ଼ିଶାଘର ଦାଦା)

ସେତେବେଳେ ପ୍ରେମ ଅବା ସଂପର୍କ ବିଷୟରେ ମୋର କିଛି ଧାରଣା ନଥିଲା । ଜଣେ ନାନାର ସେଦିନ ନିର୍ବନ୍ଧ ହେଉଥାଏ, ବଡ଼ ବଡ଼ ମିଠାଇମାନ । ଦାଦା ପେଟିରୁ ବାହାର କରୁଥାନ୍ତି । ମୁଁ ଗୋଟିଏ ଲୟରେ ଚାହିଁଥାଏ ସେ ଆଡ଼କୁ ଲାଭରେ । ସେ ମୋ ଆଡ଼କୁ ଚାହିଁ କହିଲେ ମିଠାଇ ନେବୁ ? ମୁଁ ତାଙ୍କ ପାଖକୁ ଦଉଡ଼ି ଗଲି । ସେ କହିଲେ ଛାତ ଘରକୁ ଚାଲ୍ ମୁଁ ନେଇକି ଯାଉଛି । ସେ କିଛି ସମୟ ପରେ ମୋ ପାଖକୁ ଆସିଲେ ହାତରେ ଦେଲେ ମିଠେଇ, ତା' ପରେ ଓଠରେ ଦେଲେ ମିଠେଇ, ତା' ପରେ ଛାତିରେ, ତା' ପରେ ଅଣ୍ଟାର ଆଖପାଖରେ... । ଏମିତି ଅନେକ ଥର ମୁଁ ତାଙ୍କ ଛାତ ଘରକୁ ଯାଏ ବଦଳରେ ସେ ଦିଅନ୍ତି ଟଙ୍କାଟେ ଅବା ଦୁଇଟଙ୍କା, ବେଳେବେଳେ ବରା, ମିଠେଇ, ଚକୋଲେଟ୍ ବି ଦେଇଦିଅନ୍ତି ।

(ମୋ ଗୁରୁ)


ଅଶୋକ୍ ସାର୍, ମଣୀନ୍ଦ୍ର ସାର୍, ସନ୍ତୋଷ ସାର୍, ଓସିଦ୍ ସାର୍, ମୁନା ସାର୍ ଏମିତି ଅନେକ ଗୁରୁଙ୍କୁ ଭେଟିଛି । ସେମାନଙ୍କୁ ପରଖିଛି । ସେମାନେ ଚାଲୁଥିବା ବାଟକୁ ଅତିକ୍ରମ କରିବାକୁ ବୃଥା ପ୍ରୟାସ କରି ହାରିଯାଇଛି । ତଥାପି ସେମାନଙ୍କୁ ପ୍ରଣାମ ଜଣାଇଛି ନିରବରେ ବେଳେବେଳେ ଲୁହଢାଳି । ଜୀବନର ଯୌବନରେ ନିଜକୁ ସଠିକ୍ ଭାବରେ, ସଠିକ୍ ପଥେ ସେହି ପରମପୂଜ୍ୟ ଗୁରୁମାନଙ୍କ ଯୋଗୁଁ ଚାଲିପାରିଛି । ଜୀବନର ପ୍ରତିଟି ପର୍ବରେ ସେମାନଙ୍କୁ ହୃଦୟରେ ରଖି ସଫଳତା ପାଇଛି । ସେମାନେ ମୋର ପୂଜ୍ୟ, ମୋର ଗୁରୁ । ମୋତେ ଆଲୋକିତ କରିଥିବା ଚଳନ୍ତି ଈଶ୍ୱର । ❑

***(୫ମ ବର୍ଷ)***

# ମଧୁ ମାଳତୀ
# (ଚିତ୍ର)

# ହଜିଯାଉ, ଅସ୍ମିତା ମୁଁପଣ

◆ ପ୍ରଫେସର ଅଭିନ୍ନ ସାହୁ



ସବୁଦିନ ସବୁଦିନ ପାଇଁ
ନିରବି ଯାଉ
ଏ ଶବ୍‌ଦମୟ,
ପୃଥିବୀର କୋଳାହଳ,
ଏମିତି ଏମିତିକି
ନିରବି ଯା'ନ୍ତୁ,
ନିରବ ନିଶବଦ ମୁହୂର୍ତ୍ତମାନେ
ପ୍ରଭାତୀ ପକ୍ଷୀଙ୍କର କିଚିରିମିଚିରି
ଅଥବା ନୀଡ-ବାହୁଡା
ସଞ୍ଜୁଆ ପକ୍ଷୀଙ୍କ କାକଳୀ
ପୌଷର ଝରା ପତରଙ୍କ
ଝରିବାର କରୁଣ ବେହାଗ,
ଫୁଲଫୁଟା ଫଗୁଣର
ଆଳାପ-ରାଗିଣୀ-ରାଗ
ବୁକୁଫଟା ବିଳାପ ଶ୍ରାବଣୀର;
ମୋ ପ୍ରେମିକାର ଶେଷ ଅଭିସାରର ଶିଞ୍ଜିନୀ
କଙ୍କଣର କିଙ୍କିଣି,
ନିରବି ଯାଉ ସବୁଦିନ ପାଇଁ
ଘଣ୍ଟା - ମିନିଟ୍ - କଣ୍ଟା,
ହେଇଯାଉ ସ୍ଥିର
ନିସ୍ତରଙ୍ଗ ହେଇଯାଉ
ଶବଦର ଆକାଶ,
ଘୋ' ଘୋ' ସାଗର ଗର୍ଜ୍ଜନ;
ସବୁ ନିରବତା ନିରବି ଯାଉ,
ମୁଁ ଶୁଣିବି ଅଶବଦ - ଶବ୍‌ଦରେ
ତୁମରି ଖାସ୍ ତୁମରି
ବାଉଳା ବଇଁଶୀର ସ୍ୱନ,
ଉଜାଣି ଯମୁନା ତଟକୁ
ଉଚ୍ଚାଟ ଆମନ୍ତ୍ରଣ,
ଶିହରିତ ହେଉଥିବ
ମେଘମେଦୁର ଆକାଶତଳେ
କଦମ୍ବର ବନ,
ନିରବତା ଏବଂ ନିରବତାରେ
ମୁଁ ହଜି ନିଶ୍ଚିହ୍ନ ହୁଏ,
ହଜିଯାଉ ସବୁଦିନ ପାଇଁ
ମୋ'ର ଅସ୍ମିତା ମୁଁପଣ,
ହଜି ଯାଉ ଅସ୍ମିତା ମୁଁପଣ !! ❑

*୯୬୬ ବି, ପକୃତି ବିହାର ବରମୁଣ୍ଡା,*
*ଭୁବନେଶ୍ୱର-୩*
ମୋ- ୯୪୩୭୫୭୭୫୦୦

# ଆମେ ଓଡ଼ିଆ

◆ ନିରଞ୍ଜନ ତ୍ରିପାଠୀ

ଆମେରେ ଓଡ଼ିଆ
ଆମେ ତ ଓଡ଼ିଆ
ପୁରୁଣା କାହାଣୀ ମଧୁବାବୁ କଥା
ଆଜି ଲାଗୁନାହିଁ ଆଉ ବଢ଼ିଆ ।

ଆମେ କହୁ ଯୁଗ ବଦଳିଗଲା
ଖାଣ୍ଟି ଆଡ଼ିଆ କାହିଁକି କହିବୁ ଭଲା
ଇଂରେଜୀ ମିଶେଇ ଓଡ଼ିଆ କହିଲେ
ସମସ୍ତେ କହିବେ ଅନେକ କଥା ଏ ଜାଣିବାବାଲା ।

ହିନ୍ଦୀ ଇଂରାଜୀକୁ ମିଶେଇ କହିଲେ
ଓଡ଼ିଆ ଭାଷାଟା ଓଜନ ହେଲା ।
ସମସ୍ତେ କହିବେ ଭଲ ଭଲ
ଖାଣ୍ଟି ଓଡ଼ିଆ କହି ଚାଲିଗଲେ
ଆଜି ତାକୁ କିଏ ବୁଝିବ ଭଲା,
ଆଜି କମ୍ପାନୀର ଯୁଗ ତ ହେଲା
ସଭିଏଁ ଓଡ଼ିଆ ମା'କୁ ଛାଡ଼ି
ଦୂର ବିଦେଶରେ ବସତି କଲେ
ମାତୃଭାଷା କଥା ମନେ ହେଜିଲେ
କହିବାକୁ ସିନା ସୁବିଧା ସୁଯୋଗ କିଛିଟା ଥିଲେ ।

ତଥାପି କହୁଛି ଓଡ଼ିଆପୁଅ
ଯେଉଁଠି ଥିଲେ ବି ମା'ର ମମତା
ମାତୃଭାଷା ପ୍ରୀତି ମନରେ ନିଅ
ମନରେ ନିଅ । ❑

# ଝଡ଼ାପତ୍ରର ଲୁହ

◆ ସବ୍‌ନମ୍ ମଙ୍ଗାଣିଆ

ନିରବତା କାହିଁ ଭଲ ଲାଗେ ?
ଭିଡ଼ ଭିତରେ ବି ଏକା ଲାଗେ...
ଭୁଲି ଯାଇଥିବା କେତେ କଥା
ଆଜି କାହିଁ ପୁଣି ମନେପଡ଼େ
ଶାନ୍ତି ନାହିଁ ମୋ ମନରେ ଏଠି
ଅଛି ଖାଲି ଅକୁହା ବେଦନା... ।

ପ୍ରେମ ନଥିଲା ଏଠି କଦାପି
ଥିଲା ଖାଲି ପ୍ରତାରଣା,
ନା ଅଛି ଶାନ୍ତି, ନା ପ୍ରୀତିର ମୂର୍ଚ୍ଛନା ।
ବୋଧେ କିଛି ନାହିଁ ଏଠି ।
କେବଳ ଅଛି ଜୀବନର ଯନ୍ତ୍ରଣା ।
ଭଙ୍ଗା ଗଢ଼ା ଏଇ ଦୁନିଆରେ ।
ସବୁ ଭାଙ୍ଗିଯାଏ ବାଲିବନ୍ଧ ପରି,
କିଛି ଏଠି ସ୍ଥାୟୀ ନୁହେଁ,
ସବୁ ବେସାହାରା ଝଡ଼ା ପତ୍ରପରି... ! ! ❑

*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ଓଡ଼ିଆ

◆ ଦେବାଶିଷ ମହାପାତ୍ର

(୧)

ମଞ୍ଚରେ ଯେବେ ଭାଷଣଦିଏ ମୁଁ
ଓଡ଼ିଆକୁ କହେ ବଢ଼ିଆ !
ହେଲେ,
ଘରେ ଓ ବାହାରେ
ଓଡ଼ଆ ଅସନା
ବିଦେଶୀ ବାସନା
ସତେ ସରି ମଲ୍ଲୀକଢ଼ିଆ ! !

(୨)

ବିଦେଶୀ ଭାଷାକୁ ଭାରି ସନମାନ !
ମୋ' ମାତୃଭାଷାକୁ ନାସିକ କୁଞ୍ଚନ !
ଓଡ଼ିଆ ବଦଳେ
ତୁଣ୍ଡରେ ମୋ ଖାଲି ଇଂରାଜୀ
ପିଜା, ଚାଉମିନି
ଅଦରି ନେଇଛି
ଗୋଇଠା ମାରିଛି -
ଗାଁ ଗୁଲୁଗୁଲା ପିଆଜି !

(୩)

ରାଇଜ ଓଡ଼ିଶା, ଓଡ଼ିଆ ମୋ' ଭାଷା
ହେଲେ
ଓଡ଼ିଆ ମୋ' ପାଇଁ ବଡ ଅଡୁଆ !
ବାହାରେ ଇଂରାଜୀ, ଅଫିସରେ ହିନ୍ଦୀ
ଓଡ଼ିଆକୁ ଭାବେ
ଏମିତି ଯେମିତି
ସତେ କି ଅସନା କୁଡୁଆ ! ! ❑

*ପୁରାତନ ଛାତ୍ର, ଯୁବ ଭାଷାବିତ୍,*
*ବିଜୟଭବନ, ୧୫୮୮,*
*କେଉଟସାହିଛକ, ଭୁବନେଶ୍ୱର-୨*

# ମାମାର ଗଣିତ ଓ ମୋ'ର ପ୍ରେମଗୀତ

◆ ଡା. ଗୌରୀଶଙ୍କର ପଣ୍ଡା

ଆଉ କିଛି ମୋ' ପାଖେ ବାକି ରହିଲା କି ??
ଭଲ ଭାବେ ହିସାବ୍ କରି ଦେଖ୍ ମାମା-
କାଳେ ମୋ' ପାଖେ ରହି ଯାଇଥାଇପାରେ
ଖଣ୍ଡେ ସତେଜ ସ୍ୱପ୍ନ, କି କାଣିଚାଏ ବିଶ୍ୱାସ
କି ଧାପେ ଦୀପ ଶିଖା , କି ଟିକେ ନିରୁତା ନିଶ୍ୱାସ !

ନେଇଯା' ମୋ'ଠାରୁ
ତୋ' ଟିପାଖାତା ଦେଖି ଦେଖି
ତୋ'ର ଦୟାରେ ମୁଁ ଜିଇଁଥିବା
ସବୁତକ ସୁନେଲି ମୁହୂର୍ତ୍ତ !

ଗୋଟି ଗୋଟି କରି ଜବତ୍ କରିପକା ମୋ' ହାତରୁ
ତୁ ହିଁ ଧରେଇଥିବା ରଂଗ, ତୂଳୀ, କାନ୍‌ଭାସ୍
ଯେମିତି କି ଆଉ ଦିନେ ବି ମୁଁ ଆଙ୍କି ପାରିବିନି
ଭାବ ଦିଆନିଆର ନୂଆ ଗୋଟେ ଚିତ୍ର !

ଏଇ ଦେଖ୍ ମାମା- ଲଙ୍ଗଳା ହେଲି ... !!
ଭଲ କରି ପରଖି ନେ'
ହୁଏତ ମୋ' ଦେହରେ କୋଉଠି କେମିତି
ଲାଖି ରହିଥାଇପାରେ
ତୋ'ର ଇଛାରେ ମୁଁ ଭୋଗିଥିବା
ପ୍ରେମର ଭିତିରିଆ ଭାଗ ...
ଅବା ସେଇ ଦ୍ୱିପହର ବେଳାର
ଦି-ଚାରିଟା ନଖ ଆଂଚୁଡ଼ା ଦାଗ ...!

ହିସାବ କିତାବ୍ କରିପକା ମାମା ...
କାଳେ ଲିଭି ନ ଥାଇପାରେ ମୋ'ଛାତିରେ
ତୁ ଲେଖିଦେଇଥିବା ପ୍ରେମର ମହାକାବ୍ୟରୁ
ଫାଳେ ଅଧେ କୋମଳ କବିତା !

ଜନ୍ମାରୁ ଛାଡ଼ିନା,
ଗଣି ଗଣି କରି ଛିଣ୍ଡେଇପକା
ଆମ ସମ୍ପର୍କର ଦୀର୍ଘାୟୁଷ ପାଇଁ
ବଟ ବୃକ୍ଷରେ ଆମେ ବାନ୍ଧିଥିବା
ଯେତେ ସବୁ ନାଲି ସୂତା !

ତନ୍ନ ତନ୍ନ କରି ଖୋଜି
ଲିଭେଇପକା ମୋ'ର ମୁହଁରୁ
ଖୁସିରେ ବଂଚିବାର ଯେତେକ ମିଛ ଦମ୍ଭ !

ପ୍ରବଂଚନାର ବୁଲ୍‌ଡୋଜର୍ ଲଗେଇ
ଧଡ଼୍‌ଧାଡ଼୍ ଭାଙ୍ଗିପକା
ମୋ'ର ବୟସ୍କ ବିଶ୍ୱାସ ଗଢ଼ିଥିବା
ସବୁ ମଜ୍‌ବୁତିଆ ସ୍ତମ୍ଭ !
ସବୁ ପରେ ବି ...
ତୋ'ର ଏତେ ଗଣିତ ଫଣିତ ପରେ ବି ...
ହସ ମୋ'ର କେବେ ହେଁ ଲିଭେନା ଓଠରୁ
ତ ... ମୃତ୍ୟୁ ଭାରି ଅସହାୟ ହୋଇପଡ଼େ
ମତେ ମାଡ଼ି ବସିବାର ଦିନ-ବାର ପାସୋରି ପକେଇ
ତା' ଗାଁକୁ ଚୁପ୍‌ଚାପ୍ ଫେରେ !

ଆଉ ... ମୋ' ପାଇଁ ତୁ ଥୋଇଥିବା ଦୁର୍ଭାଗ୍ୟ
ନିଜେ ବିଚରା ହତଭାଗା ହୋଇ
ଶେଷ ଚିଠି ଲେଖେ ତୋ' ନାଁରେ

ଓ ମୋ ବେଡ୍‌ରୁମ୍‌ର ସିଲିଂ ଫ୍ୟାନ୍‌ରେ
ରାତିଅଧିଆ ଆତ୍ମହତ୍ୟା କରେ !

ଦେଖ୍ ମାମା ଦେଖ୍... ମୋ'ର ପ୍ରେମିକପଣକୁ ଦେଖ୍...
ହଜାରେ ହଟହଟା ପରେ ବି ଯିଏ
ମୋ'ର ଛାତି ତଳେ
ବାଦ୍‌ଶାହ ବାଗିର୍ ବେଫିକର୍ ବଂଚିଥାଏ ...!

ତୋ'ର ଏଇ ଦେଲା ନେଲାର
ହିସାବ କିତାବକୁ ଆଡ଼େଇ ଦେଇ ଆଙ୍ଗୁଳି ଟିପରେ
ଆଜି ବି ଜହ୍ନରାତିରେ ...
ଖାଲି ତୋ'ପାଇଁ ପ୍ରେମଗୀତ ଗାଉଥାଏ ...!!
ଖାଲି ତୋ'ପାଇଁ ପ୍ରେମଗୀତ ଗାଉଥାଏ ...!! ❑

ମାର୍ଫତ୍- ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପଣ୍ଡା
ଶାନ୍ତିନଗର, ସୋନପୁର- ୭୬୭୦୧୭
ମୋ.- ୯୪୩୮୨୦୪୫୯୮

# ଏଇ ବୋଧେ ପ୍ରେମ

◆ ତପନ କୁମାର ନାୟକ

ପ୍ରେମର ସଂଜ୍ଞା ଖୋଜି ମୁଁ ପାରିନି
ପାଇଥିଲି କେତୋଟି ଅକ୍ଷର
ଲେଖିବା ପୂର୍ବରୁ ସରିଗଲା କାଳି
ଥିଲା କି ଭୁଲ୍ ମୋର ?

ଗାୟତ୍ରୀ ମନ୍ତ୍ରର ପବିତ୍ର ଝଙ୍କାର...
ଶୁଣିଥିଲି ସେଇଦିନ
ତାଳପଦେଶ୍ୱରୀ ମନ୍ଦିର ପ୍ରାଙ୍ଗଣେ
ଦେଖାହେଲା ଯେଉଁଦିନ...।

ଜାଣି ଜାଣି ତୁମେ ଜଳେଇଲ ମୋତେ
ଉଠୁଛି ଅକୁହା କୋହ
ଜଳିଜଳି ମୁଁ ଯେ ଲିଭିଯିବି ଆପେ
ମୋ ପାଖେ ଟିକିଏ ରୁହ।

ବୁଝାଇବ କିଏ ଅବୁଝା ମନକୁ
ସବୁ ସ୍ମୃତି ଅତୀତର
ଭାବୁଛି କେତେ ମୁଁ ଲେଖୁଛି ଏତେ ମୁଁ
ନୂଆ ଅନୁଭୂତି ଜୀବନର।

ଅଧୁରା ରହାଣୀ ଲେଖିବି କାହାଣୀ
ମନ ମୋ ଚହଲି ଗଲା
ଏତିକି ବେଳକୁ କିଏ ସେ ମାୟାବୀ
ହୃଦୟ ମୋ ଭାଙ୍ଗିଦେଲା। ❑

*କଳାଭୂଷଣ, ଓଡ଼ିଆ ବିଭାଗ*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ସେଲୋଟେପ୍

◆ **ସରୋଜ ବଳ**



ଏଇ ଯୋଉ ସେଲୋଟେପ୍‌ରେ
ମୁଁ ଯୋଡିଦେଇଆସିଲି ଚିରା ଡ୍ରଇଁ ଖାତା
କ'ଣ ଠିକ୍ ସେଇ ଟେପ୍‌ରେ
ଯୋଡି ହେବ ଚିରିଯାଇଥିବା ବିଶ୍ୱାସ

ରାସ୍ତାସାରା ଉଡିବୁଲୁଚି
ଚିରାକାଗଜ ଭଳି ଇତଃସ୍ତତ ପ୍ରେମ
ବଜାରଘାଟରେ ଚିରା ଅହଂକାର
ଏପରିକି ମନ୍ଦିର ଆରତୀରେ
ଚିରା ଭକ୍ତିସବୁ ଘଣ୍ଟାରେ ପିଟିହେଇ
ଖସି ପଡୁଛନ୍ତି ତଳେ

ସଂପର୍କ ଯୋଡିବା ଲାଗି
ଏତେ ନେଟ୍‌ୱାର୍କ ଥାଉଁଥାଉଁ
ଗଳିଗଳିରେ କାହିଁକି ଏତେ ନାଲିଦାଗ

ପ୍ରେମର ନିଷିଦ୍ଧାଂଚଳରୁ ଚାବି ଫିଟିବା ପରେ
ମସ୍ତିଷ୍କରେ ଯେ କେଉଁ ଅଜବ ତାଣ୍ଡବ

ଦୋକାନରୁ ଦୋକାନ ତେଣୁ ମୁଁ ଖୋଜିବୁଲୁଛି
ସାରା ରବିବାର
ଗୋଟେ ସେଲୋଟେପ୍, ମନ ଯୋଡେଇ ପାଇଁ

ଛିଣ୍ଡିଯାଇଥିବା ମନମାନଙ୍କୁ
ଏକାଠି କରି ରଖିବା
କିଛି ଖରାପ କାମ ନୁହେଁ।

ଅତିକମ୍‌ରେ ସେମାନଙ୍କୁ ଫ୍ରେମ୍‌ଟିଏ ବେଢାଇଦେଲେ
ଟାଙ୍ଗିହେବ ଇତିହାସ କାନ୍ଥରେ

ହେଲେ, କଥା କ'ଣ
ଆଜି ଯେ ସବୁଦୋକାନରେ ତାଲା। ❑

*ପୂର୍ବତନ ପତ୍ରିକା ସମ୍ପାଦକ,*
*ତାଳପଦେଶ୍ୱରୀ ସାହିତ୍ୟ ଆସର*

# କିନ୍ତୁ ! କାହିଁକି ! କେଜାଣି !

◆ ଭଜକୃଷ୍ଣ ମହାନ୍ତ

ମନ ପାରାବାରେ ଅନେକ ଢେଉ ଉଠେ
ଅନେକ ପ୍ରଶ୍ନ ଛନ୍ଦି ହୋଇଯାଏ
କେବେ କିନ୍ତୁ ମନକୁ ସେକଥା ପ୍ରଶ୍ନକଲେ
ଉତ୍ତର ମିଳେନା, କାହିଁକି କେଜାଣି !!

ମାଟି କ'ଣ ଭୁଲିପାରେ ଆକାଶକୁ କେବେ
ପୃଥିବୀ କ'ଣ ଭୁଲିପାରେ ସମୁଦ୍ରକୁ କେବେ
ଭଅଁର କ'ଣ ଭୁଲିପାରେ ଫୁଲ ପାଖୁଡାକୁ କେବେ
ଚନ୍ଦ୍ରମା କ'ଣ ଭୁଲିପାରେ କଇଁଫୁଲକୁ କେବେ
କେବେ କିନ୍ତୁ ମନକୁ ସେ କଥା ପ୍ରଶ୍ନ କଲେ
ଉତ୍ତର ମିଳେନା, କାହିଁକି କେଜାଣି !!

କେମିତି ଭୁଲିବି ତୁମ ଗୋଲାପୀ ଅଧର
କେମିତି ଭୁଲିବି ତୁମ ମଲ୍ଲୀକଢ ହସ
କେମିତି ଭୁଲିବି ତୁମ କୁଞ୍ଚିତ କବରୀର ସ୍ପର୍ଶ
କେମିତି ଭୁଲିବି ତୁମ ପାଦର ପାଉଁଜିର ରୁଣୁଝୁଣୁ ତାନ
କେମିତି ଭୁଲିବି ତମ ସମର୍ପଣଭରା ପ୍ରୀତି ଆଲିଙ୍ଗନ
କେମିତି ଭୁଲିବି ଆମ ପ୍ରୀତି ପାରବଣ
କେମିତ ଭୁଲିବି ଆମ ସୁନାର ସପନ
କେବେ କିନ୍ତୁ ମନକ ସେ କଥା ପ୍ରଶ୍ନ କଲେ
ଉତ୍ତର ମିଳେନା, କାହିଁକି କେଜାଣି !!

କାହିଁକି ଆମ ସପନ ସତ ହେବନି
କାହିଁକି ଆମ ମିଳନ ସମ୍ଭବ ହେବନି
କାହିଁକି ଆମ ପ୍ରେମ ଜ୍ୟାମିତିର ପରିସୀମା ମିଳିବନି
କାହିଁକି ଆମ ପ୍ରେମ ଗଣିତର ପରିସଂଖ୍ୟାନରେ
ଏକ ଯୁକ୍ତ ଏକ ସମାନ ଏକ କରି ପାରିବାନି
କେବେ କିନ୍ତୁ ମନକୁ ସେ କଥା ପ୍ରଶ୍ନ କଲେ
ଉତ୍ତର ମିଳେନା, କାହିଁକି କେଜାଣି !!

କିନ୍ତୁ କେଜାଣି କାହିଁକି ବେଳେବେଳେ ଆଶଙ୍କା ଲାଗେ
ସତ ହୋଇ ପାରିବତ ଆମ ମଧୁର ମିଳନ
ସତ ହୋଇ ପାରିବତ ଆମ ସୁନାର ସପନ
ସତେ କ'ଣ ଆମେ ମୁକ୍ତ ବିହଙ୍ଗ ଭଳି ଉଡି ପାରିବା
ସତେ କ'ଣ ଆମ ପ୍ରୀତିର ଉତ୍ତୁଙ୍ଗ ଶିଖରେ ଚଢି ପାରିବା
ସତେ କ'ଣ ସପନର ମଧୁଭରା ବେଳାଭୂଇଁରେ
ନିରୋଳାରେ ଆମେ ବୁଲି ପାରିବା
ସପନ ଶେଷ ହେବା ପୂର୍ବରୁ ରାତି ପାହି ଯିବନି ତ
କେବେ କିନ୍ତୁ ମନକୁ ସେ କଥା ପ୍ରଶ୍ନ କଲେ
ଉତ୍ତର ମିଳେନା, କାହିଁକି କେଜାଣି !! ❑

*ଭାରତୀୟ ଷ୍ଟେଟ୍ ବ୍ୟାଙ୍କ,*
*ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ଶାଖା,*
*ବାଣୀବିହାର, ଭୁବନେଶ୍ୱର*

## ହେ କବିତା ! ହେ କବି !

◆ ଶରତ କୁମାର ପାଢୀ

ହେ କବିତା !
କରିଅଛ ତୁମେ ଅନନ୍ତ ଶୟନ
ଶବ୍ଦର ସହସ୍ର ଫଣାରେ
ଯେତେସବୁ ପାଠକଲା ପରେ
କହେବି କବିତା ନସରେ ।।
ହେ କବିତା !
ତୁମ ନାଭିପଦ୍ମେ କଳ୍ପନାର ପଦ୍ମଫୁଲ
ହୁଏ ପ୍ରତିଷ୍ଠିତ
ସେ ପଦ୍ମ ଉପରେ ମଗ୍ନଥାଏ
କବି ସର୍ଜନାର ମୁଦ୍ରା ସମାହିତ ।।
ହେ କବିତା !
ସେ ମଗ୍ନ ମୁହୂର୍ତ୍ତେ ସୃଷ୍ଟି ହୁଅ ତୁମେ
କବି ହୃଦୟରେ କବିର କଲମ ମୁନରେ
ହେ କବିତା !
ତୁମ ଯାତ୍ରାପଥ ସଦା ଅବ୍ୟାହତ
ଆଦିକବି ବାଲ୍ମୀକିଙ୍କ ଠାରୁ
ଅଦ୍ୟ ଯେତେ କବି ଏଠିଛନ୍ତି ଉପସ୍ଥିତ ।।
ହେ ଆଜିର କବି,
ପରମେଶ୍ୱରଙ୍କ ପାଖେ ଏ ମୋର ପ୍ରାର୍ଥନା
ନିରନ୍ତର କରିଚାଲ,
ଏ ସଂସାର ପାଇଁ କବିତା ରଚନା
ତୁମ କଲମ ମୁନରେ ଫୁଟୁ
ଜୀବନର ସମସ୍ତ ସମ୍ଭାର
ତୁମ କଳ୍ପନା ଆକାଶେ
ସଦା ଥା'ନ୍ତୁ ସ୍ରଷ୍ଟା ଦିବାକର
ରଚିଚାଲ ଅନନ୍ତ ସମୟଧାରେ
କବିତା ଶାଶ୍ୱତ
କରିଚାଲ କବିତାକୁ କାଳଜୟୀ
ଏବଂ ଋଦ୍ଧିମନ୍ତ ।। ❑

*୩୦୧-ବି, ଖାରବେଳନଗର, ଭୁବନେଶ୍ୱର*

## କବି

◆ ଡ. ପ୍ରଶାନ୍ତ କୁମାର ମହାରଣା

ବନ୍ଧୁ ବାନ୍ଧିବତ
କବି ସହିତ ବାନ୍ଧ
ସେ ହିଁ ବୁଝିପାରେ ସଂପର୍କର ଅର୍ଥ
ସେ ହିଁ ଦେଇପାରିବ ରଙ୍ଗ
ଭାବନାରେ ଭାବ ପ୍ରବଣତାରେ

କବି ହିଁ ଏକା ଦେଖିଛି
ସ୍ୱର୍ଗକୁ ଉଠିବାର ରାସ୍ତା
ନର୍କକୁ ଓହ୍ଲାଇବାର ପାହାଚ
କବି ହିଁ ଏକଲା ଭୋଗିଛି
ସମୟର ସବୁ ଅତ୍ୟାଚାର
ପ୍ରେମ ଆଉ ପ୍ରତାରଣା
ଜୀବନର ଅକୁହା ଯନ୍ତ୍ରଣା

କବିଟିଏ ବୁଝିପାରେ ବୋଲି
ଅସଂଜତ ଲୁହର କାରଣ
ପ୍ରତି ମୁହୂର୍ତ୍ତ କ୍ଷତାକ୍ତ ହୁଏ
ଜୀବନକୁ ଆବିଷ୍କାର କରେ
ଥୁଣ୍ଟା ଡାଳରେ
ମରୁଭୂମିର ତତଲା ବାଲିରେ

କବି ବିନା କିଏ ବୁଝିବ
ମଣିଷର ବିପୁଳ ବେଦନା
ହା ହତାଶରେ ଜଡସଡ
ହେଉଥିବା ଶୂନ୍ୟର ପରିଧି

କବି ମାଟିରେ ପାଦ ରଖି
କବି ନ ହୋଇ ପାରିଲେ ମଧ୍ୟ

କବି ପାଖରେ ବସ
କବିର ଆଖିରେ ଆଖି ମିଶେଇ
ଦେଖିନିଅ ଆକାଶକୁ, ମାଟିକୁ
ଜୀବନକୁ, ମୃତ୍ୟୁକୁ
ପ୍ରେମକୁ, ଘୃଣାକୁ
ଦେଖିବ କିଛି ନ ହେଲେ
ଅନ୍ତରଙ୍ଗତାରେ ଭରିଯିବ ତମାମ ପୃଥିବୀ
ଯମୁନା ନଈପରି ଦିଭାଗ ହୋଇଯିବ ଅନ୍ଧାର
ମଝିରେ ଦିଶିଯିବ
କବିଟିଏ ବଞ୍ଚିଥିବା ପୃଥିବୀକୁ ରାସ୍ତା । ❑

*ଅଧ୍ୟାପକ, କିସ୍, କିଟ୍ ବିଶ୍ୱବିଦ୍ୟାଳୟ,*
*ଭୁବନେଶ୍ୱର*
*ମୋ - ୯୯୩୭୯୦୦୫୮୩*

# ସ୍ମୃତିର ସହରରେ ଶେଷରାତ୍ରି

◆ ଚନ୍ଦନଲାଲ ତେୱାରୀ

ସରକାରୀ ବାସଗୃହରେ
ଶେଷ ରାତ୍ରଭୋଜ ପରେ
ଜିନିଷପତ୍ର ବନ୍ଧାବନ୍ଧି ଆରମ୍ଭ ହୋଇଗଲା
ଭୋର ହେବା ଆଗରୁ
ଏ ସହର ଛାଡି ଯିବାପାଇଁ।

ପିକ୍‌ଅପ୍ ଭ୍ୟାନରେ ଜିନିଷ ଲଦା ହେଲାଣି
ଘର ଭିତରେ ନଜର ବୁଲାଇ ନେବାକୁ ପଡୁଛି -
କାଳେ କିଛି ରହିଗଲା କି ?
ରୋଷେଇ ଘରେ ହାଣ୍ଡିଧରା
କନା ଦି' ଖଣ୍ଡ ପଡିଛି
କାନ୍ଥରେ ଝିଟିପିଟି ଗୋଟେ
ଛକି ବସିଛି, କେତେବେଳେ
ଅସରପାଟାଏ ବାହାରିବ
ବାସନଧୁଆ ବେସିନ୍‌ତଳୁ।

ଅଫିସ ଫେରନ୍ତା ଲୁଗାଶୁଖା
ରଶିଗୁଡା ବାରଣ୍ଡାରେ ରହିଯାଇଛି,
ଜହ୍ନ ଆଲୁଅରେ ଘରପଛ ବଗିଚାରେ
ଦେଖାଯାଉଛି କଦଳିକାନ୍ଦିଟା, କେଇଟା ପଣସ
ଆଉ ପିଜୁଳି ଦି' ଚାରିଟା -
ସେଗୁଡା ଥାଉ ଉତ୍ତରାଧିକାରୀଙ୍କ ପାଇଁ।

ସହକର୍ମୀମାନଙ୍କ ଉପରେ ମୋର କ୍ରୋଧ ଓ
ସେମାନଙ୍କ ପ୍ରତି ବ୍ୟବହୃତ
କଟୁବାକ୍ୟପୂର୍ଣ୍ଣ କାର୍ଟୁନଟା ଲଦା ସରିଛି।

ସୁଦୀର୍ଘ କର୍ମମୟ ଜୀବନରେ ପ୍ରାପ୍ତ
ସହକର୍ମୀମାନଙ୍କର
ଅସୁମାରି ଅକୁଣ୍ଠ ସାହାଯ୍ୟ, ଶୁଭେଚ୍ଛା,
ସହାନୁଭୂତି, ପ୍ରେମ, ସମ୍ମାନ ଆଦି
ସ୍ମୃତିର ସେଇ ବଡ଼ଡ ଗଣ୍ଠିଲିଟା ବି
ଲଦି ଦିଆଯାଇଛି ପିକ୍ଅପ୍ ଭ୍ୟାନରେ ।

ସଂକେତ ମିଳିବା ମାତ୍ରେ ଗାଡି ଗଡିଲା –
ସିନ୍ଦୂରା ଫାଟିବା ଆଗରୁ
ଶେଷଥର ପାଇଁ ଦେଖିନେଲି
ସହରର ମୋର ଅତି ପରିଚିତ
ସେଇ ଚେନାଏ ଆକାଶ ।
ଡ୍ରାଇଭରବାବୁ,
"ଗାଡି ସିଧା ନେଇଚାଲ ମେନ୍ ଗେଟ୍ ଆଡକୁ
ନହେଲେ, ପାହାନ୍ତି ଚାଲିରେ ବାହାରିଥିବା
ଶୁଭେଚ୍ଛୁ ସହକର୍ମୀମାନଙ୍କ ସଂଗେ ଦେଖା ହେଇଗଲେ
କହିବେ, 'ଆଉ ଘଡିଏ ରହିଯା'ନ୍ତୁ,
ରାତି ପାହନି ପରା' !" ❑

*ଅବସରପ୍ରାପ୍ତ ଉପବିଭାଗ ଅଧିକାରୀ*
*ଉତ୍କଳ ବିଶ୍ୱବିଦ୍ୟାଳୟ*



# ବିକଶିତ ଶତଦଳ
# (ଚିତ୍ର)

# ଓଡିଆଭାଷାର ପ୍ରଥମ ସହୀଦ

◆ ଡକ୍ଟର ସୁବ୍ରତ କୁମାର ପୃଷ୍ଟି

ଭାରତର ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଭାବରେ ଗଠିତ ହୋଇଥିବା ଓଡିଶାର ବୟସ ୮୧ ହେଲା। ସେହିଭଳି ଓଡିଆ ଏକ ଗୌରବମୟ ପ୍ରାଚୀନ ମୌଳିକ ଭାଷା ଭାବରେ ଓଡିଆଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ତୃତୀୟବର୍ଷ ଅତିକ୍ରମ କଲା। ସ୍ୱାଧୀନ ସଂଘୀୟ ଭାରତର ରାଜ୍ୟ ପୁନର୍ଗଠନପାଇଁ ଆଦର୍ଶ ଥିବା ଓଡିଶାର ୨୫୦୦ବର୍ଷର ଏହି ସମୃଦ୍ଧ ଭାଷା ସମଗ୍ର ଭାରତ ବର୍ଷ ସହିତ ଦକ୍ଷିଣପୂର୍ବ ଏସିଆ ଅଞ୍ଚଳ ପର୍ଯ୍ୟନ୍ତ ବ୍ୟାପ୍ତ ଥିବାର ସ୍ପଷ୍ଟ ପ୍ରମାଣ ମିଳେ। ଐତିହାସିକ ତଥ୍ୟ ଅନୁସାରେ ଓଡିଆଭାଷା ପାଇଁ ପ୍ରଥମ ରାଜନୈତିକ ପଟ୍ଟ ପରିବର୍ତ୍ତନ ହୁଏ ଏକାଦଶ ଶତାବ୍ଦୀରେ, ଯେତେବେଳେ ଦକ୍ଷିଣର ସାମନ୍ତରାଜା ଚୋଳଗଙ୍ଗଦେବ ସକଳୋତ୍କଳର ରାଜା ହୋଇ ଲୋକଭାଷା ଉଡ୍ର ବା ଓଡିଆକୁ ପୁଣିଥରେ ସଂସ୍କୃତ ସହିତ ରାଜଭାଷାର ମାନ୍ୟତା ଦେଲେ। ସେହିପରି ଦ୍ୱିତୀୟ ପଟ୍ଟପରିବର୍ତ୍ତନ ହୋଇଥିଲା ପଞ୍ଚଦଶ ଶତାବ୍ଦୀରେ, ଯେତେବେଳେ କପିଳେନ୍ଦ୍ରଦେବଙ୍କ ଦ୍ୱାରା କେବଳ ଉଡ୍ର ବା ଓଡିଆଭାଷା ରାଜଭାଷାର ମାନ୍ୟତା ପାଇଲା। ତୃତୀୟ ଭାଷା ଆନ୍ଦୋଳନ ହୋଇଥିଲା ଉନବିଂଶ ଶତାବ୍ଦୀରେ, ଯେତେବେଳେ ଓଡିଆ ଅଞ୍ଚଳରେ ତେଲୁଗୁ, ହିନ୍ଦୀ ଓ ବଙ୍ଗଳାଭାଷାକୁ ରାଜଭାଷା ଭାବରେ ଘୋଷଣା କରାଗଲା। ଦୁଃଖର କଥା ପ୍ରଥମ ଦୁଇ ଭାଷା ଆନ୍ଦୋଳନର ବିସ୍ତୃତ ତଥ୍ୟ ନ ଥିବାବେଳେ ତୃତୀୟଟିର ତଥ୍ୟ ଆମ ପାଖରେ ଗଚ୍ଛିତ ଥିଲେ ମ୍ଭ ଜାତି ବଦଳରେ ଜାତିଆଣ ପ୍ରୀତି ଅଧିକ ଥିବାରୁ ଏହାର ସ୍ପଷ୍ଟ ଚିତ୍ର ଲୋକଲୋଚନକୁ ଆସିପାରୁନାହିଁ।

ଓଡିଶାରେ ଇଂରେଜ ଶାସନର ଇତିହାସ ବେଶୀଦିନର ନୁହେଁ। ମୋଗଲ ଅଧିକୃତ ଓଡିଶାର ୫ଦଣ୍ଡପାଟ ମଧ୍ୟରୁ ଚିକାକୋଲ ଓ ରାଜମୁଣ୍ଡାରି ଦଣ୍ଡପାଟ ୧୭୨୬ରେ ସ୍ୱତନ୍ତ୍ର ହାଇଦ୍ରାବଦ ରାଜ୍ୟ ଗଠନ ହେବା ପରେ ଉତ୍ତର ସରକାର ନାମ ଗ୍ରହଣ କଲା। ପରେ ହାଇଦ୍ରାବଦର ଉତ୍ତରାଧିକାର ଯୁଦ୍ଧରେ ଏହି ଅଞ୍ଚଳ ପ୍ରଥମେ ଫରାସୀ ଗଭର୍ଣ୍ଣର ଡ୍ୟୁପ୍ଲେ ଙ୍କ ଅଧୀନକୁ ୧୭୫୧ରେ ଓ ୧୭୫୪ରେ ଇଂରେଜନ ଅଧୀନକୁ ଆସିବା ପରେ ମାଡ୍ରାସ ସହିତ ଏହାର ମିଶ୍ରଣ ଘଟିଲା। ସେହିପରି ଜଳେଶ୍ୱର ଦଣ୍ଡପାଟର ୯୦ଭାଗ ଅଞ୍ଚଳ ୧୭୫୭ରେ ଓ ଅବଶିଷ୍ଟ ଓଡିଶା ୧୮୦୩ରେ ଇଂରେଜ ଶାସନ ଅନ୍ତର୍ଭୁକ୍ତ ହୋଇ ବଙ୍ଗଳା ସହିତ ମିଶିଥିଲା। ପରବର୍ତ୍ତୀ କାଳରେ କଳାହାଣ୍ଡି, ସମ୍ବଲପୁର, ବସ୍ତର, ରାୟପୁର ଆଦି ଅଞ୍ଚଳକୁ ଛୋଟନାଗପୁର କମିଶନର ଓ ପରେ ୩୦/୪/ ୧୮୬୩ରେ ଗଠିତ ମଧ୍ୟପ୍ରଦେଶ ଡିଭିଜନରେ ମିଶାଇ ଦିଆଗଲା। ମାଡ୍ରାସ ଅଧୀନସ୍ଥ ଓଡିଆ ଅଞ୍ଚଳ ବ୍ୟତୀତ ଆଉ ସବୁ ଅଞ୍ଚଳରେ ଓଡିଆରେ ସବୁ କାମ ହେଉଥିଲା। ଏହି ସମୟରେ ଚକରା ବିଶୋଇଙ୍କ ନେତୃତ୍ୱରେ ଦେଖାଦେଇଥିବା କନ୍ଧ ବିଦ୍ରୋହ ଦମନରେ ବୌଦରାଜା ପିତାମ୍ବର ଦେବ ବଫଳ ହେବାରୁ ୧୫ ଫେବୃଆରି ୧୮୫୫ରେ ବୌଦର ଦକ୍ଷିଣ ଭାଗକୁ କନ୍ଧମାଳ ନାମକ ସ୍ୱତନ୍ତ୍ର ତହସିଲ ସ୍ଥାପନ କରାଯାଇ ଏହା ପ୍ରତ୍ୟକ୍ଷ ଶାସନରେ ରହିଲା। ଏହାର ବାଲିଗୁଡା ଉପଖଣ୍ଡ ସହ ନିକଟତମ ରାଜ୍ୟ ଘୁମୁସର ମାଡ୍ରାସ ଅଧୀନରେ ରହିଲା। ବର୍ତ୍ତମାନର ନକସାଲ ଦମନ ଭଳି ସେହି ସମୟରେ ଏହି ଅଞ୍ଚଳର ଇଂରେଜ ବିରୋଧୀ ବିଦ୍ରୋହକୁ ଦୃଢଭାବରେ ଦମନ କରିବାପାଇଁ ମେରିଆ ପ୍ରଥା ବିଲୋପ ନାମକ ଏକ ଅଭିନବ କୌଶଳ ଗ୍ରହଣ କରାଗଲା। ଏହି ଦମନ ଦାୟିତ୍ୱରେ ଥିବା ଇଂଲିଶ ଏଜେଣ୍ଟ ମାକନିଲଙ୍କ ଅତ୍ୟଧିକ ଅତ୍ୟାଚାରରେ ଅତିଷ୍ଠ ହୋଇ କନ୍ଧମାନଙ୍କ ହତ୍ୟା ଯୋଜନାକୁ ବେଲଗୁଣ୍ଠାର ଜଣେ ଦଫାଦାର ଦୀନବନ୍ଧୁ ପଟ୍ଟନାୟକ କୌଶଳ କରି ବିଫଳ କରିଦେଲେ। ଏହି ଦୀନବନ୍ଧୁ ପଟ୍ଟନାୟକଙ୍କ ବିଷୟରେ କୁହାଯାଏ ଯେ, ବହୁ ଦିନରୁ ଆଦିବାସୀ ଓ ଦଳିତ ମଧ୍ୟରେ ଥିବା ଦୀର୍ଘଦିନର ସହାବସ୍ଥାନକୁ ଭାଙ୍ଗିବାପାଇଁ ହିନ୍ଦୁ- ଖ୍ରୀଷ୍ଟିଆନ ବିଭେଦକୁ ଆୟୁଧ କରିଥିଲେ। କାରଣ ସେ ସମୟର କେତେକ ଶିକ୍ଷିତ ବ୍ୟକ୍ତି ଖ୍ରୀଷ୍ଟିଆନ ହୋଇ କନ୍ଧମେଳିକୁ ଦିଗଦର୍ଶନ ଦେଉଥିଲେ। ପାଇକ ବିଦ୍ରୋହକୁ ଯେପରି

ଛଳନା, ବିଶ୍ୱାସଘାତକତା ଓ କୂଟନୀତି ପ୍ରୟୋଗ କରି ଚରଣ ପଟ୍ଟନାୟକ ମାଧ୍ୟମରେ ଦମନ କରିଦିଆଗଲା, ଠିକ ସେହିପରି କନ୍ଧ ବିଦ୍ରୋହକୁ ଦଫାଦାର ଦୀନବନ୍ଧୁ ପଟ୍ଟନାୟକ ଛଳନା, ବିଶ୍ୱାସଘାତକତା ଓ କୂଟନୀତି ମାଧ୍ୟମରେ ଦମନ କରି ପୁରସ୍କାର ସ୍ୱରୂପ ବିଶିପଡାର ପ୍ରଥମ ତହସିଲଦାର ନିଯୁକ୍ତ ହୋଇ ଇଂରେଜ ଅତ୍ୟାଚାରକୁ ଅଧିକ ପ୍ରୋତ୍ସାହିତ କଲେ।

କନ୍ଧ ବିଦ୍ରୋହର ଦମନପାଇଁ ଇଂରେଜ ଶାସକଙ୍କୁ ତେଲେଙ୍ଗା କର୍ମଚାରୀଙ୍କ ପୂର୍ଣ୍ଣ ସହଯୋଗ ସହିତ ଓଡିଆ ତହସିଲଦାର ଦୀନବନ୍ଧୁଙ୍କ ଷଡଯନ୍ତ୍ର ସମଗ୍ର କନ୍ଧମାଳ, ବାଲିଗୁଡା ଓ ଘୁମୁସର ଅଞ୍ଚଳରେ ଏକ ଆତଙ୍କର ଛାୟା ଦେଖାଦେଲା। ଏହି ସମୟରେ ଉପକୂଳ ଓଡିଶାରେ ବଙ୍ଗାଳୀ କର୍ମଚାରୀଙ୍କ ସହଯୋଗରେ ଇଂରେଜ କମ୍ପାନୀ ସରକାରଙ୍କଦ୍ୱାରା ମନୁଷ୍ୟକୃତ ନଅଙ୍କ ଦୁର୍ଭିକ୍ଷ ସୃଷ୍ଟି ହୋଇ ଦୁଇତୃତୀୟାଂଶ ଓଡିଆଙ୍କ ମୃତ୍ୟୁ ସମଗ୍ର ଓଡିଆ ଜାତିପାଇଁ ଏକ ସତର୍କ ଘଣ୍ଟିବଜାଇଥିଲା। ପୁଣି ଓଡିଆଙ୍କ ଅଭାବରେ ଓଡିଆ ପୁସ୍ତକ ଅଭାବର ଆଳ ଦେଖାଇ ବଙ୍ଗ ଅଧୀନସ୍ଥ ଓଡିଶାର ହାତଗଣତି ନୂତନ ବିଦ୍ୟାଳୟରେ ଓଡିଆ ବଦଳରେ ବଙ୍ଗଳା ମାଧ୍ୟମ ଶିକ୍ଷା ବ୍ୟବସ୍ଥା ପ୍ରଚଳନପାଇଁ ଦାବି ଆଉ ଏକ ସାଂସ୍କୃତିକ ବିପଦର ସୂଚନା ଦେଉଥିଲା। ତେବେ ମୁଷ୍ଟିମେୟ ଉପକୂଳ ଓଡିଆଙ୍କ ଦୃଢ ପ୍ରତିବାଦ ଯୋଗୁଁ ୮.୧୧.୧୮୬୯ରିଖରେ ଓଡିଶା କମିଶନର ରେଭେନ୍ସାଙ୍କ ଶିକ୍ଷା ସମ୍ପର୍କୀତ ଘୋଷଣାନାମା "ଓଡିଶାରେ ଯିଏ ରହିବ, ସେ ଓଡିଆ ପଢିବାକୁ ବାଧ୍ୟ" ପ୍ରକାଶ ସହିତ ମାକ୍‌ଲେ ଶିକ୍ଷାପଦ୍ଧତି ଅନୁସରଣରେ ନିର୍ମିତ ଏହି ନୂତନ ପ୍ରକାର ବିଦ୍ୟାଳୟର ପାଠ୍ୟପୁସ୍ତକ ଅଭାବ ପୂରଣ ଉଦ୍ଦେଶ୍ୟରେ ଓଡିଆଭାଷାରେ ବିଭିନ୍ନ ପାଠ୍ୟପୁସ୍ତକ ରଚନାପାଇଁ ପ୍ରୋତ୍ସାହନ ଦିଆଗଲା। ଏଥିରେ ବ୍ୟଥିତ ହୋଇ ବହୁ ବଙ୍ଗଳାଭାଷା ଶିକ୍ଷକ ଓଡିଶା ଛାଡି ଥିବାବେଳେ ଆଶା ହରାଇ ନ ଥିବା ନୂତନ ଭାବରେ ନିଯୁକ୍ତ ବାଲେଶ୍ୱର ଜିଲ୍ଲାସ୍କୁଲର ବଙ୍ଗଳାଭାଷା ଶିକ୍ଷକ କାନ୍ତିଲାଲ ଭଟ୍ଟାଚାର୍ଯ୍ୟ ଓଡିଆ ଭାଷାର ଅସାରତା ଦେଖାଇବାକୁ ଜାନୁଆରି ୧୮୭୦ରେ 'ଉଡିୟା ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟେ' ନାମକ ଦୁର୍ବଳ ଯୁକ୍ତି ପୂର୍ଣ୍ଣ କ୍ଷୁଦ୍ର ପୁସ୍ତକ ଲେଖିଲେ। କିନ୍ତୁ ସବୁ ଆଶା ଆଶଙ୍କାର ପୂର୍ଣ୍ଣଚ୍ଛେଦ ରେଭେନ୍ସାଙ୍କ ନିର୍ଦ୍ଦେଶନାମା ପକାଇ ସାରିଥିବାରୁ ଏହି ପୁସ୍ତକ କେବଳ ଶିରୋନାମା ଭିତରେ ବଞ୍ଚିରହିଗଲା। ଏଠାରେ ଉଲ୍ଲେଖଯୋଗ୍ୟ, ଭାଷା ସମ୍ପର୍କୀତ ଏହି ବାଦବିବାଦ କେବଳ ନୂତନ ଭାବେ ପ୍ରତିଷ୍ଠିତ ଇଂରାଜୀ ବିଦ୍ୟାଳୟର ଶିକ୍ଷାର ମାଧ୍ୟମକୁ ନେଇ ହୋଇଥିଲେ ମଧ୍ୟ ସେ ସମୟର ଥିବା ୧୦୦ଟି ସ୍କୁଲରେ ମୋଟ ୧୦ଜଣ ବି ଓଡିଆ ପିଲା ପଢୁ ନ ଥିଲେ। ଏହି ବିଦ୍ୟାଳୟର ସବୁ ଛାତ୍ର ଥିଲେ ବଙ୍ଗାଳୀ, ମରାଠୀ ଓ ମୁସଲିମ। ପୁଣି ଏହି ସମୟରେ ଓଡିଆଭାଷାରେ ସରକାରୀ କାର୍ଯ୍ୟ ଚାଲୁଥିବାରୁ ତଥା ଏହି ବାଦବିବାଦରେ ଭାଷା ବଦଳରେ ଶିକ୍ଷାର ମାଧ୍ୟମକୁ ଗୁରୁତ୍ୱ ଦିଆଯାଇଥିବାରୁ ଓଡିଆଭାଷା ବଦଳରେ କେବଳ ପାଠ୍ୟପୁସ୍ତକ ପ୍ରସ୍ତୁତି ବିଷୟକ ବିଶେଷ ଚର୍ଚ୍ଚା ଥିଲା।

ଅନ୍ୟପକ୍ଷରେ ଉତ୍ତର ସରକାର ବା ଘୁମୁସର ଅଞ୍ଚଳରେ ପ୍ରଶାସନିକ କାର୍ଯ୍ୟ ତେଲୁଗୁରେ ହେବାଦ୍ୱାରା ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। କଚେରୀ ଲେଖାପଢା କାମ କରୁଥିବା ଚତୁର ଶିଷ୍ଟକରଣ ଓ ବମ୍ଭାଳୀକରଣ ନିଜ ଜୀବିକାପାଇଁ ମାତୃଭାଷା ଓଡିଆ ଛାଡି ତେଲୁଗୁ ଶିଖିଲେ। ଏମାନଙ୍କ କଥିତ ଭାଷା ଓଡିଆ ମିଶା ତେଲୁଗୁ ହେଲା। ଏମାନେ ତେଲୁଗୁ କର୍ମଚାରୀମାନଙ୍କ ସହ ମିଶି ଓଡିଆଙ୍କୁ ଅଧିକ ଶୋଷଣ କଲେ। ଇଂରେଜ ସହିତ ତେଲୁଗୁ କର୍ମଚାରୀ ଓ ଓଡିଆ ଗୁମାସ୍ତାଙ୍କ ଅତ୍ୟାଚାର ସହିତ ତାଳ ଦେଇ ବଙ୍ଗ ଅଧୀନସ୍ଥ ଓଡିଆଙ୍କ ଦୟନୀୟ ସ୍ଥିତି ଦେଖିବାପରେ ମାଡ୍ରାସ ଅଧୀନସ୍ଥ ଶିକ୍ଷିତ ଓଡିଆଙ୍କ ଚେତନା ଉଦୟ ଘଟିଲା। ଏଣେ ଅମାନୁଷିକ ଭାବରେ କନ୍ଧ ବିଦ୍ରୋହ ଦମନ ଏହି ଚେତନାକୁ ଆହୁରି ଶକ୍ତିଶାଳୀ କରିଦେଲା। ଏହି ସମୟରେ ୧୮୬୪ରେ ଭେଙ୍କଟେଶ୍ୱର ଦେଓ ବାଲିଗୁଡା ଅଧୀନସ୍ଥ କାଟିଙ୍ଗିଆ ଜମିଦାରି ଦାୟିତ୍ୱ ନେଲେ। ଜଣେ ଦୂରଦ୍ରଷ୍ଟା, ସ୍ୱାଭିମାନୀ ଓ ସ୍ୱାଧୀନଚେତା ବ୍ୟକ୍ତି ଭାବରେ ସେ ଅନୁଭବ କଲେ ଯେ, ଓଡିଆଭାଷୀ ଅଞ୍ଚଳକୁ ଏକ ଶାସନାଧୀନ ନ କଲେ ତଥା ଏହି ମାଟିର ଉତ୍ତରପିଢୀ ମାତୃଭାଷାରେ ଶିକ୍ଷା ନ ପାଇଲେ ଐତିହ୍ୟସମ୍ପନ୍ନ ଓଡିଶାର ଅସ୍ତିତ୍ୱ ଲୋପ ପାଇଯିବ। ଏଥିପାଇଁ

ସେ ଓଡିଆଭାଷା ଆନ୍ଦୋଳନ ଆହ୍ୱାନ ଦେଇଥିଲେ। ଏହା ହିଁ ଥିଲା ପ୍ରକୃତରେ ଓଡିଆଭାଷା ଆନ୍ଦୋଳନର ପ୍ରଥମ ସ୍ୱର, ଯାହା ଶୁଭିଥିଲା ସୁଦୂର କନ୍ଧମାଳ ମାଟିରୁ। ନିଜ ଚିନ୍ତନକୁ ସାକାର କରିବାପାଇଁ ଦାନିଏଲ ମହାନ୍ତି, ବଳରାମ ମହାରଣା, ରସୁଲକୁଣ୍ଡାର ଦୀନବନ୍ଧୁ ମହାନ୍ତି, ପୁରୁଷୋତ୍ତମପୁର ସବରେଜିଷ୍ଟ୍ରାର ନରସିଂହ ଦାସ, କନକତୁରୁର ଜନାର୍ଦ୍ଦନଦାସ ପ୍ରମୁଖଙ୍କ ସମ୍ପୂର୍ଣ୍ଣ ସହଯୋଗ କ୍ରମେ ୧୮୬୮ରେ ଗଢିଲେ ଗଞ୍ଜାମ ହିତବାଦିନୀ ସଭା।

ସେ ହେଲେ ଏହାର ସର୍ବସମ୍ମତ ସଭାପତି ଓ ଉଇଲିୟମ ମହାନ୍ତି ଏହାର ସମ୍ପାଦକ। ଦକ୍ଷିଣ- ପଶ୍ଚିମ ଓଡିଶାର ସମସ୍ତ ଦେଶୀୟ ରାଜା, ଜମିଦାର, ଲେଖକ, ମାତୃଭାଷାପ୍ରେମୀ ଶିକ୍ଷିତ ଓଡିଆ, ଛୋଟବଡ ସାଂସ୍କୃତିକ ଅନୁଷ୍ଠାନ ଓ ସଂଗଠନର ସଦସ୍ୟମାନଙ୍କ ସହ ଯୋଗାଯୋଗ ସ୍ଥାପନ କରି ସେ ଗଞ୍ଜାମ ହିତବାଦିନୀ ସଭାର ପ୍ରଥମ ବୈଠକ ୧୪/୯/୧୮୭୦ରେ ରସୁଲକୁଣ୍ଡା (ବର୍ତ୍ତମାନର ଭଞ୍ଜନଗର)ଠାରେ ଆୟୋଜନ କଲେ। ଏହି ସଭାପକ୍ଷରୁ ଓଡିଆଭାଷୀ ଅଞ୍ଚଳରେ ଓଡିଆଭାଷା ପ୍ରଚଳନପାଇଁ ମାନ୍ଦ୍ରାଜ ସରକାରଙ୍କୁ ସ୍ମାରକପତ୍ର ଦେବା ସହିତ 'ମହରଗ ବେଳେ ଗାଈ ଓ ବିପତ୍ତି ବେଳେ ଭାଇ' ଡାକ ବଚନ ଅନୁରୂପେ ଉତ୍କଳର ଭାଇମାନେ ମାନ୍ଦ୍ରାଜ ଅଧୀନସ୍ଥ ହତଭାଗ୍ୟ ଓଡିଆଙ୍କୁ ରକ୍ଷା କରନ୍ତୁ ବୋଲି ସଦସ୍ୟ ଜନାର୍ଦ୍ଦନ ଦାସ ଉତ୍କଳଦୀପିକା (୨୨/୧୦/୧୮୭୦) ମାଧ୍ୟମରେ ଉପକୂଳ ନେତୃବୃନ୍ଦଙ୍କୁ ଆକୁଳ ପ୍ରାର୍ଥନା କଲେ। ଏହି ବୈଠକର ସଫଳତା ପରେ ଭାଷା ଆନ୍ଦୋଳନକୁ ଶକ୍ତିଶାଳୀ କରିବାପାଇଁ ୧୮୭୨ରେ ବଙ୍ଗଳା ଓ ମାଡ୍ରାସ ଅଧୀନରେ ଥିବା ଓଡିଆ ରାଜା, ଜମିଦାର ଓ ବୁଦ୍ଧିଜୀବୀଗଣଙ୍କୁ ଏକତ୍ର କରିବା ଉଦ୍ଦେଶ୍ୟରେ ଗଞ୍ଜାମ ବଦଳରେ ଓଡିଆ ହିତାବାଦିନୀ ସଭା ନାମ ପରିବର୍ତ୍ତନ କଲେ ଓ ଏହାର ସମ୍ପାଦକ ରହିଲେ ନିଜେ ଭେଙ୍କଟେଶ୍ୱର ରାଓ। ଏହି ସଭା ପକ୍ଷରୁ କାଳିପଦ ବନ୍ଦୋପାଧ୍ୟାୟଙ୍କ ହାତରେ ବ୍ରିଟିଶ ମହାରାଣୀଙ୍କ ନିକଟକୁ ୪ଦଫା ସମ୍ବଳିତ ଦାବିପତ୍ର ପଠାଇଥିଲେ। ଉତ୍କଳ ଦୀପିକାର ୧୮ ଅକ୍ଟୋବର ୧୮୭୩ସଂଖ୍ୟାରେ ପ୍ରକାଶିତ ଏହି ଦାବିଗୁଡିକ ହେଲା- ୧-ଗଞ୍ଜାମବାସୀଙ୍କୁ ଓଡିଆଭାଷା ଓ ଲିପିରେ ଯୋଗାଯୋଗ କରିବାପାଇଁ ଅନୁମତି ଦିଆଯାଉ। ୨- ସମସ୍ତ ସରକାରି କାଗଜପତ୍ର, ରେକର୍ଡ ଆଦି ଓଡିଆରେ ଲେଖାଯାଉ। ୩- ସମସ୍ତ ବିଦ୍ୟାଳୟରେ ଓଡିଆ ମାଧ୍ୟମରେ ଶିକ୍ଷା ଦିଆଯାଉ। ୪- ଓଡିଆ ଭାଷାରେ ସମସ୍ତ ପରୀକ୍ଷା ଦେବାପାଇଁ ବିଦ୍ୟାର୍ଥୀଙ୍କୁ ଅନୁମତି ଦିଆଯାଉ।

ହିତବାଦିନୀ ସଭାର ଦାବୀ ସିଧାସଳଖ ବ୍ରିଟିଶ ମହାରାଣୀଙ୍କ ନିକଟରେ ପହଞ୍ଚିବା ଫଳରେ ତାଙ୍କରି ଆଦେଶ ବଳରେ ୪/୩/୧୮୭୨ରିଖରେ ସରକାରି ଆଦେଶଦ୍ୱାରା ଓଡିଆଭାଷା ପୁନଃ ପ୍ରଚଳନ ହେଲା। ଏହି ଆଦେଶ କିପରି ବିକୃତ ଓଡିଆରେ ପ୍ରକାଶ ପାଇଥିଲା, ତାହାର ଅବିକଳ ନକଲ ଏଠାରେ ପ୍ରଦାନ କରାଗଲା।

" ତେଲେଙ୍ଗା ଭାଷାରେ ଲେଖାଇ ଓଡ୍ର ଲୋକେ ଦାଖଲ କରିବା ଅର୍ଜିମାନଙ୍କରେ ଅର୍ଜିଦାରର ତାତ୍ପର୍ଯ୍ୟ ଜଣା କରିବାରେ ହୁଡିଲା ପରିରେ କେତେକ କଥାର ଦୃଶ୍ୟ ହେଲା। ଅର୍ଜିରେ ଜଣା କରିବାକୁ ଉଦ୍ଦେଶ୍ୟ କରିବା ଭାବ ଫିଟିଯାଇ ତହିଁକି ପ୍ରତ୍ୟକ୍ଷ ବିରୁଦ୍ଧ ହୋଇଥିବା ଭାବ କେତେକ ସଙ୍ଗତିରେ ସମ୍ଭବିଲା। ଓଡ୍ରଭାଷାରେ ଥିବା ଯାବନ୍ତ ଅର୍ଜି କଚେରିମାନଙ୍କରେ ଦାଖଲ କରି ଘେନିବାର ହେଉଅଛି ବୋଲି ଓ ତେଲୁଗୁ ଲେଖା ହୋଇଥିଲା କୋ ପ୍ରକାର ଶ୍ରଦ୍ଧା କରାଯାଉଅଛି କି ଓଡ୍ରରେ ଲେଖା ହୋଇଥରଲେ ମଧ୍ୟ ତେମନ୍ତ ଏକା ଧ୍ରଦ୍ଧା କରାଯିବ ବୋଲି ସର୍ବସାଧାରଣରେ ଜଣା ହୋଇନାହିଁ।"

ଏହି ସମୟରେ ପ୍ରକାଶିତ ବିଭିନ୍ନ ଚିଠିପତ୍ର, ବିଜ୍ଞପ୍ତି, ସମନ ଆଦି କିଭଳି ଜାଣିଶୁଣି ତ୍ରୁଟିପୂର୍ଣ୍ଣ ଭାବରେ ସର୍ବସାଧାରଣପାଇଁ ପ୍ରକାଶ କରାଯାଇଥିଲା, ତାହାର ଏକ ଦୃଷ୍ଟାନ୍ତ ଗଞ୍ଜାମ ଗେଜେଟରେ ପ୍ରକାଶିତ ଏକ ଓଡିଆ ବିଜ୍ଞପ୍ତିର ଅବିକଳ ରୂପ ନିମ୍ନରେ ଦିଆଗଲା।

"ରଇତମାନେ ଆପଣା ପଟ୍ଟାମାନଙ୍କରେ ଲାଗିଥିବା ସରକାରି ଭୂମି ଆସନ୍ତା ବରଷକୁ ଛାଡିଦେବାକୁ ତାତ୍ପର୍ଯ୍ୟ ଥିବା ସରିକି ଏପ୍ରେଲ ମାସ ୩୦ ତାରିଖକୁ ଭିତରେ ସେ ଭୂମିମାନଙ୍କ ନମ୍ବର ନାମ ଆପଣାର ତଳେ ଥିବା ସେ ନମ୍ବର ପରାରୁ ବନ୍ଦ ପରିମାଣ ସିସ୍ତୁ ଟଙ୍କା ମଧ୍ୟ ନମୋଦ କରି

ଛାଡପତ୍ର ଲେଖି କରଣକାର୍ଯ୍ୟିଙ୍କ ସନ୍ତକ ସହିତରେ ତହସିଲଦାରଙ୍କ ଜବାବ ନେବାର ଅଛି। ସଦରକାଳ ଅତିକ୍ରମଣ ହେବା ପକ୍ଷକୁ ସେ ଆସନ୍ତାବରଷକୁ ଆପଣାର ପଟ୍ଟାଭୂମିମାନଙ୍କୁ ପୂରା ସିସ୍ତୁ ସେଇ ଘେନିମା ପୂଟୀ ରଇତଙ୍କୁ ଛାଡ ହୋଇଯିବନାହିଁ।

ଛାଡିଦେବା ଭୁମିମାନେ ଅନ୍ୟତ୍ର ରଇତଙ୍କୁ ଦିଆଯିବ। ଫେରେ ଆପଣଙ୍କୁ ଏକା ଦିଆଇବାର ଅଛି ବୋଲି ଲୋଡିବା ପକ୍ଷକୁ ଅନ୍ୟ ଲୋକଙ୍କ ଦରଖାସ୍ତ ପ୍ରତିକି ଆପଣାର ଦରଖାସ୍ତ ବଳହୀନ ହେବାର ବୋଲି ଜାଣିବାର ଅଛି। ଏ ସଙ୍ଗତି ରଇତ ସମସ୍ତଙ୍କୁ କରଣ କାର୍ଯ୍ୟିମାନେ ଉତ୍ତମ କରି ଜଣା କରି ସେଥିକୁ ଅନୁସରି ଅମଳ ଚଳାଉଥିବାର ଅଛି।"

ଓଡିଆଭାଷାରେ ସରକାରୀ କାମପାଇଁ ବ୍ରିଟିଶ ମହାରାଣୀଙ୍କ ନିର୍ଦ୍ଦେଶ ଠିକ ଭାବରେ କାର୍ଯ୍ୟକାରି ନ ହେବାରୁ ବ୍ରହ୍ମପୁର ଜିଲ୍ଲା ପାଠଶାଳାରେ ୨୯/୭/୧୮୭୩ରେ ଓଡିଆ ହିତବାଦିନୀ ସଭାର ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଏହାର ତୀବ୍ର ପ୍ରତିବାଦ କରାଗଲା। ଭାଷା ଆନ୍ଦୋଳନ ଶକ୍ତିଶାଳୀ ହେଉଥିବାରୁ ଉଭୟ ଇଂରେଜ ଓ ତେଲୁଗୁ କର୍ମଚାରୀ ଆତଙ୍କିତ ହୋଇ ଉଠିଲେ। ଯେକୌଣସି ଉପାୟରେ ଓଡିଆ ହିତବାଦିନୀ ସଭାକୁ ଭାଙ୍ଗିବା ସହିତ ଭେଙ୍କଟେଶ୍ୱର ଦେଓଙ୍କ ପ୍ରଭାବ ହ୍ରାସପାଇଁ ତାଙ୍କ ବିରୁଦ୍ଧରେ ଷଡଯନ୍ତ୍ର କଲେ। ଏହି ମାଟିର ସବୁ ଜନବିରୋଧୀ ଷଡଯନ୍ତ୍ରର ମୁଖ୍ୟ ନାୟକ ତହସିଲଦାର ଦୀନବନ୍ଧୁ ପଟ୍ଟନାୟକଙ୍କ ଚକ୍ରାନ୍ତରେ କନ୍ଧନେତା ପର୍ଶୁରାମ କହଁର ଓ ବ୍ରିଟିଶ ଏଜେଣ୍ଟ ଫୋର୍ବେସଙ୍କ ସାକ୍ଷ୍ୟଦ୍ୱାରା କାଟିଙ୍ଗିଆ ଜମିଦାରୀରୁ ଭେଙ୍କଟେଶ୍ୱର ଦେଓଙ୍କୁ ୨୫.୪.୧୮୭୪ରେ ଉଚ୍ଛେଦ କରାଗଲା। ଭାଷାକୁ ନେଇ ଏକ ଗଣବିଦ୍ରୋହର ସ୍ୱପ୍ନ ଦେଖୁଥିବା ଅନ୍ଧାରୀ ମୂଳକର ସେହି ମାଟିପ୍ରାଣ ସଂସ୍କୃତି ସଂସ୍କାରକ ଭେଙ୍କଟେଶ୍ୱର ଦେଓଙ୍କ ଅର୍ଥନୈତିକ ସ୍ୱାଧୀନତାକୁ ସଂକୁଚିତ କରାଯାଇ ମାତ୍ର ବାର୍ଷିକ ୫୦ଟଙ୍କାର ପେନସନ ମଧ୍ୟରେ ଜୀବିକା ନିର୍ବାହ ପଥକୁ ସୀମିତ କରାଗଲା। ସମ୍ପତ୍ତି ଚାଲିଗଲା ପରେ ନିରୂପାୟଶୂନ୍ୟ ଭେଙ୍କେଟେଶ୍ୱର ଓଡିଆ ଆନ୍ଦୋଳନକୁ ଗତିଶୀଳ କରାଇ ନ ପାରିବାରେ ମ୍ରିୟମାଣ ହୋଇ ୧୮୮୩ରେ ଯୁବ ବୟସରେ ଅକାଳ ମୃତ୍ୟୁଲାଭ କଲେ। ଭାଷା ଓ ସଂସ୍କୃତିକୁ ନେଇ ଇଂରେଜ ଶାସକଙ୍କ ବିରୁଦ୍ଧରେ ପ୍ରଥମକରି ସମଗ୍ର ଓଡିଶାରେ ଆରମ୍ଭ ହୋଇଥିବା ପ୍ରତିବାଦର ସ୍ୱରକୁ ଚାପିଦିଆଗଲା।

ଏହି ଭାଷା ଓ ଜାତିପ୍ରେମୀ ମହାମନୀଷୀଙ୍କ ଏପରି ଅବସ୍ଥାରେ ବ୍ୟଥିତ ତଥା ଦିଗହରା ହୋଇଥିବା ଉଇଲିୟମ ମହାନ୍ତି ସ୍ୱାଭିମାନୀ ଓଡିଆଙ୍କୁ ଏକତ୍ର କରିବା ଉଦ୍ଦେଶ୍ୟରେ ୧୮୭୬ରେ 'ସ୍ୱଦେଶୀ' ନାମକ ଜାତୀୟତାବାଦୀ ପତ୍ରିକା ଓଡିଆଭାଷାରେ ପ୍ରକାଶ କଲେ। ମାତ୍ର ଏହା ନ ଚାଲିବାରୁ ବାଧ୍ୟ ହୋଇ ତିନୋଟି ଭାଷାରେ ପ୍ରକାଶ କଲେ। ଉଗ୍ର ଓଡିଆଭାବନା ଏହି ପତ୍ରିକାର ମୂଳମନ୍ତ୍ର ହୋଇଥିବାରୁ ଅଣଓଡିଆଙ୍କ ପ୍ରତିବାଦରେ ଏହାର ଅକାଳ ମୃତ୍ୟୁ ଘଟିଲା।

ଏବେ ଏହି ଐତିହାସିକ ଘଟଣାର ପୁନରାବୃତ୍ତି ପୁଣି ଦେଖାଦେଇଛି। ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଓଡିଶାର ଶାସନ ଓଡିଆରେ କରିବାପାଇଁ ୧୯୫୪ରୁ ଆଜି ପର୍ଯ୍ୟନ୍ତ ଅଚଳ ଥିବା ଭାଷା ଆଇନକୁ ସଚଳ କରିବାପାଇଁ ଓଡିଆ ଭାଷା ଆନ୍ଦୋଳନ ଚାପରେ ୭ଜଣ ବେସରକାରି ସଦସ୍ୟଙ୍କୁ ନେଇ ମନ୍ତ୍ରୀସ୍ତରୀୟ କମିଟି ଗଠନ କଲେ। କମିଟିର ୪ଟି ବୈଠକରେ ପ୍ରାୟ ୧୦ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇ ଦୀର୍ଘ ୬୦ବର୍ଷର ଭାଷା ଆଇନ କାର୍ଯ୍ୟକାରି କରିବା ବ୍ୟବସ୍ଥା କରାଗଲା। ତେବେ ଓଡିଆଭାଷାର ସ୍ଥାୟୀ ସମାଧାନପାଇଁ ଓଡିଆକୁ ଶିକ୍ଷା ଓ ଗବେଷଣାର ଭାଷା କରିବା ଦାବି ଦୃଢ ହେବାରୁ କମିଟିକୁ ଅଚଳ କରିବାପାଇଁ ଚକ୍ରାନ୍ତ କରାଗଲା। ଏଥିପାଇଁ କମିଟିରେ ଦଫାଦାର ଦୀନବନ୍ଧୁଙ୍କ ବଂଶଧର(?) ଥିବା ଜଣେ ସଦସ୍ୟ ୬କୋଟି ଓଡିଆଙ୍କ ଭାବନାରେ ଆଘାତ ଆଣି ସମଗୋତ୍ରୀୟ କାର୍ଯ୍ୟଧାରାର ପ୍ରତଫଳନ ପୁଣି ଥରେ କରାଇବାରେ ସମର୍ଥ ହେଲେ। ସେମାନଙ୍କ ଉଦ୍ୟମକ୍ରମେ ଦୀର୍ଘ ଏକବର୍ଷ ଧରି କମିଟି ବୈଠକ ବସୁ ନ ଥିବାବେଳେ ଓଡିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପରେ ଓଡିଶାର କୋଣାନୁକୋଣରେ ଦେଖା ଦେଇଥିବା ଓଡିଆ ଭାଷା ଆନ୍ଦୋଳନକୁ ଚତୁରତାର ସହିତ ଦିଗହରା କରିଦିଆଗଲା। ମାତ୍ର ଯେଉଁମାନେ ଏହି ଷଡଯନ୍ତ୍ରରେ ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷ ଭାବରେ ସଂପୃକ୍ତ, ସେମାନେ ଏ କଥା ଭୁଲିବା ଅନୁଚିତ

ଯେ, ଓଡିଆଭାଷା ଓ ଜାତିପାଇଁ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରିଥିବା ଓଡିଆଭାଷାର ପ୍ରଥମ ଶହୀଦ ଭେଙ୍କଟେଶ୍ୱର ଦେଓଙ୍କ ଓଡିଆ ହିତବାଦିନୀ ସଭାର ସ୍ୱର ଯେପରି ସମୟକ୍ରମେ ସମଗ୍ର ଓଡିଶାବାସୀଙ୍କୁ ଏକତ୍ର କରି ଗଞ୍ଜାମ ସମ୍ମିଳନୀ ଓ ଉତ୍କଳ ସମ୍ମିଳନୀକୁ ଜନ୍ମ ଦେଇଥିଲା, ଠିକ୍ ସେହିପରି ଶାସ୍ତ୍ରୀୟତାର ଭିତ୍ତିରୁ ସୃଷ୍ଟି ହୋଇଥିବା ଓଡିଆ ଆନ୍ଦୋଳନ ସମୟକ୍ରମେ ପୁଣି ଏକ ଗଣ ସଂଗଠନଦ୍ୱାରା ଆନ୍ଦୋଳନ ମାଧ୍ୟମରେ ସମଗ୍ର ରାଜ୍ୟକୁ ବ୍ୟାପିଯାଇ ଓଡିଆରେ ଶିକ୍ଷା, ଶାସନର ସ୍ୱପ୍ନକୁ ନିଶ୍ଚିତ ରୂପେ ପୂରଣ କରିବ।

## ସହାୟକ ପୁସ୍ତିକା


୧. O'malley, L.S.S. Bengal District Gazetteer : Sambalpur, 1909, pp-34-36

୨. Behera, Dandapani , Freedom movement in the State of Ghumsar in Orissa, 1836-1866, Punthi Pustak, 1984 , pp. 100-101

୩. ପୃଷ୍ଟି, ସୁବ୍ରତ କୁମାର, *ଓଡିଆ ଭାଷା ସାହିତ୍ୟ ପରିଚୟ*, ଏକେ ମିଶ୍ର ପବ୍ଲିଶର୍ସ ପ୍ରା.ଲି., କଟକ,୨୦୧୧,ପୃ-୨୩୪-୨୩୫

୪. Pati , Biswamoy, "Situating Social History: Orissa, 1800-1997", Orient Blackswan, New Delhi, pp-102-103.

୫. ମହାପାତ୍ର, ବାଇକୋଳି, ଓଡିଆ ଆନ୍ଦୋଳନର ଇତିହାସ, ଗୋପବନ୍ଧୁ ସାହିତ୍ୟ ମନ୍ଦିର, କଟକ,୧୯୭୬, ପୃ ୧୮-୧୯।

୬. Ghosh, Srikanta "Law Enforcement in Tribal Areas", p-132, 1987.

୭. Patnaik, Nihar Ranjan "Orissa in the First War of Independence" Orissa Review August - 2007, pp-14.

୮. Pati, Biswamoy "Faith Under Fire", Media House, Delhi, 2008 pp-51-52.

୯. Mishra, Chittaranjan "Role of Venketeshwar Deo on Odia", Odisha Review-April 2016, pp-70-72.



**ସଦସ୍ୟ ସଚିବ, "ଓଡିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା"**
**ଘର କ୍ରମାଙ୍କ ୩ ଆର ୯,**
**ବିଜେବି ନଗର, ଭୁବନେଶ୍ୱର-୧୫**
**ଦୂରଭାଷା – ୯୦୯୦୪୬୫୭୫୮**
**ଇମେଲ-** *subratodia@gmail.com*


❑

# ଭାଷାଭାବନା

◆ ଡକ୍ଟର ସୋମନାଥ ବିଷୋୟୀ

## (୧) ଓଡ଼ିଆରେ ପଢ଼ା, ପଢ଼ା ନୁହଁ ?

ସେଦିନ ଆମ କଲେଜ୍‌କୁ ରିଜିଓନାଲ୍ ଡିରେକ୍ଟର ଆସିଥାନ୍ତି । ମୋର ତ ଠିକା ଚାକିରୀ, ମତେ ବା କିଏ ସେ’ଠି ଷ୍ଟାଫ୍ ହିସାବରେ ଗଣନା କରେ ? ତଥାପି ମୁଁ କାହାକୁ ଖାତିର୍ କରେନି । କାରଣ ମୋର ଜ୍ଞାନ ପାଇଁ ଗର୍ବ ଥାଏ । ମୋ ବିଷୟ ପାଇଁ, ବିଭାଗ ପାଇଁ ଗର୍ବ ଥାଏ । ତେଣୁ ମତେ ସମସ୍ତେ ବରଂ ଖାତିର୍ କରନ୍ତି । ମୁଁ ଯୁକ୍ତି କରେ ଏବଂ ଅନ୍ୟମାନଙ୍କ ଉପସ୍ଥିତିରେ ଯାହାକୁ ଚାହେଁ ଶୋଚ୍‌ନୀୟ ପରାସ୍ତ କରିପକାଏ । ଯୋଉଥିପାଇଁ କ୍ଲାସ୍ ରୁମ୍‌ରେ ପିଲାଙ୍କୁ “ଓଡ଼ିଆ ଗୋଟେ କି ପାଠ, ସେଇଟା କ’ଣ ପଢ଼ିବ” ବୋଲି କହୁଥିବା କେମିଷ୍ଟ୍ରି ମାଡାମ୍ ମୋ ପାଖରେ ବସିଲାବେଳେ କହନ୍ତି– ତମର ଭାରି ଟ୍ୟାଲେଣ୍ଟ୍ ସୋମନାଥ । ତମେ ନିଶ୍ଚେ ଝଝଈ ପାଇବ । ଡଂଚଝଉ ପାଇବ । ଡଂଈଝ ବି ପାଇବ । ତମେ ସବୁପାଇବ, ସେ ଭରସା ତମ ଉପରେ ମୋର ଅଛି । ମୁଁ ତମ ଗପ ଓ କବିତା ପଢ଼େ । ଖୁବ୍ ଚମତ୍କାର ତମେ ଲେଖ । ମୁଁ ରିଟାୟାର୍ଡ଼ କଲାବେଳକୁ ତମେ କିନ୍ତୁ ନିଶ୍ଚେ ମୋ ପାଇଁ ଗୋଟେ କବିତା ଲେଖିବ । ଲେଖିବ ନା ?

ମୁଁ ଖାଲି ମୁଣ୍ଡ ଟୁଙ୍ଗାରି ହଁ କରିଦିଏ ।

ସେଦିନ ରିଜିଓନାଲ୍ ଡିରେକ୍ଟର ଆସିଥା’ନ୍ତି । କମନ୍ ରୁମ୍‌ରେ ସଭା ହେଲା । ଆମେ ବି ବସିଲୁ ଠିକା ଅଧ୍ୟାପକ / ଅଧ୍ୟାପିକାମାନେ । ଡିରେକ୍ଟର ସାହେବ ଭାଷଣ ଝାଡ଼ିଲେ । ଅନ୍ୟମାନେ ମୁଗ୍ଧ ହେଇ ଶୁଣୁଥା’ନ୍ତି । ମୁଁ କିନ୍ତୁ ବ୍ୟତିବ୍ୟସ୍ତ ହେଇପଡୁଥାଏ । ମୋର ତ ରାଶି ଅଲଗା । କେମିତି ବସିପାରିବି । ମୋ ପାଖରେ ମୋ ଭାଷା ଓ ସାହିତ୍ୟର ଦି’ଜଣ ବସିଥାନ୍ତି । ଜଣେ ସରକାରୀ ଅଧ୍ୟାପକ ଆଉ ଜଣେ ବ୍ଲକ୍‌ଗ୍ରାଣ୍ଟ୍ ଅଧ୍ୟାପିକା; ଯୋଉମାନେ ମାସଯାକ ମୋ’ ଉପରେ ଲଦି ଦିଅନ୍ତି ତାଙ୍କର ନିୟମିତ କ୍ଲାସ୍ ନ କରିପାରିବାର ଅସୁବିଧା ଓ ଅସହାୟତାକୁ । ଅଧ୍ୟାପକ ଜଣକ ତ ଭାଷା ପେପର୍‌ଟିକୁ ଏବଂ ଇଜିମ୍ ପେପର୍‌ଟିକୁ ପଢ଼ାଇବାକୁ ସଂପୂର୍ଣ୍ଣ ଅସମର୍ଥ ବୋଲି ଜଣାଇଦେଲେ ଏବଂ ମୁଁ ତାକୁ ପଢ଼ାଇବାକୁ ବାଧ୍ୟ ବୋଲି ଆଦେଶ ତଲବ୍ କଲେ । ମୁଁ ମଧ୍ୟ ତାକୁ ସାଦରେ ଗ୍ରହଣ କରିନେଲି ଏବଂ କହିଲି, କିଛି ଚିନ୍ତା ନାହିଁ ସାର୍ । ଆପଣମାନଙ୍କୁ ଯାହା ସୁବିଧା ଓ ସହଜ ଲାଗୁଚି ନେଇଯା’ନ୍ତୁ, ବାକି ସବୁ ମତେ ଛାଡ଼ି ଦିଅନ୍ତୁ ।

ଏତିକି କଥାରେ ସିଏ ହଠାତ୍ ପ୍ରତିବାଦ କରିଉଠିଲେ– ତା’ମାନେ ତମେ କ’ଣ କହିବାକୁ ଚାହୁଁଚ ଆମକୁ ଭାଷା ଓ ଇଜିମ୍ ପଢ଼େଇ ଆସିବନି ? ତମେ କ’ଣ ମୋ କଥାର ଏଇ ଅର୍ଥ ବୁଝିଲ ? ଆରେ ବାବୁ, ଯୋଉ ବିଲରେ ମୁଁ ଚାଷ କରିନି, ସେ ବିଲରେ କେମିତି ପଶିଯିବି ?

ମୋର କହିଦେବାକୁ ଇଚ୍ଛା ହଉଥିଲା, କାହିଁକି ଚାଷ କଲେନି ? ଯଦି ନକଲେ, ଅଧ୍ୟାପକ କାହିଁକି ହେଉଥିଲେ ଶିକ୍ଷକ ହେଲେନି ? ମୁଁ କିନ୍ତୁ ଏତକ କହିପାରିଲିନି । ସିଏ ଯାବତ ଚାକିରୀକାଳ ଗଲାବର୍ଷର ପାଠ ହିଁ ଏବର୍ଷ ପଢ଼ାନ୍ତି । ନୂଆ କିଛି ପେପର୍ କି ୟୁନିଟ୍ ଧରନ୍ତି ନାହିଁ । ମାଡାମ୍ ବି ସେୟା । ଜଣେ ଅଧ୍ୟାପକଙ୍କର ଗୋଟିଏ ‘ଲୋକସାହିତ୍ୟ’ ବିଷୟକ ବହିଟିକୁ ଦୀର୍ଘ ପନ୍ଦର ବର୍ଷ ଧରି ପଢ଼େଇ ଆସୁଛନ୍ତି । ସେଇଥିରୁ ପିଲାଙ୍କୁ ନୋଟ୍ ଡାକିଦେଇ ଭୂଆଁ ବୁଲେଇ ଦଉଛନ୍ତି । ସେତିକିରେ କର୍ତ୍ତବ୍ୟ ଶେଷ୍ ।

ଛାଡ଼ନ୍ତୁ । ଯାହା ବି ହେଲେ ଏମାନେ ମୋ ବିଭାଗର ଲୋକ । ମୋ ପରିବାରର ଲୋକପରି । ତାଙ୍କ ଦିହାତି ଆଉ କିଛି ପାଠ ହେଲା ନାହିଁ ବୋଲି ସିଏ ଓଡ଼ିଆ ପଢ଼ନ୍ତୁ ପଛେ, ପଢ଼ିଲେ ତ । ଆଉ ଚାକିରୀ ବି କଲେ ଏବଂ ପିଲାମାନଙ୍କୁ ଓଡ଼ିଆ ପଢ଼ିବାକୁ ପ୍ରବର୍ତ୍ତାଇଲେ (ଯଦିଓ ନିଜଘର ପିଲାଙ୍କୁ ନୁହେଁ) ।

ଏବେ ମୂଳକଥାକୁ ଆସିବା ।

ସେଦିନ ରିଜିଓନାଲ୍ ଡିରେକ୍ଟର ଭାଷଣ ଝାଡ଼ିଲେ । ଅର୍ଥାତ୍ ଇଂରାଜୀରେ ଆରମ୍ଭ କଲେ । ମାତ୍ର ଅଳ୍ପ କେତେ

ମିନିଟ୍ ପରେ ହଠାତ୍ ଇଂରାଜୀରୁ ଓଡ଼ିଆକୁ ଲମ୍ଫ ଦେଲେ। ତାଙ୍କ ତଣ୍ଟି ପାଖରେ ଯେମିତି ଇଂରାଜୀ ବାକ୍ୟଗୁଡ଼ାକ ଅଟକି ଯାଉଥିଲା। ବାହାରିବାର ନାଁ ଗନ୍ଧ ଧରୁନଥିଲା। ସିଏ ଯାହା କହିବାକୁ ଚାହୁଁଛନ୍ତି ତାହା କହିପାରୁନାହାନ୍ତି, ମାନେ ଏଇ ଇଂରାଜୀରେ। କିଏ ଯେମିତି ତାଙ୍କ ତଣ୍ଟିକି ଚିପି ଧରୁଥିଲା। ତେଣୁ ଅଗତ୍ୟା ଅନନ୍ୟୋପାୟ ହୋଇ ବୋପାରାଣ ପକେଇଲା ପରି ଓଡ଼ିଆ ଭିତରକୁ ପଶି ଆସିଲେ।

"ଓହୋ, ମଣିଷ ବଂଚିଗଲା!" ତାଙ୍କର ଏଇମିତି ଅବସ୍ଥା ହେଲାପରି ମତେ ଲାଗିଲା। ନଈଟିଏ ବୋହି ନପାରି ଯେମିତି ଭାରି କଷ୍ଟ ପାଉଥିଲା। ଯେମିତି ସିଏ ଗତିପଥ ବଦଳେଇଲା, ସେମିତି ସ୍ୱଚ୍ଛନ୍ଦରେ ସହଜରେ ଏବଂ ସରଳ ଗତିରେ କଳକଳ ହୋଇ ବହିଚାଲିଲା।

ଏଥର ପ୍ରାଞ୍ଜଳ ଭାବରେ ଡିରେକ୍ଟର ମହାଶୟ କହିବାକୁ ଆରମ୍ଭ କଲେ। କହିବାକୁ ଖାଲି ଆରମ୍ଭ କଲେନି ଖୁବ୍ ବ୍ୟସ୍ତ ହେଲା ପରି ଲାଗିଲେ।

– ଆପଣମାନେ ଓଡ଼ିଆରେ କାହିଁକି ପଢ଼ାଉଛନ୍ତି? ଇଂରାଜୀରେ କାହିଁକି ପଢ଼ାଉନାହାଁନ୍ତି? କଲେଜ ଲେଭଲ୍‌ରେ ଓଡ଼ିଆରେ ଗୋଟେ କ'ଣ ପଢ଼ା? ଏମିତି ଓଡ଼ିଆ ଛାଡ଼ନ୍ତୁ। ଇଂରାଜୀରେ ପଢ଼ାନ୍ତୁ।

ଆଜ୍ଞା, ମୁଁ ଏତେପର୍ଯ୍ୟନ୍ତ ବସିଥିଲି। ଡିରେକ୍ଟରଙ୍କର ଇଂରାଜୀରୁ ଓଡ଼ିଆକୁ ଲମ୍ଫ ଦେବାର ଦେଖି ମୋର ତାପମାତ୍ରା ତ ପାରଦଭଳି ଉର୍ଦ୍ଧ୍ୱମୁଖୀ ହେବାକୁ ଆରମ୍ଭ କରିସାରିଲାଣି। ଆଉ ଯେତେବେଳେ ସିଏ ଓଡ଼ିଆ ବିଷୟରେ ପୁଣି ଓଡ଼ିଆରେ କହିବାକୁ ଆରମ୍ଭ କରିଦେଲେ, ମୋର ତ ସେତେବେଳକୁ ଋଷି ଜଟା ଛିଣ୍ଡେଇବା ଭଳି ଅବସ୍ଥା ହେଇସାରିଲାଣି। ମୁଁ ପୂରା ଭିତରେ ଭିତରେ ନିଆଁ। ତେଣୁ–

ହଠାତ୍ ଉଠିପଡ଼ି କହିଲି– ସାର୍, ଦୟାକରି ମତେ କିଛି କହିବାକୁ ଅନୁମତି ଦେବେ?

ସିଏ ବି ସାଙ୍ଗେ ସାଙ୍ଗେ କହିଲେ– ଇୟେସ୍, ଇୟେସ୍, କହ। ଯାହା ଚାହୁଁଚ୍। ଅନୁମତି ସିନା ମିଳିଗଲା। ହେଲେ ସାହସ କାଇଁ। ମୁଁ ତ ସହଜେ ଛେରୁଆ। ଏଠି ପୁଣି ଅଧକ୍ଷଙ୍କ ସମେତ ତିରିଶ ସରିକି ଅଧ୍ୟାପକ ଅଧ୍ୟାପିକା। କ'ଣ କହିବି, କେମିତି କହିବି?

ତଥାପି କହିବି। ଯାହା ହବ, ଦେଖାଯିବ।

ଆରମ୍ଭ କଲି– ଅପ୍ରିୟ ସତ୍ୟ କିଛି କହିବାକୁ ବାଧ ହେଉଚି, ଦୟାକରି ମତେ କ୍ଷମା କରିଦେବେ। ଆପଣତ ଠିକ୍ ଭାବରେ ଏବଂ ସ୍ୱାଭାବିକ ଓ ସ୍ୱଚ୍ଛନ୍ଦ ଭାବରେ ଇଂରାଜୀରେ କହିପାରିଲେନି ବୋଲି ବାଧ ହୋଇ ଓଡ଼ିଆରେ କହିଲେ ଏବଂ ଆଶ୍ୱସ୍ତ ହେଲେ। ପୁଣି ଓଡ଼ିଆରେ କେମିତି ଓଡ଼ିଆରେ ନ ପଢ଼େଇବାକୁ କହୁଛନ୍ତି? ଏଇଟା ଆଜ୍ଞା ଗୋଟେ ଗାଉଁଲୀ କଲେଜ। ଏମିତି ଶହଶହ ସଂଖ୍ୟାରେ କଲେଜ ଓଡ଼ିଶାରେ ଅଛି। ଏଠି ପାଠ ପଢୁଥିବା ପିଲାମାନେ କୋଉ ପରିବେଶରୁ ଆସିଛନ୍ତି ବୋଲି ଆପଣ ଭାବିଛନ୍ତି? ପୁଣି ଏମାନଙ୍କର ଇଂରାଜୀ ବୁଝିବାର ଦକ୍ଷତା କଥା କେବେ ଚିନ୍ତା କରିଛନ୍ତି? ଏମାନଙ୍କ ଭିତରୁ ଅଧେ ପିଲା ଇଂରାଜୀରେ ଛବିଶଟା ଯାକ ଅକ୍ଷରକୁ ଠିକ୍ ଭାବରେ ଲେଖିପାରିବେ କି ନାଇଁ ସନ୍ଦେହ। ଏମାନଙ୍କୁ ପୁଣି ଇଂରାଜୀରେ ପଢ଼ାହେବ?

ପୁଣି ଯୋଉ ଅଧ୍ୟାପକ / ଅଧ୍ୟାପିକାମାନଙ୍କୁ ପଢ଼ାଇବାକୁ ଆପଣ କହୁଛନ୍ତି, ସେମାନଙ୍କର ଇଂରାଜୀ ପଢ଼ାଇବାର ଦକ୍ଷତା କଥା ଚିନ୍ତା କରିଛନ୍ତି? ଏମାନେ ଯାବତ ଜୀବନ ଏବଂ ଯାବତୀୟ ଜୀବନ ଓଡ଼ିଆରେ ବଂଚୁଛନ୍ତି। ଏଇ କମନ୍‌ରୁମ୍‌ରେ ଯେତେ ପ୍ରକାର ହସଗମାତ, ଥଟ୍ଟା ପରିହାସ, ଦୁଃଖସୁଖ, ବିଚାର ଆଲୋଚନା, ରାଗ-ଅଭିମାନ ସବୁକିଛି ଓଡ଼ିଆରେ କହୁଛନ୍ତି। ଏଠୁ ଘରକୁ ଗଲାପରେ ବି ଠିକ୍ ଏୟା। ଏମାନେ ପୁଣି ଠିକ୍‌ରେ ସଳଖି କରି ଦରଖାସ୍ତଟିଏ ଲେଖିପାରିବେ କି ନାଇଁ ସନ୍ଦେହ। ଆଉ ଇଂରାଜୀ ବାକ୍ୟରେ ସାଧାରଣ ତ୍ରୁଟି ଏବଂ ସାଧାରଣ ବ୍ୟାକରଣଗତ ତ୍ରୁଟି କେତେ ଯେ ବାହାରେ, ତା'ର ହିସାବ ନାହିଁ। ଏମାନେ କୋଉ ଇଂରାଜୀ ଭାଷାରେ ପିଲାମାନଙ୍କୁ ପଢ଼େଇବେ? ବହିର ବାକ୍ୟ କେତୁଟା ଘୋଷି ଆସି ପିଲାଙ୍କ ଆଗରେ ବାନ୍ତି କରିଦେଲେ, ତା' କ'ଣ 'ଇଂରାଜୀରେ ପଢ଼ା'?

ତା' ଛଡ଼ା, ରାଜନୀତି ବିଜ୍ଞାନ କି ଇତିହାସ ପରି କଳା ବିଭାଗର ପାଠ ସବୁ ତ ଭାଷା କି ସାହିତ୍ୟ ନୁହଁ। ତାହା ଏକ ଏକ ବିଷୟ। ତାକୁ ଯେ କୌଣସି ଭାଷାରେ ପଢ଼ାଯାଇପାରିବ। କାରଣ ଭାଷା ଗୋଟେ ମାଧ୍ୟମ। ଆମର ଏଠି ବିଷୟଭିତ୍ତିକ ଜ୍ଞାନ ଲୋଡ଼ା, ଭାଷା ଜ୍ଞାନ ନୁହେଁ। ତେଣୁ

ଯେଉଁ ଭାଷାରେ ଆମକୁ ବିଷୟଜ୍ଞାନ ଆହରଣ କରିବା ସହଜ, ସେଥିରେ ପଢ଼ିଲେ ଓ ଲେଖିଲେ ଅସୁବିଧା କ'ଣ? ଯୋଉ ପିଲା ଓଡ଼ିଆରେ ପଢ଼ି ସହଜରେ ଚାରି ପୃଷ୍ଠା ଲେଖିପାରୁଚି, ସେ ପିଲା ଇଂରାଜୀରେ ଲେଖି ନ ପାରି ଫେଲ୍ ହବ କାହିଁକି?

ମୋର ଏଇ ପ୍ରଶ୍ନରେ ଡିରେକ୍ଟର ଘାବରେଇ ଗଲେ। ମୋର ବିଭାଗୀୟ ଅଧ୍ୟାପକ ଜଣକ ସେତେବେଳକୁ ମୋତେ ଦି'ଥର ଚୁମୁଟି ସାରିଲେଣି। ତା' ମାନେ- ଏଗୁଡ଼ା କ'ଣ କହୁଚ? ତମ ମୁଣ୍ଡ ଠିକ୍ ଅଛିଟି? କାହାକୁ ଏ ସବୁ କହୁଚ, ଜାଣିପାରୁଚ ଟି?

ମୁଁ କିନ୍ତୁ ସେଥିକୁ ଭ୍ରୂକ୍ଷେପ ନକରି ଏକାନିଃଶ୍ୱାସକେ ଏତକ କହିପକେଇଲି। ଡିରେକ୍ଟର ଦବିଗଲେ। କିନ୍ତୁ ମୋ କଥାକୁ ସହଜରେ ଗ୍ରହଣ କଲେନି। ତେଣୁ ପ୍ରତିବାଦ ସ୍ୱରରେ କହିଲେ- ଓଡ଼ିଆରେ ପଢ଼ିଲେ କିଛି ଅସୁବିଧା ନାହିଁ ଯେ, କିନ୍ତୁ ସେ ପିଲା ଓଡ଼ିଶା ବାହାରକୁ ଗଲେ କରିବ କ'ଣ? ଓଡ଼ିଶା ବାହାରର ସ୍କୁଲ୍ କଲେଜ କି ୟୁନିଭରସିଟିରେ ତ ଆଉ ହିଷ୍ଟ୍ରି କି ପଲ୍‌ଟିକାଲ୍ ସାଇନ୍‌ସ ଓଡ଼ିଆରେ ପଢ଼େଇଲେ ଚଳିବନି!

ମୁଁ ଏଥର ସହଜ ଏବଂ ବେଖାତିର୍ ଭାବରେ କହିବାକୁ ଲାଗିଲି- କି ବୋକାକଥା କହୁଛନ୍ତି ସାର୍, ଓଡ଼ିଶା ବାହାରକୁ ଯୋଉ ପିଲା ଶିକ୍ଷକ କି ଅଧ୍ୟାପକ ହେବାକୁ ଯିବ, ସେମାନଙ୍କ ସଂଖ୍ୟା କେତେ? ତା'ଛଡ଼ା ସେମାନେ କ'ଣ ଏଇ ପିଲା? ପ୍ରତ୍ୟେକ ବର୍ଷ ହଜାର ହଜାର ସଂଖ୍ୟାରେ ପିଲା ପରୀକ୍ଷା ଦଉଛନ୍ତି, ସମସ୍ତେ କ'ଣ ଓଡ଼ିଶା ବାହାରକୁ ଯାଇ ଶିକ୍ଷକ, ଅଧ୍ୟାପକ ହଉଛନ୍ତି? କି ଆଇ.ଏ.ଏସ୍ ହଉଛନ୍ତି? ଏମାନେ ଏଇଠି ରହିବେ, ଯିଏ ଯିବାର ସିଏ ଯିବ। ତା'ଛଡ଼ା ଓଡ଼ିଶା ବାହାରେ ଜଣେ ଇଂରାଜୀରେ ନପଢ଼େଇ ପାରିଲେ ହିନ୍ଦୀରେ ତ ପଢ଼େଇ ପାରିବ? ହିନ୍ଦୀ ତ ଆମର ରାଷ୍ଟ୍ରଭାଷା?

ସେଦିନ ମୋର ଏଇ ଯୁକ୍ତି କେତେଦୂର ଠିକ୍ ଥିଲା ମୁଁ ଜାଣିନି। ମୁଁ ସତ କହୁଚି ବୋଲି ମୋ ବିଚାରରେ ମୁଁ ଦୃଢ଼ ଥିଲି। ଆଉ ମୁଁ ସତ କହୁଚି ବୋଲି ଅନ୍ୟମାନେ ବୁଝିପାରୁଛନ୍ତି - ଏ ବିଶ୍ୱାସ ବି ମୋର ଥିଲା। ରାଜା ଲଙ୍ଗଳା ବୋଲି ବଡ଼ମାନେ ସିନା କହିପାରୁନଥିଲେ କାରଣ ସେମାନେ ଖୁସାମତିଆ ଥିଲେ। କିନ୍ତୁ ପିଲାମାନେ ତ କହିଦେଲେ!

ମୁଁ ସେମିତି ଗୋଟିଏ ପିଲା। ଅହେତୁକ ଭାଷାପ୍ରେମୀ ନୁହଁ। ବରଂ ଶିକ୍ଷାପ୍ରେମୀ। ପିଲାମାନେ ଯୋଉ ଭାଷାରେ ପଢ଼ନ୍ତୁ କିନ୍ତୁ ଜ୍ଞାନ ହାସଲ କରନ୍ତୁ- ଏକଥା ମୁଁ ଚାହେଁ। ମୋ ଭାଷା ଯଦି ଏଥିରେ ସହାୟକ ହେଲା, ତେବେ ମୋ ଭାଷାକୁ ମୁଁ ପ୍ରେମ କରିବି ନାହିଁ?

ସେଦିନ କିନ୍ତୁ ଡିରେକ୍ଟର ସାହେବ ଏତେସତ୍ତ୍ୱେ ପୁଣି ଶେଷରେ ଓଡ଼ିଆରେ କହିଦେଇଗଲେ- ତଥାପି ଆପଣମାନେ ଟିକେ ଚେଷ୍ଟା କରନ୍ତୁ ଇଂରାଜୀରେ ପଢ଼ାଇବାକୁ। କାରଣ ଏଇଟା ଏବେ ଇଣ୍ଟରନାସ୍‌ନାଲ୍ ଲାଙ୍ଗୁଏଜ୍।

ମୁଁ ସେଦିନ ହାରିଯାଇଥିଲି।

ଆଉ ଯୁକ୍ତି କରି ହାରିଯାଇଥିବାରୁ ଖୁସୀ ବି ହେଇଥିଲି।

## (୨) ଯା'ର ଭାଷା ନାହିଁ, ତା'ର ଜାତି ନାହିଁ :

ଆଉ ଦିନେ କମନ୍‌ରୁମ୍‌ରେ କଥା ପ୍ରସଂଗରେ ନିରୁପମା ମାଡାମ୍ କହିଲେ। ପ୍ଲସ୍ ଟୁ ଫାଷ୍ଟ ଇୟରରେ ଯେହେତୁ କାଉନ୍‌ସିଲ୍‌ର କିଛି ପରୀକ୍ଷା ହେଉନି ଓଡ଼ିଆ ଅପ୍‌ସ୍‌ନାଲ୍‌ଟାକୁ ତେଣୁ ଉଠେଇ ଦେଲେ ଭଲ ହୁଅନ୍ତା। ସରକାର କାହିଁକି ଏ ଓଡ଼ିଆଟାକୁ ରଖିଚି କେଜାଣି?

ଓଡ଼ିଆ ବିପକ୍ଷରେ ସେ ମାଡାମ୍‌ଙ୍କର ଏପରି ମନ୍ତବ୍ୟ ମୋ' ଛାତିରେ ତୀର ବିନ୍ଧିଲା ପରି ଲାଗିଲା। ମୋର ତ ସହଜେ ଦୁର୍ବଳ ଛାତି ତା' ଭିତରେ ଛୋଟ କଲିଜା। ମୁଁ କୁଆଡ଼େ ସେ ତୀରକୁ ସହିପାରିବି? ପୁଣି ମୋର ଟିକେ ସହଜେ ରକ୍ତଚାପ ଅଛି।

ମୁଁ ହଠାତ୍ ପ୍ରତିକ୍ରିୟାଶୀଳ ହେବାକୁ ଯାଉଥିଲି। ପୁଣି କ'ଣ ଭାବି ରହିଗଲି। ମୁଁ ସେ କଲେଜ୍‌ରେ ଏବେ ଦିମାସ ହବ ଚାକିରି କରିଚି। ଭଲକି କାହାକୁ ଚିହ୍ନିନି। ପୁଣି ଯୁକ୍ତିତର୍କ କାଳେ ବ୍ୟକ୍ତିଗତ ମନାନ୍ତରକୁ ଚାଲିଯିବାର ଭୟ ହେଉଚି। ତେଣୁ ମୁଁ ବାଧହେଇ ନିରବ ରହିଲି।

କିନ୍ତୁ ସିଏ କେବଳ ଏତିକି କଥାରେ ନିରବ ରହିଲେ ନାହିଁ। ସରକାରଙ୍କୁ ଗୋଟେ ଶିକ୍ଷିତଭାଷାରେ ଗାଳିଗୁଲଜ

କରିବାକୁ ଲାଗିଲେ। ସରକାରଙ୍କ ଅପରାଧ ଏହି ଯେ ସିଏ ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଆଭାଷା ଓ ସାହିତ୍ୟକୁ ଗୋଟାଏ ବାଧ୍ୟତାମୂଳକ ବିଷୟ କରିଛନ୍ତି। ଓଡ଼ିଆ ଗୋଟେ ପଢ଼ିବ କ'ଣ? ଏହା କି କାମରେ ଆସିବ? ମୁଖ୍ୟତଃ ବିଜ୍ଞାନର ଛାତ୍ରଛାତ୍ରୀଙ୍କ ପାଇଁ?

ମୁଁ ଏଇଠି ଆପଣମାନଙ୍କୁ କହିବାକୁ ଭୁଲିଯାଇଛି ଯେ ଏହି ସ୍ୱନାମଧନ୍ୟା ମାଡାମ୍ ଜଣକ ଫିଜିକ୍ସ, ମାନେ ପଦାର୍ଥ ବିଜ୍ଞାନର ଜଣେ ଅଧ୍ୟାପିକା। ତାଙ୍କର ଯୁକ୍ତି ହେଲା, ବିଜ୍ଞାନର ଯେ କୌଣସି ବିଷୟ ସବୁବେଳେ ଦରକାରୀ। ଫାଷ୍ଟ ଇୟର୍‌ରେ ପରୀକ୍ଷା ନହେଲେ ମଧ୍ୟ ଫାଷ୍ଟ ଇୟର୍‌ର ବିଜ୍ଞାନ ବିଷୟଗୁଡ଼ା ସେକେଣ୍ଡ୍ ଇୟର୍‌ରେ ବି ଦରକାରରେ ଆସିବ। କିନ୍ତୁ ଓଡ଼ିଆ ନୁହେଁ।

ତାଙ୍କର ଏହି ବିଜ୍ଞ ବିଚାରକୁ ସିଦ୍ଧ କରିବାକୁ ସିଏ ବିଦ୍ୟାଧର ପଣ୍ଡିତଙ୍କ (ସଂସ୍କୃତ ଅଧ୍ୟାପକ) ସମର୍ଥନ ଲୋଡ଼ିଲେ। ପଣ୍ଡିତ ଜୀ ପ୍ରଥମେ କହିଲେ ହଁ, ହଁ, ଠିକ୍ କଥା। କିନ୍ତୁ ତତ୍ ସହିତ ଏବଂ ତତ୍‌କ୍ଷଣାତ୍ କହିଲେ ବରଂ ସଂସ୍କୃତ ପଢ଼ିଲେ ଲାଭ ଅଛି। କାରଣ ସଂସ୍କୃତର କେତେକ ବିଷୟ ବିଜ୍ଞାନ ସହ ସଂପର୍କିତ। ଏଥିରୁ ବହୁ ବୈଜ୍ଞାନିକ ଉପାଦାନ ମିଳିପାରିବ। ବିଜ୍ଞାନ ତ ସଂସ୍କୃତରୁ ସୃଷ୍ଟି। ନା, କ'ଣ ମାଡାମ୍! ଠିକ୍ ନା ନାଇଁ?

ମୁଁ ଲକ୍ଷ୍ୟକଲି ମାଡାମ୍ ବୋଧେ ବିଜ୍ଞାନ ଭିତରକୁ ଅନ୍ୟକୌଣସି ବିଷୟକୁ ପ୍ରବେଶ କରିବାକୁ ଚାହୁଁନଥିଲେ। ମାତ୍ର ପଣ୍ଡିତ ଜୀ ପ୍ରଥମେ ତାଙ୍କୁ ସମର୍ଥନ ଯୋଗେଇଥିବାରୁ ଖାଲି ପଦୁଟିଏ କହିଲେ, ହଁ, ନୁହେଁ ଆଉ କ'ଣ? କିନ୍ତୁ ଓଡ଼ିଆ ଭାଷାର କ'ଣ ଆବଶ୍ୟକତା?

ଏତିକିରେ ପଣ୍ଡିତ ଜୀ ଖୁସୀ ହେଇଗଲେ।

ଏଠି ପଣ୍ଡିତଜୀଙ୍କ ବିଷୟରେ ଆଉ ଦିପଦ ଏକ୍ସଟ୍ରା କଥା କହିବାର ଲୋଭ ସମ୍ବରଣ କରିପାରୁନି। ସିଏ ବଡ଼ ଡୁଆଲ୍ ମଣିଷ। ମାନେ, ଦିଟା କାମ ଏକାବେଳେ କରିପାରନ୍ତି। ଯାତ୍ରାଦେଖା ଓ କଦଳୀ ବିକା। ତାଙ୍କୁ ଟିକେ ଜ୍ୟୋତିଷ ପାଠ ଜଣା। ସିଏ କ୍ଲାସ୍ ବେଳେ କ୍ଲାସ୍ କରନ୍ତି। ଅନ୍ୟବେଳେ କମନ୍‌ରୁମ୍‌ରେ ଷ୍ଟାଫ୍ ମାନଙ୍କର କୋଷ୍ଠୀ ଗଣନା କାର୍ଯ୍ୟରେ ବ୍ୟସ୍ତ ଥା'ନ୍ତି।

ଏଇଠି ଆପଣମାନେ ଭାବୁଥିବେ, ମୁଁ କାହିଁକି ଏଥିରେ, ମାନେ ଏ ଲେଖାରେ ଅଯଥା ଇଂରାଜୀ ଶବ୍ଦ ବ୍ୟବହାର କରୁଚି। ଆଜ୍ଞା, ଲେଖା ଶୈଳୀରୁ ଆପଣମାନେ କ'ଣ ବୁଝିପାରୁନାହାନ୍ତି, ଏ ଶବ୍ଦ କେତୁଟା କେମିତି ମ୍ୟାଚିଂ କରିଯାଉଚି କହିବାକୁ ଚାହୁଁଥିବା କଥା ବୁଝିବା ପାଇଁ? ଅବଶ୍ୟ ଏକ୍‌ସ୍‌ଟ୍ରା ଓ ଡୁଆଲ୍ ବଦଳରେ ଏବଂ ମ୍ୟାଚିଂ ବଦଳରେ ଅନ୍ୟ ତିନୋଟି ଶବ୍ଦ ଓଡ଼ିଆଭାଷାରୁ ବାଛି ଆଣି ଯୋଡ଼ି ହବ। ତେବେ କ୍ଲାସ୍ ଆଉ ଷ୍ଟାଫ୍ ବଦଳରେ କ'ଣ ଓଡ଼ିଆ ଶବ୍ଦ ନାହିଁ? ତାକୁ ଯଦି ଯୋଡ଼ିବା କେମିତି ଲାଗିବ?

ଛାଡ଼ନ୍ତୁ। ତଥାପି ଏ ଅପରାଧ ପାଇଁ କ୍ଷମା ମାଗୁଚି। ପୁଣି ମୂଳ ପ୍ରସଂଗକୁ ଫେରୁଚି।

ମାଡାମ୍ ଜଣକ ମତେ ଲକ୍ଷ୍ୟ କଲେ। ମୁଁ ବୋଧେ ଦୁର୍ଭାଗ୍ୟକୁ ସେଦିନ ଏକା ଥିଲି। ମାନେ ଏକମାତ୍ର ସାହିତ୍ୟ ଅଧ୍ୟାପକ! ମୋ ବିଭାଗର ଅନ୍ୟମାନେ ଚାଲିଯାଇଥିଲେ।

ମୁଁ ତାଙ୍କୁ ଏକଲୟରେ ଚାହିଁ ରହି ସାହସ ଜୁଟଉଥିଲି ପ୍ରତିବାଦ କରିବାକୁ। ସିଏ ମୋର ଏଇ ଅସହାୟତାକୁ ଲକ୍ଷ୍ୟ କରି ଟିକେ ଦବିଗଲେ ଏବଂ କାହିଁକି କେଜାଣି ଟିକେ ଦୟାଶୀଳା ହେଇ ଉଠିଲେ। ତଳ ଓଠଟାକୁ ଟିକେ ଆଗକୁ ତେଡ଼ି କହିଲେ- ହଁ, ଗ୍ରାମାର ଫ୍ରାମାର୍ ଟିକେ ରଖିଲେ ଚଳିବ। ସେକେଣ୍ଡ ଇୟର୍ ପାଇଁ ହେଉ କି କମ୍ପିଟିଟିଭ୍ ପରୀକ୍ଷା ପାଇଁ ହଉ।

ମୁଁ ସେତେବେଳକୁ ଖୁବ୍ ରାଗିଯାଇଥିଲି ଏବଂ ବ୍ୟସ୍ତ ହେଇପଡ଼ିଥିଲି। ଆଉ ରହିପାରିଲିନି। ପଦୁଟିଏ କହିଲି- ପରୀକ୍ଷା ହଉନି ବୋଲି ପିଲାଏ ଓଡ଼ିଆ ପଢୁନାହାଁନ୍ତି। ସେଥିପାଇଁ ସରକାର ଦାୟୀ ନା ଓଡ଼ିଆ ଭାଷାସାହିତ୍ୟ ଦାୟୀ? କାହିଁକି ପରୀକ୍ଷା କରୁନାହାଁନ୍ତି ବୋଲି ସେଥିପାଇଁ ସିନା ଆପଣ ସରକାରଙ୍କୁ ଗାଳି କରନ୍ତେ। ଓଡ଼ିଆ ରଖିଥିବାରୁ କ'ଣ ଗାଳି କରୁଛନ୍ତି? ଓଡ଼ିଆ ପାଠଟା କ'ଣ ଏତେ ସହଜ ଓ ଶସ୍ତା?

ମୁଁ ଆହତ ହେଇଚି ବୋଲି ସିଏ ଅନୁଭବ କଲେ। କିନ୍ତୁ ନିଜ ବିଷୟରେ ଦୃଢ଼ ରହିଲେ। ମୁଁ ଅନୁଭବ କଲି ଯୁକ୍ତିତର୍କ କଲେ ବିବାଦ ହେଇଯିବ? ତେଣୁ ନିବୃତ୍ତ ରହିବାକୁ ଚେଷ୍ଟା କରୁଥିଲି। ସିଏ କିନ୍ତୁ ତାଙ୍କ ମତ ସପକ୍ଷରେ ଯୁକ୍ତି

ବାଡ଼ି ଚାଲିଥିଲେ । ମୋର ଧୈର୍ଯ୍ୟଚ୍ୟୁତି ଘଟିଲା । ମୁଁ ଅନୁଭବ କଲି ଯେ ମୁଁ ରାଗିଯାଇଚି । ଏବଂ ରାଗ କୌଣସି ପରିସ୍ଥିତିରେ ନିଜ ସପକ୍ଷରେ ଯୁକ୍ତି ବାଢ଼ିପାରିବ ନାହିଁ । ଏବଂ ଯଦି ବି ବାଢ଼ିବ ତାହା ବ୍ୟକ୍ତିଗତ ମନାନ୍ତର ସ୍ତରକୁ ଚାଲିଯିବ ।

ମୋର କହିଦେବାକୁ ଇଚ୍ଛା ହଉଥିଲା- ମୋ' ସାଥିରେ ଆପଣ ଇଂଗ୍ଲିସ୍ କହିପାରିବେ ଓ ଲେଖିପାରିବେ ? ମୋ ପରି SSB କି OPSC ପାଇପାରିବେ ? JRF ପାଇପାରିବେ ? ଦରଖାସ୍ତଟିଏ ଲେଖିପାରିବେ ? ଗପ କି ପ୍ରବନ୍ଧଟିଏ ଲେଖିପାରିବେ ? କୌଣସି ଗୋଟେ ଆନ୍ତର୍ଜାତିକ ସମସ୍ୟାକୁ ପିଲାଙ୍କୁ ସରଳଭାବରେ, ପ୍ରାଞ୍ଜଳ ଭାବରେ ବୁଝେଇ ଦେଇ ପାରିବେ ? କୌଣସି ସଭାରେ ଓଜସ୍ୱିନୀ ଭାଷଣ ଦେଇପାରିବେ ? ଦୁଃଖରେ ଭାଙ୍ଗି ପଡୁଥିବା ଲୋକକୁ ମିଠାକଥା ପଦେ କହି ହସେଇ ପାରିବେ ?

ମୁଁ କିନ୍ତୁ ତାଙ୍କୁ ଏସବୁ କିଛି କହିପାରିଲି ନାହିଁ । ବାଧ୍ୟରେ ନିରବତା ଅବଲମ୍ବନ କଲି । ଏକଥା ବା'ଦେ ଆହୁରି କେତେ କେତେ ଯୁକ୍ତି ମୁଁ କରିପାରିଥା'ନ୍ତି । କଲି ନାହିଁ ।

ତେଣୁ ଉଠିଆସିବାକୁ ଯାଉଥିଲି । ସିଏ ଶେଷ ବାକ୍ୟଟିକୁ ଫୋପାଡ଼ି ଦେଲେ- ଓଡ଼ିଆ ପଢ଼ି ପିଲାଗୁଡ଼ା ବେକାର ହେଇଯାଉଛନ୍ତି ।

ମୋ ଦେହରେ ନିଆଁ ଲାଗିଗଲା । ମୁଁ ଉଠିପଡୁ ପଡୁ ନିଜକୁ ସମ୍ଭାଳି ନେଲି । ମାତ୍ର ଗଲାବେଳକୁ ପଦୁଟିଏ ନକହିଲେ ମୁଁ ରାତିରେ ଭଲରେ ଶୋଇପାରିବିନି । ତେଣୁ କହିଲି- ଆପଣ ଓଡ଼ିଆଣୀ ନା ବଂଗାଳୁଣୀ ?

ସିଏ ତତ୍‌କ୍ଷଣାତ୍ ଉତ୍ତର ଦେଲେ- ମୁଁ ବଂଗାଳୁଣୀ ନୁହଁ କି ଓଡ଼ିଆଣୀ ନୁହଁ । ମୁଁ ଜଣେ ଅଧ୍ୟାପିକା ।

ଅଧ୍ୟାପିକା କ'ଣ ଗୋଟେ ଜାତି ? ମୋ ସ୍ୱର ସେତେବେଳକୁ ଉତ୍ତେଜିତ ହୋଇସାରିଥିଲା । ମାତ୍ର କାହିଁକି କେଜାଣି ହଠାତ୍ ମତେ ସେ ମାଡାମ୍ ଜଣକ ଖୁବ୍ ଅସହାୟ ଲାଗିଲେ । ନିଜର ଦୁର୍ବଳ ଯୁକ୍ତିକୁ ସିଏ କୌଣସି ପରିସ୍ଥିତିରେ ବି ଛାଡ଼ିବାକୁ ଚାହୁଁ ନଥିଲେ ।

ତେଣୁ ଟିକେ ହସିଦେଲି ଏବଂ ଶେଷ ବାକ୍ୟଟି କେବଳ କହିଲି- ମନେରଖନ୍ତୁ, ଯା'ର ଭାଷା ନାହିଁ, ତା'ର ଜାତି ନାହିଁ ।

ଏତିକି କହି ବାହାରି ଆସିଲି । ❑

*ଅଧ୍ୟାପକ, ଓଡ଼ିଆ ବିଭାଗ*
*ରଣପୁର କଲେଜ ରଣପୁର, ନୟାଗଡ଼*
*ମୋ: ୮୩୪୨୦୧୫୦୮୪*

# ବିଜୁବାବୁଙ୍କ ସାହସ ଓ ଲୋଡ଼ିବାପଣ

◆ ବିରାଜ ମୋହନ ଦାସ

ସ୍ୱର୍ଗତଃ ବିଜୟାନନ୍ଦ ପଟ୍ଟନାୟକ କେବଳ ଓଡ଼ିଶାର ଜନମାନସରେ ନୁହେଁ ସର୍ବଭାରତୀୟ ଏପରିକି ବିଦେଶର ରାଜନୀତିଜ୍ଞମାନଙ୍କ ମହଲରେ 'ବିଜୁ ପଟ୍ଟନାୟକ' ବା 'ବିଜୁବାବୁ' ନାମରେ ବେଶ୍ ଲୋକପ୍ରିୟ। ତାଙ୍କ ସାହସିକତାର ପ୍ରମାଣ ଆମେ ଚୀନ୍-ଭାରତ ଯୁଦ୍ଧ ବେଳେ, ତାଙ୍କ କାର୍ଯ୍ୟଧାରା ତଥା ଇଣ୍ଡୋନେସିଆର ରାଜନେତାଙ୍କୁ ସହାୟତା ପ୍ରଦାନ ପରିପ୍ରେକ୍ଷୀରେ ଜାଣିଥାଉ। ମାତ୍ର ଆଜୀବନ ସେ ଥିଲେ ସାହସୀ, ଏପରିକି ବାର୍ଦ୍ଧକ୍ୟ ମଧ୍ୟ ତାଙ୍କୁ ସାହସିକ ଗୁଣରୁ ବିରତ କରିପାରି ନଥିଲା।

ସେ ବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟର ଆମ୍ରକୁଞ୍ଜରେ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିଲା ପୁଷ୍ପ ପ୍ରଦର୍ଶନୀ। ବିଶିଷ୍ଟ ଜନନେତା ବିଜୁବାବୁ ଏହାକୁ ଉଦ୍‌ଘାଟନ କରି, ବାଣୀବିହାରସ୍ଥ ଅଡ଼ିଟୋରିଅମ୍‌ରେ ଉଦ୍‌ବୋଧନ ଦେବାର ଥିଲା। ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହେବାକୁ ସ୍ଥିର ହୋଇଥିବା ତାରିଖର ପୂର୍ବଦିନ ରାତିର ବିଳମ୍ବିତ ପ୍ରହରରେ କେହିଜଣେ ବା କେତେଜଣ ଦୁର୍ବୃତ୍ତ ଆୟୋଜନ ସ୍ଥଳର ତୋରଣ ଏବଂ ମଞ୍ଚରେ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ଆଶଙ୍କା ମଧ୍ୟରେ ଥିଲେ ଆୟୋଜକଙ୍କ ସମେତ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ। ଏ ଖବର ତ ଇଣ୍ଟେଲିଜେନ୍ସ ବାଲାଙ୍କ ମାଧ୍ୟମରେ ତାଙ୍କ ପାଖରେ ପହଞ୍ଚି ଯାଇଥିବ। ସେ ବୋଧହୁଏ ଆଉ ଆସିବେ ନାହିଁ। ଆଉ ଆମେ ଯେଉଁମାନେ ବିଜୁପ୍ରେମୀ – ତାଙ୍କ ମୁହଁରୁ ଦି'ପାଦ କଥା ଶୁଣିବାରେ ବା ତାଙ୍କୁ ଦେଖିବାରେ ଆଗ୍ରହ ଅଥବା ରୁଚି ରଖିଥାଉ, ଆମ ଭିତରେ ଖେଳିଗଲା ନିରାଶା। ନିର୍ଦ୍ଦିଷ୍ଟ ସମୟରେ କୌଣସି ଦୁଃସ୍ଥିତିକୁ ଖାତିର ନ କରି ସେ ଆସି ପହଞ୍ଚିଲେ। ସେଠାରେ ସମସ୍ତଙ୍କୁ ସମ୍ବୋଧନ କରିବା ଛଳରେ କହିଲେ, "ପିଲାମାନେ ଏବେ ଟି.ଭି. ଦେଖୁଛନ୍ତି ତ ସେମାନେ ବୋଧହୁଏ ବର୍ତ୍ତମାନ ପଞ୍ଜାବରେ ପାଳିତ ହେଉଥିବା 'ଚୁନୌରୀ' ଉତ୍ସବ ଦେଖୁଥିବେ। ସେଠି ବର୍ତ୍ତମାନ ସନ୍ଧ୍ୟା ପରେ ଜାଗାକୁ ଜାଗା ନିଆଁ ଜାଳି ଲୋକମାନେ ଗୋଡ଼ହାତ ସେକନ୍ତି ଓ ଆନନ୍ଦରେ ଗୀତ ଗାଇ ଉତ୍ସବର ମଜା ନିଅନ୍ତି। ଆମ ପିଲାମାନେ ବି ସେମିତିକା କରିଛନ୍ତି ବୋଧହୁଏ।" ସେଠାରେ ସମସ୍ତେ ତାଙ୍କର ଏହି ବକ୍ତବ୍ୟରେ ଚକିତ ହୋଇଥିଲେ। ଆମେ ବହୁବାର ଦେଖିଛୁ, ଅନ୍ୟ ରାଜନେତାମାନେ ଆଗରୁ ସ୍ଥିର ହୋଇଥିବା କାର୍ଯ୍ୟକ୍ରମକୁ କିଛି ଗଣ୍ଡଗୋଳ ନ ଥାଇ ମଧ୍ୟ କାଳେ ଗଣ୍ଡଗୋଳ ହେବ ଏଇ ଆଶଙ୍କା କରି ବାଣୀବିହାର ପରିସରକୁ ଆସି ନଥାନ୍ତି। ହେଲେ ଗଣ୍ଡଗୋଳ ହୋଇ ମଧ୍ୟ ବିଜୁବାବୁ ଆସିଲେ। ପୁଣି ଗୋଟାଏ ନକାରାତ୍ମକ କାର୍ଯ୍ୟଶୈଳୀକୁ ସକାରାତ୍ମକ ଦୃଷ୍ଟିଭଙ୍ଗୀରୁ ବିବେଚନା କରି ନିଜ ବିଚାର ଉପସ୍ଥାପନ କଲେ। ଏହିଭଳି ସାହସୀ ତଥା ଉଚ୍ଚମନା ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ସେ।

ଆଉ ଥରେ ଛାତ୍ରସଂସଦର ଗୋଟାଏ ଉତ୍ସବକୁ ଯୋଗ ଦେବାକୁ ସେ ଆସିଥିଲେ ବାଣୀବିହାରର ଅଡ଼ିଟୋରିଅମ୍‌କୁ। ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନଙ୍କ ଦ୍ୱାରା ଅଡ଼ିଟୋରିଅମ୍ ଭରପୂର ହୋଇଯାଇଥିଲା। ଏପରିକି ପଛପଟେ ବେଶ୍ କେତେଜଣ ଠିଆ ହୋଇଥିଲେ। ବିଜୁବାବୁ ତାଙ୍କ ବକ୍ତବ୍ୟ ରଖିବା ପାଇଁ ମାଇକ୍ ପାଖକୁ ଗଲାବେଳକୁ ହଠାତ୍ ଜଣେ ଛାତ୍ର ତାଙ୍କୁ ବାଧା ଦେବାକୁ ଗଲା। ସେ ତତ୍‌କ୍ଷଣାତ୍ ତାକୁ ଦୁଇ ହାତରେ ଧରି ଉପରକୁ ଉଠାଇ ପୁଲିସ୍‌ବାଲାଙ୍କୁ ଧରାଇ ଦେଲେ।

ଏ ବୟସରେ ବି ତାଙ୍କର ଏହି ଅଫୁରନ୍ତ ଅଦମ୍ୟ ଶାରୀରିକ ଶକ୍ତି ଦେଖି ଆମେସବୁ ହତଚକିତ ହୋଇଯାଇଥିଲୁ। ପରବର୍ତ୍ତୀ ସମୟରେ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ କାର୍ଯ୍ୟକ୍ରମ ଚାଲିଲା। ତେବେ ଏ ଘଟଣା ପ୍ରସଙ୍ଗରେ ସେ ଖାଲି ଏତିକି କହିଥିଲେ, 'ମୁଁ ଏ କାମ କରିବା କଥା ନା, ତୁମେମାନେ ଏ ସବୁ ଦାୟିତ୍ୱ ତୁଲାଇ ଥାଆନ୍ତ'। ଲଜ୍ଜାରେ ଆମ ମୁଣ୍ଡ ସବୁ ତଳକୁ ହୋଇଯାଇଥିଲା। ଯିଏ

ଯେତେବେଳେ ଶାସନ କ୍ଷମତାରେ ଥାଉ ନା କାହିଁକି ତାଙ୍କଭଳି ଜଣେ ସର୍ବମାନ୍ୟ ଜନନାୟକଙ୍କୁ ଆମେ ସୁରକ୍ଷା ଯୋଗାଇ ଦେବା କଥା କିନ୍ତୁ ତାହା ଆମେ ନିର୍ବାହ କରିପାରିଲୁ ନାହିଁ। ସେ ନିଜେ ସାଜିଲେ ନିଜର ସୁରକ୍ଷା ଅଧିକାରୀ। ଯା'ଠାରୁ ଅଧିକ ଲଜ୍ଜାକର କଥା ଏ ଶାସନ ବ୍ୟବସ୍ଥା ପାଇଁ, ଆମ ପାଇଁ ଆଉ କ'ଣ ହୋଇପାରେ ? ତେବେ ଏହିଭଳି ସାହସିକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ସେ।

ତାଙ୍କର ଶେଷଥର ଓଡ଼ିଶାର ମୁଖ୍ୟମନ୍ତ୍ରୀତ୍ୱ କାଳରେ ଥରେ ସେ ଯାଇଥିଲେ ବାଲେଶ୍ୱର ଜିଲ୍ଲା ଗ୍ରସ୍ତରେ। ସେଠାରେ ତାଙ୍କୁ ଭେଟିଥିଲେ ଜିଲ୍ଲାର କେତେଜଣ ସ୍ୱାଧୀନତା ସଂଗ୍ରାମୀ। ସେମାନଙ୍କ ଭିତରେ ସେ ଖୋଜିଥିଲେ ଜିଲ୍ଲାର ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ– ମୋ' ବାପା – କିଶୋରୀ ମୋହନ ଦାସଙ୍କୁ। ପେନ୍‌ସନ୍ ଆଣିବା ପାଇଁ ଯାଇଥିବା ବେଳେ ସଂଗ୍ରାମୀ ବଂଧୁମାନଙ୍କଠାରୁ ଏ କଥା ଶୁଣି, ବାପା ଆସିଥିଲେ ତାଙ୍କୁ ଭେଟିବା ପାଇଁ ଭୁବନେଶ୍ୱର। ସେତେବେଳେ ପଞ୍ଚମ ଶ୍ରେଣୀରେ ପଢୁଥିବା ମୋ ସାନଝିଅ ସିପାକୁ ସାଙ୍ଗରେ ନେଇ ବାପା ଯାଇଥିଲେ ତାଙ୍କ ପାଖକୁ। ଅନ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ଭଳି ତାଙ୍କୁ ଦେଖା କରିବାରେ ଏତେଟା କଟକଣା ନଥାଏ। ବାପା ନିଜର ନାଁ ଓ ବାଲେଶ୍ୱରର ସ୍ୱାଧୀନତା ସଂଗ୍ରାମୀ ବୋଲି ଲେଖି ଚିରୁକୁଟିଟା ଦେଲେ। ସାଙ୍ଗେ ସାଙ୍ଗେ ଅନୁମତି ଆସିଗଲା। ଝିଅ ପାଖରୁ ସେତେବେଳେ ଶୁଣିଥିଲି, ବାପା ତାଙ୍କୁ ନିମସ୍କାର କରିସାରିବା ପରେ ସିଏ କହିଲେ, 'କିଶୋରୀ ବସ। ବହୁତଦିନ ହେଲାଣି ତୁମ ସାଙ୍ଗରେ ଦେଖାସାକ୍ଷାତ ହୋଇନାହିଁ। ଇଏ କିଏ ନାତୁଣୀ ନା ?' ମୋ ଝିଅ ତାଙ୍କୁ ଦଣ୍ଡବତ କରି ମୋ ବାପାଙ୍କ ପାଖରେ ଠିଆ ହେଲା। ତାକୁ ବିସ୍କୁଟ୍ ପ୍ୟାକେଟ୍‌ଟାଏ ଧରାଇ ଦେଇ ଦୁଇଜଣ ପନ୍ଦର ମିନିଟ୍ ଖଣ୍ଡେ ଗପସପ କରିଥିଲେ। ତା'ପରେ ବେଶ୍ ମନଖୋଲା ହସ ହସି ପରସ୍ପରଠାରୁ ବିଦାୟ ନେଇଥିଲେ। ସେ ଦୁହିଁଙ୍କ ଆତ୍ମୀୟତାଭରା ଆଳାପ ଦେଖି ତାଙ୍କୁ ବି 'ଜେଜେ' ବୋଲି ଡାକିଦେବାର ଆସ୍ପର୍ଦ୍ଧା କରିଥିଲା ମୋ ଝିଅ। ଏ ଡାକ ଶୁଣି ସେ ହସି ହସି ତା' ଗାଲ ଚିପି ଦେଇଥିଲେ। ଉଭୟ ବିଜୁବାବୁ ମୋ ବାପା ଆଜି ସ୍ୱର୍ଗରେ। ହୁଏତ ସେଠାରେ ଭେଟାଭେଟି ହେଉଥିବ କି ନାହିଁ କେଜାଣି ! ତେବେ ମର୍ତ୍ତ୍ୟରେ ବିଜୁବାବୁଙ୍କର ମହାନତାର ପରିଚୟ ମୁଁ ପାଇଥିଲି ଏଇ ଘଟଣାରୁ।

ତାଙ୍କୁ 'ଭାରତ ରତ୍ନ' ଉପାଧି ପ୍ରଦାନ ନେଇ ଏବେ ଚାଲିଛି ବିତର୍କ। ସେ କାଳେ କିଛି କରିନାହାନ୍ତି। କିଛି କରି ନଥିଲେ କ'ଣ ତାଙ୍କ ନାମକୁ ପାଥେୟ କରି ଗଢ଼ା ଯାଇଥିବା ରାଜନୈତିକ ଦଳକୁ ଓଡ଼ିଶାବାସୀ ଦୀର୍ଘ ବର୍ଷ ଧରି ଶାସନ କ୍ଷମତାରେ ତିଷ୍ଠିବାକୁ ଦେଇଥାନ୍ତେ ! ସତରେ ବିଜୁବାବୁ ଥିଲେ ଯେମିତି ଦୀର୍ଘଦେହୀ ସେମିତି ଉଚ୍ଚମନା ଏବଂ ମହାନ୍। ସଂକୁଚିତ ମନୋଭାବ ନେଇ ରାଜନୀତି କରୁଥିବା ବ୍ୟକ୍ତିବିଶେଷଙ୍କର ତାଙ୍କ ବ୍ୟକ୍ତିତ୍ୱକୁ ଖର୍ବ କରିବାର ଉଦ୍ୟମ କେବେହେଲେ ସଫଳ ହୋଇନାହିଁ। କାରଣ ସେ ମୋ' ଭଳି ଲକ୍ଷ ଲକ୍ଷ ଓଡ଼ିଆଙ୍କ ହୃଦୟରେ ଦୃଢ଼ ଆସନ ପାତି ବସିଛନ୍ତି ଯାହାକୁ ହଟାଇବାର ଅପଚେଷ୍ଟା ନିଷ୍ଫଳ।

ଶେଷରେ ସେହି କଳିଙ୍ଗ ବୀରଙ୍କର ଆଦର୍ଶ ଚିରଦିନ ଓଡ଼ିଆଜାତିକୁ ପ୍ରେରଣା ଦେଉ ଏହାହିଁ ମୋର କାମନା। ❑

*ମୋ: ୯୮୫୩୩୪୭୨୪୭*

# ଆମ ନୈତିକ ଜୀବନ: ଏକ ଆବଶ୍ୟକତାର ବିଷୟ

◆ ଡ. ବିଷ୍ଣୁପ୍ରିୟା ଓତା

ମଣିଷର ଜୀବନ ନୀତି ଏବଂ ଆଦର୍ଶ ଉପରେ ହିଁ ପ୍ରତିଷ୍ଠିତ ହେବା ଆବଶ୍ୟକ। କେବଳ କଥାରେ ନୈତିକ ଓ ଧାର୍ମିକ ନ ହୋଇ ଆମକୁ କାମରେ ଧାର୍ମିକ ହେବାକୁ ପଡ଼ିବ। ଆମର ଚାଲିଚଳଣ ଆଚରଣରେ ଧାର୍ମିକ ହେବାକୁ ପଡ଼ିବ। ପ୍ରକୃତରେ ଯେଉଁବ୍ୟକ୍ତି ଧାର୍ମିକତାର ସମସ୍ତ ଚାଲିଚଳଣ ଆଚରଣରେର ଧର୍ମୀୟ ଭାବ ଉପଲବ୍ଧ ହୁଏ। ତାର ପରିବେଶରେ ମଧ୍ୟ ଧାର୍ମିକ ଭାବ ପ୍ରକାଶିତ ହୁଏ। ଯେତେ ଲୋଭ ଆସିଲେ ମଧ୍ୟ ସେ ଲୋଭଗ୍ରସ୍ତ ହୋଇ ସେ ପାପକର୍ମ କରିପାରେନା ଅଥବା ପାପଧନ ଠାରୁ ଦୂରେଇ ରହେ। କାରଣ ସେ ବୁଝିଥାଏ ଯେ, ପାପକର୍ମ ଓ ପାପଅର୍ଜିତ ଧନ ଆମକୁ ବିପଥଗାମୀ କରିବ। ଧାର୍ମିକ ବ୍ୟକ୍ତିର ଚିନ୍ତାଧାରାରେ ପାପକର୍ମରୁ ଦୂରେଇ ରହି ନୀତିବାନ୍ ଓ ଧର୍ମପଥରେ ଗତିକରି ବରଂ ଦୀନଦରିଦ୍ର, ନିଃସ୍ୱ ଜୀବନଯାପନ କରିବ କିନ୍ତୁ ଅନୈତିକ ପଥରେ ଯାଇ ନିଜକୁ ସଂସାରରେ ଧନୀ ମାନୀ ବୋଲି ଦେଖାଇ ହେବ ନାହିଁ। ଆମର ନିତିଦିନିଆ ସଂସାରର କଥାଟିଏ ଆମକୁ ଏ ଦିଗରେ ବେଶ୍ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିପାରିବ।

ଜଣେ ନୀତିବାଦ ଅଧ୍ୟାପକ ଥିଲେ। ସେ ନିଜର ସୀମିତ ରୋଜଗାର ଭିତରେ ପରିବାର ଚଳାଉଥିଲେ। ଦୁଃଖେସୁଖେ ତାର ପରିବାରଟି ସ୍ୱଳ୍ପ ଆୟ ଭିତରେ ଚଳିଯାଉଥିଲା। ଅନ୍ୟାୟ ପଥରେ ଯାଇ ଅର୍ଥ ଉପାର୍ଜନ କରିବା ଓ ଆହୁରି ଭଲରେ ଚଳିବା କଥା ସେ ଆଦୌ ଚିନ୍ତା କରିପାରୁ ନଥିଲେ। ଚାକିରୀ ଜୀବନ ଭିତରେ ସୀମିତ ଅର୍ଥରେ ପରିବାର ଚଳାଇ ସେ ଚାକିରୀ ଶେଷବେଳକୁ ଅର୍ଥ ଅଭାବରୁ ଘରଟିଏ ମଧ୍ୟ କରିପାରିନଥିଲେ। ଅର୍ଥ ପାଇଁ କାହାକୁ ହାତ ପତେଇବାକୁ, କାହାର ଦ୍ୱାରସ୍ଥ ହେବାକୁ ସେ ଆଦୌ ପସନ୍ଦ କରୁ ନଥିଲେ। ତାଙ୍କର ପତ୍ନୀ ଜଣେ ସ୍ତ୍ରୀଲୋକ ହିସାବରେ ତାଙ୍କୁ ବ୍ୟସ୍ତ ବିବ୍ରତ ହୋଇ ଘରଟିଏ ପାଇଁ କହିଲେ। ସେ କହିଲେ "ମୁଁ କେତେଥର ଶୁଣିଛି ତୁମର ଛାତ୍ରମାନେ କହନ୍ତି, ସାର୍ ଯେତେବେଳେ ଯାହା ଦରକାର ପଡ଼ିବ ନିଶ୍ଚୟ କହିବେ। ଆମେ ଆପଣଙ୍କର ଛାତ୍ର, ଆପଣ ଆମକୁ ଗଢ଼ିଛନ୍ତି ଆମେ ନିଶ୍ଚୟ ଆପଣଙ୍କୁ ସାହାଯ୍ୟ କରିବୁ। ତୁମେ ଯାଇ ସେମାନଙ୍କୁ ନମାଗି ପରେ ପରିଶୋଧ କରିଦେବୁ କହି କିଛି ଆର୍ଥିକ ସାହାଯ୍ୟ ଆଣିଲେ ଆମେ ଘର ଖଣ୍ଡିଏ କରନ୍ତେ। ଅବସର ଗ୍ରହଣ ପରେ ଆମକୁ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନଟିଏ ମିଳିଥାନ୍ତା।" ପତ୍ନୀଙ୍କ କଥାରେ ଉତ୍ସାହିତ ହୋଇ ଓ ପ୍ରଭାବିତ ହୋଇ ବୟସ୍କା ଅଧ୍ୟାପକ ଜଣକ ସାହାଯ୍ୟ ଉଦ୍ଦେଶ୍ୟରେ ବାହାରକୁ ଯାଇ ଶୂନ୍ୟହସ୍ତରେ ଫେରିଲେ। ତାଙ୍କର ଚାଲିଚଳଣ ଢଙ୍ଗଢାଙ୍ଗରୁ ତାଙ୍କର ପତ୍ନୀ ଜାଣିପାରିଲେ ଯେ, ସ୍ୱାମୀ ତାଙ୍କର ବିଫଳ ହୋଇ ଫେରିଛନ୍ତି। ସେ ଖୁବ୍ ମନଦୁଃଖ କଲେ। ତାଙ୍କର ମନଦୁଃଖ ଦେଖି ଅଧ୍ୟାପକ ଜଣକ ପତ୍ନୀଙ୍କୁ ଗୋଟିଏ ସୁନ୍ଦର କାହାଣୀ ଶୁଣାଇଲେ।

ଥରେ ଋଷି ଅଗସ୍ତିଙ୍କ ପତ୍ନୀ ରତ୍ନଜଡ଼ିତ ଆଭୂଷଣଟିଏ ପିନ୍ଧିବାକୁ ଇଚ୍ଛା ପ୍ରକାଶ କଲେ। ନିଃସ୍ୱ ଋଷି ଅଗସ୍ତିଙ୍କର ଶକ୍ତି ଓ ସାମର୍ଥ୍ୟ ନଥିଲା ପତ୍ନୀଙ୍କୁ ଏଭଳି ମୂଲ୍ୟବାନ ଆଭୂଷଣଟିଏ ଦେବାପାଇଁ। ଋଷିପତ୍ନୀ କହିଲେ "ତୁମର ଏ ସଂସାରରେ ବହୁତ ଶିଷ୍ୟ ଅଛନ୍ତି। ଆଉ ସେମାନଙ୍କ ଭିତରେ ଅନେକ ସ୍ୱଚ୍ଛଳ ଅବସ୍ଥାରେ ଅଛନ୍ତି। ତୁମେ ସେମାନଙ୍କୁ ଅନୁରୋଧ କଲେ ମୋ ପାଇଁ ରତ୍ନ ଅଳଙ୍କାରଟି ଯୋଗାଡ଼ କରିବା ତୁମପାଇଁ ଆଦୌ କଷ୍ଟକର ହେବ ନାହିଁ। ପତ୍ନୀଙ୍କ କଥା ଶୁଣି ଋଷି ସ୍ୱଚ୍ଛଳ ଶିଷ୍ୟମାନଙ୍କ ନିକଟକୁ ଯିବାପାଇଁ ନିଜର ସମ୍ମତି ଜଣାଇଲେ। ମାତ୍ର ଯିବା ପୂର୍ବରୁ ସେ ପତ୍ନୀଙ୍କୁ କହିଲେ, "ଯେଉଁ ଶିଷ୍ୟମାନେ ଅନୀତିରେ ଅର୍ଥୋପାର୍ଜନ କରୁଥିବେ, ମୁଁ ସେମାନଙ୍କଠାରୁ ଏଥିପାଇଁ ସାହାଯ୍ୟ ଗ୍ରହଣ କରିପାରିବିନି। ଯେଉଁ ଶିଷ୍ୟ ନ୍ୟାୟୋଚିତ ଭାବରେ ଧନ ଉପାର୍ଜନ କରୁଥିବେ ସେଇମାନଙ୍କଠାରୁ ହିଁ ମୁଁ ସାହାଯ୍ୟ ଗ୍ରହଣ କରିବି।

ଋଷି ଶିଷ୍ୟମାନଙ୍କ ନିକଟରେ ଯାଇ ପହଂଚିଲେ। ଗୁରୁଙ୍କୁ ଦେଖି ଶିଷ୍ୟମାନେ ଆନନ୍ଦ ମନରେ ସମସ୍ତେ ଧନ

ସାହାଯ୍ୟ କରିବାକୁ ଆଗେଇ ଆସିଲେ। ମାତ୍ର ସେମାନେ ସମସ୍ତେ ଅନ୍ୟାୟରେ ଧନ ଉପାର୍ଜନ କରୁଥିଲେ। ଋଷି ସେମାନଙ୍କଠାରୁ ସାହାଯ୍ୟ ନେଲେ ନାହିଁ। ସେ ରାଜାଙ୍କର ଦ୍ୱାରସ୍ଥ ହେଲେ। ରାଜା ରାଜପୁତ୍ର ଅବସ୍ଥାରେ ଗୁରୁଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ। ଋଷି ତାଙ୍କର ଶିଷ୍ୟ ରାଜାଙ୍କର ଗତିବିଧି ଲକ୍ଷ୍ୟ କଲେ। ସେ ଦେଖିଲେ ରାଜ୍ୟର ସମସ୍ତ ଆୟକୁ ସେ ପ୍ରଜାଙ୍କର ହିତ କଳ୍ପେ ବିନିଯୋଗ କରୁଛନ୍ତି। ଯାହା ଫଳରେ ତାଙ୍କର ରାଜକୋଷ ସଂପୂର୍ଣ୍ଣ ଭାବରେ ସଦାସର୍ବଦା ଶୂନ୍ୟ ରହୁଛି। ଋଷି ଖୁବ୍ ଆନନ୍ଦିତ ହେଲେ। ଶିଷ୍ୟ ଛାତ୍ର ରାଜାଙ୍କୁ ଆଶୀର୍ବାଦ କଲେ ଓ ରିକ୍ତ ହସ୍ତରେ ଘରକୁ ଫେରିଲେ। ଅପେକ୍ଷମାଣା ପତ୍ନୀଙ୍କୁ କହିଲେ "ବୁଝିଲ, ମଣିଷର ଶରୀର ରତ୍ନସ୍ୱରୂପ। ତେଣୁ ତାକୁ ଅନ୍ୟାୟ ଅର୍ଜିତ ଧନଦ୍ୱାରା ମିଳିଥିବା ରତ୍ନ ଆଭୂଷଣ ଦ୍ୱାରା ସଜେଇବା କେବଳ ଅଧର୍ମ ଛଡ଼ା ଆଉକିଛି ନୁହେଁ। ଏକଥା କହିସାରି ସେ ପତ୍ନୀଙ୍କ ପ୍ରତିକ୍ରିୟା ଜାଣିବାପାଇଁ ତାଙ୍କୁ ଋହିଁଲେ। ପତ୍ନୀ ଆବେଗରେ ଛଳଛଳ ହେଇ କହିଲେ। ମୁଁ ଏଥର ସବୁକଥା ବୁଝିଗଲି। ତୁମେ ମତେ ଆଉ ବୁଝାଇବା ଦରକାର ନାହିଁ। ତୁମର ନୈତିକତା, ତୁମର ଆଦର୍ଶ, ତୁମର ଧାର୍ମିକ ଭାବ ମୋର ରତ୍ନ ଆଭୂଷଣ।

ପ୍ରକୃତରେ ନୈତିକ ଜୀବନ ଜୀଇଁବା ହିଁ ଏକ ମୂଲ୍ୟବାନ ଜୀବନ। ❑

*ପ୍ରାଧ୍ୟାପିକା: (ଓଡ଼ିଆ ବିଭାଗ)*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ବୈକୁଣ୍ଠନାଥ ପଟ୍ଟନାୟକଙ୍କ କବିତାର ଭାବଭୂମି

◆ ପ୍ର. ଉଦୟନାଥ ସାହୁ

ବୈକୁଣ୍ଠନାଥ ପଟ୍ଟନାୟକ ଏକାଧାରରେ ଥିଲେ କବି, ବିପ୍ଳବୀ ଓ ଶିକ୍ଷକ। ବଂଚିବାର ମାନ ମାତ୍ର ନୁହେଁ, ଜୀବନର ମାନକୁ ସେ ସବୁବେଳେ ଅଗ୍ରାଧିକାର ଦେଇ ଆସୁଥିଲେ। ତାଙ୍କର ଜୀବନ ଥିଲା ସାଲିସ୍ ବିହୀନ ଏବଂ ତାଙ୍କ କବିତା ଥିଲା ଏକ ବିପ୍ଳବୀ ଚେତନାର ଆତ୍ମିକ ଉଚ୍ଚାରଣ।

୧୯୦୪ ମସିହା ସେପ୍ଟେମ୍ବର ୧୪ ତାରିଖରେ ବଡ଼ମ୍ବାରେ ସେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ନାରାୟଣ ସାମନ୍ତ ପଟ୍ଟନାୟକ। ବାପା ଥିଲେ ଜଣେ ବିପ୍ଳବୀ। ତେଣୁ ରାଗରୋଷର ସେ ଶିକାର ହୋଇଥିଲେ। ପିଲାଟି ଦିନରୁ ବୈକୁଣ୍ଠନାଥ ତାଙ୍କ ପିଉସା ଦୀନବନ୍ଧୁ ପଟ୍ଟନାୟକଙ୍କ ପାଖରେ ବଢ଼ିଥିଲେ। ସେ ଥିଲେ ରାଜାଙ୍କର ଅତି ପ୍ରିୟ। ବୈକୁଣ୍ଠନାଥଙ୍କ ସ୍କୁଲ୍ ଶିକ୍ଷା ରେଭେନ୍ସା କଲେଜିଏଟ୍ ସ୍କୁଲ୍‌ରେ ଆରମ୍ଭ ହୋଇ, ତା'ପରେ ସତ୍ୟବାଦୀ ଏବଂ ଶେଷରେ ଢେଙ୍କାନାଳରେ କଟିଥିଲା। ୧୯୨୧ ରେ ସେ ରେଭେନ୍‌ସା କଲେଜରେ ଯୋଗଦେଲେ। ତାଙ୍କ ଜୀବନରେ ଗୋଟିଏ ନୂଆ ଅଧ୍ୟାୟ ଖୋଲିଲା। ନୂଆ ଅଧ୍ୟାୟଟି ଖୋଲିଲା ମଧ୍ୟ ଓଡ଼ିଆ କବିତାରେ।

ରେଭେନ୍‌ସା କଲେଜରେ ପଢୁଥିବାବେଳେ ଅନ୍ନଦା ଶଙ୍କର, ବୈକୁଣ୍ଠନାଥ, କାଳନ୍ଦୀଚରଣ, ଶରତଚନ୍ଦ୍ର ଓ ହରିହର - ଏଇ ପାଞ୍ଚଜଣ ମିଶି ସବୁଜ ଦଳଟିଏ ଗଢ଼ିଥିଲେ। ରବୀନ୍ଦ୍ରନାଥଙ୍କ ପ୍ରତିଷ୍ଠାର ସୂର୍ଯ୍ୟ ସେତେବେଳେ ଭାରତୀୟ ସାହିତ୍ୟ ଆକାଶକୁ ଆଚ୍ଛାଦିତ କରିଥିଲା। ତେଣୁ ଏହି ତରୁଣମାନଙ୍କୁ ସେହି ପ୍ରଚଣ୍ଡ ପ୍ରତିଭାର ରଶ୍ମିରେଖା ଆଲୋକିତ କରିବା ସ୍ୱାଭାବିକ। 'ଉତ୍କଳ ସାହିତ୍ୟ' ଓ ସମସାମୟିକ ପତ୍ରପତ୍ରିକାରେ 'ଶ୍ରୀସବୁଜ' ଛଦ୍ମନାମରେ ଯେତେବେଳେ ଅନ୍ନଦା ଶଙ୍କର କବିତା ଲେଖିବା ଆରମ୍ଭ କରିଦେଲେ, ସେତେବେଳେ 'ଉତ୍କଳ ସାହିତ୍ୟ'ରେ ବୈକୁଣ୍ଠନାଥଙ୍କ

କବିତା 'ସବୁଜବନ୍ଧୁ ପ୍ରତି' ପ୍ରକାଶ ପାଇଲା। ଏ କବିତାରେ ମଧ୍ୟ ସେହିପରି ସବୁଜ ଓ ତାରୁଣ୍ୟର ଜୟଯାତ୍ରା ଏକ କ୍ଷୟଶୀଳ, ପରମ୍ପରାପୀଡ଼ିତ ସମାଜ ବିରୁଦ୍ଧରେ ଆହ୍ୱାନ ଶୁଣାଇଥିଲା। ସବୁଜକୁ ଯୌବନର ପ୍ରତୀକ ଭାବରେ, ପରମ୍ପରା ବିରୁଦ୍ଧରେ ଏକ ଆହ୍ୱାନ ଭାବେ ଗ୍ରହଣ କରାଯାଇଥିଲା। ସବୁଜଯୁଗ ଗଢ଼ିଥିବା ପାଞ୍ଚଜଣ ବନ୍ଧୁ କାଳକ୍ରମେ ସାହିତ୍ୟରେ ବିଭିନ୍ନ ଭାବରେ ନିଜକୁ ପ୍ରତିଷ୍ଠା କରିଥିଲେ। ମାତ୍ର ବୈକୁଣ୍ଠନାଥ ଥିଲେ ଜଣେ ଯିଏକି ପ୍ରଥମରୁ କେବଳ କବିତାରେ ହିଁ ନିଜକୁ ସମର୍ପିତ କରିଥିଲେ। ଆଜୀବନ କବି ବଂଚିବାର ଦୁଃଖରେ ତିଳ ତିଳ ଜଳି ଅନୁଭବର ଯେଉଁ ନିର୍ଯ୍ୟାସଟିକୁ ସାଉଁଟି ପାରିଥିଲେ ତାହାରି ଅନନ୍ୟ ପ୍ରକାଶ ତାଙ୍କ କବିତା।

ସେ ୩୨ ବର୍ଷ ଧରି ଶିକ୍ଷକତା କରିଛନ୍ତି। ୧୯୭୯ରେର ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସେ ଅନୁଭବ କରିଛନ୍ତି ସ୍ୱାଧୀନତାର ସ୍ୱାଦ। ମୁକ୍ତିର ବୋଝ। ତାରୁଣ୍ୟର ସ୍ୱପ୍ନ, କଳ୍ପନା ଧୀରେ ଧୀରେ ବାସ୍ତବତାର ନିଆଁରେ କୁହୁଳି ଇଟାପରି ଟାଣ ହେଲା। ତାଙ୍କ କବିତାର ଧାରା ହେଉଛି ତାଙ୍କ ଜୀବନଯାତ୍ରାର ପ୍ରତିଫଳନ। ସବୁଜ ଥିଲା ତାରୁଣ୍ୟର ପ୍ରତୀକ। ସ୍ୱପ୍ନବିଳାସୀ ଓ ଆଦର୍ଶଦଗ୍ଧ ମୁକ୍ତିକାମୀ ଯୌବନର ପ୍ରତୀକ। ନୂତନର ଓଁକାର ଧ୍ୱନି। ଏହି ନୂତନର ଜୟଗାନ ହିଁ ଥିଲା ବୈକୁଣ୍ଠନାଥଙ୍କ ଜୀବନର ମହାମନ୍ତ୍ର। ତେଣୁ ତାଙ୍କର ଆଦ୍ୟ କବିତାରେ ଏହି ତାରୁଣ୍ୟ, ଅନ୍ୱେଷାର ସ୍ୱର। ଏଥିରେ ରହିଛି ଅଜ୍ଞତାକୁ ଖୋଜିବାର ନିଶା, ପୁଣି ଦୂରତାର ଆକର୍ଷଣରେ ହଜିଯିବାର ପିପାସା। ତେଣୁ ତାଙ୍କର ଯାତ୍ରା ଦ୍ୱିମୁଖୀ। ଗୋଟିଏ ବାହ୍ୟ, ଅନ୍ୟଟି ଅନ୍ତର୍ମୁଖୀ। ପ୍ରଥମଟିରେ ଜୀବନର ବାହରୂପ, ଯହିଁରେ ମଣିଷର ସାମାଜିକ, ଆର୍ଥିକ, ରାଜନୈତିକ ସମସ୍ୟା ଇତ୍ୟାଦି ପ୍ରତିଫଳିତ। ଏଥିରେ ମଣିଷ ଯନ୍ତ୍ରଣା, ବିଭିନ୍ନ ପ୍ରତାରଣା ଓ ଶୋଷଣ ବିରୁଦ୍ଧରେ କବିଙ୍କର ସ୍ୱର। ବିପ୍ଳବର ଆହ୍ୱାନ। ପୁଣି କବିଙ୍କର ଆନ୍ତରିକ କାମନା ଗୋଟିଏ ନୂଆ ଆଦର୍ଶ ପୃଥିବୀ ଗଢ଼ିବା ପାଇଁ। ମାତ୍ର ତାଙ୍କର ଅନ୍ତର୍ମୁଖୀ ଯାତ୍ରା ତାଙ୍କୁ ସାମ୍ନା କରାଏ ଚିରନ୍ତନ ସତ୍ୟ ସହ। ଏହା ହେଉଛି କବିଙ୍କର ରହସ୍ୟମୟୀ ଈଶ୍ୱରବୋଧ ସତ୍ୟର ରହସ୍ୟବୋଧ। କବିଙ୍କର ମାନସ ହଂସ ମାନସଲୋକରେ ପହଞ୍ଚିପାରେ। ଏହି ମାନସ ତ ଜୀବନର ଚିରନ୍ତନ ସତ୍ୟ।

"ମାନସ-ହଂସ ମୁଁ ମାନସେ ଯିବି ଉଡ଼ି
ମୋ ଦୋଷେ ପଥ ହୁଡ଼ି ଉତ୍ତମେ ଅବିରତ,
ଅଳପ ତୃଷା କ୍ଷୁଧା ଲଭି ତୁମର ସୁଧା
ତୃପତ ହେଲା, ତେବେ ଲୋଡ଼ଇଁ ଏ ମରତ।"

ବାହ୍ୟଯାତ୍ରା କବିଙ୍କୁ ବିପ୍ଳବୀ, ପଳାୟନପନ୍ଥୀ ପୁଣି ସ୍ୱପ୍ନଭୁକ୍ କରିଥିବାବେଳେ ଅନ୍ତର୍ଯାତ୍ରା କବିଙ୍କୁ ରହସ୍ୟବାଦୀ କରିଛି। କଳ୍ପନାର ଆଖି ନେଇ ବୈକୁଣ୍ଠନାଥ ପ୍ରକୃତିକୁ, ଅତୀତକୁ ଓ ଭବିଷ୍ୟତକୁ ଦେଖି ନିଜକୁ ସେମାନଙ୍କ ସହ ଏକାତ୍ମ କରିଛନ୍ତି। ଫଳରେ ପ୍ରକୃତି ତାଙ୍କ ପାଖରେ ନିର୍ଜୀବ ବସ୍ତୁର ସମାହାର ନ ହୋଇ ଜୀବନ୍ତ, ସଂବେଦନଶୀଳ ଅସ୍ତିତ୍ୱରେ ପରିଣତ ହୋଇଛି, ଯାହା ପାଖରେ କବି ନିଜର ଦୁଃଖ, ସୁଖ ଜଣାଇବା ସହ ପୃଥିବୀର ମଙ୍ଗଳ ପାଇଁ ପ୍ରାର୍ଥନା କରିଛନ୍ତି।

ସ୍ଥାନ, କାଳ, ଜୀବନର ଯାନ୍ତ୍ରିକତା, ବାସ୍ତବତାର ଚାପ ସବୁ ବୈକୁଣ୍ଠନାଥଙ୍କ ଚେତନାକୁ ପ୍ରଭାବିତ କରିଛି। ତାହା ସୃଷ୍ଟି କରିଛି ଆଦର୍ଶ ପୃଥିବୀ, ସୁନ୍ଦର ଏବଂ ଚିତ୍ତ ଆନନ୍ଦମୟ। ପ୍ରକୃତି, ସୌନ୍ଦର୍ଯ୍ୟ, ପ୍ରେମ, ସ୍ମୃତି, ସ୍ୱପ୍ନ ଏବଂ ସତ୍ର ସବୁ କବିତାର ଧ୍ୱନି ହୋଇଛନ୍ତି। ଗୋଟିଏ ଦିଗରେ ଏକ ରହସ୍ୟମୟ ସତ୍ତା ସହ ଏକ ହେବାର ବାସନା, ପୁଣି ଅନ୍ୟ ଦିଗରେ ସାରା ମାନବ ଜାତି ଓ ବିଶ୍ୱକୁ ନିଜର କରିବାର ଆକୁଳତା, ତାଙ୍କର କବିତାରେ ପ୍ରେମ, ବିନମ୍ରତା, ସମର୍ପଣ ସବୁ ଭକ୍ତି ଭାବରେ ପରିଣତ ହୋଇଛି। ପ୍ରେମ ରୂପାନ୍ତରିତ ହୋଇଛି ପୂଜାରେ, ଭକ୍ତିରେ। ସେହି ରହସ୍ୟାନୁଭବ ଯେତେବେଳେ ବାହ୍ୟ ବାସ୍ତବତା ସହ ସଂଘର୍ଷରତ ସେତେବେଳେ ଜନ୍ମନିଏ 'ମୂକ ଭଗବାନ' ପରି କବିତା। ଏଠାରେ ଭକ୍ତିଭାବ ସହ ମିଶିଯାଏ ଜୀବନର ସମାଲୋଚନା। କବି ହୋଇଯାଇଅଛନ୍ତି ଦାର୍ଶନିକ ଓ ସମାଲୋଚକ।

"ଗାଉଛ ଦରିଦ୍ର ପୁରେ ନିଖିଳର ବ୍ୟଥା
ଭ୍ରାନ୍ତ ଏ ମାନବ ଲାଗି ଏତେ ହିଁ ମମତା...
ନତଶିରେ ଶ୍ରୀପୟରେ ମାଗେ ଆଜି ଭିକ୍ଷା
ଦିଅ ସେ ଗୈରିକ ବାସ ଦାରିଦ୍ର୍ୟର ଦୀକ୍ଷା।"

(ମୂକ ଭଗବାନ)

ଏସବୁ ମୋଟାମୋଟି ବୈକୁଣ୍ଠନାଥଙ୍କ କବିତାର ଭାବଭୂମି। ଏହାର ଆରମ୍ଭ ସବୁଜର ଉଦ୍ଦାମତାରେ ଏବଂ ପରିଣତି ଗୈରିକ ପକ୍ୱତାରେ। ଏହା ଯେମିତି ସବୁଜରୁ ଗୈରିକ ଆଡ଼କୁ ଏକ ଆତ୍ମିକ ଯାତ୍ରା। ପ୍ରାପ୍ତ ବୟସରେ ଜୀବନ ସଂଗୀତର 'ବ୍ୟଥିତ ନୀରବତା'ର ଧ୍ୱନି ହିଁ ତାଙ୍କ କବିତାର ନିର୍ଯ୍ୟାସ। ବୈକୁଣ୍ଠଙ୍କ କବିତାରେ ବିଭିନ୍ନତାର ସ୍ୱର ଶୁଣିବାକୁ ମିଳେ। ତାଙ୍କ କବିତାର ସାଙ୍ଗୀତିକତା ଆକୃଷ୍ଟ କରେ। ସେ ଜୀବନର ଗୀତ ନିଜ ଢଙ୍ଗରେ ଗାଇଛନ୍ତି ଓ ମାଟିର ସ୍ୱପ୍ନ ଦେଖିଛନ୍ତି। ଜୀବନର ରହସ୍ୟ ନୁହେଁ, ବଞ୍ଚିବାର ଦୁଃଖ ମଧ୍ୟ ତାଙ୍କ ଚେତନାର ଏକ ଅଂଶ ହୋଇଛି। ସାମାଜିକ ଜୀବନ ଛବି ଆଙ୍କିଛନ୍ତି। କେତେବେଳେ ତାହା ବିଦ୍ରୂପାତ୍ମକ ତ ପୁଣି କେତେବେଳେ ବୈପ୍ଳବାତ୍ମକ ହୋଇଛି। ବ୍ୟକ୍ତିଗତ ଅନୁଭୂତି ସାର୍ବଜନୀନତାରେ ପରିଣତ ହୋଇଅଛି। କବି ବୈକୁଣ୍ଠନାଥଙ୍କ କାବ୍ୟମାନସରେ ଅନୁଭୂତିର ପ୍ରତିଫଳନ ହେଉଛି-

"ତୁମରି ଆଲୋକେ ବିକାଶୁ
ଜୀବନ ଶୁଭ୍ର କମଳ ସମ
ତୁମ ବିଶ୍ୱାସେ ଦୈନ୍ୟ
ଦୁଃଖ ସହିବାର ହୁଏ କ୍ଷମ।" ❑

*ସ୍ନାତକୋତ୍ତର ଓଡ଼ିଆ ବିଭାଗ*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱ ଓ ଓଡ଼ିଆ ପ୍ରଗତିଶୀଳ ସାହିତ୍ୟ

◆ ଡ. ଅନାଦି ଚରଣ ଗାଁଣ

ପୃଥିବୀର ଜ୍ଞାନ କ୍ଷେତ୍ରରେ ଦର୍ଶନ, ଅର୍ଥନୀତି ଓ ସମାଜଶାସ୍ତ୍ର ସବୁକ୍ଷେତ୍ରରେ ଭୂକମ୍ପ ସୃଷ୍ଟି କରିଥିବା ମାର୍କସ୍‌ବାଦ ସମଗ୍ର ପୃଥିବୀର ବିଭିନ୍ନ ଦେଶର କଳା, ସାହିତ୍ୟ ଓ ସଂସ୍କୃତିକୁ ମଧ୍ୟ ଯଥେଷ୍ଟ ପ୍ରଭାବିତ କରିଛି। ମାର୍କସ୍‌ବାଦର ମୂଳ ପ୍ରବକ୍ତାମାନେ ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱ ସମ୍ପର୍କରେ କୌଣସି ବିଧିବଦ୍ଧ ଆଲୋଚନା କରିନାହାନ୍ତି ସତ, ତେବେ ସାହିତ୍ୟ କଳା ଓ ଲୋକସଂସ୍କୃତି ତଥା ସର୍ବହରା ସମ୍ପର୍କରେ ସେମାନେ ସ୍ଥଳବିଶେଷରେ କିଛି କିଛି କଥା ଉଲ୍ଲେଖ କରିଛନ୍ତି। ୧୯୧୭ ଅକ୍ଟୋବର ବିପ୍ଳବ ପରେ ଓ ପ୍ରାକ୍ତନ ସୋଭିଏତ୍‌ରୁଷ୍‌ରେ ସମାଜବାଦୀ ରାଷ୍ଟ୍ରର ପ୍ରତିଷ୍ଠା ପରେ ପରେ ଏବଂ ପରବର୍ତ୍ତୀ କାଳରେ ଚୀନ୍ ତଥା ବିଶ୍ୱର ବିଭିନ୍ନ ଦେଶରେ ସାମ୍ୟବାଦୀ ନେତୃତ୍ୱରେ ବିପ୍ଳବ ଜରିଆରେ ଶ୍ରମିକ ଚାଷୀର ସରକାର ପ୍ରତିଷ୍ଠା ହେବାପରେ, ବିଶେଷକରି ଷ୍ଟାଲିନ୍‌ଙ୍କ ସମୟରେ ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱ ଉପରେ ବହୁ ଆଲୋଚନା କରାଯାଇଛି ଓ ବିଭିନ୍ନ ଆଲୋଚକ ଏହାର ସୁସମ୍ବନ୍ଧ ବିକାଶ ନିମନ୍ତେ ଚେଷ୍ଟା କରିଛନ୍ତି। ନିଃସନ୍ଦେହ ଭାବେ ଏଥିରେ ସ୍ଥାନ ପାଇଛି ଇତିହାସ, ଶ୍ରେଣୀସଂଘର୍ଷ ଓ ବୁର୍ଜୁଆ ମତାଦର୍ଶର ସମାଲୋଚନା। ଯାହାଫଳରେ କଳାତ୍ମକ ମୂଲ୍ୟାୟନ ଓ ବିଶ୍ଳେଷଣର ନିର୍ଦ୍ଦିଷ୍ଟ ମାନଦଣ୍ଡ ନିର୍ଦ୍ଧାରିତ ହୋଇପାରିବ। ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଇଂଲଣ୍ଡର ଉଇଲିଅମ୍ ମୋରିସ୍ ଏବଂ ରୁଷିଆର ଗିଓର୍କି ଭି. ପ୍ଲେଖେନଭ୍ ମାର୍କସ୍‌ଙ୍କ ସାମାଜିକ ସମାଲୋଚନା ସହ ଶିଳ୍ପ ଓ ସାହିତ୍ୟ ଆଦି କଳାତ୍ମକ କାର୍ଯ୍ୟରେ ନିୟୋଜିତ ଶ୍ରମର ସ୍ୱରୂପକୁ ନେଇ ଏକ ଅବଧାରଣାର ସଂଯୋଜନା ପାଇଁ ଉଦ୍ୟମ କରିଥିଲେ। ପ୍ଲେଖେନୋଭ୍‌ଙ୍କ 'କଳା ଓ ସାମାଜିକ ଜୀବନ'ରେ ମାର୍କସୀୟ ଚିନ୍ତାଧାରା ସହ କଳା ଓ ସମାଲୋଚନାର ବ୍ୟବହାରକୁ ମିଶାଇ ଏକ ବୈପ୍ଳବିକ ତତ୍ତ୍ୱ ନିର୍ମାଣର ଚେଷ୍ଟା

କରାଯାଇଥିଲା । ପତନମୁଖୀ ସମାଜ ବ୍ୟବସ୍ଥାର ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡରେ ହିଁ 'କଳା ପାଇଁ

କଳା' ତତ୍ତ୍ୱର ମତାଦର୍ଶ ଗଢ଼ିଉଠେ, ଯେତେବେଳେ ବି କଳାକାରମାନେ ସେମାନେ ବାସ କରୁଥିବା ସାମାଜିକ ପରିମଣ୍ଡଳର ନୈରାଶ୍ୟପୂର୍ଣ୍ଣ ବୈଷମ୍ୟର ସାମ୍ନା କରନ୍ତି । କାଣ୍ଟ ଓ ସିଲର୍‌ଙ୍କ ନନ୍ଦନତତ୍ତ୍ୱକୁ ଆଶ୍ରୟ କରି ସେ ଦେଖାଇଛନ୍ତି ନାଟକମାନଙ୍କରେ କଳାର ଉତ୍ପତ୍ତି କିପରି ହୁଏ ଏବଂ ତାହା କିପରି ଅବିଚ୍ଛେଦ୍ୟ ଭାବେ ଶ୍ରମ ସହ ସଂଯୁକ୍ତ ଥାଇ ତାର ପରିପୂରକ ବିପରୀତକୁ ଜନ୍ମଦିଏ । ଏହିଭଳି ନାଟ୍ୟକଳା ମୁକ୍ତ ହୋଇପାରିବ ଏକ ବିପ୍ଳବ ଦ୍ୱାରରା, ଯାହା ମାନବ ସମାଜକୁ ସାମାଜିକ ସମଞ୍ଜସତା ଆଡ଼କୁ ଅଭିପ୍ରେରିତ କରିନିଏ । କାରଣ ସେତେବେଳେ ଯାଇ ନାଟକ ଓ ମାନବଶ୍ରମ ଏକ ନୂତନ କାୟା ନେଇ ପୁନର୍ମିଳିତ ହୋଇପାରିବ । ସୁତରାଂ ବୈପରୀତ୍ୟ ଜାଗାରେ ଦେଖାଦେବ ଏକ ସୁସାମଞ୍ଜସ୍ୟ ସାମଗ୍ରିକତା, ଯେଉଁଥିରେ କଳା ପାଲଟିଯିବ ଶ୍ରମର ଧାରାବାହିକ ସ୍ରୋତ ।

ମାର୍କସବାଦୀ ନନ୍ଦନତତ୍ତ୍ୱର ଏହି ପ୍ରାଥମିକ ଉପସ୍ଥାପନା ରୁଷ୍ ବିପ୍ଳବର ପରବର୍ତ୍ତୀ କାଳରେ ବହୁ ପରିବର୍ତ୍ତନ ଦେଇ ଗତି କରିଛି । ଯେଉଁଥିରେ ସର୍ବହରା ସଂସ୍କୃତିର ମୂଲ୍ୟବୋଧ ହୋଇଛି କେନ୍ଦ୍ରବିନ୍ଦୁ ।

ମାନବୀୟ ଚେତନାର ସ୍ୱରୂପକୁ ତାର ସାମାଜିକ ସ୍ଥିତି ହିଁ ନିର୍ଦ୍ଧାରିତ କରେ । ଉଭୟ ପ୍ରକୃତି ଓ ସମାଜ ସହ ସଂଘର୍ଷ ମଧ୍ୟରୁ ହିଁ ସାଲିସ୍ ଓ ସମନ୍ୱୟର ମାଧ୍ୟମ ଦେଇ ଏହି ଚେତନାର ନିର୍ମାଣ ହୁଏ । ସୌନ୍ଦର୍ଯ୍ୟ ଦ୍ରଷ୍ଟାର ଆଖିରେ ଥାଏ । ତଦ୍‌ଗତ ବସ୍ତୁରେ ନୁହେଁ । ତେବେ ସେ ଆଖି ଦୁଇଟି ଏକ ନିର୍ଦ୍ଦିଷ୍ଟ ସମାଜ ଦ୍ୱାରା ବିଶେଷ ତାଲିମ୍‌ପ୍ରାପ୍ତ ଆଖି । ଅର୍ଥାତ୍ ଏହା କେବଳ ଏକ ବସ୍ତୁ ଆଖି ନୁହେଁ । ସାମାଜିକ ସଂଘାତରୁ ଉତ୍ପନ୍ନ ଏଇ ଇନ୍ଦ୍ରିୟ ।

ତେଣୁ ଶୋଷିତ ବର୍ଗର ଦୃଷ୍ଟିରେ ଯାହା ସତ୍ର, ତାହା ଶୋଷକ ବର୍ଗର ଦୃଷ୍ଟିରେ ସତ୍ୟ ନୁହେଁ । ଏଇଠି ଆସେ ଲକ୍ଷ୍ୟର ପ୍ରଶ୍ନ, ସ୍ୱପ୍ନ ଓ ଅଭୀପ୍‌ସାର ପ୍ରଶ୍ନ । ମୁକ୍ତିର ସ୍ୱପ୍ନ ଦେଖୁଥିବା ଶୋଷିତ ମଣିଷର ସୌନ୍ଦର୍ଯ୍ୟବୋଧ, ମଣିଷକୁ ଦାସ ବନାଇବାକୁ ଚେଷ୍ଟିତ ଶୋଷକ ବର୍ଗର ସୌନ୍ଦର୍ଯ୍ୟଠାରୁ ନିଶ୍ଚିତ ଭାବେ ସ୍ୱତନ୍ତ୍ର ହେବ ।

ବର୍ତ୍ତମାନ ଦେଖାଯାଉ ଲେଖକର କଥା । ଜଣେ ଲେଖକ ଯଦି ସର୍ବହରା ଶ୍ରେଣୀର ମୂଲ୍ୟବୋଧ ଦ୍ୱାରା ଅନୁପ୍ରାଣିତ ହୋଇ ଲେଖନୀ ଚାଳନା କରୁଥାଏ, ତେବେ ସେହି ଲେଖାସବୁକୁ ସାମାଜିକ ପରିବର୍ତ୍ତନ ଲାଗି ବା ବିପ୍ଳବର ମାଧ୍ୟମ ହେବାପାଇଁ ସେ ଲେଖେ ନାହିଁ । ଏ ଦିଗରେ ତା'ର ସୃଜନଶୀଳତା ତାକୁ ବାଧା ଦିଏ । କାରଣ କଳାକାର ପାଇଁ କଳାସୃଷ୍ଟି ତା'ର ପ୍ରକୃତିଗତ ବା ମଜ୍ଜାଗତ । ତା'ର ଉତ୍ପାଦନକୁ କୌଣସି କର୍ମୀ ହୁଏତ ବ୍ୟବହାର କରି କିଛି ଫଳ ପାଇପାରେ । କ୍ଷେତ୍ର ବିଶେଷରେ ଲେଖକ ନିଜେ ଯେତେବେଳେ କର୍ମୀ ରୂପେ କାମ କରିବାକୁ ଆଗେଇ ଆସେ, ତେବେ ସେ ଲେଖା ଆହୁରି ଶାଣିତ ହୁଏ ଓ ତାର ବ୍ୟବହାର ଆହୁରି ପ୍ରତ୍ୟକ୍ଷ ହୁଏ । ଯେପରି ଓଡ଼ିଶାର ମନମୋହନ ମିଶ୍ର, ଭାଗବତୀ ପାଣିଗ୍ରାହୀଙ୍କ ଲେଖା ବା ସହିଦ ସୁବାରାଓ ପାଣିଗ୍ରାହୀଙ୍କ ଲେଖା । କିନ୍ତୁ ଲେଖାକୁ ଖାସ୍ ବିପ୍ଳବର ମାଧ୍ୟମ କରିବା ପାଇଁ ଲେଖୁଥିବା ଲେଖକମାନଙ୍କର ଲେଖା ପ୍ରଚାର ସର୍ବସ୍ୱ ହୋଇଯାଏ ଏବଂ ତାର କଳାତ୍ମକମାନ ହ୍ରାସ ପାଏ ।

ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱ ହେଉଛି ମାର୍କସ୍‌ବାଦୀ ଦର୍ଶନର ବହୁବିଧ ବିଭାବ ମଧ୍ୟରୁ ଅନ୍ୟତମ । ଏହାର ମୂଳକଥା ଗଭୀର ଇତିହାସବୋଧ । ଗୋଟିଏ ଜାତି ବା ଦେଶର ଅର୍ଥନୀତି ଯଦି ତାର ମୂଳଭିତ୍ତି ହୁଏ, ତେବେ ଉପରିଗଢ଼ଣ ହେଉଛି ତାର ରାଜନୀତି, ଧର୍ମ, ବିଜ୍ଞାନ, ଶିଳ୍ପ, ସାହିତ୍ୟ ଓ ଦର୍ଶନ । ଏସବୁ ସମ୍ପର୍କରେ ସାମାଜିକ ଐତିହାସିକ ଅବବୋଧ ହିଁ ଗୋଟିଏ ଲେଖକ ବା କଳାକାରକୁ ସାମାଜିକ ବାସ୍ତବତା ସମ୍ପର୍କରେ ଗଭୀର ଉପଲବ୍ଧ ଯୋଗାଇ ଦେଇଥାଏ । ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱ ଏଥିସହିତ ମଣିଷର ମୁକ୍ତି ପ୍ରଶ୍ନଟିକୁ କେନ୍ଦ୍ରୀୟିତ କରି ଯୋଡ଼ିଦିଏ । ମାର୍କସ୍‌ବାଦ ଯେହେତୁ ଭାବବାଦ ତଥା ତତ୍ତ୍ୱ ଦର୍ଶନ (ମେଟାଫିଜିକ୍ସ) ବିରୁଦ୍ଧରେ ସଂଚରିତ ଚରି ଗତିଶୀଳ ଏକ ବସ୍ତୁବାଦୀ ଦର୍ଶନ, ଲେଖକର ଚାରିପଟେ ଥିବା ବସ୍ତୁ (ମଣିଷ ଓ ପଶୁପକ୍ଷୀଙ୍କ ସମେତ) ସହ ସମ୍ପର୍କ ଓ ସଂଘାତ ଭିତରୁ ହିଁ ତାର ଯାବତୀୟ ଧାରଣା ଜନ୍ମଲାଭ କରେ । ଯାନ୍ତ୍ରିକ ବସ୍ତୁବାଦ ବିରୋଧରେ ତାହାକୁ ହିଁ କୁହାଯାଏ ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ ।

ମଣିଷର ସାଂପ୍ରତିକ ସ୍ଥିତିକୁ ବୁଝିବାପାଇଁ ଯେପରି ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦର ପ୍ରୟୋଗ ଜରୁରୀ, ଇତିହାସକୁ ବୁଝିବାପାଇଁ ସେହିପରି ଜରୁରୀ ପଡ଼େ ଐତିହାସିକ ବସ୍ତୁବାଦର ପ୍ରୟୋଗ। ଯେକୌଣସି ସମାଜ ବ୍ୟବସ୍ଥାର ବିକାଶ ବା ବିବର୍ତ୍ତନ ଯେଉଁ ନିତ୍ୟ ନୂତନ ଦ୍ୱନ୍ଦ୍ୱକୁ ଆବାହନ କରେ, ତାହାହିଁ ଲେଖକର ଚେତନାକୁ ପ୍ରଭାବିତ କରିଥାଏ। ଏକ ଶ୍ରେଣୀ ବିଭକ୍ତ ସମାଜରେ ଅନିବାର୍ଯ୍ୟ ଶ୍ରେଣୀ ସଂଘର୍ଷ ସବୁବେଳେ ଘଟିଚାଲିଥାଏ। କେବେ ତାହା ପ୍ରକାଶ ଥାଏ ତ କେବେ ଅପ୍ରକାଶ୍ୟ। ଏହି ଶ୍ରେଣୀ ସଂଘର୍ଷ ହିଁ ସମାଜର ବିଭିନ୍ନ ଦ୍ୱନ୍ଦ୍ୱକୁ ସମାଧାନ ପଥରେ ଆଗେଇନିଏ। କିନ୍ତୁ ଏକ ଶ୍ରେଣୀସମାଜରେ ଏଭଳି ସମାଧାନ କେବେହେଲେ ଶେଷ ସମାଧାନ ହୋଇପାରେ ନାହିଁ। ତାହା ଆଉ ଏକ ଦ୍ୱନ୍ଦ୍ୱର ଉତ୍ସ ହୋଇ ଦେଖାଦିଏ। ତେଣୁ ଘଟେ ଆଉ ଏକ ସଂଘର୍ଷ। ଏହିଭଳି କ୍ରମରେ ସମାଜ ବ୍ୟବସ୍ଥା ଯେପର୍ଯ୍ୟନ୍ତ ଶ୍ରେଣୀହୀନ ହୋଇପାରି ନାହିଁ, ସେ ପର୍ଯ୍ୟନ୍ତ ଦ୍ୱନ୍ଦ୍ୱର ଆବିର୍ଭାବ ଅବଶ୍ୟମ୍ଭାବୀ।

'ବିଚ୍ଛିନ୍ନତା'ର ଅବଧାରଣା ଏବଂ 'ବିଚ୍ଛିନ୍ନତା'ର ବିକଳ୍ପ ସମ୍ପର୍କରେ ଧାରଣା ମାର୍କସୀୟ ଚିନ୍ତାଧାରା କେନ୍ଦ୍ରୀୟ କଥା। ଯଦିଓ ଏହି ବିକଳ୍ପ ଜଗତର ବିଶଦ ଚିତ୍ର ମାର୍କସ୍‌ବାଦୀମାନେ ତୋଳିଧରି ନାହାନ୍ତି, ବର୍ତ୍ତମାନର ସ ମାଜ ବ୍ୟବସ୍ଥାରେ ପରିବର୍ତ୍ତନର ଆବଶ୍ୟକତା ଓ ଅବଶ୍ୟମ୍ଭାବୀତା ବିଷୟରେ ସେମାନେ ମୁଖର। କାରଣ କେବଳ ତା' ଦ୍ୱାରା ହିଁ ବ୍ୟକ୍ତି ମଣିଷର ଅବସ୍ଥାରେ ପରିବର୍ତ୍ତନ ଅର୍ଥାତ୍ ଉନ୍ନତି ଆସିପାରିବ। ସେହି ଶ୍ରେଣୀହୀନ ସମାଜ ହିଁ ଆମର ଅନ୍ତିମ ଲକ୍ଷ୍ୟ। ମାର୍କସ୍‌ବାଦର ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହିଁ କଳା ଓ ସୌନ୍ଦର୍ଯ୍ୟବୋଧର ଅଭିଜ୍ଞତା ସମ୍ପର୍କରେ ଯଥେଷ୍ଟ ସୂଚନା ଦିଏ। ଏହି ଶ୍ରେଣୀହୀନ ସମାଜରେ ମୁଖ୍ୟ ଦ୍ୱନ୍ଦ୍ୱର ଅବସାନ ହୋଇଥିଲେ ହେଁ ବ୍ୟକ୍ତି ମଣିଷର କର୍ମତତ୍ପର ହେବ ହିଁ ହେବ। ଯଦିଓ ଏହି କର୍ମ କୌଣସି ଗୋଟିଏ କର୍ମର ଶିକୁଳି ନୁହେଁ। ତେଣୁ ଏହା ଶ୍ରମର ଜୟଗାନ କରେ। ଯେଉଁ ଯୁଗରେ ମଣିଷ ତା'ର ଶ୍ରମର ଉତ୍ପାଦନଠାରୁ ବିଚ୍ଛିନ୍ନ ଥାଇ ସେଇ ଉତ୍‌ପାଦର ଦାସ ପାଲଟିଯାଇଥାଏ, ଇପ୍‌ସିତ ଶ୍ରେଣୀହୀନ ସମାଜ ଠିକ୍ ତା'ର ବିପରୀତ। ଏଠାରେ ବିଚ୍ଛିନ୍ନତା ଲୋପ ପାଏ। ଶ୍ରମିକ ନିଜ ଉତ୍ପାଦକୁ ଉପଭୋଗ କରିବାର ଅଧିକାର ପାଏ। ମାନବ ଶକ୍ତିର ଏହି ବିକାଶ ହିଁ ହେଉଛି ତା'ର ଲକ୍ଷ୍ୟ। ଏହି ରାଜନୀତିକ ପରିବର୍ତ୍ତନ ଆଣିବା ପାଇଁ କଳାକୁ ଶ୍ରେଣୀ ସମାଜରେ ପ୍ରଚାରର ଏକ ଅସ୍ତ୍ର ରୂପେ ବ୍ୟବହାର କରିବା ଉପରେ ମାର୍କସ୍‌ବାଦୀମାନେ ଗୁରୁତ୍ୱ ଦିଅନ୍ତି। କିନ୍ତୁ ଶ୍ରେଣୀହୀନ ସମାଜରେ କଳାର ଭୂମିକା ହେବ ନିଆରା। ଏହି ପ୍ରସଙ୍ଗରେ ଟ୍ରଟସ୍କି 'ବୁଦ୍ଧିଜୀବୀ ମାର୍କସ୍‌ବାଦ'କୁ ବିରୋଧ କରିଛନ୍ତି। କାରଣ ଏମାନେ ଚିନ୍ତା ଜଗତରେ ମଜିଯାଇ ମୂଳ ବୈପ୍ଲବିକ କାର୍ଯ୍ୟଠାରୁ ବିଚ୍ଛିନ୍ନ ହୋଇଯାଆନ୍ତି। ଆଉ କଳାର ମୁଖ୍ୟ କାର୍ଯ୍ୟ ହେଉଛି ଅସାମଞ୍ଜସ୍ୟ ଭରା ଜଗତରେ ସବୁ ଭିନ୍ନତା ଭିତରେ ଏକ ଐକ୍ୟର ସର୍ଜନା କରିବା।

କଳା କ୍ଷେତ୍ରରେ ଏକ ବିଭିନ୍ନ ମୁହୂର୍ତ୍ତର ଅନୁଭବ ଉପରେ ଯେଉଁ ଗୁରୁତ୍ୱ ଦିଆଯାଏ, ତାହାକୁ ମାର୍କସ୍‌ବାଦ ଏକ ନୂଆ ଦିଶାବୋଧ ଦେଇଛି। ମଣିଷର ସାମାଜିକ ଓ ରାଜନୈତିକ ସ୍ଥିତି ଭିତରେ ହିଁ ସେହିସବୁ ମୁହୂର୍ତ୍ତ କିପରି ଚେର ବିସ୍ତାର କରିଛି ତାକୁ ଦେଖିବାର ଚେଷ୍ଟା କରିଛି। ଏହା ମଧ୍ୟ ମାର୍କସ୍‌ବାଦର ଅନ୍ୟ ଏକ ମୌଳିକ ପ୍ରଶ୍ନ ପ୍ରତି ଇଙ୍ଗିତ କରେ। ତାହା ହେଉଛି ସମାଜର ଭିତ୍ତି ମୌଳିକ ଗଢ଼ଣ ଓ ଉପରି ଗଢ଼ଣ। ସେହି ଉପରି ଗଢ଼ଣର ଅଂଶବିଶେଷ ହେଉଛି କଳା। କିନ୍ତୁ ମୌଳିକ ଗଢ଼ଣର ସ୍ୱଭାବ ହେଉଛି ଆର୍ଥନୀତିକ। ଏହାକୁ ସହଜୀକରଣ କରିଦେଇ ଯାନ୍ତ୍ରିକ ଭାବେ ଦେଖିବା ଠିକ୍ ନୁହେଁ। କାରଣ ଆର୍ଥନୀତିକ ପ୍ରକ୍ରିୟା ହେଉଛି ଦ୍ୱନ୍ଦ୍ୱାତ୍ମକ। ଏଥିରେ ସଂପୃକ୍ତ ରହିଥାଏ କେତେ ନା କେତେ ଉତ୍ପାଦନ ଭିତ୍ତିକ ମାନବିକ ସମ୍ପର୍କ।

ନନ୍ଦନ ଶବ୍ଦଟି ସୌନ୍ଦର୍ଯ୍ୟ ଓ ଆନନ୍ଦର ଅର୍ଥ ବହନ କରେ। ସୌନ୍ଦର୍ଯ୍ୟ ଏକ ବସ୍ତୁ ନୁହେଁ ଏହା ହେଉଛି ଏକ ବୋଧ ବା ଅନୁଭୂତି। ଏହା ଏକ ଜୈବିକ ପ୍ରକ୍ରିୟା ନୁହେଁ, ଏହା ସାମାଜିକ ଐତିହାସିକ ପ୍ରକ୍ରିୟା। ଜଣେ ମଣିଷ ଭିତରେ ଏହି ନାନ୍ଦନିକ ବୋଧ ବା ଜିଜ୍ଞାସା ଯେଉଁ ଚେତନାର ରୂପାୟନ କରେ ତାହାହିଁ ତାକୁ ଯୋଗାଇଦିଏ ସାହିତ୍ୟ ବା କଳାସୃଷ୍ଟିର ପ୍ରେରଣା। ସେହିପରି ଆନନ୍ଦର ଅର୍ଥ ଚିତ୍ତ

ବିନୋଦନ ନୁହେଁ (ଯାହା ଅନେକ ଦାବି କରନ୍ତି)। ତାହା ହେଉଛି ମଣିଷର ମୁକ୍ତି ଉଦ୍ଦେଶ୍ୟରେ ନିର୍ଭୀକ ଭାବେ ସତ୍ୟର ଉପସ୍ଥାପନା। ଯେଉଁଥିରେ ସ୍ନିଗ୍ଧତା ଥିବ, ଥିବ ମଧ୍ୟ ମାନବିକ ଆବେଗ ଓ ବୈଜ୍ଞାନିକ ଯୁକ୍ତିସିଦ୍ଧତା, ତାହାହିଁ ଆନନ୍ଦ। ଆକାଶର ଜହ୍ନ, ସମୁଦ୍ର, ପକ୍ଷୀର କଳରବ, ଶିଶୁର ଦରୋଟି ହସ, ପ୍ରେମ ଓ ଶୋକକୁ ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱ ସାହିତ୍ୟରୁ ବାଛନ୍ଦ କରେନି। କିନ୍ତୁ ଗୁରୁତ୍ୱ ଦିଏ ଶୋଷିତ ଓ ପୀଡ଼ିତ ମଣିଷର ଆଶା, ଆକାଂକ୍ଷା, ସଂଗ୍ରାମ ଓ ଜୟ ପରାଜୟକୁ। ଏହା ସାମନ୍ତ ଓ ପୁଞ୍ଜିପତି ବର୍ଗକୁ ପଛକୁ ଠେଲିଦେଇ ସର୍ବହରା ଓ ଋଷୀ ମୂଲିଆ ଦଳିତ ବର୍ଗକୁ ଆଗକୁ ଆଣେ। ଯେତେ ମଳିଛା ହେଉପଛେ ସେମାନଙ୍କ ବେଶପୋଷାକ (ମନେପକାନ୍ତୁ ମନମୋହନ ମିଶ୍ରଙ୍କ ଗପ 'ମଳିଆ ଗାମୁଛା') ଯେତେ ମାମୁଲି ହେଉପଛେ, ସେମାନଙ୍କ ଗୁଣ ଚରିତ୍ର ଯେତେ ଅଚଞ୍ଚା ହେଉପଛେ, ସେମାନଙ୍କ ଭାଷା (ମନେ ପକାନ୍ତୁ ଅଖିଳ ଓ ବାସୁ ସୁନାନୀର ଭାଷା) ଯେତେ ଦାଢୁଆ, ଅତର୍କିତ ଓ ବେଆଇନ୍ ହେଉପଛେ ସେମାନଙ୍କ ଆକ୍ରମଣ, ସେମାନଙ୍କୁ ହିଁ ନାୟକତ୍ୱ ଦେବାପାଇଁ ଆଗ୍ରହ ଦେଖାଏ, ଉଦ୍ୟମ କରେ। ସମସ୍ତ ଭାବବାଦ ଓ ତତ୍ତ୍ୱ ଦର୍ଶନକୁ ବିରୋଧ କରି ଏହା ଅଭିଜାତ ଲେଖକ ଓ ପାଠକଗୋଷ୍ଠୀ ହାତରୁ କଳା ସାହିତ୍ୟକୁ ଛଡ଼ାଇ ଆଣି ଜନବାଦୀ ଲେଖକ ଓ ଜନସାଧାରଣଙ୍କ ହାତରେ ଟେକିଦିଏ। ଜଣେ ଲେଖକ ଯଦି ଏହା କରୁନାହିଁ ଓ ନିଜକୁ ନିରପେକ୍ଷ ବୋଲି କହୁଛି, ତେବେ ଏହା ଏକାନ୍ତ ମିଥ୍ୟା। ଏ କ୍ଷେତ୍ରରେ ସେ ଶୋଷକ ଶ୍ରେଣୀର ହିଁ ପକ୍ଷଭୁକ୍ତ।

ଐତିହାସିକ ଅତୀତର ଉତ୍ତରାଧିକାର ବୋଲି କୁହାଯାଇପାରେ। କାରଣ 'ବର୍ତ୍ତମାନ' ସେହି ଅତୀତରୁ ହିଁ ଜନ୍ମ। ଲେଖକ ସେଇ ଐତିହ୍ୟକୁ ବର୍ତ୍ତମାନର ସେବାରେ ଲଗାଏ। ଲକ୍ଷ୍ୟ ହେଉଛି ମଣିଷର ମୁକ୍ତି। ତାହାକୁ କରାଇ ନ ଦେବାପାଇଁ ଶୋଷକ ଶ୍ରେଣୀ ରାଷ୍ଟ୍ରକୁ ଏକ ଅସ୍ତ୍ର ରୂପେ ବ୍ୟବହାର କରେ। ଟେରି ଇଗଲ୍‌ଟନ୍‌ଙ୍କ ମତରେ ରାଷ୍ଟ୍ର ଏଥିପାଇଁ ବସ୍ତୁଗତ ସ୍ତରରେ ଦମନ (Repressive state apparatus) ଏବଂ ଭାବାଦର୍ଶ ଗତ ସ୍ତରରେ ସାଂସ୍କୃତିକ ଦମନ ଅର୍ଥାତ୍ ଧର୍ମ, ଶିକ୍ଷା, ଗଣମାଧ୍ୟମ ଓ ନାୟିକ ବ୍ୟବସ୍ଥା ଇତ୍ୟାଦିକୁ ଖଟିଖିଆଙ୍କ ବିରୁଦ୍ଧରେ ବ୍ୟବହାର କରେ (Ideo-logical state apparatus) ଅବଦମିତ ସାଧାରଣ ଜନତା ତଥା ତା'ର ଅଗ୍ରଗାମୀ ଅଂଶ ସର୍ବହରା ଶ୍ରେଣୀ ଅର୍ଥାତ୍ ଭାବାଦର୍ଶଗତ ଦମନ ପ୍ରକ୍ରିୟାର ପ୍ରଭାବ ସୁଦୂର ପ୍ରସାରୀ। ମଣିଷକୁ ଏହା ଏକ ରୁଗ୍ଣ ମାନସିକତା ଦେଇ ଚୁପ୍ ହେବାକୁ ଓ ସାଲିସ୍ କରିବାକୁ ଶିଖାଏ। ଏହି ବାସ୍ତବତାର ମୁଖା ଖୋଲିଦେଲେ ମାର୍କସ୍‌ବାଦୀ ନନ୍ଦନ ତତ୍ତ୍ୱ ଶୋଷକ ଶ୍ରେଣୀ ତଥା ରାଷ୍ଟ୍ର ବିରୋଧରେ ଜନସାଧାରଣଙ୍କୁ ସବାକ୍ କରେ, ସ୍ତିମିତ ତେଜକୁ ତେଜାଇ ଦିଏ ଓ ପ୍ରତିରୋଧ ସଂଗ୍ରାମରେ ଅବତୀର୍ଣ୍ଣ ହେବାକୁ ପ୍ରେରଣା ଯୋଗାଏ। ଦୁଃଖ ବେଦନାର ଚିତ୍ରଣ ବା ଜୟଗାନ ନୁହେଁ, ବରଂ ତା'ର ପ୍ରତିଶୋଧ ନେବାକୁ କହେ। ପୁରାତନ ଶୋଷଣ ବ୍ୟବସ୍ଥାକୁ ଭାଙ୍ଗିରୁଜି ଏକ ଶୋଷଣମୁକ୍ତ ନୂଆ ସମାଜ ଗଢ଼ି ତୋଳିବାକୁ କୁହେ ଓ ଏହା କାହିଁକି ଓ କିପରି ସମ୍ଭବ ହେବ, ସେ କଥା ବି କୁହେ। ପ୍ରତି ବୁନ୍ଦା ଲୁହରେ ଲେଖକ ନିଜେ କ୍ଷତବିକ୍ଷତ ହେଉଥିବା କଥା କହି ଲୋକଙ୍କ ସହ ଏକାତ୍ମ ହେବାର ଚେଷ୍ଟା କରେ। ଯେପରିକି- "ନୁହେଁ ବନ୍ଧୁ ନୁହେଁ ଏହା ଚିତା / ଏ ଦେଶ ତିମିର ତଳେ ଏ ଅଳିଭା ମୁକତି ସଳିତା / ନୁହେଁ ଏହା ଜଳିଯିବା ପାଇଁ / ଏହାର ଜନମ ଏଥି ଜାଳିପୋଡ଼ି ଦେବାକୁ ଧସାଇ।" ('ବାଜିରାଉତ', ସଚ୍ଚି ରାଉତରାୟ) କିମ୍ବା 'ଝରିଯା ଲହୁ ମୋ, ଝରିଯା ପୁଲକେ ଜନ୍ମଭୂମିର ଜୀବନପଥେ, ଜଞ୍ଜିର ଶତ ଖସୁ ମୋ ଜାତିର, ଚଳୁ ସେମାତିରେ ସୃଜନ ରଥେ। ('ଝରରେ ରୁଧିର', ଅନନ୍ତ ପଟ୍ଟନାୟକ)

ସାମନ୍ତବାଦୀ ଉତ୍ପାଦନ ବ୍ୟବସ୍ଥା ଉପରେ ପୁଞ୍ଜିବାଦୀ ଉତ୍ପାଦନ ବ୍ୟବସ୍ଥାର ବିଜୟ ପରେ ପରେ ଉତ୍ପାଦନ ମାଧ୍ୟମ ସହ ମଣିଷର ଯେଉଁ ସମ୍ପର୍କ ଦିନେ ଉତ୍ପାଦନଶୀଳ ଏବଂ ଶୁଭଙ୍କାରୀ ଥିଲା, ସମୟକ୍ରମେ ଓ ସେଇ ପଚମାନ ସାମନ୍ତବାଦର ସହଯୋଗ କ୍ରମେ ତାହା ପାଲଟିଯାଇଛି ଶୋଷଣ ଓ ନିପୀଡ଼ନର ଉତ୍ସ। ଏହି ସମ୍ପର୍କ ଶୋଷଣ ଓ ଶୋଷିତର ଅନ୍ତଃ ସମ୍ପର୍କରେ ପରିଣତ ହୋଇ ସମଗ୍ର ମାନବ ସମାଜକୁ ଏପରି କବଳିତ କରେ ଯେ ସାଧାରଣ ମଣିଷଟି

ଏହାର ସହଜ ବ୍ୟାଖ୍ୟା ପାଇ ନପାରି ଭାଗ୍ୟ, ଭଗବାନ ଓ ପୁନର୍ଜନ୍ମ ଆଡ଼କୁ ମୁହାଏଁ। ଏହି ଭାବାଦର୍ଶର ପ୍ରଚାର ଓ ପ୍ରସାର ମଧ୍ୟ ଶୋଷକ ଶାସକ କିଛି ଅଭିଜାତ ଗୋଷ୍ଠୀର ଲେଖକ କଳାକାର ଓ ଧାର୍ମିକ ପ୍ରବକ୍ତାଙ୍କୁ ଧରି ଚଳାଇ ଯାଏ। ଫଳରେ ଯେଉଁ ମାନବିକ ଚେତନା ନିର୍ମାଣ ହୁଏ ତାହା ଅବୈଜ୍ଞାନିକ ହେଲେ ମଧ୍ୟ ବାସ୍ତବ। ଏହାର ପରିବର୍ତ୍ତନ ହେଉଛି ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱର ଅନ୍ୟତମ କାର୍ଯ୍ୟ।

ମାର୍କସ୍‌ଙ୍କ ଭାଷାରେ ବିକାଶର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ସମାଜରେ ଉତ୍ପାଦିକା ଶକ୍ତି ଓ  ପ୍ରତିଷ୍ଠିତ ଉତ୍ପାଦନ ସମ୍ପର୍କ ଭିତରେ ବିରୋଧ ଆସେ। ଏହି ସମ୍ପର୍କମାନେ ଉତ୍ପାଦିକା ଶକ୍ତିମାନଙ୍କର ବିକାଶର ଉତ୍ସ ହେବା ପରିବର୍ତ୍ତେ ସେମାନଙ୍କ ଶୃଙ୍ଖଳରେ ପରିଣତ ହୁଅନ୍ତି। ତା'ପରେ ଆସେ ସାମାଜିକ ବିପ୍ଳବର ସମୟ। ଏହି ପରିବର୍ତ୍ତନ ବା ବୈପ୍ଳବିକ ପ୍ରକିୟାରେ ଲେଖକ ଏକ କାଟାଲିଷ୍ଟ ବା ତ୍ୱରକ ଭାବେ କାମ କରିବା ପାଇଁ କେଉଁଠି ବିସ୍ଫୋରକ ଲେଖା ଲେଖେ ତ ଆଉ କେଉଁଠି ଫାଶୀବାଦ ବିରୋଧରେ ସମ୍ମୁଖୀନ ଯୁଦ୍ଧରେ ଅବତୀର୍ଣ୍ଣ ହୁଏ। ଆଉ ବା କେଉଁଠି ବିଶ୍ୱବ୍ୟାପୀ ଯୁଦ୍ଧବିରୋଧୀ ପ୍ରତିବାଦରେ ଭାଗ ନିଏ। ଏସବୁ ଆଜି ଇତିହାସର କଥା। ତଥାପି ସବୁଦିନେ ଏହା ଘଟିଚାଲିଛି। ସେଭଳି କିଛି ସ୍ମରଣୀୟ ସହିଦ୍ ଲେଖକ ହେଉଛନ୍ତି ରାଲଫ୍ ଫକସ୍, ଖ୍ରୀଷ୍ଟୋଫର କଡ଼ୱେଲ୍, ଆଣ୍ଟୋନିଓ ମାଚବେ, ବାପ୍‌ସାରୋଭ, ବେନ୍‌ଜାମିନ୍, ମୋଲେସ୍, ସଫ୍‌ଦର ହାସ୍‌ମୀ, ସୁବରାଓ ପାଣିଗ୍ରାହୀ ଓ ଦାସୁରାମ ମାଲେକା ଇତ୍ୟାଦି। ଏପରିକି ଯୁଦ୍ଧୋତ୍ତର ଶାନ୍ତି ଆନ୍ଦୋଳନରେ ଭାଗ ନେଇଛନ୍ତି ଅନନ୍ତ ପଟ୍ଟନାୟକ, ସଚ୍ଚି ରାଉତରାୟ ଓ ମନମୋହନ ମିଶ୍ର ଇତ୍ୟାଦି।

ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱର ସର୍ବପ୍ରଥମ ବ୍ୟାଖ୍ୟାକାର ରୂପେ ରୁଷିଆର ପ୍ଲାଖେନ୍‌ଭ୍‌ଙ୍କୁ ଗ୍ରହଣ କରାଯାଏ। ୟୁରୋପୀୟ ଦାର୍ଶନିକ ୱାଲ୍‌ଟର ବେନ୍‌ଜାମିନ୍ ଓ ଗୋର୍ଗି ଲୁକାସ୍ ପରବର୍ତ୍ତୀ ସମୟରେ ଏ ଦିଗରେ ବ୍ୟାଖ୍ୟା କରି ପୁଞ୍ଜିବାଦ ଅଧିନରେ ଶ୍ରମ କିପରି ବିକ୍ରିଯୋଗ୍ୟ ଦ୍ରବ୍ୟ ବା ପଣ୍ୟରେ ପରିଣତ ହୋଇଛି ଏବଂ ତାହାକୁ ଅନୁସରଣ କରି କିପରି ଗଢ଼ିଉଠିଛି ଶ୍ରମିକ ମଣିଷର ଚେତନା, ତା' ଉପରେ ଆଲୋକପାତ କରିଥିଲେ। (ଦ୍ରଷ୍ଟବ୍ୟ: ଯାନ୍ତ୍ରିକ ପୁନରୁତ୍ପାଦନ ଯୁଗରେ କଳାକାର୍ଯ୍ୟ-ବେଞ୍ଜାମିନ୍) ଏଥିରେ ସେ ଆଧୁନିକ ଜଗତତରେ କଳାର ପରିବର୍ତ୍ତିତ ଅଭିଜ୍ଞତାକୁ ବର୍ଣ୍ଣନା କରିବା ସହ ଅବକ୍ଷୟମାନ ମୂଲ୍ୟବୋଧର ପରିଣତି ରୂପେ କିପରି ଫାଶୀବାଦ ଓ ତଥାକଥିତ ଗଣରାଜ୍ୟମାନଙ୍କର ଆବିର୍ଭାବ ଘଟିଛି ନିଛକ ସନ୍ତୁଷ୍ଟି ବିଧାନ ଓ ଉପଭୋଗର ବସ୍ତୁ। ଏହାର ପ୍ରତିକ୍ରିୟାରେ କଳାର ରାଜନୀତିକରଣ କରି ଜନଗଣଙ୍କ ମିଥ୍ୟା ଚେତନାକୁ ଉତ୍‌ଖାତ କରିବାର ଅସ୍ତ୍ର ରୂପେ ଏହାକୁ ବ୍ୟବହାର କରିଛି ସାମ୍ୟବାଦ। ପରେ ପରେ ଏ ଦିଗରେ ସୋଭିଏତ୍ ରୁଷିଆର ଟ୍ରୋଟାସ୍କି ଓ ମାକସିମ୍ ଗର୍କି, ଚୀନ୍‌ର ଲୁ ସୁନ୍ ଓ ମାଓ ସେତୁଂ, ସ୍ପେନ୍‌ର ଖ୍ରୀଷ୍ଟୋଫର୍ କଡ଼ୱେଲ୍ (illusion and reality) ଫ୍ରାନ୍‌ସର ରାଲ୍‌ଫ ଫକ୍‌ସ (Novel and the people) ଓ ପଲ୍ ଏଲ୍ୟୁୱେର (କବିତାର ନିର୍ମାଣ) ଏବଂ ବିଟେନ୍‌ର ଆରନେଷ୍ଟ ଫିସର (Neccessity of Art) ଜର୍ମାନୀର ତଥା ବିତର୍କର ସୂତ୍ରପାତ କରିଛନ୍ତି। ଶେଷରେ ଏଥିସହ ଯୋଗ ଦେଇଛନ୍ତି ମନୋବିଶ୍ଳେଷଣ ପଦ୍ଧତି ଉପରେ ଗୁରୁତ୍ୱ ଦେଉଥିବା ଫ୍ରାଙ୍କ୍‌ଫଟ୍ ଗୋଷ୍ଠୀ।

ପ୍ରାଗ୍ ବିପ୍ଳବ ସମାଜର ସାହିତ୍ୟ ଜନଗଣଙ୍କର ଅସନ୍ତୋଷ, ଦୁର୍ଦ୍ଦଶା ଓ ଦୁର୍ଭୋଗକୁ ଚିତ୍ରଣ କରି ନିଜର ପ୍ରଚଣ୍ଡ ଘୃଣା ପ୍ରକାଶ କରେ। ଲୁସୁନ୍‌ଙ୍କ ଭାଷାରେ ଏହା ମୁଖ୍ୟତଃ ଅଭିଯୋଗ ବା ଅନୁଯୋଗ ସାହିତ୍ୟ। କିନ୍ତୁ ଶୋଷକ ବା ନିପୀଡ଼କ ଏସବୁକୁ ଭ୍ରୂକ୍ଷେପ କରେନାହିଁ। ମୂଷା ପ୍ରଚଣ୍ଡ ଚିତ୍କାର କରିପାରେ, ଏପରିକି ସୁନ୍ଦର ସାହିତ୍ୟ ମଧ୍ୟ ସୃଷ୍ଟି କରିପାରେ କିନ୍ତୁ ବିରାଡ଼ି ତାକୁ ବିନା ଦ୍ୱିଧାରେ ଉଦରସାତ୍ କରିଦିଏ। ତେଣୁ ଏଭଳି ସାହିତ୍ୟର ଉପଯୋଗିତା ସୀମିତ। ବରଂ ଅନେକ ସମୟରେ ଅଭିଯୋଗ ସାହିତ୍ୟର ପ୍ରାବଲ୍ୟ ପରେ ପରେ ଗୋଟିଏ ଜାତି ଓ ସମାଜର ସାହିତ୍ୟ ପୂରା ଚୁପ୍ ପଡ଼ିଯାଏ। ପୁଣି କିଛିକାଳ ପରେ ଏମାନଙ୍କ ମଧ୍ୟରୁ କେତେକଙ୍କର ବିଳାପ ଓ ଆର୍ତ୍ତଚିତ୍କାର ସକ୍ରୋଧ ଗର୍ଜନରେ ପରିଣତ ହୁଏ। ସେହି ଗର୍ଜନ ସର୍ବହରା ଓ ଚଷୀ ମୂଲିଆର ରକ୍ତରେ ଅଗ୍ନିର ସ୍ରୋତ ପ୍ରବାହିତ କରେ, ଯାହା ସେହି ସମଗ୍ର ସମାଜକୁ ବିପ୍ଳବ ଆଡ଼କୁ ଠେଲି ନେଇଯାଏ।

ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱ ମୁଖ୍ୟତଃ ଜନଗଣଙ୍କ ପାଇଁ ରଚିତ ସାହିତ୍ୟ ଉପରେ ଗୁରୁତ୍ୱ ଦିଏ। ଏହା ଏକ ସଂକୀର୍ଣ୍ଣ ଅଭିଜାତ ଗୋଷ୍ଠୀଙ୍କ ଦ୍ୱାରା ରଚିତ ଏବଂ ଅନ୍ୟ ଏକ ଅଭିଜତ ଗୋଷ୍ଠୀର ପାଠକଙ୍କ ଉଦ୍ଦିଷ୍ଟ ଆଙ୍ଗିକ ସର୍ବସ୍ୱ ସାହିତ୍ୟକୁ ବିରୋଧ କରେ। କାରଣ ଏଥିରେ ରାଷ୍ଟ୍ର ଦ୍ୱାରା ପ୍ରଚ୍ଚରିତ ସବୁ ପ୍ରକାରର ବିଭ୍ରାନ୍ତ ଓ ଅବୈଜ୍ଞାନିକ ଚିନ୍ତାଧାରା ବା ତତ୍ତ୍ୱଦର୍ଶନର ପ୍ରଚ୍ଚର କରାଯାଇ ଜନଗଣଙ୍କର ସ୍ୱାଭାବିକ ଚରୈବତି ଉଦ୍ୟମକୁ ନସ୍ୟାତ୍ କରି ଦେବାର ଚେଷ୍ଟା କରାଯାଇଥାଏ। କିନ୍ତୁ ଏହାର ବିରୋଧ କରି ଲୁକାସ୍‌ଙ୍କ ଭଳି ସମାଲୋଚକମାନେ ଆଙ୍ଗିକର ଗୁରୁତ୍ୱ ଓ ଶକ୍ତି ବିଷୟରେ ସତର୍କ କରାଇ ଦେଇଛନ୍ତି। ଆଙ୍ଗିକ ଓ ଆତ୍ମିକ (ଫର୍ମ ଓ କନଟେଣ୍ଟ୍) ଯେ କୌଣସି ସାହିତ୍ୟରେ ଅବିଚ୍ଛେଦ୍ୟ। ବିଷୟବସ୍ତୁକୁ ନେଇ ହିଁ ନୂଆ ଆଙ୍ଗିକ ଗଢ଼ିଉଠେ। ଠିକ୍ ଆଙ୍ଗିକ ନେଇ ନପାରିଲେ ଆତ୍ମିକ ମଧ୍ୟ ଗୁରୁତ୍ୱ ହରାଏ। କାରଣ ଏଭଳି ସାହିତ୍ୟର ସର୍ବାଧିକ ପ୍ରଚ୍ଚର ସାଧାରଣ ଲୋକଙ୍କୁ ମଧ୍ୟ ପ୍ରଭାବିତ କରିଥାଏ। ଲୁସୁଁଙ୍କ ମତରେ, ଜନଗଣଙ୍କ ସାହିତ୍ୟ ବୋଲି କିଛି ନାହିଁ। କାରଣ କୃଷକ ଓ ଶ୍ରମିକମାନେ ମୁକ୍ତି ପାଇଁ ହାତରେ କଲମ ନ ଧରିବା ଯାଏଁ ସାହିତ୍ୟ ସୃଷ୍ଟି ହୋଇପାରିବ ନାହିଁ। କିନ୍ତୁ ସେମାନଙ୍କ ମଧ୍ୟରେ ଯେ ଏକ ବଳିଷ୍ଠ ମୌଖିକ ସାହିତ୍ୟ ବା ଲୋକସାହିତ୍ୟର ପରମ୍ପରା ରହିଛି ଏବଂ ସେହି ଭାଷା ଓ ଆତ୍ମିକକୁ ବ୍ୟବହାର କରି ଜଣେ ଗଣସାହିତ୍ୟ ସୃଷ୍ଟି କରିପାରିବ ଓ ତାହା ମଧ୍ୟ ବିପ୍ଳବ ଉପଯୋଗୀ ହୋଇପାରିବ; ଏକଥା ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱ ସ୍ୱୀକାର କରେ। ସାମ୍ରାଜ୍ୟବାଦୀ ସଂସ୍କୃତି ପ୍ରଚ୍ଚର କରେ ଯେ ପ୍ରତ୍ୟେକ ମଣିଷ ମୁକ୍ତ ଓ ଆଇନ୍ ଅନୁସାରେ କେହି କାହା ଉପରେ ନିପୀଡ଼ନ କରିବାକୁ ଅକ୍ଷମ। କିନ୍ତୁ ବସ୍ତୁକୁ ପଣ୍ୟ ସାମଗ୍ରୀରେ ପରିଣତ କରିବା ଓ ସେହି ପଣ୍ୟ ସାମଗ୍ରୀର କିଣାବିକାର ଅନ୍ତରାଳେ ଯେ ଧନତାନ୍ତ୍ରିକ ସମାଜର ଆଉ ଏକ ସମ୍ପର୍କ ଲୁଚି ରହିଛି ଏବଂ ତାହା ହେଉଛି ଶୋଷଣ ନିପୀଡ଼ନର ସମ୍ପର୍କ, ଏକଥା ମାର୍କସ୍‌ବାଦୀ ଲେଖକ ହିଁ ଦର୍ଶାଇ ଦେଇଥାଏ। ଉଦ୍‌ବୃତ୍ତ ମୂଲ୍ୟର ତତ୍ତ୍ୱ ଭିତରକୁ ନଯାଇ ମଧ୍ୟ ସାମାଜିକ ବାସ୍ତବତାର ବିଶ୍ଳେଷଣରେ ଜଣେ ଲେଖକ ଏହା ଦର୍ଶାଇ ଦେଇପାରେ ଏବଂ ଜଣେ ପାଠକ ବା ଶ୍ରୋତାର ଚେତନା ସ୍ତରକୁ ପ୍ରଭାବିତ ଓ ପରିବର୍ତ୍ତିତ କରିପାରେ। କିନ୍ତୁ ତାହା ତା'ର ଉଦ୍ଦେଶ୍ୟ ହେବା ଜରୁରୀ ନୁହେଁ।

ମାର୍କସୀୟ ନନ୍ଦନତତ୍ତ୍ୱ ଅନ୍ୟ ଏକ ବିତର୍କ ବିଷୟ ହେଉଛି ବାସ୍ତବବାଦ। ପ୍ରଚଳିତ ସମାଜ ବ୍ୟବସ୍ଥାର ସମାଲୋଚନାତ୍ମକ ଚିତ୍ର ଦେଉଥିବା ଲେଖାସବୁକୁ ସମାଲୋଚନାତ୍ମକ ବାସ୍ତବବାଦର ପ୍ରତିଫଳନ କୁହାଯାଉଥିବାବେଳେ ଷ୍ଟାଲିନ୍‌ଙ୍କ ସମୟରେ ସମାଜବାଦୀ ବାସ୍ତବାବାଦ ଏକ ମୁଖ୍ୟ ନାନ୍ଦନିକ ଧାରା ରୂପେ ନିର୍ଣ୍ଣିତ ହୋଇଥିଲା। ପ୍ରଥମ ଶ୍ରେଣୀର ସାହିତ୍ୟିକମାନଙ୍କୁ ମ୍ୟାକ୍ସିମ୍ ଗୀର୍ଜା ବୁର୍ଜୁଆ ସମାଜର ଅବାଧ ସନ୍ତାନ ରୂପେ ଆଖ୍ୟା ଦେଇଛନ୍ତି। ତାହା ବର୍ଣ୍ଣନାତ୍ମକ ବାସ୍ତବବାଦ ମଧ୍ୟ ହୋଇପାରେ। ଅନ୍ୟ ପକ୍ଷରେ ଲୁକାସ୍‌ଙ୍କ ଭାଷାରେ ସମାଜବାଦୀ ବାସ୍ତବତା ସମାଜପ୍ରତି ଏକ ଅନ୍ତର୍ଦୃଷ୍ଟି। ଯେଉଁ ସମାଜରେ ବିପ୍ଳବ ଅବଶ୍ୟମ୍ଭାବୀ, ସେଠାରେ ବିପ୍ଳବୀମାନେ କଳା ଓ ସାହିତ୍ୟକୁ ଆପଣା କାର୍ଯ୍ୟର ମୁଖ୍ୟସ୍ରୋତ କରିବା ସମ୍ଭବ ନୁହେଁ। ତେଣୁ ସେଭଳି ସାହିତ୍ୟ କେବଳ ବିପ୍ଳବ ପରି ସମାଜରେ ହିଁ ସମ୍ଭବ। ବର୍ତ୍ତମାନ କେବଳ ଅଙ୍ଗୀକାରବଦ୍ଧ ଲେଖକମାନେ ଜନତାର ଦୁର୍ଦ୍ଦଶା ଓ ହାହାକାର ଏବଂ ସଂଗ୍ରାମର କଥା ସିନା ଲେଖିପାରିବେ, ତା' ଉର୍ଦ୍ଧ୍ୱକୁ କିପରି ଯିବେ? ବାସ୍ତବବାଦୀ ସାହିତ୍ୟରେ ବାସ୍ତବତାର ରୂପାୟନ ମାଧ୍ୟମରେ ଗୋଟିଏ ଲେଖା ଜନଗଣଙ୍କୁ ପ୍ରଭାବିତ କରେ, ନିଜସ୍ୱ ଆବେଦନର ସାମର୍ଥ୍ୟ ରଖେ ଓ ବାସ୍ତବତାକୁ ବଦଳାଇ ଦେବାର ବାଟ ପ୍ରତି ମଧ୍ୟ ଇଙ୍ଗିତ ଦିଏ। (ଉଦାହରଣ : ଭଗବତୀ ବାବୁଙ୍କ 'ଶୀକାର') ଏହାଦ୍ୱାରା ସେ ବାସ୍ତବତାକୁ ଆତ୍ମସ୍ଥ କରି ପୁନଃସର୍ଜନା କରେ। ଏହାହିଁ ସାମାଜିକ ବାସ୍ତବତା। ଟାଣି ଓଟାରି ତାକୁ ସମାଜବାଦୀ ବାସ୍ତବତା ବୋଲି କୁହାଯାଇ ପାରିବ ନାହିଁ।

ଲେନିନ୍ ଏହାର ସୁନ୍ଦର ବିଶ୍ଳେଷଣ କରିଛନ୍ତି। ମାନବ ଚେତନାରେ ବାସ୍ତବତାର ପ୍ରତିଫଳନ ଏକ ଗତିଶୀଳ ପ୍ରକ୍ରିୟା। ପ୍ରଥମେ ଘଟେ ବସ୍ତୁର ପ୍ରତିଫଳନ, ତା'ପରେ ଉପଲବ୍ଧି ଓ ଅବଧାରଣା। ଏହି ଧାରଣା ବୈଜ୍ଞାନିକ

ହୋଇପାରେ, କଳାତ୍ମକ ବି ହୋଇପାରେ। ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦୀ ଦୃଷ୍ଟିରେ ମାନବିକ ଚେତନାରେ ସୃଜନଶକ୍ତିର ଏକ ବିଶେଷ ଭୂମିକା ରହିଥାଏ। ଏହାହିଁ କଳା ସାହିତ୍ୟରେ ବ୍ୟକ୍ତିର ଭୂମିକାକୁ କେବଳ ଏକ ମାଧ୍ୟମ ନ କରି ଚିରନ୍ତନ ଗତିଶୀଳ କରାଇଥାଏ। ବାସ୍ତବତାକୁ ରୂପାନ୍ତରିତ କରିବାର ଇଚ୍ଛାଶକ୍ତି ଓ ସୃଜନଶୀଳ ପ୍ରେରଣା ତଥା କଳ୍ପନା ଶକ୍ତି ବଳରେ ଏହା ନିୟନ୍ତ୍ରିତ ହୁଏ। ଶିଳ୍ପୀ ମାନସରେ ପ୍ରତିଫଳିତ ବାସ୍ତବତାର ବିଭିନ୍ନ ସମ୍ପର୍କକୁ ସେ ବୁଝିବାକୁ ଚେଷ୍ଟା କରିବା ଦ୍ୱାରା ଯେଉଁ କଳାତ୍ମକ ଅବଧାରଣା ସୃଷ୍ଟି ହୁଏ, ତାହା ସାହାଯ୍ୟରେ ସେ ନିଜକୁ ତଥା ଚାରିପାଖର ଜଗତକୁ ଅର୍ଥାତ୍ ତା'ର ମର୍ମସ୍ଥ, ଗତି ପ୍ରକୃତି, ବିରୋଧାଭାସ ତଥା ମଣିଷ ପାଇଁ ତା'ର ଅର୍ଥ ଇତ୍ୟାଦିକୁ ଉପଲବ୍ଧି କରେ। ଏହି ଉପଲବ୍ଧି ସବୁବେଳେ ଗତିଶୀଳ ଭାବେ ତା'ର ଲେଖାରେ ପ୍ରତିଫଳିତ ହୁଏ। ଅନ୍ୟ ପକ୍ଷରେ ସାମାଜିକ ବାସ୍ତବତା ନିର୍ଣ୍ଣୟ କରେ ତା'ର ଚେତନା ଓ ବ୍ୟକ୍ତିତ୍ୱର ସମ୍ଭାବନାକୁ। ଲୁକାସ୍ କହନ୍ତି ଶିଳ୍ପୀର ମାନସିକତା ଉପରେ ନିର୍ଭର କରି ଏହି ବାସ୍ତବତାର ପ୍ରତିଫଳନ ନିର୍ଦ୍ଦିଷ୍ଟ ଗତି, ପ୍ରକୃତି ଓ ରୂପଲାଭ କରେ। ଏହି ଦୁଇଟିଯାକ ମିଶିଗଲେ ହିଁ ଶିଳ୍ପସୃଷ୍ଟି ସମ୍ଭବ ହୁଏ। ତେଣୁ ଏପରିକି ବିପ୍ଳବ ପରର ସମାଜବାଦୀ ସମାଜରେ ମଧ୍ୟ ସମାଲୋଚନାତ୍ମକ ବାସ୍ତବବାଦର ଧାରା ଦୀର୍ଘକାଳ ଧରି ଚାଲିବ। ଲୁକାସ୍‌ଙ୍କ ଏହି ମତ ଗର୍କୀ ଓ ଲୁସୁଁ ମତ ସହ ପ୍ରାୟତଃ ସମାନ।

ଓଡ଼ିଶାରେ ଯଦିଓ ନନ୍ଦନତତ୍ତ୍ୱର ଚର୍ଚ୍ଚା ଯଥେଷ୍ଟ ହୋଇଚି, ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱର ଚର୍ଚ୍ଚା ଖୁବ୍ କମ୍ ହୋଇଛି। ୧୯୩୬ ରେ ଗଠିତ ନବଯୁଗ ସାହିତ୍ୟ ସଂସଦର ପ୍ରତିଷ୍ଠାତା ଭଗବତୀ ପାଣିଗ୍ରାହୀ ପ୍ରଗତିଶୀଳ ସାହିତ୍ୟର ସ୍ୱରୂପ ଦର୍ଶାଇବାକୁ ଯାଇ ତା'ର ଘୋଷଣାପତ୍ରରେ ଲେଖିଥିଲେ, ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ ଓ ଇତିହାସର କ୍ରମ ବିବର୍ତ୍ତନ ଧାରାକୁ ଠିକ୍ ରୂପେ ଉପଲବ୍ଧି କରି ସାହିତ୍ୟର ଗତିପଥକୁ ତାହା କିପରି ନିୟନ୍ତ୍ରିତ କରୁଛି ତା'ର ସ୍ୱରୂପ ଉଦ୍ଘାଟନ କରିବା ଏହାର ଲକ୍ଷ୍ୟ। "କଥାସାହିତ୍ୟରେ କଳା ବୈଚିତ୍ର୍ୟ" ବୋଲି ଏକ ପ୍ରବନ୍ଧରେ ମଧ୍ୟ ସେ ଏକ ସମ୍ପର୍କରେ ବିଶ୍ଳେଷଣ କରିଥିଲେ। ତାଙ୍କ ମତରେ ସାହିତ୍ୟ ସମାଲୋଚନାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ହେଲା ସାହିତ୍ୟିକ ରୁଚିଗଠନ ଓ ଏକ ବୃହତ୍ତର ସତ୍ୟର ଉଦ୍‌ଘାଟନ। ପ୍ରାଣନାଥ ପଟ୍ଟନାୟକଙ୍କ 'ଆସନ୍ତାକାଲି ସାହିତ୍ୟ', ସଚ୍ଚିରାଉତରାୟଙ୍କ ପାଣ୍ଡୁଲିପିର ମୁଖବନ୍ଧ 'ନାନ୍ଦୀମୁଖ' ତଥା 'ସାହିତ୍ୟର ବିଚାର ଓ ମୂଲ୍ୟବୋଧ' ଓ ରବି ସିଂଙ୍କ 'ସଂସ୍କୃତିର ବୈପ୍ଳବିକ ମୂଲ୍ୟବୋଧ' ଏବଂ ରବୀନ୍ଦ୍ର ନାଥ ସାହୁଙ୍କ 'ମାର୍କସୀୟ ନନ୍ଦନତତ୍ତ୍ୱ ଏକ ବିହଗ ଦୃଷ୍ଟି' ତଥା ଗୁରୁଚରଣ ପଟ୍ଟନାୟକଙ୍କ 'ଓଡ଼ିଆ ସାହିତ୍ୟର ମତି ଓ ଗତି'ରେ କେତୋଟି ପ୍ରବନ୍ଧ ଉଲ୍ଲେଖଯୋଗ୍ୟ। ପରବର୍ତ୍ତୀ ସମୟରେ ୧୯୭୪ ରେ ପୁନଃପ୍ରତିଷ୍ଠିତ ନବଯୁଗ ସାହିତ୍ୟ ସଂସଦ ତଥା ତତ୍ ପରବର୍ତ୍ତୀ ୧୯୭୯ ରେ ପ୍ରତିଷ୍ଠିତ ଗଣମୁକ୍ତି ଲେଖକ ସାମ୍ମୁଖ୍ୟ ଗୋଟିଏ ଲେଖାଏଁ ଘୋଷଣାପତ୍ର ପ୍ରକାଶ କରିଥିଲା ଯେ ଏହାର ପ୍ରତ୍ୟେକ ସାହିତ୍ୟ କର୍ମ କୋଟି କୋଟି ଜନତାର ଚଳମାନ ସଂଗ୍ରାମର ଓ ଚେତନାର କଷଟିରେ ପରିଲକ୍ଷିତ ଓ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ। ଓଡ଼ିଶାରେ ନୂଆ ଦୁନିଆ, ଆଧୁନିକ, ବେଳା, ଅଗ୍ନିବାଣ, ସବୁଜ ବିପ୍ଳବ, ଅଭିଯାତ୍ରୀ, ନବପତ୍ର, ଡେଉ଼ନା, ନିସାନ୍ ଓ ଅଳକାନନ୍ଦା ଆଦି ପତ୍ରପତ୍ରିକା ଏହି ମାର୍କସୀୟ ନନ୍ଦନତତ୍ତ୍ୱର ଆଧାରରେ ପ୍ରକାଶିତ ହୋଇଛି ଓ ଏବେବି ନବପତ୍ର ଓ ନିସାନ୍ ଓ ଅଳକାନନ୍ଦା ପ୍ରକାଶିତ ହେଉଛି।

ଗଣମୁକ୍ତି ଲେଖକ ସାମ୍ମୁଖ୍ୟ ତରଫରୁ ୧୯୮୨ରେ ଭୁବନେଶ୍ୱର ଠାରେ ଏହି ବିଷୟରେ ହୋଇଥିବା ଆଲୋଚନା ଚକ୍ରରେ ଚିତ୍ତରଂଜନ ଦାସ ଆପଣାର ପ୍ରବନ୍ଧ 'ଜୀବନର ସୌନ୍ଦର୍ଯ୍ୟବୋଧ ବିଚାର' ଉପସ୍ଥାପିତ କରି ଲେଖିଥିଲେ- "ସୌନ୍ଦର୍ଯ୍ୟର କ୍ଷେତ୍ର ଆଦୌ ଏକ ଭୋଗର କ୍ଷେତ୍ର ନୁହେଁ, ଏହା ଏକ ଅନୁଭବ କ୍ଷେତ୍ର, ଅନ୍ତରଙ୍ଗତା ସ୍ଥାପନ କରିବାର କ୍ଷେତ୍ର, ସମର୍ପଣର କ୍ଷେତ୍ର, ଆପଣାର ବାଡ଼ଗୁଡ଼ାକ ଭାଙ୍ଗି ଅନ୍ୟ ସମସ୍ତଙ୍କର ହୋଇଯିବାର କ୍ଷେତ୍ର, ଅନ୍ୟ ସମସ୍ତଙ୍କ ବାଟ ସହିତ ମିଳାଇ ଆପଣା ବାଟଟିକୁ ଚାଲିବାର କ୍ଷେତ୍ର।" ସେଥିପାଇଁ ଯୋଗ୍ୟ ହେବା ଲେଖକର ଦାୟିତ୍ୱ।

ଅଭିଯାତ୍ରୀ ପ୍ରକାଶ କାଳରେ ମନମୋହନ ମିଶ୍ର କେତୋଟି ପ୍ରବନ୍ଧରେ ବୈନିକ ସାହିତ୍ୟ ପରମ୍ପରା ସମ୍ପର୍କରେ ଓ ଲୁସୁଁଙ୍କ ସାହିତ୍ୟ ଦର୍ଶନ ଉପରେ ଆଲୋଚନା କରିଥିଲେ। ପୁଣି ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱ ଆଧାରରେ ଗୋପୀ ମହାନ୍ତିଙ୍କ କୃତି ଉପରେ ମଧ୍ୟ ଆଲୋଚନା କରିଥିଲେ, ଯାହା 'ନବପତ୍ର'ରେ ପ୍ରକାଶିତ ହୋଇଥିଲା। ଆଉ ମଧ୍ୟ ସେ 'ଗର୍କୀ'ଙ୍କ ଲେଖନୀରୁ ଏକ ଅନୁବାଦ ପୁସ୍ତିକାରେ ଗର୍କୀଙ୍କ 'ମୁଁ କାହିଁକି ଲେଖକ ହେଲି'ର ଅନୁବାଦ କରିଥିଲେ। ଆଶୁତୋଷ ପରିଡ଼ା କ୍ରିଷ୍ଟଫର୍ କଡ଼ୱେଲଙ୍କ ଉପରେ ଏକ ପ୍ରବନ୍ଧ ଓ 'କଳା ଓ ସାହିତ୍ୟରେ ବାସ୍ତବତା' ଶୀର୍ଷକ ଅନ୍ୟ ଏକ ପ୍ରବନ୍ଧରେ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି 'ସାହିତ୍ୟ ଓ ରାଷ୍ଟ୍ର' ବୋଲି ଏକ ସ୍ୱତନ୍ତ୍ର ପ୍ରବନ୍ଧରେ ମନମୋହନ ମିଶ୍ର ଏ ସମ୍ପର୍କରେ କିଛି ମୌଳିକ ଚିନ୍ତାର ପ୍ରକାଶ କରିଥିଲେ। ତାହା ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଏକ ପୁସ୍ତିକା ରୂପେ ପ୍ରକାଶ ପାଇଥିଲା। ଏଥିରେ ସେ ଦର୍ଶାଇଛନ୍ତି ଯେ ଗୋଟିଏ ସମୟରେ ଗୋଷ୍ଠୀ ବା ଉପଜାତିର ସାମୂହିକ ଉଲ୍ଲାସ ଓ ବାକ୍‌ଚାତୁରୀର ଚୁଙ୍ଗିମା ଥିଲା ସାହିତ୍ୟ ରଚନା। କିନ୍ତୁ ପରେ ଯୁକ୍ତି, ପ୍ରବଚନ, ପ୍ରତିଯୁକ୍ତି ଓ ପ୍ରଶ୍ନୋତ୍ତର ଇତ୍ୟାଦି କାର୍ଯ୍ୟ ପାଇଁ ଗଦ୍ୟମୟ ଭାଷାର ପ୍ରଚଳନ ହେଲା। ତଥାପି ସାହିତ୍ୟ ଥିଲା ପଦ୍ୟମୟ ଗୀତିନାଟକ, ଏପିକ୍ ବା ଲିରିକ୍। ଗଦ୍ୟସାହିତ୍ୟ ଅତ୍ୟନ୍ତ ଅର୍ବାଚୀନ। ଏହି ଲୋକସାହିତ୍ୟ, ବିଶେଷକରି ଲୋକଗୀତ କିନ୍ତୁ ହୋଇଥାଏ ମୃତ୍ୟୁଞ୍ଜୟୀ ଏବଂ କାଳଜୟୀ। ଶବ୍ଦର ନିର୍ବାଚନ ଓ ସାମାଜିକ ଜୀବନରେ ଏକକାଳୀନ ବହୁ କଣ୍ଠରେ ତା'ଣ ଉଚ୍ଚାରଣ ମଣିଷର ସାମୁଦାୟିକ ଅସ୍ତିତ୍ୱର ତେଜୋଦୀପ୍ତ ଆଲୋକରୂପେ ପ୍ରତିଭାତ ହୋଇଥାଏ। ଏହି ଗୋଷ୍ଠୀ ସଂଗୀତ ଓ ତଦ୍‌ଉପଯୋଗୀ ବାଦ୍ୟର ପ୍ରୟୋଗ ଏକ ନୂତନ ବାସ୍ତବତା ଓ ସାମୁଦାୟିକ ବିଭ୍ରାନ୍ତି ଆଣେ। ତାହା ବ୍ୟକ୍ତି ପାଇଁ ଆଣେ ଏକ ଉତ୍ତରଣ। କେବଳ ଆନନ୍ଦ ଓ ପ୍ରେରଣାର ଉତ୍ସ ନ ହୋଇ ତାହା କର୍ମକ୍ଳାନ୍ତିର ଅବସାଦ ଦୂର କରେ ଏବଂ କର୍ମପ୍ରେରଣା ରୂପେ ବ୍ୟକ୍ତିକୁ ପ୍ରଚୋଦିତ କରେ। ତେଣୁ ସେହି ସଙ୍ଗୀତର ବ୍ୟବହାର ହୁଏ କୋଡ଼ିବା, ବଛାବଛି, ହଳକରିବା ଆଦି କାର୍ଯ୍ୟ ଓ ଫସଲ କଟାରେ। ଏହାହିଁ ତା'ର ସାମାଜିକ ଉପଯୋଗିତା, ଯାହା ଏବେବି ଆଦିବାସୀ ସମାଜରେ ଦେଖିବାକୁ ମିଳିଥାଏ। ଗୀତକୁଡ଼ିଆ ଓ କୁଡ଼ିଆନିମାନଙ୍କ ଗୀତର ନନ୍ଦନତତ୍ତ୍ୱକୁ ଏଇ ଦୃଷ୍ଟିରୁ ବିଚାର କରିବାକୁ ପଡ଼ିବ।

କିନ୍ତୁ ପ୍ରବଳ ଶିଳ୍ପବିକାଶ ଓ ତଦ୍‌ଜନିତ କର୍ମବିଭାଗ ସଂଗେ ସଂଗେ ସାହିତ୍ୟ ଶ୍ରମ ବା କାର୍ଯ୍ୟର ସହଯୋଗୀ ହେବା ପରିବର୍ତ୍ତେ ହୋଇଯାଏ ତା'ର ବିପରୀତ। କବି ହୋଇଯାଏ ଏକାକୀ। ଏହା ହେଉଛି ଶ୍ରେଣୀ ବିଭକ୍ତ ସମାଜର ଅବଦାନ। ସାମାଜିକ ଶ୍ରମଠାରୁ ବିଚ୍ଛିନ୍ନ ହୋଇ ଏହା ଉଭୟ ଶ୍ରମ ଓ ଶିଳ୍ପର ସର୍ବନାଶୀ କ୍ଷତି ଘଟାଇ ରାଷ୍ଟ୍ରର ସେବାକାରୀରେ ପରିଣତ ହୁଏ ଓ ଅନ୍ତଃସାରଶୂନ୍ୟ ପାଲଟେ। କିନ୍ତୁ ବେଶ୍ କିଛି ଲେଖକ ଏହାକୁ ଅତିକ୍ରମ କରନ୍ତି। ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱ ଯୋଜନାବଦ୍ଧ ଭାବେ ସମାଜର ଜଟିଳତାକୁ ଭେଦ କରି ଲେଖକକୁ ସଚେତନ ଓ ସମାଜମୁଖୀ କରାଏ। ଆଜିର ପରିସ୍ଥିତିରେ ଲେଖକ ନିରପେକ୍ଷ ରହିବା ଅସମ୍ଭବ। ସେ ହୁଏତ ରାଷ୍ଟ୍ରଶକ୍ତିର ଅନୁଗତ ହେବ ନଚେତ୍ ଆପଣାର ସାମାଜିକ ଦାୟିତ୍ୱ ତୁଲାଇବା ପାଇଁ ନିଜକୁ ସମସ୍ତ କଟକଣାରୁ ମୁକ୍ତ କରି ଓ ପ୍ରତିବନ୍ଧକ ଅତିକ୍ରମ କରି ଅଗ୍ରସର ହେବ।

ସର୍ବଶେଷରେ ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱ କ୍ଷେତ୍ରରେ ସାରା ବିଶ୍ୱର ମଧ୍ୟବିତ୍ତ ଶ୍ରେଣୀ ମାନସିକତାର ଦୀର୍ଘକାଳ ଧରି ପ୍ରବଳ ପ୍ରଭାବ ବିସ୍ତାର କରିଥିବା ଫ୍ରାଙ୍କ୍‌ଫୁର୍ଟ୍ ସ୍କୁଲ୍ ବିଷୟରେ କିଛିଟା ଉଲ୍ଲେଖ ଜରୁରୀ। ଏହି ନବ୍ୟ ମାର୍କସ୍‌ବାଦୀ ନକାରାତ୍ମକ ସ୍କୁଲ୍ ସ୍ଥାପିତ ହୋଇଥିଲା ଜର୍ମାନୀରେ ୧୯୩୦ ରେ। ଏରିକ୍, ଫ୍ରମ୍, ହରବର୍ଟ ମାର୍କ୍ୟୁକ୍, ଥିଓଡୋର ଆଡ଼ର୍ଣ୍ଣେ, ଫ୍ରେଡ଼େରିକ୍ ପୋଲାକ୍ ଓ ମାର୍କସ୍ ହାରଖେମ୍‌ର ଇତ୍ୟାଦି ଥିଲେ ଏହାର ତତ୍ତ୍ୱବିଦ୍। ଏ ଦିଗରେ ରଚିତ ବିଖ୍ୟାତ କୃତୀ ସବୁ ହେଉଛି 'ହେତୁ ଓ ବିପ୍ଲବ', 'ଆଲୋକନାମାର ଦ୍ୱନ୍ଦ୍ୱ', 'ଇରସ୍ ଏଣ୍ଡ୍ ସିଭିଲାଇଜେସନ୍', 'ଏକ ଦିଗ୍‌ଦର୍ଶୀ ମାନବ' ଏବଂ 'ନକାରାତ୍ମକ ଦ୍ୱନ୍ଦ୍ୱ'।

ଏ ସମସ୍ତ ନବ୍ୟ ମାର୍କସ୍‌ବାଦୀ ଦାର୍ଶନିକ ମାର୍କସ୍‌ବାଦର ଆଶାବାଦତତ୍ତ୍ୱକୁ ଅସ୍ୱୀକାର କରୁଥିଲେ। ବାସ୍ତବତାର ଅଧ୍ୟୟନ ଆଳରେ ଆଧୁନିକ ପୁଞ୍ଜିବାଦ କିପରି ଅର୍ଥନୀତି କ୍ଷେତ୍ରରେ ପ୍ରଭାବଶାଳୀ ଢଙ୍ଗରେ ଆପଣାକୁ ପ୍ରୟୋଗ କରି ଉତ୍ପାଦନ ସମ୍ପର୍କକୁ ବଦଳାଇ ଦେଇଛି ଏବଂ ରାଷ୍ଟ୍ରୀୟ ଯୋଜନା ତଥା ଉତ୍ପାଦନ ମାଧ୍ୟମ ଉପରେ ରାଷ୍ଟ୍ରର ମାଲିକାନା ଜାହିର୍ କରି ଶ୍ରମିକ ଶ୍ରେଣୀର ବିପ୍ଳବୀ ଚରିତ୍ରକୁ ବଦଳାଇ ଦେଇଛି, ସେକଥା ଦର୍ଶାଇ ମାର୍କସ୍‌ବାଦୀ ତତ୍ତ୍ୱରେ ଜଳମଗ୍ନ ଜାହାଜର ଉଦ୍ଧାରକର୍ତ୍ତା ବୋଲି କୁହାଯାଇପାରେ। ସତ୍ୟ ନାମରେ ଏବଂ ପାରମ୍ପରିକ ନନ୍ଦନତତ୍ତ୍ୱକୁ ଅସ୍ୱୀକାର କରିବା ନାଆଁରେ ସେମାନେ ଅସଲରେ ନୈରାଶ୍ୟବାଦର ପ୍ରସାର ହିଁ କରିଛନ୍ତି। ସେମାନଙ୍କ ତାତ୍ତ୍ୱିକ ବିଶ୍ଳେଷଣ ଆଉ ଏକ କମ୍ୟୁନିଷ୍ଟ ବିରୋଧି ତତ୍ତ୍ୱକୁ ଜନ୍ମଦେଇଛି, ଯାହାକୁ କୁହାଯାଏ ଅସ୍ତିତ୍ୱବାଦ। ନିଜର ପରିଚିତି ବା ଅସ୍ତିତ୍ୱକୁ ଜାହିର୍ କରିବାକୁ ଯାଇ ଏହି ପରିବର୍ତ୍ତିତ ବିଶ୍ୱରେ କର୍ତ୍ତା ନିଜର କର୍ମକୁ ଗ୍ରାସ କରିବା ସ୍ୱାଭାବିକ ବୋଲି ସେମାନେ ଦର୍ଶାଇଛନ୍ତି। ଫଳରେ ତୁଚ୍ଛା ଦାର୍ଶନିକ ଭାବନା ହୋଇଛି ମୁଖ୍ୟ ଏବଂ ତାହା ଦର୍ଶନ ଭିନ୍ନ ଅନ୍ୟ ସବୁକିଛି ବିନାଶ କରିଛି। ତା'ର ମୁଖ୍ୟ କାରଣ ସ୍ୱରୂପ ସେମାନେ ଦର୍ଶାଇଛନ୍ତି ଏକ ବିପ୍ଳବୀ ସର୍ବହରା ଶ୍ରେଣୀରର ଅନୁପସ୍ଥିତି। ଫଳରେ ସମସ୍ତେ ବିପ୍ଳବୀ ଆନ୍ଦୋଳନ ସେମାନଙ୍କ ପାଇଁ ଅର୍ଥହୀନ ହୋଇଉଠିଛି।

ଗିଓର୍ଗ ଲୁକାସ୍ ଏହାକୁ (ଫ୍ରାଙ୍କଫୁଟ୍ ସ୍କୁଲ୍‌ର ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱକୁ) ବୁର୍ଜୁଆ ଆଦର୍ଶବାଦର ଅନ୍ୟତମ ରୂପ ବୋଲି ସମାଲୋଚନା କରିଛନ୍ତି। କାହିଁକି ନା ବାସ୍ତବ କ୍ଷେତ୍ରରେ ଏହାର କିଛି ହେଲେ ରାଜନୀତିକ ବ୍ୟବହାର ବା ପ୍ରୟୋଗଶୀଳତା ନଥିଲା। ସୁତରାଂ କୌଣସି ଚଳମାନ ବିପ୍ଳବୀ ଆନ୍ଦୋଳନର ବାସ୍ତବତାଠାରୁ ଏହା ଥିଲା ସଂପୂର୍ଣ୍ଣ ବିଚ୍ଛିନ୍ନ। କାର୍ଲ ପୋପର ଏହା ସହ ମୂଳ ମାର୍କସ୍‌ବାଦର ତୁଳନା କରି କହିଛନ୍ତି ମାର୍କସ୍ ଯେତେବେଳେ ଆମ ସମାଜର ନିନ୍ଦା କରିଛନ୍ତି, ସେ ଏକ ବିକଳ୍ପ ବିଶ୍ୱର ସମ୍ଭାବନାକୁ ମଧ୍ୟ ଦୃଢ଼ ଭାବେ ଉପସ୍ଥାପିତ ଓ ପ୍ରମାଣିତ କରିଛନ୍ତି। କିନ୍ତୁ ଫ୍ରାଙ୍କ୍‌ଫୁଟ୍ ସ୍କୁଲ୍‌ର ତତ୍ତ୍ୱବିତ୍‌ମାନେ ଏହି ସମ୍ଭାବନାକୁ ନସ୍ୟାତ୍ କରିଦେଇ ନିଜର ପ୍ରଚଣ୍ଡ ଦାୟିତ୍ୱହୀନତାକୁ ବାରବାର ପ୍ରମାଣିତ କରିଛନ୍ତି।

ମାର୍କସ୍ ନିଜେ କୌଣସି ସାଂସ୍କୃତିକ ବା କଳାତ୍ମକ ତତ୍ତ୍ୱ ବିକାଶ କରିପାରି ନଥିଲେ। ବିଶେଷକରି ଐତିହାସିକ ବାସ୍ତବବାଦର ଏକ ଆବଶ୍ୟକ ଅଂଶ ରୂପେ ସାଂସ୍କୃତିକ ଉତ୍ପାଦନର ସାମାଜିକ ତଥା ବସ୍ତୁଭିତ୍ତିକ ମାଧ୍ୟମ ଓ ସର୍ତ୍ତର ଇତିହାସ ସଂରଚନା ଏବଂ ଦ୍ୱିତୀୟରେ ଭାଷାର ପ୍ରକୃତି, ଯାହାକୁ ସେ କହୁଥିଲେ ବ୍ୟବହାରିକ ଚେତନା ଏବଂ ଯାହା ଥିଲା ସମଗ୍ର ସାମାଜିକ ପ୍ରକ୍ରିୟାର ଏକ ମୌଳିକ ଉପାଦାନ, ଏ ଦୁଇଟି ଯାକ ପ୍ରସଙ୍ଗ ଅବିକଶିତ ହୋଇ ରହିଯାଇଥିଲା। ଫଳରେ ମାର୍କସୀୟ ତତ୍ତ୍ୱ ସଂଗେ ସଂଗେ ବହୁ ଅଭାବନୀୟ ଓ ଅଣମାର୍କସୀୟ ସାଂସ୍କୃତିକ ତତ୍ତ୍ୱର ପ୍ରଚାର ଓ ପ୍ରସାର ହୋଇଛି। କିନ୍ତୁ ସବୁ ସତ୍ତ୍ୱେ ଏକ ସଠିକ୍ ମାର୍କସ୍‌ବାଦୀ ନନ୍ଦନତତ୍ତ୍ୱ ପାଇଁ ତାଙ୍କର ଅନ୍ୟସବୁ ସାଧାରଣ ସନ୍ଦର୍ଭରେ ଥିବା ତୀକ୍ଷ୍ଣ ଅନ୍ତର୍ଦୃଷ୍ଟି ଆଜି ମଧ୍ୟ ଦିଗ୍‌ଦର୍ଶିକା ରୂପେ କାମ କରୁଛି ଓ କରୁଥିବ ଏଥିରେ ସନ୍ଦେହ ନାହିଁ। ❑

*ପ୍ରାଧ୍ୟାପକ*
*ସ୍ନାତକୋତ୍ତର ଓଡ଼ିଆ ବିଭାଗ*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

# ଓଡ଼ିଆ କବିତାର ଯୁବସ୍ୱର: ସମୟର ଉପଚାର

◆ ସରୋଜ ବଳ

ବଡ଼ ଅଧୈର୍ଯ୍ୟ ଆମ ସମୟ। ପିଜା କାହିଁକି ପନ୍ଦର ମିନିଟ୍ ଭିତରେ ଘରେ ପହଂଚିଲାନି ବୋଲି ଆମେ ଅଧୈଯ୍ୟ ହେଇପଡୁଛୁ। ଟ୍ରାଫିକ୍‌ପୋଷ୍ଟ୍‌ରେ ମାତ୍ର ଦେଢ଼ ମିନିଟ୍‌ର ଅଟକ, ଆମକୁ ବିରକ୍ତ କରିପକାଉଛି। ମେସେଜ୍ ପଠାଇବାର ତିରିଶ ସେକେଣ୍ଡ୍ ଭିତରେ କାହିଁକି ରିପ୍ଲାଇ ଆସିଲାନି ବୋଲି ଆମେ ମୋବାଇଲ୍‌କୁ ତଳେ କଚାଡ଼ିଦେଉଛୁ। ସତରେ ବଡ଼ ଅଧୈଯ୍ୟ ଆମ ସମୟ।

ଏମିତି ଏକ ଅଧୈଯ୍ୟ ସମୟରେ କବିତାର ହାଲ୍ କଣ? ପ୍ରକୃତରେ କଣ ଆମ ସମୟର କବିତା, ଆଗର କବିତା ହୋଇ ଅଛି? ଫେସ୍‌ବୁକ୍, ହ୍ୱାଟ୍‌ସ୍ ଆପ୍ ଜମାନାରେ ଯେତେବେଳେ ସ୍ମାଇଲି, ସିମ୍ବଲ, ଖଣ୍ଡିଶବ୍ଦରେ ଚାଲିଛି ଭାବ ଦିଆନିଆ, ସେତେବେଳେ କବିତା କଣ ତାର ସେଇ ପାରଂପରିକତାର ପୋଷାକ ଖୋଲି ନୂଆ ଫେଶନ୍‌ରେ ମାତିପାରିଛି?

ବଡ଼ବଡ଼ିଆଙ୍କ ଅଭିଯୋଗ ଯେ ନୂଆପିଢ଼ିର କବିତା ପାଲଟିଯାଇଛି କେବଳ ଏକ ଶବ୍ଦର ଫ୍ୟାଶନ୍; ସେଥିରେ ଭାବ ନାହିଁ, ଭାବନା ନାହିଁ; କେବଳ ତୁଚ୍ଛା ଭାବପ୍ରବଣତା! ସତରେ କଣ ଆମ କବିତାର ସ୍ଥିତି ସେୟା? ନା ନୂଆ ରଂଗର ପୋଷାକ ପିନ୍ଧି ଭିଡ଼ ଭିତରୁ ବାରିହେଇପଡୁଥିବା ନୂଆପିଢ଼ିର କବିତାମାନେ କାଳେ ସେମାନଙ୍କୁ ଟପି ଚାଲିଯିବେ, ସେଇ ଆଶଙ୍କାରେ ସେମାନେ ଚମକି ଉଠୁଛନ୍ତି?

ଏକଥା ସ୍ୱୀକାର କରିବାକୁ ହେବ ଯେ ସମୟ ସ୍ଥିର ନୁହେଁ। ଓ ସେଇ ଅସ୍ଥିର ସମୟ ବଦଳେଇବାରେ ଲାଗିଛି ପୃଥିବୀର ଚିତ୍ରପଟ; ବଦଳେଇବାରେ ଲାଗିଛି ମଣିଷର ଅଭ୍ୟନ୍ତର। ବାହାରର ଦୃଶ୍ୟାବଳୀ ତ ଇତିହାସ ହେବ, କିଂବା ଅତୀତର ଅାଁ ଭିତରେ ହଜିଯିବ; କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ଓ ତା'ର ନିଭୃତ ମନର ଇତିହାସ କେବଳ କବିତା ହିଁ ଟିପି ରଖିବ।

ହଁ, କବିତା! ଯାହା ଏବେ ସହସହ ସଂଖ୍ୟାରେ ଲେଖା-ଛପା-ଚର୍ଚ୍ଚା ଚାଲିଛି, ତା'ର ଗାଠନିକ ଓ ଆତ୍ମିକ ପରିବର୍ତ୍ତନ ବି ଆସିଛି ବୋଲି ଆମକୁ ସ୍ୱୀକାର କରିବାକୁ ହେବ ଏବଂ ଏକଥା ବି ସ୍ୱୀକାର କରିବାକୁ ହେବ ଯେ କବିତାର ଅପପ୍ରୟୋଗ ଓ ଅପବାଦ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି ଏକାଳରେ। ତେବେ ସେହି ଅପବାଦର ନିଦାନ ଏ ଆଲୋଚନା ନୁହେଁ। କିନ୍ତୁ ଏକାଳର କବିତାରେ ଯେ ଆଗପରି କେବଳ 'ଶବ୍ଦର ଚିକିତ୍ସା' ଚାଲିନାହିଁ, ବରଂ ଧୀରେଧୀରେ 'ଶବ୍ଦର ଚିକିତ୍ସା'ରୁ ଓହରି ଆତ୍ମାର ଆଶ୍ୱାସନା ଆଡ଼କୁ ମୁହେଁଇଛି- ଏହା ସ୍ୱୀକାର କରିବାକୁ ହେବ।

ଆଶ୍ୱାସନା ହିଁ ଏବେ ଆମ କବିତାର ଆତ୍ମା। କବିତା ଯେ ଶବ୍ଦର ବୋଝରୁ ମୁକୁଳି ଏବେ ସୁସ୍ଥହେବାରେ ଲାଗିଛି ଓ ସ୍ୱାଭାବିକ ଭାବେ ନିଃଶ୍ୱାସ ନେବାକୁ ଆରମ୍ଭ କରିଛ- ଏଥିରେ ସନ୍ଦେହ ନାହିଁ। ଶବ୍ଦର ଅହଂକାର ଭିତରୁ ମୁକୁଳି ଏକ ସ୍ୱଭାବସୁଲଭ ନିଷ୍କପଟତା ଓ ଜୀବନବୋଧ ଭିତରକୁ ଫେରି ଆସିବାକୁ ଚାହୁଁଛି ଆମ ସମୟର କବିତା। ପାରଂପରିକ ସଂସ୍କାରବୋଧ ଓ ଲୋକାଚାରର ମୋହରୁ ବର୍ତ୍ତି ଗୋଟେ ମୁକ୍ତ ସତ୍ତାରେ ପରିଣତ ହବାକୁ ଆରଂଭ କରିଛି ଆମର ଯୁବସ୍ୱର।

ୱାଡସ୍‌ୱର୍ଥଙ୍କ ଉକ୍ତି 'ଇମୋସନ୍ ରି-କଲେକ୍‌ଟେଡ୍ ଇନ୍‌ଟ୍ରାଂକ୍ୱିଲିଟି' ଅର୍ଥାତ୍ ଶାନ୍ତ ଚିତ୍ତରେ ଭାବାବେଗର ସ୍ମରଣ- ଆମ ସମୟରେ କାମ ଦିଏନା। ଆମର ଅଶାନ୍ତ ଚିତ୍ତ ହିଁ ସ୍ଥିରକରେ ଶାନ୍ତ ରହିବାର କଳା ଓ କାରିଗରୀ। ସେଥିପାଇଁ ଆମର ଶବ୍ଦସବୁ ଅଯଥା ଅଳଙ୍କାରରେ ଓଜନିଆ ନୁହଁନ୍ତି। ବର୍ଣ୍ଣନାରେ ଦେଖିବାକୁ ମିଳେନା ଚେତନାମନ୍ଥନର ରୁଗ୍‌ଣ ରିଆଜ୍। ଅଭିଧାନର ଅଚଳ ଭାଷା ବି ଆମ ପ୍ରଚଳିତ କବିତାକୁ ଆସେନା। ଆମ ସମୟର କବି ସିଧା କହେ, ଅପ୍ରିୟ କହେ, ନିର୍ଭୟରେ କହେ। କଳ୍ପନା କେବଳ ଏକ ଫର୍ମୁଲା ମାତ୍ର।

ଅତୀତରେ ଛନ୍ଦ ଓ ଛନ୍ଦହୀନତାକୁ ନେଇ ଓଡ଼ିଆ କବିତାରେ ଯୋଉ ପରୀକ୍ଷା ନିରୀକ୍ଷା ହୋଇଛି, ତାହା କେବଳ ଶୈଳ୍ପିକ ସଂସ୍କାର ମାତ୍ର । କବିତାର ଅସଲ ନିର୍ଯ୍ୟାସ ଓ ମାଧୁର୍ଯ୍ୟ ଲୁଚିରହିଛି ତା'ର ସରଳପଣ ଆଉ ନିରୀହତାରେ । ଗହଣାଗାଣ୍ଠିରେ ପୋତି ହେଇପଡ଼ିଥିବା ନବବଧୂଟି ଗୋଟେ ନିଷ୍ଫଳ ଉତ୍ତେଜନା ଛଡ଼ା ଅଧିକ କିଛି ନୁହେଁ; ଅପରପକ୍ଷେ ସଫା ଶାଢ଼ୀ ଖଣ୍ଡେ ପିନ୍ଧି ନିର୍ମଳ ବଗିଚାରେ ବୁଲୁଥିବା ଝିଅଟି ଗୋଟେ ଦୀର୍ଘତର ପ୍ରେମର ଆକର୍ଷଣ ତିଆରି କରିପାରେ ବୋଲି ମୋର ମତ । ଗହଣା ସବୁବେଳେ ଅତିରିକ୍ତ । ଯାହା ସୁନ୍ଦର ନୁହେଁ, ତାହାକୁ ଗହଣା କେବେ ସୁନ୍ଦରତର କରିପାରେ ନାହିଁ । ଏପରିକି ଯାହା ସୁନ୍ଦର, ତା'ର ସୌନ୍ଦର୍ଯ୍ୟବୋଧକୁ ଶହେ ପ୍ରତିଶତ କୌଣସି ଗହଣା ପ୍ରକାଶିତ କରିପାରେନା । ଗହଣା ସବୁବେଳେ ଗୋଟେ ବାଧା । ଆମ ସମୟର କବିତା ଏଇ ବାଧାରୁ ମୁକୁଳି ସାଧାରଣ ଭାବେ ଜିନ୍‌ସ ଓ ଟି-ସାର୍ଟଟେ ପିନ୍ଧି ବାଟ ଚାଲିବା ଆରମ୍ଭ କରିଛି ।

କେବଳ ଶବ୍ଦର ପୋଷାକ ନୁହେଁ, ଯୁବପିଢ଼ିର କବିତାରେ ସଚଳ ସମୟର ଆତ୍ମା ବି ଛପିରହିଛି ବଡ଼ ନିଖୁଣ ଭାବେ । ପୁରୁଣା ମୃତ୍ୟୁଚେତନାରୁ ମୁକୁଳି ନୂଆ ଜୀବନବୋଧର ଗୀତ ଗାଉଛି ଆମର କବିତା; ହତାଶାର ଛାଇଅନ୍ଧାରରୁ ଖସିଆସି ବିଶ୍ୱାସ ଓ ପ୍ରେମର ମହୁରୀ ବଜାଉଛି ଆମର କବିତା । କେବଳ ସେତିକି ନୁହେଁ, ଆମ ସମୟର ବିଦ୍ରୋହ, ବିତୃଷ୍ଣା, ବିକାର, ବିଶ୍ୱାସହୀନତା, ବିଫଳତା, ବିରକ୍ତି, ବିଷାକ୍ତପଣ, ବିଚ୍ୟୁତି, ବିଭ୍ରାନ୍ତି, ବିସଙ୍ଗତିସବୁକୁ କୋଡ଼ ବାଗରେ ନିଜ କୋଳକୁ ଆଉଜେଇ ଆଣିଛି ଆମର କବିତା ।

ଦୁର୍ଗାପ୍ରସାଦ ପଣ୍ଡାଙ୍କ ବୈଚାରିକ ବିବିଧତା ହେଉ, କି ହେଉ ବାଦଲ ମହାନ୍ତିଙ୍କ ସ୍ମୃତିସିକ୍ତ ଉପସ୍ଥାପନା, ଶକ୍ତି ମହାନ୍ତିଙ୍କ ଆଧୁନିକତାର ସୂକ୍ଷ୍ମନିବେଶ କିମ୍ବା ହେଉ ଜ୍ଞାନୀ ଦେବାଶିଷ ମିଶ୍ରଙ୍କ ସାଙ୍ଗୀତିକ ସତ୍ୟପାଠ, ଗାୟତ୍ରୀବାଳା ପଣ୍ଡାଙ୍କ ଜୀବନବୋଧର ପ୍ରାଞ୍ଜଳ ପ୍ରବହମାନତା ହେଉ କି ଭାରତ ମାଝୀଙ୍କ ଚିତ୍ରିତ ଅସହାୟତା, ପବିତ୍ର ମୋହନ ଦାଶଙ୍କ ସଂଭ୍ରମ ସାକ୍ଷ୍ୟ ହେଉ କି ଅଖିଳ ନାୟକଙ୍କ ଦଳିତଦୃଷ୍ଟି, ଶର୍ମିଷ୍ଠା ସାହୁଙ୍କ ସଂଗୁପ୍ତ ସଚେତନତା ହେଉ କିମ୍ବା ହେଉ କେଦାର ମିଶ୍ରଙ୍କ କୁହୁକ କଳାଦୃଷ୍ଟି, ଶୁଭଶ୍ରୀ ଲେଙ୍କାଙ୍କ ଆତ୍ମୀୟ ଆବେଗମୟତା ହେଉ କି ଈପ୍‌ସିତା ଷଡ଼ଙ୍ଗୀଙ୍କ ଇଚ୍ଛାର ଅନୁପମ ବିନ୍ୟାସ, ବିଜୟଲକ୍ଷ୍ମୀ ପରିଡ଼ାଙ୍କ ନାରୀତ୍ୱର ନାନ୍ଦନିକତା ହେଉ କି ପ୍ରତୀକ୍ଷା ଜେନାଙ୍କ କୋମଳ ବିଦ୍ରୋହ – ଓଡ଼ିଆ କବିତାର ଯୁବସ୍ୱରରେ ଭରିରହିଛି ସଂପୂର୍ଣ୍ଣ ଜୀବନମନସ୍କ ଏକ ପ୍ୟାକେଜ୍ । ଯେଉଁ ପ୍ୟାକେଟ୍‌କୁ ଖୋଲିଦେଲେ ଏକ ସ୍ୱୟଂସଂପୂର୍ଣ୍ଣ ଜୀବନଟିଏ କଅଁଳା ବାଛୁରୀ ପରି ଡେଇଁପଡ଼ିବ ଇତିହାସର ଦାଣ୍ଡକୁ ।

ପଛକୁପଛ ନୂଆ ସମୟର ଡେଣା ଲଗାଇ ଉଡ଼ିବାକୁ ପ୍ରସ୍ତୁତ ହେଉଛନ୍ତି ନିଖିଳେଶ ମିଶ୍ର, ଅମରେନ୍ଦ୍ର ମାଧବ ଦାଶ, ସୁବ୍ରତ ଜେନା, ଲିପ୍‌ସା ପଟେଲ୍, ଯୋଗେଶ୍ୱର ପଣ୍ଡା, ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କ ଭଳି ଅନେକ ଯୁବପ୍ରତିଭା । ଯେଉଁମାନେ ସେଇ ପୁରୁଣା ଜୀବନଧାରାକୁ ନୂଆ ଭାଷା ଓ ପୋଷାକରେ ସଜେଇ କବିତାର ନୂଆ ଆକାଶଟେ ଗଢ଼ିବାକୁ ଆଗେଇ ଆସୁଛନ୍ତି । ଏହା ନିଶ୍ଚୟ ଆମ କବିତା ପାଇଁ ଏକ ବଡ଼ ଆଶ୍ୱାସନା ।

ପ୍ରତିଟି କବିତା ଲେଖେ, ସେଇ ସମୟର ଏକ ଅଦୃଶ୍ୟ ମାନବୀୟ ଇତିହାସ । କବିତା ଯଦି ସମୟର କଥା ନକହିବ, ସମୟର ଉପଚାର ନକରିବ, ତେବେ ଭବିଷ୍ୟ ପିଢ଼ି ପାଇଁ କେବଳ ପଡ଼ିରହିବ ଗୋଟେ ଶୁଷ୍କ, ଅଥର୍ବ ରାଜନୈତିକ ଇତିହାସ, ଯାହାଠାରୁ ଅସଲ ଜୀବନବୋଧ ଓ ମଣିଷପଣିଆ ଥିବ ଦୂରରେ, ଖୁବ୍ ଦୂରରେ । ❑

*୯୫୦ (ପି), ନୀଳକଣ୍ଠେଶ୍ୱର ମାର୍ଗ*
*ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦*

# ନାସଦୀୟ ସୂକ୍ତଂ ର ଓଡ଼ିଆ ଅନୁବାଦ

## ରକବେଦ-୧୦ମ ମଣ୍ଡଳ ୧୨୯ତମ ସୂକ୍ତ

◆ ଶ୍ରୀମତୀ ପ୍ରତିଭା ମଞ୍ଜରୀ ରଥ

**୧. ଉପକ୍ରମ:-**

ରଗ୍‌ବେଦର ଦଶମ ମଣ୍ଡଳର ଏକଶହ ଅଣତିରିଶତମ ସୂକ୍ତ ହେଉଛି 'ନାସଦୀୟ ସୂକ୍ତମ୍‌'। ରଗ୍‌ବେଦରେ କେତେକ ମନ୍ତ୍ରର ସମଷ୍ଟିକୁ ନେଇ ସୂକ୍ତ କୁହାଯାଏ। ଯେପରି ଆମର ଓଡ଼ିଆ ଭାଷାରେ କେତୋଟି ପଦ ନେଇ ଏକପଦ୍ୟ ହୋଇଥାଏ, ସେହିପରି ବେଦରେ ପରସ୍ପର ସମ୍ପର୍କିତ କିମ୍ବା ଏକବିଷୟର ଆଧାରରେ କେତୋଟି ମନ୍ତ୍ର ଏକାଠି ହୋଇ ରହିଥାଏ ଓ ତାହାକୁ ସୂକ୍ତ କୁହାଯାଏ। ସମଗ୍ର ରଗ୍‌ବେଦରେ ୧୦୨୮ଟି ସୂକ୍ତ ଅଛି। ତନ୍ମଧ୍ୟରୁ ନାସଦୀୟ ସୂକ୍ତଟି ସୃଷ୍ଟିର ପ୍ରାରମ୍ଭ ଓ ସୃଷ୍ଟିପ୍ରକ୍ରିୟାର ଏକ ଦାର୍ଶନିକ ତତ୍ତ୍ୱ ସମ୍ବଳିତ ପରିପ୍ରକାଶ ରୂପେ ବିଦ୍ୱାନ ମଣ୍ଡଳୀରେ ବିଶେଷ ପ୍ରସିଦ୍ଧ।

ଏହି ସୂକ୍ତ (ସୁ+ଉକ୍ତ) ର ନାମ ପ୍ରଥମ ମନ୍ତ୍ରର ଆରମ୍ଭରେ ଥିବା ଦୁଇଟି ପଦ ଯଥା- 'ନ ଅସତ୍‌' ଏହି ଦୁଇଟି ପଦକୁ ନେଇ 'ନାସତ୍‌' ଓ 'ନାସତ୍‌' ସମ୍ପର୍କୀୟ ସୂକ୍ତ ହେତୁ 'ଈୟ' ପ୍ରତ୍ୟୟ ହୋଇ ('ତ' ର 'ଦ' ହୋ) 'ନାସଦୀୟ' ଶବ୍ଦ ନିଷ୍ପନ୍ନ। ସୂକ୍ତଟିର ପ୍ରଥମ ମନ୍ତ୍ରର ପ୍ରଥମ ଦୁଇଟି ପଦର ଆଧାରରେ ସୂକ୍ତର ନାମକରଣ 'ନାସଦୀୟ' ହୋଇଛି। ମହତ୍ତ୍ୱ ଦୃଷ୍ଟିରୁ ଓଡ଼ିଆ ଭାଷାରେ ସୂକ୍ତଟିର ମନ୍ତ୍ର ଓ ପ୍ରବନ୍ଧରେ କରାଯାଇଛି ଯାହାଦ୍ୱାରା ବୈଦିକ ଚିନ୍ତନ ସାର୍ବଜନୀନ ହୋଇପାରିବ।

**୨. ନାସଦୀୟ ସୂକ୍ତର ମନ୍ତ୍ର:-**

(କ) ନାସଦାସୀନ୍ନୋ ସଦାସୀତ୍ତଦାନୀଂ ନାସୀଦ୍ରଜୋ ନୋ ବ୍ୟୋମା ପରୋ ଯତ୍‌।
କିମାବରୀବଃ କୁହ କସ୍ୟ ଶର୍ମନ୍ନମ୍ଭଃ କିମାସୀଦ୍ଗହନଂ ଗଭୀରମ୍‌॥

(ଖ) ନ ମୃତ୍ୟୁରାସୀଦମୃତଂ ନ ତର୍ହି ନ ରାତ୍ର୍ୟା ଅହ୍ନ ଅସୀତ୍‌ ପ୍ରକେତଃ।
ଆନୀଦବାତଂ ସ୍ୱଧୟା ତଦେକଂ ତସ୍ମାଦ୍ଧାନ୍ୟନ୍ନ ପରଃ କିଂ ଚନାସ ॥

(ଗ) ତମ ଅସୀତ୍ତମସା ଗୂଲ୍‌ହମଗ୍ରେଂପ୍ରକେତଂ ସଲିଳଂ ସର୍ବମା ଇଦମ୍‌
ତୁଚ୍ଛ୍ୟେନାଭ୍ୱପିହିତଂ କ୍ଷଦାସୀତ୍ତପସସ୍ତନ୍‌ମହିନା ଜାୟତୈକମ୍‌॥

(ଘ) କାମସ୍ତଦଗ୍ରେ ସମବର୍ତ୍ତତାଧି ମନସୋ ରେତଃ ପ୍ରଥମଂ ଯଦାସୀତ୍‌।
ସତୋ ବନ୍ଧୁମସତି ନିରବନ୍ଦନ୍‌ ହୃଦି ପ୍ରତିଷ୍ୟା କବୟୋ ମନୀଷା ॥

(ଙ) ତିରଶ୍ଚୀନୋ ବିତତୋ ରଶ୍ମିରେଷାମଧଃ ସ୍ୱିଦାସୀ ଦୁପରି ସ୍ୱିଦାସୀତ୍‌।
ରେତୋଧା ଆସନ୍‌ ମହିମାନ ଆସନ୍ତ୍‌ସ୍ୱଧା ଅବସ୍ତାତ୍‌ ପ୍ରୟତିଃ ପରସ୍ତାତ୍‌ ॥

(ଚ) କୋ ଅଦ୍ଧା ବେଦ କ ଇହ ପ୍ର ବୋଚ୍‌ତ୍‌କୁତ ଅଜାତା କୁତ ଇୟଂ ବିସୃଷ୍ଟିଃ।
ଅର୍ବାଗ୍‌ଦେବା ଅସ୍ୟ ବିସର୍ଜନେନାଥା କୋ ବେଦ ଯତ ଆବଭୂବ ॥

(ଛ) ଇୟଂ ବିସୃଷ୍ଟିର୍ଯତ ଆବଭୂବ ଯଦି ବା ଦଧେ ଯଦି ବା ନ।
ୟୋ ଅସ୍ୟାଧ୍ୟକ୍ଷଃ ପରମେ ବ୍ୟୋମନ୍ତ୍‌ସୋ ଅଙ୍ଗ ବେଦ ଯଦି ବା ନ ବେଦ ॥

**୩. ନାସଦୀୟ ସୂକ୍ତର ଓଡ଼ିଆ ଅନୁବାଦ:-**

(କ) ସେତେବେଳେ (ଅର୍ଥାତ୍‌ ସୃଷ୍ଟିର ପ୍ରାରମ୍ଭରେ) ଅସତ୍‌ ନ ଥିଲା କିମ୍ବା ସତ୍‌ ନଥିଲା। କୌଣସି ଲୋକ ନଥିଲା କିମ୍ବା ବ୍ୟୋମ (ପରିବ୍ୟାପ୍ତି)ର ଉର୍ଦ୍ଧ୍ୱରେ / ପରେ ଅନ୍ୟକିଛି ନଥିଲା, ସକଳ ବସ୍ତୁକୁ ଆଚ୍ଛାଦନ କରି ରଖିଥିବା ଆବରକତତ୍ତ୍ୱ ମଧ୍ୟ ନଥିଲା। କେଉଁ ଆଧାରରେ ବା ଆବରକତତ୍ତ୍ୱ ଆବାର୍ଯ୍ୟ ତତ୍ତ୍ୱକୁ ଆଚ୍ଛାଦନ କରି ଆବରକତତ୍ତ୍ୱ ଆବରଣ କରିଥାଆନ୍ତା ? ଗହନ ଓ ଅତି

ଅଗାଧ ଜଳର ମଧ୍ଯ ଅସ୍ତିତ୍ୱ ସେତେବେଳେ କେଉଁଠି ଥିଲା ?

(ଖ) ସେତେବେଳେ ମୃତ୍ୟୁ ନଥିଲା ନଥିଲା ମଧ୍ଯ ଅମୃତତ୍ୱ। ଦିବସ ଓ ରାତ୍ରିର ଜ୍ଞାନ ମଧ୍ଯ ନଥିଲା। ସେହି (ମୂଳତତ୍ତ୍ୱ) ବାୟୁ ନଥାଇ। ପ୍ରାଣଯୁକ୍ତ ଥିଲା, (ଅର୍ଥାତ୍ ପ୍ରାଣବାୟୁ ନଥିଲା, ଏକମାତ୍ର ମୂଳ ତତ୍ତ୍ୱର ଅସ୍ତିତ୍ୱ ବିଦ୍ୟମାନ ଥିଲା)। ନିଜ ମଧ୍ୟରେ ଆଶ୍ରିତ ସ୍ୱଧା ବା ସ୍ୱକୀୟ ଧାରଣଶକ୍ତି ଦ୍ୱାରା ସେହି ମୂଳତତ୍ତ୍ୱ ହିଁ ଏକ ଓ ଅବିଭକ୍ତ ଭାବରେ ଥିଲା। ସେହି ସ୍ୱକୀୟ ଧାରଣଶକ୍ତି ଯୁକ୍ତ ମୂଳତତ୍ତ୍ୱ ଠାରୁ ଅତିରିକ୍ତ ଅନ୍ୟ କୌଣସି ଭୌତିକଜଗତ ନ ଥିଲା। (ସୃଷ୍ଟିର ପରବର୍ତ୍ତୀ ବର୍ତ୍ତମାନର ଏହି ଜଗତ ସେତେବେଳେ ନ ଥିଲା)।

(ଗ) ସୃଷ୍ଟି ପୂର୍ବରୁ ଭୌତିକ ଜଗତ ଅଜ୍ଞାନାନ୍ଧକାର ଦ୍ୱାରା ଆଚ୍ଛାଦିତ ଥିଲା। ସବୁକିଛି ଅବ୍ୟକ୍ତ ଥିଲା ଓ ସର୍ବତ୍ର ଏକମାତ୍ର ଗତିଶୀଳତା (ସଲିଳ) ଥିଲା, ଅଥବା ଏହି ଦୃଶ୍ୟମାନ ସମଗ୍ର ଜଗତ କାରଣ ସହ ସଂଗତ ହୋଇ ଅବିଭାଗାପନ୍ନ ହୋଇଥିଲା। ତୁଚ୍ଛକଳ୍ପକ ସଦ୍‌ସଦ୍ ବିଲକ୍ଷଣ ଭାବରୂପ ଅଜ୍ଞାନଦ୍ୱାରରା ସବୁକିଛି ଆଚ୍ଛାଦିତ ଥିଲା। କାରଣୀଭୂତ ତମ ବା ଅନ୍ଧକାର ସହିତ ଅବିଭକ୍ତ ହେଲେ ମଧ୍ଯ ସେହି କାର୍ଯ୍ୟସମୂହ ସ୍ରଷ୍ଟା ବା ପର୍ଯ୍ୟାଲୋଚନରୂପକ ତପଶ୍ଚର୍ଯ୍ୟାର ମହିମାଦ୍ୱାରା ଉତ୍ପନ୍ନ ହେଲା।

(ଘ) ସର୍ବପ୍ରଥମେ (ମୂଳତତ୍ତ୍ୱ) ପରମେଶ୍ୱରଙ୍କ ମନରେ ଜଗତ ସୃଷ୍ଟି କରିବା ପାଇଁ ଇଚ୍ଛା ଜାତ ହେଲା। ତତ୍ପରେ ସେହିଠାରୁ ଉତ୍ପତ୍ତିର କାରଣ (ବୀଜ ବା ସୃଜନ ସାମର୍ଥ୍ୟ) ଉତ୍ପନ୍ନ ହେଲା। ମେଧାବୀ ଜ୍ଞାନୀଜନ ବିବେକ ବୁଦ୍ଧି ଦ୍ୱାରା ହୃଦୟରେ ବିଚାର କରି ବ୍ୟକ୍ତ ହେବାକୁ ନଥିବା ଅସତ୍‌ଠାରେ ବ୍ୟକ୍ତ ହେବାକୁ ଥିବା ସତ୍ ତତ୍ତ୍ୱର ଉତ୍ପତ୍ତି ସ୍ଥାନ ନିରୂପିତ କଲେ।

(ଙ) ଏପରି ବୀଜ (ସୃଜନ ସାମର୍ଥ୍ୟ) ଧାରଣକାରୀ ଦେବତାଙ୍କର ପ୍ରକାଶ ତୀର୍ଯ୍ୟକ୍ ଭାବରେ ନିମ୍ନଭାଗକୁ ଓ ଊର୍ଦ୍ଧ୍ୱକୁ ବିସ୍ତୀର୍ଣ୍ଣ ହେଲା। (ଯେପରି ସୂର୍ଯ୍ୟରଶ୍ମି ଉଦୟ ହେବାପରେ ନିମିଷେମାତ୍ରକେ ଏକ ସମୟରେ ସମଗ୍ର ଜଗତକୁ ବ୍ୟାପ୍ତ ହୁଏ, ସେହିପରି କାର୍ଯ୍ୟସମୂହ ବିସ୍ତୃତ ହେଲା।) ସୃଷ୍ଟ କାର୍ଯ୍ୟମାନଙ୍କରେ କେତେକ ଭାବ ରେତୋଧା ଅର୍ଥାତ୍ ବୀଜଭୂତ କର୍ମର ସମ୍ପାଦନକାରୀ ଓ ଭୋଗକାରୀ ଜୀବ ହେଲେ। ଅନ୍ୟ କେତେକ ଭାବ ମହିମାମଣ୍ଡିତ ବିୟଦାଦି ଭୋଗ୍ୟବସ୍ତୁ ହେଲେ। ଏହିପରି ମାୟାସହିତ ପରମେଶ୍ୱର ସମଗ୍ର ଜଗତକୁ ସୃଷ୍ଟି କରି ସ୍ୱୟଂ ତନ୍ମଧ୍ୟରେ ପ୍ରବେଶ କରି ଭୋକ୍ତୃଭୋଗ୍ୟାଦି ରୂପରେ ବିଭାଗ କରିଥିଲେ। ସେହି ଭୋକ୍ତୃଭୋଗ୍ୟ ମଧ୍ୟରେ ଭୋଗ୍ୟ ପ୍ରପଞ୍ଚ (ସ୍ୱଧା) ନିକୃଷ୍ଟ ଥିଲା ଓ ଭୋକ୍ତା (ପ୍ରୟତି) ଉତ୍କୃଷ୍ଟ ଥିଲା।

(ଚ) (ଏହି ମନ୍ତ୍ରରେ ସୃଷ୍ଟିର ଦୁର୍ବିଜ୍ଞେୟତ୍ୱ କୁହାଯାଇଛି)। ଏହି ବହୁପ୍ରକାରର ସୃଷ୍ଟି (ଅଥବା ବିଚିତ୍ର ସୃଷ୍ଟି) କେଉଁ ଉପାଦାନ କାରଣରୁ ଅଥବା କେଉଁ ନିମିତ୍ତ କାରଣରୁ ପ୍ରାଦୁର୍ଭୂତ ହୋଇଛି- ଏହା କେଉଁ ପୁରୁଷ / ବ୍ୟକ୍ତି ପରମାର୍ଥରେ ଜାଣିଛି ? କିଏ ବା ଏହି ଉଭୟକୁ ବିସ୍ତୃତ ଭାବରେ କହିପାରିବ ? ଦେବତାମାନେ / ବିଦ୍ୱାନ୍‌ମାନେ ଏହି ସୃଷ୍ଟି ଉତ୍ପନ୍ନ ହେବା ପରେ ଜାତ ହେଲେ। ଏଣୁ ଏ ଯେଉଁ ସୃଷ୍ଟି ଉତ୍ପନ୍ନ ହେଲା- ତାକୁ ଜାଣିବାରେ କିଏ ସମର୍ଥ ଅଟେ ?

(ଛ) ଏହି ବିବିଧ ସୃଷ୍ଟି / ବିଚିତ୍ର ସୃଷ୍ଟିର ଉତ୍ପତ୍ତି ଯେଉଁଠାରୁ ହେଲା, ସିଏ ମଧ୍ଯ ଯଦି ଧାରଣ କରିଛନ୍ତି ଯଦି ବା ଧାରଣ କରିନାହାନ୍ତି- ଏହି ଭୌତିକାତ୍ମକ ଜଗତର ଅଧ୍ୟକ୍ଷ ଯିଏ କି ବିଶିଷ୍ଟ ଜ୍ଞାନାତ୍ମାରେ / ନିରତିଶୟ ଆନନ୍ଦ ସ୍ୱରୂପରେ / ଅନନ୍ତ ପରିବ୍ୟାପ୍ତିରେ ପ୍ରତିଷ୍ଠିତ, ସେହି (ମୂଳତତ୍ତ୍ୱ) ସର୍ବଜ୍ଞ ଈଶ୍ୱର ହିଁ ସେହି ସୃଷ୍ଟିକୁ ଜାଣିଥିବେ। ଯଦି ଜାଣି ନଥିବେ ତେବେ ଅନ୍ୟ କିଏ ଅବା ଜାଣିବ ?

❑

***ପ୍ରଫେସର, (ସଂସ୍କୃତ ବିଭାଗ)***
***ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର***

# ସାଉଁଟା ଫୁଲ

◆ ଡ. ଉର୍ମିମାଳା ଆଚାର୍ଯ୍ୟ

ଟ୍ରେନରେ ରାତିରେ ଯାତ୍ରା କରିବାକୁ ମୋତେ ବହୁତ ଭଲ ଲାଗେ। ଏ.ସି. ଟୁ ଟାୟାରର ଆରକ୍ଷିତ ଉପର ବର୍ଥରେ ମୁଁ ଶୋଇ ପଡିଥାଏ। ଯାତ୍ରା ଭାଗଲପୁରରୁ ହାଓଡା ଷ୍ଟେସନ୍। ପେଟ ଭଲ ନଥିବାରୁ କିଛି ଖାଇ ନଥାଏ। ଭୋରରେ ନିଦ ଭାଙ୍ଗିଗଲା। ଟ୍ରେନ୍ ଷ୍ଟେସନ୍‌ରେ ପହଞ୍ଚି ସାରିଥାଏ। ନିଜର ଜିନିଷପତ୍ର ହାତରେ ଧରି ବାହାରକୁ ଆସି ଦେଖେ ତ ଘନକୁହୁଡି ଯୋଗୁଁ କିଛି ଦେଖାଯାଉନି। ବ୍ୟାଗ୍ ସ୍କୁଲର୍ ଖୋଲି ଗଡାଇ ଗଡାଇ ଆଗକୁ ଚାଲିଲି। ଦୀର୍ଘ ତିନିଘଣ୍ଟା ପରେ ପରବର୍ତ୍ତୀ ଟ୍ରେନ୍। ତେଣୁ ମନସ୍ଥ କଲି ପ୍ରତୀକ୍ଷାଳୟରେ ଯାଇ ଅପେକ୍ଷା କରିବି। କିଛି ବାଟ ଗଲାପରେ ମୋତେ ଲାଗିଲା କେହି ଜଣେ ମୋ ଜିନିଷପତ୍ରକୁ ପଛରୁ ଧକ୍କା ଦେଉଛି। ମୋର ମନେପଡିଲା, ମୋ ସ୍ୱାମୀ ଦେଇଥିବା ଉପଦେଶ। କଲିକତାରେ ପହଞ୍ଚିଲା ପରେ ସାବଧାନ ରହିବ ନଚେତ୍ ସେମାନେ କଚ୍ଛାକାଟି ବି ନେଇ ପଳେଇବେ। ସାବଧାନ ହୋଇ ପଛକୁ ଚାହିଁ ଦେଖେ ତ ଗୋଟିଏ ଛୋଟ ପିଲା ମୋ ଟ୍ରଲିକୁ ପଛରୁ ପେଲୁଛି। ମୁଁ ଭାବିଲି ବୋଧେ ଅଜାଣତରେ ଅଥବା ଭୁଲ୍‌ବଶତଃ ସେ ଏପରି କରୁଛି।

କିନ୍ତୁ କିଛି ସମୟ ପରେ ଲକ୍ଷ୍ୟ କଲି, ପିଲାଟି ମୋର ପଛେପଛେ ଆସୁଛି। ପ୍ରତୀକ୍ଷାଳୟ ପାଖରେ ପହଞ୍ଚି ଦେଖିଲି, ପ୍ରାୟ ଚାରି କି ପାଞ୍ଚବର୍ଷର ଝିଅଟିଏ ଶରୀରରେ ଫୁଲପକା ଚିଣ୍ଡା ଫ୍ରକ୍‌ଟିଏ, ମୁଣ୍ଡର ବାଳ ଅଲରା ହୋଇ ମୁହଁ ଉପରେ ପଡୁଛି। ନିର୍ଲିପ୍ତ ଦୃଷ୍ଟି। ଯେପରି କି ଦୁନିଆର ସମସ୍ତ ଦୁଃଖ କ୍ଳେଶରୁ ସଏ ମୁକ୍ତ। ପିତୃମାତୃ ପରିଚୟହୀନା। ଅଜଣା ଲୋକର ପଛରେ ଆସିଥିବାରୁ ନା ମନରେ ଅଛି ଦ୍ୱିଧା ନା ଚିନ୍ତା।

ଅନନ୍ୟୋପାୟ ହୋଇ ମୁଁ ଚାରିପଟକୁ ଚାହିଁଲି। କୁହୁଡିଘେରା ଷ୍ଟେସନ୍‌ରେ ବହୁତ କମ୍ ଲୋକ ଏପାଖ ସେପାଖ ହେଉଛନ୍ତି। ଦୂରରୁ ଦୂରକୁ କେହି ମଧ୍ୟ ଦେଖାଯାଉ ନଥାନ୍ତି। ତାକୁ ପଚାରିଲି, ତୁମେ କିଏ ? ମୋ ପଛରେ କାହିଁକି ଆସୁଛ ? ଝିଅଟି କିଛି ନକହି ବଲବଲ କରି ମୋ ଆଡେ ଚାହିଁଲା। ମୁଁ ଜିନିଷପତ୍ର ଧରି ପାହାଚରେ ଚଢି ପ୍ରତୀକ୍ଷାଳୟ ଭିତରକୁ ଗଲି। ସେ ମଧ୍ୟ ମୋ ପଛେପଛେ ଗଲା। ତାର କୁନି କୁନି ହାତରେ ବେଳେବେଳେ ମୋ ବ୍ୟାଗକୁ ଧରି ପକାଉଥାଏ। ମାତ୍ର ବ୍ୟାଗ୍ ଉଠାଇବା ତାର ସାମର୍ଥ୍ୟର ବାହାରେ ଥିଲା। ନିର୍ଦ୍ୱନ୍ଦ୍ୱରେ ସେ ମୋ ସାଙ୍ଗରେ ପ୍ରତୀକ୍ଷାଳୟ ଭିତରେ ପଶିଗଲା। ଜିନିଷପତ୍ର ମୁଁ ଯୋଉଠି ରଖିଲି,ସେ ତାରି ପାଖରେ ବସିଗଲା। ମୁଁ ନିକଟସ୍ଥ ବେଞ୍ଚରେ ବସିପଡିଲି। ଥକି ପଡିଥାଏ। ବ୍ରସ୍ ନେଇ ଗାଧୁଆଘରକୁ ଯାଇ ନିତ୍ୟକର୍ମ ସାରିଦେଲି। ଫେରି ଦେଖିଲି, ସେ ଝିଅଟି ସେମିତି ବସିଛି। ପାଣିଟିକେ ପିଇ ତାକୁ କହିଲି, ଯା ଦାନ୍ତଘଷି ମୁହଁ ଧୋଇକରି ଆସ। ସେ ମୋ ଓଡିଆ ଭାଷା ବୁଝି ପାରୁ ନଥିଲା। ତାକୁ ଦାନ୍ତଘଷା ପେଷ୍ଟ ଦେଇ ଇଶାରାରେ ନିର୍ଦ୍ଦେଶ ଦେଲି। ସେ ଗଲା ଏବଂ କିଛି ସମୟପରେ ମୁହଁ ଧୋଇ ଫେରିଲା। ମୁଁ ବ୍ୟାଗରୁ ବିସ୍କୁଟ କାଢି ତାକୁ ଖାଇବାକୁ ଦେଲି, ନିଜେ ମଧ୍ୟ ଖାଇଲି। ଅଜାଣତରେ ପିଲାଟି ପ୍ରତି ମାୟା ଲାଗି ଆସୁଥିଲା।

ପ୍ରକୃତିସ୍ଥ ହୋଇ କିଛି ସମୟପରେ ତାକୁ ଖଣ୍ଡି ବଙ୍ଗଳାରେ ପଚାରିଲି, 'ତୋମାର ନାମ କି ?' ସେ ଉତ୍ତର ଦେଲା, 'ବେନଜିର।' ମୁଁ ମନରେ ଭାବିଲି ନାମରୁ ତ ଜଣାପଡୁଛି, ମୁସଲମାନ ଝିଅଟିଏ ହୋଇଥିବ। କଅଣ କରିବି, ମୋ ଟ୍ରେନ୍ ଆସିଲେ ତ ମୁଁ ପଳାଇବି, ସେ ଝିଅର କଅଣ ହେବ ? ଇଂରାଜୀ ଖବରକାଗଜ କିଣି ପଢୁପଢୁ କେତେବେଳେ ଟ୍ରେନ୍‌ର ସମୟ ହୋଇଗଲାଣି। ତରତରରେ ଜିନିଷପତ୍ର ଧରି ଭୁବନେଶ୍ୱର ଆସିବା ପାଇଁ ଫାଲକ୍‌ନାମା ଟ୍ରେନ୍‌ରେ ଚଢିଗଲି। ଯଥାସ୍ଥାନରେ ଜିନିଷପତ୍ର ରଖି ଟିକେ ବସିଲି। କିଛି ସମୟପରେ ବିଛଣା ପକାଇ ଶୋଇଗଲି। ହଠାତ୍ କାହାର କ୍ରନ୍ଦନରେ ମୋର ନିଦ ଭାଙ୍ଗିଗଲା। ଦେଖିଲି ଗୋଟିଏ ଛୋଟ ପିଲା କାନ୍ଦୁଛି। ଟି.ଟି.ସି. ତାକୁ ବଙ୍ଗଳାରେ କଅଣ କହୁଛି। ତଳକୁ ଅନାଇ ଭଲକରି ଦେଖିଲି, ସେଇ କୁନି ଝିଅଟି କାନ୍ଦୁଛି ଯାହାକୁ ମୁଁ ଷ୍ଟେସନ୍ ରେ ଦେଖିଥିଲି। ସେ ଝିଅଟି ମୋତେ ବାରବାର ଚାହୁଁଚି ଓ କ'ଣ କହୁଚି।

ଟି.ଟି.ସି. ମୋ ପାଖକୁ ଆସି ପଚାରିଲା, ମାଡାମ୍ ଏ ଝିଅଟି ଆପଣଙ୍କର ? ମୁଁ ମନା କରିଦେବାରୁ ସେ ଝିଅଟି ଦୌଡିଆସି ମୋ ଗୋଡ ଧରି କାନ୍ଦିକାନ୍ଦି କଅଣ ସବୁ ବଙ୍ଗଳାରେ କହିଲା। ଟି.ଟି.ସି. ମୋ ଠାରୁ ନାସ୍ତିବାଚକ ଶବ୍ଦ ଶୁଣି ସେ ଝିଅଟିକୁ ବାହାରି

ଯିବାକୁ କହିଲା । ଝିଅଟି ନଯିବାରୁ ସେ ତାର ହାତ ଧରି ଭିଡୁଥାଏ ଓ ସେ ଝିଅଟି ମୋର ଗୋଡ ଧରି ଭିଡୁଥାଏ । ମୁଁ କଅଣ କରିବି ଭାବି ପାରିଲିନି । ଶେଷରେ ଟି.ଟି.ସି.କୁ ୨୦୦ଟଙ୍କା ବଢାଇଦେଇ କହିଲି ସେ ପିଲାଟିକୁ ଛାଡି ଦିଅନ୍ତୁ । ସେ ମୋର କେହି ନୁହେଁ, ତେବେ ଚଳନ୍ତା ଟ୍ରେନ୍‌ରେ ସେ ଏବେ କୁଆଡେ ଯିବ ? ବହୁତ ବୁଝାଇବାରୁ ଟି.ଟି.ସି. ଯାଡୁ ସ୍ୟାଡୁ ନିୟମ କାନୁନ କଥା କହିଲା । ମୁଁ ସମସ୍ତ କଥା ଶୁଣି ତାକୁ କହିଲି, ଆପଣ ଯାହା କହୁଛନ୍ତି ସବୁ ସତକଥା । ମାତ୍ର ଏବେ କଣ କରିବା କୁହନ୍ତୁ । ପିଲାଟିକୁ ତ ଆଉ କମ୍ପାର୍ଟମେଣ୍ଟରୁ ଧକ୍କାଦେଇ ବାହାର କରିବେନି । ତେଣୁ ତାକୁ ଛାଡିଦିଅନ୍ତୁ । ଟି.ଟି.ସି. ଆହୁରି ୩୦୦ଟଙ୍କା ମାଗିଲା । ଇଚ୍ଛା ନ ଥିଲେ ବି ବାଧହୋଇ ଝିଅଟିର ମୁହଁକୁ ଚାହିଁ ଟଙ୍କା ଦେଇଦେଲି । ନିର୍ଦ୍ଦୟ ଟି.ଟି.ସି. ଟଙ୍କା ନେଇ ଚାଲିଗଲା ।

ମୁଁ ସେଇ ଝିଅଟିକୁ ପୁଣି ଇସାରାରେ ପଚାରିଲି, ତୁ କାହିଁକି ଆସିଲୁ ? ସେ ବଙ୍ଗଳାରେ ଯାହା କହିଲା ସେଥିରୁ ବୁଝିଲି ଯେ, ଝିଅଟି ତାର ସମ୍ପର୍କୀୟ କାହାକୁ ପାଉନି । ତେଣୁ ସେ ମୋ ପଛେପଛେ ଆସିଛି ମୋ ସାଙ୍ଗରେ ଯିବ ବୋଲି । ଆଛା ଅଡୁଆରେ ପଡିଲି । ତାର କଥା ଅନୁସାରେ ସିଏ ମୁସଲମାନ୍ ଝିଅ । ମୁଁ ବ୍ରାହ୍ମଣ ହିନ୍ଦୁ ପରିବାରର । ତାକୁ ନେଇ କଣ କରିବି, କେଉଁଠି ରଖିବି ? ଏହିପରି ଭାବୁଭାବୁ ଟ୍ରେନ୍‌ଟି ଭୁବନେଶ୍ୱରରେ ପହଞ୍ଚିଗଲା । ମୁଁ ଓହ୍ଲାଇଲି, ଝିଅଟି ବି ମୋ ସାଙ୍ଗରେ ଓହ୍ଲାଇଲା । ମୋ ସ୍ୱାମୀ ମୋ ସହିତ ସେ ଝିଅଟିକୁ ଦେଖି କହିଲେ, କଅଣ ଦଶଦିନରେ ବି ଏତେ ବଡ ଝିଅଟି ଜନ୍ମ ହୋଇପାରେ ? ତାଙ୍କ କଥାଶୁଣି ଫିକ୍ କରି ହସିଦେଲି ଏବଂ ତାଙ୍କୁ ସମସ୍ତ କଥା କହିଲି । ସେ ମୋତେ କହିଲେ, ଝିଅଟିକୁ ଏଇଠି ଛାଡିଦେଇ ଚାଲ । ଘରକୁ ଅଡୁଆ ନିଅନା । ମୁଁ ଜିନିଷପତ୍ର ନେଇ ଗାଡିରେ ରଖିଲି । ସେ ଝିଅଟି ଯାଇ ଗାଡିରେ ବସିପଡିଲା । ମୋ ଅସନ୍ତୁଷ୍ଟ ସ୍ୱାମୀଙ୍କୁ କହିଲି, ହଉ ଠିକ୍ ଅଛି, ଆଗ ଘରକୁ ଚାଲ ଦେଖିବା କଣ ଗୋଟେ ବନ୍ଦୋବସ୍ତ କରିବା । ବାଟରେ ଏକ ସିଦ୍ଧାନ୍ତ ନେଇ ସ୍ୱାମୀଙ୍କୁ କହିଲି, ତାର ନାମ ବନାନୀ କହିବ, ବେନଜୀର ନୁହେଁ କାରଣ ଘରେ ବୋଉ ପୂରାଇଦେବେନି । ବୃଦ୍ଧା ଶାଶୂ ପୁରୁଣା ମନୋଭାବ ସମ୍ପନ୍ନ ମହିଳା । ସେ ବେନଜୀର ନାଁ ଶୁଣିଲେ ଜାଣିପାରିବେ ଯେ, ଝିଅଟି ଆମ ସମ୍ପ୍ରଦାୟର ନୁହେଁ । ଝିଅଟିକୁ ମଧ ମୁଁ ବୁଝାଇଦେଲି ତୋ ନାଁ ଟା ମୁଁ ବଦଳାଇ ବନାନୀ ରଖିଲି ବୋଲି ।

ଘରେ ପହଞ୍ଚିଲୁ । ଶାଶୂଙ୍କର ଅନେକ ପ୍ରଶ୍ନର ସାମନା କରିବାକୁ ପଡିଲା । କହିବାକୁ ପଡିଲା, ମାତ୍ର ଝିଅଟି ଆମ ଘରେ ରହିଲା । ଖାଦ୍ୟ ତଥା ପରିଷ୍କାର ପରିଚ୍ଛନ୍ନ ହେବାରୁ ଝିଅଟି ଟିକିଏ ଡଉଲ୍ ଡାଉଲ୍ ଦେଖାଯାଉଥାଏ । ଆଠ ଦଶ ଦିନ ପରେ ଆମ ଘର ପାଖରେ ଥିବା ଏକ ଅନାଥାଶ୍ରମକୁ ଗଲି । ମୁଁ ସେଠାକୁ ଅନେକ ସମୟରେ ଯାଏ ଓ ଯତ୍‌କିଞ୍ଚିତ୍ ଆର୍ଥିକ ସହାୟତା ଦେଇଥାଏ । ଆଶ୍ରମର ଟ୍ରଷ୍ଟିଙ୍କ ସହିତ କଥାବାର୍ତ୍ତା ହେଲି । ଝିଅଟିକୁ ନେଇ ସେଠାରେ ଛାଡି ଦେବାର ମନସ୍ଥ କରିଗଲି ଏବଂ ତାର ରହିବାର ସମସ୍ତ ବ୍ୟବସ୍ଥା କରାଇ କୋଡିଏ ହଜାର ଟଙ୍କା ଜମା କଲି । ବନାନୀ ଓରଫ୍ ବେନଜୀର କାନ୍ଦୁଥାଏ । ସେ ସେଠାରେ ନ ରହି ମୋ ପାଖରେ ରହିବ ବୋଲି କହୁଥାଏ । ତାର କାନ୍ଦ ଦେଖି ମୋର ଆଖି ଓଦା ହୋଇଗଲା । ମୋ ଜୀବନ ଉଦ୍ୟାନରେ ଅଚାନକ ଫୁଲଟିଏ ଫୁଟିଥିଲା, ଅସହାୟତା ଯୋଗୁଁ ମୁଁ ତାକୁ ମୋ ପାଖରେ ରଖି ପାରୁନି । ତାର କାନ୍ଦ ଦେଖି ମୋର ସ୍ୱାମୀ ଏବଂ ଶାଶୂଙ୍କର ଆଖିରେ ମଧ ଲୋତକ ଭରି ଯାଇଥିଲା । ଅତ୍ୟନ୍ତ ଦୁଃଖରେ ନିଜର ମନକୁ ବୁଝାଇ ସମସ୍ତ ପ୍ରକାରର ଔପଚାରିକତା ପୂରଣ କରି ବନାନୀକୁ ସେଠାରେ ଛାଡି ଘରକୁ ଫେରି ଆସିଲି । ଗାଡି ଷ୍ଟାର୍ଟ କରି ମୋ ସ୍ୱାମୀ ମୋତେ କହିଲେ, ଗାଡିରା ବସ । ଅନ୍ୟମନସ୍କ ହୋଇ ପଛପଟ ଡୋର ଖୋଲି ମୁଁ ବସିବାକୁ ଗଲାବେଳକୁ ଦେଖିଲି ବନାନୀ ଗାଡି ଭିତରେ ବସିଛି । ଅଳ୍ପ ହସି ତାର ଛୋଟଛୋଟ ଆଖି ଦୁଇଟିକୁ ମିଞ୍ଜିମିଞ୍ଜି କରି କହିଲା, 'ମା', ମୁଁ ତୁମ ପାଖରେ ରହିବି । ତା ମୁହଁର 'ମା' ଡାକ ମୋତେ ବିହ୍ୱଳ କରିଦେଲା । ମୁଁ ତାକୁ ମୋ ଛାତିରେ ଜାବୁଡି ଧରିଲି । ❑

୪୫୫, ଅମୃତାୟନ,
ଶକ୍ତିବିହାର, ଭୁବନେଶ୍ୱର-୧୭

# ଅଭିଶପ୍ତ ଜୀବନ

◆ ଅଧ୍ୟାପକ ସତ୍ୟରଂଜନ ମଲ୍ଲିକ୍

ଅପରାହ୍ନ ସମୟ। ଋକିରି ଜୀବନରୁ ଟିକିଏ ସମୟ ମିଳିଲେ ଏକା ଏକା ବୁଲିବା ପାଇଁ ଭଲ ଲାଗେ। ଏହି ସମୟରେ ପ୍ରକୃତିକୁ ଉପଭୋଗ କରିବାର ଯେଉଁ ଆନନ୍ଦ ଥାଏ, ତାହା ପ୍ରାୟତଃ ଅନ୍ୟ କୌଣସି କ୍ଷେତ୍ରରୁ ମିଳିବା ସମ୍ଭବ ନୁହେଁ। ତାହା ପୁଣି ମାଘମାସ ଶିତୁଆ ଅପରାହ୍ନ ରାସ୍ତାର ଦୁଇ କଡ଼ରେ ଧୂଆଁଳିଆ ଆସ୍ତରଣ ଏହାକୁ ମନଭରି ଉପଭୋଗ କରୁଥିବା ସମୟର ଅନତି ଦୂରରୁ ଜନକୋଳାହଳ ଶୁଭିଗଲା। କୋଳାହଳକୁ ଲକ୍ଷ୍ୟ କରିବା ମଧ୍ୟରେ ଦେଖାଗଲା ରାସ୍ତା କଡ଼ରେ କିଛି ଲୋକ ଘେରି ଛିଡ଼ା ହୋଇଛନ୍ତି। ସତେ ଯେପରି କୂଅ ଋରିକଡ଼ ଠିଆ ହୋଇ କୂଅ ଭିତରେ ଥିବା ବେଙ୍ଗକୁ ଦେଖୁଛନ୍ତି। କିଛି ସମୟ ତଳକୁ ଋହିଁ ଋହିଁ ପୁଣି ସେଠାରୁ ମୁହଁ ଫେରାଇ ପାଟି କରୁଛନ୍ତି ଏବଂ ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଉଛନ୍ତି। ସେଇ ସ୍ଥାନକୁ କିଛି ଲୋକ ଯାଉଛନ୍ତି ଓ ସେଠାରୁ କେତେକ ଲୋକ ଫେରୁଛନ୍ତି ମଧ୍ୟ।

ସେଇ ସ୍ଥାନକୁ ଲକ୍ଷ୍ୟ ରଖି ଋଲିବାକୁ ଆରମ୍ଭ କରି, ସ୍ୱଳ୍ପ ସ୍ଥାନ ଦୂରରେ ଜଣେ ବ୍ୟକ୍ତି ମୋ ଆଡ଼କୁ ଅଗ୍ରସର ହେଲେ। ସେ ମୋତେ ପାରକରି ଯିବା ସମୟରେ ମୁଁ ତାକୁ ପ୍ରଶ୍ନ କଲି କ'ଣ ହୋଇଛି ? ବ୍ୟକ୍ତି ଜଣକ ସହୃଦୟତାର ସହ କହିଲେ, 'ଯାଇ ଦେଖିନିଅ'। ପ୍ରଶ୍ନର ଉତ୍ତର ପାଇ ମଧ୍ୟ କିଛି ଜାଣିପାରିଲି ନାହିଁ। ଏହାପରେ ଅନ୍ୟଜଣେ ବ୍ୟକ୍ତି ସେଠାରୁ ଫେରୁଥିବା ଦେଖି ପଋରିଲି ସେଠାରେ କ'ଣ ହୋଇଛି ? ବ୍ୟକ୍ତି ଜଣକ ଉତ୍ତର ଦେଲେ 'ସେଇ ସ୍ଥାନକୁ ଯାଇଛି। ପଋରୁଛ କାହିଁକି ?' ଏମାନଙ୍କ ବ୍ୟବହାରରୁ ମୋତେ ରାଗ ଲାଗୁଥାଏ କିନ୍ତୁ ତାଙ୍କ ଉପରେ ରାଗିବାର କୌଣସି କାରଣ ନାହିଁ। ଏସବୁକୁ ଭୃକ୍ଷେପ ନ କରି ସେଇ ସ୍ଥାନକୁ ଆଗେଇ ଋଲିଲି। ଭିଡ଼ ଆଡ଼େଇ ମଝିରେ ପଶି ଦେଖିଲି କପଡ଼ାରେ ଗୁଡ଼ା ହୋଇ ଦୁଇ ତିନି ଦିନର ଶିଶୁଟିଏ। କୌଣସି କାରଣରୁ ତା'ର ପିତାମାତା ଏଠାରେ ଛାଡ଼ି ଦେଇଛନ୍ତି। ଶିଶୁଟିର ଆର୍ତ୍ତଚିତ୍କାର ଶୁଣି ମୋର ମନେହେଲା ସେ ଯେପରି କହୁଛି ମେତେ ଟିକିଏ କୋଳକୁ ନିଅ। ଆଶ୍ରୟ ଦିଅ। ତାର ଏ ବୁକୁଫଟା ଚିତ୍କାରକୁ ସହ୍ୟ ନକରି ପାରି ତାକୁ ମୋ କୋଳକୁ ନେଲି। ସେଠାରେ ଘେରି ରହିଥିବା ଲୋକଙ୍କ ମଧ୍ୟରେର ମୋ ପାଇଁ ଅନେକ ସମାଲୋଚନା କିନ୍ତୁ ସେ ସମାଲୋଚନାକୁ ମୋର ଖାତିର ନଥାଏ ପିଲାଟିକୁ କୋଳକୁ ନେବା ପରେ ଦେଖିଲି କନ୍ୟା ଶିଶୁଟିଏ। ମନରେ ଶିଶୁଟି ପ୍ରତି ଯେତିକି ସହାନୁଭୂତି ଓ ଦୁଃଖ ଜନ୍ମୁଥିଲା ତା'ଠାରୁ ବେଶି ଘୃଣାଭାବ ଜାତ ହେଉଥାଏ ତା'ର ଜନ୍ମିତ ପିତା ମାତାଙ୍କ ଉପରେ। ପାଟି ଖୋଲି ମଧ୍ୟ ପ୍ରକାଶ କରୁଥାଏ କିଏ ନୃଶଂସ ପିଲାଟିକୁ ଏପରି ମରଣ ମୁହଁରେ ଠେଲି ଦେଇ ଋଲିଯାଇଛ। ଯଦି ଏପରି କରିବାର ଥିଲା ଜନ୍ମ ଦେଇଥିଲା କାହିଁକି ?

ସେ କଥା ଛାଡ଼ ସେଠାରେ ଦେଖୁଥିବା ଲୋକଙ୍କ ସମାଲୋଚନା ସତ୍ତ୍ୱେ ଶିଶୁକନ୍ୟାକୁ ଘରକୁ ଧରି ଆସିଲି। ଏଠାରେ ମଧ୍ୟ ତ୍ରାହି ନାହିଁ। ଘରଲୋକ ତ କୁହନ୍ତୁ ନ କୁହନ୍ତୁ ସାଇପଡ଼ିଶା, ଗାଁ ଲୋକ କଥା ତୁମେ କ'ଣ କିପରି ତିଳକୁ ତାଳ କରନ୍ତି। ଏ ବିଷୟରେ ଲୋକମାନେ ନିଜେ ନିଜ ମଧ୍ୟରେ କଥାବାର୍ତ୍ତା ପୋଖରୀ ତୁଠ ଠାରୁ ଆରମ୍ଭ କରି ଘର ପର୍ଯ୍ୟନ୍ତ। ଅନେକ ସମାଲୋଚନା କିନ୍ତୁ ମୋର ଏକଥାକୁ ଖାତିର ନଥାଏ। ଏହା ଭଗବାନଙ୍କ ଦାନ ଭାବି ନେଇଥାଏ। ମୋ ସହିତ ମୋ ପରିବାର ମଧ୍ୟ ଏହି କଥା ଭାବିନେଇଛନ୍ତି। ଆମ ପରିବାରର ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇଥିବାରୁ ତାର ନା 'ଶ୍ରଦ୍ଧାଞ୍ଜଳି' ଦିଆଗଲା। ଶ୍ରଦ୍ଧା ଦେଖିବାକୁ ଯେପରି ରୂପବତୀ ଗୁଣରେ ମଧ୍ୟ ସେହିପରି ତା'ର ଏବଂ ଋଲିଚଳଣି ଓ ବ୍ୟବହାର ସମସ୍ତଙ୍କୁ ଆକୃଷ୍ଟ କରୁଥାଏ ମଧ୍ୟ। ପାଠପଢ଼ାରେ ମଧ୍ୟ ସେ ସମସ୍ତଙ୍କ ଠାରୁ ଆଗରେ। ବେଳେବେଳେ ମୋ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥାଏ ଯେବେ ଶ୍ରଦ୍ଧା ପଋରିବ ତା'ର ପ୍ରକୃତ ପରିଚୟ କ'ଣ ସେଦିନ ମୁଁ କି ଉତ୍ତର ଦେବି ନିଜ ମନକୁ ଶାନ୍ତ୍ୱନା ଦେଇ କହୁଥାଏ। ଆଗକୁ କ'ଣ ହେବ ସେ କଥା ନ ଭାବି ବର୍ତ୍ତମାନକୁ ନେଇ ଚଳିବାକୁ

ପଢ଼ିବ। ଇତି ମଧ୍ୟରେ ଶ୍ରଦ୍ଧା ବଡ଼ ହୋଇଗଲାଣି। ଏ ବର୍ଷ +୩ ଅନର୍ସରେ ଭଲ ନମ୍ବର ରଖି ମହାବିଦ୍ୟାଳୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି। ତା'ର ଇଚ୍ଛା ଏମ୍.ଏ. ପଢ଼ିବା ପାଇଁ କିନ୍ତୁ ମୋର ଆଦୌ ଇଚ୍ଛା ନଥାଏ, କାରଣ ତାକୁ ଛାଡ଼ି ଆମେ କେବେ ଏକା ରହିନାହୁଁ କିନ୍ତୁ ମୋର ନିଜ ସ୍ୱାର୍ଥ ପାଇଁ ତାର ସ୍ୱାର୍ଥକୁ ବଳି ପକାଇ ଦେବା ଠିକ୍ ନୁହେଁ। ସେ ଯାଉ ତା'ଣ ଲକ୍ଷ୍ୟ ପଥରେ। ଆଗେଇ ଯାଉ। ତାକୁ ଅଟକାଇବା ଠିକ୍ ନୁହେଁ। ଆଜି ସିନା ସହରକୁ ଯାଉଛି ନିଶ୍ଚୟ ପଢ଼ା ସରିଗଲା ପରେ ସେ ଫେରି ଆସିବ। ଆଜି ବି ତା' ପିଲାଦିନ କଥା ମୋର ମନେପଡ଼ିଯାଏ। ସେ କହେ ମୁଁ ପାଠ ପଢ଼ିବି ଚାକିରି କରିବି ଠିକ୍ ତୁମପରି। ତାର ଆଶାକୁ ପୂରଣ କରିବାକୁ ଯାଇ ମୋତେ ଯେତେ କଷ୍ଟ ହେଉ ପଛେ ମୁଁ ତାହା ନିଶ୍ଚୟ କରିବି ବୋଲି ଭାବି ନେଇଥାଏ।

ଶ୍ରଦ୍ଧା ସହରକୁ ଗଲାଦିନରୁ ଘରଟା ଖାଁ ଖାଁ ଲାଗୁଥିଲା। କିନ୍ତୁ ଆଜି ପୂରି ଉଠୁଛି। ସେ ଘରକୁ ଛୁଟିରେ ଆସିଛି। ଦୀର୍ଘ ଦୁଇମାସ ହେଲା ଆମକୁ ଛାଡ଼ି ବାହାରେ ରହିଲାଣି। ଆମ କଥା ମନେ ପକାଏ କି ନାହିଁ, ପାଠ ପଢ଼ା କିପରରି ହୁଏ, ଜାଣିବା ପାଇଁ ପଚାରିବାରୁ ସେ ଉତ୍ତର ଦେଲା 'ସବୁ ଠିକ୍ ଠାକ୍' କୌଣସି ଅସୁବିଧା ନାହିଁ। ତା'ର କଥାବାର୍ତ୍ତା ଶୈଳୀରେ ବହୁତ ପରିବର୍ତ୍ତନ ହୋଇଥିବାର ଅନୁଭବ କଲି। ପୁଣି ପଚାରିଲି ଏଇ ଦୁଇମାସ କେମିତି କଟିଲା। ଆମେ ତୋ' ବିନା ଜଡ଼ପରି ଜୀବନଯାପନ କରୁଥିଲୁ। ତା'ର ଉତ୍ତର ଶୁଣି ମୋର ମନେହେଲା ସେ ଯେପରି ଗୋଟାଏ ବନ୍ୟାର ସ୍ରୋତ ଭଳି ଆଗକୁ ବହିଯିବାକୁ ଚାହୁଁଛି। ବିଶ୍ୱାସ ଭରା କଣ୍ଠରେ କହିଲି- "ଶ୍ରଦ୍ଧା ସେଇଟା ସହର, ସେଠାରେ କାହାରିକୁ ବେଶି ବିଶ୍ୱାସ କରିବା ଠିକ୍ ନୁହେଁ। ତୁ ଯେଉଁ ଲକ୍ଷ୍ୟ ନେଇ ଯାଇଛୁ ସେଇ ଲକ୍ଷ୍ୟ ପଥରେ ଆଗେଇ ଚାଲ।"

ଅଳ୍ପଦିନର ଛୁଟି ସରିଯିବା ପରେ ଶ୍ରଦ୍ଧା ସହରକୁ ବହୁଦିନ ହେଲା ଗଲାଣି। ତା'ର ଟିକିଏ ଫୋନ୍ ନାହିଁ। ମୁଁ ଯେତେବେଳେ ଫୋନ୍ କରେ କୌଣସି ନା କୌଣସି କାର୍ଯ୍ୟରେ ବ୍ୟସ୍ତ ଅଛି ପରେ ଫୋନ୍ କରିବି କହିଁ ଫୋନ୍ କାଟିଦିଏ। କିନ୍ତୁ ପରେ ଫୋନ୍ କରେ ନାହିଁ। ଘରେ କିନ୍ତୁ ବ୍ୟସ୍ତ ହୁଅନ୍ତି। ମୋତେ କହନ୍ତି କାହିଁକି ସେ ଫୋନ୍ କରୁନାହିଁ, ତୁମେ ଫୋନ୍ କଲେ କଥା ହେଉ ନାହିଁ! ତୁମେ ଯାଇ ଟିକିଏ ଦେଖା କରିଆସ। କ'ର କରୁଛି ପିଲାଟା ବୁଝି ଆସ। ମୁଁ କହୁଥାଏ ସେ ପଢ଼ାରେ ବ୍ୟସ୍ତ ଥିବ ଫୋନ୍ କରିବା ପାଇଁ ସମୟ ନଥିବ। ଛୋଟ ପିଲାଟା ତା'ର ବା ବୁଦ୍ଧି କାହିଁ। ତାକୁ ବହୁତ ଦିନ ହେଲା ଦେଖିନାହିଁ। ତା' ପ୍ରତି ମୋ ମନରେ ଥିବା ଯେତିକି ଭଲପାଇବା ଗୁଡ଼ାକ ସବୁ ଧିରେ ଧିରେ ଅଭିମାନରେ ପରିଣତ ହୋଇଗଲାଣି। ସମୟ ତ କାହାକୁ ଅପେକ୍ଷା କରେନା, ସେ ବି ଦୃଢ଼ ଗତିରେ ଆଗେଇ ଚାଲିଛି ଯେମିତି ସବୁତକ ସମୟ ସାରିଦେଇ ଘଣ୍ଟା ଘଣ୍ଟା ମିନିଟ୍ କଣ୍ଟା ଓ ସେକେଣ୍ଡ୍ କଣ୍ଟା ଶାନ୍ତିରେ ନିଶ୍ୱାସ ମାରିବେ, ବିଶ୍ରାମ ନେବେ।

ଅପରାହ୍ନ ସମୟ ବାଡ଼ ବଗିଚାରେ ବସିବା ସମୟରେ ମୋର ସେଇ ବିଗତ ଦିନର କଥା ଗୁଡ଼ିକ ମନେ ପଡ଼ିଯାଉଛି। ଆଉ ବୟସ ନାହିଁ ଯେ ଏଇ ମାଘ ମାସର ଅପରାହ୍ନକୁ ବୁଲି ବୁଲି ଉପଭୋଗ କରିବା ପାଇଁ ଆଉ ବଳ ନାହିଁ ମନରେ। ଆଜି କାହିଁକି କେଜାଣି ମୋତେ ଏକା ଏକା ଲାଗୁଛି। ମୁଣ୍ଡରେ ବଜ୍ର ପଡ଼ିଲା ପରି ଲାଗୁଛି। କାହିଁକି ଶ୍ରଦ୍ଧାକୁ ଦେଖିବାକୁ ଭାରି ଇଚ୍ଛା ହେଉଛି? କାହିଁକି କେଜାଣି ଶ୍ରଦ୍ଧାକୁ ଘରକୁ ଆଣିବା କଥା ବାରମ୍ବାର ମୋର ମନେ ପଡ଼ିଯାଉଛି। ତା' ପ୍ରତି ଥିବା ମୋ ମନର ସବୁ ଅଭିମାନ ଲୁହ ହୋଇ ଗଡ଼ିଯାଉଛି। କାରଣ ଜାଣି ମଧ୍ୟ ମୋତେ ସବୁ ସ୍ୱପ୍ନ ପରି ଲାଗୁଛି। ଏହି ସମୟରେ କେଉଁଆଡୁ ଗୋଟିଏ ଚିହ୍ନା ପରିଚିତ କଣ୍ଠସ୍ୱର କାନକୁ ଶୁଭିଗଲା। ଯେଉଁ ସ୍ୱର ମୁଁ ବହୁଦିନରୁ ଶୁଣି ନାହିଁ, ସେଇ ସ୍ୱର ଅତି ପରିଚିତ ଲାଗୁଥିଲା। କାହାକୁ ନ ଦେଖି ଗର୍ଜନ କରି ଉଠିଲି କିଏ...? କିଏ...? କିଏ... ଡାକିଲା? ଅତି ଦୂରରରୁ ଏକ ଝାପ୍‌ସା ଚେହେରା ଦିଶିଗଲା।"

ବିଷାଦଭରା କଣ୍ଠରେ କହିଲି, "ନାହିଁରେ ମା' ଭୁଲିବି କାହିଁକି ତୁ ସତରେ ଫେରି ଆସିଛୁ। ଏତେ ଦିନ ପରେ ତୋର ମୋ କଥା ମନେପଡ଼ିଲା। କେତେବେଳେ ଆସିଲୁ। ଆ ମୁଁ ଟିକେ ତତେ ଦେଖେ।"

ମୋ କଥାର ଜବାବ ଦେଇ କହିଲା- "ମୁଁ ଏବେ ଆସି ପହଞ୍ଚିଲି।" ଦେଖିଲି ତୁମେ ଏଠି ବସିଛ ସେଥିପାଇଁ ମୁଁ ଏଠିକି ଆସିଲି। ଏଣିକି କହି କାନ୍ଦିବାକୁ ଲାଗିଲା।

ତାର ଏପରି କାନ୍ଦ ଦେଖି ପଚାରିଲି- "କ'ଣ ହେଇଛି ତୋ'ର ? କାନ୍ଦୁଛୁ କାହିଁକି ?"

"ମୋତେ ଆଜି ମନ ଖୋଲି କାନ୍ଦିବାକୁ ଦିଅ। ମୋର ଜନ୍ମ ହେବା ଦୁନିଆ ପାଇଁ ଅଶୁଭ। ଯଦି ସେଦିନ କୌଣସି ଦୁଇଜଣ ନାରୀ ଓ ପୁରୁଷ ସେମାନଙ୍କର ଶାରୀରିକ ଭୋକ ମେଣ୍ଟାଇବାକୁ ଯାଇ ଭୁଲ୍ କରିଦେଇନଥାନ୍ତେ ତେବେ ମୋର ଜନ୍ମ ହୋଇନଥାନ୍ତା। ତଥାପି ସେମାନେ ମୋତେ ଜନ୍ମ ଦେଇ ପଶୁପରି ବ୍ୟବହାର କରି ରାସ୍ତା କଡ଼ରେ ଫିଙ୍ଗି ଦେଇଥିଲେ। କିନ୍ତୁ ଯଦି ତୁମେ ସେଠାରେ ଏ ଅଭାଗିନୀକୁ ନ ଆଣିଥାନ୍ତ ତା' ପରଦିନ କୌଣସି ଏକ ଖବର କାଗଜର ଚାହିଦା ବଢ଼େଇବା ପାଇଁ ତା'ର ପୃଷ୍ଠାରେ 'ରାସ୍ତାକଡ଼ରୁ ଶିଶୁକନ୍ୟା ଶବ ଉଦ୍ଧାର' ଲେଖାଥାନ୍ତା। ନଚେତ୍ ମୋତେ କୁକୁର ବା ଶିଆଳ ଖାଇଦେଇଥାନ୍ତେ। ମୋର କୌଣସି ପତ୍ତା ମିଳିନଥାନ୍ତା। ମୋ ଜୀବନରେ କାହାଣୀ ସେଦିନ ସରି ଯାଇଥାନ୍ତା। କିନ୍ତୁ ତାହା ତୁମେ କରିବାକୁ ଦେଲ ନାହିଁ। ମୋତେ ରାସ୍ତାକଡ଼ରୁ ଉଠେଇ ଆଣି ତୁମେ ପରିଚୟ ଦେଲ।"

ତା' ମୁହଁରୁ ଏ ସବୁ କଥା ଶୁଣି ଆଶ୍ଚର୍ଯ୍ୟ ଲାଗିଲା। କହିଲି, ଏସେ ସବୁ କଥା ତୁ କେମିତି ଜାଣିଲୁ ? କାହିଁକି ସେ କଥା ମନେ ପକାଉଛୁ। ସେ କଥା ତ ଅତୀତ ହେଲାଣି।

କିନ୍ତୁ ସେ ମୁହଁ ବନ୍ଦ ନ କରି ତା' ଜୀବନରେ ଘଟିଥିବା ଘଟଣା କହି ଚାଲିଲା – ଅତୀତକୁ ମନେ ପକାଇଲେ ବର୍ତ୍ତମାନ ତାହା ହୃଦୟ ବିଦାରକ ହୁଏ ସତ, କିନ୍ତୁ ତାହା ଆନନ୍ଦ ଲାଗେ, ଦୁଃଖ ମଧ୍ୟ ଲାଗେ। ତୁମେ କ'ଣ ସେ କଥାକୁ ଭୁଲିଯାଇଛ ? ଯେଉଁଦିନ ତୁମେ ମୋତେ ନୂଆ ଜୀବନ ଦେଲ। ତୁମ କର୍ତ୍ତବ୍ୟ ତୁମେ ଠିକ୍ କରିଛ କିନ୍ତୁ ମୁଁ ମୋ କର୍ତ୍ତବ୍ୟରେ ଅବହେଳା କରିଛି। କ'ଣ ବା କରିଥାନ୍ତି- ଛୁଟି ପରେ ବିଶ୍ୱବିଦ୍ୟାଳୟର ଛାତ୍ରୀନିବାସକୁ ଗଲା ପରେ ମୋର ଦୈନିକ ରୁଟିନ୍ ଯାହା ଥିଲା ସବୁ ଠିକ୍ ଠାକ୍। କିଛିଦିନ ପରେ ଆମ ବିଭାଗର ପରେଶ ସହିତ ମୋର ଦେଖାହେଲା। ତା'ର ରୂପ ଯେପରି ସୁନ୍ଦର ପାଠ ମଧ୍ୟ ସେହିପରି ଭଲ। ପ୍ରଥମ ଦେଖାରେ ସେ ମୋ ମନ କିଣି ନେଲା। ଏପରି କିଛିଦିନ କଥାବାର୍ତ୍ତା ଭିତରେ ଆମେ ପରସ୍ପରକୁ ଅତି ନିଜର ବୋଲି ଭାବିନେଇଥିଲୁ। ଦିନେ ହଠାତ୍ ପରେଶ୍ ପ୍ରସ୍ତାବ ଦେଲା କେଉଁଆଡ଼େ ବୁଲିଯିବା ପାଇଁ। ଛାତ୍ରୀନିବାସରୁ ମିଛ ଦରଖାସ୍ତ ଲେଖି ଘରକୁ ଯାଉଛି ବୋଲି କହି ଆମେ ଏକାଠି ହେଲୁ ସହରର ମୁଲକ ଅଟ୍ଟାଳିକାର ଏକ କୋଠରୀ ମଧ୍ୟରେ। ସେଦିନର ରାତି ଯେତେ ଅନ୍ଧାର ଆଡ଼କୁ ଅଗ୍ରସର ହେବାକୁ ଯାଉଥାଏ, ଆମ ମନର ଉଷ୍ମତା ସେତେ ପ୍ରକାଶ ପାଉଥାଏ। ଉଭୟେ ନିଜେ ନିଜକୁ ଭୁଲିଗଲୁ। ତା' ପରଦିନ ସକାଳୁ ଫେରିଛୁ। ତା' ପରେ ଆମେ ଅନେକ ଥର ସେହିପରି ସ୍ଥାନରେ ଭେଟିଛୁ କିନ୍ତୁ ପ୍ରଥମଥରର ସ୍ପର୍ଶ ନିଆରା।

କିଛିଦିନ ପରେ ମୁଁ ଜାଣିବାକୁ ପାଇଲି ଯେ ସମାଜ ଯାହାକୁ ବିରୋଧ କରେ, ନିନ୍ଦା କରେ, ଘୃଣା କରେ ସେଇମାନଙ୍କ ମଧ୍ୟରୁ ମୁଁ ଜଣେ। ମୁଁ ଯେତେ ପରେଶକୁ ନିଜର କରିବାକୁ ଚେଷ୍ଟା କଲି, ସେ ମୋତେ ସେତିକି ସେତିକି ଦୂରେଇ ଦେଉଥାନ୍ତି। ଦିନେ ସେ ମୋତେ ଡାକି କହିଲେ ମୋତେ ନିଜର କରିବା ପାଇଁ। ମୁଁ ମଧ୍ୟ ଖୁସିରେ ତାଙ୍କ ସାଥିରେ ପାଦ ମିଳେଇ ଆଗେଇ ଚାଲିଲି। ଶେଷରେ ସେ ମୋତେ ନେଇ ପହଞ୍ଚିଲେ ଏକ ନିଘଞ୍ଚ ଜଙ୍ଗଲ ମଧ୍ୟରେ ଯେଉଁଠି ଜନ କୋଳାହଳ ଶୂନ୍ୟ। ତା' ପରେ...

'ସାର୍ ସଂଧ୍ୟା ୬.୩୦ ହେଲାଣି। ଥଣ୍ଡା ବି ବହୁତ ଲାଗୁଛି। ଆପଣ ଘର ଭିତରକୁ ପଳେଇ ଆସନ୍ତୁ।' 'ତୁମେ ରୁହ ଟିକିଏ ମୁଁ କଥା ହୋଇ ଆସୁଛି।' 'ସାର୍ ଆପଣ କାହାସହ କଥା ହେଉଛନ୍ତି। କାହିଁ ସେଇଟିତ ଆପଣ ଏକା ଅଛନ୍ତି ଆଉ କେହି ନାହାନ୍ତି।' 'ଆରେ ଶ୍ରଦ୍ଧା ପରା ଆସିଛି ମୁଁ ତାହା ସହ କଥା ହେଉଛି।' ମୁହଁ ଫେରାଇ 'ଶ୍ରଦ୍ଧା ତୁ ମା' କହ' ତା'ପରେ କ'ଣ ହେଲା, 'ଆରେ ତୁ କୁଆଡ଼େ ଗଲୁ। ଶ୍ରଦ୍ଧା, ଶ୍ରଦ୍ଧା...' ଚିତ୍କାର କରି ଉଠିଲା। ଅନ୍ୟ ପାଖରୁ ପ୍ରତିଧ୍ୱନିତ ହେଉଥାଏ...

"ସାର୍ ଆମେ କାଲି ଡାକ୍ତରଖାନା ଯାଇ ଶ୍ରଦ୍ଧା ମା'ଙ୍କ ଶବକୁ ଚିହ୍ନଟ କରିଥିଲେ। ଆପଣ କ'ଣ ଭୁଲିଗଲେ।"

❑

***ବାସୁଦେବପୁର କଲେଜ, ଭଦ୍ରକ***

# ସଫଳତା ଓ ବ୍ୟକ୍ତିତ୍ୱ

◆ ସୁଶାନ୍ତ କୁମାର ପ୍ରଧାନ

ମଣିଷ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କିଛି ନା କିଛି କରିବା ପାଇଁ ସଦାସର୍ବଦା ଚେଷ୍ଟିତ। ଆଉ ପ୍ରତ୍ୟେକଟିରେ ସଫଳତା ହାସଲ କରିବା ପାଇଁ ଲକ୍ଷ୍ୟ ବି ରଖିଥାଏ। ସଫଳ ମଣିଷ ହେବା ପାଇଁ ସଫଳତା ଓ ବିଫଳତାକୁ ଅତିକ୍ରମ କରିବାକୁ ପଡ଼େ। ଭାବେ ସଫଳତା ପାଇବାକୁ ହେଲେ ବିଫଳତାର ସ୍ପର୍ଶ ଜମା ନଥାଏ କିନ୍ତୁ ସାମୟିକ ଓ ସାମଗ୍ରିକ ସଫଳତାକୁ ତ୍ୟାଗ କରି ଦୀର୍ଘସ୍ଥାୟୀ ଉପରେ ବିଶ୍ୱାସ ରଖିବା ଆବଶ୍ୟକ। କେବେ କେବେ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଭାଗ୍ୟକୁ ଆଦରି ଯେତିକି ପାଆନ୍ତି ସେତିକିରେ ସନ୍ତୁଷ୍ଟି ନୁହଁନ୍ତି ଆଉ କେହି ହଠାତ୍ ବଡ଼ ହେବା ପାଇଁ ଆଶା ଠାରୁ ଅଧିକ ପାଇବା ନିମିତ୍ତ ଜୁଆ ଖେଳ, ଲଟେରୀ କିମ୍ବା ଅସତ୍ ଅଧର୍ମ ପନ୍ଥା ଅନୁସରଣ କରି ଅଧିକ ପାଇବା ପାଇଁ ନିଜକୁ ସଫଳତା ଆଗରେ ଠିଆ କରିବା ପାଇଁ ସ୍ୱପ୍ନ ଦେଖନ୍ତି ଓ ଖୁସି ମଧ୍ୟ ହୁଅନ୍ତି।

କିନ୍ତୁ ଦୃଢ଼ମନା, ଆତ୍ମବିଶ୍ୱାସୀ, କର୍ମବାଦୀ ମଣିଷ ନିଜର ଅଧ୍ୟବସାୟ ବଳରେ ସଫଳତା ହାସଲ କରନ୍ତି। ଆଶାବାଦୀ ତଥା ଜୀବନପ୍ରତି ନିଜର ଦୃଷ୍ଟିଭଙ୍ଗୀ ବଦଳାଇ ନିଜର ଚେଷ୍ଟାକୁ ସକରାତ୍ମକ କରି ଅତି ନିକଟରେ ଓ ଅବିଳମ୍ବେ ସଫଳତାର ସିଡ଼ି ଚଢ଼ିପାରନ୍ତି। ସେମାନେ ଭାବନ୍ତି ଯେ, ନିଜେ ମୁଁ ଜଣେ ପୂର୍ଣ୍ଣାଙ୍ଗ ମଣିଷ। ଆଉ ଶରୀରର କେତେକ ଅଂଶର ସମଷ୍ଟି ନୁହେଁ। ସକରାତ୍ମକ ବ୍ୟକ୍ତିମାନେ ନିଜର ଗଭୀର ଆତ୍ମବିଶ୍ୱାସ, ଉଚ୍ଚାଭିଳାଷୀ ଏବଂ ସକରାତ୍ମକ ଫଳ ଏମାନଙ୍କ ନିକଟରେ ରହିଥାଏ। ଏମାନେ କୌଶଳୀ, ଆତ୍ମନିର୍ଭରଶୀଳ, ମିଳିମିଶି କାମ କରିବାକୁ ପସନ୍ଦ କରିଥାନ୍ତି। ସମସ୍ୟା ଯେତେ ପରିମାଣର ଅଥବା ଯେଉଁ ସମୟରେ ଆସିଲେ ବି ବିବ୍ରତ ନହୋଇ ଧୈର୍ଯ୍ୟଶୀଳ ଓ ସମସ୍ତଙ୍କ ସହ ସୁସଂପର୍କ ସ୍ଥାପନ ପୂର୍ବକ ସମସ୍ୟା ସମାଧାନ କରନ୍ତି। ଏମାନେ ସବୁବେଳେ ସ୍ୱାଭାବିକ ଓ ଆକର୍ଷଣ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥାନ୍ତି।

ପ୍ରକାରାନ୍ତରେ ନକରାତ୍ମକ ବ୍ୟକ୍ତିମାନେ ନାନା ସମସ୍ୟା ଭିତରେ ଜଡ଼ିତ ଥାଆନ୍ତି ଓ ହଠାତ୍ ସଫଳତା ପାଆନ୍ତି ଓ ହଠାତ୍ ସଫଳତାର ସିଡ଼ିକୁ ତଳେ ପକାଇ ଦେଇଥାନ୍ତି। କିଛି କାମ କରିବା ପୂର୍ବରୁ ନାହିଁ ନାହିଁ ର ଭାବନା ଏମାନଙ୍କ ମୁଣ୍ଡ ଭିତରେ ଏକ ଆଘାତ ସୃଷ୍ଟି କରେ। ଲକ୍ଷ୍ୟହୀନ ଭାବରେ ଘୁରି ବୁଲନ୍ତି। ନୈରାଶ୍ୟର ଛାଇ ଏମାନଙ୍କ ପିଛା ଛାଡ଼େ ନାହିଁ। ଆଉ କେତେକ ବ୍ୟକ୍ତି ନିଜର ନକରାତ୍ମକ ଭାବନା ଭିତରେ ଥାଇ ମଧ୍ୟ ନିଜକୁ ବଦଳାଇବା ପାଇଁ ଚେଷ୍ଟା କରନ୍ତି ନାହିଁ। ନିଜକୁ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ଅଧିକାରୀ ଭାବି ଅନ୍ୟମାନେ ତାଙ୍କ ସଂପର୍କରେ କିପରି ମତ ପୋଷଣ କରନ୍ତି ସେକଥାକୁ ବେପରୁଆ ଭାବେ ଗ୍ରହଣ କରିଥାନ୍ତି।

ସଫଳତା ପାଇବାକୁ ହେଲେ ପ୍ରଥମେ ନିଜ ଲକ୍ଷ୍ୟ ସ୍ଥଳର କେନ୍ଦ୍ରବିନ୍ଦୁ ଖୋଜି ବାହାର କରିବାକୁ ପଡ଼ିବ କାରଣ ଅନ୍ୟର ଦୋଷ ଆମେ ନଦେଖି ନିଜର ଦୋଷ ଦୁର୍ବଳତାକୁ ସାଉଁଟି ପରିମାର୍ଜିତ କରି ନିଜକୁ ସୁଧାରିବା ପାଇଁ ଚେଷ୍ଟା କରନ୍ତି। ଅନ୍ୟକୁ ସୁଦୃଷ୍ଟିରେ ଦେଖିବା ପାଇଁ ଚେଷ୍ଟା କରନ୍ତୁ ଓ ଅନ୍ୟକୁ ଶିକ୍ଷା ଦିଅନ୍ତୁ। ଏହା ହୋଇପାରିଥାନ୍ତା, ହେଲା ନାହିଁ, ମୁଁ କରିପାରିଥାନ୍ତି, କରିପାରିଲି ନାହିଁ ଏମିତି ହୋଇଥିଲେ ଭଲ ହୋଇଥାନ୍ତା, ହୁଏତ ଟିକିଏ ଚେଷ୍ଟା କରିଥିଲେ ମୁଁ ଏହାକୁ ପାଇପାରିଥାନ୍ତି, ଏମିତି ଭାବି ନିଜକୁ କଷ୍ଟ ଦେବା ଅପେକ୍ଷା ଅତୀତରୁ କିଛି ଶିକ୍ଷା ଲାଭ କରି ବର୍ତ୍ତମାନରେ ତାର ସଫଳତାର ପ୍ରୟୋଗ କଲେ ଆସନ୍ତାକାଲି ଯେ ସଫଳତା ମିଳିବ ଏଥିରେ ସଂଦେହ ନାହିଁ।

ଭାଷଣବାଜିରେ ବିଶ୍ୱାସ ନରଖି ସକରାତ୍ମକ ସ୍ୱପ୍ନ ଦେଖିବା ଦରକାର। ନିଶ୍ଚିତ ଭାବେ କିଛି କରିବି ଭାବନାରେ ବିଶ୍ୱାସ ରଖିବା ଉଚିତ୍। ସଫଳ ବ୍ୟକ୍ତିର ସବୁ ସମସ୍ୟାର ଉତ୍ତର ନିଶ୍ଚିତ ଥାଏ। କଷ୍ଟ ହୋଇପାରେ କିନ୍ତୁ ସବୁ ସମ୍ଭବ। ସମ୍ଭାବନାରେ ବିଶ୍ୱାସୀ ମଣିଷ ସମସ୍ୟାକୁ ଆହ୍ୱାନ କରିନଥାଏ। ଆଶା ଓ ଜିତିବାର ଲକ୍ଷ୍ୟ ତାକୁ ଶୀର୍ଷରେ

ପହଁଚେଇଥାଏ। ଭାବେ ଅନ୍ୟମାନେ ଯାହା କରିବା ଉଚିତ୍ ତାହା ମୁଁ ମଧ୍ୟ କରିବା ଦରକାର ନାହିଁ। ସ୍ୱତନ୍ତ୍ର ମୂଲ୍ୟବୋଧ, ନିଜର ଦକ୍ଷତା, ଯୋଜନା ଓ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବା ଦରକାର, ଯାହା କରିବାକୁ ଋହୁଁଛନ୍ତି ତାହା ଆଗ୍ରହର ସହିତ କଲେ ସଫଳତା ଆପଣଙ୍କର ପିଛା ଛାଡ଼ିବନି। ଆଉ ନିଜର ଉଜ୍ଜ୍ୱଳତମ ଭବିଷ୍ୟତ ପାଇଁ ତାହା ବର୍ତ୍ତମାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ଓ ଅଙ୍ଗୀକାରବଦ୍ଧତା ନିଜ ନିକଟରେ ସାଇତି ରଖନ୍ତୁ।

ବାସ୍ତବିକ ସଫଳତା ପାଇବାକୁ ହେଲେ ଜଣେ ବ୍ୟକ୍ତି ନିଜର ବ୍ୟକ୍ତିତ୍ୱକୁ ଠିକ୍ କରିବା ଦରକାର କାରଣ ସବୁ ସ୍ତରର ମଣିଷ ପାଇଁ ବ୍ୟକ୍ତିତ୍ୱ ସମାନ ନଥାଏ। କାରଣ ବ୍ୟକ୍ତିତ୍ୱ ହେଉଛି ଏକ ସଂହତି ଓ ସମ୍ମିଶ୍ରଣ ଯାହା ବ୍ୟକ୍ତିର ଅନ୍ତଃକରଣରେ ଥିବା ଅଭିପ୍ରେରଣ। ଲୋକମାନେ କହନ୍ତି ଏହି ଲୋକଟାର କିଛି ବୋଲି ନାହିଁ, ମଣିଷପଣିଆ ନାହିଁ, ମାନବିକତା ନାହିଁ କିନ୍ତୁ ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱ କିଛି ନା କିଛି ଅଛି। ଏହା ମାନବାକୁ ପଡ଼ିବ। ଜଣାଯାଏ ଇଂରାଜୀ personality ଶବ୍ଦଟି ଲାଟିନ୍ ଶବ୍ଦ Persona ଶବ୍ଦରୁ ଆସିଅଛି। ଏହାର ଅର୍ଥ ମୁଖ୍ୟ କାରଣ ସେ ସମୟରେ ରୋମ୍ ସହରର ଲୋକମାନେ ନାଟକ କରିବା ସମୟରେ ମୁଖା ପିନ୍ଧୁଥିଲେ। ତେଣୁ ଏହିଠାରୁ ଏହି ଶବ୍ଦ ବ୍ୟବହାର ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ସାଧାରଣ ଭାବରେ ବ୍ୟକ୍ତିତ୍ୱ କହିଲେ ଆମେ ବୁଝୁ ଯେ ଆମ ଭିତରେ ଥିବା ଗୁଣ ସମୂହର ସମଷ୍ଟି। ଯଦି ଜଣେ ବ୍ୟକ୍ତି ନିଜକୁ ସକରାତ୍ମକ ଭାବରେ ନିଜର ବ୍ୟବହାର ଓ ପରିବେଶ ସହିତ ନିଜକୁ ଉପଯୋଗ କରିଥାଏ ସେଥିରୁ ହିଁ ତା'ର ବ୍ୟକ୍ତିତ୍ୱ ଜଣାପଡ଼େ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତା'ର ବିକାଶ ହୋଇଥାଏ। ଯେଉଁ ବ୍ୟକ୍ତିର ବ୍ୟକ୍ତିତ୍ୱ ଯେତେ ଭଲ ସେ ସେତିକି ସେତିକି ସଫଳତାର ସିଡ଼ି ଚଢ଼ିଥାଏ। ଛୋଟ ଋରାଟିଏ ଯେମିତି ସୂର୍ଯ୍ୟଲୋକ ଜଳ ଓ ବାୟୁ ପାଇ ବୃହତ ତଥା ବିଶାଳ ଦ୍ରୁମରେ ପରିଣତ ହୁଏ, ଠିକ୍ ସେମିତି ଶିଶୁଟିଏ ବୟସ ବଢ଼ିବା ସହିତ ଅନ୍ୟମାନଙ୍କ ଆଚରଣରେ ଯେମିତି ପ୍ରଭାବିତ ହୋଇଥାଏ ଠିକ୍ ସେମିତି ନିଜର ଆବେଗ, ବୌଦ୍ଧିକ ଶକ୍ତି, ଚିନ୍ତା ଓ ଚେତନା, ବିଋର ଶକ୍ତି ମଧ୍ୟ ଅନ୍ୟମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। କହିବାକୁ ଗଲେ ଶିଶୁର ବିକାଶ ଓ ପରିପ୍ରକାଶ ତା'ର ପାରିପାର୍ଶ୍ୱିକ ପରିବେଶ ଉପରେ ନିର୍ଭରଶୀଳ। ତେଣୁ ଶିଶୁଟିର ଭବିଷ୍ୟତର ସଫଳକାମୀ ହେବା ପାଇଁ ଯେଉଁମାନେ ଚେଷ୍ଟିତ ସେମାନେ ପ୍ରଥମରୁ ସୁସ୍ଥ ଓ ସ୍ୱାଭାବିକ ବିକାଶ ଓ ଗଠନ ପାଇଁ ଧ୍ୟାନ ଦେବା ଆବଶ୍ୟକ ଏବଂ ପ୍ରଥମରୁ ସଫଳତା ଅବଲମ୍ବନ କରିବା ବିଧେୟ।

ପ୍ରଥମେ ନିଜର ବ୍ୟକ୍ତିତ୍ୱକୁ ସ୍ୱାଭାବିକ କରିବାକୁ ଚେଷ୍ଟା କରନ୍ତୁ ଦେଖିବେ ଆପଣ ଯେ ଦିନେ ଅନ୍ୟମାନଙ୍କର ଆଦର୍ଶ ଓ ଅନୁକରଣୀୟ ହୋଇପାରିବେ ଏଥିରେ ସନ୍ଦେହ ନାହିଁ। କାହାକୁ ଦେଖାଇବା ପରି ବ୍ୟବହାର ବିପଥଗାମୀ ଆଡ଼କୁ ଟାଣିନିଏ। ତେଣୁ ସୁସ୍ଥ ଓ ସ୍ୱାଭାବିକ ବ୍ୟକ୍ତିତ୍ୱ ବିନା ଭୟ ସୃଷ୍ଟି ହୁଏ ଓ ନିଜକୁ ସଫଳତା ଆଡ଼କୁ ଟାଣିବା ପାଇଁ ପଛଘୁଞ୍ଚା ଦିଏ। ସଦାସର୍ବଦା ନିଜର ଶକ୍ତି ଓ ସାମର୍ଥ୍ୟ ଦୃଷ୍ଟିକୋଣରୁ ପ୍ରତିଯୋଗିତା ମନୋଭାବ ରଖିବା ଦରକାର। ଅନ୍ୟଥା ନିଜ ପ୍ରଗତୀରେ ବାଧା ସୃଷ୍ଟି ଓ ଜୀବନ କଠୋର ଶୃଙ୍ଖଳା ମଧ୍ୟରେ ଗତି କରେ। ପରିବେଶ ଋପରେ ଘାଣ୍ଟି ହେଉଥିବା କାରଣ ଖୋଜିବା ଦରକାର ଏବଂ ତା'ର ପ୍ରତିକାର ଖୋଜି ହତାଶା ମନୋଭାବକୁ ତ୍ୟାଗ କରି ଆତ୍ମପ୍ରତ୍ୟୟ ସୃଷ୍ଟି କରାଯାଇପାରିବା ଦରକାର। ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ଜରୁରୀ। ଧୈର୍ଯ୍ୟ, ସହନଶୀଳତା ମଣିଷକୁ ଆଗକୁ ବଢ଼ାଏ। ବିପରୀତମୁଖୀ ମନୋଭାବ ପୋଷଣ କରି ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରିବାର ନିଶା ପରିତ୍ୟାଗ କରିବା ଉଚିତ୍। ନିଜକଥା, ନିଜର ଅଧ୍ୟବସାୟ କିମ୍ବା ନିଜ ବ୍ୟତୀତ ଅନ୍ୟର ଭଲମନ୍ଦ ବୁଝିବାକୁ ଚେଷ୍ଟା କରନ୍ତୁ। ଯଦି ପାଖ ପଡ଼ୋଶୀ ନିଜଠାରୁ ଦୂରରେ ରହୁଥିବେ ତେବେ ଚେଷ୍ଟା କରନ୍ତୁ ସେମାନେ କେଉଁ ବିଷୟରେ ଆଗ୍ରହୀ। ଯଦି ସେହି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଏ ତେବେ ଦୂରେଇ ଯାଉଥିବା ମଣିଷ ଯେ ନିଜ ଆଡ଼କୁ ଚୁମ୍ବକ ପରି ଆକର୍ଷିତ ହେବ ଏଥିରେ ସନ୍ଦେହ ନାହିଁ। ନିଜର ମତବାଦକୁ ଜୋର୍ ଜବରଦସ୍ତ ଅନ୍ୟମାନଙ୍କ ଉପରେ ଲଦି ଦିଅନ୍ତୁ ନାହିଁ କାରଣ ନିଜର ମତ ପରିବର୍ତ୍ତନ ପାଇଁ ବିଋରଧାରାକୁ ପ୍ରଥମେ

ପ୍ରଭାବିତ କରିବା ପାଇଁ ଚେଷ୍ଟା କରନ୍ତୁ। ଯଦି ପାଖପଡ଼ୋଶୀ ନିଜ ଠାରୁ ଦୂରରେ ରହୁଥିବେ ତେବେ ଚେଷ୍ଟା କରନ୍ତୁ ସେମାନେ କେଉଁ ବିଷୟରେ ଆଗ୍ରହୀ। ଯଦି ସେହି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଏ ତେବେ ଦୂରେଇ ଯାଉଥିବା ମଣିଷ ଯେ ନିଜ ଆଡ଼କୁ ଚୁମ୍ବକ ପରି ଆକର୍ଷିତ ହେବ ଏଥିରେ ସନ୍ଦେହ ନାହିଁ, କାରଣ ନିଜର ମତ ପରିବର୍ତ୍ତନ ପାଇଁ ବିଚାରଧାରାକୁ ପ୍ରଥମେ ପ୍ରଭାବିତ କରିବା ପାଇଁ ଚେଷ୍ଟା କରନ୍ତୁ। କାରଣ ପରିବର୍ତ୍ତନ ଧୀରେ ଧୀରେ ହୁଏ। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ଆଉ ମନେରଖିବାକୁ ହେବ ଯେ ଧୀରେ ଧୀରେ ଚାଲେ ସେ ବହୁତ ବାଟ ଚାଲିପାରନ୍ତି ତେଣୁ ସ୍ଥାୟୀ ପରିବର୍ତ୍ତନ ଟିକିଏ ବିଳମ୍ବରେ ହୁଏ। ତେଣୁ କୁହାଯାଏ ବିଳମ୍ବେ କାର୍ଯ୍ୟ ସିଦ୍ଧି।

ଅନ୍ୟର ଆଚରଣ ଗତ ପରିବର୍ତ୍ତନ ପାଇଁ ନିଜକୁ ସରକରାତ୍ମକ କରନ୍ତୁ। ଦେଖିବେ ଏହାର ନିଶ୍ଚୟ ପ୍ରଭାବ ପଡ଼ିବ। ଏହା ନିଶ୍ଚିତ ଭାବେ କୁହାଯାଇପାରିବ ଯେ ଆପଣ ଯେମିତି ଅନ୍ୟ ପାଇଁ ଠିକ୍ ଅନ୍ୟମାନେ ମଧ୍ୟ ଆପଣଙ୍କ ପାଇଁ। ତେଣୁ ପରସ୍ପରକୁ ବିଶ୍ୱାସ କରିବା ଦ୍ୱାରା ସଂପର୍କ ସ୍ଥାୟୀ ହୁଏ। ଆଉ ନିଜର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଅନ୍ୟପାଇଁ ଠିକ୍ ଅନ୍ୟମାନେ ମଧ୍ୟ ଆପଣଙ୍କ ପାଇଁ। ତେଣୁ ପରସ୍ପରକୁ ବିଶ୍ୱାସ କରିବା ଦ୍ୱାରା ସଂପର୍କ ସ୍ଥାୟୀ ହୁଏ। ଆଉ ନିଜର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଅନ୍ୟପାଇଁ ଆଦର୍ଶ ହୋଇ ସଫଳତାର ଶୀର୍ଷରେ ପହଁଚାଇବାରେ ଚେଷ୍ଟା କରିଥାଏ। ତେଣୁ ମଝିରେ ମଝିରେ ଖୁଲମଖୁଲା, ସଚ୍ଚୋଟତା, ନିର୍ଭରଶୀଳତା, ଐକ୍ୟବଦ୍ଧତା, ଭଲ ପାଇବା, ପାରସ୍ପରିକ ସମ୍ମାନ, ନିଜର ଚିନ୍ତାଧାରାର ଉପଯୋଗିତା ତଥା ତାର ସ୍ୱୀକୃତିବଦ୍ଧତା ଓ ନିଜର ସତ୍ ଚରିତ୍ର ଗଠନରେ ବ୍ୟକ୍ତିତ୍ୱର ପରିପ୍ରକାଶ, ପରିମାର୍ଜିତ ଓ ସଫଳତାରେ ନିଜକୁ ହଜାଇଦେବା ସତରେ ଗ୍ରହଣୀୟ ଓ କଷ୍ଟସାଧ ବ୍ୟାପାର ହୋଇପାରେ ମାତ୍ର ଅନିଚ୍ଛା ସତ୍ତ୍ୱେ ଏହା କରଣୀୟ ମଧ୍ୟ। ଆଉ ସଫଳତା ଯେ ନିଜ ହାତପାଆନ୍ତାରେ ମିଳିଯିବ ଏଥିରେ ସନ୍ଦେହ ନାହିଁ।

ନିଜ କାମ ନିଜେ ଠିକ୍ ଭାବେ କରିବା ଦରକାର। ଆଉ ସିଗାରେଟ୍ ଟାଣୁଥିବା ସମୟରେ ଅନ୍ୟକୁ ସିଗାରେଟ୍ ଟାଣିବା ପାଇଁ ମନା କରିବା ଗ୍ରହଣୀୟ ନୁହେଁ। କାରଣ ପ୍ରତ୍ୟେକ ବ୍ୟବହାରର ଅଭ୍ୟାସ ଦରକାର। ଅନ୍ୟକୁ କହିବା ପୂର୍ବରୁ ବା ବାରଣ କରିବା ପୂର୍ବରୁ ପ୍ରଥମେ ଆପଣଙ୍କୁ ଅଭ୍ୟାସରେ ପରିଣତ କରିବାକୁ ପଡ଼ିବ। କୌଣସି କାମ କରିବା ପୂର୍ବରୁ ନିଜେ ବିବେଚନା କରିବା ଦରକାର। ଆଚରଣରେ ଶୁଦ୍ଧତା, ବ୍ୟବହାରରେ ଅଭ୍ୟାସ, ପ୍ରୟୋଗ କରୁଥିବା ଶବ୍ଦ ପ୍ରତି ସଚେତନ ଥିବା ଦରକାର କାରଣ ଭଂଗା ଆଇନା ଯେମିତି ଯୋଡ଼ିବା କଷ୍ଟକର ବ୍ୟାପାର ସଂପର୍କ ତୁଟିଗଲେ ସଜାଡ଼ିବା ସେତିକି କଷ୍ଟସାଧ। ସମାଲୋଚନା କିମ୍ବା ଅଭିଯୋଗ ସବୁ ସମୟରେ ଠିକ୍ ନଥାଏ କି ଥଟ୍ଟା ମଜା ସବୁ ସମୟ ପାଇଁ ଠିକ୍ ନୁହେଁ। ଏସବୁ ପାଇଁ ଅନୁକୂଳ ବାତାବରଣ ଥିବା ଦରକାର। ଅନ୍ୟମାନଙ୍କର କଥାବାର୍ତ୍ତା ଓ ବ୍ୟବହାରକୁ ଅଣଦେଖା କରନ୍ତୁ ନାହିଁ। ମାନସିକ ଚାପ ଓ ଉତ୍କର୍ଷିତ ଅବସ୍ଥାରେ କୌଣସି କାର୍ଯ୍ୟ ଅସଫଳ ହେବା ସ୍ୱାଭାବିକ। ତେଣୁ ବିଷାଦଗ୍ରସ୍ତ ନହୋଇ ସକାରାତ୍ମକ ଭାବେ ଅପ୍ରୀତିକର ମନୋଭାବକୁ ପରିତ୍ୟାଗ କରି ଜୀବନରେ ସଫଳତାର ପାହାଚ ଚଢ଼ିବାକୁ ଚେଷ୍ଟା କରନ୍ତୁ।

ବାସ୍ତବରେ ଯେଉଁ ବ୍ୟକ୍ତିର ବ୍ୟକ୍ତିତ୍ୱ ଯେତିକି ସୁନ୍ଦର. ସରଳ, ସାବଲୀଳ ଓ ମଧୁମୟ ସେ ସେତିକି ସେତିକି ସଫଳତା ହାସଲ କରିବ ସେଥିରେ ସଂଦେହ ନାହିଁ। ❑

*ବନ୍ଧହୁଡ଼ା, ନରସିଂହପୁର, କଟକ*
*ମୋ: ୯୪୩୯୮୯୭୯୩୮*

# କୁନିର ଜୋତା

◆ ଡ. ସବିତା ମଲ୍ଲିକ୍

କୁନି ଆଜି ଭାରି ଖୁସି ଥିଲା। ଖୁସିରେ ତା’ ପାଦ ଆଉ ତଳେ ଲାଗୁନଥିଲା। ଜନ୍ମପର ଠାରୁ ହେତୁ ପାଇବାଯାଏ ଯାହା ହସିଥିବ, ସେ କଥା କୁନି ଭୁଲି ଯାଇଛି। ତା’ପରେ ସେ ହସ ଦୂରରୁ ଯାହା କାହା ଓଠରେ ଦେଖିଛି ନିଜେ କେବେ ହସିବାର ତା’ର ମନେପଡୁନି। ଆଉ ଯେତେବେଳେ ଇଚ୍ଛାହୁଏ ଲୁଚି ଲୁଚି ହସିଦିଏ। କାଳେ ତା’ ହସ କିଏ ଦେଖିଦବ! କିଏ ଲୁଚି ଲୁଚି କାନ୍ଦେ। କୁନି କିନ୍ତୁ ନିଆରା ଝିଅଟିଏ। କାହା ଆଗରେ ହସେ ନାହିଁ। ଯେତେବେଳେ ତା’ ଅଜାଣତରେ ଓଠରୁ ଚେନାଏ ହସ ବାହାରି ଆସିଛି, ସେତେବେଳେ ତା’ ମୁହଁ, ଓଠ, ଗାଲ ଫାଟି, ଫାଟି ପଡୁଛି ଦାନ୍ତ ବି ବାହାରକୁ ଦିଶୁଛି। ତାକୁ ଭଲ ଲାଗୁନି।

ଆଜି କୁନିର ହସିବାର କାରଣ ତା’ ବୋଉ ତା’ ପାଇଁ ନୂଆ ଜୋତା ଆଣିବ ବୋଲି କହିଛି। ଜୋତାରେ କୁନିର ଭାରି ସଉକ୍। ପିଲାଦିନେ ବୋଉ ତାର ବାସନ ମାଜୁଥିବା ବାବୁଘରର ଚୋଟ ପିଲାଙ୍କ ପୁରୁଣା ଜୋତା ନେଇ ଆସୁଥିଲା। କୁନି ଖୁବ୍ ଆଗ୍ରହରେ ପିନ୍ଧି ଦେଉଥିଲା। ଆଜି କୁନି ବଡ଼ ପିଲା ହୋଇଯାଇଛି। ଆଉ କାହାର ଜୋତା ପିନ୍ଧିବାକୁ ତାକୁ ଭଲ ଲାଗୁନି। ଗରିବ ପିଲା ହେଲେ ବି ଲାଜ ସରମ, ନୀତି ଅନୀତି, ଭଲ ମନ୍ଦ, ସେ ବୁଝିପାରୁଥିଲା। ତେଣୁ ଆଉ କାହାର ଜୋତା ତାକୁ ଭଲ ଲାଗୁନଥିଲା। ବୋଉ ଆଣିଥିବା ଜୋତା ନ ପିନ୍ଧିଲେ ବୋଉ ବର୍ଷି ଯାଉଥିଲା କୁନି ଉପରେ– “ଆଲୋ ଆମେ ତ ଗରିବ ଲୋକ। ପରଘରେ ବାସନ ମାଜିଲେ ଭାତ ଖାଇବା, ଆମର ପୁଣି ଲାଜ, ସରମ କ’ଣ? ନା ସଉକ କ’ଣ? ତୁ ଖାଲି ପାଦରେ ବୋତଲ ଗୋଟେଇବାକୁ ଯାଉଚୁ, ଜରି ଗୋଟେଇବାକୁ ଯାଉଚୁ। ଏ ଜୋତାଟା ପିନ୍ଧିଦେଇ ଗଲେ କ’ଣ ଆମର କ୍ଷତି ହୋଇଯିବ ଯେ। ଜୋତା ତ ପାଦରେ ରହିବ ତାକୁ କ’ଣ କିଏ ଦେଖୁଛି, ନା ତତେ ପଚାରୁଛି।” କୁନି ସବୁ ଶୁଣି କିଛି ନଶୁଣିବା ପରି ଚୁପ୍ ରହୁଥିଲା। ବୋଉ ତାର କେତେ କ’ଣ ଗାଳି କରୁଥିଲା କୁନି ଜୋତା ପିନ୍ଧି ଯାଉନି ବୋଲି। ଆଜି କୁନି ଗୋଡ଼ରେ କାଚ୍ ଫୁଟି ରକତ ବାହାରୁଥିଲା, ତା’ପରେ ବି କୁନି ଦୁଇବସ୍ତା ବୋତଲ ଗୋଟେଇ ଥିଲା। ସବୁଦିନ ଠାରୁ ଆଜି ବେଶି ପଇସା ହବ। ବୋଉ ଖୁସିରେ ଖୁସିରେ କହିଲା, “ହଉ ହେଲା। ଆଜି ସଂଧ୍ୟାବେଳକୁ ତୋ’ ପାଇଁ ନୂଆ ଜୋତା କିଣି ଆଣିବି। ତୁ ଯା ସେ ଗୋଡ଼ରେ ଉଷୁମୁ ତେଲ ଟିକେ ଲଗେଇ ଦିଏ।” କୁନି ଜୋତା ଆସିବା ଖୁସିରେ ମୁରୁକି ମୁରୁକି ହସୁଥିଲା। ଏଥର ସେ ନୂଆ ଜୋତା ପିନ୍ଧିବ, ଆଉ କାହାର ପୁରୁଣା ଜୋତା ପିନ୍ଧିବନି। ଏତିକିବେଳେ ମଦୁଆ ବାପା ତା’ର ଟଳି ଟଳି ଆସୁଥିଲା। ବୋଉ ପାଟିରୁ ଜୋତା ଆଣିବା ଶୁଣି ଖୁବ୍ ଜୋର୍‌ରେ ପାଟି କରି କହୁଥିଲା, “କାହିଁକି ଜୋତା ଆସିବ, ଏତେ ଜୋତା ପିଣ୍ଡାର ପଡ଼ିଛି ପୁଣି କାହିଁକି ଆସିବ। ତେ ଜୋତାରେ କ’ଣ ପିନ୍ଧିଲା ବାଲାର ନାଁ ଲେଖା ହେଇଛି। ତାକୁ ପିନ୍ଧିବନି, କିଏ ଜୋତା ଆଣୁଛି ଆଣୁ। ପୋଡ଼ିଦେବି, କାଟିଦେବି, ମୋର ରାତିକୁ ମାଲ୍ ନାହିଁ, ମୋତେ ସେ ଟଙ୍କା ଦିଅ। ମା’ ଝିଅ, ମୋର ରାତିକ ଚଳିଯିବ।”

କୁନି ବୋଉ ଏକଥା ଶୁଣି ଲୁହ ଛଳଛଳ ଆଖି କରି କହିଲା– “ଦିନେ ତ ଆମ ମାନଙ୍କ ଭଲମନ୍ଦ ବୁଝିଲନି। ପରଘରେ ବାସନ ମାଜି ପେଟ ପୋଷିଲି। ବଢ଼ିଲା ଝିଅଟା



ମୋର ବାହାରେ ବଜାର ସାରା ଏ ଗଳି ସେ କନ୍ଦି ବୁଲି ବୁଲି ବୋତଲ ଗୋଟଉଚି, ସେ ସବୁକୁ ତମର ଧ୍ୟାନ ନାହିଁ। ଆଉ ପିଲାଟାର ଜୋତା ନାହିଁ ଯେ ଗୋଡ଼ରେ କାଚ଼ ଫୁଟି ରକତ ବାହାରୁଛି। ତା' ପାଇଁ ଜୋତା ହଲେ ଆଣିବି, ତମେ ଏମିତି କିଆଁ କହୁଛ।"

ଏତିକି କଥାରେ ମଦ ନିଶାରେ ଟଳୁଥିବା ସନା ଝାଡୁରେ କୁନି ବୋଉର ପିଠିରେ ମନଇଚ୍ଛା ପାହାର ଦେଇଥିଲା ବିଚାରୀ ମୂର୍ଚ୍ଛା ହୋଇ ପଡ଼ି ରହିଥିଲା। କୁନି ଏ ସବୁକୁ ସହିନପାରି ବାପାର ଗୋଡ଼ହାତ ଧରି କାନ୍ଦିଲା, ମୋ ବୋଉକୁ ଛାଡ଼ିଦିଅ ମୋର ଜୋତା ଦରକାର ନାହିଁ। ମୋ ଜୋତା ପଇସା ତୁମକୁ ଦେଇଦେବି।" କୁନି ବି ବାଦ୍ ପଡ଼ିନଥିଲା ସନା ହାତରୁ। ସନା ଠଣାରୁ ପଇସା ତକ ଖୋଜି ନେଇ ଚାଲି ଯାଉଥିଲା ମଦବାର୍‌କୁ।

କୁନି, ଆଉ ତା' ବୋଉ ଦୁଆରେ କାନ୍ଦି କାନ୍ଦି ଶୋଇ ପଡ଼ିଛନ୍ତି ଯେ ରାତି ପାହି ବେଳ ଘଡ଼ିଏ ହେଲାଣି। ସୂର୍ଯ୍ୟଙ୍କର ପ୍ରଥମ କିରଣ କୁନିର ମୁଣ୍ଡ ଉପର ଦେଇ ବିଛେଇ ହୋଇ ପଡ଼ିଲାଣି।

ମାଆ ଝିଅଙ୍କ ନିଦ ଭାଙ୍ଗିଗଲା। ଦୁହେଁ ଉଠି ବାସି ପାଇଟି ସାରି, ବାସି ପଖାଳ ଖାଇ ପୁଣି ଚାଲିଗଲେ ନିଜ ନିଜ କର୍ମକ୍ଷେତ୍ରକୁ।

କୁନିର ସେଦିନ ବୋତଲ ଗୋଟେଇବାରେ ମନ ଲାଗୁନଥିଲା। ତା' ଆଖିଆଗରେ ନାଚ଼ି ଯାଉଥିଲା ଗତ ରାତିରେ ବିତିଯାଇଥିବା ଘଟଣା। ବୋଉ ଉପରେ ତା' ବାପାଙ୍କର ଅତ୍ୟାଚାର ଆଉ ତା'ର ମଧ୍ୟ ଜୋତା ପିନ୍ଧିବା ସଉକ୍ କେମିତି ପାଣି ଫୋଟକା ପରି ମିଳେଇ ଗଲା। ସେଦିନ ଆଉ ବେଶି ବୋତଲ ଗୋଟେଇନି, ମାତ୍ର ଚାରି ଛଅଟି ବୋତଲ ଜରି ବସ୍ତାରେ ରଖି ପିଠିରେ ପକେଇ କୁନି ଛାଇଲେଉଟା ବେଳକୁ ଘରକୁ ଫେରିଲା।

ବୋଉ ତାର କାମ ସାରି ଭାତ ତରକାରୀ ରାନ୍ଧି କୁନିକୁ ଅନେଇ ବସିଛି। କୁନିର ମୁହଁ ଶୁଖିଲା ଦେଖି ବୋଉ ତା'ର ପଚାରିଲା "କୁନି ଆଜି କ'ଣ ଜରି ବୋତଲ କିଛି ମିଳିଲାନି?" କୁନି କାନ୍ଦ କାନ୍ଦ ହୋଇ କହିଲା, "ବୋଉ ମୋର ଆଜି ସେ ମଦ ବୋତଲ ଦେଖି ଭାରି ରାଗ ହେଲା। ତାକୁ ଜମା ଆଣିଲିନି। ସେଇ ବୋତଲ ମଦ ପିଇ, ବାପା କେମିତି ତେତେ କାଲି ମାଡ଼ ମାରିଲେ, ଆଉ ମୋ ଜୋତା ପଇସା ବି ନେଇଗଲେ, ସେଇ ମଦ ବୋତଲ କିଣିବାକୁ।" କହି ସାରି କୁନି ଜୋର୍‌ରେ କାନ୍ଦି ଉଠିଲା। ବୋଉ ତାର କୁନିକୁ କୋଳକୁ ଆଣି ଲୁହ ପୋଛିଦେଲା। କହିଲା–

'ତୁ କାନ୍ଦେନା ଲୋ। ଦେଖିବୁ ଏମିତି ହସିବୁ ଯେ ଲୁହ ଯେମିତି ତେତେ ଡରିଯିବ। ତୋ ପାଖରୁ ଦୂରକୁ ଚାଲିଯିବ। ତୁ ଆଜିଠାରୁ ହସିବୁ।' ଏତିକି କହି କୁନି ପାଇଁ ଆଣିଥିବା ନୂଆ ଜୋତା ତା' ହାତକୁ ଦେଇଦେଲା। କୁନି ଖୁସିରେ ହସି ହସି ଭୂଇଁରେ ଗଡ଼ିଗଲା। ସେହିଦିନଠାରୁ କୁନି ହସିଛି। କାନ୍ଦିବା ଭୁଲିଯାଇଛି କାରଣ ତା'ର ଅତି ପ୍ରିୟ ଜିନିଷ ଜୋତା ତା ପାଖରେ ଅଛି। ତାକୁ ପୁଣି ତା' ବୋଉ କିଣି ଦେଇଛି। ତା' ଗୋଡ଼ରେ ଆଉ କଣ୍ଟା କି କାଚ଼ ଫୁଟିବ ନାହିଁ। ଆଉ ଯିଏ ମଦ ପିଇ ତା' ଉପରକୁ ହାତ ଉଠେଇବ କୁନି ତାକୁ ଜୋତା ଉଠେଇବ। ଆଉ ମଦ ବୋତଲକୁ ଡରିବନି। ତା' ବୋଉ ପାଖରେ କୁନି ଶପଥ କଲା। ❑

*ଏନ୍‌-୪ - ୨୫୦*
*ଆଇ.ଆର୍.ସି. ଭିଲେଜ୍, ନୟାପଲ୍ଲୀ*

# ଅଭିମନ୍ୟୁଙ୍କ ରଚନାରେ ରସ

◆ ଡଃ ସୁବାସ ଚନ୍ଦ୍ର ଦାଶ

## ରସର ସଂଜ୍ଞା ଓ ସ୍ୱରୂପ

ଭାରତୀୟ ବାଙ୍‌ମୟରେ ରସ ହେଉଛି ପ୍ରାଚୀନତମ ସତ୍ତା। ରସର ବିଭିନ୍ନ ଆଭିଧାନିକ ଅର୍ଥ ରହିଛି, ଯଥା- ପଦାର୍ଥରସ (ଅମ୍ଳ, ତିକ୍ତ, କଷାୟ ପ୍ରଭୃତି), ଆୟୁର୍ବେଦ ରସ, ଭକ୍ତିରସ ଏବଂ ସାହିତ୍ୟରସ। ବିଶ୍ୱନାଥ କବିରାଜଙ୍କ ମତରେ ରସ ହେଉଛି କାବ୍ୟର ଆତ୍ମା, ଯଥା - "ବାକ୍ୟଂ ରସାତ୍ମକ କାବ୍ୟ"।।

ସାହିତ୍ୟ ଦର୍ପଣ ଗ୍ରନ୍ଥରେ ରସର ଏପରି ସଂଜ୍ଞା ସହିତ ତାର ସ୍ୱରୂପ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା ଦେଇଛନ୍ତି। ଅଗ୍ନି ପୁରାଣରେ ମଧ୍ୟ ରସକୁ କାବ୍ୟର ଜୀବନ ରୂପେ ଗ୍ରହଣ କରାଯାଇଛି, ଯଥା -

"ବାଗ ବୈଦରାଧ ପ୍ରଧାନେଽପି ରସ୍ ଏବାତ୍ର ଜୀବିତମ୍"।।

ମହିମ ଭଟ୍ଟ ତାଙ୍କର 'ବ୍ୟକ୍ତି ବିବେକ' ଗ୍ରନ୍ଥରେ ରସକୁ କାବ୍ୟର ଆତ୍ମା ସହିତ ସମ୍ମୀକୃତ କରି ଦେଇଛନ୍ତି। ଭୋଜରାଜ ରସର ଜଣେ ପ୍ରଧାନ ସମର୍ଥକ। ତାଙ୍କ ମତରେ "ଶୃଙ୍ଗାରୀ ଚେତ କବିଃ"।। ଏଠାରେ "ଶୃଙ୍ଗାରୀ" ହେଉଛି ରସଗ୍ରାହୀ ରସିକ।

କାବ୍ୟରେ ରସର ଅନ୍ୟନାମ କାବ୍ୟାନନ୍ଦ ଏବଂ ଏହା ବହ୍ମାନନ୍ଦର ସହୋଦର। ରସ ଶବ୍ଦର ବ୍ୟୁତ୍ପତ୍ତି ହେଉଛି - "ରସ୍ୟତେ ଇତି ରସଃ"।। ଅର୍ଥାତ୍ ଯାହାକୁ ଆସ୍ୱାଦନ କରାଯାଏ, ତାହା ରସ। ଅନ୍ୟ ଏକ ବ୍ୟୁତ୍ପତ୍ତି ହେଉଛି - "ସରତେ ଇତି ରସଃ", ଅର୍ଥାତ ଯାହା ବିଗଳିତ ବା ଦ୍ରବିତ ହୁଏ ତାହା ରସ।

ତୈତ୍ତିରୀୟ ଉପନିଷଦ୍‌ରେ ରସର ଯେଉଁ ଅର୍ଥ ଦିଆଯାଇଛି, ସେଥିରୁ ଜଣାଯାଏ ପ୍ରାଣତତ୍ତ୍ୱ ବା ସାର ସହିତ ସ୍ୱାଦର ସମ୍ପର୍କ ଅଛି। ରସରୁ ଋକ୍, ଯଜୁଃ ଏବଂ ସାମ ବେଦର ସୃଷ୍ଟି ହୋଇଛି ବୋଲି ଛାନ୍ଦୋଗ୍ୟ ଉପନିଷଦ୍‌ରେ ଉଲ୍ଲେଖ ଅଛି।

ପଣ୍ଡିତରାଜ ଜଗନ୍ନାଥ ଅଳଙ୍କାରକୁ କାବ୍ୟର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗ୍ରହଣ କରିଥିଲେ ମଧ୍ୟ ରସକୁ କାବ୍ୟର ପ୍ରାଣ ବୋଲି ଘୋଷଣା କରିଛନ୍ତି। କଠୋପନିଷଦ୍‌ରେ ରସକୁ ଇନ୍ଦ୍ରିୟ ଅନୁଭୂତ ମଧ୍ୟରେ ଶ୍ରେଷ୍ଠ ବୋଲି କୁହାଯାଇଛି। ନ୍ୟାୟଦର୍ଶନରେ ପଞ୍ଚ ଅନୁଭବ ମଧ୍ୟରେ ରସକୁ ଅନ୍ୟତମ ଭାବରେ ଗ୍ରହଣ କରାଯାଇଛି।

ନାଟ୍ୟଶାସ୍ତ୍ରର ପ୍ରଣେତା ଭରତ ହେଉଛନ୍ତି ରସ ସମ୍ପ୍ରଦାୟର ପ୍ରବର୍ତ୍ତକ। ଲୋଲ୍ଲଟ, ଶଙ୍କୁକ, ଅଭିନବଗୁପ୍ତ, ଭୋଜ, ମମ୍ମଟ, ବିଶ୍ୱନାଥ କବିରାଜ, ଭାନୁଦତ୍ତ ପ୍ରଭୃତି ଆଚାର୍ଯ୍ୟମାନେ ଏହି ସମ୍ପ୍ରଦାୟର ବିଶିଷ୍ଟ ବ୍ୟାଖ୍ୟାକାର।

ଅଳଙ୍କାର ଶାସ୍ତ୍ରରେ କୁହାଯାଇଛି -

"ବିଭାବାନୁ ଭାବବ୍ୟଭିଚାରି ସଂଯୋଗାତ୍ ରସ ନିଷ୍ପତ୍ତିଃ"।। ଏହାର ଅର୍ଥ ହେଉଛି ବିଭାବ, ଅନୁଭାବ, ବ୍ୟଭିଚାରୀ ଭାବ ସଂଯୋଗରୁ ରସର ନିଷ୍ପତ୍ତି ହୁଏ।

## ଅଳଙ୍କାରଶାସ୍ତ୍ରୀୟ ରସର ପ୍ରକାର ଭେଦ

ଅଳଙ୍କାର ଶାସ୍ତ୍ରରେ ନଅ ପ୍ରକାର ରସର ଉଲ୍ଲେଖ ଅଛି। ଯଥା -

୧. ଶୃଙ୍ଗାର ରସ
୨. ହାସ୍ୟ ରସ
୩. କରୁଣ ରସ
୪. ରୌଦ୍ର ରସ
୫. ବୀର ରସ
୬. ଭୟାନକ ରସ
୭. ବୀଭତ୍ସ ରସ
୮. ଅଦ୍ଭୁତ ରସ
୯. ଶାନ୍ତି ରସ

## ବୈଷ୍ଣବ ରସ ଓ ଅଳଙ୍କାରଶାସ୍ତ୍ରୀୟ ରସ ମଧ୍ୟରେ ସାମ୍ୟ ବୈଷମ୍ୟ:

ଅଳଙ୍କାର ଶାସ୍ତ୍ରର ଶୃଙ୍ଗାର ରସକୁ ବୈଷ୍ଣବ ଶାସ୍ତ୍ରର ମଧୁର ରସ ବା ଉଜ୍ଜ୍ୱଳ ରସ ଭାବରେ ଗ୍ରହଣ କରାଯାଇଛି। କେତେକ କ୍ଷେତ୍ରରେ ଏହାକୁ ଶୃଙ୍ଗାର ରସ ମଧ୍ୟ କୁହାଯାଉଛି। ବୈଷ୍ଣବଶାସ୍ତ୍ରର ମଧୁର ରସ ଛଡା କରୁଣ ରସ ଓ ଶାନ୍ତି ରସ ଗୁରୁତ୍ୱ ଗ୍ରହଣ କରଛି।

କିନ୍ତୁ ହାସ୍ୟରସ, ରୌଦ୍ର ରସ, ବୀର ରସ, ଭୟାନକ ରସ, ବୀଭତ୍ସ ରସ, ଅଦ୍ଭୁତ ରସ ଅତି ଗୌଣ ସ୍ଥାନ ଲାଭ କରିଛି। ବୈଷ୍ଣବଶାସ୍ତ୍ରରେ ଏହି ନଅଟି ରସ ଛଡା ଭକ୍ତି ରସ, ସଖ୍ୟ ରସ ଓ ବାତ୍ସଲ୍ୟ ରସ ଏହି ତିନୋଟି ଅଧିକ ରସ ରହିଛି। ତେଣୁ ଏହି ତିନୋଟି ରସରେ ତାଙ୍କର ସମସ୍ତ କାବ୍ୟ ପରିପୂର୍ଣ୍ଣ।

## ଅଭିମନ୍ୟୁଙ୍କ ରଚନାରେ ବିଭିନ୍ନ ରସର ଦୃଷ୍ଟାନ୍ତ

### ମଧୁର ରସ ବା ଉଜ୍ଜ୍ୱଳ ରସ

ଅଭିମନ୍ୟୁ ବୈଷ୍ଣବ କାବ୍ୟ ବିଦ୍‌ଗଧ ଚିନ୍ତାମଣି ଓ ପ୍ରେମ ଚିନ୍ତାମଣି ମଧୁର ରସ ବା ଉଜ୍ଜ୍ୱଳ ରସର ଦୃଷ୍ଟାନ୍ତ ରଖିଯାଇଛନ୍ତି।

ମଧୁର ରସର ଅନ୍ତର୍ଭୁକ୍ତ ପୂର୍ବରାଗ, ପ୍ରୟୋଗ ଶୃଙ୍ଗାର ଓ ବିପ୍ରଳୟ ଶୃଙ୍ଗାର ରସର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ନିଆଯାଇପାରେ -

**(କ) ସମ୍ଭୋଗ ଶୃଙ୍ଗାର** :

"ଆରମ୍ଭ ଦମ୍ଭ ଭାଳିଲା ନ ରହି ହୃଦରେ
ଆସକତ ପରି ତନୁ ହେଲା ଚିନ୍ତା-ଦରେ।
ଆସି କି ଅମୃତ ସର ପଡିଲା ମୁଖରେ ?
ଅସ୍ୱାଦନ୍ତି ରାଧାନାମ ସେ ବିଧିରେ ଖରେ।
ଆବେଶେ ଲେହନ୍ତି ଓଷ୍ଠ ସେ ନାମ ସ୍ୱାଦରେ
ଆଚ୍ଛନ୍ନ କରନ୍ତି ପୁଣି ଜାଣି ସ୍ନେହାଦରେ।।"

**(ଖ) ବିପ୍ରଲମ୍ଭ ଶୃଙ୍ଗାର**:-

"ତୋ ଆସିବା ଯାଏ ଆଉ ଥିବ କି ପରାଣ
ମିଛ କରି ନ ଘେନିବ ପକାଉଛି ରାଣ
ଦୂତ ଗୋ, କହ ସୁମନାରେ।
ମୋ ବାଧା ବାଧିବ ବୋଲି ଅଛି ଭାବନାରେ।।"

**ଶୃଙ୍ଗାର ରସ** :- ଶୃଙ୍ଗାର ରସ ସ୍ଥାୟୀ ଭାବ ହେଉଛି ରତି। ଅଭିମନ୍ୟୁ କାଳ୍ପନିକ ଓ ପୌରାଣିକ କାବ୍ୟ ମାନଙ୍କରେ ଶୃଙ୍ଗାର ରସ ଚମତ୍କାର ପରିବେଷଣ କରିଛନ୍ତି।

"ସଂଯୋଗ କରଛି ବିଧି
ତୋତେ ମୋତେ ପ୍ରଭୁ ସେବକ ପ୍ରାୟେ କରି
ସବୁ ପ୍ରକାରେ ମୋ ଗତି କିଶୋରୀ।
ଶରଣ ହେଲି ମୁଁ କାରଣ
ଗମନା କାରଣ କର ବିଚାରିରେ ସୁନ୍ଦରୀ!
ଶୁଣି ଏ ଚାଟୁ ବନେ କୁଶଳୀ
ଶୁଭଲକ୍ଷଣେ ଅଙ୍ଗୀକାର ଆଣିଲା
ସୀଉକାର ଜାଣି ରସିକ ହା ବନ୍ଧୁ
ବୋଲି ଆଲିଙ୍ଗନ କଲା ହେ! ସୁଜନ।"

**କରୁଣ ରସ** :- କାରୁଣ୍ୟ ଏହାର ସ୍ଥାୟୀ ଭାବ। ଅପମାନ, ବନ୍ଧୁହାନି, ପ୍ରିୟଜନ, ବିହ ଆଲମ୍ବନ ବିଭାବ।

"ଫାଟି ନ ଗଲୁ ତୁ ଦାରୁଣ ଛାତି
ପଥର ଠାରୁ ତ କଠୋର ରୀତି
ଘନ ସାର ଜିତ ଶୀତଳ ଦେହ
ନାଜ ନାଶ କରେ ତାପ ସମୂହ
ତାହା ପାସୋରିଲୁ
ତାପ ଅରଜିବା ପାଇଁ ରହିଲୁ।।"

**ରୌଦ୍ର ରସ** :- କ୍ରୋଧ ଏହାର ସ୍ଥାୟୀ ଭାବ। ଶତ୍ରୁକୃତ ଅପମାନ ଅପକାର, ଦାନ୍ତ କାମୁଡିବା, ଗର୍ଜନ, ମୁଖମଣ୍ଡଳର ଅରୁଣିମାଦି ଏହାର ଲକ୍ଷଣ। ଯଥା -

"ବକ ବକତ୍ର ଚିରିଲେ ଦ୍ୱିଫାଳ କରି
ଅଘ ଅଘମରକ୍ଷଣ ତାଲୁ ବିଦାରି।।"

**ବୀର ରସ** : - ଉତ୍ସାହ ଏହାର ସ୍ଥାୟୀଭାବ। ଶତ୍ରୁ, ଦୀନ, ଯାଚକ, ରୋମାଞ୍ଚ, ଗର୍ବପୂର୍ଣ୍ଣ ବାଣୀ, ଗର୍ବ, ଧୃତି, ଆବେଗ ଏହାର ଲକ୍ଷଣାଦି। ଯଥା -

"ପୂତନାମା ପୂତନା ମାରଣକୁ କଲେ
ଶକଟ ସଂକଟରୁ ନିଃଶଙ୍କେ ରଚିଲେ।।"

**ଅଦ୍‌ଭୁତ ରସ** : - ଆଶ୍ଚର୍ଯ୍ୟ ଏହାର ସ୍ଥାୟୀଭାବ। ମାୟା, ଇନ୍ଦ୍ରଜାଲ, ବିସ୍ମୟ, ସ୍ତମ୍ଭ, ସ୍ୱେଦ, ଶଙ୍କା, ଔତ୍ସୁକ୍ୟ ଏହାର ଲକ୍ଷଣାଦି। ଯଥା -

"ଲତାରେ ଫଳିତ ବେନି ଶଇଳ ସୁଫାଳ
କମଳରେ ବହୁଅଛି କାଳିନ୍ଦୀ ଜଳ
ବିଧୁର ଅରୁଣ ଅରୁଣରୁ ବିଧୁ ଜାତ
ତାପୁଁ କମ୍ପୁ କମ୍ପୁ ସ୍ୱେଦ ଦେଖି ବିଜନିତ।।"

**ଶାନ୍ତି ରସ** :- ନିର୍ବେଦ ବା ଶମ ଏହାର ସ୍ଥାୟୀ ଭାବ। ତୀର୍ଥାଟନ, ପୁରାଣ ଅଧ୍ୟୟନ, ବୈରାଗ୍ୟ ଜ୍ଞାନ, ଭଗବତ୍-ତତ୍ତ୍ୱଜ୍ଞାନ, ଧୃତି, ହର୍ଷ, ବିଜୟ ଏହାର ଲକ୍ଷଣାଦି। ଯଥା -

"ଐରାବତ ଗତ ଆଣିବାଦି ଭୋଗ ମୁକ୍ତି

ଐଶ୍ୱର୍ଯ୍ୟାଦିରେ ମୋ ଚିତ୍ତ ନୋହିବ ଆସକ୍ତି ହେ।।"

**ଭକ୍ତି ରସ** : - ଭକ୍ତି ଏହାର ସ୍ଥାୟୀ ଭାବ। କୃଷ୍ଣ, ରାମ, ରୁଦ୍ର ଆଦି ଦେବତା, ଦେବତା ମାନଙ୍କର ରୂପ ଦର୍ଶନ, ଗୁଣାବଳୀ କୀର୍ତ୍ତନ, ଔତ୍ସୁକ୍ୟ, ନିର୍ବେଦ ଆଦି ଏହାର ଲକ୍ଷଣ। ଯଥା -

"ଡାକି କହୁଛି ମୁଁ ରାଗମାର୍ଗ ଭକ୍ତଜନେ

ଡେରି କର୍ଣ୍ଣ ସସ୍ନେହତା କର ମୋ ବଚନେ ହେ।।"

**ବାତ୍ସଲ୍ୟ ରସ** : - ସ୍ନେହ ଏହାର ସ୍ଥାୟୀଭାବ। ପୁତ୍ର, କନ୍ୟା, ଶିଷ୍ୟ, ଶିଷ୍ୟା, କ୍ରୀଡା, କୌତୁକ, ହସଖୁସି, ହର୍ଷ, ଗର୍ବ, ଆବେଗ ଆଦି ଏହାର ଲକ୍ଷଣ। ଯଥା -

"ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ

ବାତ୍ସଲ୍ୟ ମମତା ଘେନି ଭାଳୁଛନ୍ତି ମାତ

କଳାମାଣିକରେ ମୋର କଳାମାଣିକ।।"

ଏହାବ୍ୟତୀତ ବୈଷ୍ଣବ କାବ୍ୟ ମାନଙ୍କରେ ଦାସ୍ୟଭକ୍ତି ଓ ସଖ୍ୟଭକ୍ତିକୁ ଦାସ୍ୟରସ ଓ ସଖ୍ୟରସ ଭାବରେ ଗ୍ରହଣ କରାଯାଇଥାଏ। ଶାନ୍ତ, ବାତ୍ସଲ୍ୟ, ଦାସ୍ୟ, ସଖ୍ୟ ଏହି ଚାରୋଟି ଭକ୍ତିକୁ କେହି କେହି ଭକ୍ତିରସର ଅନ୍ତର୍ଭୁକ୍ତ କରିଥାନ୍ତି। ସେ ଯାହାହେଉ, ଅଭିମନ୍ୟୁଙ୍କ ରଚନାରେ ଦାସ୍ୟରସ ଓ ସଖ୍ୟରସର ଉଦାହରଣ ମଧ୍ୟ ଦେଖିବାକୁ ମିଳିଥାଏ।

**ହାସ୍ୟ ରସ** : - "ମୁହିଁ ସେହି କାଳକୁ ଅନାଇ ଅନୁସରି

କୃପା ଅକୃପାର ଦୟା ନାହାନ୍ତି ତ କରି ହେ।।"

**ସଖ୍ୟ ରସ** : - ଶ୍ରଦ୍ଧା ଏହାର ସ୍ଥାୟୀଭାବ। ସଖା ଆଲମ୍ବନ ବିଭାବ। ସ୍ନେହଭରା ସଂଳାପ ଉଦ୍ଦୀପନ ବିଭାବ, ଆନନ୍ଦ ହେଉଛି ଅନୁଭାବ। ଆଗ୍ରହ, ଆବେଗ ଏହାର ବ୍ୟଭିଚାରୀ ଭାବ। ଯଥା -

"ଦିନେ ଛିନ୍ନେ ବନେ

ସଖାକୁ କହନ୍ତି ମୃଦୁବଚନେ।।"

ଉପସଂହାର

ବିଭିନ୍ନ ରସ ପରିବେଷଣରେ ଅଭିମନ୍ୟୁଙ୍କର ଦକ୍ଷତା ଥିଲେ ମଧ୍ୟ 'ପ୍ରେମ ଭକ୍ତି ରସ' ପରିବେଷଣ ଲାଗି ତାଙ୍କର ଥିଲା ଐକାନ୍ତିକ ନିଷ୍ଠା। ଏ 'ପ୍ରେମ ଭକ୍ତି ରସ' ହେଉଛି ମାଧୁର୍ଯ୍ୟର ସମିଶ୍ରିତ ଭକ୍ତିରସ।

ବିଦଗ୍ଧ ଚିନ୍ତାମଣିର ପ୍ରଥମ ଛନ୍ଦ ଏକାଦଶ ପଦରେ ସେ ନିଜର ଗୃଦୟ କଥା ଖୋଲି ଦେଇଛନ୍ତି -

"ଏମନ୍ତ ମହିମାବନ୍ତ ପ୍ରେମ ଭକ୍ତି ରସ

ଏକନିଷ୍ଠ ଅଭିମନ୍ୟୁ କବି କରେ ଆଶ।।"

ଗ୍ରନ୍ଥର ଛତ୍ରେ ଛତ୍ରେ ରସ ବରିବେଷଣ କରିବା ପାଇଁ ସେ ଏତେ ସଚେତନ ଯେ ବିଦଗ୍ଧ ଚିନ୍ତାମଣିର ବହୁ କ୍ଷେତ୍ରରେ ନିଜର ବ୍ୟକୁଳତା ପ୍ରକାଶ କରିଯାଇଛନ୍ତି -

"ଆନନ୍ଦେ କୋବିଦେ ପିଏ ଏ ରସ ଶ୍ରବଣେ।।"

ପୁନଶ୍ଚ "ରସ ବିଦୁଷେ ଏ କାନ୍ଦେ ରସ।।"

ପୁନଶ୍ଚ "ରସ ଆଦ୍ୟ ପ୍ରାନ୍ତେ ବାସ।।"

ପୁନଶ୍ଚ "ଧୀରେ ଶୁଣ କୃଷ୍ଣ ରସ ବାଣୀକି।।"

ପୁନଶ୍ଚ "ରସିକେ ରସବତୀ ରସ ରସିଣ ଶ୍ରବଣ କର ଦେଇ ମତି।।"

ବିଭିନ୍ନ ଛନ୍ଦର ପ୍ରଥମ ପଦରୁ ସେ ଏହି ଆହ୍ୱାନ ଶୁଣାଇଛନ୍ତି। ସମଗ୍ର ଛନ୍ଦରେ ରସ ପରିବେଷଣ ଆଭିମୁଖ୍ୟ ଥିବାରୁ ହିଁ କବିଙ୍କର ଏହିପରି ଆକୁଳ ଆହ୍ୱାନ। ରସିକ କବି ରସ ପରିବେଷଣ କରି ରସିକମାନଙ୍କୁ ରହିଁରେ ନିମଜ୍ଜିତ କରିବା ପାଇଁ ଉଦ୍ୟମ କରିଛନ୍ତି।

## ଗ୍ରନ୍ଥ ସୂଚୀ -

୧. *ଅଭିମନ୍ୟୁଙ୍କ କାବ୍ୟସୃଷ୍ଟି: ଏକ ତାତ୍ତ୍ୱିକ ଦୃଷ୍ଟି*, ୧୯୯୬

ସମ୍ପାଦକ- ଡ. ଶାଶ୍ୱତୀ ସୌମ୍ୟା ସାହୁ; ପ୍ରକାଶକ ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ-୨

୨. *ବିଦଗ୍ଧ ଚିନ୍ତାମଣି*, ୧୯୯୨

ସମ୍ପାଦକ- ଡ. ଦେବେନ୍ଦ୍ର ମହାନ୍ତି; ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହରୀ, କଟକ-୨

୩. *ଅଭିମନ୍ୟୁ କାବ୍ୟ-ଚର୍ଯ୍ୟା*, ୨୦୦୧

ସମ୍ପାଦକ- ସାରଳା ସାହିତ୍ୟ ସଂସଦ; ପ୍ରକାଶକ ଓଡିଶା ବୁକ୍ ଷ୍ଟୋର, ବିନୋଦବିହରୀ, କଟକ-୨

ବିଭାଗୀୟ ମୁଖ୍ୟ, ସଂସ୍କୃତ ବିଭାଗ,

ଉତ୍କଳ ବିଶ୍ୱବିଦ୍ୟାଳୟ

❑

# ରସ ସାଧନା

◆ ଡ. ଅଳକାନନ୍ଦା ପରିଡ଼ା

'ସୁଖାନୁରକ୍ତିଃ ପରମା ଜୈବୀ ବୃତ୍ତିଃ' । ପ୍ରତ୍ୟେକ ଜୀବ ସୁଖ ଚାହେଁ । ଏହା ପ୍ରତ୍ୟେକ ଜୀବର ଏକ ଜୈବୀ ବୃତ୍ତି । ମଣିଷ ଯାହା କିଛି କରୁନା କାହିଁକି ତା' ପଛରେ ସୁଖର ଏଷଣା ଥାଏ । କେହି ଯଦି ଲେଖା ପଢ଼ା ଶିଖୁଛି ବା ଚାକିରି କରୁଛି ବା ବ୍ୟବସାୟ କରୁଛି ତା' ପଛରେ ସୁଖର ଏଷଣା ରହିଛି । ପୁଣି କିଏ ହୁଏତ ଚୋରି ଡକାୟତି କରୁଛି ବା ନନ୍ଦନ ବିଜ୍ଞାନ ଚର୍ଚ୍ଚା କରୁଛି, ଅର୍ଥାତ୍ ଗୀତ, ବାଦ୍ୟ, ଛବି ଆଙ୍କିବା ଇତ୍ୟାଦି ନେଇ ମାତି ରହିଛି, ଅଥବା କିଏ ସବୁ କିଛି ଛାଡ଼ି ସନ୍ୟାସ ନେଇ ସାଧନା, ଭଜନ କରୁଛି, ଏସବୁ ପଛରେ ମଧ୍ୟ ସୁଖର ଏଷଣା ରହିଛି । ଏହି ସୁଖର ଏଷଣା ବା ଆଶା ନ ରହିଲେ ମଣିଷ ବଞ୍ଚିପାରେ ନାହିଁ । ତାର ଅସ୍ତିତ୍ୱ ବିପନ୍ନ ହୋଇପଡ଼େ । ବାସ୍ତବରେ ସବୁକିଛି ତା ପାଇଁ ଅତ୍ୟନ୍ତ କଷ୍ଟକର, ନୀରସ ହୋଇପଡ଼େ । ସେ ସେତେବେଳେ ଆତ୍ମହତ୍ୟା କରିବାକୁ ପଛାଏ ନାହିଁ ।

ସୁଖ କ'ଣ ? ଯାହାର ସଂସ୍କାର (ମାନସ ତରଙ୍ଗର ପ୍ରସୁପ୍ତ ରୂପ) ଯେଉଁ ଧରଣର, ସେ ଯଦି ଜଡ଼ବସ୍ତୁର ଅଥବା କୌଣସି ମାନସ ସତ୍ତାରୁ ତଦନୁରୂପ ତରଙ୍ଗର ସଂସ୍ପର୍ଶରେ ଆସେ, ସେତେବେଳେ ତା'ର ସ୍ନାୟୁକୋଷ ଓ ସ୍ନାୟୁତନ୍ତୁରେ ଏକ ପ୍ରକାର ସ୍ପନ୍ଦନ ଜାତ ହୁଏ । ସ୍ନାୟୁକୋଷର ଏହି ଅନୁରୂପ ସ୍ପନ୍ଦନ ହିଁ ତା'ର ମନର ସୁଖ । ଯଦି ସେ ବିପରୀତଧର୍ମୀ କୌଣସି ତରଙ୍ଗର ସଂସ୍ପର୍ଶରେ ଆସେ ସେତେବେଳେ ତା'ର ସ୍ନାୟୁକୋଷ ଓ ସ୍ନାୟୁତନ୍ତୁରେ ଏକ ପ୍ରକାର ପ୍ରତିକୂଳ ସ୍ପନ୍ଦନ ଜାତ ହୁଏ । ସ୍ନାୟୁକୋଷର ଏହି ପ୍ରତିକୂଳ ସ୍ପନ୍ଦନ ହିଁ ତା' ମନରେ ଦୁଃଖ ରୂପେ ପ୍ରତିଭାତ ହୁଏ । ଯେପରି, କେହି ମିଠା ଖାଇବାକୁ ଭଲପାଏ ତ ତା'ର ସଂସ୍କାର ମିଠାର ଅନୁକୂଳ । ତେଣୁ ମିଠା ପାଇଲେ ସେ ଖୁସି ହେବ । ହୁଏତ ସେ ଖଟା କିମ୍ବା ରାଗ ପସନ୍ଦ କରେ ନାହିଁ । ତେଣୁ ଖଟା କିମ୍ବା ରାଗ ତାକୁ ଖାଇବାକୁ ଦେଲେ ସେ ସୁଖ ପାଏ ନାହିଁ । ଯିଏ କେବେହେଲେ ମଦ ଖାଏ ନାହିଁ ତାକୁ ଯଦି ମଦ ଖାଇବାକୁ ଦିଆଯାଏ ସେ ପ୍ରଥମେ ତ ଖାଇ ପାରିବ ନାହିଁ । ସେ ହୁଏତ ମଦ ଗନ୍ଧରେ ବାନ୍ତି କରିଦେବ । କାରଣ, ତା'ର ଅର୍ଜିତ ସଂସ୍କାର ମଦ ସ୍ପନ୍ଦନର ଅନୁକୂଳ ନୁହେଁ । କିନ୍ତୁ ଜଣେ ମଦ୍ୟପ ଯଦି ମଦ ପାଏ ତା' ହେଲେ ସେ ଖୁବ୍ ଖୁସି ହେବ । କାରଣ, ତା'ର ଅର୍ଜିତ ସଂସ୍କାର ମଦ ସ୍ପନ୍ଦନର ଅନୁକୂଳ । ପରିବେଶରେ ପଡ଼ି ବା ବନ୍ଧୁ ବାନ୍ଧବଙ୍କ ପ୍ରଭାବରେ ପଡ଼ି କେହି ଯଦି ମଦ ଖାଇବାକୁ ବାଧ୍ୟ ହୁଏ ତାହେଲେ ପ୍ରଥମେ ତାକୁ ଖରାପ ଲାଗିଲେ ମଧ୍ୟ ଅଳ୍ପଦିନ ମଧ୍ୟରେ ସେ ମଦ ଖାଇବାର ଅଭ୍ୟସ୍ତ ହୋଇଯିବ ଏବଂ ଥରେ ଅଭ୍ୟସ୍ତ ହୋଇଗଲେ ବା ନିଶାଗ୍ରସ୍ତ ହୋଇଗଲେ ହୁଏତ ସେ ଆଉ ସହଜରେ ମଦ ଛାଡ଼ିପାରିବ ନାହିଁ । କାରଣ, ବହୁଦିନର ଅଭ୍ୟାସ ଫଳରେ ତା'ର ସ୍ନାୟୁକୋଷ, ସ୍ନାୟୁତନ୍ତୁ ମଦର ସ୍ପନ୍ଦନ ଦ୍ୱାରା ପ୍ରଭାବିତ ହୋଇପଡ଼ନ୍ତି ଏବଂ ଅନୁରୂପ ସଂସ୍କାର ଗଢ଼ିଉଠେ । ସେତେବେଳେ ମଦ ପାଇଲେ ସେ ଖୁସି ହେବ । ଜଣେ ମଦ୍ୟପକୁ ଯଦି ଦୁଧ ଏବଂ ମଦ ଏକା ସାଙ୍ଗରେ ଦିଆଯାଏ, ସେ ମଦକୁ ହିଁ ବାଛିନେବ, ଦୁଧକୁ ନୁହେଁ, କହିବ, "ଧେତ୍ ଦୁଧରେ କିଛି ରସ ନାହିଁ, ମଜା ନାହିଁ ।" ତେଣୁ ଯେଉଁ ବସ୍ତୁ ତା ସଂସ୍କାରର ଅନୁକୂଳ ନୁହେଁ ସେଥିରୁ ସେ ମଜା ପାଏ ନାହିଁ । ପୁଣି ସେ ଯଦି ଅଭ୍ୟାସ ଦ୍ୱାରା ସେହି ବସ୍ତୁର ସ୍ପନ୍ଦରେ ଅନୁକୂଳ ମନର ସଂସ୍କାର ତିଆରି କରିପାରେ ତାହେଲେ ସେ ସେହି ବସ୍ତୁର ରସ ବା ମଜା ପାଇପାରେ । ଅର୍ଥାତ୍ କୌଣସି ବସ୍ତୁର ରସ ବା ମଜା ପାଇବା ନିଜର ସଂସ୍କାର ଉପରେ ନିର୍ଭର କରୁଛି ଏବଂ ଏହି ସଂସ୍କାର ମଣିଷ ତା' କର୍ମ ମାଧ୍ୟମରେ ତିଆରି କରେ । ମଣିଷ କର୍ମ ବିନା ବଞ୍ଚିପାରେ ନାହିଁ । ଆମେ ଖାଉ, କଥା କହୁ, ଚାଲୁ, ଦେଖୁ, ଶୁଣୁ, ଯାହା କିଛି କରୁନା କାହିଁକି, ତାହା ସବୁ ହିଁ କର୍ମ । ତେଣୁ ପ୍ରତି ମୁହୂର୍ତ୍ତରେ ଜ୍ଞାତସାରରେ ବା ଅଜ୍ଞାତସାରରେ ଆମେ ଅସଂଖ୍ୟ କର୍ମ କରିଚାଲିଛୁ ଓ ନୂଆ ନୂଆ ସଂସ୍କାର ସୃଷ୍ଟି କରିଚାଲିଛୁ । ଏହି ସଂସ୍କାର ଅନୁଯାୟୀ ମଣିଷ ମଣିଷ

ମଧ୍ୟରେ ସୁଖ ବା ଦୁଃଖ ଅନୁଭୂତିର ପାର୍ଥକ୍ୟ ଦେଖାଯାଏ। କିନ୍ତୁ ପ୍ରତ୍ୟେକ ମଣିଷ ସୁଖ ଚାହେଁ। ଯେଉଁ ବସ୍ତୁର ସେ ରସ ଆହରଣ କରିପାରେ ନାହିଁ, ଅର୍ଥାତ୍ ମଜା ପାଏ ନାହିଁ, ସେହି ବସ୍ତୁକୁ ସେ ଚାହେଁ ନାହିଁ, ତାହାଠାରୁ ସେ ଦୂରେଇ ରହିବାକୁ ଚାହେଁ।

ଠିକ୍ ସେହିପରି ନିଜର ମାନସ-ତରଙ୍ଗ ଅନ୍ୟର ମାନସ-ତରଙ୍ଗର ଅନୁକୂଳ ହେଲେ ତା'ର ସାନ୍ନିଧ ସେ ପାଇବାକୁ ଚାହେଁ, ତାକୁ ପାଖରେ ପାଇଲେ ଛାଡ଼ିବାକୁ ଇଚ୍ଛା କରେ ନାହିଁ। ପ୍ରିୟଜନର ବିରହ କେହି ବି ଚାହେଁ ନାହିଁ। କିନ୍ତୁ ଅନ୍ୟର ମାନସ-ତରଙ୍ଗ ଯଦି ନିଜର ମାନସ-ତରଙ୍ଗର ଅନୁକୂଳ ନ ହୁଏ ସେତେବେଳେ ସେ ତା' ପାଖରୁ ଦୂରେଇ ରହିବାକୁ ଚାହେଁ, ପାଖକୁ ଆସିଲେ ମଧ୍ୟ ମନେହୁଏ ଲୋକଟା ଚାଲିଗଲେ ଭଲ। ଅର୍ଥାତ୍, ବିପରୀତଧର୍ମୀ ମାନସ-ତରଙ୍ଗର ସାନ୍ନିଧ ସେ ଚାହେଁ ନାହିଁ। କାରଣ, ତା'ର ସାନ୍ନିଧରୁ ସେ ସୁଖ ପାଏ ନାହିଁ, ରସ ପାଏ ନାହିଁ।

ମଣିଷ ଏହି ଜଡ଼ ବସ୍ତୁରୁ ବା ଖଣ୍ଡ ସତ୍ତାରୁ ଯେଉଁ ରସ ପାଏ ତାହା କ୍ଷଣିକ। କାରଣ, ଖଣ୍ଡବସ୍ତୁ କିଛି ସମୟ ମଧ୍ୟରେ ଶେଷ ହୋଇଯାଏ ଅଥବା ସେ ତା'ର ସୀମିତ କ୍ଷମତା ଦ୍ୱାରା ବେଶି ସମୟ ବା ଅନେକ ଜଡ଼ବସ୍ତୁକୁ ଗ୍ରହଣ କରିପାରେ ନାହିଁ। କିନ୍ତୁ ମଣିଷର ମନର କ୍ଷୁଧା ଅନନ୍ତ। ସେହି ଅନନ୍ତ କ୍ଷୁଧାକୁ ସୀମିତ ବସ୍ତୁରେ ବା ସୀମିତ ଗ୍ରହଣ କ୍ଷମତା ଦ୍ୱାରା ତୃପ୍ତ କରାଯାଇପାରିବ ନାହିଁ। ତେଣୁ ସେ ଆହୁରି କିଛି ଖୋଜେ ଯାହା ସହଜରେ ଶେଷ ହେବ ନାହିଁ, ଯାହାକୁ ସେ ଦୀର୍ଘ ସମୟ ଧରି ରଖିପାରିବ। ଏହି ଖୋଜିବାରୁ ହିଁ ନନ୍ଦନ ବିଜ୍ଞାନର ସୃଷ୍ଟି। ମଣିଷ ନାଚ୍, ଗୀତ, ଛବି ଆଙ୍କିବା, ସାହିତ୍ୟ, ଖେଳ, ତାମସା ଇତ୍ୟାଦି ମାଧ୍ୟମରେ ତା ମନର ଅନନ୍ତ କ୍ଷୁଧାର ନିବୃତ୍ତି ପାଇଁ ଚେଷ୍ଟା କରିଥାଏ। ଏଠାରେ ମଧ୍ୟ ମଣିଷ ତା' ସଂସ୍କାର ଅନୁଯାୟୀ ବିଭିନ୍ନ ନାନ୍ଦନିକ ଅଭିବ୍ୟକ୍ତିରୁ ତା' ମନର ରସ ପାଏ। ମନେକର, କେଉଁଠାରେ ହୁଏତ ଧର୍ମାଲୋଚନା ବା ଶାସ୍ତ୍ରୀୟ ସଙ୍ଗୀତର ଆସର ବସିଚି। ଦେଖାଯିବ, କେତେଜଣ ମୁଷ୍ଟିମେୟ ଲୋକ ସେଠାରେ ବସିଛନ୍ତି। ପୁଣି ଯଦି କେଉଁଠାରେ ଡିସ୍କୋ ବା ପପ୍ ଗୀତର ଆସର ବସେ ସେଠାରେ ଲୋକଙ୍କୁ ଜାଗା ଦେବା ମଧ୍ୟ କଠିନ ହୋଇପଡ଼େ। କାରଣ, ସାଧାରଣ ମଣିଷ ସୂକ୍ଷ୍ମ ଧର୍ମାଲୋଚନା ବା ଶାସ୍ତ୍ରୀୟ ସଙ୍ଗୀତରୁ ରସ ଆସ୍ୱାଦନ କରିପାରନ୍ତି ନାହିଁ, ସେହି ଧରଣର ସଂସ୍କାର ସେମାନଙ୍କର ନଥାଏ। କିନ୍ତୁ ଅନୁକୂଳ ସଂସ୍କାର ହେତୁ ଡିସ୍କୋ ବା ପପ୍ ସଙ୍ଗୀତର ସ୍ଥୂଳ ରସକୁ ସେମାନେ ସହଜରେ ଗ୍ରହଣ କରିପାରନ୍ତି। ତେଣୁ ସେମାନେ ସହଜରେ ସେହି ଦିଗକୁ ଧାଇଁଯାଆନ୍ତି।

କିନ୍ତୁ ଏହି ନାନ୍ଦନିକ ଅଭିବ୍ୟକ୍ତି ମଧ୍ୟ ଅନନ୍ତ ନୁହେଁ, ତେଣୁ ତାହା ମଣିଷ ମନର ଅନନ୍ତ କ୍ଷୁଧା ତୃପ୍ତ କରିପାରେ ନାହିଁ। କିଛି ନ ପାଇବାର ବେଦନା ସବୁ ସମୟରେ ତା' ଭିତରେ ଗୁମୁରି ଉଠେ। ତେଣୁ ସେ କହିଉଠେ, "ଯାହା ଚାହେଁ ତାହା ପାଏ ନାହିଁ, ଯାହା ପାଏ ତାହା ଚାହେଁ ନାହିଁ।" କ'ଣ ପାଇଲେ, କେଉଁଠିକୁ ଗଲେ ଯେ ମନରେ ଶାନ୍ତି ପାଇବ ସେ ବୁଝିପାରେ ନାହିଁ। ସବୁ ସମୟରେ ସେ ଅନୁଭବ କରେ, "ଏଠାରେ ନୁହେଁ, ଏଠାରେ ନୁହେଁ, ଅନ୍ୟ କେଉଁଠାରେ, ଅନ୍ୟ କେଉଁଠାରେ।" ସେତେବେଳେ ଏକ ଅସୀମର ହାତଠାର ତାକୁ ଡାକି ଦେଇଯାଏ। ସସୀମକୁ ଛାଡ଼ି ଅସୀମକୁ ଖୋଜିବାକୁ ସେ ବାହାରି ପଡ଼େ। ସେ ବୁଝିପାରେ ଯେ କେହି ଜଣେ ଅଛନ୍ତି ଯିଏ ଅସୀମ, ଅନନ୍ତ, ଯିଏ ଏହି ରୂପ-ରସ ଭରା ସୁନ୍ଦର ଜଗତ ସୃଷ୍ଟି କରିଛନ୍ତି। ଏକମାତ୍ର ତାଙ୍କୁ ପାଇଲେ ହୁଏତ ମନର ସମସ୍ତ ତୃଷ୍ଣାର ନିବୃତ୍ତି ହୋଇପାରିବ। ମଣିଷ ସେତେବେଳ ସେହି ଅନନ୍ତ ସତ୍ତାକୁ ପାଇବାକୁ ଚାହେଁ, ତାଙ୍କୁ ଭଲପାଏ। ସେ ସସୀମ ଭିତରେ ଅସୀମକୁ ଖୋଜି ବୁଲେ। ସୀମାର ବନ୍ଧନ ଛିଣ୍ଡାଇ ଅସୀମ ପଥରେ ପାଦ ବଢ଼ାଏ।

ମଣିଷର ଏହି ଜଡ଼ବସ୍ତୁ ବା ଖଣ୍ଡ ସତ୍ତା ପ୍ରତି ଯେଉଁ ଆସକ୍ତି ବା ଭଲପାଇବା, ତାହା ହେଲା କାମ ଏବଂ ଅଖଣ୍ଡ, ଅନନ୍ତ ସତ୍ତା ପ୍ରତି ଯେଉଁ ଆକର୍ଷଣ ବା ଭଲ ପାଇବା, ତାହା ହେଉଛି ପ୍ରେମ ବା ଭକ୍ତି। 'ପରାନୁରକ୍ତି ସା ଭକ୍ତି'। ପରମପୁରୁଷଙ୍କ ପ୍ରତି ଯେଉଁ ଅନୁରକ୍ତି ବା ଆକର୍ଷଣ ତାକୁ ଭକ୍ତି କହନ୍ତି। ମୁଁ ପରମପୁରୁଷଙ୍କୁ କାହିଁକି ବା ଭଲପାଏ ?

କାରଣ, ତାଙ୍କୁ ଭଲପାଇବାରେ ମୋର ଆନନ୍ଦ। ତେଣୁ ତାଙ୍କୁ ଭଲପାଏ। ଯେପରି ପିତା ପୁତ୍ରକୁ ଭଲପାଏ। କାରଣ, ପୁତ୍ରକୁ ଭଲପାଇବାରେ ହିଁ ଆନନ୍ଦ, ତେଣୁ ସେ ଭଲପାଏ। ସେହିପରି ପୁତ୍ର ମଧ୍ୟ ପିତାକୁ ଭଲପାଏ। ଜଣଙ୍କର ମାନସ-ତରଙ୍ଗ ଅନ୍ୟର ମାନସ-ତରଙ୍ଗର ଅନୁକୂଳ ହେବା ଫଳରେ ଜଣେ ଅନ୍ୟକୁ ଭଲପାଏ ଏବଂ ନିଜକୁ ଭଲଲାଗେ ବୋଲି ଭଲପାଏ। କିନ୍ତୁ କୌଣସି କାରଣରୁ ସେମାନଙ୍କର ମାନସ-ତରଙ୍ଗର ପ୍ରତିକୂଳତା ଦେଖାଦେଲେ ଜଣଙ୍କ ପାଖରେ ଅନ୍ୟ ଜଣଙ୍କର ଉପସ୍ଥିତି ଦୁଃଖଦାୟକ ହୋଇଉଠେ ଏବଂ ଏହି ପ୍ରତିକୂଳତା ଚରମ ଅବସ୍ଥାରେ ପହଞ୍ଚିଲେ ପିତା ପୁତ୍ରର ବିଚ୍ଛେଦ ଘଟେ। ତେଣୁ ଭଲଲାଗିବା ମାନସିକ ସ୍ପନ୍ଦନ ଉପରେ ନିର୍ଭର କରେ।

"ପରମପୁରୁଷ ବିଶ୍ୱବ୍ରହ୍ମାଣ୍ଡର ପ୍ରାଣକେନ୍ଦ୍ରରୁ ତାଙ୍କ ଇଚ୍ଛାନୁଯାୟୀ ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ମାଧ୍ୟମରେ ଅସଂଖ୍ୟ ତରଙ୍ଗରାଜି ସୃଷ୍ଟି କରିଚାଲିଛନ୍ତି। ଗୋଟିଏ ଗୋଟିଏ ତରଙ୍ଗ ଗୋଟିଏ ଗୋଟିଏ ଜୈବିକ ଅଥବା ପ୍ରାକୃତିକ ଅଭିବ୍ୟକ୍ତି। ପୋଖରୀ ମଝିରେ ଢେଲା ପକାଇଲେ ଯେପରି ଗୋଟିଏ ପରେ ଗୋଟିଏ ତରଙ୍ଗ ବହିଯାଏ। ଗୋଟିଏ ତରଙ୍ଗ ନୁହେଁ, ଅଜସ୍ର ଦିଗରୁ ଅଜସ୍ର ତରଙ୍ଗ। ଏହି ତରଙ୍ଗକୁ 'ଦେବ' କହନ୍ତି ଏବଂ ଯେଉଁ ଆଧାରରେ ଏହି ତରଙ୍ଗ ବହି ଚାଲିଛି ତାକୁ 'ରସ' କହନ୍ତି। ତେଣୁ ପରମପୁରୁଷଙ୍କୁ ରସିକ କୁହାଯାଏ ଏବଂ ଏହି ରସପ୍ରବାହ ବା ରସର ଧାରା ହେଉଛି ରସ ସମୁଦ୍ର। ପରମପୁରୁଷ ଏହି ରସ ସମୁଦ୍ରରେ ପ୍ରବାହ ସୃଷ୍ଟି କରିଚାଲିଛନ୍ତି ଏବଂ ଏହି ତରଙ୍ଗ ସମୂହକୁ ନେଇ ତାଙ୍କର ଯେଉଁ ଲୀଳା, ତାକୁ ହିଁ କହନ୍ତି ରାସଲୀଳା। ଅନାଦିକାଳରୁ ଅନନ୍ତକାଳ ପର୍ଯ୍ୟନ୍ତ ପରମପୁରୁଷଙ୍କର ଏହି ରାସଲୀଳା ଚାଲିଛି, ଭବିଷ୍ୟତରେ ମଧ୍ୟ ଚାଲୁଥିବ ଏବଂ ପ୍ରତ୍ୟେକ ମଣିଷକୁ ସ୍ୱଇଚ୍ଛାରେ ହେଉ କିମ୍ବା ଅନିଚ୍ଛାରେ ହେଉ, ସେହି ତରଙ୍ଗର ଢେଉ ଅନୁଯାୟୀ ନାଚିବାକୁ ହେବ।"

ପରମପୁରୁଷଙ୍କର ମାନସ ଚିନ୍ତା ତାଙ୍କର 'ସ୍ୱ-ରସ'। ଜୀବର ବିଭିନ୍ନ ଚିନ୍ତା ଫଳରେ ତା ମନରେ ଯେଉଁ ମାନସିକ ତରଙ୍ଗ ସୃଷ୍ଟି ହୁଏ, ତାହା ହେଉଛି ଜୀବର 'ସ୍ୱ-ରସ'। ଏହି ସ୍ୱ-ରସଗତ ପାର୍ଥକ୍ୟ ପାଇଁ ଗୋଟିଏ ଜୀବ ଅନ୍ୟ ଜୀବ ଠାରୁ ପୃଥକ୍। ଜୀବ ନିଜର ସ୍ୱ-ରସ ଅନୁଯାୟୀ ଚାଲିବାକୁ ଚାହେଁ, ନିଜର ଚିନ୍ତାଧାରା ଓ କର୍ମ ପଦ୍ଧତିରେ ତାର ସ୍ୱ-ରସ ଅନୁସାରେ ପରିଚାଳିତ ହୋଇଥାଏ। ତେଣୁ ଜଣଙ୍କ ସହିତ ଅନ୍ୟଜଣଙ୍କର ଚିନ୍ତାରେ, କର୍ମରେ ଓ ଜୀବନଧାରାରେ ଏତେ ବୈଚିତ୍ର୍ୟ, ଏତେ ବିଭିନ୍ନତା ଦେଖାଯାଏ। ଉଦାହରଣ ସ୍ୱରୂପ, କେହି ରାସ୍ତାରେ ଚାଲିଗଲେ ଜଣେ ମୋଚି ତା'ର ପାଦ ଆଡ଼କୁ ଚାହିଁବ, ଧୋବା ତା'ର ପୋଷାକ ଦେଖିବ ଏବଂ ବାରିକର ଦୃଷ୍ଟି ତା'ର ମୁଣ୍ଡ ଆଡ଼କୁ ପଡ଼ିବ। ଦୃଷ୍ଟିଭଙ୍ଗୀର ଏହି ଭିନ୍ନତା ଏହି ସ୍ୱ-ରସ ପାଇଁ ହୋଇଥାଏ। ପରମପୁରୁଷଙ୍କର ସ୍ୱ-ରସ ସହିତ ସାମଞ୍ଜସ୍ୟ ରଖି ପ୍ରତ୍ୟେକ ଜୀବର ସ୍ୱ-ରସ ସୃଷ୍ଟି ହୁଏ। ତେଣୁ ପ୍ରତ୍ୟେକ ଜୀବର ସ୍ୱ-ରସ ପରମପୁରୁଷଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ନିୟନ୍ତ୍ରିତ ହୋଇଥାଏ। ବ୍ୟକ୍ତିର ସ୍ୱ-ରସ ଯଦି ପରମପୁରୁଷଙ୍କର ସ୍ୱ-ରସ ସହିତ ସାମଞ୍ଜସ୍ୟ ରକ୍ଷା ନ କରେ, ତାହେଲେ ତା'ର ଇଚ୍ଛା କେବେହେଲେ ବି ପୂରଣ ହେବ ନାହିଁ। ତେଣୁ ଭୂମା-ତରଙ୍ଗ ସହିତ ଜୀବ ଇଚ୍ଛାର ସାମଞ୍ଜସ୍ୟ ନ ରହିଲେ ସେ କର୍ମରେ ସଫଳତା ପାଇବ ନାହିଁ।

କି ହେବ ଇଚ୍ଛାୟ ଇଚ୍ଛାତେ କି ହୟ
କୃଷ୍ଣ ଇଚ୍ଛା ବିନା ଫଳ ଫଳେନା।

ମଣିଷ ଯେତେବେଳେ ପରମପୁରୁଷଙ୍କ ପ୍ରେମର ବନ୍ଧନରେ ବନ୍ଧାପଡ଼େ, ସେତେବେଳେ ସେ ପରମ ପୁରୁଷଙ୍କର ସ୍ୱଭାବ ଜାଣିଯାଏ ଏବଂ ସେହିଭଳି ମଣିଷ ତା'ର ନିଜର ଭାବକୁ ପରମପୁରୁଷଙ୍କ ଭାବ ସହିତ ମିଶାଇ ଦେବାକୁ ଚେଷ୍ଟା କରେ। ତେଣୁ ରସ ସାଧନାର ମୂଳ କଥା ହେଉଛି ନିଜର ଇଚ୍ଛାକୁ ପରମପୁରୁଷଙ୍କ ନିକଟକୁ ପ୍ରସାରିତ କରିଦେବା। ଯେଉଁ ମଣିଷ ତାର ମାନସ-ତରଙ୍ଗ ବା ଇଚ୍ଛାକୁ, ପରମପୁରୁଷଙ୍କ ମାନସ-ତରଙ୍ଗ ସହିତ, ଅର୍ଥାତ୍ ତାଙ୍କ ରସ ପ୍ରବାହ ସହିତ ମିଶାଇ ଦେବାର ପ୍ରୟାସରେ ରତ ରହିଛି, ସେ ସେହି ରସ ଆସ୍ୱାଦନ କରି ଧନ୍ୟ ହୋଇଯାଏ।

ଗୋପୀ ଦରଶନେ କୃଷ୍ଣେର ଯେ ଆନନ୍ଦ ହୟ
ତଦପେକ୍ଷା କୋଟି ଗୁଣ ଗୋପୀ ଆସ୍ୱାଦୟ।

"ପରମପୁରୁଷଙ୍କୁ ଭଲପାଇଲେ ଯେତିକି ଆନନ୍ଦ ପରମପୁରୁଷ ପାଆନ୍ତି ତା'ଠାରୁ ଅନେକ ଗୁଣ ବେଶି ଆନନ୍ଦ ପାଏ ଭକ୍ତ, ତେଣୁ ଭକ୍ତ ପରମପୁରୁଷଙ୍କୁ ଭଲପାଏ।"

"ମୁଁ ପରମପୁରୁଷଙ୍କୁ ଭଲପାଏ କାରଣ, ତାଙ୍କୁ ଭଲପାଇଲେ ମୋତେ ଭଲ ଲାଗେ"- ଏହା ହେଉଛି ଭକ୍ତିମାର୍ଗର ପ୍ରଥମ ସ୍ତର-ରାଗାନୁଗା ଭକ୍ତି। ସାଧକ ଏଠାରେ ପରମପୁରୁଷଙ୍କର ରସ ଆସ୍ୱାଦନ କରି ଆଗେଇ ଚାଲେ, ଆନନ୍ଦ ଲାଭ କରି ଆଗେଇ ଚାଲେ। ଏହି ଭାବକୁ 'ବ୍ରଜ ଭାବ' କହନ୍ତି। ଏହି ବ୍ରଜଭାବରେ ଚାଲୁ ଚାଲୁ ଗୋଟିଏ ସମୟରେ ସାଧକ ଅନୁଭବ କରେ ଯେ ମୁଁ ଆନନ୍ଦ ପାଏ ବା ନ ପାଏ ସେଥିରେ ମୋର କିଛି ଯାଏ ଆସେ ନାହିଁ, କିନ୍ତୁ ମୁଁ ଚାହେଁ, ସେ ଆନନ୍ଦ ପାଆନ୍ତୁ। ମୁଁ ଏଭଳି କାର୍ଯ୍ୟ କରିବି ଯାହା ଦେଖି ସେ ଆନନ୍ଦ ପାଇବେ। ଏହି କାର୍ଯ୍ୟ କରିବାରେ ମୋର ପାଦ ଯଦି କଣ୍ଟକିତ ହୁଏ, ମୁଁ ସେହି କ୍ଳେଶ ବରଣ କରିବାକୁ ପ୍ରସ୍ତୁତ। କିନ୍ତୁ ମୋର ପରମପୁରୁଷ ଆନନ୍ଦ ପାଆନ୍ତୁ, ଏହା ହିଁ ହେଉଛି ଭକ୍ତି ସାଧନାର ଚରମ ସ୍ତର। ଏହାକୁ ରାଗାତ୍ମିକା ଭକ୍ତି କହନ୍ତି। ଏଠାରେ ସାଧକକୁ 'ଗୋପ' କୁହାଯାଏ। ସଂସ୍କୃତ ଭାଷାରେ 'ଗୋପ' ଶବ୍ଦର ଅର୍ଥ ଆନନ୍ଦ ଦେବା। 'ଗୋପୟତେ ଯଃ ସଃ ଗୋପଃ'। ପରମପୁରୁଷଙ୍କୁ ଆନନ୍ଦ ଦେବା ଯାହାର ଏକମାତ୍ର ବ୍ରତ ତାକୁ ଗୋପ କହନ୍ତି।

ସାଧକ ଯେତେବେଳେ ବୁଝିପାରେ ଯେ ଏହି ଜଗତରେ ଖାଇବା ଓ ପିନ୍ଧିବା କିଛି ବି ଚରମ ନୁହେଁ, ଏକମାତ୍ର ପରମପୁରୁଷ ହିଁ ସାରସତ୍ତା, ମୁଁ କେବଳ ତାଙ୍କ ନିକଟକୁ ଛୁଟିଯିବି। ମନ ଯେତେବେଳେ ଏହି ଧରଣର ଅତି ସୂକ୍ଷ୍ମ ସତ୍ତରେ ପହଞ୍ଚିଯାଏ, ସେତେବେଳେ ସେହି କେନ୍ଦ୍ରୀଭୂତ ମନ ପରମପୁରୁଷଙ୍କ ନିକଟକୁ ଛୁଟିଚାଲେ, ତାକୁ 'ରାଧା' କହନ୍ତି। ଏହି ଅବସ୍ଥାରେ ସେ ଅନୁଭବ କରେ ଯେ କୃଷ୍ଣଙ୍କୁ, ପରମପୁରୁଷଙ୍କୁ ନ ପାଇଲେ ମୋର ଅସ୍ତିତ୍ୱ ମୂଲ୍ୟହୀନ, କୃଷ୍ଣଙ୍କୁ ନ ପାଇଲେ ମୁଁ ଆଉ ତିଳେମାତ୍ର ବଞ୍ଚିପାରିବି ନାହିଁ- ଏହି ମାନସିକତାର ନାମ ହେଉଛି ରାଧା ମାନସିକତା। ଅର୍ଥାତ୍, କୃଷ୍ଣଙ୍କ ଆରାଧନା ବ୍ୟତୀତ ସେ ଆଉ କିଛି ଜାଣେ ନାହିଁ। ଏହି ଯେଉଁ ଚରମ ଭାବକୁ ରାଧାଭାବ କହନ୍ତି। ଏଠାରେ ପରମପୁରୁଷଙ୍କର ଆରାଧନା ହିଁ ସବୁଠାରୁ ବଡ଼ କଥା। ଏହି ରାଧା ମାନସିକତାର ଚରମ ବିକାଶ ବ୍ରଜବାସୀମାନଙ୍କ ମଧ୍ୟରେ ଘଟିଥିଲା। ଉଦାହରଣ ସ୍ୱରୂପ, ଥରେ ନାରଦଙ୍କ ମନରେ ଅହଙ୍କାର ଆସିଲା ଯେ ତାଙ୍କ ପରି ବଡ଼ ଭକ୍ତ ଆଉ କେହି ନାହିଁ। ସେ ସବୁ ସମୟରେ ହିଁ କେବଳ ଶ୍ରୀକୃଷ୍ଣଙ୍କର ଗୁଣ ଗାନ କରି ବୁଲନ୍ତି। ପରମପୁରୁଷଙ୍କ ଗୋଟିଏ ନାମ ଦର୍ପହାରୀ। ସେ କାହାର ଅହଙ୍କାର ସହ୍ୟ କରନ୍ତି ନାହିଁ। ତେଣୁ ଦିନେ ଶ୍ରୀକୃଷ୍ଣ ନାରଦଙ୍କୁ ଶିକ୍ଷାଦେବା ପାଇଁ ଶିରପୀଡ଼ାର ବାହାନା କରି ନାରଦଙ୍କୁ କହିଲେ, "ଦେଖ ମୁଁ ଶିରପୀଡ଼ାରେ ଅତ୍ୟନ୍ତ କଷ୍ଟ ପାଉଛି। ଯଦି କୌଣସି ଭକ୍ତ ତା'ର ଚରଣଧୂଳି ମୋର ମୁଣ୍ଡରେ ଲଗାଇ ଦିଏ ତା'ହେଲେ ଏହି ଶିରପୀଡ଼ା ଭଲ ହେବ, ନହେଲେ ଭଲ ହେବ ନାହିଁ। ତେଣୁ ତୁମେ ଯେଉଁଠାରୁ ହେଉନା କାହିଁକି, କୌଣସି ଭକ୍ତର ଚରଣଧୂଳି ନେଇଆସ।" ଶ୍ରୀକୃଷ୍ଣଙ୍କର କଥାରେ ନାରଦ ମହା ବିପଦରେ ପଡ଼ିଲେ। କାରଣ, କୌଣସି ଭକ୍ତ ପ୍ରଭୁଙ୍କୁ ତା'ର ଚରଣଧୂଳି ଦେବାକୁ ରାଜି ନୁହେଁ, ଏପରିକି ନାରଦଙ୍କ ମୁହଁରୁ ଏହି ପାପ କଥା ଶୁଣିବାକୁ ମଧ୍ୟ ସେମାନେ ରାଜି ନୁହଁନ୍ତି। ସବୁ ଜାଗାରେ ସବୁ ବଡ଼ ବଡ଼ ଭକ୍ତମାନଙ୍କ ନିକଟରୁ ବିଫଳ ମନୋରଥ ହୋଇ ଶେଷରେ ବୃନ୍ଦାବନରେ ବ୍ରଜବାସୀମାନଙ୍କ ନିକଟରେ ଆସି ନାରଦ ତାଙ୍କର ଆକୁଳ ନିବେଦନ ଜଣାଇଲେ। ନାରଦଙ୍କ କଥା ଶୁଣି ବ୍ରଜବାସୀମାନଙ୍କର ଦୁଇ ନୟନରୁ ଝର ଝର ହୋଇ ଲୁହ ଝରିବାକୁ ଲାଗିଲା। ସେମାନେ କହିଲେ, "ହେ ମହାମୁନି! ଆମ୍ଭେମାନେ ଭକ୍ତ କି ନୁହଁ ଜାଣି ନାହୁଁ। କାରଣ, କେହି ଆମ୍ଭମାନଙ୍କୁ କୌଣସି ଦିନ ଭକ୍ତ କହିଛି, ତାହା ଶୁଣି ନାହୁଁ। ତେବେ ଆମ୍ଭେମାନେ ପାପକୁ ଭୟ କରୁନାହୁଁ। ଆମ୍ଭମାନଙ୍କର ଚରଣଧୂଳିରେ ଯଦି ପ୍ରଭୁଙ୍କର କଷ୍ଟ ଦୂର ହୋଇଯାଏ, ତେବେ ନେଇଯାଅ ଆମର ଚରଣଧୂଳି।" ବ୍ରଜବାସୀମାନଙ୍କର ଏହି ମାନସିକତା ହିଁ ହେଉଛି ଗୋପୀଭାବ, ଅର୍ଥାତ୍ ପରମପୁରୁଷଙ୍କୁ ଆନନ୍ଦ ଦେବା ସେମାନଙ୍କର ଜୀବନର ଲକ୍ଷ୍ୟ ଏବଂ ପରମପୁରୁଷଙ୍କୁ ଆନନ୍ଦ ଦେବାକୁ ଯାଇ ଯଦି ସହସ୍ର ବାଧାର ସମ୍ମୁଖୀନ ହେବାକୁ

ପଡ଼େ, କଷ୍ଟ ପାଇବାକୁ ହୁଏ ସେଥିରେ ସେମାନଙ୍କର ଦୁଃଖ ନାହିଁ। କାରଣ, ସେମାନଙ୍କ କାର୍ଯ୍ୟରେ ପରମପୁରୁଷ ଆନନ୍ଦ ପାଉଛନ୍ତି। ଏହି ଗୋପୀଭାବ ମଧ୍ୟରେ ସାଧକ ମନରେ ରାଧାଭାବ ଜାଗ୍ରତ ହୋଇଉଠେ। ସେ ସେତେବେଳେ ଏକାଗ୍ର ଚିତ୍ତରେ ପରମପୁରୁଷଙ୍କ ନିକଟକୁ ଛୁଟିଚାଲେ। ଶ୍ରୀକୃଷ୍ଣଙ୍କର ବଂଶୀ ଯେ ତାକୁ ଡାକୁଛି।

ଛୁଟେ ଯେ ଜନ ବାଂଶୀର ଟାନେ
ସେ କି ତାକାୟ ପଥେର ପାନେ।

ସାଧକ ଯେତେବେଳେ ଏହି ଭାବରେ ତା'ର ସବୁ କିଛି ଛାଡ଼ି ଏକମାତ୍ର ପରମପୁରୁଷଙ୍କ ନିକଟକୁ ଛୁଟିଯାଏ ସେତେବେଳେ ପରମପୁରୁଷ ମଧ୍ୟ ତାଙ୍କ ଭକ୍ତ ନିକଟରୁ ଆଉ ଦୂରେଇ ରହିପାରନ୍ତି ନାହିଁ। ସେ ତାକୁ ଦୁଇ ହାତରେ କୋଳେଇ ନିଅନ୍ତି। ତାକୁ ତା'ର ସମସ୍ତ ପାପରୁ, ସଂସ୍କାରରୁ ମୁକ୍ତ କରିଦିଅନ୍ତି। ତେଣୁ ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂବ୍ରଜ।
ଅହଂତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ।

ଅର୍ଥାତ୍ ଯାହାର ଯାହା କି ଅଛି, ଯାହା କିଛି ଶୁଣିଛ, ଶିଖିଛ, ତାକୁ ଭୁଲି କେବଳ ମୋର ପଥ ଅନୁସରଣ କର। ତୁମ୍ଭେମାନେ ମୁକ୍ତି ପାଇବ, ମୁଁ ତୁମ୍ଭମାନଙ୍କୁ ମୁକ୍ତି ଦେବି।

ଏହି ବିଶ୍ୱବ୍ରହ୍ମାଣ୍ଡ ଯଦି ଗୋଟିଏ ଚକ୍ର ହୁଏ ତା'ର ମଧ୍ୟବିନ୍ଦୁ ହେଉଛନ୍ତି ଆନନ୍ଦଘନ ସତ୍ତା, ପୁରୁଷୋତ୍ତମ। ସେ ଆନନ୍ଦଭାବ ଦ୍ୱାରା ବ୍ରହ୍ମଚକ୍ରର ପରିଧିର ପ୍ରତ୍ୟେକ ବିନ୍ଦୁ ସହିତ ସଂଯୁକ୍ତ। ସମସ୍ତ ଜୀବ ସେମାନଙ୍କର ଅର୍ଜିତ ସଂସ୍କାର ଅନୁଯାୟୀ ଏହି ପରିଧିରେ ଘୁରି ଚାଲିଛନ୍ତି। ପରିଧି ବିନ୍ଦୁରେ ରହି ଜୀବ ଯଦି ସେହି ମଧ୍ୟବିନ୍ଦୁରେ ପହଞ୍ଚିବାକୁ ଚାହେଁ ତାକୁ ସେହି ଆନନ୍ଦ ଭାବର ସାହାଯ୍ୟରେ ହିଁ ଚାଲିବାକୁ ହେବ, ଆନନ୍ଦ ଦୋଳିରେ ଭାସି ଭାସି ଆଗେଇ ଯିବାକୁ ହେବ। ପରିଧିର ଯେକୌଣସି ବିନ୍ଦୁରୁ ମଧ୍ୟ ବିନ୍ଦୁର ଦୂରତ୍ୱ ହିଁ ତାର ବ୍ୟାସାର୍ଦ୍ଧ। ଏହି ବ୍ୟାସାର୍ଦ୍ଧ ହିଁ ସାଧନା ମାର୍ଗ। ଏହି ସାଧନା ମାର୍ଗର ଚଲାପଥରେ ତିନୋଟି ସ୍ତର ରହିଛି- ଶାକ୍ତ, ବୈଷ୍ଣବ ଓ ଶୈବ। ପ୍ରକୃତ ଆଧ୍ୟାତ୍ମିକ ସାଧନା ଏହି ତିନୋଟି ସ୍ତରର ସମନ୍ୱୟ ବ୍ୟତୀତ ଅନ୍ୟ କିଛି ନୁହେଁ।

ଆମ୍ଭମାନଙ୍କର ଜୀବନ ହିଁ ସଂଗ୍ରାମ। ବଞ୍ଚି ରହିବାକୁ ଯାଇ ପ୍ରତି ମୁହୂର୍ତ୍ତରେ ଆମକୁ ପ୍ରକୃତିର ପ୍ରତିକୂଳତା ବିରୁଦ୍ଧରେ ଲଢ଼ିବାକୁ ହୁଏ। ଗୋଟିଏ ଶିଶୁ ଭୂମିଷ୍ଠ ହେବା ପରଠାରୁ ତା'ର ଅସ୍ତିତ୍ୱ ରକ୍ଷା ପାଇଁ ସଂଗ୍ରାମ ଆରମ୍ଭ କରେ। ପ୍ରତି ମୁହୂର୍ତ୍ତରେ ଶକ୍ତି ପ୍ରୟୋଗ କରି ତାକୁ ବଞ୍ଚି ରହିବାକୁ ହୁଏ। ନିଶ୍ୱାସ ପ୍ରଶ୍ୱାସ ନେବାରେ, କଥା କହିବାରେ, ଚାଲିବାରେ, ଖାଇବାରେ କାମ କରିବାରେ ସବୁ କିଛିରେ ତାକୁ ଶକ୍ତି ପ୍ରୟୋଗ କରିବାକୁ ପଡ଼େ। ଶକ୍ତି ପ୍ରୟୋଗ କରି ଆଗେଇ ଚାଲିବା ହିଁ ତ ଜୀବନ ସଂଗ୍ରାମ ଏବଂ ସଂଗ୍ରାମ କରି ଆଗେଇ ଚାଲିବା ହେଉଛି ଶାକ୍ତର ଲକ୍ଷଣ। ତା'ର ଏହି ସଂଗ୍ରାମ କେବଳ ବହିର୍ଜଗତରେ ନୁହେଁ, ଅନ୍ତର୍ଜଗତରେ ମଧ୍ୟ। ବହିର୍ଜଗତରେ ତାକୁ ଜଡ଼ତା ବିରୁଦ୍ଧରେ, ଅନ୍ୟାୟ ବିରୁଦ୍ଧରେ, ଶୋଷଣ ବିରୁଦ୍ଧରେ, ସାମାଜିକ ଅବିଚାର ବିରୁଦ୍ଧରେ ଏବଂ ଅନ୍ତର୍ଜଗତରେ ତା' ନିଜର ବର୍ହିମୁଖୀ ବୃତ୍ତିଗୁଡ଼ିକ ବିରୁଦ୍ଧରେ ସଂଗ୍ରାମ କରିବାକୁ ହୁଏ। ସାଧକ ଯେତେବେଳେ ଏହି ଅନ୍ତର୍ମୁଖୀ ଓ ବହିର୍ମୁଖୀ ସଂଗ୍ରାମ ମଧ୍ୟ ଦେଇ ଆଗେଇ ଚାଲୁ ଚାଲୁ ତା'ର ଷଡ଼ ରିପୁ, ଅଷ୍ଟ ପାଶ ତଥା ସମସ୍ତ ବୃତ୍ତି ଉପରେ ନିୟନ୍ତ୍ରଣ ଆଣିଥାଏ, ସେତେବେଳେ ତା' ମନର ବିସ୍ତାର ଘଟେ।

ବିସ୍ତାରତଃ ସର୍ବଭୁତେଷ୍ଣୁ ବିଷ୍ଣୁର୍ବିଶ୍ୱମିଦଂ ଜଗତ୍।
ଦ୍ରଷ୍ଟବ୍ୟମ୍ ଆତ୍ମବତ୍ ତସ୍ମାଦଭେଦେନ ବିଚକ୍ଷଣୈଃ।

ସେତେବେଳେ ସାଧକ ସବୁକିଛିକୁ ବିଷ୍ଣୁଙ୍କର ଅଭିବ୍ୟକ୍ତି ରୂପେ ଦେଖେ। ସମସ୍ତଙ୍କ ଭିତରେ ଆତ୍ମା ରୂପେ ପରମାତ୍ମାଙ୍କର ଦର୍ଶନ ପାଏ। ସମସ୍ତେ ସେତେବେଳେ ନିଜର ହୋଇଯାଆନ୍ତି, ତେଣୁ ପର ହୋଇ ଆଉ କେହି ରହନ୍ତି ନାହିଁ। ସେତେବେଳେ ତାକୁ ବୈଷ୍ଣବ କହନ୍ତି। ସେ ସେତେବେଳେ ପରମ ରସରେ ବିଭୋର ହୋଇଯାଏ, ପରମ ରସରେ ପ୍ରତିଷ୍ଠିତ ହୁଏ, ପରମ ରସ ସମୁଦ୍ରରେ ପହଁରିଚାଲେ। ଏହି ରସ ସମୁଦ୍ରରେ ନିଜକୁ ଭସାଇ ନେଇଯିବା ହିଁ ବୈଷ୍ଣବୀୟ ସାଧନା। ସାଧନାର ପ୍ରଥମ ସ୍ତରରେ, ଅର୍ଥାତ୍ ଶାକ୍ତ ସ୍ତରରେ ସଂଗ୍ରାମ ହିଁ ମୁଖ୍ୟ ଏବଂ ବାକି ସବୁ କିଛି ଗୌଣ। କିନ୍ତୁ ଦ୍ୱିତୀୟ ସ୍ତରରେ ରସପ୍ରବାହ

ହିଁ ମୁଖ୍ୟ ଆଉ ବାକି ସବୁ ଗୌଣ। ଅନନ୍ତକାଳ ଧରି ସେ ଏହି ବ୍ରହ୍ମ ରସରେ ମଗ୍ନ ହୋଇ ରହିବାକୁ ଚାହେଁ, ଏହାକୁ ହିଁ ବୈଷ୍ଣବୀୟ ଭାବ କହନ୍ତି। 'ବିଷ୍ଣୁ' ଶବ୍ଦର ଅର୍ଥ ବ୍ୟାପନଶୀଳ। ତେଣୁ ବୈଷ୍ଣବ ଅର୍ଥ ବିଶ୍ୱବାଦୀ (Universalist)।

ଏହି ବୈଷ୍ଣବୀୟ ଭାବର ଦୁଇଟି ସ୍ତର ରହିଛି- ଗୋଟିଏ ଲୀଳାଭାବ ଓ ଅନ୍ୟଟି ନିତ୍ୟଭାବ। ଲୀଳାଭାବରେ ସାଧକ କେତେବେଳେ ହସେ ତ କେତେବେଳେ କାନ୍ଦେ। ଯେପରି ନୀଳାଚଳ ଭୂମିରେ ମହାପ୍ରଭୁ ଚୈତନ୍ୟଦେବଙ୍କର ଅବସ୍ଥା। ସେ କେତେବେଳେ ହସନ୍ତି ତ କେତେବେଳେ କାନ୍ଦନ୍ତି। ଏହି ଅବସ୍ଥାରେ ସାଧାରଣ ଲୋକ ଭାବେ, ଲୋକଟା ହୁଏତ ପାଗଳ ହୋଇଯାଇଛି କିନ୍ତୁ ପ୍ରକୃତରେ ତାହା ନୁହେଁ। ଈଶ୍ୱରଙ୍କ ବିରହ ଯେତେବେଳେ ସାଧକ ନିକଟରେ ଦୁଃସହ ହୋଇଉଠେ ସେତେବେଳେ ସେ କାନ୍ଦେ। ପୁଣି ଯେତେବେଳେ ସେ ଅନୁଭବ କରେ ଯେ ସେ ତ ସମସ୍ତଙ୍କ ଭିତରେ ରହିଛନ୍ତି, ସବୁ କିଛି ମଧ୍ୟରେ ରହିଛନ୍ତି, ସେତେବେଳେ ସେ ଆନନ୍ଦରେ ନାଚି ଉଠେ। ସାଧକ ସାଧନା ମାର୍ଗରେ ଯେତେବେଳେ ଆହୁରି ଆଗେଇ ଯାଏ, 'ସେ ସମସ୍ତଙ୍କ ଭିତରେ, ସବୁ କିଛି ଭିତରେ ରହିଛନ୍ତି', ଏହି ଭାବରେ ପ୍ରତିଷ୍ଠିତ ହୁଏ। ଏହା ହିଁ ନିତ୍ୟଭାବ। ଏଠାରେ ସାଧକ ଭାବେ, ମୁଁ ଅଛି ଏବଂ ମୋର ପ୍ରଭୁ ଅଛନ୍ତି। ଦ୍ୱୈତ ସତ୍ତା ରହିଯାଏ। ସାଧକ ଯେତେବେଳେ ସାଧନା ମାର୍ଗରେ ଆଗେଇ ଯାଏ ସେତେବେଳେ ତା'ର ଅନୁଭୂତି ହୁଏ, ମୁଁ ହିଁ ଶିବ, ମୁଁ ହିଁ ସେହି ଚୈତନ୍ୟ ସତ୍ତା, ଆନନ୍ଦଘନ ସତ୍ତା। 'କ୍ଷୁଦ୍ର ମୁଁ' ବୋଧ ସେତେବେଳେ 'ବୃହତ୍ ମୁଁ' ବୋଧରେ ସମାହିତ ହୁଏ। ଏହି ସ୍ତରରେ ସାଧକକୁ ଶୈବ କହନ୍ତି। ଏହା ହିଁ ସବିକଳ୍ପ ସମାଧିର ଅବସ୍ଥା।। ତେଣୁ ଶାକ୍ତ, ବୈଷ୍ଣବ ଓ ଶୈବ ଭିନ୍ନ ଭିନ୍ନ ମତ ବା ପଥ ନୁହେଁ, ଗୋଟିଏ ସାଧକ ଜୀବନର ତିନୋଟି ସ୍ତର।

ଭାରତୀୟ ପୁରାଣରେ ଶାକ୍ତଭାବ, ବୈଷ୍ଣବ ଭାବ ଓ ଶୈବ ଭାବକୁ ନେଇ ଗୋଟିଏ ସୁନ୍ଦର ଗଳ୍ପ ଅଛି। ଶିବଙ୍କର ପ୍ରଥମ ବିବାହ ଦକ୍ଷକନ୍ୟା ସତୀଙ୍କ ସହିତ ହୋଇଥିଲା। ନାରଦଙ୍କ ମୁହଁରୁ ଦକ୍ଷ ଯଜ୍ଞ କଥା ଶୁଣି ସତୀ ଯେତେବେଳେ ସେଠାକୁ ଯିବାକୁ ଚାହିଁଲେ, ଶିବ ତାଙ୍କୁ ବାରଣ କଲେ, ଅନେକ ଅନୁରୋଧ କଲେ। କିନ୍ତୁ ସତୀ ଶିବଙ୍କ କଥା ଶୁଣିଲେ ନାହିଁ, ସେ ତାଙ୍କ ବାପ ଘରକୁ ଚାଲିଗଲେ। ଏଠାରେ ପ୍ରକୃତିର ଜୟ ହେଲା, ପୁରୁଷ ହେଲା ପରାଜିତ। ଏହା ହିଁ ବଦ୍ଧଜୀବର ଅବସ୍ଥା। ଏହାପରେ ପିତାଙ୍କ ମୁହଁରୁ ଶିବଙ୍କର ନିନ୍ଦା ଶୁଣି ଦୁଃଖରେ ସତୀ ଦେହତ୍ୟାଗ କଲେ। ଶିବ ତାଙ୍କର ପୌରୁଷକୁ ଜାଗ୍ରତ କଲେ। ନିଜର ଭାବରେ ବିଭୋର ହୋଇ ସତୀ ଦେହକୁ କାନ୍ଧରେ ପକାଇ ବିଶ୍ୱବ୍ରହ୍ମାଣ୍ଡ ଘୁରି ବୁଲିବାକୁ ଲାଗିଲେ। ଜଡ଼ ପ୍ରକୃତି ପୁରୁଷର ଆଶ୍ରିତା। ଏହି ଅବସ୍ଥାରେ ଶିବଙ୍କୁ ପରମ ଶାକ୍ତ କୁହାଯାଇପାରେ। ଶିବ ସେତେବେଳେ ପ୍ରକୃତି ଉପରେ ନିଜର ବିଜୟ ପ୍ରତିଷ୍ଠା ପାଇଁ ସାଧନା କରିଚାଲିଛନ୍ତି। ଏହା ହିଁ ସାଧନାର ପ୍ରଥମ ସ୍ତର। ଏହି ଭାବରେ ଶକ୍ତି ସାଧନା କରି ପ୍ରକୃତି ଉପରେ ତାଙ୍କର ପ୍ରଭୁତ୍ୱ ପ୍ରତିଷ୍ଠିତ ହେଲା। ଏହା ପରେ ଗଳ୍ପରେ ଅଛି, ସତୀ ହିମାଳୟରେ ମେନକାଙ୍କୁ କନ୍ୟାରୂପେ ଜନ୍ମ ଗ୍ରହଣ କରି ପାର୍ବତୀ ନାମରେ ପରିଚିତା ହେଲେ। ସେ ଶିବଙ୍କୁ ପତି ରୂପେ ପାଇବା ପାଇଁ ସାଧନା ଆରମ୍ଭ କରିଚାଲିଛି। ପୁରୁଷ କିନ୍ତୁ ନିର୍ଲିପ୍ତ। ଏଠାରେ ଶିବ ପରମ ବୈଷ୍ଣବ, ତେଣୁ ତାଙ୍କର ପ୍ରକୃତି ଆଡ଼କୁ ଦୃଷ୍ଟି ନାହିଁ। ଏହା ପରେ ପାର୍ବତୀ ଦେବତାମାନଙ୍କ ସାହାଯ୍ୟରେ ଶିବଙ୍କର ପତ୍ନୀ ହେବାର ସୁଯୋଗ ପାଇଲେ। ପ୍ରକୃତି ପୁରୁଷର ଅଧୀନ ହୋଇଗଲେ। ଶିବ କିନ୍ତୁ ତାଙ୍କର ଶିବତ୍ୱ ବଜାୟ ରଖିଲେ। ନିର୍ଗୁଣ ଭାବରେ ସମାହିତ ହୋଇ ରହିଲେ, ଅର୍ଥାତ୍ ସେ ହେଲେ ପରମ ଶୈବ।

ମଣିଷ ଯେତେବେଳେ ଯୁକ୍ତିତର୍କ ଦ୍ୱାରା ବୁଝିପାରେ ଯେ ଜାଗତିକ ଭୋଗରେ ମାନସିକ ଶାନ୍ତି ନାହିଁ, ତାକୁ ମାନସିକ ଶାନ୍ତି ପାଇବାକୁ ହେଲେ ଅନ୍ତର୍ମୁଖୀ ସାଧନା କରିବାକୁ ହିଁ ହେବ, ସେତେବେଳେ ସେ ଆଧ୍ୟାତ୍ମିକତାକୁ ନିଜର ଜୀବନଚର୍ଯ୍ୟା (cult) ରୂପେ ଗ୍ରହଣ କରେ। ଅର୍ଥାତ୍, ସେ ନିୟମିତ ସାଧନା କରିବାକୁ ଆରମ୍ଭ କରେ। ଯମ-ନିୟମ ପାଳନ କରିବାକୁ ଲାଗେ। ସେତେବେଳେ ତା'ର

ଅନ୍ତର୍ଜଗତରେ ଭକ୍ତି ମଧ୍ୟ ଗୋଟିଏ ଜୀବନଚର୍ଯ୍ୟା (cult) ରୂପେ ବଢ଼ିଉଠେ। ଅର୍ଥାତ୍, ଭଜନ, କୀର୍ତ୍ତନ, ସେବା ଦ୍ୱାରା ମୈତ୍ରୀ, କରୁଣା, କ୍ଷମା, ସମଦୃଷ୍ଟି ଇତ୍ୟାଦି ମହତ ଗୁଣଗୁଡ଼ିକୁ ସେ ପାଳନ କରିବାକୁ ଚେଷ୍ଟା କରେ।

କିଛିଦିନ ସାଧନା କରୁ କରୁ ସାଧକ ଅନୁଭବ କରେ ଯେ ଆଧ୍ୟାତ୍ମିକ ସାଧନା ହିଁ ମାନବ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଅନ୍ୟ ଯେ କୌଣସି କାର୍ଯ୍ୟକୁ ସେ ଠିକ୍ ଭାବରେ ସାଧନା ନ କରିଛି ସେତେବେଳ ପର୍ଯ୍ୟନ୍ତ ସେ ଅନ୍ୟ କୌଣସି କାର୍ଯ୍ୟ କରିବାକୁ ଅତ୍ୟନ୍ତ ଅସ୍ୱସ୍ତି ବୋଧ କରେ। ଏପରିକି ସାଧନା ନ କରି ସେ ଖାଇ ମଧ୍ୟ ପାରେ ନାହିଁ। ଆଧ୍ୟାତ୍ମିକ ସାଧନା ସେତେବେଳେ ତା' ଜୀବନଚର୍ଯ୍ୟାର ଅତ୍ୟାବଶ୍ୟକ ଅଙ୍ଗ (spirituality as essence) ହୋଇଯାଏ। ସେହି ଅବସ୍ଥାରେ ତା'ର ଅନ୍ତର୍ଜଗତରେ ଭକ୍ତି ଗୋଟିଏ ନୈତିକ ମାନଦଣ୍ଡ (principle) ରୂପେ ଦେଖାଦିଏ। ସେ ଅନୁଭବ କରେ ଯେ ପରମପୁରୁଷ ଅଛନ୍ତି, ତେଣୁ ମୁଁ ଅଛି। ମୁଁ ତାଙ୍କୁ ଭଲପାଏ କାରଣ, ତାଙ୍କୁ ଭଲପାଇବାରେ ହିଁ ମୋର ଆନନ୍ଦ। ସେ ଯେ ସବୁ ସମୟରେ ମୋତେ ଆହ୍ୱାନ କରିଚାଲିଛନ୍ତି। ତାଙ୍କର ସେହି ଡାକର ଉତ୍ତର ନ ଦେଇ ମୁଁ ଗୋଟିଏ ମୁହୂର୍ତ୍ତ ମଧ୍ୟ ରହିପାରିବି ନାହିଁ।

ସାଧକ ଯେତେବେଳେ ସାଧନାର ଆହୁରି ଉଚ୍ଚସ୍ତରରେ ପହଞ୍ଚେ ସେତେବେଳେ ସେ ଅନୁଭବ କରେ ଯେ ମାନବ ଜୀବନର ଏକମାତ୍ର ଉଦ୍ଦେଶ୍ୟ ହେଉଛି ସାଧନା କରିବା। ସାଧନା କରିବା ପାଇଁ ମୁଁ ଏହି ଦୁର୍ଲଭ ମାନବ ଜୀବନ ପାଇଛି। ଆଧ୍ୟାତ୍ମିକ ସାଧନା ସେତେବେଳେ ତା' ଜୀବନର ଏକମାତ୍ର ବ୍ରତ (mission) ହୋଇଯାଏ। ସେ ଅନୁଭବ କରେ, "ପରମପୁରୁଷଙ୍କୁ ଆନନ୍ଦ ଦେବା ହିଁ ମୋର ଜୀବନର ଏକମାତ୍ର ବ୍ରତ। ତାଙ୍କୁ ଆନନ୍ଦ ଦେବାକୁ ଯାଇ ଯଦି ମୋତେ ଅଜସ୍ର କଷ୍ଟ ସ୍ୱୀକାର କରିବାକୁ ପଡ଼େ, ସେଥିରେ ମୋର ଦୁଃଖ ନାହିଁ। କାରଣ, ମୋର ପ୍ରଭୁ ତ ଆନନ୍ଦ ପାଇବେ। ପ୍ରଭୁ ଯେ ଆନନ୍ଦ ପାଉଛନ୍ତି ତାହା ଜାଣି ମୋର ଆନନ୍ଦ।" ଭକ୍ତି ସାଧନାରେ ଏହି ସର୍ବୋଚ୍ଚ ସ୍ତର ହେଉଛି ରାଗାତ୍ମିକ ଭକ୍ତି। ଏହି ଭକ୍ତି ଥରେ ଉଦ୍ରେକ ହେଲେ ଭକ୍ତର ଆଉ କିଛି ଆବଶ୍ୟକତା ନ ଥାଏ। ଏହି ଭକ୍ତିର ବନ୍ଧନରେ ପରମପୁରୁଷ ସବୁଦିନ ପାଇଁ ଭକ୍ତ ନିକଟରେ ବନ୍ଧା ପଡ଼ିଯାଆନ୍ତି। ସେତେବେଳେ ଭକ୍ତ ଆଉ ଭଗବାନ ଏକାକାର ହୋଇଯାଇଛନ୍ତି। ❑

Asst. Professer ***(ଦର୍ଶନ ବିଭାଗ)***
***ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର***
***ମୋ: (୯୪୩୯୭୮୫୪୬୩***



# ଅଗ୍ନିକଣିକା ଓ ଶିଶିର ବିନ୍ଦୁର କବି: ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ

◆ ଡ. ମଣୀନ୍ଦ୍ର କୁମାର ମେହେର

ଓଡ଼ିଆ ଭାଷାଭାଷୀ ହୋଇ ମଧ ହିନ୍ଦୀ ସାହିତ୍ୟ ଜଗତରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା ସାହିତ୍ୟ ସ୍ରଷ୍ଟାଙ୍କ ମଧ୍ୟରେ ପ୍ରଫୁଲ୍ଲଚନ୍ଦ୍ର ପଟ୍ଟନାୟକ ହେଉଛନ୍ତି ଜଣେ ଉଚ୍ଚକୋଟୀର କବି। ସେ ହେଉଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପବିତ୍ର ଜନ୍ମପୀଠ ବରପାଲିର ବରପୁତ୍ର। ତାଙ୍କର ସଂଗ୍ରାମୀ ପିତା ଭାଗୀରଥି ପଟ୍ଟନାୟକ ଓ ମାତା ସମ୍ବଲପୁର ଜିଲ୍ଲାର ପ୍ରଥମ ନାରୀ ସତ୍ୟାଗ୍ରହୀ ଜମ୍ବୁବତୀ ଦେବୀଙ୍କ ଉତ୍ସର୍ଗୀକୃତ ଜୀବନ ପ୍ରଫୁଲ୍ଲଙ୍କୁ ଟାଣି ନେଇଥିଲା ମୁକ୍ତିସଂଗ୍ରାମର ସୁତୀବ୍ର ସ୍ରୋତ ଭିତରକୁ। ବାଲ୍ୟକାଳରୁ ହିଁ ସେ ସତ୍ୟାଗ୍ରହରେ ଯୋଗ ଦେଇ ଭୋଗବିଳାସ ପୂର୍ଣ୍ଣ ଜୀବନର ପଥ ପ୍ରତ୍ୟାଖ୍ୟାନ କରି କଣ୍ଟକିତ ଜୀବନ ସରଣୀକୁ ଆଦରି ନେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ନିଜ ଯୌବନକାଳୀନ ପରାକ୍ରମ ପ୍ରଦର୍ଶନ କରି ସେ ଗିରଫ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ବିହାରରେ ହିଁ ସଂଗ୍ରାମୀ ଜୀବନର ଅଧିକାଂଶ ଦିନ ଅତିବାହିତ କରିଥିଲେ। ବାଲ୍ୟକାଳରୁ ସେ କବି ଗଙ୍ଗାଧର ମେହେରଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ଭିତରେ ଥିଲା କବିତ୍ୱର ଆବେଗପୂର୍ଣ୍ଣ ଅନୁଭୂତି ଓ ଏକ ସଂବେଦନଶୀଳ ହୃଦୟ। ସ୍ୱାଧୀନତା ସଂଗ୍ରାମର ଅଗ୍ନିସ୍ଫୁଲିଙ୍ଗ ତାଙ୍କ ଭିତରେ ଥିବା କାବ୍ୟିକ ଅନୁଭବ ସକଳକୁ ପ୍ରଦୀପ୍ତ କରିଦେଇଥିଲା। ବହୁ ବିଶିଷ୍ଟ ସତ୍ ପୁରୁଷଙ୍କ ସଂସ୍ପର୍ଶରେ ସେ ଆସିଥିଲେ। ମହାତ୍ମାଗାନ୍ଧୀ ଓ କସ୍ତୁରବାଙ୍କ ଆଶୀର୍ବାଦ ଲାଭ କରିଥିଲେ। ଏଣେ ପୁଣି ହିନ୍ଦୀ ସାହିତ୍ୟ ସହିତ ତାଙ୍କର ଘନିଷ୍ଠତା ହିନ୍ଦୀଭାଷାରେ କାବ୍ୟ ସାଧନା ପାଇଁ ତାଙ୍କୁ ଯୋଗାଇ ଥିଲା ବିପୁଳ ପ୍ରେରଣା। ବିଶିଷ୍ଟ ହିନ୍ଦୀ କବି ରାମଧାରୀ ସିଂ ଦିନକର କହିଥିଲେ- "ପ୍ରଫୁଲ୍ଲ ଚନ୍ଦ୍ରଙ୍କ କବିତାରେ ଅଗ୍ନିଶିଖାର ଉତ୍ତାପ ଯେମିତି ବିଚ୍ଛୁରିତ ହୋଇଛି ସେହିପରି ଶିଶିର ବିନ୍ଦୁର ଶୀତଳ ସ୍ପର୍ଶ ମଧ ନିହିତ ହୋଇ ରହିଛି।" ପ୍ରଫୁଲ୍ଲ ବାବୁଙ୍କ କବିତା ସମଗ୍ର ଅଧ୍ୟୟନ କଲେ ଏଇ ମନ୍ତବ୍ୟର ସତ୍ୟତା ଯେ କେହି ଅକ୍ଷରେ ଅକ୍ଷରେ ଉପଲବ୍ଧି କରି ପାରିବେ। ସଂଗ୍ରାମୀ ମନର ଚିତ୍ତ ଆଲୋଡ଼ନ ତାଙ୍କ କବିତାରେ ଭରି ଦେଇଛି ବିପ୍ଳବର ବହ୍ନି। ଆଉ ଜୀବନ ଓ ପୃଥିବୀକୁ ଭଲ ପାଇବାର ଉଚ୍ଛ୍ୱାସ ତାଙ୍କ କବିତାକୁ ଦେଇଛି ପକ୍ଷୀର ଗୀତ, ଫୁଲର ମଧୁରତା ଓ ଶିଶିର ବିନ୍ଦୁର ସମସ୍ତ କୋମଳତା। ଯାହାର ହୃଦୟ ହୋଇଥାଏ ଅତ୍ୟନ୍ତ କୋମଳ ତାହାକୁ ହିଁ ଆଘାତ ଦିଏ ଅନ୍ୟାୟ ଓ ଅତ୍ୟାଚାର। ବ୍ରିଟିଶ୍ ସରକାରର ଅମାନୁଷିକତା ପ୍ରଫୁଲ୍ଲ ବାବୁଙ୍କ ମନରେ ଭରିଦେଇଥିଲା ତେଣୁ ବିଦ୍ରୋହର ଅଗ୍ନିଶିଖା। ମାଟି ଓ ମଣିଷକୁ ଭଲ ପାଇବାରେ, ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିବାରେ ଓ ଏକ ସୁନ୍ଦର ଜୀବନର ସ୍ୱପ୍ନ ଦେଖିବାରେ ତାଙ୍କର କବିତ୍ୱ ହୋଇଥିଲା ସାର୍ଥକତା ବିମଣ୍ଡିତ। 'ମିଟ୍ଟି କେ ଗୀତ୍', 'ମିଟ୍ଟି ବୁଲା ରହି ହେ', 'ବାପୁକା ପୁନର୍ଜନ୍ମ', 'ସ୍ୱର୍ଣ୍ଣ କୁଣ୍ଡଲ୍' ଆଦି କବିତା ଗ୍ରନ୍ଥରେ ତାଙ୍କର ଦରଦୀ ଓ ବିଦ୍ରୋହୀ ଆତ୍ମାର ଆବାଜ୍ ଅତି ପ୍ରଭାବ-ଦୀପ୍ତ। ତାଙ୍କର ଦେଶପ୍ରୀତି, ବୀରତ୍ୱ ଓ ଆତ୍ମୋତ୍ସର୍ଗକୁ ନେଇ ସଂକଳିତ ହୋଇଥିଲା 'ମିଟ୍ଟି କେ ଗୀତ୍' କବିତା ସଂକଳନଟି। ମାତୃ ବନ୍ଦନା କରି ସେ ତାଙ୍କ 'ପ୍ରଣାମ୍' ନାମକ ଏକ କବିତାରେ କହିଥିଲେ-

"ଯିତ୍‌ନା ଗଭୀର ସାଗର୍ କା ଜଲ୍
ମାଁ, ତେରା ଉର୍ ଉସ୍‌ସେ ଗଭୀର
ଉସ୍ ବିସ୍ତୃତି ସେ ଭି ବିସ୍ତୃତତର୍
ଉସ୍‌ସେ ଭି ବଢ଼କର ଶାନ୍ତ ଧୀର।"
"ଫୁଲୋଁ ସେ କୋମଲ୍, ଜଲଦୋ ସେ
ଗମ୍ଭୀର ଔର୍ ହେ ତୁ ଉଦାର
ଜଗ୍ କେ କଣ୍ - କଣ୍ ମେ ବରଷ ରହା
ମାଁ, ତେରା ବିଗଲିତ୍ ସ୍ନେହ - ପ୍ୟାର୍।"

ସେହିପରି 'ମିଟ୍ଟି ବୁଲା ରହି ହେ' ନାମକ କବିତା ଗ୍ରନ୍ଥରେ ପୂର୍ବବର୍ତ୍ତୀ କବିତା ଗ୍ରନ୍ଥକୁ ପରିବର୍ତ୍ତିତ ଓ ପରିବର୍ଦ୍ଧିତ କରି ପ୍ରକାଶ କରାଯାଇଥିଲା। ମାତୃଭୂମିର ବନ୍ଦନା ସହିତ ବୀର ପୁରୁଷର ଜୟଗାନରେ ମୁଖରିତ ହୋଇଛି ତାଙ୍କ କବିତା।

'ଗାନ୍ଧିକା ପୁନର୍ଜନ୍ମ' ନାମକ କବିତା ସଂକଳନରେ ତାଙ୍କର ଜାତିର ଜନକଙ୍କ ପ୍ରତି ଅନୁରାଗ ଯେପରି ପ୍ରକାଶ ପାଇଛି, ଗାନ୍ଧୀଙ୍କ ସ୍ୱପ୍ନକୁ ବିପର୍ଯ୍ୟସ୍ତ କରିଥିବା ଛଳନାକାରୀମାନଙ୍କ ପ୍ରତି ସେପରି ତୀକ୍ଷ୍ଣ ବ୍ୟଙ୍ଗ ପ୍ରକଟ ହୋଇଛି । ସେ ବ୍ୟଙ୍ଗରେ ଭରି ରହିଛି ବ୍ୟଥିତ ହୃଦୟର ଅଶ୍ରୁଧାର । ଗାନ୍ଧୀଙ୍କୁ ସଂବୋଧନ କରି ସେ କହିଛନ୍ତି 'ତୁମ ଛାତି ଉପରେ ଯେଉଁଦିନ ତିନୋଟି ଗୁଳିବିଦ୍ଧ ହୋଇଥିଲା ସେ ଦିନ ତମେ ମରି ନଥିଲ । କାରଣ ମଣିଷ ମରେ କିନ୍ତୁ ତା'ର ଆଦର୍ଶ ହିଁ ଜୀଇଁ ରହେ । କିନ୍ତୁ ଆଜି ଯେତେବେଳେ ତୁମର ଆଦର୍ଶ ଚୂର୍ଣ୍ଣିଭୂତ ଗାନ୍ଧୀ ଓ ଯିଶୁ ବାରମ୍ବାର ପରାହତ ଓ ମୃତ୍ୟୁ ଜର୍ଜରିତ । ତାଙ୍କରି ଭାଷାରେ ସେ ଲେଖିଛନ୍ତି–

ଲେକିନ୍ ଗାନ୍ଧୀ !
ଆଜ ତୁମ୍ ମର ଚୁକେ !
କ୍ୟୁଁ କି ଦେଶ କେ ହର୍ ଚୌରାହେ ପର
ରୋଜ୍ ରୋଜ୍ ଆଦର୍ଶ ତୁମ୍ହାରେ ମର୍ ରହେ !
ତୁମ୍ହାରେ ହି ତଥା-କଥିତ ଚେଲୋଁ କେ ହାଥୋଁ ସେ
ବାର୍ ବାର୍ ଗୋଲି ୱେ ଖା ରହେ !!

ପ୍ରଫୁଲ୍ଲଜୀ ଦରବାରୀ କବି ନ ଥିଲେ । କାରାଗାର ଭିତରେ ଯେଉଁ ଭାରତବର୍ଷର ପୁନର୍ଗଠନ ପାଇଁ ସେ କଷ୍ଟ ବରଣ କଲେ, କାରାଗାରୁ ବାହାରି ଆସିଲା ପରେ ବର୍ଷ ବର୍ଷ ବ୍ୟାପୀ ଦେଖିଚାଲିଲେ ତାଙ୍କ ସ୍ୱପ୍ନର ମର୍ମନ୍ତୁଦ ହତ୍ୟାକାଣ୍ଡ । "ଦେଶର ବୀଭତ୍ସ ଚିତ୍ର ଦେଖି ତାଙ୍କର କଳିଜା ଟୁକୁଡ଼ା ଟୁକୁଡ଼ା ହୋଇଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ତାଙ୍କର 'ସ୍ୱର୍ଣ୍ଣ କୁଣ୍ଡଳ' ନାମକ କବିତା ଗ୍ରନ୍ଥରେ, ଯେଉଁ ଗ୍ରନ୍ଥଟିକୁ ଉତ୍ସର୍ଗ କରିଛନ୍ତି ମହାକବି ଗଙ୍ଗାଧର ମେହେରଙ୍କୁ । ସେ ଲେଖିଛନ୍ତି ସ୍ୱାଧୀନତା ପାଇବା ପରେ କିଛି ନୂଆ ଶବ୍ଦ ଏହି ଦେଶକୁ ମିଳିଲା 'ପ୍ରଜାତନ୍ତ୍ର', 'ଜନମତ' ଆଦି । ଏ ଶବ୍ଦ ସବୁ ମୋତେ ବାରମ୍ବାର ଚିଡ଼ାଇଛି । ଏ ସବୁ ଏତେ ନିରର୍ଥକ ଓ ଭ୍ରାନ୍ତ ପ୍ରମାଣିତ ହୋଇଛି ଯେ, ମୋର ମନ ଆକ୍ରୋଶରେ ଭରିଯାଏ । ଏହି ଶବ୍ଦ ପରେ ପରେ ଆଉ ମଧ୍ୟ ଅନେକ ଶବ୍ଦ ଆସିଲା– 'ନିର୍ବାଚନ', 'ବିଧାନସଭା', 'ଲୋକସଭା', 'ବିଧାୟକ', 'ସାଂସଦ', 'ବିଧାନସଭାଧ୍ୟକ୍ଷ', 'ଲୋକସଭାଧ୍ୟକ୍ଷ', 'ମନ୍ତ୍ରୀ', 'ବିଶେଷାଧିକାର', 'ଭି.ଭି.ଆଇ.ପି.', ଏସବୁ ଶବ୍ଦ ପ୍ରତି ମୋର ଘୃଣା ଆସିସାରିଛି ।

'ସ୍ୱର୍ଣ୍ଣ କୁଣ୍ଡଳ' କବିତାରେ ରାଜକୃପା ପାଳିତ କବିମାନଙ୍କ ପ୍ରତି ବିଦ୍ରୂପ ଅତି ଶାଣିତ । ସେ କହିଛନ୍ତି –

"ଇତିହାସ ମେ
ଦେଖା ହେ ମୈନେ,
ବଡ଼େ ବଡ଼େ ସ୍ୱର୍ଣ୍ଣ କୁଣ୍ଡଲ୍
ଲହରାତେ ଥେ
ଦରବାରେ କବିୟୋଁ କେ
ଜାନୋ ମେ,
ଇତିହାସ ମେ ଦେଖା ମୈନେ ।
ଦରବାରୌ କେ କବିଗଣ
ରାଜକୃପା ପର ପଲତେ ଥେ,
ପୈଦଲ ନହିଁ
ପାଲକି ପର ଚଲତେ ଥେ
ତାକି, ଉନ୍‌କେ ପାଓଁ କୋ
କହିଁ ମିଟ୍ଟି ନ ଛୁ ଯାଏ !
ଇସିଲିଏ,
ୱେ ମିଟ୍ଟି କେ କବି ନହିଁ
ରାଜ କବି କହଲାଏ !!"

ପ୍ରଫୁଲ୍ଲ ପଟ୍ଟନାୟକ କାହାରି ଦୟାର ପାତ୍ର କି ସମ୍ମାନର ପାତ୍ର ହେବାକୁ ଚାହୁଁ ନଥିଲେ । ସେ ଚାହିଁଥିଲେ ମାନ ସମ୍ମାନକୁ ବେଖାତିର କରି ହୃଦୟର ଜ୍ୱାଳାକୁ କବିତାରେ ରୂପଦେବା ପାଇଁ । ସେ ବୁଝିଥିଲେ ଯେ ତାଙ୍କ କବିତା ଆଜି ନୁହେଁ ମାନବ ସୃଷ୍ଟିର ଆଦିକାଳରୁ ମାନବ ପ୍ରାଣରେ ଧ୍ୱନିତ ହୋଇ ଆସିଛି । ଦେଶ ଦେଶର ପ୍ରାଣେ ପ୍ରାଣେ ତାଙ୍କ କବିତାର ଭାବନା ସ୍ପନ୍ଦିତ ହୋଇ ରହିଛି । ସେଥିପାଇଁ ସେ କହିଥିଲେ– "ମାନବ ଯେତିକି ଭାଷା କହିପାରେ ସେ ସବୁ ଭାଷାରେ ମୋର କବିତାର ବ୍ୟଥା ଅଙ୍କିତ ହୋଇ ରହିଛି । ମୋର ସର୍ବୋତ୍କୃଷ୍ଟ କବିତା ଗୁଡ଼ିକ ଆଜିପର୍ଯ୍ୟନ୍ତ ଭାଷାର ବନ୍ଧନକୁ ସ୍ୱୀକାର କରିନାହିଁ ।" ପ୍ରଫୁଲ୍ଲ ଚନ୍ଦ୍ର ମଣିଷର ବାହ୍ୟ ଭାଷାକୁ ନୁହେଁ, ସେ ଭାଷା ଅନ୍ତରାଳରେ ଛପି ରହିଥିବା ମାନବୀୟ

ବେଦନାକୁ ବ୍ୟକ୍ତ କରିଛନ୍ତି ଏକ ଅନ୍ତଃପ୍ରେରଣା ବଳରେ। ହିନ୍ଦୀ ସାହିତ୍ୟକୁ ପ୍ରଫୁଲ୍ଲଚନ୍ଦ୍ର ପଟ୍ଟନାୟକ ଓଡ଼ିଶାର ଦାନ ବୋଲି ରାମଦୟାଲ ପାଣ୍ଡେୟ ଏକଦା ବର୍ଣ୍ଣନା କରିଥିଲେ। କିନ୍ତୁ ପ୍ରଫୁଲ୍ଲଚନ୍ଦ୍ର ହେଉଛନ୍ତି ହୃଦୟର ବିଦ୍ରୋହ ବାତ୍ୟାକୁ ଅଗ୍ନିଗର୍ଭ ଭାଷାରେ ପ୍ରକାଶ କରୁଥିବା ଜଣେ କ୍ରାନ୍ତିକାରୀ କବି ଓ ଶିଶିର ବିନ୍ଦୁର ସୌନ୍ଦର୍ଯ୍ୟରେ ମାନବୀୟ ଉପଲବ୍ଧିକୁ ଗଭୀର ସରସ ଓ ସହାନୁଭୂତି ଶାଣିତ କରି ଦେଉଥିବା ଜଣେ ଉଚ୍ଚକୋଟୀର କାବ୍ୟ ସାଧକ।

୧୯୧୭ ଜାନୁୟାରୀ ମାସ ୧ ତାରିଖ ଦିନ ତାଙ୍କର ଆବିର୍ଭାବ ହୋଇଥିଲା ଓ ତିରୋଭାବ ହେଲା ପବିତ୍ର ମକର ସଂକ୍ରାନ୍ତି ତା୧୪.୦୧.୨୦୦୩ ରେ। ସେ ଦେହତ୍ୟାଗ କଲେ ମଧ୍ୟ ତାଙ୍କର କବିତା ଉତ୍ତର ପୀଢ଼ିକୁ ଚେତନା ସମ୍ପନ୍ନ କରିବାରେ ନେଇପାରିବ ଉଲ୍ଲେଖନୀୟ ଭୂମିକା। ତାଙ୍କ ଅମର ଆତ୍ମାପ୍ରତି ଆମ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଉଛୁ। ତାଙ୍କ ହିନ୍ଦୀ ସାହିତ୍ୟର ଯଥାର୍ଥ ସମୀକ୍ଷା ହୋଇପାରିଲେ ସେ ରାଷ୍ଟ୍ରୀୟ ସ୍ତରରେ ଯେ ପରିଚିତ ହୋଇପାରନ୍ତେ ଏଥିରେ ସନ୍ଦେହ ନାହିଁ। ❑

*ପ୍ରାଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର*

## ରସଶୂନ୍ୟ ସାଙ୍ଗୀତିକତାହୀନ ଜୀବନ କୋଉ ଭିଡ଼କୁ ଯେ ?

◆ ବାଦଲ ମହାନ୍ତି

ଜାଣେନି କବିତା କହିଲେ କିଏ କ'ଣ ବୁଝେ ? ହୁଏତ ପ୍ରତି କବି ପାଇଁ ଏହାର ଅର୍ଥ ଭିନ୍ନ ହୋଇଥାଇପାରେ। ମାତ୍ର ମୋ ପାଇଁ କବିତା ଏଇଥରର ଜୀବନ ପାଇଁ ସବୁଠୁ ବଡ଼ ଆଶୀର୍ବାଦ ଦିନେ କବିତା ମୋ ପାଇଁ ସଉକ୍ ଥିଲା, ଆଜି କିନ୍ତୁ ଏହା ବିନା ମୋର ବଂଚିବା ନିରର୍ଥକ। ଦିନେ କବିତା ଥିଲା ପ୍ରେମିକାର ରୂପ ବର୍ଣ୍ଣ ବା ଅତିବେଶୀରେ ସମାଜରେ ପ୍ରଚଳିତ ତଥା ମୋତେ ଭଲ ଲାଗୁନଥିବା କିଛି ପ୍ରଥା ବିରୁଦ୍ଧରେ ଯତ୍‌କିଞ୍ଚିତ ଯୁବ ସୁଲଭୀୟ ଚପା ବିଦ୍ରୋହ। ମାତ୍ର ଧିରେ ଧିରେ କବିତା ଏବେ ମୋର ଏହି ଛୋଟିଆ ଜୀବନକୁ ସଂପୂର୍ଣ୍ଣ ଗ୍ରାସ କରିଯାଇଛି। ତା'ର କୋମଳ ପଞ୍ଝା ଭିତରେ ମୋର ସମସ୍ତ ପାର୍ଥିବ ଅପାର୍ଥିବ ଶାନ୍ତି ଅବରୁଦ୍ଧ। ଉଭୟ କବିତା ଲେଖିବା ଓ ଅନ୍ୟର କବିତାକୁ ପଢ଼ି ଗୋଟେ ତୂରୀୟ ଅବସ୍ଥାରେ ରହିବା ମୋର ଜୀବନର ଯୋଗ ପାଲଟି ଯାଇଛି। ଏହି ତୂରୀୟ ଅବସ୍ଥା ବୋଧହୁଏ ନିର୍ବାଣ।

ଦିନକୁ ଆଠ ରୁ ଦଶଥର ମୋତେ କବିତା ହିଁ ଏହି ଅବସ୍ଥାକୁ ଆଣେ। ମୁଁ ଭୁଲିଯାଏ ତେଲଲୁଣ ସଂସାରର ଯାବତ ଅଭାବ, ଭୁଲିଯାଏ ପୈତୃକ ସମ୍ପତ୍ତିରୁ କାଣିଚାଏ ଭାଗ ନ ପାଇବାର କଷଣ। ଭୁଲିଯାଏ ଅଫିସ୍‌ରେ ଦିଆଯାଇଥିବା ନଗଦ ଗାଳି ଓ ପନ୍ଦର ତାରିଖ ପରେ ମିଳୁଥିବା ବାସି ଦରମା କଥା। ସ୍ୱପ୍ନ ଦେଖିବାକୁ ମୁଁ ରାତିଯାଏଁ ଅପେକ୍ଷା କରେନି କି ପ୍ରେମ ଟିକେ ପାଇଁ କେତେବେଳେ କେଉଁଠି ଭିକାରୀଙ୍କ ପରି ନିଉଛାଳି ହୁଏନି। ବାଣୀବିହାର ଆସେ, ମିଟୁ, ସଂଜୟ, ଅତୀଶ, ସର୍ବେଶ୍ୱର ଚ' ପିଉ। ମୁଁ ଆସିଲେ ସେମାନେ ଖୁସି ହୁଅନ୍ତି, ତେଣୁ ମୋ ଭଲପାଇବା ଅନ୍ୟ ଦେହକୁ ସଂଚରି ଗଲାବେଳେ ମୁଁ ସ୍ଥିର ନିଶ୍ଚିତ ହୁଏ ଯେ, ହଁ ମୋ ଭିତରେ ଭଲପାଇବା ଅଛି। ଅନ୍ୟକୁ ଭଲ ପାଇବା ମୋତେ ଏହି କବିତା ଶିଖେଇଛି।

କବିତା ଯେମିତି ମୋତେ କହେ, ଦେଖ କବି ! ପ୍ରକୃତିର ପ୍ରତିଟି ପ୍ରାଣୀ, କୀଟ, ପତଙ୍ଗ ଠାରୁ ଉଦ୍ଭିଦ ଯାଏଁ ସମସ୍ତେ ତୋ'ଠୁ କେମିତି ଭଲପାଇବା ଆଶା କରନ୍ତି ? ମୁଁ ପଚାରେ କାହିଁକି ? କବିତା ଯୋଗୁଁ ମୋ ଭିତରେ ଉତ୍ପନ୍ନ ଅନୁଭବ କହେ, ପୃଥିବୀକୁ ସୁନ୍ଦର କରିବା ପାଇଁ ସେମାନଙ୍କର ନିଃସର୍ତ୍ତ ଅବଦାନକୁ ସେମାନେ ଆଦୌ ଭୁଲନ୍ତି ନାହିଁ । ତେଣୁ ସମସ୍ତେ କିଛି କିଛି ଦେଇ ଚାଲିଛନ୍ତି । ଏମିତିକି ପାହାଡ଼, ସମୁଦ୍ର, ନଈ ବି କେବଳ ଦିଅନ୍ତି । ମାତ୍ର ସେମାନେ ପ୍ରାକୃତିକ ଭାବେ ଅସହାୟ । କାରଣ ତାଙ୍କ ପାଖରେ ନେବାର କ୍ଷମତା ନାହିଁ । ଅଥଚ୍ ତୋ ପାଖରେ ନେବା ଓ ଦେବାର ଉଭୟ କ୍ଷମତା ଥାଇବି ତୁ ଲାଭଜନକ ନେବା କ୍ଷେତ୍ରରେ ବୀତସ୍ପୃହ । ଏଇଟା ହିଁ ତୋର ସନ୍ତୁଳନ । ଏଇଟା ହିଁ ତୋର ସାଧନା ।

ମୁଁ ହସେ ଆଉ କହେ, ଲୋ ଫୁଲେଇ କବିତା ! ଏହି ପ୍ରେମିଳ ଓ ମଧୁର ବୈରାଗ୍ୟର ଉପଲବ୍ଧି ତ କେବଳ ତୋ ପାଇଁ ସମ୍ଭବ ହୋଇଛି । କବିତା ମୋତେ ଲାଜ କରେ । ମୁଁ ତା' ପାଖକୁ ଆହୁରି ଘେଞ୍ଚି ହେଇଯାଏ । ତା'ପରେ ଆରମ୍ଭ ହୁଏ ବଦ୍‌ମାସୀ । ମୋତେ ଟିକେ ଚୁମୁଟି ଦେଇ କି ଗୋଟେ କମେଣ୍ଟ୍ ମାରିଦେଇ କବିତା ମୋ' ପାଖକୁ ଉଠି ଦୌଡ଼େ । ମୁଁ ତା' ପଛେ ପଛେ ରହ ରହ କହି ଦୌଡ଼େ ।

କବିତା ମୋତେ କେବେ ସନ୍ନ୍ୟାସୀ କରିଛି ତ କେବେ ସଂସାରୀ । ମାତ୍ର ମୁଁ ତା' ନିକଟରେ ସମ୍ପୂର୍ଣ୍ଣ ସମର୍ପିତ । ସେ ଆସିଲେ ମୁଁ ନିଜକୁ ଯାଚିଦିଏ ତାକୁ । ତା' ଦାୟିତ୍ୱରେ ରହିବାର ସୁଖ ଯିଏ ଭୋଗିଛି ସିଏ ଜାଣିଛି ସେ ସୁଖର ଗଭୀର ଆନନ୍ଦ । ଆଉ ସେ ଯେବେ ନ ଆସେ ମୁଁ ଶବ ଭଳି ଜୀଏଁ । ସେ ଏକଥା ଭଲଭାବେ ଜାଣେ । ତେଣୁ ମୋତେ ବୁଝାଏ ଦୂରତ୍ୱର ସୌନ୍ଦର୍ଯ୍ୟ । ମୁଁ ବୁଝିଯାଏ । ସେ ବି ଜାଣେ କବିର ସରଳପଣ ଓ ସଂପୂର୍ଣ୍ଣ ସମର୍ପିତ ଭଲପାଇବା ତାକୁ ଆଉ କୋଉଠି ମିଳିବନି । ତେଣୁ ସେ ମୋତେ ବାରମ୍ବାର ଧରାଦିଏ । ମୁଁ ଏକଥା ବି ଜାଣେ, ଯେବେ ମୋ ଭିତରେ ତା' ପ୍ରତି ଭଲପାଇବା ବଦଳରେ କିଛି ପ୍ରାପ୍ତିର ଆଶା ଉଦ୍ରେକ ହେବ ସେ ଆଉ ଆସିବ ନାହିଁ । କାରଣ କବିତା ଅତି ସମ୍ବେଦନଶୀଳ ଓ ଖୁବ୍ ପ୍ରାକୃତିକ ।

କବିତାକୁ ମୁଁ ଏମିତି ବୁଝେ । ପ୍ରତି ମୁହୂର୍ତ୍ତରେ ସୁଖ ପାଏ । ପ୍ରତି ମୁହୂର୍ତ୍ତରେ ମରେ ଓ ଜୀଏଁ । ଯା ବ୍ୟତୀତ କବିତାର ଗହନ ପ୍ରବେଶ ମୋ ସାଧ ବାହାରେ ।

ହଁ କବି ବାଲ୍ମୀକି ମୋତେ ବେଶି ଘାରନ୍ତି । ମିଳନରତ କ୍ରୌଞ୍ଚ ଓ ବ୍ୟାଧର କଥା ମନେପଡ଼େ । ଜଣେ ଆର୍ତ୍ତର ଡାକ କବିକାନକୁ ହିଁ ଶୁଭେ । କାରଣ ଜଣେ ସତ୍‌କବି କେବେବି ନିଜ ଚିନ୍ତାରେ ନଥାଏ । ଖାଲି ନଥିଲେ ବି ହବନି, ଶବ୍ଦ-ଭାବକୁ ନେଇ ତୀର୍ଯ୍ୟକ୍ ପରିଭାଷା ପରିପ୍ରକାଶ କରିପାରିବାର ସାମର୍ଥ୍ୟ ବି ତା' ପାଖରେ ଥିବା ଦରକାର । ସମାଜର ପରିବର୍ତ୍ତନ ହେଉ କି ନହେଉ ସେ ତା' କାମ କରେ । ବାଲ୍ମୀକି ବ୍ୟାଧକୁ ଚପୁଡ଼ାଏ ନ ମାରି କି ତାକୁ ନ ବୁଝାଇ କବିତା କାହିଁକି ଲେଖିଲେ ସେ କଥା ମୋତେ ବେଶ୍ ଭଲ ଲାଗେ ।

ଏବେକୁ ଲୋକଙ୍କୁ ଯଦି କବିତା ଗନ୍ଧାଏ ତେବେ ମୁଁ ନିରୁପାୟ । ତେବେ ମୋର ଦୃଢ଼ ବିଶ୍ୱାସ ଅଛି କବିତା ପ୍ରତି, କବିପ୍ରତି ସମସ୍ତଙ୍କ ପ୍ରଚୁର ଭଲପାଇବା ଥାଏ, ଅଛି ଓ ରହିବ । ଦୁଃଖ ଏତିକି ଯେ, କବିତାର ପାଠକମାନଙ୍କ ଛାଇ ବୟସ୍କ ଓ ଡେଙ୍ଗା ହେବା ଯାଏଁ କବିକୁ ଟିକେ ସଂଯମ୍ ଧରିବାକୁ ହବ । କବିତା ଲେଖ ନହେଲେ ପଢ଼ । ସମୟ ବିତିଯିବା ଆଗରୁ କବିତାକୁ ନେଇ କିଛି ଗୋଟେ କର । ମୋ' ସ୍ୱଳ୍ପ ଅଭିଜ୍ଞତାରୁ ମୁଁ ଯାହା ବୁଝେ, ବିନା କବିତାରେ ବଞ୍ଚିବା ଯାହା, ଜୀବନରୁ ସାଙ୍ଗୀତିକତା ହରାଇବା ତାହା । ଆଉ ରସଶୂନ୍ୟ ସାଙ୍ଗୀତିକତାହୀନ ଜୀବନ କୋଉ ଭିଡ଼କୁ ଯେ ?

❑

# ମଡ଼ା ଚଣ୍ଡିଆ

◆ ରୁଦ୍ରନାରାୟଣ ମହାପାତ୍ର

"ତୁ ନିହାତି ଗୋଟାଏ ଅଜବଟାଏ। କହିଲି ପରା ତୁ ଏ ଆଡ଼କୁ ଅନାନା। ତୁ ଆପଣାର ଜୀବନକୁ ଉପଭୋଗ କରିସାରିଛୁ। ତେଣରୁ ଅନ୍ୟକୁ ପ୍ରତିବାଦ କରିବାର ଅଧିକାର ତୋ'ର ନାହିଁ। ଭଲ କ'ଣ ମନ୍ଦ କ'ଣ ତାହାର ମୂଲ୍ୟାୟନ କରିବାର ଅଧିକାର ମଧ ତୋ'ର ନାହିଁ। ମୋ ପାଇଁ କେଉଁଟା ଠିକ୍, କେଉଁଟା ଭୁଲ୍, କେଉଁଟା ଉଚିତ୍, କ'ଣ ଅନୁଚିତ୍, ମୁଁ ମୋର ଜୀବନକୁ ଆଜି କେମିତି ଜିଇବି। ତା'ର ସୁନ୍ଦର ବା କୁତ୍ସିତ ଚିତ୍ର ଆଙ୍କିବା ତାହା ମୋର ନିଜସ୍ୱ, ଏକାନ୍ତ ବ୍ୟକ୍ତିଗତ। ସେଥିରେ ତୋ'ର ଯାଏ କେତେ ଆସେ କେତେ। ସାମାଜିକତାର ହାନିଲାଭ, ନୈତିକ ଆଦର୍ଶ, ସ୍ଥାନ-କାଳ-ପାତ୍ରର ମିଥ୍ୟା ଦ୍ୱାହି ଦେବାକୁ ତୁ କିଏ? ତୁ ତୋ ନିଜକୁ ଥରେ ପଚାରିଲୁ, ଆପଣାର ଜୀବନଟାକୁ ଆପଣା ନ୍ୟାୟରେ ବଞ୍ଚିବାବେଳେ, ସମାଜର ଧରାବନ୍ଧା ଶଗଡ଼ ଗୁଳାରେ ତୁ କ'ଣ ଠିକ୍ ଭାବେ ଚାଲିଛୁ ବା ସେହି ନୀତିନିୟମର ଅଛିଣ୍ଡା ଗଣ୍ଠିକୁ କେବେ ବି ବିରୋଧ କରିନୁ? ଆଜି ମୋ ଗୋଲାପରେ ତୁ କାହିଁକି କଣ୍ଟା, ମୋ କବାବରେ ତୁ କାହିଁକି ହଡ୍ଡି।"

ଏମିତି ଗଳଗାଜି କରି ଗାଳି ଦେଉ ଦେଉ 'ସନିଆ'ର ଦୁର୍ଗନ୍ଧ ମୁହଁରୁ ବାହାରୁଥାଏ ମେଞ୍ଚାଏ ହସ... ପୁଣି ସାଁ...ସାଁ ଶବ୍ଦ। ସେ ଏବେ ପ୍ରଗଳ୍‌ଭ। ସେ ଚିତ୍କାର କଲା, "ଦେଖ୍ ମୁଁ ସନିଆ", ମୁଁ ସମାଜଛଡ଼ା; ଆଜିଠୁଁ ନୁହେଁ, କାହ୍ନୁବାବୁଙ୍କ 'ଶାସ୍ତି'ର ୧୮୬୬ ନଅଙ୍କ ଦୁର୍ଭିକ୍ଷ ଅମଳରୁ; ମୋ ପାଇଁ ଜାତି, ଧର୍ମ, ବର୍ଣ୍ଣର ମାନେ କିଛି ନାହିଁ, ମୁଁ ବଞ୍ଚିଛି ମୋ ଭିତରେ ସମାଜକୁ ଗୋଟାପଣେ ସାଇତି ସାଇତି...। ନିଜ ପାଇଁ ନିଜସ୍ୱ ଶୈଳୀରେ... ଆଜି ବି ବଞ୍ଚୁଛି ନିଜସ୍ୱ ଢଙ୍ଗରେ...। ମୁଁ ମଡ଼ାଚଣ୍ଡିଆଟାଏ ହେଲି ବୋଲି, ମୋର କ'ର ଜୀବନରେ ବଞ୍ଚିବାର ଅଧିକାର ନାହିଁ! ମୋର ପ୍ରତ୍ୟେକ କୃତକର୍ମର ମୁଁ କର୍ମୀ; ତେଣୁ ଏଇ ବୁଢ଼ା ମୋର କୌଣସି କ୍ରିୟା ଉପରେ ପ୍ରତିକ୍ରିୟା କରିବାର ଅଧିକାର ତୋ'ର ନାହିଁ; କି ମୋତେ ଦେଢ଼େଇ ଚାହିଁବାର ଅଧିକାର ତୋର ନାହିଁ।"

ସନିଆ ପୁଣି ଭୁଲିଗଲା ଆପଣାକୁ। ନିଜକୁ ନିଜସ୍ୱ ଢଙ୍ଗରେ; ଧୋବିର ବାହୁ ସ୍ପର୍ଶରେ, ଦେହରେ ଦେହକୁ... ମନରେ ମନକୁ ମିଶାଣ ଫେଡ଼ାଣର ଅଛିଣ୍ଡା ଅଙ୍କରେ; ସାଁ-ସାଁ ଶବ୍ଦ ସାଙ୍ଗକୁ ସନିଆର ଦେହରୁ ଗମ୍ ଗମ୍ ଝାଳ। ଓଃ କି ଆନନ୍ଦ; ଆଶ୍ଲେଷର ହରିକାଠ ସତେଯେପରି ଚନ୍ଦ୍ରମାର ଅନୁଭୂତି ମଲା; ଝାଳର ଗନ୍ଧରେ ତାର ଲୁପ୍ତ ହେଲା ସକଳ ଚେତନା..।

ସନିଆ ଚିତ୍କାର କରି ଉଠିଲା...ଏ ବୁଢ଼ା... କହିଲି ପରା ଆଡ଼କୁ ଅନା... ଦେଖ୍ 'ଧୋବି', ଏ ବୁଢ଼ାଟାର ନିଜସ୍ୱ ନାହିଁ... କେତେ ନୀତି ଓ ଆଦର୍ଶର ପାଠ ପଢ଼ଉଛି। କହୁଛି; ଏଇଟା ହସ୍ପିଟାଲ; ଏଇଟା ଶବ ସଂରକ୍ଷଣ ଘର; ଏହାର ଭିତରଟା କେଡ଼େ ଥଣ୍ଡା; ଖାଲି ଥଣ୍ଡା... ଓଃ କି ଥଣ୍ଡା...। ଏଠି ଉଷୁମର ସ୍ଥାନ ନାହିଁ। ଏଠି ରକ୍ତ ପାଣି ହୁଏ, ଉଷୁମ୍ ନୁହେଁ; ଏଇଠି ଶବର ସ୍ଥାନ, ସେକ୍ସର ନୁହେଁ। ଏଇ 'ଧୋବି', ତୁ କହତ ଥରେ ଦେଖି, ମୁଁ ଦାରୁ ପିଇଛି ବୋଲି କ'ଣ ମୁଁ ମୋ ନିଜକୁ ଭୁଲି ଯାଇଛି..., ତୋତେ କେବେ ଅସମ୍ମାନ କରିଛି..., ଯଦି ଆମେ ଆମର ଦୁନିଆଁ ଗଢ଼ିବା, ଆମ ଭିତରେ ଆମେ ବଞ୍ଚିବା; ତେବେ ଏହି ବୁଢ଼ାଟା ଆଖି ତରାଟିବାକୁ କିଏ? ସେ ତ ତାହାର ଜୀବନ କାଳରେ ପଞ୍ଚାଅଶୀଟି ବସନ୍ତକୁ ଯେମିତି ଢଙ୍ଗରେ ବଞ୍ଚୁଥିଲେ ବି, ଆମେ କେବେ ତେଢ଼େଇ ଚାହିଁନଥିଲେ, ଏଇ 'ଧୋବି' ରହ ରହ... ଟିକେ ଥୟ ଧର। ସେ ଦିନ ସେହି ବର୍ଷଣମୁଖର ରାତ୍ରିରେ 'ତୁ' ସିନା ମୋ ସହିତ ଦୁନିଆ ଦାଣ୍ଡରେ ଚାଲିଯିବାକୁ ସାହସ କରିନଥିଲୁ; ଆଜି ତୁ ମୋ'ଠୁଁ ବେଶି ପ୍ରଗଳ୍‌ଭା। ତୁ ଟିକେ ରହ... ମୁଁ ସେହି ବୁଢ଼ାଟାକୁ ଉଠେଇ... ତାହାର ମୁହଁକୁ ଆରପଟକୁ ବୁଲେଇ ଦିଏଁ...। ସନିଆ ଉଠିଗଲା... କହିଲା, "ଏଇ 'ଧୋବି', ଏ ବୁଢ଼ାଟାର ମୁଣ୍ଡ

ପଟରୁ ଟିକେ ଧ'ର ତ... ଆସ୍ତେ... ଆସ୍ତେ... ଧିରେ... ଧିରେ... ହଁ ଉତ୍ତର ଦିଗକୁ ନୁହେଁ... ପୂର୍ବ ପଟକୁ। ରହ ରହ ତୁ ପାରିବୁନି ମୋତେ ଛାଡ଼େ...।"

ମୁଣ୍ଡକୁ ପୂର୍ବାଭିମୁଖୀ କରୁ କରୁ ସନିଆ ଉଚ୍ଚାରଣ କରୁଥିଲା- "ଯାଆ ଚାଲି ଯାଆ... ଊର୍ଦ୍ଧ୍ୱକୁ... ଆହୁରି ଊର୍ଦ୍ଧ୍ୱକୁ... ସର୍ବେ ଭବନ୍ତୁ ସୁଖିନଃ... ସର୍ବେ ଶନ୍ତୁ ନିରାମୟାଃ...।"

ଓଃ କି ଶାନ୍ତି... ଓଃ କି ପୁଲକ... ରେଫ୍ରିଜିରେଟରର କି ଶୀତଳତା!" ସନିଆ ମୁଣ୍ଡରର ବାଳ ଏବେ ଅସ୍ତବ୍ୟସ୍ତ। କପାଳ ଉପରେ ଏଣେ ତେଣେ ପଡ଼ି ସଂପୂର୍ଣ୍ଣ ଅମାନିଆ...। ଠିକ୍ ଝଡ଼ ପରର ବଣ ପରି। ପାଟିରୁ ବାହାରୁଥାଏ ତା'ର ଚିର ପରିଚିତ, ଅତି ଆପଣାର ଦେଶି ଦାରୁର ବାସ୍ନା...। ସନିଆ ଧୋବିର ମୁଣ୍ଡକୁ ଆଉଁସିଲା... ପଣ କରିଛି ଆଜି ସେ... ସାରିଦେବ ସବୁକିଛି... ଯାହା କିଛି ଏ ପର୍ଯ୍ୟନ୍ତ ବାକି ଅଛି; ଧୋବିର ଭୋକ ଅଛି।

'ଧୋବି'ର ଆହାଃ... ସାଙ୍ଗକୁ ପାରିପାର୍ଶ୍ୱର ଅସମ୍ଭବ ନିରବତା। ଏହି ଶୂନ୍ୟତା ହିଁ ଶୋଷ। ସନିଆ କହିଲା, "ଏଇ 'ଧୋବି, ତୁ କହିଲୁ ଦେଖି, ଯଦି ମୃତ୍ୟୁ ସତ୍ୟ, ତେବେ 'ଜନ୍ମ' ସତ୍ୟ ନ ହେଲା କେମିତି! ଯଦି ଜନ୍ମ ସତ୍ୟ, ତେବେ ଯୌନତା ବା 'ଲିବିଡ଼ୋ' ସତ୍ୟ ନ' ହେଲା କେମିତି! ଆଦିପୁରୁଷର ସେହି 'ଲିବିଡ଼ୋ' କ'ଣ ମିଛ!" ମଡ଼ା ଘରଟାରେ ଶାରିରୀକ ସମ୍ବନ୍ଧକୁ ନାକ ଟେକୁଥିବା ସମାଜର ବଡ଼ପଣ୍ଡାମାନେ, ମଡ଼ାଚଣ୍ଡିଆଟାଏ ଏମିତି କରିବାକୁ ଗଲା କାହିଁକି, ତାହାର ପ୍ରଶ୍ନ ନିଜକୁ କେବେ ପଚାରିଛନ୍ତି କି? ଧୋବି ତୋ'ର ବାପା ବି ସେଦିନ ବିଧର୍ମୀ, ଛତରଖିଆ କହି ଆମର ମିଳନର ବାଧକ ସାଜି ନଥିଲା କି? ସନିଆ ଏବେ ଭାବପ୍ରବଣ ପୂର୍ବରୁ ବେଶି, ବହୁତ ବେଶି। ସେ କହିଲା, "ଦେଖ୍ ଧୋବି, ଆଜି ବି ମୁଁ ତୋ ପାଇଁ ମନଲାଖି ବାସର ପଲଙ୍କଟିଏ ଦେଇପାରିନି; କିନ୍ତୁ କହତ ଦେଖି, ଆଜି ଏଠାରେ ଦୁଇଟି କଫିନ୍ ବାକ୍ସକୁ ଯୋଡ଼ି, ତୋ ପାଇଁ ଯେଉଁ ଖଟଟିଏ ବା ରଙ୍ଗମଞ୍ଚଟିର ବ୍ୟବସ୍ଥା କରିଛି, ତାହା କୋଉ ଗୁଣରେ କମ୍?" ସେହି ପଲଙ୍କଟାଏ ବି କାଠରେ, ଆଉ ଏହି କଫିନ୍‌ଟାଏ ବି କାଠରେ..., ସେହି ପଲଙ୍କରେ ବି ଲାଗିଥାଏ ଅତର, ଆଜି ଏହି କଫିନ୍‌ଟାରେ ବି ଅତର... ସେହି ପଲଙ୍କଟାରେ ଫୁଲ... ଆଉ ଏହି କଫିନ୍‌ଟାରେ ବି ଫୁଲ, ସେହି ରାତିଟା ଗୋଟେ ଜୀବନ... ଆଉ ଆମର ଏହି ଦିନଟାବି ଗୋଟେ ଜୀବନ...; ସେଥିରେ ବି ଗୋଟେ ଆନନ୍ଦ, ଏଥିରେ ବି ଗୋଟେ ଆନନ୍ଦ...।" ଓଃ କି ସ୍ଫୂର୍ତ୍ତି... ଅସମ୍ଭବ ସ୍ଫୂର୍ତ୍ତି...।

ସନିଆର କଥା ପସରାରୁ, ପ୍ରେମର କଖାରୁଫୁଲ, ସାଉଁଟୁ ସାଉଁଟୁ ଧୋବି ଚିତ୍କାର କରିଉଠିଲା, କି ବେ ଅଳପେଇସା... ଏ ଆଡ଼କୁ କାହିଁକି ଅନେଇଛୁ। କ'ଣ ଆମକୁ ଦେଖିବ ଈର୍ଷା କରୁଛୁ ନାଁ ଏ ଫୁଙ୍ଗୁଳା ଦେହକୁ ଦେଖି ତୋର ଲୋଭ ହେଉଛି। ତୁ ତୋର ଜୀବନଟାକୁ ବଞ୍ଚି ପାରିଲୁନି ବୋଲି, ଆମର ଏ ମନଫୁଲାଣିଆ ବଞ୍ଚିବାରେ, ଛେନା ଛିଡ଼େଇବାକୁ ତୁ କିଏ? ତୋ'ର ଆକସ୍ମିକ ଦୁର୍ଘଟଣା ପାଇଁ କ'ଣ ଆମେ ଦାୟୀ? ଜୀବନରେ ଯଦି ଅତୀତର ଅର୍ଥ କିଛି ନାହିଁ, ଭବିଷ୍ୟତଟା ଯଦି ଅନିଶ୍ଚିତ, ତେବେ ବର୍ତ୍ତମାନକୁ ଯେପରି ଭାବେ ବଞ୍ଚିପାରିଲେ, ଦୋଷ କେଉଁଠି...? ତୋ'ର ଏହି ସତେଇଶଟି ବସନ୍ତ ଭିତରେ, କୈଶୋରର କଙ୍କି ପ୍ରଜାପତି ଧରିବାଠାରୁ ଆରମ୍ଭ କରି, ପ୍ରାରମ୍ଭ ଯୌବନରେ ସହପାଠୀ ସହିତ ନଦୀପଠାରେ ବୁଲିବା ବେଳେ, ଧନୁରେ ତୀର ଯୋଖିବାବେଳେ, ମୁଁ କେବେ ତୋତେ ବିରୋଧ କରିଛି କି! ତେବେ ମୋ'ର ଏହି ଫୁଙ୍ଗୁଳା ଦେହଟା ପ୍ରତି କାହିଁକି ତୋ'ର ଏହି ଚପଳଭରା ଅହେତୁକ ଆକର୍ଷଣ?"

ମନେପକା ସେହି ପୁରୁଣା ଦିନକୁ, "ନିଛାଟିଆ ରାସ୍ତାକଡ଼ରେ ଭଙ୍ଗା ଘରଟାରେ, ତୋ'ରି ଭଳି ଚାରିଜଣ ମିଶି, ଏମିତି ଫୁଙ୍ଗୁଳା ଦେହଟାକୁ ଝୁଣି ଖାଉଥାନ୍ତି। ଦେଖି ନଦେଖିବା ପରି, ଜାଣି ନଜାଣିବା ପରି, ସେତେବେଳେ ତୋ'ର ଏହି ଆଖି ଦୁଇଟାରୁ ପୁଅଟାଏ ମରିଯାଇଥିଲା କିପରି, ଆଉ ଆଜି ଏହି ଫୁଙ୍ଗୁଳା ଦେହଟାକୁ ପାଇ ପୁଣି ବଞ୍ଚିଉଠୁଛି କାହିଁକି?

ଦିଗମ୍ବର ସନ୍ୟାସୀ 'ଶବ' ଉପରେ ବସି ରୋମାଞ୍ଚିତ ହେଲେ, ତାହା ସାଧନା... ଆମେ ପରସ୍ପର ଭିତରେ ଯାହାବି କଲେ, ତାହା ପ୍ରବଞ୍ଚନା। ଏ ସମାଜଟାଏ ଗୋଟିଏ ଘୁଣଖିଆ

କାଠ। ଏଇ କହତ ଦେଖି, ଏ ସମାଜ ଆଖିରେ ତୁ' ଗୋଟିଏ ଶବ ନୁହଁ କି ! କ'ଣ ତୋ'ର ଠିକଣା। ତୁ ମାନବ... ଅମାନବ... ଅତିମାନବ ! କେଉଁଠି ତୋ'ର ବାସ ? ସ୍ୱର୍ଗରେ, ଧରାରେ, ନର୍କରେ, ଇନ୍ଦ୍ରଲୋକରେ, ମାୟାପୁରୀରେ... ଶ୍ରାବଣରେ, ଝୁଲଣରେ, ଧୂମକେତୁରେ... ! ଚୁପ୍‌ରହ, ବନ୍ଦ କର ତୋ'ର ସେହି ତେରଛା ଚାହାଁଣିକୁ... ତୋ'ର ଆଖିକୁ... ଆଖି ପୁଅକୁ...। ନ ହେଲେ ମୁଁ ବାଧ୍ୟ ହେବି ତୋ କଫିନ୍‌ର ଢାଙ୍କୁଣିଟାକୁ ବନ୍ଦ୍ କରିଦେବାକୁ।

'ଧୋବି' ପୁଣି କହିଲା, "ଏ ସନିଆ, ଏ ଟୋକାଟାକୁ ଟିକେ ଆଗପଟରୁ ଧରିଲୁ, ମୋତେ ତା'ର ମୁଣ୍ଡଟା ଛାଡ଼େ। ୟାକୁ ବି ଆମେ, ପୂର୍ବମୁଖା କରିଦେବା... ହଁ ଆଉଟିକେ ପୂର୍ବକୁ, ଠିକ୍ ଅନନ୍ତର ଦିଗରେ... ସେ ବି ଘୋଷଣା କରୁ 'ଶାନ୍ତି ଓଁ ଶାନ୍ତି... ଅସତୋମାଂ ସଦ୍‌ଗମୟ.. ତମସୋମାଂ ଜ୍ୟୋତିର୍ଗମୟ। ❑

*ଅଧ୍ୟାପକ, (ବାଣୀବିହାର)*



# ନିର୍ଘାତ ଭିଟାମିନ୍

◆ **ଇନ୍ଦ୍ରମଣି ଜେନା**

ଆମ ମେସ୍‌ରେ ଆଜି ରୋଷେଇ ହେବାରେ ସମସ୍ୟା ଦେଖା ଦେଇଛି। ରୋଷେଇ ଦାୟିତ୍ୱ ନେଇଥିବା ବିଡିଆ ଗଙ୍ଗା ଆଜି ନ ଜଣାଇ ଘରେ ରହି ଯାଇଛି। ତିନିଜଣ ମେମ୍ବରର ମେସ୍ ଆମର, ନିଜେ କେହି ଜଣେ ଠିକ୍‌ରେ ରୋଷେଇ ଜାଣିନୁ। ଆମ ଛୋଟିଆ ସହରଟିରେ ବି ଭାତ ଖାଇବା ପାଇଁ ହୋଟେଲଟିଏ ନାହିଁ। ତେଣୁ ସକାଳୁ ତେନ୍ତୁଳିଆ ବିଛା ମୁଣ୍ଡକୁ କାମୁଡିଲାଣି। କିପରି ରୋଷେଇ ହେବ ?

ଅଳ୍ପକେତେଦିନ ହେଲା ଆମେ ଦୁଇଜଣ ବନ୍ଧୁ ଆମର ପାଠ ଶେଷକରି ଚାକିରିରେ ଯୋଗଦେଇଛୁ, ବେଡିଂ ଦି ଟା ଧରି କଲେଜରୁ ସିଧା ଏଇଠି। ଅନତିଦୂରରେ ଥିବା ମୋର ବନ୍ଧୁଙ୍କର ଦୂର ସମ୍ପର୍କୀୟ ବିଦ୍ୟାଧର ବି ଆମ ସହ ରହିବାକୁ ସ୍ଥିର କରିଛି। ସିଏ ପାଖ ହାଇସ୍କୁଲରେ ଜଣେ ବିଜ୍ଞାନ ଶିକ୍ଷକ। ଆଜିର ସମସ୍ୟା ସମାଧାନର ବାଟ ମିଳୁନି। ଗଙ୍ଗା ତ ଗଙ୍ଗା। କୋରାପୁଟର ଲୋପ ପାଇଯାଉଥିବା କଣ୍ଡାଦୋରା ଆଦିବାସୀ ସମ୍ପ୍ରଦାୟର ସେ ହାତ ଗଣତି ଲୋକମାନଙ୍କ ଭିତରୁ ଜଣେ।

ଆମେ ଏଠାକୁ ଆସିବାର ପ୍ରଥମଦିନ ସେ କହିଥିଲା, "ମୁଁ ସବୁବେଳେ ଏଠି ଡାକ୍ତରସାର୍‌ଙ୍କର ଅର୍ଡରଲି ଓ ସେଫ୍। ଆଉ କେହି ମୋ ପରି ରୋଷେଇ କରିପାରିବେ ନି, ଖାଇଲେ ଜାଣିବେ ସାର୍। ଖାଲି ମୋର ମାଝି ପରି ରୋଷେଇଘରେ ସହାୟକଟିଏ ଥିଲେ ହେଲା। ଆପଣଙ୍କୁ ଖାଇବା ବିଷୟରେ କିଛି ବି ଚିନ୍ତା କରିବାକୁ ପଡିବନି। ବିଶ୍ୱାସ କରନ୍ତୁ ସାର୍, ଆପଣ ଯାହା କହିବେ ମୁଁ ଆଖି ପିଛୁଳାକରେ ରୋଷେଇକରି ପରଷି ଦେବି, ଟିକିଏ ସୁପ୍ ପିଉଥିବା ଭିତରେ ସବୁ ରୋଷେଇ ସାରିଦେବି।" ସତରେ କୋରାପୁଟର ପଟ୍ଟାଙ୍ଗୀ ପରି ନିପଟ ମଫସଲ ଆଉ ଉପାନ୍ତ ଅଞ୍ଚଳରେ କିଏ ଜଣେ ମିଳିବ, ଏଇଟା ଆମ ଚିନ୍ତାର ବାହାର ଥିଲା। ଖାଇବାର ସମସ୍ୟା ସମାଧାନ ହୋଇଗଲା ବୋଲି ଭାବିଥିଲୁ। ଗଙ୍ଗା କଥା ମୁତାବକ ରୋଷେଇ କରେ। ସେଠିକାର ଖାସି ବଦଳରେ ମିଳୁଥିବା ବୋଦାମାଂସକୁ ବି ଏମିତ ରୋଷେଇକରିଦିଏ ଯେମିତି ଠିକ୍ ଖାସି ପରି ଲାଗିବ। ହେଲେ ଭାରି ମନୁଆଁ। ଅନେକ ସମୟରେ ତାଡି ପ୍ରଭାବରେ ଥାଏ। ଯେମିତି ଅବସ୍ଥାରେ ଥାଉନା କାହିଁକି, ଆମ ଦୁହିଁଙ୍କୁ ଦେଖିଲେ ନିଶା ଛାଡିଯାଏ।

ଗଙ୍ଗା ନ ଆସୁ ପଛେ ମାଝି ଆସିଗଲା। କେତେଦିନ ମିଶି ରୋଷେଇ କରୁଛନ୍ତି, ମାଝି ଦିନଟାଏ ଚଳାଇ ନେବ ବୋଲି ଆଶ୍ୱସ୍ତ ହେଲୁ ଆମେ। କିନ୍ତୁ ମାଝି ଟିକିଏ ତୁରୁତୁରିଆ। ସାଙ୍ଗ ମୋର କହିଲେ, "ମାଝି, ଆଜି ଖାଲି ଭାତ, ଡାଲି, ତେନ୍ତୁଳି ଖଟା ଆଉ ଅଣ୍ଡା କରିଦେବ। ବଜାର ଯାଇ ଅଣ୍ଡା ଆଉ କଅଣ କଅଣ ନେଇଆସ।" ଏତିକି କଥା ସରିଛି କି ନାହିଁ ମାଝି ଧାଇଁ ବଜାର ପାଖରୁ ପୁଣି ଫେରିଲା, ମନ ପଡିଲା ନି କଅଣ କିଣାହେବ। ଏମିତି ସବୁବେଳେ ଦି ତିନି ଥରରେ ସିଏ କାମଟି କରେ, ଆଜି କେବଳ ଆମକୁ ଯାହା ନୂଆ ଲାଗୁଛି।

ମାଝି ଜାଣିଛି ଗଙ୍ଗା କୁଆଡେ ଯାଇଛି। ଗଙ୍ଗା ଯାଇଛି କୁନ୍ଦୁଲି ହାଟ, କୁକୁଡାଟିଏ ତାର ବୁଢା ହେବାକୁ ବସିଲାଣି ଅଥଚ ସିଏ ବିକି ନ ଥିଲା। ଏହି କୁନ୍ଦୁଲି ହାଟ ଥରେ ଯାଇ ଦେଖି ଆସିବା ଭଲ। ସବୁଠାରୁ ବଡ ହାଟ କୋରାପୁଟ ଜିଲ୍ଲାରେ। ପନିପରିବା, ଫଳମୂଳ ଡାଲି ଓ ଜଙ୍ଗଲଜାତ ପଦାର୍ଥ ସବୁର ଖୋଲା ହାଟ, ସକାଳୁ ସକାଳୁ ଭିଡ ଲାଗିଯାଏ ଓ ଦିନ ଦି ପହରକୁ ଶେଷ। ଏଇ ହାଟଟା କୋରାପୁଟ ଜିଲ୍ଲାର ସବୁ ଲୋକଙ୍କର ଜୀବନଯାତ୍ରାକୁ ବହୁ ପରିମାଣରେ ପ୍ରଭାବିତ କରିଛି। କନ୍ଧ ଓ ପରଜା କାହିଁକି ସବୁ ବର୍ଗର ଲୋକମାନଙ୍କର ଚଳଣିକୁ ସବୁମତେ ବଦଳାଇ ଦେଇଛି, କିଏ ନ ଦେଖିଲେ ବିଶ୍ୱାସ କରିବେ ନାହିଁ।

ହାଟର ପାଳି ମଙ୍ଗଳବାର ଓ ଶନିବାର, ମାତ୍ର ହାଟୁଆ ଦିନେ ଆଗରୁ ବାହାରିବେ, ଦିନେ ପରେ ଘରେ ପହଞ୍ଚିବେ ଏମିତି ସପ୍ତାହରେ ଛଅ ଦିନ ଚାଲିଯାଏ ହାଟ ଓ ବାଟରେ। କେତେକଙ୍କର ହାଣ୍ଡିଆ ସର୍ବସ୍ୱ ଜୀବନ। ସମୟ ନିର୍ଘଣ୍ଟ ବା କିପରି ରହିବ ଏମାନଙ୍କର ? ଘରର ମରଦ ମାନଙ୍କୁ ହାଟଟି

ଏମିତି ବେଶ୍ ପ୍ରଭାବିତ କରିଥାଏ। ଯେତିକି ମୂଲ୍ୟର କୁକୁଡା ହେଉ ନା କାହିଁକି, ତା ପାଇଁ କୁନ୍ଦୁଲିହାଟ ରହିଛି, ବିକ୍ରିବଟା ଓ ଟିକିଏ ହାଣ୍ଡିଆହାଟର ତାମସା। ବାଟରେ ଝୁଲିଝୁଲି କୁକୁଡା ମୂଲଟା ହାଟରେ ହିଁ ସରିଯାଇଥିବ।

କିନ୍ତୁ ଗଙ୍ଗା ଆମର ଏତେଟା ହାଣ୍ଡିଆଭକ୍ତ ହେବାପରି ଜଣାଯାଏ ନି। ଅବଶ୍ୟ ରୋଷେଇ କଲାବେଳେ ପିଉ ନ ଥିବ ବୋଲି ଆମର ଧାରଣା। କିନ୍ତୁ ଦିନେ ଦିନେ ମୋଟେ ଆମ ସାମନାକୁ ଆସେ ନି। ମାଝି ପରଷିଦିଏ ତା ବାଟରେ। ଗଙ୍ଗାର ଉପସ୍ଥିତି ଆବଶ୍ୟକ କରୁଥିଲେ ହେଁ ଆମେ କେବେ ମୁହଁ ଖୋଲି ତାକୁ ଡାକିବାକୁ ଚେଷ୍ଟା କରୁନି। କେବେ କେବେ ଥର ଥର ହାତର ଆଂଗୁଟି ଗୁଡିକ ତା'ର ଆମପ୍ରତି ଥିବା ଭୟ ବୋଲି ଆମର ମନରେ ଦୟା ଆସେ ଗଙ୍ଗାପାଇଁ। ଯେତିକି ଦୟା ଆସେ ତା' ସମ୍ପ୍ରଦାୟର ବିଲୁପ୍ତ ହେବାକୁ ଯାଉଥିବା କାରଣ, ସେତିକି ତା'ର ଆମ ପ୍ରତି ପ୍ରକାଶିତ ସମ୍ମାନ ପାଇଁ। ପରେ ଅବଶ୍ୟ ନିଶାପ୍ରତି ତା'ର ଥିବା ଆସକ୍ତି ଆମର ଧାରଣା ସଂପୂର୍ଣ୍ଣ ବଦଳାଇଦେଲା।

ଗଙ୍ଗା ଯେତିକି ଆଦରରେ କାମ କରେ, ଅଳ୍ପଦିନରେ ଆମକୁ ଗ୍ରହଣ କରିନେବାକୁ ପଡିଲା କି ଏଠାରେ ଲୋକମାନଙ୍କର ଖାଦ୍ୟ ମାଣ୍ଡିଆ ପେଜ। ଥରେ ପାତଳା ମାଣ୍ଡିଆ ଯାଉ ତିଆରି କରି ପାଣିକଖାରୁ ତୁମ୍ବା ବା ପିଁପାରେ ଠିପିମାରି ଦି ଦିନ ରଖିଦେଲେ ହାଣ୍ଡିଆ ଗୁଣର ହୋଇଯିବ। ତାକୁ ସେମାନେ ସୁଖାଦ୍ୟ ଭାବରେ ଗଣିଥାଆନ୍ତି। ଏ ମାଟିର ପୁଅ ସେମାନେ। ସେମାନଙ୍କର ଜୀବନ ସେତେଟା ପ୍ରଭାବିତ ହୋଇ ପାରିନି ନୂଆ ସଭ୍ୟତାରେ।

ହାଣ୍ଡିଆକୁ ଛାଡିଦେଲେ ସଲପ୍ ଗଛଟି ଅନେକଙ୍କ ପାଇଁ ସେମାନଙ୍କ ପଡାର ପ୍ରଧାନ ସମ୍ପଦ। ଗାଁ ମାନଙ୍କରେ ଘରର ମାଲିକାନା ବା ଚଉହଦ ନିଜ ନାଁରେ ରଖିବାପାଇଁ କେହି ଆଗ୍ରହୀ ନୁହଁନ୍ତି। କିନ୍ତୁ ସଲପ ଗଛଟିଏ ଦେଖିଲେ, ତାକୁ ନେଇ ଘରବାନ୍ଧି ବସିବେ ଏମାନେ। ଏଥିପାଇଁ କେତେ ଯେ ଜୀବନ ଯିବ ତା କେବଳ ସେଇ ସଲପ ଗଛ ହିଁ କହିବ। ଦିନରେ ରାତିରେ ସମସ୍ତଙ୍କ ନଜର ସେଇ ସଲପ୍ଠାରେ। ସୁନ୍ଦରୀ କନ୍ୟାଟିଏ ବି ଏତେ ଆକର୍ଷଣ କରି ପାରିବାର ଶକ୍ତି ନ ଥାଇପାରେ। ସଲପଗଛଟିର ବେକ ପାଖରେ ହାଣ୍ଡିଟିଏ ବନ୍ଧାହେଲେ ବହୁତ ସୁନ୍ଦର ଦିଶେ ସନ୍ଧ୍ୟାବେଳକୁ। ମଧୁ ଝରିବ ରାତିରେ ତା ଭିତରୁ। କେତେ ଯେ ମହୁମାଛି ରାତିସାରା ଉଡି ଆସିବେ ସେଠାକୁ ତା'ର କଳନା କିଏ କରିବ? ସକାଳକୁ ଯାହା ମୃତାହତ ହୋଇ ପଡିଥିବେ।

ଗଙ୍ଗା ଆମର ଗୋଟିଏ ସଲପ୍ଗଛର ମାଲିକ। ତାର ପରାକ୍ରମରୁ ଏତେଟା ମଧୁପ ଆସନ୍ତି ନି ତା ବସାକୁ। ଲମ୍ବା ଚଉଡାରେ ଅନ୍ୟ ମାନଙ୍କ ବେଶ୍ ଅଧିକ। ତା ନିଜ ପେଟରୁ ବଳକା ହେଲେ କେବେ କାହା ପାଟିରେ ସିନା ବାଜିବ ସଲପ୍ରସ। ତଥାପି ଡଙ୍ଗର ବାହାରର ଅଜଣା ଅତିଥି ଯଦି କେବେ ରାତିରେ ବାଦୁଡି ପରି ଆସି ସଲପ୍ ହାଣ୍ଡିରେ ସ୍ପର୍ଶ କରିବାକୁ ଲାଗିଯିବେ, ଗଙ୍ଗା ସେମାନଙ୍କୁ କ୍ଷମା ଦିଏ ନି। ପଡାରେ ଥିବା ଜମିବାଡି କାହାର ସ୍ଥିତିବାନ ସମ୍ପତ୍ତି ହିସାବରେ ନ ଥାଏ। ଆମ୍ବ ବା ପଣସଗଛ ପଡା ଲୋକମାନଙ୍କର ନିଜସ୍ୱ ନୁହେଁ, ବାସିନ୍ଦା ବା ବାହାରର କେହି ବି ବ୍ୟବହାର କଲେ, ସେମିତି କେହି ବିରୋଧ କରିବାର ଦେଖାଯାଏ ନାହିଁ। କିନ୍ତୁ ସଲପ୍ ଗଛଟାଏ ଅଲଗା। ଯିଏ ବାଡ ଘେରାଇ ସଲପଗଛ ନିଜର କରି ରଖିପାରେ, ସିଏ ସାହୁକାର। ଏମିତି କେତେ ଜଞ୍ଜାଳ ଗଙ୍ଗାର ନିତି ଦିନିଆ ବୋଲି ଆମେ ଶୁଣି ଶୁଣି ଥେୟା।

ଗଙ୍ଗା କଥା ନ ଭାବିବା ଭଲ, ଆମର ହାଣ୍ଡି କେମିତି ଚୁଲିକୁ ଯିବ ସେଇଟା ହୋଇଛି ଆମର ଚିନ୍ତା। ମାଝି ତ କେତେଥରରେ ଆମର ସଉଦା ଆଣି ରଖୁଛି। ବିଦ୍ୟାଧର ତାର ତରତର ହେଉଛି ସ୍କୁଲ୍ ସମୟ ହୋଇଯାଉଛି ବୋଲି, ଆମେ ଦି ଜଣ ଯାହା ଅପେକ୍ଷା କରିଛୁ ରୋଷେଇ ବରାଦ କରି ଦେଇ ଆମ କାମରେ ବାହାରିଯିବୁ। ଏଇଟା ଓଡିଶା ରାଇଜର ଉପାନ୍ତ ଅଞ୍ଚଳ, ସରକାରଙ୍କ ଶାସନର ଏଜେନ୍ସି ଅଞ୍ଚଳ। ପୁଣି ଆନ୍ଧ୍ର ସହିତ ସୀମା ବିବାଦର କେତୋଟି ଗ୍ରାମପୁଞ୍ଜକୁ ଅନ୍ତର୍ଭୁକ୍ତ କରୁଥିବା ବ୍ଲକ ଓ ତହସିଲ୍। ଦୋକାନ ବଜାର କଥା ନ କହିଲେ ଭଲ। କହି ପାରନ୍ତି ଓଡିଶାର ସିମଲା ବା କାଶ୍ମୀର କିନ୍ତୁ ଯଦି ଦିନେ ଓଳିଏ ପାଇଁ ବୁଲିବାକୁ ଆସିଥିବେ। ରହିବାଟା ଭାରି କଷ୍ଟକର ଏଠାରେ। ଦିନ ଚାରିଟାରେ ଆଖିରେ ଲୁହ ଆସିଯିବ।

ବନ୍ଧୁ ମୋର ବରାଦ କରିଦେଲେ । ମାଝି ଭାତ, ଡାଲି, ଅଣ୍ଡା ଆଉ ତେନ୍ତୁଳି ଖଟା କରିବ। ସମ୍ପ୍ରତି କଲା ମାଝି। ଏଇଟା ତାକୁ ଆସିବ। ସିଏ ତ ସବୁଦିନ ଗଙ୍ଗାଙ୍କୁ ସାହାଯ୍ୟ କରୁଛି, ଏଇ ଦିନକ କଅଣ ଚଳେଇ ଦେବ ନି ?

"କରିଦେବି ଆଜ୍ଞା", ଏମିତି ଅଳପ ଉତ୍ତରଦେଇ ଯେମିତି ମୁଚୁକୁନ୍ଦ ହସଟାଏ ହସିଦେଲା ମାଝି, ଆମର ଦୁଃଖ ଦୂର ହୋଇଗଲା। ଲଞ୍ଚ ବେଳକୁ ଖାଇବାକୁ ମିଳିବ। ଏମିତି ଏଇ ତିନିଜଣିଆ ବାଚେଲର୍ ମେସ୍‌ରେ ଖାଇବା ସ୍ୱାଦ ଉପରେ କିଛି କଟକଣା ନଥାଏ। ଅଲଣା ହେଲେ ଲୁଣ ମିଶାଇବା ଓ ଲୁଣିଆ ହେଲେ ପାଣି ମିଶାଇବା ତ ଆମର ନିତିଦିନିଆ ମାନସାଙ୍କ। ଆଜି ଯାହା କଷିବାକୁ ଥିବ ପରବାୟ ନାହିଁ।

କାମ ପାଇଁ ଡାକ୍ତରଖାନାର ଅନ୍ୟାନ୍ୟ କର୍ମଚାରୀଙ୍କୁ ସାଥିରେ ନେଇ କେତେବେଳେ କୋଉ ପଡାରେ କାମ କରୁ। ସ୍ୱାସ୍ଥ୍ୟଭିତ୍ତିକ ଜନଗଣନା, ପରିବାର କଲ୍ୟାଣ ଯୋଜନାରେ ଯୋଗ୍ୟ ଦମ୍ପତି ଚୟନ, ଗାଁପରିମଳ, ରୋଗପ୍ରତିଷେଧକ ଟିକା ଜଣିକିଆ କାମ ନୁହେଁ, ଏଗୁଡ଼ିକ ଦଳଗତ କାର୍ଯ୍ୟ। ଏଠାରେ ଲୋକମାନେ ମାଲେରିଆ ଜ୍ୱର ହେଲେ କୁକୁଡାଟିଏ ବଳି ପକେଇବେ ପଛେ ହାତକୁ ବଟିକା ବଢେଇଦେଲେ ପଛକୁ ଫୋପାଡି ଦେବାର ଅଭ୍ୟାସ ଅଛି। ଡାକ୍ତରଖାନା ଗାଡି ଦେଖିଲେ, ଯିଏ ଯାହାର ବାଡିବାଟେ ଖସି ପାହାଡ ଉପରକୁ ଚଢି ପଳେଇବେ। ସେଥିପାଇଁ ଆମେ ସବୁ ଲୋକଙ୍କୁ ରୋଗ ପ୍ରତିଷେଧକ ଔଷଧ ଦେବାପାଇଁ ଚାରିପଟୁ ଘେରିଯାଉ। ଜଣେ ଅଧେ ଯଦି ବା ନ ମିଳନ୍ତି, ସେମାନଙ୍କୁ ଟିକା ଦେବାକୁ କୁଡିଆର ସଂଘା ଉପର ଖୋଜି ପାଇଯାଉ।

କେତେବେଳେ କାମ ଆରମ୍ଭ କରିବାବେଳେ, ପଡାର ଜଣେ ନିଜକୁ ନାଇକ ଆଉ ଜଣେ ବାରିକ କହି ଆମକୁ ସାହାଯ୍ୟ କରନ୍ତି। ବେଳେବେଳେ ଗାଁର ପ୍ରଚଳିତ ନିୟମ ଅନୁସାରେ କିଛି ଚାଉଳ ବା ଗୋଟିଏ କୁକୁଡା ଯୋଗାଡ କରିବାର ମତାମତ ନିଅନ୍ତି ଆମଠୁଁ। କିନ୍ତୁ କୌଣସି ପଡାରେ ରୋଷେଇକରି ଖାଇବୁ ଆମ ନିୟମ ବିରୁଦ୍ଧ। କେବେ ବା ଗାଁର ନାଇକ ଏମିତି ନିଜର ହୋଇଯାଏ, ଆମ ସହ ମଜାରେ ନିଜ ଲୋକପରି କଥାଭାଷା ହୁଏ। ମନେ ଅଛି, ଥରେ ପାହାଡ ଚଢିବା ବେଳକୁ ମୋର ଗୋଟିଏ ବାଉଁଶ ଠେଙ୍ଗା ଦରକାର ହେଲା। ପାହାଡ ଚଢିବାକୁ ସହଜ, ଠେଙ୍ଗାଟି ସହାୟତାରେ ସହଜରେ ତିଖ ପାହାଡ ଚଢି ହେବ, ମାତ୍ର ଓହ୍ଲାଇବାଟା କାଠିକର ପାଠ। ତଳକୁ ଅନେଇଲେ ମନେ ହେବ, ଯେମିତି ପାହାଡ ମୂଳରେ ମୁହଁମାଡି ପଡିଯିବ। ଦେଶୀୟା ଲୋକମାନେ ସିନା ମୂଷା ପରି ଧାଇଁ ଉଠିଯିବେ, ଆମେ ଏତେ ତୀର୍ଯ୍ୟକ ଉଠାଣି ଉଠିବା ଅସମ୍ଭବ। ଏକମାତ୍ର ସହାୟକ ପାହାଡ ଉପରେ ଖୁବ୍ ଟାଣରେ ଉଠିଥିବା କାନ୍ଦୁଲ ଗଛ। ଗୋଟିକ ପରେ ଗୋଟିଏ ଧରି ତା ଆଶ୍ରାରେ ଉପରକୁ ଉଠିବା। ଆଉ ଓହ୍ଲାଇବା ବେଳେ ବାଉଁଶ ବାଡିଟି ସେମିତି ସାହା।

ସାବଧାନତାରେ ଉଠିବା ବେଳେ ବା ଓହ୍ଲାଇବାବେଳେ ବି ଧ୍ୟାନ ଭାଙ୍ଗିଦିଏ ସେ ମୁଣ୍ଡାଗାଡିଅ ବୁଧୁର ଥଟ୍ଟା। ଏକେତ ତାର ସାଙ୍ଗିଆ ମୁଣ୍ଡାଗାଡିଆ। ବୁଧବାରେ ଜନ୍ମ ବୋଲି ବୁଧୁ। ସୋମବାରରୁ ରବିବାର ଯାଏ ଗାଁରେ ଯେତେ ଜନ୍ମ ନିଅନ୍ତି ସମ୍ବରା, ମଙ୍ଗୁଳି, ବୁଧୁ, ଗୁରୁ, ଶୁକୁରା, ଶନି ବା ରବି। ମୁଁ ଯଦି ମଜାରେ ପଚାରେ ବୁଧୁ, ତୁମ ପଡାରେ କେତେଟା ବୁଢ଼ୁ ଅଛନ୍ତି, ସିଏ ଉତ୍ତର ଦିଏ, "ଡାକ୍ତର ଗାରୁ କେନ୍ତେ ଡୋକ୍ରା ପରି ଚାଲୁଛି"। ମୁଁ ଡୋକରା କଅଣ ପଚାରିବାକୁ ପଡେନି, ସିଏ ନିଜେ କହିପକାଏ 'ଧୋକଡା ବୁଢ଼ା'। ତାଙ୍କ ପଡାରେ ଯିଏ ଡୋକରା ହୋଇଯାଏ, ସିଏ ପାହାଡ ଉଠିପାରେ ନି। ଏମିତି ଏଇ ପାହାଡକୁ ବାଟ କରି ଆପଣେଇଥିବା ଅନେକ କର୍ମଠ ମଣିଷ ବୟସର ପରାଭବରେ ବନ୍ଦୀ ହୋଇଯାଆନ୍ତି ନିଜ ଘରଭିତରେ।

ଗାଁରେ ଭଳିଭଳିକା ନୂଆ ଚଳଣି, କୋଉଠି ମରଦ ପିଲାକଥା ବୁଝିବାକୁ ଘର ମଧ୍ୟରେ ଆବଦ୍ଧ ତ କୋଉଠି ମଦ ଖାଇ ଚୁର୍। ସ୍ତ୍ରୀ ପିଲା ଓ ଝିଅ ମାନେ ଜଙ୍ଗଲକୁ ଯାଆନ୍ତି ଜୀବିକା ପାଇଁ। ହାଟ ବାଟ ସବୁ ତୀର୍ଲାଙ୍କ କାମ, ହାଣ୍ଡିଆଟା ଯାହା ମରଦର ମୌରସୀ।

ଉପରିସ୍ଥ ଅଧିକାରୀଙ୍କ ଆଦେଶରେ ଆମେ ଯାହା ଡାକ୍ତରଖାନାରେ ଭୋଜନର ବ୍ୟବସ୍ଥା କରିଥିଲୁ ରୋଗୀମାନଙ୍କପାଇଁ, ହେଲେ କେହି ରୋଗୀ ବି ଭାତ ଡାଲି

ହଜମ ହଜମ କରିପାରିଲେନି। ବାଳୁତ କାଳରୁ ମାଣ୍ଡିଆ ପେଜ ସହଜରେ ହଜମ କରିପାରୁଥିବା ମଲୁମାନେ କିପରି ଟାଣ ଖାଦ୍ୟ ହଜମ କରନ୍ତେ ? ଜଣଙ୍କୁ ବୟସ୍କ ଲୋକଙ୍କୁ ମୁଁ ଭେଟିଲି। ବାଲିପଦର ଗାଁରେ। ସିଏ କେବଳ ଜଣେ ଲୋକ ଯିଏ ଭାତ ଭଲ ପାଉଥିବା କଥା ଜାଣି ପାରିଲି। ଟିକିଏ ଆଚମ୍ବିତ ହେଲି। କିପରି ଏମିତି ସୁବିଧା ମିଳିଲା, ଏବେ ବି ମୋର ସଂଶୟ ହୋଇ ରହିଛି। ସିଏ ଗୋଟିଏ ବଡ଼ିଆ ରାଜମହଲରେ ଆନୁମାନିକ ଦୁଇବର୍ଷ ଥିଲେ ବୋଲି ମୋତେ କହିଲେ। ପ୍ରସଙ୍ଗକ୍ରମେ ମୁଁ ଜାଣିବାକୁ ପାଇ ପାରିଲିନି କେଉଁ କାରଣରୁ ସିଏ ଏତେ ସୁନ୍ଦର ଖାଦ୍ୟ ପାଇ ଆରାମରେ ବର୍ଷ ଦୁଇଟା କଟାଇ ପାରିଥିଲେ। ଗାଁର କୌଣସି ଅଘଟଣର କାରଣ ସ୍ୱରୂପ ସିଏ କହନ୍ତି, ସରକାର ବାହାଦୂର ତାଙ୍କୁ ବଡ ଉଚ୍ଚ ପ୍ରାଚୀର ଥିବା ରାଜପ୍ରାସାଦରେ ରଖି ଦୁଇବର୍ଷ ଭାତଡାଲି ଖାଇବାକୁ ଦେଇଥିବାରୁ ତାଙ୍କର ଅଭ୍ୟାସ ହୋଇଯାଇଛି। ତାଙ୍କୁ ଦି ବର୍ଷ ପରେ ସେଠାରୁ ଅନ୍ତର କରିବାରେ ସିଏ ପ୍ରତିବାଦ କରିଥିଲେ। ବହୁ ମନ ଦୁଃଖରେ ସିଏ ତାଙ୍କର ଭାତଡାଲିଖିଆ ଦୁଇବର୍ଷର ଜୀବନ କଟାଇ ପୁଣି ନିଜ ଜନ୍ମମାଟିକୁ ଫେରିଆସିଲେ। ମୋର ବୁଝିବା ଦରକାର ନାହିଁ କୁଆଡେ ସିଏ ଥିଲେ, କିନ୍ତୁ ଏ ଇଲାକାରେ

ଜଣେ ଭାତ ଭଲପାଉଥିବା ଲୋକ ଦେଖି ମୋତେ ଖୁସି ଲାଗିଥିଲା।

ଆଉ କେତେଟା ଗାଁରେ ବି ବୋହୂଟିଏ ଯେମିତି ନିଜ ପୁତୁରାକୁ ଯତ୍ନର ସହ ଗାଧୋଇ ଖାଇବାକୁ ଦେଉଛି, ଏତେ ସ୍ନେହର କାରଣ ବୁଝିବାରୁ ମୋତେ ଉତ୍ତର ଶୁଣି ଚକିତ ହେବାକୁ ପଡିଥିଲା। ସ୍ୱାମୀ ସେଇ ତରୁଣୀର, କୋଡିଏ ବର୍ଷର ତରୁଣୀଟି ବିଭା ହୋଇଛି ଏଇ ବାଳୁତ ଚାରି ବର୍ଷର ନିରାଶ୍ରୟ ସାନ ପୁଅଟିକୁ! ଶଙ୍ଖା ସିନ୍ଦୁର ନାଇ ସେହି ସୁନ୍ଦରୀ ତରୁଣୀ ନିଜର ଚାରିବର୍ଷର ସ୍ୱାମୀର ଯତ୍ନ ନେଉଛି। ସେଇଠି ଶଙ୍ଖା ସିନ୍ଦୁରର ତାତ୍ପର୍ଯ୍ୟ ମୋତେ ବୁଝା ପଡୁ ନଥିଲା। ଯଦି ଚ ଏଇଟା ମୋର ଚିନ୍ତାର ପରିସରକୁ ଆସୁ ନ ଥିଲା, ଏଇଟା ସେଇ ଜାତିର ଚିରନ୍ତନ ପ୍ରଥା ବୋଲି ଆମ ଲୋକ ମୋତେ ସୂଚାଇଦେଲେ, ଏ ବିଷୟରେ ପ୍ରଶ୍ନ କରିବା ସେଠିକାର ଧର୍ମଦ୍ରୋହ ହେବ ଅନୁମାନ କରି ମୁଁ ନିରବ ରହିବା ଶ୍ରେୟ ମନେକଲି। ଶୁଣିଲି ଏଇଟା ବୁଡିଯାଉଥିବା ପରିବାର ପାଇଁ ସାମାଜିକ ପ୍ରଥା। କେତେ ଚିନ୍ତା  ସେଇ ବିବାହିତା ଯୁବତୀର ଯୌବନ ଜନିତ ଉଦ୍ଦୀପନା ବିଷୟ ମନକୁ ଆସୁଥିଲେ ହେଁ ସେ ଭାବନାକୁ ଅପ୍ରକାଶ୍ୟ ରଖିବାକୁ ସ୍ଥିରକଲି। ସତରେ କଅଣ ସେ ଯୁବତୀ ଦେବଦାସୀ ପରି ନିଜ ସଭ୍ୟତାରେ ବଞ୍ଚି ରହିଛି ?

କାମ ସାରି ଫେରିବା ବେଳକୁ ଅପରାହ୍ନ ତିନିଟା ପର ହୋଇ ଯାଇଥାଏ। ରୋଷେଇ ସମସ୍ୟା ସମାଧାନ ହୋଇଯାଇ ଥିବାରୁ ଜଳି ଉଠୁଥିବା ପେଟର ଭୋକକୁ ଠିକ୍ ଉତ୍ତର ମିଳିବ ବୋଲି ଆଶାବାନ୍ଧି ଖାଇବସିଲୁ। ତିନିଜଣ ଯୋଗକୁ ଏକାଠି ହୋଇଥିଲୁ ସେ ଦିନ। ଖାଇବାକୁ ଗିନା ତାଟିଆ ଦରକାର ପଡିଲା ନି। ଗୋଟିଏ ଭାତ ହାଣ୍ଡିରେ ସବୁ ରୋଷେଇ।

ବନ୍ଧୁ ମୋର ବାଢିବା ବେଳେ ଜାଣି ନେଲେ ରୋଷେଇ ରହସ୍ୟ। ଏଥିରେ ବି ପୋଡୁଚାଷ ଫର୍ମୁଲା ପଡିଛି। ଗୋଟିଏ ଜମିରେ ଏକା ସମୟରେ ମକା, ମାଣ୍ଡିଆ, କାନ୍ଦୁଲ, ବିନ୍ ଆଉ ଯେତେ ଯେତେ ଫସଲ ଥାଇପାରେ। ଯିଏ ଯେତେବେଳେ ଫଳୁଛି ଫଳୁ। ଚାଉଳ ସହିତ ଡାଲି, ତେନ୍ତୁଳି ଆଉ ଖୋଳ ସହ ଅଣ୍ଡା। ଏତେ ଥର ଚୁଲିରେ ହାଣ୍ଡି ପକାଉଠା କରିବା ଅପେକ୍ଷା ଗୋଟା ଅଣ୍ଡା ସହ ସବୁ ମିଶି ଗୋଟିଏ ଅଶୁଣା ମିଶ୍ରଣ କରି ଥୋଇ ଦେଇଛି ମାଝି।

ପେଟର ରଗଡା ମୂଷା ମାନେ ପାକସ୍ଥଳୀକୁ କୋରି ପକାଉଥିଲେ। ସତରେ ମାଝିର ମିକ୍ସ ଅପୂର୍ବ ସ୍ୱାଦ ବହନ କରିଥିଲା। କୌଣସି ଗଣିତସୂତ୍ର ଦରକାର କରୁ ନ ଥିଲା।

ଆମ ଚିକିତ୍ସାବିଦ୍ୟାର ସବୁ ଖାଦ୍ୟପ୍ରାଣକୁ ଟପି ମାଝିର ମିଶ୍ରିତ ବ୍ୟଞ୍ଜନ ଆମକୁ ଲାଗିଲା ଯେମିତି ନିର୍ଘାତ ଭିଟାମିନ୍।

ସମାରୋହ, ୧୨୮, ଡୁମୁଡୁମା (କ),
ଖଣ୍ଡଗିରି, ଭୁବନେଶ୍ୱର-୩୦;
ମୋ-୯୪୩୮୦୦୭୫୦୯

❑

# ବରିଷ୍ଠ କବି ତଥା ସାହିତ୍ୟସାଧକ ଡକ୍ଟର ହୃଷୀକେଶ ମଲ୍ଲିକଙ୍କ ସହ କେଇପଦ କଥା...

◆ ଅସିତ୍ ପ୍ରଧାନ

*ଧାନ ସାଉଁଟା ଝିଅର ଅନୁଭବକୁ ନେଇ ଓଡ଼ିଆ କବିତା ଜଗତରେ ସ୍ୱର୍ଦ୍ଧାର ସହିତ ପାଦ ଥାପିଥିବା କବି ହୃଷୀକେଶ ନିଜେ ହିଁ ନିଜର ପରିଚୟ । ଘଟଆକାଶ, ଧର୍ମପତ୍ନୀ, ଜୀବନନାମା, ବସୁଷେଣ, ରେବତୀ, ଏବଂ ଜେଜେ ଦେଖି ନଥିବା ଭାରତ ପର୍ଯ୍ୟନ୍ତ ବିସ୍ତୃତ ତାଙ୍କର ସୃଜନ ସଂସାର । ଏ ଭିତରେ ଭେଟ ଭାରତୀ ଅଛି, ତୁଳନାତ୍ମକ ସାହିତ୍ୟ ଆଲୋଚନା ଅଛି, ଅଛି ସଂପାଦନାର କାରିଗରୀ - 'ଜେଜେ ଦେଖି ନଥିବା ଭାରତ' କବିତା ସଂକଳନ ପାଇଁ ସମ୍ମାନଜନକ ଶାରଳା ପୁରସ୍କାର ପାଇଥିବା ଏହି କବିଙ୍କୁ ଭୋର୍ ତରଫରୁ ଭେଟିଥିଲୁ ଆମେ ।*

ନମସ୍କାର...

ପ୍ର : ଧାନ ସାଉଁଟା ଝିଅ ଆପଣଙ୍କୁ ଅନେକ ପରିଚିତି ଦେଇଛି । ଧାନ ସାଉଁଟା ଝିଅକୁ ଭେଟିଲେ କେମିତି ?

ଉ : ଗାଁର ଏକ କୃଷକ ପରିବାରରେ ମୋର ଜନ୍ମ । ସୌଭାଗ୍ୟ କ୍ରମେ ଆମ ପରିବାର ସହ କଳା ଓ ସାହିତ୍ୟାନୁରାଗ ଜଡ଼ିତ ହୋଇ ରହିଥିବା ମୁଁ ଆବାଲ୍ୟରୁ ଲକ୍ଷ୍ୟ କରିଛି । ମୋର ବାପା ଏବଂ ଦାଦା ସେ ସମୟରେ ଜଣାଶୁଣା ଗୋଟିପୁଅ ନୃତ୍ୟଶିଳ୍ପୀ ଥିଲେ ଏବଂ (ହାଡ଼ିଆ ପଞ୍ଝୁଆ) ଅପେରା ପାର୍ଟିରେ ନୃତ୍ୟ କରୁଥିଲେ । ଆମ ଘର ଥିଲା ପୋଥି ଓ ପୁରାଣର ଏକ ସଂଗ୍ରହ ସ୍ଥଳ । ଏଥିରରୁ ଆସିଥିଲା ସାହିତ୍ୟ ଓ ସଂଗୀତ ପ୍ରତି ମୋର ଅନୁରାଗ । ଧାନବିଲ ଓ ସେଇ ବିଲ ସହିତ ସଂପୃକ୍ତ କୃଷିକର୍ମର ପ୍ରତିଟି ସ୍ତର ମୁଁ କୈଶୋରରୁ ଲକ୍ଷ୍ୟ କରିଛି । ଧାନ କଟା ସରିବା ପରେ ବିଲରେ ପଡ଼ିଥିବା କାନ୍ଧି ଓ ଛିଞ୍ଚାଧାନ ଗୁଡ଼ିକୁ ଛୋଟ ଛୋଟ ପିଲାମାନେ ପାଛିଆ ଧରି ଗୋଟାନ୍ତି । ସେମାନେ ଆମଦାନି କରିଥିବା ଧାନ



ସେମାନଙ୍କର ନିଜସ୍ୱ ଉପାର୍ଜନ। ତା'ରି ବିକ୍ରି ଲବ୍ଧ ଅର୍ଥରେ ସେମାନେ ଗାଁ ପାଖ ମେଳାରୁ ତାଙ୍କ ମନଲାଖି ଜିନିଷ କିଣନ୍ତି। ମାର୍ଗଶିର ଆରମ୍ଭରୁ ଧାନବିଲ ଏକ ଉତ୍ସବ କ୍ଷେତ୍ରରେ ପରିଣତ ହୋଇଯାଏ। ଏଇ ଅନୁଭବରୁ ଧାନ ସାଉଁଟା ଝିଅର ସୃଷ୍ଟି। ପରବର୍ତ୍ତୀ କଥା ତ କବିତାରେ ଅଛି।

ପ୍ର : ଆଉ ବାଇସା କ'ଣ ?

ଉ : ବାଇସା' ବି ଆମ ଗାଁର ଏକ ଚରିତ୍ର। ବୃତ୍ତିରେ ସେ କାଠ କଟାଳୀ। କରତ କାନ୍ଧରେ ପକେଇ ଗାଁ ଗାଁ ବୁଲି କାଠ କାଟେ। ତା' ଜୀବନରେ ଏପରି ଏକ ବିଡ଼ମ୍ବନା ଆସେ ଯେ ତା'ର ବିବାହିତ ସୁନ୍ଦରୀ ସ୍ତ୍ରୀ ଅନ୍ୟ ଜଣେ ଠିକାଦାରର ପ୍ରେମରେ ପଡ଼ି ତା' ସହ ଚାଲିଯାଏ। କିନ୍ତୁ ବିସ୍ମୟର କଥା, ଏ ନେଇ ବାଇସା'ର କିଛି ସୂଚନା ନଥାଏ। ଦ୍ୱିତୀୟ ସ୍ୱାମୀ ଆଡୁ ଗର୍ଭଧାରଣ କରିବାବେଳେ ସେ ସାଦ ନେଇ ତା' ପାଖକୁ ଯାଏ। ନିଜେ ବାଧିକି ପଡ଼ିଲେ ସ୍ତ୍ରୀ ମଧ୍ୟ ଆସି ତା'ର ସେବା ଯତ୍ନ କରେ। ତା' ମନରେ ଦୁଃଖ କେବେ ମୁଁ ଦେଖି ନାହିଁ। ନାନା ଅଭାବ ଅସୁବିଧା ସତ୍ତ୍ୱେ। ଆମ ସମାଜରେ ଦୃଶ୍ୟମାନ ଚରିତ୍ର ମାନଙ୍କ ମଧ୍ୟରେ ଏ ଚରିତ୍ରର ବୈପରୀତ୍ୟ ମତେ ଅଭିଭୂତ କରିଛି। ତାକୁ ନେଇ ବାଇସା' କବିତା।

ପ୍ର : ଉତ୍ତର ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ଧାରା ପ୍ରବର୍ତ୍ତକ ଭାବରେ ସାଂପ୍ରତିକ କବିତାମାନଙ୍କ ପ୍ରତି ଆପଣଙ୍କ ଦୃଷ୍ଟିଭଙ୍ଗୀ କିପରି ?

ଉ : କେବଳ ସାଂପ୍ରତିକ କବିତା ନୁହେଁ, କବିତା ପ୍ରତି ମୋର ଦୃଷ୍ଟିଭଙ୍ଗୀ ସବୁବେଳେ ଅନୁଭୂତି ମୂଳକ। କବିତାର ନିଜ ଅନୁଭୂତି ନିଜ ବାଗରେ ଯଦି ଲେଖିବାକୁ ମନସ୍ଥ କରି କଲମ ଧରେ ତେବେ ସେ କବିତା ଭଲ କବିତା ହୋଇପାରିବ। ମୁଁ ବା ମୋର ସମୟର ଯେଉଁ କବିମାନେ କବିତା ଲେଖିବା ପାଇଁ କଲମ ଧରିଥିଲୁ ସେତେବେଳେ କବିତା ଥିଲା ପାଶ୍ଚାତ୍ୟ ଅନୁସାରୀ, ଆଧୁନିକବାଦୀମାନଙ୍କ ଅଧିକାର କବଳିତ। ଏହି କବିମାନେ ଆମ କବିତାର ବାଟ ଛାଡ଼ି ଭାବ ଓ ଭାଷା ଦୃଷ୍ଟିରୁ ଏକ ଆମଦାନୀ କରା ପରପର ଅନୁଭୂତିକୁ ନେଇ କବିତା ଲେଖି ନିଜକୁ କବି ବୋଲି ମନେ କରୁଥିଲେ। ଏହି ସମୟର କବିମାନଙ୍କ ମଧ୍ୟରୁ ଅଧିକାଂଶ ପଦସ୍ଥ ସରକାରୀ କର୍ମଚାରୀ ହୋଇଥିବାରୁ କବିତାରେ ବି ଲୋକ ସଂପର୍କଠାରୁ ବୋଧହୁଏ ଦୂରରେ ରଖିବାକୁ ଶ୍ରେୟସ୍କର ମଣୁଥିଲେ। ପାଠକମାନଙ୍କ କଥା ଏମାନେ ଭୁଲି ଯାଉଥିଲେ। ଏମାନେ ଭାବୁଥିଲେ ପାଠକମାନେ ହିଁ କବିତା ଗୋଡ଼ାଣିଆ। ଏହି ଭୁଲ୍ ଯୋଗୁଁ ପାଠକ- ମାନେ ବି ଏମାନଙ୍କୁ ଏକପ୍ରକାର ବାସନ୍ଦ କରିଥିଲେ। ଉଚ୍ଚ ଦରର କବିତା ଦୁର୍ବୋଧ ହେବାକୁ ବାଧ୍ୟ ବୋଲି ଏକ ପରଦେଶୀ ଧାରଣାକୁ ପ୍ରଚାର କରୁଥିଲେ, ଏତିକି ବେଳେ ଏହି କାବ୍ୟଧାରଣାର ଠିକ୍ ବିପରୀତ ମେରୁରେ ଧାନ ସାଉଁଟା ଝିଅ ଭଳି କବିତାର ଆବିର୍ଭାବ ଘଟିଥିଲା। ଏ କବିତା ସବୁ ବିଭିନ୍ନ ମଞ୍ଚରେ ପଠିତ ହେଲାବେଳେ ପାଠକ ମନ ଧ୍ୟାନ ଦେଇ ଶୁଣୁଥିଲେ। ଏହାକୁ ସମାଲୋଚକମାନେ ଓଡ଼ିଆ କବିତାର ପର୍ବ ପରିବର୍ତ୍ତନ ବୋଲି ଆଖ୍ୟା ଦେଲେ ଯାହାକୁ କୁହାଯାଏ ଉତ୍ତର ଆଧୁନିକତା। ଏ ଆଧୁନିକତା ପାଶ୍ଚାତ୍ୟ କଥିତ। (Post Modernism) ନୁହେଁ। ଆଧୁନିକତାର ବିଫଳତା ଭିତରୁ ଏହାର ସୃଷ୍ଟି।

ପ୍ର : ଆପଣ ଓ କନିଷ୍କ ସାର୍‌ଙ୍କ ସଂପାଦିତ ପୁସ୍ତକ "ଓଡ଼ିଆ କବିତାର ଅନ୍ଧକାର ଯୁଗ ଓ ତା'ପରେ" ରେ ଆପଣ ସିଧାସଳଖ ଭାବରେ କେତେକ ପୁରୁଣା ନୂଆ କବିଙ୍କୁ ବିଛୁଆତି ଡାଙ୍ଗରେ ପ୍ରହାର କରିଛନ୍ତି। ଏ ବିଷୟରେ ଆପଣଙ୍କ ମତ କ'ଣ ?

ଉ : ଖାଲି ବିଛୁଆତି ଡାଙ୍ଗ ନୁହେଁ, ଯୋଗ୍ୟ ଲେଖାଗୁଡ଼ିକର ମଧ୍ୟ ଏଠାରେ ଆକଳନ କରାଯାଇଛି। ସାହିତ୍ୟ ନାଁରେ ପାଠକମାନଙ୍କୁ ପ୍ରତାରିତ କରିବାର ଲକ୍ଷଣ ଯେଉଁ ସବୁ କୃତିରେ ରହିଛି, ନିଜ ନିଜ ଦୃଷ୍ଟିକୋଣରୁ ଆମେ ତାର ତର୍ଜମା କରିଛୁ। ଓଡ଼ିଆ ସମାଲୋଚନା ଢେର୍ ଦିନ ସ୍ତାବକତା କଲା। ଅଣ ସାହିତ୍ୟକୁ ମୁଣ୍ଡରେ ମୁଣ୍ଡେଇ ଥେଇ ଥେଇ ନାଚିଲା। ଚାକିରୀରେ ଗୋଟିଏ ବଦଳି ରଖିବାକୁ ସମାଲୋଚକଟିଏ ଯେ ମନ୍ଦ କବିର ସ୍ତାବକ

ହେବ ଏକଥା ଦେଖି ଦେଖି ବେଶି ବାଧିବାରୁ ଏ ଦୁଇଟି ବହି ଲେଖା ହେଲା। (ମୋ ପ୍ରଭୁ ବଳେ ବଳିୟାର, ଗୀତ ମୁଁ ନ ଭଣେ ଆନରେ) - ଏଭଳି ରୋକ୍ ଠୋକ୍ ସ୍ୱର ଯଥାର୍ଥରେ ସାହିତ୍ୟର ମୌଳିକ ସ୍ୱର। ବର୍ତ୍ତମାନ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରୁ ବାଲୁଙ୍ଗା ଝାଡ଼ିବାର ସମୟ ଆସିଛି। ବିଶ୍ୱ ବିଦ୍ୟାଳୟରେ ପଢୁଥିବା ବିଦ୍ୟାର୍ଥୀମାନେ ସତ୍ ସମାଲୋଚନାର ନେତୃତ୍ୱ ନେବା ଉଚିତ୍।

ପ୍ର : ଭଲ କବିତା ଯେତେବେଳେ ପାଠକ ଅଂତରର ଶିକାର ହୁଏ, ସେତେବେଳେ ଖୋଦ୍ କବି ପାଟି ଖୋଲିବା ଜରୁରୀ ହୋଇପଡ଼େ। ଜୀବନାନନ୍ଦ ଦାଶଙ୍କ ଏହି ଉକ୍ତି ଆପଣଙ୍କ ଉପରେ ବେଶି ପ୍ରଭାବ ପକେଇଛି ବୋଧେ ?

ଉ : ବଙ୍ଗଳା କବିତାର ସବୁ ମୂର୍ଦ୍ଧନ୍ୟ କବିଙ୍କୁ ମୁଁ ମନଦେଇ ପଢ଼ିଛି ଓ ଅନୁଭବ କରିଛି ଯେ ଜୀବନାନନ୍ଦ ଯାହା କହିଛନ୍ତି ତାହା ସତ୍ୟ। ଅଣକବିମାନେ ନାନା ଉପାୟରେ ସମାଜର ସବୁତକ ପୂଜାଫୁଲ ନିଜେ ଜାବୁଡ଼ି ଧରନ୍ତି। ଭଲକବି ସ୍ୱଭାବତଃ ଭାବୁକ ଓ ଆତ୍ମପ୍ରଚାର ବିରାଗୀ ହୋଇଥିବାରୁ ନିଜ କବିତାର ଆକଳନ କରିପାରେ ନାହିଁ। କାହାକୁ କିଛି ପ୍ରତିଦାନ ଦେବାର ଶକ୍ତି ଅଭାବରୁ ତା' କବିତାକୁ ପାର୍ଥିବ ଲାଭରେ ମାତିଥିବା ସମାଲୋଚକମାନେ ଆଡ଼େଇ ଯାଆନ୍ତି। ଫଳରେ ଭଲ କବିତା କାଳେ କାଳେ ଅପାଙ୍କ୍ତେୟ ହୋଇପଡ଼େ। ଏତିକିବେଳେ ଜଣେ ସତ୍ କବି ତା' କବିତାର ଗୁଣାଗୁଣ ନେଇ ଯଦି ମୁଖର ହେଲା କ୍ଷତି କ'ଣ ? କାଳିଦାସଙ୍କଠୁ ଆରମ୍ଭ କରି ସବୁ ଭଲ କବି ନିଜ କବିତାର ଦୋଷ ଗୁଣ ସଂପର୍କରେ କହିଛନ୍ତି।

ପ୍ର : ଫକୀର ମୋହନଙ୍କ ଗଳ୍ପନାୟିକା 'ରେବତୀ' ଓ ଆପଣଙ୍କ କାବ୍ୟନାୟିକା 'ରେବତୀ' ଜଣେ କି ?

ଉ : ଜଣେ ପୁଣି ଜଣେ ନୁହେଁ। ଫକୀର ମୋହନ କଟକରେ ଯେତେବେଳେ ରହି ଝିଅମାନଙ୍କ ପାଇଁ ସ୍କୁଲ୍ ଖୋଲୁଥିଲେ ଠିକ୍ ସେତିକିବେଳେ ରେବତୀ ସ୍କୁଲ୍ ଡେଇଁ ପାରିଲା ନାହିଁ। ଏହା ଥିଲା ସେ ସମୟର ସ୍ଥିତାବସ୍ଥା। ରେବତୀ ପାଠ ପଢ଼ି ନ ପାରିବାରୁ ଓ ଏହି କାରଣରୁ ତା' ପରିବାର ଉଜୁଡ଼ି ଗଲା ବୋଲି ଏକ ଧାରଣା ରେବତୀର ଜେଜେମା ମନରେ ମଲା ପର୍ଯ୍ୟନ୍ତ ଥିବାରୁ ଏ ଗପଟି ପଢ଼ିବାବେଳେ ଆଜିର କବି ରେବତୀ ପାଇଁ ହାଏ ହାଏ କରେ ଏଥିପାଇଁ, ରେବତୀ ଆଜିଯାଏଁ ବଞ୍ଚିଛି। ଝିଅଟିଏ ପାଠ ପଢ଼ିବା ଦରକାର ଏଭଳି ଏକ ହେତୁ ଉଦୟ ସମାଜରେ ଆଣିବା ପାଇଁ 'ରେବତୀ' ଗଳ୍ପଟି ସେ କାଳର ଏକ ଯୁଗାନ୍ତକାରୀ ଗଳ୍ପ। ଯଦି ରେବତୀ ଆଜିର ଦିନରେ ଜନ୍ମ ହୋଇଥିବା ଝିଅଟିଏ ହୁଏ, ତେବେ ସେ କ'ଣ କରିବ ? ପୁଣି ଯଦି ଗରିବ ଘରର ହୋଇଥାଏ, ତେବେ ଅଧାରୁ ପାଠପଢ଼ା ଛାଡ଼ି ଅପେରା ପାର୍ଟିରେ ନାଚ୍ କରିବାକୁ ଯିବନାହିଁ ? ପରିବାରର ପୋଷଣ ପାଇଁ ରେବତୀର ଅଭିଭାବକମାନେ ନିଜ ଶୁଭେଚ୍ଛୁଙ୍କ ପରାମର୍ଶରେ ଏହାହିଁ କରିବେ କିନ୍ତୁ ଅପେରା ପାର୍ଟିରେ କ୍ରମେ ନଷ୍ଟ ହେଇ ହେଇ ଯାଉଥିବା ରେବତୀକୁ ଦେଖି ଅବିଳମ୍ବେ ଯେଉଁ ମୋହଭଙ୍ଗ ଘଟିବ ତା' ପରିବାରର ଏ ବିଡ଼ମ୍ବନାକୁ ମୁଁ ମୋ 'ରେବତୀ'ରେ ଦେଖାଇଛି। ଏଠିବି ଏକ ହାଏହାଏ ଅଛି ଯାହା ଦୁଇଟିଯାକ ରେବତୀ ସଫଳ ହେବାର ବୀଜମନ୍ତ୍ର। ଯଦି ମୋ ରେବତୀ ସଫଳ ହୋଇଥାଏ।

ପ୍ର : ମିଥ୍‌କୁ ନେଇ ଆପଣ କେତେଗୁଡ଼ିଏ କବିତା ଲେଖିଛନ୍ତି। ଯାହାର ସର୍ବୋତ୍ତମ ଦୃଷ୍ଟାନ୍ତ ଆପଣଙ୍କ 'ବସୁଷେଣ'। ଏଥିରେ ଆପଣ କ'ଣ ନୂଆ କରିବାକୁ ଚାହିଁଛନ୍ତି ?

ଉ : 'ବସୁଷେଣ' ଲେଖିସାରିବା ପରେ ମୁଁ କର୍ଣ୍ଣଙ୍କ ଚରିତ୍ରକୁ ନେଇ ଭାରତୀୟ ଭାଷାମାନଙ୍କରେ ଲେଖାଯାଇଥିବା କେତେକ ଉପନ୍ୟାସ, ଗଳ୍ପ ଓ କାବ୍ୟ-କବିତା ପଢ଼ି ଓ 'ବସୁଷେଣ'କୁ ସେସବୁ କୃତି ସହ ମିଳାଇଛି। ଆଶ୍ଚର୍ଯ୍ୟ ହୋଇ ଦେଖିଛି ଯେ ସମସ୍ତ କୃତି ସମସ୍ତଙ୍କ ଠାରୁ ଅଲଗା। ଅଥଚ୍ ମହାଭାରତରେ କର୍ଣ୍ଣ ମହିମା କେଉଁଠି କ୍ଷୁର୍ଣ୍ଣ ହୋଇନାହିଁ। ମିଥ୍‌ର ଚରିତ୍ର ତା'ର ପୂର୍ଣ୍ଣତା ସତ୍ତ୍ୱେ ବହୁ ଶୂନ୍ୟସ୍ଥାନ ଭବିଷ୍ୟତରେ ପରବର୍ତ୍ତୀ ଲୋକଙ୍କ ଦ୍ୱାରା

ପୂରଣ ହେବା ପାଇଁ ବାକି ରଖିଥାଏ। ସବୁ ମିଥ୍ ଲେଖକଙ୍କ ପରି ମୁଁ ସେ ସ୍ଥିତିର ସୁଯୋଗ ନେଇଛି। କର୍ଣ୍ଣଙ୍କ ଭିତରେ ମୁଁ ମୋ ନିଜକୁ ଓ ନିଜ ଭାଗ୍ୟର ବିଡ଼ମ୍ବନାକୁ ଦେଖିବା ସହ ଆମ ସମୟ ଓ ସମାଜର ବିଡ଼ମ୍ବନାକୁ ମଧ୍ୟ ପ୍ରତ୍ୟକ୍ଷ କରିଛି। କର୍ଣ୍ଣ ଓ ଦ୍ରୌପଦୀଙ୍କ ମଧ୍ୟରେ ଭଲ ପାଇବାର ଯେଉଁ ସୂଚନା ମହାଭାରତରେ ରହିଛି ତାକୁ ପୁଷ୍ଟ କରିବାର ଉଦ୍ୟମ 'ବସୁଷେଣ'ରେ କରିଛି। ଆପଣ ଦେଖିବେ କର୍ଣ୍ଣଙ୍କ ଚିତାଗ୍ନି ପାଖକୁ ରାତିରେ ଲୁଚି ଲୁଚି ଯେତେବେଳେ ଦ୍ରୌପଦୀ ଯାଇ ଠିଆ ହୋଇଛନ୍ତି- ଏକଥା ପରିକଳ୍ପନା କଲାବେଳେ ମାନସିଂଙ୍କ 'ଧୂପ' କବିତାଟି ମୋ ଚେତନାକୁ ଆବୋରି ଧରିଛି।

"ଶୁଣିବ ଯେବେ ପ୍ରିୟା ଗୋ ମୋର
ପ୍ରଣୟୀ ତବ ଜଗତେ ନାହିଁ
ଆସିବ ମୋର ଭସ୍ମ ପାଶେ
ଦେବ ଗୋ ତାରେ ଦେହର ଛାଇ।"

ତେଣୁ ଏହା ହୋଇ ଉଠିଛି ମୋର ପ୍ରେରଣା 'ବସୁଷେଣ'ରେ। ଦେଖନ୍ତୁ କିପରି ଯୋଡ଼ିଦେଲା ବ୍ୟାସଦେବଙ୍କଠୁ ମାନସିଂଙ୍କ ବାଟ ଦେଇ ମୋ 'ବସୁଷେଣ'ର ପରିଣତି। ଏହା ଭିନ୍ନତା ନୁହେଁ କି?

ପ୍ର : ଆପଣଙ୍କ କବିତାରେ ବହୁ ଅଳ୍ପଜ୍ଞାତ ଓ ଅଜ୍ଞାତ ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ। ଏ ସଂପର୍କରେ ଆପଣଙ୍କ ପ୍ରତିକ୍ରିୟା କ'ଣ?

ଉ : ଓଡ଼ିଆ କବିତାରେ କେବଳ ନୁହେଁ ଯେକୌଣସି ଭାଷାର କବିତାରେ ଶବ୍ଦକୁ ନେଇ କବିର ସାମର୍ଥ୍ୟ ଉପରେ କବିତାର ବ୍ୟାପ୍ତି ଓ ଖ୍ୟାତି ନିର୍ଭର କରେ। ସାରଳା ଦାସଙ୍କ ମହାଭାରତରେ ଶବ୍ଦର ପ୍ରାଚୁର୍ଯ୍ୟକୁ ଦେଖିଲେ ଯେକୌଣସି ଓଡ଼ିଆ ଗୌରବବୋଧ କରିବ ହିଁ କରିବ। ଗୋଟିଏ ଭାଷାର ବିଶାଳତା ତା'ର ଶବ୍ଦ ଭଣ୍ଡାରର ପ୍ରାଚୁର୍ଯ୍ୟ ଉପରେ ନିର୍ଭରର କରିଥାଏ। ମୁଁ ମୋର କବିତାରେ ଆବାଲ୍ୟରୁ ମୋ ସ୍ମୃତିରେ ଥିବା ଶବ୍ଦମାନଙ୍କର ଉପଯୋଗ କରିଛି, ତାହା ପୁଣି ସ୍ୱତଃସ୍ଫୁର୍ତ୍ତ ଭାବେ। ନୂତନ ଅର୍ଥରେ ନୂତନ ବ୍ୟଞ୍ଜନା ତିଆରି ପାଇଁ ପୁରୁଣା ଶବ୍ଦକୁ ଭିନ୍ନ ଭାବେ ବ୍ୟବହାର କରିଛି। ମୋର ବିଶ୍ୱାସ ଗୋଟିଏ କବିତାରେ ବ୍ୟବହୃତ ଶବ୍ଦରୁ ସେ ଭାଷାର ଆଭିଜାତ୍ୟ ବୁଝାପଡ଼େ। କାମଚଳା ଶବ୍ଦରେ କବିତା ଲେଖି ହୁଏ, କିନ୍ତୁ ଏ କବିତା ଭାଷା ବୁନିଆଦିକୁ ସାବ୍ୟସ୍ତ କରିପାରେ ନାହିଁ। ସାହିତ୍ୟରେ ବ୍ୟବହୃତ ନହେଲେ ଭାଷାରୁ ଶବ୍ଦ ସଂଖ୍ୟା କମି କମି ଏହାକୁ ଏକ ଗୌଣ ସ୍ଥିତିରେ ପହଞ୍ଚାଇ ଦିଏ।

ପ୍ର : ସିଠ କାଦୁଅରେ ମାଟିହାଣ୍ଡି ହେଇସାରିଥିବା କିନ୍ତୁ ଭାଟିରେ ବସି ପୋଡ଼ା ହେଇନଥିବା ଖୁ' ନୂଆ କବିମାନଙ୍କୁ ଆପଣଙ୍କ ଆଙ୍ଗୁଠି ଠାର କାଲ ଆଡ଼କୁ?

ଉ : ସେମାନେ ନିଜ ମୁହଁ ହୁଅନ୍ତି। ନିଜ ଆଧ୍ୟୟନ ଓ ଅନୁଭୂତିର ଆଧାରରେ ନିଜେ ଉଚିତ ମଣୁଥିବା ଭାଷାରେ କବିତା ଲେଖନ୍ତୁ। ବାହାରର କବିତା ପଢ଼ନ୍ତୁ ହେଲେ ସେଥିରେ କବଳିତ ହେଇଯିବା ଆଗରୁ ନିଜକୁ ଦୂରେଇ ଆଣି ନିଜ ଭିତରେ ସମାହିତ ହେଇଯାଆନ୍ତୁ। କବିତାରେ କେବେବି କାହାପରି ହେବାକୁ ଲୋଭ କରନ୍ତୁ ନାହିଁ। ତାଙ୍କ କବିତା ପଢ଼ି ଯଦି କେହି ତାଙ୍କ ପିଠି ଥାପୁଡ଼େଇଦିଏ ତେବେ ତାହାକୁ ନୀଚ ନ ଭାବି ପିଠି ଥାପୁଡୁଥିବା ଲୋକର ସୌଜନ୍ୟ ବୋଲି ମନେ କରନ୍ତୁ, ଦେଖିବେ ସମୟ ଆସିବ ସେମାନେ ବି ନୂଆ କବିମାନଙ୍କର ପିଠି ଥାପୁଡ଼େଇବାର ଉଚ୍ଚତାରେ ପହଞ୍ଚିଯାଇଥିବା ହୃଦ୍‌ବୋଧ କରିବେ।

ପ୍ର : ଭୋର୍ ପ୍ରତି ଆପଣଙ୍କ ମନଭାବ କ'ଣ?

ଉ : ଯାହାକୁ ଭଲ ପାଇବାକୁ ହୁଏ, ତାକୁ କଥା ଦେବାର ଅଧିକାର ଭଲ ପାଇଥିବା ଲୋକଟିର ଥାଏ। ତେବେ ସଂକୁଚିତ ହେଇଥିବା ଲୋକ କ'ଣ କେବେ କାହାକୁ ଚୁମା ଦେଇପାରେ? ତେବେ 'ଭୋର୍'ର ସଂଭାବନାରେ ମୁଁ ବିଶ୍ୱାସ ରଖେ। ମନେକରେ, ଏଇ ଭୋର୍ ଦିନେ ଆଗାମୀ ଓଡ଼ିଆ ସାହିତ୍ୟର ଦିନ ହୋଇ ଆବିର୍ଭାବ ହେବ, ଉଦୟ ସୂର୍ଯ୍ୟର ସମ୍ଭାର ନେଇ ଠିଆହେବ। ❑

# ବାର୍ଷିକ ବିବରଣୀ
# ୨୦୧୬-୧୭

ତାଳପଦେଶ୍ୱରୀ ସାହିତ୍ୟ ଆସରରେ ଏକବିଂଶତମ ବାର୍ଷିକ ଉତ୍ସବର

ମୁଖ୍ୟ ଅତିଥି
ମୁଖ୍ୟ ବକ୍ତା
ସମ୍ମାନିତ ଅତିଥି

ତାଳପଦେଶ୍ୱରୀ ସାହିତ୍ୟ ଆସରର ସଭାପତି, ଉପଦେଷ୍ଟା, ପତ୍ରିକା ସଂପାଦକ, ଆସରର ଅନ୍ୟାନ୍ୟ କର୍ମକର୍ତ୍ତା ତଥା ନିମନ୍ତ୍ରିତ ଅତିଥିବୃନ୍ଦ ସାହିତ୍ୟ ପ୍ରେମୀ ସର୍ଜନମଣ୍ଡଳୀ।

ଓଡ଼ିଶାର ବହୁ ପୁରାତନ ଶିକ୍ଷାନୁଷ୍ଠାନ ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ। ଯାହାର କୀର୍ତ୍ତି ଓ ଗୌରବ ଆମ ପାଇଁ ପ୍ରେରଣାଦାୟକ, ଯାହା ଓଡ଼ିଆ ସାହିତ୍ୟକୁ ଅଗ୍ରଗତି କରିବାରେ ବିଶେଷ ଭାବେ ଅଂଶ ଗ୍ରହଣ କରିଛି। ଏହି ଶୁଭ ଶିକ୍ଷାନୁଷ୍ଠାନରୁ ସୃଷ୍ଟି ହୋଇଛନ୍ତି ଅନେକ ସାହିତ୍ୟାନୁରାଗୀ ଆଉ ଯେଉଁ ସାହିତ୍ୟ ଯୋଡ଼େ, ଯୋଡ଼ିହୁଏ କିନ୍ତୁ କେବେ ଅଲଗା କରିବା କଥା କୁହେ ନାହିଁ, ସେହି ସାହିତ୍ୟର ଧାରା ମଧ୍ୟରୁ ଝରଣାର କୁଳୁକୁଳୁ ଶବ୍ଦ କରି ବହି ଆସିଛି ଆମ ଏଇ ତାଳପଦେଶ୍ୱରୀ ସାହିତ୍ୟ ଆସର।

ଉତ୍କଳ ବିଶ୍ୱବିଦ୍ୟାଳୟର ପରିସରରେ ଥିବା ମା' ତାଳପଦେଶ୍ୱରୀଙ୍କ ପୀଠରେ ପ୍ରଥମ କରି ୧୯୯୬ ମସିହାରେ କେତେଜଣ ସାହିତ୍ୟାନୁରାଗୀଙ୍କ ପ୍ରୟାସରେ ଆରମ୍ଭ ହୋଇଥିଲା ଆମ ଏହି 'ତାଳପଦେଶ୍ୱରୀ ସାହିତ୍ୟ ଆସର'। ଯାହା ଏହି ସାହିତ୍ୟ ଆସର ଆରମ୍ଭରୁ ଏପର୍ଯ୍ୟନ୍ତ ବିଭିନ୍ନ ବାଧାବିଘ୍ନକୁ ଅତିକ୍ରମ କରି ଆଜି ପହଞ୍ଚିଛି ଏକବିଂଶ ବର୍ଷରେ। ଏହି ଏକୋଇଶି ବର୍ଷ ଭିତରେ ସେ ନିଜକୁ ଗଢ଼ି ତୋଳିଛି ଏମିତି, ଯାହାକୁ ଭାଙ୍ଗିଲେ ଭାଙ୍ଗିବନି କି ହଜାଇବାକୁ ଚାହିଁଲେ ହଜିବନି। ଏବେ ସେ ସାଜିଛି ଘରର ଏକ ଶାନ୍ତ ଟାଣୁଆ ମଝି ଖୁଣ୍ଟ ପରି। ଦୀର୍ଘ ଏକୋଇଶି ବର୍ଷ ଧରି ଅନେକ ଭାବୁକ, ଚିନ୍ତକ, ଭାଷାପ୍ରେମୀ ଓ ସାହିତ୍ୟିକଙ୍କ କୁହୁକ ଅଙ୍ଗୁଳି ସ୍ପର୍ଶରେ ଆଜି ସେ ରୂପିଣୀ, ପୂର୍ଣ୍ଣାଙ୍ଗୀ। ଏହି ଏକୋଇଶି ବର୍ଷ ମଧ୍ୟରେ ସେ ତାର ପ୍ରତିଭା ଦେଖାଇଛି। ଅନେକ ଗାଳ୍ପିକ, କବି, ପ୍ରାବନ୍ଧିକ ଓ ସାହିତ୍ୟ ସଂପାଦକମାନଙ୍କୁ ସୃଷ୍ଟି କରି। ତେଣୁ ସବୁ ବର୍ଷ ପରି ଏହି ଆସରର ବାର୍ଷିକ ଉତ୍ସବରେ ସେହି ବର୍ଷର ବାର୍ଷିକ ବିବରଣୀ ପାଠ କରାଯାଏ। ଯାହା ଆଜି ମୁଁ ଆପଣଙ୍କ ପାଖରେ ଏହି ଉତ୍ସବରେ ଚଳିତ ବର୍ଷର ବାର୍ଷିକ ବିବରଣୀ ପାଠ କରୁଛି।

ତାଳପଦେଶ୍ୱରୀ ସାହିତ୍ୟ ଆସର ଦୁଇଟି ଅର୍ଦ୍ଧବର୍ଷର ମିଶ୍ରଣରେ ଆରମ୍ଭ ଓ ଶେଷ ହୋଇଥାଏ ଏବଂ ଶେଷରେ ତାର ବାର୍ଷିକ ଉତ୍ସବ ପାଳନ କରାଯାଇଥାଏ। ଏହି ବାର୍ଷିକ ଉତ୍ସବ ପାଳନ ପୂର୍ବରୁ ଏହି ଅନୁଷ୍ଠାନ ତାର ବିଭିନ୍ନ ମାସରେ ସୃଷ୍ଟି କରେ ନୂଆ ନୂଆ ଆସର। ଯେଉଁଠାରେ ନବ ଯୁବଶିଳ୍ପୀମାନଙ୍କୁ ନୂତନ ଭାବ ଓ ଚେତନାକୁ ପ୍ରକାଶ କରିବାର ଅଧିକାର ଦେଇଥାଏ। ଏହି ଆସରର ସଭାପତି ଅମୂଲ୍ୟ କୁମାର ଦାଶ, ଉପଦେଷ୍ଟା ପ୍ରଫେସର ସଂଘମିତ୍ରା ମିଶ୍ର, ପ୍ରାଧ୍ୟାପିକା ଡକ୍ଟର ବିଷ୍ଣୁପ୍ରିୟା ଓତା ଆଦି ସମସ୍ତେ ନିଜର ବ୍ୟସ୍ତ ବହୁଳ କର୍ମରୁ କିଛି ମୂଲ୍ୟବାନ ସମୟ ପ୍ରଦାନ କରି ନବ ଚେତନାର ଶୁଳଭ ଶିଳ୍ପୀମାନଙ୍କର ପ୍ରେରଣାର ଉତ୍ସ ହୋଇଛନ୍ତି।

ଏହି ଅବସରରେ ଆସରର ଚିର ଉପଦେଷ୍ଟା ସ୍ୱର୍ଗତ ପ୍ରଫେସର ବିଜୟିନୀ ମହାନ୍ତି ସ୍ୱତଃ ସ୍ମରଣକୁ ଚାଲିଆସନ୍ତି। ଆସରର ପ୍ରଥମ ସଭାପତି ଡକ୍ଟର ଦେବେନ୍ଦ୍ର କୁମାର ପତିଙ୍କ ଠାରୁ ଆରମ୍ଭ କରି ଅମୂଲ୍ୟ କୁମାର ଦାଶ ପ୍ରଥମ ପତ୍ରିକା ସଂପାଦକ ସରୋଜବଳଙ୍କଠାରୁ ଆରମ୍ଭ କରି ଅସିତ୍ ପ୍ରଧାନ ଓ ପ୍ରଥମ ସଂପାଦକ ମହେଶ୍ୱର ପାଢ଼ୀଙ୍କ ଠାରୁ ବର୍ତ୍ତମାନର ସଂପାଦକ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ପର୍ଯ୍ୟନ୍ତ ଏବଂ ଆସରର ଅନ୍ୟାନ୍ୟ କର୍ମକର୍ତ୍ତାମାନଙ୍କ ଉଦ୍ୟମରେ ଆସର ଚଳଚଞ୍ଚଳ ହୋଇଅଛି। ପ୍ରତ୍ୟେକ ଆସରରେ ଅନେକ ସାହିତ୍ୟପ୍ରେମୀ, ସାନ-ବଡ଼ ଭାଇଭଉଣୀ, ଗବେଷକ-ଗବେଷିକା ଓ ସହପାଠିନୀମାନେ ଉପସ୍ଥିତ ରହି ଆସରକୁ ଯେଉଁ

ଲୋକପ୍ରିୟତାର ସଫଳତା ଆଣିଦେଇଛନ୍ତି ତେଣୁ ତାଙ୍କ ନିକଟରେ କୃତଜ୍ଞ। ସେମାନଙ୍କର ସର୍ଜନଶୀଳତା ଆହୁରି ପ୍ରସାରିତ ହେଉ ବୋଲି ମା' ତାଳପଦେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା।

ବର୍ଷାର ଅବାରିତ ଧାରାରେ ଧରଣୀର ମୁକୁର ନୂତନ ବୃକ୍ଷମାନଙ୍କ ସୃଷ୍ଟି ହେବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ ନୂତନ ମୁହଁମାନଙ୍କର ସ୍ୱାଗତ ପାଇଁ ବର୍ଷର ପ୍ରଥମ ଆସର ତା ୨୯.୮.୨୦୧୬ ରିଖରେ ଅନୁଷ୍ଠିତ ହୋଇଥିଲା "ବର୍ଷା ଓ ସ୍ୱାଗତ" ଆସର। ଏହି ଆସରରେ ବାଣୀବିହାରର ଶିକ୍ଷାନୁଷ୍ଠାନରେ ନୂତନ କରି ଯୋଗ ଦେଇଥିବା ନବାଗତ ଛାତ୍ରଛାତ୍ରୀମାନଙ୍କୁ ଗୋଲାପ ପୁଷ୍ପ ପ୍ରଦାନ କରି ସ୍ୱାଗତ କରାଯାଇଥିଲା ଓ ଏହି ଆସରରେ ଓଡ଼ିଆ ଭାଷାସାହିତ୍ୟ ବିଭାଗରେ ନୂତନ କରି ଯୋଗ ଦେଇଥିବା ଅଧ୍ୟାପକଗଣ ଯଥା- ଡ. ଅନାଦି ଚରଣ ଗାହାଣ ସାର୍, ଡ. ମଣୀନ୍ଦ୍ର ମେହେର ସାର୍, ଡ. ରମେଶ ଚନ୍ଦ୍ର ମଲ୍ଲିକ ସାର୍, ଡ. ରୁଦ୍ରନାରାୟଣ ମହାପାତ୍ର ସାରଙ୍କୁ ଆସର ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଓ ଅଭିନନ୍ଦନ କରାଯାଇଥିଲା। ଏହି ଆସରର ବିଶେଷ ଆକର୍ଷଣ ଥିଲା ଯେ କି ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ ସମୟରୁ ଏ ପର୍ଯ୍ୟନ୍ତ ଆସରର ବିଭିନ୍ନ କାର୍ଯ୍ୟରେ ଅଂଶଗ୍ରହଣ କରି ଆସରକୁ ଆଗେଇ ନେବାର ବିଶେଷ ଭୂମିକା ଗ୍ରହଣ କରିଛନ୍ତି। ବର୍ତ୍ତମାନ ସେହି ବ୍ୟକ୍ତି ରେଭେନ୍‌ସା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ସମୟରେ ତାଙ୍କର କବିତା ସଂକଳନ 'ଦାଗ' ପାଇଁ ଯୁବ ପୁରୁଷ୍କାର ପାଇଥିବା ଡ. ଜ୍ଞାନି ଦେବାଶିଷ୍ ମିଶ୍ରଙ୍କୁ ଆସର ତରଫରୁ ସମ୍ମାନିତ କରାଯାଇଥିଲା ଏବଂ ନୂତନ ଯୁବଶିଳ୍ପୀଙ୍କ ସ୍ୱରଚିତ କବିତା ପାଠ କରାଯାଇ ଆସରକୁ ସ୍ମରଣୀୟ କରାଯାଇଥିଲା।

ଏମିତି କିଛିଦିନ ଅତିକ୍ରମ କଲାପରେ ଆୟୋଜିତ ହୋଇଥିଲା ଆମର ଦ୍ୱିତୀୟ ଆସର। ସେ ଥିଲା ପୁଣି ବିଶେଷ ଚମତ୍କାର ଆସର। ଯେଉଁଠି ମିଳିତ ହୋଇଥିଲେ ସାହିତ୍ୟାନୁରାଗୀମାନେ। ୨୦୧୬ ବର୍ଷକୁ ଏହି ତାଳପଦେଶ୍ୱରୀ ଆସର ପହଞ୍ଚିଥିଲା ୨୦ ବର୍ଷ ତରୁଣ ବୟସରେ। ଯାହାକୁ ନେଇ ବର୍ଷର ପୂର୍ତ୍ତି ଉପଲକ୍ଷେ ପୁରାତନ ଆବାହକ ମାନଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥିଲା ଆସର "ସ୍ମୃତିସଜଳ ବିଶେଷ ଅଧିବେଶନ" ତା ୧୮.୯.୨୦୧୬ ତାରିଖରେ। ଯେଉଁଥିରେ ଯୋଗ ଦେଇଥିଲେ କେତେ ବର୍ଷ ଭିତରେ ସୃଷ୍ଟି ହୋଇଥିବା ବିଶିଷ୍ଟ ସାହିତ୍ୟପ୍ରେମୀ ଓ ଛାତ୍ରଛାତ୍ରୀମାନେ। ଯେଉଁମାନେ ଥିଲେ ଏହି ଆସରର ଜଣେ ଜଣେ କର୍ମକର୍ତ୍ତା। ଆଉ ଏହି କର୍ମକର୍ତ୍ତାମାନଙ୍କ ମଧ୍ୟରୁ ଆସରର ସଭାପତି ଦାୟିତ୍ୱ ବହନ କରିଥିଲେ- ଡ. ଦେବେନ୍ଦ୍ର କୁମାର ପତି, ଏବଂ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ତାଳପଦେଶ୍ୱରୀ ସାହିତ୍ୟ ଆସରର ପ୍ରଥମ ସଂପାଦକ ଡ. ମହେଶ୍ୱର ପାଢ଼ୀ, ଏବଂ ଆଉ ଜଣେ ବକ୍ତା ଭାବରେ ଯୋଗ ଦେଇଥିଲେ ଡ. ଦିଲ୍ଲୀପ୍ କୁମାର ଦଳାଇ। ତାଙ୍କ ସହିତ ଉପଦେଷ୍ଟାଦ୍ୱୟ ଉପସ୍ଥିତ ରହି ଆସରରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପୂର୍ବ ଆସରର ଅନୁଭୂତି ବାଣ୍ଟିବା ସହିତ ସାହିତ୍ୟକୁ ଆଗେଇ ନବା ପାଇଁ ନୂତନ ମାର୍ଗ ଦର୍ଶାଇଥିଲେ। ଏବଂ ତା'ପରେ ଛାତ୍ରଛାତ୍ରୀ କବିତା ପାଠ କରି ଆସରକୁ ସଫଳ କରିଥିଲେ।

ତା'ପରେ କେତେଦିନ ପରେ ତା ୨୯.୧୧.୧୬ ରିଖରେ ଅନୁଷ୍ଠିତ ହୋଇଥିଲା "ଶୀତ ଆସର"। ଏହି ଆସରରେ ମୁଖ୍ୟ ଅତିଥି ଡ. ସୁରେନ୍ଦ୍ର ମିଶ୍ର ମହୋଦୟ ଓ ସମ୍ମାନିତ ଅତିଥି ଇନ୍ଦିରା ଦତ୍ତ ମହୋଦୟା ଯୋଗ ଦେଇ ନିଜର ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଆସରକୁ ସଫଳ କରିଥିଲେ। ଏହା ପରେ ସ୍ୱରଚିତ କବିତା ପାଠ କରାଯାଇଥିଲା।

ଦିନପରେ ଦିନ ଗଡ଼ିଗଲା। ବିଦାୟ ନେଲା ୨୦୧୬ ଆଉ ଆଗମନ କଲା ୨୦୧୭ ବର୍ଷ। ଏହି ନବ ବର୍ଷରେ ଆମ ଏ ଆସର ଛୁଇଁଲା ଆଉ ଏକ ନବବର୍ଷକୁ। ଆଉ ଏହି ଅବସରରେ ତା ୧୩.୧.୧୭ ରିଖରେ ଆୟୋଜିତ ହେଲା ଆସର "ନବ ବରଷ"। ଏହି ଆସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଜଣେ ଜଗନ୍ନାଥ ମନ୍ଦିରର ପୂର୍ବତନ ପ୍ରଶାସକ, ଜଣେ ଜଗନ୍ନାଥଙ୍କ ପରମ ଭକ୍ତ ଏବଂ ଜଣେ ବିଶିଷ୍ଟ ଚିନ୍ତାବିତ୍। ଲେଖକ ରବିନାରାୟଣ ମିଶ୍ର ମହୋଦୟ ଏବଂ ମୁଖ୍ୟବକ୍ତା ଯୋଗ ଦେଇଥିଲେ ବିଶିଷ୍ଟ କବି ହିରଣ୍ମୟୀ ମିଶ୍ର

ମହୋଦୟ । ଏବଂ ଛାତ୍ର ଛାତ୍ରୀଙ୍କ ସ୍ୱରଚରିତ କବିତା ପାଠ କରାଯାଇ ଆସର ସଂପୂର୍ଣ୍ଣ ହୋଇଥିଲା ।

ସମୟର ତାଳେ ତାଳେ ପାଦ ଥୋଇ ଆସର ଗଡ଼ି ଚାଲିଥିଲା । ଫେବ୍ରୁଆରୀ ୨.୯.୨୦୧୭ କୁ ଆଉ ସେହିଦିନ ଅନୁଷ୍ଠିତ ହୋଇଥିଲା "ଯୁବକବି ଆସର" । ଏହି ଆସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଜଣେ ସଫଳ କଥାକାର ତଥା ବାଗ୍ମୀ ଅଧ୍ୟାପକ ବିଶ୍ୱରଞ୍ଜନ ମହୋଦୟ ଜଣେ ବିଶିଷ୍ଟ କବି ଏବଂ ଏହି ସାହିତ୍ୟ ଆସରର ପ୍ରଥମ ପତ୍ରିକା ସଂପାଦକ ସରୋଜ ବଳ ମହୋଦୟ ଏବଂ ସମ୍ମାନିତ ଅତିଥି ଭାବେ ଥିଲେ ବିଶିଷ୍ଟ ପ୍ରାବନ୍ଧିକ ଦେବାଶିଷ ପାତ୍ର ମହୋଦୟ । ଏହି ଆସରରେ ବିଶେଷ ଆକର୍ଷଣ ଥିଲା ପୁସ୍ତକ ଲୋକାର୍ପଣର ଯହିଁରେ ଏହି ସାହିତ୍ୟ ଆସରର ଉପଦେଷ୍ଟା ପ୍ରଫେସର ସଂଘମିତ୍ରା ମିଶ୍ରଙ୍କ ପୁସ୍ତକ "ଚାଲ ଦେବା ଦୀପଟେ ଲଗାଇ" ଓ ଆସରର ସଭାପତି ଅମୂଲ୍ୟ କୁମାର ଦାଶଙ୍କ "ପୁନଶ୍ଚ ପୃଥିବୀ" ଏବଂ କବି ଉର୍ମିମାଳା ଆଚାର୍ଯ୍ୟଙ୍କ "ପ୍ରଥମ ପ୍ରତିଶ୍ରୁତି" କବିତା ପୁସ୍ତକ ଲୋକାର୍ପଣ ହେବା ସହ ଛାତ୍ରଛାତ୍ରୀଙ୍କ ସ୍ୱରଚିତ କବିତା ପାଠ ଉତ୍ସବ ହୋଇ ଆସର ସଫଳ ହୋଇଥିଲା । କବିତା ପାଠୋତ୍ସବ ସଂଚାଳନ କରିଥିଲେ ଯୁବକବି ବାଦଲ ମହାନ୍ତି ମହାଶୟ ।

ଚଳିତ ବର୍ଷ ପ୍ରତ୍ୟେକ ଆସରରେ କେବଳ ଗୋଟିଏ ଆସର "ସ୍ମୃତିସଜଳ ବିଶେଷ ଅଧିବେଶନ" ବ୍ୟତିରେକେ ସଭାପତିତ୍ୱ କରିଛନ୍ତି ଅନୁଷ୍ଠାନର ସଭାପତି ଅମୂଲ୍ୟ କୁମାର ଦାଶ ମହୋଦୟ । ଆମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଛନ୍ତି ଉପଦେଷ୍ଟା ପ୍ରଫେସର ସଂଘମିତ୍ରା ମିଶ୍ର ଓ ପ୍ରାଧ୍ୟାପିକା ବିଷ୍ଣୁପ୍ରିୟା ଓତା ମହୋଦୟା । ଏହା ବ୍ୟତୀତ ସଦାସର୍ବଦା ଯେଉଁମାନଙ୍କର ସାହାଯ୍ୟ ସହଯୋଗ ଓ ଆଶୀର୍ବାଦ ଆମ ସହିତ ରହିଛି ସେମାନେ ହେଲେ- ବିଜୟ କୁମାର ଶତପଥୀ, ଡ. ସନ୍ତୋଷ ତ୍ରିପାଠୀ, ଆନ୍‌ପା ମାର୍ଣ୍ଡି, ଡ. ରମେଶ ଚନ୍ଦ୍ର ମଲ୍ଲିକ, ଡ. ଦେବେନ୍ଦ୍ର କୁମାର ପତି, ଦିଲ୍ଲିପ କୁମାର ମିଶ୍ର, ମୃତ୍ୟୁଞ୍ଜୟ ଦାସ, ଅଧ୍ୟାପକ ଜ୍ଞାନି ଦେବାଶିଷ୍ ମିଶ୍ର, ଡ. ସନ୍ଦୀପ୍ ମହାପାତ୍ର, ନରେନ୍ଦ୍ର କୁମାର ଦାସ, ଜ୍ଞାନରଞ୍ଜନ ପଣ୍ଡା, ରଶ୍ମିରଞ୍ଜନ ନାୟକ, ବିପ୍ଲବ ଜେନା, ଅଜୟ କୁମାର ଗିରି, ରାଜେଶରାଜ ସ୍ୱାଇଁ, ବିଭୂତି ଭୂଷଣ ବରାଳ, ସଦାନନ୍ଦ ଦଣ୍ଡ, ସତ୍ୟରଞ୍ଜନ ମଲ୍ଲିକ୍, ପ୍ରମୋଦ କୁମାର ବେହେରା, ମନୋଜ କୁମାର ସାହୁ, ରୂପାଲି ମହାରଣା, ରାଜକିଶୋର ପଣ୍ଡିତ୍, ସୂର୍ଯ୍ୟ ସାରଥି ବାରିକ୍, ମନୋଜ ପ୍ରଧାନ, କାହ୍ନୁ ନାଏକ, ସ୍ମୃତିଶିଖା ବେହେରା, କବିତା ବେହେରା, ଇତିଶ୍ରୀ ପ୍ରଧାନ, ସୁବାସ ଚନ୍ଦ୍ର ବେହେରା, ମିଥୁନ ମଲ୍ଲିକ, ସତ୍ୟନାରାୟଣ ଜେନା, ଯଶୋଦା ନାଏକ, କବିତା ବେହେରା, ଦୀପୁନ୍ ପୁହାଣ ଆଦି ଆମ ପରିବାରର କର୍ମକର୍ତ୍ତାଗଣ । ପ୍ରତିଟି ଆସରରେ ଆମକୁ ସାହାଯ୍ୟ ସହଯୋଗ କରିଥିବା ତାଳପଦେଶ୍ୱରୀ ମନ୍ଦିରର କମିଟି, ସ୍ନାତକୋତ୍ତର ପରିଷଦ ଭବନ ଏବଂ ସମ୍ବାଦପତ୍ର ତଥା ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକ ବନ୍ଧୁ ପ୍ରଭୃତିଙ୍କୁ ତାଳପଦେଶ୍ୱରୀ ସାହିତ୍ୟ ଆସର ତରଫରୁ ଧନ୍ୟବାଦ ଜଣାଉଛୁ । ଆଗାମୀ ଦିନମାନଙ୍କରେ ମଧ୍ୟ ଆମ ପରିବାର ପ୍ରତି ଆପଣମାନଙ୍କର ଭଲ ପାଇବା, ଶୁଭେଚ୍ଛା, ସିଦିଚ୍ଛା ଓ ସହଯୋଗ ଏହିପରି ରହିଥାଉ ଏତିକି କାମନା । ଧନ୍ୟବାଦ ।

❑